ନୈଷଧୀୟ ଚରିତ

(ପରାର୍ଦ୍ଧ)

ସାର୍ ଶ୍ରୀ ବୀର ମିତ୍ରୋଦୟ ସିଂହ ଦେବ,
ମହାରାଜ, ସୋନପୁର ଷ୍ଟେଟ୍

GPNanda Colln., Digitized by srujanika@gmail.com

ନୈଷଧୀୟଚରିତ

ପରାର୍ଦ୍ଧ

ମହାରାଜା ସାର୍ ଶ୍ରୀ ବୀରମିତ୍ରୋଦୟ ସିଂହ ଦେବ,
ଧର୍ମ୍ମନିଧି, ଜ୍ଞାନଗୁଣାକର, କେ, ସି, ଆଇ, ଇ;
ଏମ୍, ଆର, ଏ, ଏସ୍; ରୁଲିଙ୍ଗ୍ ଚିଫ୍,
ସ୍ୱର୍ଣ୍ଣପୁର ଫିଉଡେଟରୀ ଷ୍ଟେଟଙ୍କ
ଦ୍ୱାରା ଅନୁବାଦିତ ଓ
ପ୍ରକାଶିତ

ଶକାବ୍ଦ ୧୮୪୪—ଖ୍ରୀ ୧୯୨୩ ବର୍ଷ

ପ୍ରଥମ ସଂସ୍କରଣ

PRINTER-R. N. RATH,
THE SATYABADI PRESS
SAKHIGOPAL.
1923.

ମୂଲ୍ୟ ୬-୦୦

GPNanda Colln., Digitized by srujanika@gmail.com

ମହାରାଜ ସାର୍ ଶ୍ରୀ ବୀରମିତ୍ରୋଦୟ ସିଂହ ଦେବ,
ଧର୍ମନିଧି, ଜ୍ଞାନଗୁଣାକର, କେ, ସି, ଆଇ, ଇ; ଏମ୍, ଆର୍, ଏ, ଏସ୍;
ରୁଲର ଅଫ୍, ସୋନପୁର ଫିଉଡେଟରି ଷ୍ଟେଟ, ଓଡ଼ିଶା।

GPNanda Colln., Digitized by srujanika@gmail.com

ସ୍ୱର୍ଗୀୟ ଯୁବରାଜ ଶ୍ରୀ ସୋମଭୂଷଣ ସିଂହ ଦେବ,

ସ୍ୱର୍ଣ୍ଣପୁର ପ୍ରିନ୍ସେଲି ଷ୍ଟେଟ, ଓଡ଼ିଶା ।

ଜନ୍ମ – ୧୯୦୪, ଅଶ୍ୱିନ ଶୁକ୍ଳପକ୍ଷ, ସ୍ୱର୍ଗାରୋହଣ – ୧୯୨୭, କାର୍ତ୍ତିକ ଏକାଦଶୀ

GPNanda Colln., Digitized by srujanika@gmail.com

ନୈଷଧୀୟ ଚରିତ

ପରାର୍ଦ୍ଧ

ଦ୍ୱାଦଶ ସର୍ଗ

ଆସମୁଦ୍ର କ୍ଷିତି- ମଣ୍ଡଳୁଁ ଅପର
ଶ୍ରେଷ୍ଠ ନରପତିଗଣ
ସ୍ୱପ୍ରିୟା-ଦର୍ଶନେ ଆସିଲେ ବେଳମେ,
ହୋଇ କଳୁଷିତ ମନ ,
ରଥେ ଉପନୀତ ହେଲେ ମହାରଥ
ବଳାଶୀ ନୃପତିଗଣ ;
ପ୍ରବେଶିଲେ ସେହ ଚତୁ ରାଜସଭା
କୁଣ୍ଡିନପୁର-ମଣ୍ଡନ ।

ଚଳଗତ କେତେ ନୃପତି ଭୈମୀ ବରାଗ ଜାଣି ,
ଦୀର୍ଘଶ୍ୱାସ ତ୍ୟାଗ କରନ୍ତି; ପୁଣି କେତେ ନୃମଣି
ନବ ଆଗମନେ ହରଷେ ନମସ୍କିଲେ ସେ କାଳେ
ସ୍ୱୟଂବର-ଆଶା-ଉତ୍ସାହେ ମୋଦ-ସାଗର-ଜଳେ । ୨

GPNanda Colln., Digitized by srujanika@gmail.com

...ଷ୍କଳ ପଦେ ଯାନ-ବାହକଗଣ
...ଷ୍ଠି ଭୈମୀ-ଦର୍ଶନ-ମନ ,
ଇଙ୍ଗିତେ ସେ ଯାନେ, 'ଶ୍ରାନ୍ତ ଏ', ଏଛଳ ,
ରଖିଲେ ରାଜଗଣ-ପାରୁଶେ ବାଳୀ । ୩
କର୍ଣ୍ଣ ଧ୍ୱଜନେ ବିଭୂଷିତ ଆସନ ,
ଭାଷିଲେ ସନାତନୀ ବାଣୀ ବଚନ ;
ଅବଗାହ୍ନ ଅମୃତ ହ୍ରଦେ ନିର୍ଗତ
ପ୍ରାୟେ ସେ ବାଣୀ ବରଷଇ ଅମୃତ । ୪
"ସ୍ବର୍ଣ୍ଣ-କେତକୀ-ଦଳୁଁ ସୁନ୍ଦର-ବର୍ଣ୍ଣେ ,
ବରଣ କର ଋତୁପର୍ଣ୍ଣ ରାଜନେ ,
ଭ୍ରମନ୍ତ ହୋଇ ନୃପ ଭାବିବେ କାହିଁ ,
ତାଂକ ପବିତ୍ର ପୁରୀ ଅଯୋଧ୍ୟା ମହୀ । ୫
ତାଂକ ମୁଖ–ଚନ୍ଦ୍ରମା-ଚନ୍ଦ୍ରିକା-ପାନ
ଚକୋର-ଜହ୍ବାରେ ତୁ ପଛେ ନ ଘେନ ,
ତବ ବଦନେ ନେତ୍ର ରୂପ ଚକୋରେ
ପିଅଇବୁ କାହିଁ ବ ସେ ଜ୍ୟୋସ୍ନାପୂରେ ? ୬
ବାଜି-ବହାର-କାଳେ ଛୁଡ଼ନ୍ତ ପରି ,
ସରଯୂ-ଉର୍ମି-ବିନ୍ଦୁ ସଶବ୍ଦେ ପଡ଼ ,
କଠୋର ପୀନ ଓ ଉଚ୍ଚ କୁଚ ଉପରେ
ଛନ୍ନହାର-ବିଭ୍ରମ ଜନ୍ମାନ୍ତୁ ତୋ'ରେ । ୭

GPNanda Colln., Digitized by srujanika@gmail.com

ତାଙ୍କ ବଂଶେ ଜନ୍ମି ଖୋଳଥିଲେ ଜେ ସାଗର ,
ପୂର୍ଣ୍ଣ କଲେ ଗଙ୍ଗା, ସିନ୍ଧୁ ବାନ୍ଧଲେ ଯାଙ୍କ ଶର ,
ଲଙ୍ଘିପାରେ ଏହାଙ୍କର ଏବେ ମର୍ଯ୍ୟାଦା ,
ସେ ସାଧୁମାନଙ୍କ ଅଗ୍ରସର ପଉରୁଷ । ୮
କ୍ଷୀରାବ୍ଧି-ପ୍ରବାହ-ଗାମ୍ଭୀ ଏହାଙ୍କର ଯଶେ
ବର୍ଣ୍ଣିନେ କବି-ବଚନ ଗଭୀରେ ପ୍ରବେଶେ ;
ଅଙ୍କପାତ କଲେ ଗଣିବାକୁ ତାଙ୍କ ଗୁଣ ,
ବିପକ୍ଷ-କୀର୍ତ୍ତି-କଠିନୀ ହୋଇଯାଏ କ୍ଷୀଣ । ୯
ସାପ୍ତିମନ୍ତ୍ର-ବଂଶ-କରୀର-ଭାବ ଧରନ୍ତି ବୀର ;
ସାର୍ଦ୍ଧ ତିନ କୋଟି ରୋମେ ଗୋ, ଯୁଦ୍ଧେ ଫଟେ ଅଙ୍କୁର,
ନାମ-ବର୍ଣ୍ଣ-ମନ୍ତ୍ର ଏହାଙ୍କ ଶୁଣି ବଂନ୍ଧ-ଭୂଷଣେ ,
ବୈରି-ନୃପ-ବାହୁ-ଭୁଜଙ୍ଗ ହୁଏ ସ୍ତମ୍ଭିତ କ୍ଷଣେ । ୧୦
ଯା’ ପ୍ରତାପ-ରବି- ପ୍ରଭବମ୍ ସିନ୍ଧୁ-
ଗରଭେ ବଡବାନଳ ,
ବ୍ୟୋମ ବ୍ୟାପୀ ଶତ୍ରୁ- ଯଶ ତାରାଗଣ
ଯେ ରବି କରଇ ଦୂର ,
ପ୍ରଜାପତି-ଦୀର୍ଘ- ଦିବସ-ବିଧାନ
ଏକା ସେହି କରିପାରେ ;
ଏସନ ପ୍ରତାପ- ତପନ ନ ଯାଏ
କେଉଁ ବାକ୍ୟ-ସୀମା-ପାରେ ? ୧୧

GPNanda Colln., Digitized by srujanika@gmail.com

ବିପକ୍ଷ-ଅକୀର୍ତ୍ତି-   କଳନ୍ଦ-ତନୟା-
ସଙ୍ଗତେ ରଣ-ପ୍ରାଙ୍ଗଣେ
ଭାଗୀରଥୀ ପର୍   କୀର୍ତ୍ତି ଶ୍ରେଣୀମୟ
ଏହାଙ୍କ ଭୁଜ-ମିଳନେ ,
ମୁକ୍ତି ଧାରକୁଳ ,   ଲଭନ୍ତି ସ୍ୱରୂପେ
ପ୍ରୟାଗ-ସ୍ନାହ୍ୱାନ-ଫଳ ,
ନନ୍ଦନ-କାନନ-   ବିହାର-ଆମୋଦେ
ରମ୍ଭା ଅବ ସଙ୍ଗ ମେଳ । ”
ଭାରତୀ-ବାକ୍ୟ ଜାତେ ବିସ୍ମିତ ହୋଇ ,
ଶିର-କମ୍ପନେ ଅନାଦର ସୂଚଇ ,
ଶୁଣିଲେହେଁ ସେ ଶ୍ରୁତି-ମଧୁର-ସ୍ତୁତି ,
ଜଷେଧିଲେ ସେ ନୃପେ ବରଣେ ସତୀ ।   ୧୩
ବଚନ-ଅଧୀଶ୍ୱରୀ ସଂଗୃଲ କର ,
ଜନ୍ଦ ସ୍ୱର-ଅମୃତେ ମତ୍ତ କୋକିଳ ,
ଦେଖାଇ ଆନ ଯୁବା ଭାଷିଲେ ସତୀ ,
ସୁଧାଂଶୁ-କାନ୍ତି-ମୁଖୀ ବୈଦର୍ଭୀ ପ୍ରତି ।   ୧୪
“ ମୃଗ-ଲୋଚନେ, ପାଣ୍ଡ୍ୟଭୂମି-ମଣ୍ଡନେ
ଇଚ୍ଛା ନକରୁ ଜଙ୍କ ନୟନ-ପାନେ ?
ଦେଖିବାକୁ ସୁଧାଂଶୁ-ମୁଖ ନୃପତି ;
ଅପାଙ୍ଗ-ପଥେ ଗୃଲ ତୋ ନେତ୍ର-କାନ୍ତି ।   ୧୫

GPNanda Colln., Digitized by srujanika@gmail.com

ଭ୍ରମି ଭୁବନେ, ନିରାଲମ୍ବ ଅମ୍ବରେ
ବିରହଣେ ଅଭ୍ୟାସ-ପରଂପରାରେ,
ଅହୋ, ଏ ମହାବଂଶେ ଅଗ୍ରସୃ କଟା ,
କୀର୍ତ୍ତି ନର୍ତ୍ତକୀ ନୃତ୍ୟ କରେ, ବିହରି । ୧୬
ତାଙ୍କ ଭୟେ ନୃପେ ବନୁଁ ବନାନ୍ତରେ
କରନ୍ତେ ପରିଭ୍ରମଣ ,
ମହାରଣ୍ୟ ସିନା ହେଲେ ପରିଣତ
ତାଙ୍କ ରାଜଧାନୀ ଗଣ !
ଭ୍ରମି ଭ୍ରମି ଶୀରେ ଚିରକାଳ ପରେ
ଆସିଣ ନିଜ ନଗରେ ,
ନୂଅ ପୁର ପରି ପୁଣି ଆରମ୍ଭନ୍ତି
ବାସ ବିଳାସ-ମନ୍ଦିରେ । ୧୭
ସୀମାନ୍ତ ପର୍ଯ୍ୟନ୍ତ ଭୂମି ବଳୟର
ଚନ୍ଦନ-ତରଙ୍ଗ କୀର୍ତ୍ତି ଯାହାର ,
ସପ୍ତ-ସିନ୍ଧୁ-ତୀର- ବାସୀ-ଜନେ ଯା'ର
ଉଦ୍‌ଘୋଷିତ ହୁଏ କୋଦଣ୍ଡ-ବଳ ।
ସଦାନତ ବନ୍ଧୁ- ନୃପ-ଚୂଡ଼ା-ରତ୍ନ-
ତାରକା-ନାୟିକା-ପରିଚରଣେ
ଲଭେ ସୁଖ ଯାର ନଖ-ନିଶାକର ,
ତା' ତୁଲେ କେ ରାଜା ଅଛି ଭୁବନେ ! ୧୮

GPNanda Colln., Digitized by srujanika@gmail.com

ପତ୍ରଜନ୍ମ ଲଭି, ଝଙ୍କାର୍ଣ୍ଣ ମର୍ଦ୍ଧାରେ
କୃଷ୍ଣ୍‌ ଅରିସେନା-ବୀର-ନକର
ଭଲ୍ଲୁକ-କାନନ- ସମାନ, ତହିଁରେ
ଜଳୁଅଛୁ ତାଙ୍କ ପ୍ରତାପାନଳ ।
ତହିଁ ବିସ୍ଫୁଲିଙ୍ଗ ଉଠି, ଏଣେ ତେଣେ
ଉଡ଼ଇ ଜଗତ-କ୍ରୋଡ଼-ମଧ୍ୟରେ ,
ହର-ଭାଲ-ନେତ୍ର, ଭାନୁ, ବୈଶ୍ୱାନର ,
ପୁଣି ପୁରନ୍ଦର-ବଜ୍ର ରୂପରେ । ୯
ତାଙ୍କ ଉଗ୍ର-ଯୁଦ୍ଧ- ଦରଶନ-ଅର୍ଥେ
ସମାଗତ ଦେବ-ମଧ୍ୟେ-ଅଧୀନ
ଧନ୍ୱୀବର ପୃଥୁ, ସଂଗ୍ରାମ-ଅଙ୍ଗନେ
ଦନ୍ତିବଳେ ପୂର୍ଣ୍ଣି ଦେଖି ଭୁବନ ,
ଜଙ୍ଗମ-ପର୍ବତ- ସମ୍ବନ୍ଧ-ପର୍ଵେ
ମଣି ଭ୍ରମେ ସେହି କରିନକର ,
ଅବନୀରୁ ପୁଣ ତାଡ଼ିବେ ପର୍ବତ
ବୋଲି କଲେ ସେହୁ ମନେ ବିଗ୍ରହ ।” ୧୦
ଇଙ୍ଗିତ ଜାଣି ଦାସୀ ଭଷିଲା ପୁଣି ,
“ଏଣେ ଦେଖ କୌତୁକ, ଅୟି ସ୍ୱାମିନି !
ପଉଧ-ଅଗ୍ରେ ନାଚେ ଦୁକୂଳ-ଚେଳ ,
ଚରନ୍ତି ତହିଁ ପାଦନ୍ୟାସେ ଚଞ୍ଚଳ ।” ୧୧

GPNanda Colln., Digitized by srujanika@gmail.com

ସେହୁ ଅପ୍ରସ୍ତୁତ ଭୂଷଣେ ସଭାସଦ ସକଳ
ହସିଲେ; ସେ ହାସେ ସମଗ୍ର ସଭା ହେଲା ଧବଳ ;
ହୋଇଥିଲେ ମ୍ଲାନ ଏ ନୃପ, ହେଲେ ତାହା ବିଦିତ ,
ଯେତେ କୃଷ୍ଣବର୍ଣ୍ଣ ସହଜେ ହୋଇପାରେ ଲକ୍ଷିତ । ୨୨

ଜଗତ ବନ୍ଦନୀୟ ଯାର ମୂରତ ,
ପରମ ଜ୍ୟୋତି ରୂପା ସେହୁ ଭାରତୀ ,
ଭୈମୀରେ କୃପା ବହି ଟେକି ତର୍ଜନୀ ;
ଭାଷିଲେ ଦେବୀ ତହୁଁ ଏମନ୍ତ ବାଣୀ । ୨୩

"ସ୍ୱୟଂବର-ଉତ୍ସବେ ବରଣ କର
ମହେନ୍ଦ୍ର-ଶୈଳ-ମହାଇନ୍ଦ୍ର ଏ ବୀର ;
କଳଙ୍ଗ-କରି-କୁମ୍ଭେ ତୋ କୁଚେ ତହୁଁ
କର ଗୋ ଦେବ, ଶୁଣ ଅନନ୍ଦେ ତୁହି । ୨୪

'ଅସନ୍ତ ସେ ନୃପ' ଏ ବାଣୀ
ଶୁଣି ପୌର-ବଦନେ ,
ବୃଥା ତାଙ୍କ ରୂପ ପଲାନ୍ତ
ଭୟେ କାହିଁ ବିପିନେ ,
ଶୁଣି ତାଙ୍କ ସ୍ୱପ୍ନ-ପ୍ରଳାପ ,
ତହୁଁ ଶୁକନ୍ଦକର
ଉଦ୍ଭ୍ରାନ୍ତ ଭୟ ମାନସେ ,
ଅନ୍ତକର ସେ ଗୀର । ୨୫

GPNanda Colln., Digitized by srujanika@gmail.com

'ଏହି ନୃପ ଭୟେ ପଳାଇ ଯାନ୍ତି ନୃପତି ଗଣେ
ଛାଡ଼ି ପ୍ରିୟା, ତାଙ୍କୁ ନରେଖି ତହିଁ କିରାତ ମାନେ
ପଚାରନ୍ତି, 'କହ ଅଦ୍ଭୁତ କିସ ଦେଖେ ତୁମ୍ଭର ?'
ଲଭନ୍ତି ଉତ୍ତର 'ଶିଶିରକର ଅତି ଶୀତଳ ।' ୧୬
କେତେ ଭୂପେ ଆଜ୍ଞା-ଅଧୀନ କରିଛନ୍ତି ଏ ନୃପ ,'
ବ୍ୟବହାର କରି ସର୍ବଦା ଗୁଣ ସାୟକ ରୂପ ;
କ୍ଷିତି-ଉର୍ବଶି ଗୋ, ନର୍ଭୟେ ତାଙ୍କୁ କେବଳ ଗୁଣେ
ବଶଂବଦ କରି, ଖାରନ୍ତି ତହୁଁ ବଳ ଭୁବନେ ।୧୭
ତାଙ୍କ ଭୟେ ଯାପି   ଗିରି ଗହ୍ୱରରେ
ହବା, ଅରି-ନାରୀ ଅସିବା ବେଳେ,
ଚନ୍ଦ୍ର ଦେଖି ଶିଶୁ, କ୍ରୀଡ଼ା-ହଂସ-ମୋହେ
ଦେବାକୁ ପ୍ରାର୍ଥନା କରଇ ତା'ରେ ;
କାନନ୍ତେ ସକଳେ   ଲୋତକେ ସମ୍ମିତ
ଚନ୍ଦ୍ର, ହଂସ-ଛବି କରେ ଧାରଣ ;
ଦେଖି ତାହା ପାଶେ, ଶିଶୁ ହସେ ହର୍ଷେ,
ଜନନୀ ଆଶ୍ୱାସ ଲଭେ ବଦନ । ୧୮
ରଘୁ ନୃପଗଣ-   ଦାରା-ଧରା-ଦେବୀ
ସାତ୍ତ୍ୱିକ-ହକାରେ କମ୍ପ ଭଜଇ ,
ଦିଗ୍‌ବିଜୟ ଚେଷ୍ଟା   କରନ୍ତେ ଏ ନୃପ
' ଏ ମୋ ପତି ହେବେ', ମାନସେ ଧାୟି ;

GPNanda Colln., Digitized by srujanika@gmail.com

ତାଙ୍କ ଅଭିମୁଖେ   ରଣେ ପ୍ରାଣ ତେଜି
ବିପକ୍ଷ ପାର୍ଥିବେ ଊର୍ଦ୍ଧ୍ୱ ଗମନେ
ଦିବାକର-ଲୋକେ   ନିଜ ଗତି ପଥ
ଦେଖନ୍ତି ସଚ୍ଛିଦ୍ର ଆନନ୍ଦ-ମନେ । ୨୯
ସମର ପ୍ରାଙ୍ଗଣ   ତ୍ରସ୍ତ ରିପୁ ଗଣ
ପଳାନ୍ତି ସଂମୁଖୁ ସଭୟ ମନେ ;
ଜଗତ ପ୍ରସିଦ୍ଧ   କୀର୍ତ୍ତିମନ୍ତ କେହୁ
ଫେରେ ବୀର ଯେବେ କୋପେ ସେ ସ୍ଥାନେ ,
ଅସନ୍ତେ ସଂମୁଖେ   ଛୁରିକା ଅଘାତେ
ଛିନ୍ନ ତାର ଶିର ଠନ୍ ଠନ୍ ସ୍ୱରେ
ପଡେ ଭୂମି ତଳେ,   ତେଣୁ ସେ ବିମୁଖ
ନୁହଇ, ସେଠାରୁ ଅସି ଅଚିରେ । ୩୦
ସତେ କି ନୃପଗୁଣେ ବର୍ଣ୍ଣିତ ହୋଇ ,
ଅଂଗୁଳି-ନାଳ ବକ୍ତ୍ର-ପଦ୍ମେ ଲଗାଇ ,
ପ୍ରକାଶିଣ ଇଂଗିତେ ଚତୁର ଜଣ ,
କହିଲେ, ' କର ଦେବ, ମୁଖ ମୁଦ୍ରଣ ' । ୩୧
ଶୂଳ ନୟନ, ଲକ୍ଷ୍ୟ ଆନ ନୃପତି ,
ଭାଷିଲେ ତାଙ୍କୁ ଉଦ୍ଦିଁ ଦେବୀ ଭାରତୀ ;
" ଏ ନୃପ ତେଜେ ତୃଣ କୁସୁମଶର
ଶୀଘ୍ର ତେଜେ ଏ ଜିଣିଛନ୍ତି ଭୂତଳ । ୩୨

ଭଜନ୍ତି ଦୂତ-ମୁଖେ ଏ ନୃପ ଯାହା ,
ନାହିଁ ଷଣ୍ଢ; ନ କରୁ କପାଇଁ ତାହା ?
ହୁଅ ପ୍ରସନ୍ନ; କାଞ୍ଚୀପୁର-ରାଜନ
କରନ୍ତୁ, ବଳେ ତୋର କାଞ୍ଚୀ-ଗ୍ରହଣ । ୩୩
'ନମ୍ର' ହେଲେ, ପାଇବ ସ୍ତୁତି ମୋ ଠାରେ ;
ଉଦ୍ଧତ ପଣେ, ଧଗ ଲଂଘିବ ଖରେ ;'
କୋଦଣ୍ଡେ କରି ସଢେ ଶର କ୍ଷେପଣ ,
କରନ୍ତି କ ଶତ୍ରୁରେ ଏ ନୀତି ଦାନ ! ୩୪

କରନ୍ତି ଏ ନୃପ-କୀରତି-ରୂପ-ମଲ୍ଲୀବଲ୍ଲ
ଅରି ନାରୀଗଣ-ଲୋଚନ-ଜଳ-ନିର୍ଝରେ କେଳ ;
ସଂମୁଖ-ସମରେ-ଅଗତ-ବୀର-ଯୁବତୀ-ଗଣ
କର୍ଣ୍ଣୁ ଭଗ୍ନ ଶଙ୍ଖ-ମୃଣାଳ କର ସୁଖେ ଭକ୍ଷଣ । ୩୫

ସ୍ୱଚ୍ଛ ପରିଯନ୍ତି ଶ୍ୟାମଳ ବରଣ ,
ସିଂଦୂର-ଦ୍ୟୁତିରେ ସୁନ୍ଦର ଶିର ,
ବ୍ୟୋମ ଅନ୍ତଃ ସ୍ପର୍ଶୀ, ଧାଅନ୍ତେ ଭୁଜଙ୍ଗ
ସମର ଅରମ୍ଭେ ଯେ ଅନର୍ଗଳ ,
ପ୍ରଦୋଷ ତମର ସନ୍ଧ୍ୟାରାଗେ ମିଶି
ଅସୁଅଛୁ, ଭବି, ଭ୍ରମେ ସତ୍ୱର
ସମସ୍ତ ଛଡ଼ିସୃ- ତେଜ-ଦବାକରେ
ଅଶ୍ରସ୍ତ କରନ୍ତି ଅସ୍ତ ଶିଖର । ୩୬

GPNanda Colln., Digitized by srujanika@gmail.com

ଯେଙ୍କ ସ୍ୱଭବନ ହରି-ଉର, ଲକ୍ଷ୍ମୀ ,
ଶିଖୀ ଶୂନ୍ୟ ଦୋଷ ନରେଖି ଯହିଁ ,
କୃମି ଲୂତା ତନ୍ତୁ ହିତ ଛନ୍ଦ ଛଳେ
କଉସ୍ତୁଭ ଏବେ ଖଜଇ ତହିଁ ,
ତେଜ ପୁଣି ସଦ୍ମ, ପଙ୍କଜେ, ସତେ ତ
ଲୂତା ତନ୍ତୁ ଜାଲେ ବନ୍ଧନ ତା'ର ,
ଅଣିଲେ ଏହାଙ୍କ ଭୁଜାନ୍ତର ଦେଖି
ଅଟଇ ସେ ଯେଣୁ ଅତି ନିର୍ମଳ । ୩୭
ଖୋଳଛନ୍ତି ଏହୁ ସତେ ଅଦଭୁତ
ହିଂଧୁ ଜଣା କୀର୍ତ୍ତି ତଡାଗ ପୂତ ,
ସର୍ବେ ତହିଁ ସ୍ନାନ କରି କବିଗଣ ,
କେବା ନ ଧରଇ ମଜ୍ଜନ ବ୍ରତ !
ଇନ୍ଦୁ ଯାର ବନ୍ଧୁ- ଶୋଭି ଧରେ ମାତ୍ର
ପ୍ରବେଶି ସଲିଳେ ଅଦୃଶ୍ୟ ହୋଇ ,
ଫଟିକ ଅବନୀ ପରି ତହିଁ , ଶିବ
ସଲିଳ ଦେବତା ପରି ଶୋଭଇ । ୩୮
ଏହାଙ୍କ କୀର୍ତ୍ତିରେ ଆନନ୍ଦ ସଲିଳେ
ସର୍ପ-ରାଜ କେତେ ନ ବୁଡେ କେବେ ,
ଲୋମ ଅନ୍ତରରୁ ଆନନ୍ଦ-ସମ୍ଭବ-
ପୁଲକ-ରଚନା ନହୁଇ ଲବେ ;

GPNanda Colln., Digitized by srujanika@gmail.com

ମହୀପାତ୍ ଭଙ୍ଗେ   ନ କମ୍ପାଏ ଶିର
ତେଣୁ ନ ହୁଅଇ ଭଲେ ପ୍ରତୀତ ,
ଶୁଣି ତାଙ୍କ କୀର୍ତ୍ତି,   କପରି ଆନନ୍ଦ
ପ୍ରକାଶ କରଇ ଜଗତ ପତି !   ୩୯
ତବ କୁଚ ଯୁଗେ   କରଗଣ-କୁମ୍ଭେ
ସ୍ପର୍ଦ୍ଧା କରନ୍ତି ଧାରଣ ;
ତେଣୁ ରଣେ ଏହୁ   ରିପୁ କରିଗଣ-
ଗଣ୍ଡ କରନ୍ତି ଦଳନ ;
ଚୂଡ଼ା ଅଗ୍ରଯାଏ   ଶରେ ବନ୍ଧ ତାଂକୁ
କରନ୍ତି ଯାହା ପୀଡ଼ନ ,
ତୁମ୍ଭ ସେବା ଲାଗି   ପିନା ତା ସୁନ୍ଦରି ,
ଏହାଂକୁ ହୁଅ ପ୍ରସନ୍ନ ।"
କାଞ୍ଚୀ-ପତି-ଗୁଣ-ଶ୍ରବଣେ ସୁଖ ଲଭିଲା ପରି ,
ମନ୍ଦହାସ-ପ୍ରଭା ଅଧର-ପ୍ରାନ୍ତେ ସଂକୋଚ କରି ,
କଲେ ଉପହାସ; କୀରତ ବର୍ତ୍ତି ହୁଏ ତାଂକର ;
ନିଷଧ-ରାଜନ-ବୈଭବ ପିନା ବଚନ-ପାର !   ୪୧
ନେତ୍ର ଗୃଳ ତନ୍ହୁଁ ଭାରତୀ ସମ୍ବୋଧିଲେ ଭୈମୀରେ ,
ଏଣ-ଶିଶୁ-ନେତ୍ର-ଗୃରୂଢା ଯାର ନୟନ ହରେ ;
"ଦେଖ ଭୀମରାଜ ତନୟା, ଏହି ନୃପ ଶେଖର
ପରନ୍ତପ, ସଭା ମଣ୍ଡପେ ତାଂକ ଶ୍ରେଷ୍ଠ ଆଦର ।   ୪୨

GPNanda Colln., Digitized by srujanika@gmail.com

କେଉଁ ନୃପେ ନୋହିଲା କୃପା ଭୂମିର ;
ପୋଡିଲେ ଅଦା ଲଭେ ସକଳେ ଶିର ;
ଏବେ ସୁନ୍ଦରି, ମାନ୍ଦ ଅପାଙ୍ଗ-କୋଣେ
ଅବଲୋକନ କର ନେପାଳ-ରାଣେ । ୪୩
ଶ୍ରୁତି-ପାରଗମିତା-ରକ୍ଷିତା-ମୌନ-
ବିଶ୍ୱାସ-ବିଧାୟକ ଯାହାର ଗୁଣ,
ପର-ହିଂସନ ସଦା ସ୍ୱଭାବ ଯାର ,
ଦୀର୍ଘ ଦାମ୍ଭିକ ଅଟେ ତାଂକର ଶର । ୪୪
ଜନ-ରଞ୍ଜନ-ରାଏ ବଇରିଗଣେ
କ୍ଷାତ୍ରଧର୍ମ ସତେ କି ଭୁଲନ୍ତି ରଣେ ?
ଛେଦି ସଂଗରେ, ସେହି ବିରକ୍ତ ଜନେ ,
ଅନୁରକ୍ତ କରନ୍ତି ରକ୍ତ-ଲେପନେ । ୪୫
କେବେହେଲେ ଯେବେ ପତଙ୍ଗ ତାଂକ ତେଜ-ଦହନେ
ପଡ଼ିବେ ପତଙ୍ଗ-ବିପଦ ଲଭି କରିବେ କ୍ଷଣେ ।
ଉପାର୍ଜନେ ତାଂକ କୀରତି ହୋଇ ଅଶକ୍ତ ବିଧି
କ୍ଷୀର ସିନ୍ଧୁ ହିନା ସର୍ଜନ୍ତି ତା ପ୍ରତିନିଧି । ୪୬
ଅବାରୀ-ଅବଲା-   ପ୍ରେମ-ରେଖା ସରି
ସେତୁବନ୍ଧ ଦଶାନନ-ଭବନ ,
କୁବେର-କକୁଭ-   ଉତ୍ତଂଶ ପରି
ହିମାଳୟ ତର-ହେମ-ସଦନ ,

GPNanda Colln., Digitized by srujanika@gmail.com

ପ୍ରତୀଚ ପ୍ରାଚୀ-   ସ୍ୱାମୀ-ପୁତ୍ର-ଶୁଭ-
ସ୍ତମ୍ଭ ଉଦୟାସ୍ତ ପର୍ବତ ଦ୍ୱୟ
ସନ୍ଧ୍ୟା-ରାଗ-ଧ୍ୱଜେ   ଶୋଭିତ ଯାବତ
ତାବତ ତାହାଙ୍କ କୀରତିଚୟ । ୪୭

ତେଜଣ ଅୟୁଧ,   ଅଭିମୁଖ ରଣେ
ପ୍ରତାପ ଜାଣନ୍ତେ, ଅବା ଚରଣେ
ପଳାନ୍ତ ଏ ଅରି   ଶିର ଛିନ୍ନ କରି ,
ଭୟଭରେ ଅବା ନୁଅଇ ଭୂମେ ! ୪୮

ନୟନ ଗୋଚର   ନୁହେ ତାଂକ ଶର
ତୂଣୋଦ୍ଧାର-ଗୁଣ-ସଂଯୋଗ-କାଳେ ;
ଆକର୍ଣ୍ଣ-କର୍ଷଣେ,   ଅଥବା ଗମନେ ,
ନୁହେ ଲକ୍ଷ୍ୟ ଲକ୍ଷ୍ୟେ, ଅବା ଭୂତଳେ ;
କେବଳ ପତନେ,   ରିପୁ-ବକ୍ଷ-ସ୍ଥଳେ
ଭେଦକରି ଶର ଗମନ ପରେ ,
ତହିଁ ଉତପନ୍ନ   ଛିଦ୍ରେ ଅନୁମାନ
ହୁଏ ପେଷିଥିଲେ ନୃପତି ଶରେ ।” ୪୯

ବୁଝି ଦମୟନ୍ତୀ ମନ କେଉଁ ସହଚରୀ ,
ଭଣେ ପରିହାସେ, “କେତେ ବର୍ଣ୍ଣିବ ଏପରି ?
ଗୁଣମାନେ ତେଜ ମହୀ, କହ ସଂକ୍ଷେପରେ ,
ସଂକଟ-ବାସ-ଯାତନା ଲଭନ୍ତି ଏଠାରେ ।” ୫୦

GPNanda Colln., Digitized by srujanika@gmail.com

" ଅସଂଗତ ବାଣୀ ଭାଷଇ ଦାସୀ ଏହି ସଭାରେ ;
ତହିଁ ମାତ ଚେଷ୍ଟୀ ଭାଷଇ କେତେ ପ୍ରଗଲ୍ଭ ଭରେ ;
ଧନ୍ୟ ଏହି ସଭା;" ଭାଷନ୍ତେ ସ୍ୱଜ-ଅନୁଗେ ଶ୍ଳେଷେ ,
ନିବାରିଲେ ତହୁଁ ଦର୍ଶକେ ସେ ଅନୁରାଗେ ବିଶେଷେ । ୫୦
କୃପାମୟୀ ବାଣୀ ଦେବତା ତହୁଁ ମୁଖ ଫେରାଇ ,
ସମ୍ବୋଧିଲେ ଦମସୁତାରେ ଆନ ନୃପେ ଅନାଇ ,
"ଦେଖ ଦେଖ ଏହି ନୃପତି ଶ୍ରେଣୀ, କେତେ ସୁନ୍ଦର ,
ଇଲାବୃତ ପରି, କନ୍ଦର୍ପ ଜିଣି ତାଂକ ଶରୀର ।" ୫୨
ନେତ୍ର-ଇନ୍ଦୀବର-ବାସ-ବାସିତ-ସୁରଭଗେ ,
ସିତାପାଙ୍ଗ-ଅଧୁଗାମୀ-ଚନ୍ଦ୍ରିକା-ଅପାଙ୍ଗେ
ଆନ ଦୃଷ୍ଟି ଛଳେ ଲଜ୍ଜା ଛାଡ଼ି, ମୀ ନରେଶ
ଦେଖ; ଏ ନରେଶ, ଜୀବା କାନ୍ତିର ନିବାସ ! ୫୩
ଜଣେ ପର୍ବତ ବଇରୀ ବୃଥା ଗରବ ବହି ,
ତେଜି ତାଙ୍କୁ, ନିଜ ମନ୍ଦିରେ କରେ ପ୍ରବେଶ ଯାଇ ,
ନ ଜାଣେ, ଶଇଳ-ସମ୍ଭବ-ଦୁର୍ଗାଶ୍ରୟଣେ ରହି ;
ଏ ନୃପ ଜୀବନ୍ତୁ ଉଦ୍ଧାରେ କାର ଶକତି ନାହିଁ । ୫୪
ଅର୍ଥିଗଣେ ସଦା ଆଜ୍ଞା ଅନୁରୂପେ
ଦେଉଁ ଧନ ନୃପବର ,
ଉପେକ୍ଷିତ ଏବେ ମେଘ-ଚିନ୍ତା-ଜାତ-
ରତ୍ନ-ମେରୁର ବହୁର ;

GPNanda Colln., Digitized by srujanika@gmail.com

ତେଣୁ ବହୁପୂର୍ଣ୍ଣ ସେହି ଗିରି ସିନା
ହୋଇ ସମୀପରେ ସ୍ଥିତ ,
ହେବ ଗୋ ସୁନ୍ଦରି, ଏବେ ତୋର ସେହି
କ୍ରୀଡା-ଶୈଳେ ପରିଣତ । ୫୫

ନତ-ଶତ୍ରୁଗଣ- ବଦନ-କମଳ-
ମ୍ଲାନ-ଭଙ୍ଗ-ଜାତ-ଛାୟା-ପତନେ
ଚନ୍ଦ୍ର ପରି ଶୋଭା କରନ୍ତି ଧାରଣ
ଯାର ପାଦ ନଖ, ମୃଗ-ନୟନେ ,
ସେ ଭୂଲୋକନାଥ ସମର-ଦୁର୍ଦ୍ଧର୍ଷ-
ଭୁଜ-ଅସ୍ତ୍ରଯୁଗ ଅସାଧାରଣ ;
ଦୃପ୍ତ-ଅରି-ପ୍ରାଣ- ବାତ-ସୁଧାରସ
ପାନକରି ହୋଇଅଛନ୍ତି ପୀନ । ୫୬

ତାଂକ କୀର୍ତ୍ତି-ପୂର, ଶିବ-ଶିର-ଚନ୍ଦ୍ର-
କଳାଙ୍କେ ତ ଅଧାହାର ;
ଶେଷ-ଦେବ-ଫଣା- ସହସ୍ର-ଉଚିତ
ସହସ୍ର ଶରୀର ତା'ର ;
ଅଗସ୍ତ୍ୟ-ଚୁଳୁକ- ତ୍ରାସ-ନାଶେ ଏହା
ଦୁଗ୍ଧ-ସିନ୍ଧୁ-ଅଭ୍ୟୁପାୟ ;
କାହିଁବା ଜଗତେ ନ ଲଭେ ପ୍ରକାଶ
ହୋଇ ସେ କୀର୍ତ୍ତି-ଉଦୟ ? ୫୭

GPNanda Colln., Digitized by srujanika@gmail.com

ଧରନ୍ତି ଶତଘ୍ନୀ-   ଶସ୍ତ୍ର ଏହି ନୃପ ,
କି କରିବେ ତାଙ୍କୁ ରାଜନ ଶତ ?
ଲକ୍ଷେ କି କରିବେ ?   ଲକ୍ଷ୍ୟଭେଦ ଏହୁ ;
ପଦ୍ମେ କି ? ନୟନେ ପଦ୍ମତ ଜିତ ;
ପରାର୍ଦ୍ଧେ କି ହେବ ?   ସଙ୍ଖ୍ୟା ପରିଚ୍ଛେଦୀ
ଅଟନ୍ତି ଯେଣୁ ଏ ବୀର ରାଜନ ;
ସଂଖ୍ୟାସ୍ଥାନେ, ଭଙ୍ଗ   ବିନା, ଶତ୍ରୁଙ୍କର
ଗତି ନାହିଁ ଏହି ରାଜନେ ଅନ । ” ୫୮
ଅଭିପ୍ରାୟ ବୁଝି ତହୁଁ ସଜନୀ ସେଠାରେ
ମନ୍ଦହାସ ପରକାଶି, ଭାଷିଲେ ବାଣୀରେ ;
“ ତୁମ୍ଭ ମୁଖେ ନିଜ ବାର୍ତ୍ତା-ନିବେଦନ-କାମୀ ,
ଦେଖ ଅନ ନୃପେ, ତେଜି ଏହୁ ନରସ୍ୱାମୀ । ” ୫୯
“ ଭାଷଣେ କେବଳ ଅଧିକାର ବାଣୀଙ୍କର ;
କେଉଁ ସତୀ ଅଲେଖ ତୁମ୍ଭ, ଦେଉନ୍ତୁ ଉତ୍ତର ? ”
ଭାଷିଣ ଏସନେ ନୃପ–ସେବକ–ସକଳ ,
ନିବର୍ତ୍ତିଲେ, ଦେଖି ପ୍ରଭୁ-ଭ୍ରୂକୁଟୀ-ଯୁଗଳ । ୬୦
ତହୁଁ ଆନଧର-ରାଜନେ ନିବେଦିଲେ ଭାରତୀ ,
ଇଷତେ ବୁଲାଇ ବିଗ୍ରହ ତାଙ୍କ ଅଡେ ସ୍ମିତ ;
“ ଦେଖ ଅଗୋ ଦମ-ଭଗିନି, ଅତି ବଳିଷ୍ଠ ବୀର
କୁଳ ଶୀଳେ ରାଜ ଉଚିତ ଏହି ପୃଥିବୀ-ପାଳ । ୬୧

GPNanda Colln., Digitized by srujanika@gmail.com

ଅପିତନ୍ତ୍ରୀ ଯେତେ ନୃପ ସ୍ୱୟମ୍ବର-ସ୍ଥାନେ ,
ପ୍ରତିଜ୍ଞା କାହିଁକି ତୋର ତାଙ୍କ ଅଦର୍ଶନେ ?
ଏ ମିଥିଲା ପୁରନ୍ଦରେ କରିଣ ଦର୍ଶନ ,
ଭଲେ ଗୋ ସୁନ୍ଦରି, କର ଶିଥିଳ ନୟନ । ୬୨
' ନ କହିଲୁ ରଖ , ରଖ ' ଯେଣୁ ଏହି ବୀରେ
ଦେଇ ଓଷ୍ଠ, ଘଟିଲା ତେଣୁ ଏ ଦଶା ମୋ ଠାରେ ;'
ଯୁଦ୍ଧଭୂମେ ରିପୁ ଶିରେ କହୁ କି ଏସନେ ,
ମହୀରେ ଗଡନ୍ତି ଓଷ୍ଠ କାମୁଡ଼ି ଦଶନେ ? ୬୩
ଶର ସଙ୍ଗେ ଗୁଣ ଧରି ସେ ଦକ୍ଷିଣ
ପୁଙ୍ଖକ୍ଷେ ପଛକୁ, ପୁରଃସର ବାମ-
ବାହୁରେ କି ପଡେ ମୋଦେ ମହାରଣେ
ଆଲିଙ୍ଗନ-ଇଚ୍ଛା ଉଠେ ଶରାସନେ ! ୬୪
ଏହି ଉର୍ବୀ-ପତି- କୀରତି-ନିକର
ପାର୍ବଣ ବିଧୁ ସମାନ ;
ସର୍ବାଂଶ-ଉଜ୍ଜ୍ୱଳ- କଇଲାସ-ଗିରି-
ଗରବ-ଖର୍ବ-କାରଣ ;
କମ୍ବୁ-ପ୍ରତିବିମ୍ବ ; କି ଅବା ଶରତ-
ମେଘାଳ-ଶିରି-ପର୍ଯ୍ୟାୟ !
ଏହା ଅନୁବାଦେ ଫୁରଇ କି ସତେ
ଦୁଗ୍ଧ-ପାରାବାର-ପୟ ! ୬୫

GPNanda Colln., Digitized by srujanika@gmail.com

ଖଡ୍ଗେ ଛେଦ ଅରି- କରୀଗଣ, ଯାଙ୍କ
କୁମ୍ଭ-ଅସ୍ଥିସଙ୍ଘ-ଅବଟେ ସ୍ଥିତ
ମୌକ୍ତିକ ନିକର ଏହାଙ୍କର କର
ଯଶ-ବୀଜ-ରୂପେ କରେ ପ୍ରୋଥିତ ;
ଚତୁରଙ୍ଗ ସୈନ୍ୟ ଦ୍ରୁତଗାମୀ ଅଶ୍ୱ-
ଖୁରେ ମହୀତଳ କର୍ଷଣ କରି ;
ହୁଏ ଅନୁମାନ ସତେ କି ରାଜନ
ଆଚରନ୍ତି କୃଷୀବଳ-ବୃତ୍ତି ! ୬୬
ଅତି ଦାନଶୀଳ ଏହି ନୃପବର-
ଦାନେ ଅର୍ଥିଗଣ-ଅଭାବ-ଲାଜେ
କୁବ୍ଜୀଭୂତ ହୋଇ ରହେ କଳ୍ପଦ୍ରୁମ
କଷ୍ଟେ ବହୁ-ଫଳ-ଧାରଣ-ବ୍ୟାଜେ ;
କିନ୍ତୁ ରତ୍ନାଚଳ ବୁଡ଼ି ଅପଯଶେ ,
କିପରି ଯାଚକ-ବର୍ଜନ-ଫଳେ ,
ଅବ୍ୟସ୍ତ-ରତନ- ସମ୍ପଦ-ଉଦସ୍ତେ
ଉନ୍ନତ ଶିଖରେ ବହୁଛି ସ୍ଥିରେ ?” ୬୭
ପଚାରିଲେ ସଖୀଜନ ଭୀମ ନନ୍ଦନାରେ ,
‘କହିବକି କହ୍ନ ଏହି ନୃପ ପ୍ରଶଂସାରେ ?’
ଦମୟନ୍ତୀ ମୁଖ-ବକ୍ର-ଭଙ୍ଗି ଯାହା କଲେ ,
ଦେଖିଲେ ଅବଜ୍ଞା ଚିହ୍ନ ତହିଁ ସର୍ବ ନରେ । ୬୮

GPNanda Colln., Digitized by srujanika@gmail.com

ତା'ର ନୟନେ ତହୁଁ ଆନ ନୃପତି ,
ଭାଷିଲେ ମଧୁ ସ୍ୱରେ ଦେବୀ ଭାରତୀ ;
ନିଜ ବଦନ-ଚନ୍ଦ୍ର-ସୁଧା ବଚନେ
କଲେ ସେ ପରିପୂର୍ଣ୍ଣ ଭୈମୀ-ଶ୍ରବଣେ । ୭୯

" ଅହୋ କାମରୂପ-ଅଧୀପ ଏହି ନୃପତିବର ,
ନ ଦେଖ ଯାହାଙ୍କୁ , ସେ କାମ୍ୟ ଏହୁ ପୁଣି ସୁନ୍ଦର ;
ତୁମ୍ଭେ ଯୋଗ୍ୟତମ ବଲ୍ଲଭ ବିନା ଅଛି ତାଙ୍କର ;
ସୁଦୁର୍ଲ୍ଲଭ ଏହି ଜଗତେ ରୂପ-କାନ୍ତି ତୁମ୍ଭର । ୮୦

ଅକର୍ଣ୍ଣ ଧାର୍ଯ୍ୟଶୁଚେ ଅଙ୍ଗ ସଂଯତ
କରି , ଅରିଭୂ ବନା ଅଭିବିନ୍ଦ୍ରାତ
ଚରଣ ବମ୍ଭ ଭେଦକରି ସମରେ ,
ଅହୋ ! ମଜ୍ଜି ତରିଲେ ଭବ-ସାଗରେ ! ୮୧

ଯେଣୁ ଏହୁ ଭୂମିପାଳ-ବାହୁ-ତାପ-ବଶେ
ଗ୍ରୀଷ୍ମ ଋତୁ ପରବେଶେ ବଇରି-ନିବାସେ ;
ତପସ୍ୱିନୀ ଅରି-ନାରୀ ତେଣୁ କାହିଁପାଇଁ
ନେତ୍ରୋତ୍ପଳ-ଜଳେ ପ୍ରପା ନ ବହିବ ତହିଁ ? ୮୨

ଦିଗ୍‌ବିଜୟ ଯାତ୍ରା- କାଳେ ଦେଖି ତାଙ୍କ
ଅସମ-ସମର-ଭର ,
ତାଙ୍କ ସେନା-ମୁଖେ ବାଜି-ବ୍ରଜ-ଖୁର-
ଉଦ୍ଧୃତ-ରଜନିକର ,

GPNanda Colln., Digitized by srujanika@gmail.com

ତାଙ୍କ ଅସି ଘାତେ ଉତ୍କ-ସ୍ଵାବ-ଶତ୍ରୁ-
ବଂଶ-ଇଂଧନ-ସଙ୍ଗତେ ,
ଉଦ୍ଦାମ-ପ୍ରତାପ ଭୁଜ-ବହ୍ନି-ଯୋଗେ
ଧୂମ-ସ୍ତୋମ-ସମ ପ୍ରତେ ! ୭୩

କ୍ଷୀର ସିନ୍ଧୁ ମନ୍ଥି ଦେବେ, କହନ୍ତେ ମଥିତ ତା'ରେ ,
ଅକ୍ରମି ଯା' ଯଶ ତହିଁ ସିଂହାସନ ବରଚନ୍ତି ;
ଅଭିଷେକ ନ ବିହନ୍ତି କେଉଁ ଜନେ ସେ ସ୍ଵଯଶେ ,
ଭଜ-କବି-ସୁଧା-ସ୍ରୋତେ ପିପାସୁ କର୍ଣ୍ଣ-କଳସେ ? ୭୪

ରଣେ ପତି-ନାଶ-ବାରତା ଶୁଣି ଅରି-ନାରୀଏ
ବ୍ୟସ୍ତେ ବେନି ହସ୍ତେ ସ୍ଵ ବକ୍ଷେ ପ୍ରହାରନ୍ତି କର୍ଦମ୍ଯେ ,
ଲେଖନ୍ତି କି ନଖ-ପ୍ରଖର-ଟଙ୍କେ ଏହାଙ୍କ ଯଶେ ;
ନୋହିବାରୁ ପାର୍ଶ୍ଵ, ପାଷାଣସମ ସେହ୍ମ ଉରସେ ! " ୭୫

ତାମ୍ବୂଳକରଙ୍କ-ବାହିନୀ ତହୁଁ ଭଷେ ବାଣୀରେ ,
ତାମ୍ବୂଳ-ବଟିକା ଅରପି ତାଙ୍କ କରକମଳେ ,
" ଖାଇ ଏ ତାଂବୂଲ କରଗୋ, ଶାନ୍ତ ମୁଖ-କଷଣ ,
ଜାଣେ ଦମୟନ୍ତୀ-ହୃଦୟ, ଚଳ ଏଥୁଁ ବଦନ ! " ୭୬

ମଦନ-କଳପ-ସୁନ୍ଦର ତହୁଁ ଅନ ନୃପାଇଁ
ଭୁଜା-ସଙ୍କେତରେ ପୁରତେ ସରସ୍ଵତୀ ଦେଖାଇ ,
କହିଲେ ଭୈମୀରେ, ଯା'ନେତ୍ରେ ଭ୍ରାନ୍ତ ବାଲ ହରିଣ ,
ଦୁଖେ ପୁଣି ସେହ୍ମ କରିଛୁ ମୁଗ୍ଧ ସଂସଦ-ଜନ । ୭୭

GPNanda Colln., Digitized by srujanika@gmail.com

" 'ଗୁଣିଗଣେ ଅନୁରକ୍ତ ଉତ୍କଳ ସ୍ୱଜନେ
ଦେଖ ଉତ୍କଣ୍ଠିତ ତବ ମୁଖ-ବିଲୋକନେ ;
ରୂପାମୃତ-ବାଞ୍ଛିକା ଗୋ, ପରଶନ୍ତୁ ଏବେ ,
ତୋ' ନେତ୍ର-ତରଙ୍ଗ-ଭଙ୍ଗୀ ଏ ନୃପ ପୁଙ୍ଗବେ । ୭୮
ସକଳ ଯାଚକେ କୃତାର୍ଥ କରିବାରୁ ରାଜନ ,
କାମଧେନୁ, କଳ୍ପ-ପାଦପେ ଏବେ ଯାଚକ-ହୀନ ;
ଦୁଗ୍ଧସେକ ଧେନୁ, ପଲ୍ଲବ-ଖାଦ୍ୟ ତରୁ ପ୍ରଦାନ
କରି, ପରସ୍ପରେ ସାଧନ୍ତି ସିନା ଦାନ—ବ୍ୟସନ ! ୭୯
ପାଦ-ତଳେ ପତିତ ଯେଉଁ ଭୂପାଳେ
ଉଠାଇଲେ ଏ ନୃପ ସ୍ୱକୀୟ କରେ ,
ତଦୀୟ-ଚୂଡ଼ା-କୁରୁବକ-କିରଣେ
ରକ୍ତିମା ସିନା ନୃପ-କର-ଚରଣେ ! ୮୦
ତାଙ୍କ ଭୁଜ ତେଜେ ହୋଇ ପରାଜିତ ,
କେଉଁ ଦଗେ ସୂର୍ଯ୍ୟ ନୁହନ୍ତି ସ୍ଥିର ;
ଦାବାନଳ ସିନା ତେଣୁ ଘନ ବନ
କରିଛି ଶରଣ ଏକ ମାତର ;
ସମୁଚିତ ତାହା ସେହି ବେନଙ୍କର ;
ଧ୍ୱକ ଧ୍ୱକ ସେହୁ ବଡ଼ବାନଳେ !
ଭସ୍ମେ ପରା ସେହୁ କରିଛି ପ୍ରବେଶ
ନିଜ ଶତ୍ରୁ ଜଳ-ରାଶି-ମଧ୍ୟରେ । ୮୧

GPNanda Colln., Digitized by srujanika@gmail.com

ଏହି ନରପତି ଚଳ-ଚମୂ-ଗଣଙ୍କୁ
ଜାତ ହୋଇ ମଦଜଳେ ,
ଆରମ୍ଭ ହୁଅନ୍ତେ ଏହି ଜଗତରେ
ଶୀତଳ ହେମନ୍ତ କାଳ ,
ନ କଂପିବ କିମ୍ବା ଶତ୍ରୁଗଣ ଦେହ !
ନ ହେବ କିପାଁ ମଳିନ .
ତାଙ୍କ ନାରୀଙ୍କର ମୁଖାବ୍ଜ, ନ ହେବ
କିପାଁ ତାଙ୍କର ରୁଦନ ! ୮୬
ଯାର ବାଣଗଣ ଅରି-ନାଶ-ପ୍ରିୟ ,
ଯେ ସର୍ବ-ଗୁଣ-ଆଧାର ,
ଅନ୍ୟ ଅଂଗ ତେଜ, ଶତ୍ରୁ-ସ୍କନ୍ଧ-ହୃଦ-
ଘାତ ଉଚିତ ତାଂକର ;
ଅହଂକାର ସିନା କରେ ହୃଦ ମାତ୍ର ,
ସ୍କନ୍ଧ ନ ହୁଅଇ ନତ ,
ତେଣୁ ବେକ ଦୋଷୀ; ଜାଣି ଖଣ୍ଡ ଖଣ୍ଡ
କଲେ ନୃପ ଅନାରତ ! ୮୭
ତାଂକ ବାହୁ ଯଶ ଛଣିତ୍ତ ଜଗତେ
ଗୌର-ଗୁଣେ ଅହଂକାରୀ ସକଳେ ;
ତେଣୁ ରଜନୀରେ କୁମୁଦ ସମୂହ
ନିଦ୍ରା ନ ଯାଆନ୍ତି ସଦା କାତରେ ,

GPNanda Colln., Digitized by srujanika@gmail.com

ମଲ୍ଲିକା-ସୁମନ- ମାଳା ସେହ୍ୱ ଭୟେ
 ଲୁଚି ରହେ ତବ ଚକୁର-ପାଶେ ,
ଶୀତ-ଦ୍ୟୁତି ସିନା ଭୟେ ଥରି ଥରି
 ପୀୟୂଷ-ବ୍ୟାଜରେ ସ୍ୱେଦ ବରଷେ ! ୮୪
ନୃପ-ଗନ୍ଧ-ଗଜ ଅକଂଠ ମଜ୍ଜି ଣ
 ତୃଷାରେ ସାଗର-ଜଳେ ,
ପୂର୍ବ-ଦିଗ-କନ୍ୟା- କ୍ରୀଡ଼ା-ଯଶ ହରି
 ଫେନ-ପାଣ୍ଡୁର କପୋଳେ ,
ଦଂତ-ଯୁଗ-ପ୍ରଭ- ବିଂବେ ଚତୁର୍ଦନ୍ତୀ-
 ଐରାବଣ-ଶୋଭା ବହ୍ନ ,
କର-ଜଳ-ବମୀ- ବ୍ୟାଜେ ସାଗରର
 ସୁତ-ବିରହ ଶମଇ ।”
ବରଣ ଭାଳ, ଜପି ନୈଷଧ-ନାମ ,
ଧ୍ୟାନେ ଦେଖିଲେ ଅଗେ ନୈଷଧ-ରାଣ ;
ସତେ ଏ ରାଜାଙ୍କର ଗୁଣ ଅଦ୍ଭୁତ
ଶୁଣି କି ମନ-ମୋଦେ ମୁଦିଲେ ନେତ୍ର ! ୮୬
ଦିନାନ୍ତ-ସନ୍ଧ୍ୟାକାଳ-ଦେବତା ପୁଣି
ଦୂତପରି ବଚନ-ବିସ୍ତାରେ ଭଣି ,
ବର୍ଣ୍ଣିଲେ ରାଣେ, ଜନ ବଳ ଶୋଭନ ,
ଉପାନ୍ତ ଦେଶେ ଯେହ୍ନ ସଭା-ମଣ୍ଡନ । ୮୭

GPNanda Colln., Digitized by srujanika@gmail.com

"ଲୁଚରେ ସ୍ୱର ଭଙ୍ଗୀ, ଶ୍ରୀକଣ୍ଠ-ଗୁଣ
କରନ୍ତୁ ଏବେ ଅଭିଳାଷ ପୂରଣ ;
ଅପାଙ୍ଗ-ରଂଗ-ସ୍ଥଳ-ଲାସ୍ୟ-ବହୁଳ
କଟାକ୍ଷ-ଧାର୍ ତବ ଲଭନ୍ତୁ ସାର । ୮୮
ଅଖିଳ-ଲୋକ-ବ୍ୟାପୀ ଏହାଂକ ଯଶେ
ଡରି, ତାମସୀ ମସୀ ସତେ କି ପଶେ
କଳଂକ-ରୂପେ ସୁଧାକର-ମଣ୍ଡଳେ ;
ଅବା ଏହାଂକ ଶତ୍ରୁ-ବଦନେ ସ୍ଫୁରେ ! ୮୯
ଏହାଂକ ଅର୍ଥିଗଣେ ଫିଙ୍ଗନ୍ତୁ ଦୂରେ
ମଣି, ସେ ମଣି ରତ୍ନ ମେରୁ ଶିଖରେ ,
ସେ ମେରୁ ବଢ଼ି ନଭେ ଘୋଟିବ ହେଲେ ,
ବୃଥାରେ ମୁନି ସିନା ବିନ୍ଧ୍ୟ ବାନ୍ଧିଲେ । ୯୦
ପରାକ୍ରମ ବଳେ ଉପାର୍ଜିତ ଏହୁ
ଭୂମିବାସବଂକ ଯଶେ
ସ୍ୱ ଅକ୍ଷରେ ସ୍ତବ ରଚନ୍ତିଁ, କଣେ ତା'
ମହାଦନ୍ତି-ଦନ୍ତ ହାସେ ;
ଅନ୍ୟ-ଗୁଣ-ଯଶ- ପାରଦ-ଲେପନେ
ଯେ ମେରୁ ଦିଶିଲା ଧଳା ,
ଏହାଙ୍କ ପ୍ରତାପ ଦହନେ ତହିଁରେ
ସ୍ୱର୍ଣ୍ଣ ପୁଣି ପ୍ରକାଶିଲା । ୯୧

GPNanda Colln., Digitized by srujanika@gmail.com

ଯେଉଁ ଭୂମିର ଧବ   ଏହୁ ମହା-ବାସବ-
ସେନା-ସଂଗତ ଲଭେ, ତହିଁ
ପଦ୍‌ଘାତେ ଭସ୍ମ ଉଠେ;   ବାସବ ସେ ସଂକଟେ
ବାରେ କ ଶୁଭ୍ର ବୃଷ୍ଟି ବହି !
ଭକ୍ତ ବରଷେ ଅବିରତ ;
ସଂଧ୍ୟାର ଭ୍ରମ ହୁଏ ଜାତ ;
ଅଷ୍ଟମୂର୍ତ୍ତି ଶଂଭୁର୍   ତାଣ୍ଡବେ ଏହୁବେଳ
ବୋଲ୍, ଭୂମି କି କରେ ନୃତ୍ୟ !   ୯୨
ଦ୍ୟୁତ-କୋଷୁ ବହି   ଟିକିଏ ଲଗାଇ ,
ପୂର୍ବେ ନିର୍ମାଣିଲେ ଜଗତ ସାର୍ ,
ମୁଖେନ୍ଦୁ ପର୍ଯନ୍ତ   ଏହାଙ୍କ ଶରୀର-
ନିର୍ମାଣେ ସେ କୋଷ ନିଃଶେଷ ହେଲା ;
ସୂଲଭଟି ତହୁଁ   ହେଲା ଅବତମ ,
ଦ୍ୟୁତ-କୋଷ ଯହୁଁ ଗଲାଟି ସରି ,
ହାତେ ପାଇ ବହି   ସେହି ଅବତମ
ଏହାଙ୍କ ଚକ୍ଷୁର ଛନ୍ତି କି କରି ?   ୯୩
ଦଗ୍ଧପ୍ରେ ଏହାଙ୍କ   ଉଦ୍ଧତ-ଭୁରଗ-
ଖୁରାଗ୍ରରୁ ଉଠି ଧୂଳି-ପଟଳ ,
ନିର୍ବାପିତ-ଅରି-   ପ୍ରତାପ-ଅନଳୁ
ଅଙ୍ଗାର ପରି ସଜେ ଅଙ୍କାର ;

GPNanda Colln., Digitized by srujanika@gmail.com

ଏହାଙ୍କ କୀରତ-   ପ୍ରସାର୍-ସୁଧାଂଶୁ-
ଗଣେ ରଣେ କ ସେ ଅଦ୍ଭୁତ ହୋଇ ,
ଭୟେ ଭୁବ-ଛାୟା-   ମାୟା ଧରି, ରାହୁ
ଗଣକ-ଗଣନା-ଜ୍ଞେୟ ହୁଅଇ ।   ୧୪

ଶତ୍ରୁଙ୍କ ଉଦରେ   ଅଛଇ କି ଲୋକୀ ;
ତହିଁ ଏହାଙ୍କର ଯଶ
ନ ପାରଇ ରହ,   ତହିଁ ପୀଡ଼ହୋଇ ,
ପାଏ ସଢେ ବହୁ ତ୍ରାସ !

ପଶି ସେ ଉଦରେ   ବାହାରଇ କିବା
ନାଭି ପଥେ; ତହିଁ ପଦ୍ମ
ଶତ୍ରୁଙ୍କର ନାଭି-   ପଦ୍ମ-ରୂପେ ସେହୁ
ଯଶ ହାଗି-ହାନ୍ତ-ଭୋଗ୍ୟ !   ୧୫

ସ୍ୱକୋଷ ସୃଷ୍ଟିରୁ   ନିର୍ଗତ ଏହାଙ୍କ
ଅସି-ରୂପ-ସାପ-ଅଗ୍ନି-ଗୂଳ
ଦେଖି, ଭୟେ କେଉଁ   ବଇରୀ ଭୂମିପ
ନ ଚେଷ୍ଟନ୍ତ ବଶ ହାରିବେ ବୋଲି ,

ଧରି ଜାଂଗୁଲିକ-   ରୀତ, କରି ନିଜ
ଅଙ୍ଗୁଳି-ପଗରୁ ଓଷଧି-ଲତା ,
ମୁଖେ ଦେଇ ତା'ରେ,   ସେ ବିଷ-ବାରଣେ ,
ସ୍ୱ ଜୀବନେ ବହୁ ଘୋର ମମତା !   ୧୬

GPNanda Colln., Digitized by srujanika@gmail.com

ଅରିଭଟ୍ଟ-ଶ୍ରେଣୀ- ମଧ୍ୟେ ଯେହ୍ନୁ ପୃଷ୍ଠ
ଦେଖାଏ, ଯେହ୍ନୁ ବା ବକ୍ର ହୁଅଇ
ଏହ୍ନୁ ନୃପେ, ପୁଣି ଯେହ୍ନୁ ଅବା କରେ
କ୍ରୂର ଧ୍ୱନି ଅତି ନଷ୍ଠୁର ହୋଇ ,
ଏତେ ଦୋଷ ଯେହ୍ନୁ ଦେଖାଏ ସମରେ
ତେସନ ଗୃପେ ଏ ନୃପତି ବର
ଗୁଣ ଅନ୍ୱେଷଣ କରିଣ, ବିଖ୍ୟାତ
ହୋଇଛନ୍ତି ଗୁଣଗ୍ରାହି-ଶେଖର । ୧୭
ଏହାଙ୍କ ଅରିକୁଳ, ପୁଣି ଶତନକର ,
ହୁହେଁ ସମ୍ମୁଖେ ପଡ଼ି ରଣେ ,
ନ କରନ୍ତି ସୀତ୍କାର, ନ ତଜନ୍ତି ଶରୀର-
କମ୍ପ ବା ଛଳେ ସେ ପତନେ ;
ଉଚିତ ଏହା, ମୁକ୍ତ ହୁଇ ;
କାହାରି ନର୍ତ୍ତିଛି ନାହିଁ ;
ଏଥିକି ସେ ବଚନ୍ତ୍ର ଏକ ଭେଦଇ ମିଶ
ଆନ ଅମିଶ୍ର ଭେଦେ ତହିଁ । ୧୮
ଦୃଢ଼େ କଣ୍ଢ଼ ଖୁର, ହାଗ କର ବଧିର ,
ଧୂଳରେ ଅନ୍ଧ କର ନାକ ,
ଝପଟେ ପ୍ରଭଞ୍ଜନେ ଖଞ୍ଜ କରି ସେ ରଣେ ,
କନନେ କନୀ କରି ମୂକ ,

GPNanda Colln., Digitized by srujanika@gmail.com

ଜଗତ ରଖାଏ ଯେ ଧର୍ମେ ,
ଧରିଣ ପୃଷ୍ଠେ ସେ ରାଜନେ ;
ସେ ରାଜ-ଅଶ୍ୱ ବେଗେ ଝଂପନ୍ତି ବ୍ୟୋମ ଭାଗେ
ଗୋ ପଦେ ନ ଛୁଅନ୍ତି ଭୂମେ । ୯୯
ଅଶ୍ୱ ଘୋର ଝଂପଟେ ଖୁର ଭୂତଳେ ଲୁଟେ ,
ରଙ୍ଗ-ଭୂମି ସେ ଚୂନା ହୋଇ ;
ତହୁଁ ଧୂମର ଧାରା ଉଠେ, ଗଗନ ଧରା
ବିଶାଳ ଅମ୍ବରେ ଘୋଟଇ ;
ଯୁଦ୍ଧ ଦର୍ଶକ ବସେ ଯହୁଁ
ଦେଖିବ ବୋଲି, ରଣ ତହୁଁ
ଅନ୍ଧା ସେ ଏହାଙ୍କର ଛିନ୍ନ-କଣ୍ଠ-ସୁଭାର-
କବନ୍ଧ-ନୃତ୍ୟ ନ ଦେଖଇ । ୧୦୦
ଲୀଳା-ଦଳିତ-ଦଳ- ବିକଚ-ଇନ୍ଦୀବର-
ଆମୋଦ-ଭର ଖାତ ଯହୁଁ ,
ଖେଳାଏ ପକ୍ଷୀ କୋଳେ, ସେ ପକ୍ଷୀ ପକ୍ଷତଳେ ,
ତହୁଁ ସେ ଖାଟି ସ୍ୱନ ବନ୍ଧୁ ;
ବ୍ୟଥିତ ପଥିକେ ସନ୍ତୋଷି ,
ହରିତ ଦଳ ପରକାଶି
ଶାଖାରେ, ସେ ପାଦପେ ଯାହାଙ୍କ ଗୌରବ୍ୟାପେ
ଏହାଙ୍କ କୃତ ସେ ପରଷି ।

GPNanda Colln., Digitized by srujanika@gmail.com

ବୃନ୍ଦ ବାନ୍ଧି ଏ ସରେ   ତରଂଗ ବଳ ସ୍ଫୁରେ ;
ହଂସାଳି ପଳିତ ରାଜଇ ;
ବନ୍ଧୁ ବୟସ ଦଶେ;   ଦୃଢ଼ ଯଷ୍ଟି ପ୍ରକାଶେ ,
ବକର ଚନ୍ଦ୍ରିକା ଦିଶଇ ;
ଧାର୍ମିକେ ସ୍ନାହାନ ବିଧିରେ
ଶିର ନୁଆନ୍ତି ଏହା ଠାରେ ;
ଏପନେ ଏ ବାରିଧି   ନିତ୍ୟ ଆଦର ବଧି
ଲଭି, ସେ ପର-ରୂପେ ସ୍ଫୁରେ । ୧୦୨
ଏ ଯୁବା ସଂଗତେ   ତହିଁ ଜଳ-କେଳି-
ବେଳାରେ ଗୋ ବାଳେ ମୁଦେ ବିହର ;
ତବ ଅକ୍ଷି ପ୍ରତି-   ବିମ୍ବ ନୀଳୋତ୍ପଳ
ବାରି ହେବ ତହିଁ, ଦେଖି ତା’ ନୀଳ ;
ତବ ତନୁ କାନ୍ତି   ଅଧିକାର କରି ,
ଧନ୍ୟ ହେବ ତହିଁ ଜଳ ଦେବତା ;
ତବ ମୁଖ ଅଭି-   ଷେକ ହେବ ତହିଁ
ଫୁଲ୍ଲ-ପଦ୍ମ-ରାଜ୍ୟେ, ଗୋ ଭୀମ-ସୁତା । ୧୧୩
ଏହାଂକ କୀରତି-   ସ୍ତୁତିରେ ଧଉତ
ତ୍ରିଲୋକରୁ ହୋଇ ନିର୍ବାସିତ ,
ଶ୍ୟାମ ବସ୍ତୁ ଯେତେ   ଏ ତିନ-ଭୁବନେ
ହେଲେ ସିନା ଖାଲି କଥା ମାତ୍ର ;

GPNanda Colln., Digitized by srujanika@gmail.com

ଅଦ୍ଭୁତ ଏହାଙ୍କ   କୀର୍ତ୍ତିମନ୍ତ୍ର-କଥା-
ପଥେ ନ ଆସିଲେ ଶ୍ରୁତି ବନ୍ଧ ,
ମଳନ-ଷ୍ଟସ୍ପୃ ସେ   ଅକୀର୍ତ୍ତି ସକଳ
ଦୂରୁଗଲେ ଅପସରି ତହିଁ ।” ୧୦୪

ବୃଝି ଭୈମୀ ଇଙ୍ଗିତରୁ କହେ ସଖୀ ଜଣେ ,
“ ଏହାଙ୍କ ଅକୀର୍ତ୍ତି ଯେବେ ନ ଇଚ୍ଛନ୍ତି ଜନେ ,
ନ ବାରେ ଇଚ୍ଛଇ ମୂହିଁ ତାହା କେବେ ହେଲେ ,
ତମାଲ ବଲ୍ଲୀର ଭୃବ ସଭ୍ୟ-କର୍ଣ୍ଣ-ପୂରେ । ୧୦୫

ଏ ରାଜା କରତର   ସଂଖ୍ୟା ପରାର୍ଦ୍ଧ ପର
କର ବା ପାରେ ଲକ୍ଷ୍ୟ ତଳେ ;
ପ୍ରଜ୍ଞା ଚକ୍ଷୁ ଦେଖଇ   ଯେଉଁ ତିମିର, ତହିଁ
ଆସିବା ପାରେ ସନ୍ଦେହ ଭୁଲେ ;
ଅଷ୍ଟମ ସ୍ୱର କଳେ ତାରେ ;
ଜନ୍ମ ଯାହାର ବନ୍ଧ୍ୟୋଦରେ ,
ସେହ ସେ ମୂକମାନେ ଗାଆନ୍ତି ତାନମାନେ ,
କୂର୍ମୀ-ଦୁଗ୍ଧ-ସାଗର୍-ତୀରେ ।” ୧୦୬

ଏହା ଶୁଣି ସଭାରେ ଯେ ବସନ୍ତି ନୃପତି ,
ଚକ୍ଷୁଭଙ୍ଗୀରେ ପିଇ ତା’ ଭ୍ରମ-ଦୂହତ ,
ସଭାଜନେ ହସିଲେ କି ନାହିଁ ନ ଜାଣି ,
ଉଦାସୀନେ ଗ୍ରହିଲେ ସେ ନରେଶେ ପୁଣି । ୧୦୭

GPNanda Colln., Digitized by srujanika@gmail.com

ନୀଳମାଳସ୍ଥ ସେ ଭୈମୀ-ନେତ୍ର-ତାରା
ନଳୁ ଅନେ ଗୃହ୍ନିଁ, ଅପରାଧ କଲା ,
ତେଣୁ କି ସେ ସତୀ ଅପାଙ୍ଗ-ରାଗରେ
ଉଚିତ ବଧ୍ୱରେ ସେବିଲା ସେ ନଳେ ! ୧୦୮

ନଳ-କର-ଚକ୍ର-ଚିହ୍ନ-ଛଳେ ଯା କାର୍ମୁକ ,
ସେ ଅନଂଗ ସ୍ମର, ନଳ-ଦୃଷ୍ଟିରେ ସାୟକ
ଲଗାଇ, ଓଷ୍ଠାଗ୍ରେ କାନେ, ପରାଙ୍ଗେ ଧାନୁକୀ
ହୋଇ, ନଳେ ପୀଡ଼ିଲା ସେ ସୁତନୁ ବରାକୀ । ୧୦୯

ଉଜ୍ଜ୍ୱଳ ପତ୍ରାବଳି ବିଳାସେ ଧରି ବାଳୀ,
କଣ୍ଠକେ ଆବରି ଶରୀର ,
ଦେହ ଆମୋଦେ ଭରି, ସେହ୍ନେ ଅତି ଗଭୀରୀ
ହୋଇ ଅନପରାଗଧର ,
କାମ ବିସ୍ମରି ସେହ୍ନେ ନଳେ ,
ସୁମରି ରୁଦ୍ର କୋପ ତା'ରେ ,
କାଞ୍ଚନ କେତକୀ ସେ, ସେ ନଳ ଅଙ୍ଗବାସେ
ମାନସ ଦେଲା କିବା ଖରେ ! ୧୧୦

ନିର୍ନିମେଷେ ସଦ୍ୟନଳେ ସେ ବାଳା ଗୃହ୍ନିଁଲେ ସ୍ଥିରେ ,
ଗୃହ ମିଥ୍ୟା ନଳେ ଉଦାସେ ଖାଲି ନୟନ-ଖେଳେ ;
ଆନନ୍ଦ-ସାଗରେ ବୁଡ଼ି ସେ ତା'ର ତଳ ଭୂଷଣ
ହୋଇ, ଦେଲେ ଜନ-ମାନସେ ନାଗ-କନ୍ୟାର ଭ୍ରମ ।

GPNanda Colln., Digitized by srujanika@gmail.com

ମାନସ-ସର୍ବସ୍ୱ ସେ ବାଳେ ନୃପ ପ୍ରୀତିରେ ଗୃହିଁ ;
ପୁଣି ପ୍ରୀତ-ଦୃଷ୍ଟି-ଅପାଙ୍ଗେ ଲବ୍ଧ, ଅନନ୍ଦ ପାଇ ,
ସେ ଅନନ୍ଦେ ଅନ୍ଧ, ନ ଦେଖି ହାବ ଭାବ ବାଳାର ,
ମଦନ-ଆଶୁଗ-ପୀୟୂଷ-ଧାରେ ହେଲେ ବିହ୍ୱଳ । ୧୧୨

କବିରାଜରାଜ- ମୁକୁଟ-ଭୂଷଣ-
ହୀରକ ଶ୍ରୀହୀର ଜନକ କବି ;
ତନୟ ଶ୍ରୀହର୍ଷ ଜିତେନ୍ଦ୍ରିୟ ବର ;
ଜନନୀ ତାଂକର ମାମଲ୍ଲ ଦେବୀ ;
ଜନନୀ-ଚରଣ- ପଦ୍ମାଳ-ମଣ୍ଡଳ
ତାଙ୍କ ମହାକାବ୍ୟ ନଳ-ଚରିତ ;
ଦ୍ୱାଦଶ ନାମରେ ହେଲା ଏ ତହିଁରେ
ନିସର୍ଗ-ଉଜ୍ଜ୍ୱଳ ସର୍ଗ ମହତ । ୧୧୩

୩୪୫

GPNanda Colln., Digitized by srujanika@gmail.com

ଦ୍ୱାଦଶ ସର୍ଗର ଟୀକା

(ଅଙ୍କରୁ ଶ୍ଳୋକାଙ୍କ ବୁଝିବାକୁ ହେବ)

୪୨ — ଧନୁର ଗୁଣ ଓ ନଳର ଗୁଣ, ଦୁଇ ଅର୍ଥକୁ ପାଇବ । ବ୍ୟାପ — ବଶୀଭୂତରେ ସ୍ୱପନ ।

୫୨ — ପତଙ୍ଗ — ସୂର୍ଯ୍ୟ; ପୋକ । ଦୁଇ ଅର୍ଥ ।

୫୪ — ପଥର ନିର୍ମିତ ଦୁର୍ଗ ଅଗ୍ରସ୍ଥ ବପ୍ର । ଦୁଇ ଅର୍ଥ ।

୫୫ — ବଡୂର ପର୍ବତରେ ମେଘ ଧ୍ୱନିରେ ବୈଦୁର୍ଯ୍ୟ ନାମକ ରତ୍ନ ହୁଏ ।

୫୮ ବଶବର ଦୁଇ ଅର୍ଥ । ସନ୍ଧ୍ୟାହ୍ନାନେ — ସନ୍ଧ୍ୟ (ପୁନ୍ତ) + ଅହ୍ନାନେ ; ସନ୍ଧ୍ୟା + ଅହ୍ନାନେ ।

୮୫ — ଐରାବଣ ହସ୍ତୀ ସାଗରର ପୁତ୍ର ।

୯୦ — ବିନ୍ଧ୍ୟ ପର୍ବତ ବଢି ବଢି ସୂର୍ଯ୍ୟମାର୍ଗ ଅବରୋଧ କରିବାକୁ ବସିଥିଲା; ଅଗସ୍ତି ମୁନି ତାଙ୍କୁ ନମ୍ର କରି ପ୍ରଣାମ କରାଇ ଦକ୍ଷିଣକୁ ଯାଇଥିବାର ପୁରାଣ କଥା ଅଛି ।

୯୨ — ସନ୍ଧ୍ୟାକାଳ ମହାଦେବଙ୍କର ତାଣ୍ଡବ ନୃତ୍ୟର ବେଳ ।

୯୮ — ମିତ୍ର — ସୂର୍ଯ୍ୟ ; ଅମିତ୍ର — ଶତ୍ରୁ । ଯୁଦ୍ଧରେ ମଲେ ସୂର୍ଯ୍ୟ ଭେଦ କରନ୍ତି ବୋଲି କଥା ଅଛି ।

୯୯ — ଭୂମିକୁ ଗୌ ବୋଲି ପାଦରେ ଛୁଏଁ ନାହିଁ ।

୧୦୨ — ପୋଷଣ, ଓ ବୃଦ୍ଧ — ଦୁଇ ଅର୍ଥ ହେବ । ବସୁସ ପକ୍ଷୀ ; ଯକ୍ଷ — — ଦୀପଦଣ୍ଡୀ ।

୧୦୬ — ନବାରେ (ନୈବାରେ) ଲାଗୁଛି ; ବାରେ ନ ଲାଗୁଛି । ଦ୍ୱ୍ୟର୍ଥ ଶ୍ଳେଷ ।

୧୧୦ — କେତକୀ ଶିବଙ୍କର ସବନ୍ଧ ପୁରାଣ ଦ୍ରଷ୍ଟବ୍ୟ ।

GPNanda Colln., Digitized by srujanika@gmail.com

ତ୍ରୟୋଦଶ ସର୍ଗ

ନନ୍ଦନେ ତରୁ ବହୁଳ   ଛଡ଼ାଇ ସେ ପରିମଳ
ଜିଏ ଯଥା ନନ୍ଦାଶ୍ରୟୀ ଭ୍ରମର-ମାଳା,
କଳପ-ଦ୍ରୁମେ କେବଳ;   ତେଜେ ଯାନବାହ୍ନ କୁଳ
ଅଳି ରାଜେ ଏତ, ନେଲେ ସେ ରାଜବାଳା
ବସିଥିବା ସେ ପଞ୍ଚଙ୍କରେ
ନଳଙ୍କ ସ୍ୱରୂପେ ତହିଁ ସେ ସ୍ୱୟଂବରେ । ୧

ଜଗତ-ଜନ ବନ୍ଦିତ   ଜାଣନ୍ତି ଯେହ୍ନୁ ତତ୍ତ୍ୱ
ସାକ୍ଷାତରେ, ସରସ୍ୱତୀ ସେ ବୀଣାପାଣି
ଲକ୍ଷ୍ୟକରି ଦେବସ୍ଥିତ,   ତତ୍ତ୍ୱ ଆରମ୍ଭିଲ ଯତି
ତେସନ, ଯେସନ ଶଚୀପତି-ବର୍ଣ୍ଣନ
କହୁଯିବେ ସେହ୍ନୁ ସକଳ,
ନ ପ୍ରକାଶି ନଳ-କାୟା-ମାୟା ତାଙ୍କର । ୨

"ଏ ବୀର-ସେନ-ଭବ   ଏହାଙ୍କର କି ବର୍ଣ୍ଣିବ
ରିପୁବଳ-ଦଳନରେ ପୁରୁଷକାର ?
ଗଜାନନ-ଦାନବାରି-   ବାସେ ସେନା ଏହାଙ୍କରି
ମହା ସମର ସଂହରି, କେତେ ଉଦାର ;
ଏହାଙ୍କର ରଣ-କରଣୀ
ବରନିବ କିଏ ସେ, ଗୋ ବରବର୍ଣ୍ଣିନି ? ୩

GPNanda Colln., Digitized by srujanika@gmail.com

ବଳ-ନୈର୍ଜ୍ୟାଭର୍ ଶୃମର-   ବାହୁଜୀ କୁଳ ତାଂକର
ବନ୍ଧୁଲାଭ ରଣାଞ୍ଚିତ, ସମିତ୍‌-ସେବନେ
କଳାନିଧି ଯୁତ ଦ୍ୱାରେ   ଇନ୍ଦ୍ର ନୃପ ପୟୋଧରେ
ଧରି, ଖଚିତ ଦ୍ୟୁମଣି ପ୍ରଭା ବିଧାନେ ,
ଯାହାରେ ସେ କେତେ ସୁନ୍ଦର !
ଶାଳି-ମୃଗ-ଚଳ-ନେତ୍ରେ ମନରେ ଧର । ୪
ମହାଦର୍ପ ହର ଗର୍ଜେ   ଉଦ୍ଧନ୍ତି ଯା ଲାଗି ସଜେ
ଅତି ଅତୁଳ କର୍କଶ ବିଗ୍ରହ ଯାର ,
ଏସନ ଧରଣୀ ଭୃତେ   ଅନୟାସେ ଲୋକହିତେ
ପକ୍ଷଚ୍ଛେଦ ରତ, ଏହୁ ଉଦଗ୍ରବଳ
ବିପଦ ଜଳଧି ମଗନ
ଜଗତକୁ ଉଦ୍ଧାରିଲେ କରି ଯତନ । ୫
ସଂଗ୍ରାମେ ଧରଣୀଭୃତ   ଜିଣିଛନ୍ତି ଏହୁ ସତ ,
ଅପବ୍ୟପାପ୍ୟ ସର୍ବଦା ଅଛନ୍ତି ପୁଣି ;
ବାସ୍ତ ବର୍ଣ୍ଣଚେ, ଏହୁ   ଅଛନ୍ତି ଗୋ ମହାବାହୁ ,
ଜାଣିରଖ ତିଳକରି କଳସସ୍ତନ !
ଦୀର୍ଘବାହୁ କି ଅଦ୍ଭୁତନ !
ଶୃଣୁ ଏହାଙ୍କର ଦେଖ ବାହୁ ଜ୍ୟୁନ । ୬
ବଳାଦ-ସମୃଦ୍ଧ-ରାଜ୍ୟ,   ବନ୍ଧୁ ଉପଭୋଗ ପ୍ରାଜ୍ୟ,
ଦେବଲେଖା ଏହାଙ୍କର କରଚରଣ

GPNanda Colln., Digitized by srujanika@gmail.com

ଧରନ୍ତି ଗୋ ନତମୌନ,   ସଗ୍ରଗେ ଏହାଙ୍କୁ ସେନ
ପଞ୍ଚରୂପେ, ଶଚୀ ଯଥା ଶଚୀ-ରମଣ
ପାଇ, ଭୁଞ୍ଜ ଅମୋଦ ବାଳେ ,
ମର୍ତ୍ତ୍ୟେ ଦେବ-ସୁଖ ପାଅ ଗୋ କାଳେ କାଳେ ।" ୭
ଶୁଣି ବାଳା ଏ ଭାରତୀ,   ନୈଷଧ ତ୍ରିଦିବ ପତି
ହୁହିଁଙ୍କ ପ୍ରୟୋଗେ ପୁଣି ସମାନ ଯାହାଁ ,
ଗୃହ୍ଣୁଁଥିଲେ ବାରବାର,   ନରେଶ୍ୱ ସେ କଳେବର ,
ନ ଜାଣିଲେ ନଳ କି,ସେ ତ୍ରିଦଶ-ନାହା ;
ନେତ୍ରେ ନୋହୁଥିଲା ପ୍ରତୀତ ;
ଶୁଣି ପୁଣି ନ ବାରିଲେ ଶ୍ୱଚ୍ଛ ସୁଦତୀ । ୮
ଯାନ୍ତି କି ଏହୁ ନରେଶ,   କିବା ଏ ନିଷଧ-ଈଶ ,
ଭାବି, ଚହ୍ୱ ଚହ୍ୱ ହେଲେ ଖିନ୍ନ କୁମାରୀ ;
ଦୋଳାୟିତ-ଚିତ୍ତ ଜାଣି   ତାହାଙ୍କୁ, ସେ ସତୀ ବାଣୀ
ପବନ-ସଖାରେ ପୁଣି ନିର୍ଦ୍ଦେଶ କରି ,
ବଚନରେ ଗୁନ୍ଥିଲେ ମାଳା ,
ସଂବୋଧନ କରି ପୁଣି ସେ ରାଜବାଳା । ୯
"ପ୍ରତାପନଷ୍ଟ ଏ ବୀର,   ଊର୍ଦ୍ଧ୍ୱେ ଗତ ଏହାଙ୍କର ,
ବୈରିନର ଗୁପତ ସେ ଏହାଙ୍କ ନାମେ ;
ନାହିଁ ଏହାଙ୍କ ତୁଳନ,   ବହୁ ଧନଂଜୟ ନାମ ,
ଶୁଚ ଏହୁ, ଏ ତନ୍ୱୀ ଗୋ ପ୍ରଚୁର ହେମେ

GPNanda Colln., Digitized by srujanika@gmail.com

ମନ୍ତ୍ରିହେବ ; ନାହିଁ ଗୋ ବାଳା
ଈଶ୍ୱର-ରୂପ-ସଂପଦେ ଏହାଙ୍କ ତୁଲା । ୧୦
ଏହାଂକ ହେତି-ପଙ୍କ୍ତିତା   କବଳକରେ ସର୍ବଥା
କେତେ କେତେ ପାର୍ଥିବର ଅଧିକରଣ ;
ସେହି ଏହାଙ୍କ ବିଭବେ   ତପସ୍ୱୀ ମହାଦେବେ
ବିଭୂତିର ଅବଲେପ ହୁଏ ସାଧନ ;
ମନେ ଯେନ ରୁଚିରକର୍ତ୍ତ୍ରି,
ଏସନ ଏହାଙ୍କ ତୀବ୍ର ହେତି-କର୍ତ୍ତରୀ । ୧୧
ଅଶେଷ ବିବୁଧ-ସଭା-   ମୁଖ୍ୟ ଏହି ମନ ମୋର ;
ଇନ୍ଦ୍ର ସମେ ଏହାଙ୍କର ମଧ୍ୟସ୍ଥ୍ୟ ବଳେ ;
ସଦାରୁଣୋ(ଣୋ)ଦିତ ଆଭା, ଏହାଙ୍କର କର ଶୋଭା ,
ମହସ୍ୱୀ ଏହାଙ୍କୁ ତୁମ୍ଭେ ଭଜ, ଗୋ ବାଳେ ;
ପିତୃମୁଖି, ହୁଅ ସୁମନା ,
ଉଚ୍ଚଶିଖ ଏହାଂକୁ ଗୋ ସର୍ବଗେ ଅନା । ୧୨
ଅଳପ ପ୍ରଭାତ କାଳେ   ନୃତ୍ୟେ ଏହାଙ୍କର, ବାଳେ,
ମହାଦପ୍ରେମନ୍ତ୍ର ଗୁଣୀ ପ୍ରକଟ ବନ୍ଧୁ ;
ସମିତ୍‌ମଧ୍ୟେ ଯେବେ ପୁଣ,   ଶତ୍ରୁ ଏହାଂକର ତୃଣ ;
ଜଳେ, କାହିଁ ପରାଭବ ଲଭିବେ ଏହୁ ;
ଦର୍ପେ ଯେବେ ଉଠନ୍ତି ବୀର
ତେବେ ଆଉ ବିରୋଧରେ ସଖ୍ୟ କାହାର ?” ୧୩

GPNanda Colln., Digitized by srujanika@gmail.com

ଉଷର୍ବୁଧ ନଇଷଧେ ସମାନ ଏନ୍ତୁ ସଂବାଦେ
ନ ପାରଲେ ଭେଦ ଭଲେ ବାର ସ୍ୱଦତ ;
କେବେ ମଣେ ନଳ ଏନ୍ତୁ, ପୁଣି ତ ଅନଳ କାହିଁ
ଅସି ପଡ଼ିଯାଏ ମନେ, ଉଜ୍ଜ୍ୱଳ-ମତି ;
ବଳାଇ, ନ ବଳାଏ ମନ ;
ଗୃହୀ, ପୁଣି ରହିଯାଏ ଭଳି ମଉନ । ୧୪
ବହୁ ସଂଦେହର ଛୀତ ଟ୍ରେଡ ସେ ତତ୍ତ୍ୱବୃତ୍ତି
ଜାରେଖି ଏସନ, ତା'ରେ ବାଦ୍ଧ୍ୟ ଦେବତା
ଅନଳ ବରଜ ନେଲେ, ସେ ଦେବେ, ଯେ ଜାତଦେହେଲେ
ତାଂକଠାରୁ, ଯାହାଂକର ଅଛି ଷମତା
ଅରବନ୍ଦ ବକାଶିବାରେ ,
ଦେଖାଇ ତାହାଂକୁ, ଦେବୀ କହିଲେ ଧୀରେ । ୧୫
"ଜଗତଜନେ ନଖିଲ ଧରନ୍ତି ଏ ମହାବୀର
ଦଣ୍ଡ, ତହୁଁ ଭୀତ-କମ୍ପେ ଲୋକ ସକଳ
ନ ଲଭନ୍ତି ପଙ୍କ ପାତ; ସ୍ୱର୍ଗ ବୈଦ୍ୟ ଦମ୍ଭିଙ୍କ
ଏହାଂକ ରୁଗ୍‌ଭୟେ, ତହିଁ କେହି ଅମର
ଅଛନ୍ତି ଛନ ଭୁବନେ ?
ବରୁର କର ଗୋ ଭୀମ-କୁମାରୀ ମନେ । ୧୬
ମିତ୍ର ପ୍ରିୟୋତ୍ପାଦନର ପ୍ରଭୁ ଦେବୁ ଏହାଂକର
ସଜ୍ଞା ବୋଲି ଶୁଣା ଅଛି, ଛାୟା ତ କେବେ

GPNanda Colln., Digitized by srujanika@gmail.com

ଏହାଂକର କାହିଁ ହେଲେ   ଶୁଣା ନାହିଁ ଜଗତରେ ;
ସଦାସୁହୃଦ କାହାର ନୁହେଁ ଏ ଭବେ ?
ଏହୁ ଯମ ନୟମେ କେତେ
ତପସ୍ୟା କର ଅଛନ୍ତ ତୁମ୍ଭ ନମନ୍ତେ । ୧୭
ଅଖିଳ-ଧବଳ-ଦ୍ୟୁତି-   ରାଜେ ପ୍ରଭାବେ ଜଣନ୍ତ
ଯେହୁ, ପୁଣି ନଭେମଣି ସୁନ୍ଦର-ଜ୍ୟୋତି ,
ସେହି ସାକ୍ଷାତ ଦେବତା   ଅଟନ୍ତ ଏହାଂକ ପିତା ;
ନୁହଇ ଏହାଂକ ଉତ୍କାନ୍ତିଦା ଶକତ
ପରାଭବେ ଭବେ କାହାରେ ?
ପଟର ଗଦାଲ ନୟୋଗେ କୃଷ୍ଣ ଏ ହେଲେ । ୧୮
ପରେତରେତ ସରବେ   ଏକା ଏହାଂକ ପ୍ରଭାବେ
ମାନନ୍ତି, କର ଗୋ ଏଥି ଜୀବେଶ ବୁଦ୍ଧି ;
ଏହୁ ଦସ୍ର ସହୋଦର,   ସର୍ବଭୂତେ ଏହାଂକର
ପ୍ରାୟଶଃ ସକଳେ ବଶ୍ୟ ଭାବର ସିଦ୍ଧି ;
ମୁଗ୍ଧ ଶୋଭାମୟୀ ଗୋ ବାଳେ
ରାଗରେ ଏହାଂକୁ ଅନା ଅଶୁଭ କାଳେ ।” ୧୯
ଏ ଗୃରୁ ବଚନ-ମାଳ   ଯମ ନଇଷଧେ ଭୁଲ
ଶୁଣି ବନ୍ଧୁ ନଳ ଦେଖି ଶଙ୍କାରେ ବାଳା ,
ଏଣେ ଚେତେଣେ ମନ କର   ବଦର୍ଭ-ରାଜ-କୁମାରୀ
ଚତ୍ତେ ଛନ୍ଦ ହୋଇ, ଯାହା ଅକୁଳ ହେଲା ,

GPNanda Colln., Digitized by srujanika@gmail.com

ନାହିଁ ତହିଁ ବିଶେଷ ଆଉ ,
କହିଲେ ହୋଇବ ପିଷ୍ଟ-ପେଷଣ ସେହୁ । ୧୦

ଏମନ ସଂଶୟେ ସତୀ ପଡ଼ିଲେ ଭୀମ-ଦୋହିତା,
କି କରିବେ ନ କରିବେ, ନପାରି ବାରି ;
ଦେଖି ଏହା ବାଗୀଶ୍ୱରୀ ପାର୍ଶ୍ୱସ୍ଥ ପ୍ରଭୁ ଠାରି ,
ଅଙ୍ଗୁଳି ଦେଖାଇ ରଚି କଥା-ଶୃଙ୍ଖଳ ,
କ୍ରମେ କହି ଆରମ୍ଭ କଲେ ,
ମଞ୍ଜୁଳେ ଭୀମ-ଦୁହିତା ଏବେ ଶୁଣିଲେ । ୧୧

"ଭୂରି ତରବାରି ନିଧି ଏହାଂକର ସେନା ଦିଶି ,
ଯା ତୋରଣେ ପ୍ରକାଶଇ ସର୍ବତୋମୁଖେ ;
ଅନେକ ବିଦାର କାର୍ଯ୍ୟ ହୋଇଣ ଧରଇ ସ୍ଥୈର୍ଯ୍ୟ ,
ପରିରୋଧ ନାହିଁ ଯାର ପରତେ ଲେଖେ ;
ସେହୁ ଏହି ସଲିଳେ ନାହା ,
ଜଳ-ଲୀଳା-ଭଙ୍ଗେ ଏବେ ସର୍ଗେ ଗୃହିଁ । ୧୨

ଏହାଙ୍କ ବନ୍ଧୁ କୁମ୍ଭୀର, ଦାନ ବାରି ସହଚର ,
ନାସୀର-ସୀମାନ୍ତରେ ବନ୍ଧୁଦ୍ଧନ ବିସ୍ତାରେ ,
ଉତ୍ଫୁଲ୍ଲ କାନନ ଧରି, ଚିତ୍ର ଅଲଂକାରେ ଭରି ,
ମାଛ ଉଠେ କେତେ କେତେ ସୁଖ-ପ୍ରସାରେ ;
ଏହାଙ୍କୁ ଗୋ ନ ମାନ ଜାଣ ,
ରତ୍ନାକର ଜାଣି, ଏଥି ହୁଅ ପ୍ରସନ୍ନ । ୧୩

GPNanda Colln., Digitized by srujanika@gmail.com

ପ୍ରତିକୂଳ ପ୍ରାକୃତ ପୁଣି   ସଂସ୍କୃତେ କେଉଁ ବାହୁନି
ପ୍ରବନ୍ଧଣେ ଏହାଂଙ୍କର ନ ଘୋଷେ ଯଶ ?
ହେ ବିଳାସବତୀ ବାଳା,   ଦିଅ ଗୋ ବରଣ-ମାଳା,
ସେ ବାହୁନୀ କର୍କଶତା ଶ୍ରିତା ବିଶେଷ ;
ତହିଁ ପୁଣି ମହାସିକ୍ତତା ;
ଜାଣି ଗୃହଁ ପ୍ରସାଦେ ଗୋ ବର ବନତା । ୧୪
ଏହାଙ୍କର ପଦ ତଳେ   ଶୋଣ ଗୁଣେ ଦେଖ ବାଳେ,
ସରସ୍ୱତୀ ଏହାଂକର କରନ୍ତି ସେବା ;
ଭୁବନ ଅଧିପେ ସ୍ୱଗେ   ଏହାଙ୍କୁ ଭଜ ସୁରଗେ ;
ଏତହିଁ କମଳାଶୟେ ନାହଇ କେବା
ଅନୁରାଗଭର ଭାମିନୀ ,
ସଦା କ୍ଷମାଧର ଏହୁ ବରବର୍ଣ୍ଣିନି ।” ୧୫
ଶଙ୍କା ପରଂପରା ହରି,   ଅନେକ ନଳ ପ୍ରଚାରି ,
ଏସନ ବାଣୀ ବିଳାଶେ ନଗଲା ଜଣା ,
କିନ୍ତୁ ହେଲେ ଭେଦ ତଳେ, ଜଳାଧିପେ ଅବା ନଳେ,
ତଥାପି ଯା’ ଦମୟନ୍ତୀ ହେଲେ କଳନା ,
ସଂଦେହର ଅଭାବ ତହିଁ ,
ଭାଲ ବସିଲେହ ବହୁ ଚିତ୍ର ଲାଗଇ । ୧୬
ବିବୁଧେ ଅତରି ମାୟା,   ଲୁଚାଇ ଥିଲେ ଯେ କାୟା ,
ନ ଭୁଲିଲେ ତହିଁ ବାଳା, ଦେଖି ଭାରତୀ ,

GPNanda Colln., Digitized by srujanika@gmail.com

ରାଜନ୍ୟ ଗଣ ସଂସଦେ   ଦେଖାଇ ତହୁଁ ନୈଷଧେ ,
ଭାଷିଲେ ତାହାଙ୍କୁ ଏବେ ସେ ଭଗବତୀ ;
ସେ ନିଷଧ ଅଧିପ ତହୁଁ
ଖଚିତ ବେଶ ବିନ୍ୟାସେ ଥିଲେଟି ରହି ।   ୧୭
"ଅତ୍ୟାଜ୍ଞ ଲବ୍ଧ ବିଜୟେ   ଯାହାଙ୍କ ପ୍ରସର ଶୋଭେ ,
ସେ ମହୀ ମହେନ୍ଦ୍ର ଏତୁ ଜାଣିବ କାହୁଁ ?
ପ୍ରତ୍ୟର୍ଥୀ ଦାନ ବଣତା-   ହୃତ ଚେଷ୍ଟାର ବିଧାତା ,
ଜୀମୂତ-ବାହନ ପରି ଲାଗନ୍ତି ଏହି ,
ରୁଚି ପଦ ପୁରୁଷବର ,
ଦିଅ ଗୋ ଏହାଙ୍କ ଗଳେ ବରଣମାଳ ।   ୧୮
ସେବଣ ସୁରାଧ୍ୱ ରାଜ୍ୟ   ଅଭିଷେକେ ଯେହ୍ନୁ ପୂଜ୍ୟ ,
ଯାହାଙ୍କର ତେଜ ବର୍ତ୍ତ ବିକାଶେ ଶୋଭେ ;
ତାଙ୍କ ଠାରେ ଅବର୍ଜନ:- ବୁଦ୍ଧି ଭୁ କର ଗୋ ଯେନା ,
ବଇବାକୁ ବରନନ୍ଦ ପରାମୃଁ କହେ
ମହାନଳ ନାମକୁ ଧର ,
ସନ୍ଦେହ କପାଇଁ ତେବେ କର ସୁନ୍ଦରି ।   ୧୯
ଯେ ଚନ୍ଦ୍ରି ମାରଣ-ବିଧି-   ବ୍ୟସନେ ବହନ୍ତି ହିଦି ,
ଅଶାରେ ଦକ୍ଷିଣ ଜାଣି ଏହାଙ୍କୁ ଗୋର ,
ପୁଭଗେ ଅନା ଅନଳେ,   ଏ ଧରମ ରାଜେ ବାଳେ ,
ପରାଣ ସହଜ ଅନୁରାଗରେ ଭରି ,

GPNanda Colln., Digitized by srujanika@gmail.com

ଆମ୍ଭା ତବ ଅରପିବାର
ସବୁମନ୍ତେ ଯୋଗ୍ୟ ଏହୁ ତରୁଣ ବର । ୩୦
ତେସନ କରଗୋ ଲୟ, ଏହାଙ୍କର ମହାଶୟ
ହେବ ଯଥା ଅନ ପାଣ, ଜୀବ ଗୋ ବାଳେ ,
ପାଣି-ପୀଡ଼ନ-ବିଧିରେ; ଜାଣ ଗୋ ଏହୁ ବିଧିରେ
ଭୁବନ ଚଉଷ୍ଟୁ, ସର୍ବ ଜନେ ଆଦରେ
ପାଳନ କରନ୍ତି ସତତ ;
ଏଥି ରତ ନ ହେବାର ନୁହେ ଯୁକତ ।” ୩୧
ଏସନେ ପ୍ରଥମ ଶ୍ଳୋକ, ଇନ୍ଦ୍ର ନଳେ ବାରି ଏକ ;
ଦ୍ୱିତୀୟରେ ଧୂମ ଧ୍ୱଜେ; ତୃତୀୟେ ଯମେ ;
ଚତୁର୍ଥେ ବରୁଣେ ନଳେ ଜାଣନ୍ତେ ସେ ଏକାଧାରେ ;
ଦେବୀ ସରସ୍ୱତୀ ପୁଣି ଉଚ ବଖାଣେ ,
କହିଲେ ସେ ନୂତନ କରି ,
ବିମୁଗ୍ଧ ଭଇମୀ ଦେଖି, ଗାଥା ଶୁଣି । ୩୨
"ଏତେ ତ କହିଲ ବାଳା, କପାଇଁ ମନ ନୋହିଲା ?
ଅଶୁଭ ଦେଖିଲୁ କି ଗୋ ନଳ ବଦନେ,
ଇନ୍ଦ୍ର ଅଗ୍ନି ସୂର୍ଯ-ସୁତ ବରୁଣ ଚାରି ଦୈବତ
ଏକ ନଳ ରୂପେ ଦେଖି ଏ ସଭା ସ୍ଥାନେ ?
ଚାରି ମଧ୍ୟେ କଏ ସେ ତେବେ
ମନ ଅନୁକୂଳ ତବ, କହ ଗୋ ଏବେ । ୩୩

GPNanda Colln., Digitized by srujanika@gmail.com

ନୈଷଧ ରାଜ ନଗର   ପତି ଏ ଦେବ ପ୍ରବର
ନ ଜାଣୁ କି ବାଛୁଛି ଗୋ କପାଁ ନ ବର ?
ଏକା ନଳ ମଣି ବାଳେ   ଦେବାଙ୍କୁ ଏବେ ଛାଡ଼ିଲେ
ତବାଛ ମହାର୍ଘ ଲାଭ, ପୁରୁଷ ବର
ଆଉ କଏ ବର ଗୋ ତବ
ଏ ଜଗତେ ଧରି ରୂପ ଗୁଣ ଗରବ ।" ୩୪
ଇନ୍ଦ୍ର ଅଗ୍ନି ପୁଣି ଯମ   ବରୁଣେ ଏ ବାଣୀ ସମ
ନଳେ ପୁଣି, ଜାଣି ବାଳା ଗଲେ ଚଳି
ଯଥା ବାଡବ ଅନଳେ   ସିନ୍ଧୁ ବେଣୀ କେବେ ଜଳେ
ତେସନ ସେ ଭୀମ-ଦୂତା ଉପରେ ଜଳି
ଗଲେ; ଯେଣୁ ଲାବଣ୍ୟ-ଭୂମି
ସେ ତରୁଣୀ ବର ଭୀମ-ରାଜ ନନ୍ଦିନୀ । ୩୫
ଭଇମୀରେ ଅଶା ଧରି   ଏସନେ ସେ ପକ୍ଷଗିରି
ଉଦ୍ଧନ୍ତେ, ସେ ବାଳାମଣି ପାରିଲେ ନାହିଁ
ପଞ୍ଚମ କୋଟି ଅଦତ,   ସତ୍ୟ ନଳେ ସ୍ଥିର କରି ;
ବିମତ-ଦର୍ଶନ-ମଠ ଥିଲେଟି ରହି ,
ସତ୍ୟତର-ଅଦ୍ୱୈତ-ମତେ
ସ୍ୱନେତ୍ର ଯେସନ ଲୋକ କରେ ଜଗତେ । ୩୬
ନଳଂକର ପରିଭବ   ପରେ ତ କଳ କରିବ
ଏ ଦ୍ୱାପର ସୁତନୁ ସେ ଭୈମୀରେ ଏବେ

GPNanda Colln., Digitized by srujanika@gmail.com

ଦଅଇ ବିଷମ-ପିନା   ଏତେ କଠୋର ଯାତନା ;
ଭୈମୀ-ନଳ-ପରିଣୟ କାହୁଁ ସହିବେ
ପିଶୁନ ସେ କଳି ଦ୍ୱାପର ?
ପ୍ରତିଷ୍ଠିତ ସତ୍ୟ ପର୍ ସେଁ ନାସ୍ତି ବର ! ୩୭
ମୋହ-କର୍ ଯା'ର ବାଣ ,   ମନ୍ମଥ ସେ ପଞ୍ଚବାଣ ,
ଭିନ୍ନ ଭିନ୍ନ କରି, ଏକା ବେଳକେ ପୁଣି ,
ପ୍ରତ୍ୟେକ ନଳେ ବାଳାର   ମାନସ କରି ଚଂଚଳ ,
ସତେ କି ସେ ନିଜ ବାଣ ସଂଖ୍ୟାରେ ଗଣି ,
ସଫଳ କରୁଥାଏ ତହିଁ
ପଞ୍ଚସଂଖ୍ୟା, ପଞ୍ଚନଳେ ସତେ କି ଗୃହିଁ ! ୩୮
ଏହି ବିଦର୍ଭ-ତରୁଣୀ   ରୂପେ ନଳାନୁରାଗିଣୀ
ନୁହେ, ସେଥିପାଇଁ ନଳ-ରୂପ ଅମରେ
ଧରିଲା, ସେ ପଞ୍ଚ ସତେ   ପୂର୍ବ ଜନ୍ମର ସୁକୃତେ
ଅନୁରାଗ ବହୁଣ ଅଛଇ ସେ ନଳେ ;
ଏହିପରି ପୂର୍ବ-ଜନମ-
କର୍ମ-ଫଳେ ଅନୁରାଗ ଲଭଇ ଜନ । ୩୯
ସୁନ୍ଦର-ମତି ସେ ବାଳା   ଗୁରୁ-କୁଟିଳ-କୁନ୍ତଳା
ଏବେ ମନେ ମନେ କଲା ସେ ହଂସ-ବୁରେ ;
ଯାହାଗିବେ ନଳ ଥରେ   ଜାଣିଥିଲା ହୃତ୍ୟ-କାଳେ ,
ଅମର-ଅଲକ୍ଷ୍ୟ ସେହି ଦିବ୍ୟ ମରାଳେ

GPNanda Colln., Digitized by srujanika@gmail.com

ଦେଖିଲେ ସେ, ପୁଚ୍ଛନ୍ତ୍ରୀ ଧରି,
'କିଏ ତହିଁ ସତ୍ୟନଳ' ଜାଣିବ ବୋଲି । ୪୦
ଏକେ ଏକେ ପାଞ୍ଚଜଣେ ଅଦରେ ଅନାଇ ଘନେ ,
ବହୁଦେଲେ ଭେଦ ତହିଁ ନ ଦେଖି ଭଲେ ,
କେତେ ଶଙ୍କା କରି ବାଳା, ମନେମନେ ହୁଏ ଭୋଳା ,
ମାନସ୍ଥ ସେ ଶଙ୍କା ପୁଣି ଶୃଣ୍ୱେ ନବାଁରେ ;
ଦୋସଜ୍ଞରେ ପଡ ଏସନେ ,
ଉନ୍ମାଦଗ୍ରୀ ପରି ଏବେ ବଚାରେ ମନେ । ୪୧
'ଅଙ୍ଗୁଳି ଯୋଗେ ନୟନ କଲେ କେବେ ସଂକୋଚନ ,
କିଂବା ତେଯନ କାରଣେ, ହୁଅଇ ଭ୍ରମ
ଦୁଇ ଚନ୍ଦ୍ର ବୋଲି ନରେ ; କମ୍ବା ଦର୍ପଣରେ କେବେ
ପ୍ରତିମା ଦେଖିଲେ, ଭ୍ରମ ହୁଅଇ ପୁଣ ;
ଏଥି କିଛି କାରଣ ନାହିଁ ;
କିପାଁ ତେବେ ପଞ୍ଚନଳ ଭ୍ରମ ହୁଅଇ ? ୪୨
କିଂବା ଭଜ ପରିହାସ, ବଳାଏ ସେହୁ ନରେଶ
କାମ୍ୟ-ବ୍ୟୂହ-ବିସ୍ତାର ଯେ କରନ୍ତି ମୋରେ ;
ବଞ୍ଚନ-ଚାତୁରୀ-ଭର ସେହୁ ନିଷଧ-ଈଶ୍ୱର ,
କେତେ ବଦ୍ୟା ଅବା ନାହିଁ ସେ ନରବରେ ?
ଭୁରଗର ଅଶସ୍ତ୍ର ସେ ତ
ଜାଣନ୍ତି; ଏଥିରେ ତାଙ୍କୁ କବା ଅଦ୍ଭୁତ ? ୪୩

GPNanda Colln., Digitized by srujanika@gmail.com

ଏଥୁ ପଛେ ଛଣେ ନଳ; ଅନ୍ୟତମ ସେ ଥିଲ ;
ତୃତୀୟଟି କାମ; ପୁଣି ଅପର ହୁଇ
ହୁଇଟି ଅଶ୍ୱିନୀ ସୁତ, କାନ୍ତି-ଶୋଭାରେ ଶଶୁଭ୍ର ;
ଏ ପାଶ୍ୱେ ମୋହର ନଳ ଭ୍ରମ ହୁଅଇ ;
କାନ୍ତିରେ ଝଲସେ ନୟନ ;
ସବୁଂ ଦେବେ କେଣୁ ନଳ ଦିଶଇ ପୁଣ । ୪୪
ପୂର୍ବେ ମୁଁ ବିରହ-ଖେଦ ନସହ, ଭଜି ବିଷାଦ ,
ସବୁଠାରେ ଦେଖୁଥିଲି ନଳ-ସ୍ୱରୂପ ;
ସେହି ଦଶା ବିରହର ଫେରି କି ଆସିଲା ମୋର ?
ଦେଖଇ ମୁଁ ଚଉଦିଗେ ପ୍ରାଣେଶ ନୃପ ;
ସତେ ସେହି ଦଶାର ବଳେ
ଏତେ ଦେଖୁଅଛି ମୁହିଁ ଅଳୀକ ନଳେ । ୪୫
ମୋହବଶେ ମୁ ଏଥିରେ ଅପଶଙ୍କା କିନା କରେ ;
ଶତକ୍ରତୁ ଆଦିଦେବେ କପଟ ବହି ,
କରନ୍ତି ଏହା ମୁକୁର; ନ ହେଲେ ଭାରତୀ-ଚିତ୍ର
କିପାଇଁ ଏମନ ନଳ-ଗାଥା ରଚଇ ,
ଯାହା ନଳେ ଲୁଚାଏ ଥରେ ,
ପୁଣି ଆନ ଭାବେ ପୃଚ୍ଛୁଛି ଅମରେ ? ୪୬
ମାନସ-ବନ୍ଧନେ ମମ ଏଥିତ ଏ ପାଞ୍ଚ ଜଣ ,
ତହିଁ ମମ ନାଥେ କିପାଁ ଦିଶଇ ନାହିଁ

GPNanda Colln., Digitized by srujanika@gmail.com

ମାନବ-ଚିତ୍ତ ସକଳ ? ଆହା, ଜାଣି ତୁମା ବିକଳ ,
ବହି-ମୁଖେ ଚିତ୍ତ ନ ଧରନ୍ତି କପାଇଁ ?
ରଜ-ହୀନ-ପଦ-ଶରୀର ,
ଯାହା ଦେଖି ବାରି ହେବ ସୁଖେ ଅମର । ୪୭
ଏ ଅମରେ ହୋଇ ଦୀନ, କରିବ ନଳ-ଯାଚନ
କପାଁ ଏବେ ? ଏତେକାଳ ପୂଜାରେ ମମ
ଦେଇତ ନାହାନ୍ତି ମୋତେ ପ୍ରାଣପ୍ରିୟ ସେ ଦୟିତେ ,
ଏବେ ତ ସହଜେ ସେହୁ କରୁଣା-ହୀନ !
ଏବେ ତାଙ୍କ ହୃଦ-ଗହ୍ୱର
କନ୍ଦର୍ପ-ଶୋଷଣ-ବାଣେ ଶୋଷିତ-ନୀର ! ୪୮
ନଳ ଜାତ ବର୍ଣ୍ଣ-ଶିଖି- ଲେଖା ଏବେ ଲଭ କର ,
ଗୁଣବନ୍ତ ହେ ଅମରେ, କପାଇଁ ତବ
ମୂର୍ଖ-ଅନ୍ଧକୂପେ ପଡ଼ି, ଗ୍ରନ୍ଥ ଯଥା ଯାଏ ସଡ଼ି ,
ତେସନକି ହେଉଅଛୁ ଦବ୍ୟ ବଇବ ?
ହୋଇଅଛୁ ବଳୀନ ସେନା
ପର ଉପକାରେ ତବ ବ୍ରତ-ଗରିମା ! ୪୯
ଲେଖି ଥାଆନ୍ତି ଈଶ୍ୱର ଲଲାଟ-ପଟ୍ଟେ ଯାହାର
ଯେସନ, ତେସନ ଫଳ ହୁଏ ତାହାର ;
ଅଯୋଗ୍ୟ ଲେଖିଲେ ବିଧି, ଯୋଗ୍ୟ ଅର୍ଥେ ଯତ୍ନ ତହିଁ
ବିଫଳ ହୁଅଇ, ଏହା ବଧି ବଗ୍ୟର ;

GPNanda Colln., Digitized by srujanika@gmail.com

ନ ଯୋଡଇ ତପନେ ପରା ,
ହିମେ ଯୋଡ଼ଯାଏ ଜଳେ ପଙ୍କଜ-ବାଳା ! ୫୦
ଅଭାଗ୍ୟ ଏଥି ମୋହର; ଯେବେହିଁ ମାଗିବ ନଳ
କଳପ-ପାଦପେ ସେହୁ ବଦାନ୍ୟ ବରେ ,
ହୁଏ ସତେ ମନେ ମୋର, ସଙ୍କୋଚ ଶାପେ ତାହାର
ଢଳରିଲ, ଯେହ୍ନେ ତା'ର ଅଙ୍ଗୁଳି କରେ ,
ମୋରେ ସେହ୍ନେ ହେବ ଏସନ
ବଦ୍ଧ-ମୁଷ୍ଟି , ଦାନେ ଯଥା ହୁଏ କୃପଣ । ୫୧
ଅବା ଏ ବରଣ-ମାଳେ ଅର୍ପିଣ ଦେବୀ-କରେ
କହିବ, 'ଦିଅ ଗୋ ନଳ-ଗଳାରେ ନେଇ';
ଫଳରେ ତ ହେବ, ତହିଁ ଦେବ-ଦ୍ୱେଷୀ ହେବେ ସେହି ,
ସେ କରମେ ହେବି ସିନା କାରଣ ମୁହିଁ !
ତୃଣ-ସମ-ଆତ୍ମ-କରମେ
ବନ୍ଧୁରତ୍ନ ହରାଇବି ସିନା ଚରମେ ! ୫୨
ଅବା ଏ ବରଣ ମାଳେ ଧର, ଦେଖାଇ ଅଗରେ ,
କହିବି, 'ହେ ଜାଅ ଯେହ୍ନେ ଯଥାର୍ଥ ନଳ,',
ତାଂକୁହି ମୋର ବରଣ; କରିବି ଏହା କେସନ,
ଅବଳା ମୁଁ, ଏହୁ ପୁଣି ସଭା ଭିତର !
ଶୁଣିଥିବେ ଜଗତ-ଜନ ,
ଲାଜ ଛଡ଼ି କେସନେ ମୁଁ କହିବି ପୁଣ ? ୫୩

GPNanda Colln., Digitized by srujanika@gmail.com

ନଳପରି ଏନ୍ତୁ ସରବେ ଦୃଶନ୍ତୁ ;
ତେବେ କିପାଁ ମନ ମୋର
ସୁଧା–ବୃଷ୍ଟି-ପରି ଲଭଇ ଅହ୍ଲାଦ ,
ଦେଖି ଏହୁ ଶେଷ ନଳ ;
ପ୍ରଥମେ ଚରମେ ଏକା ଶବ୍ଦ ଥାଏ
କନ୍ତୁ ଯଥା ଅନୁପ୍ରାସ
ଅଳଂକାର-ଶାସ୍ତ୍ର- ସଂଗତ-ବର୍ଣ୍ଣରେ
ଶୋଭେ କରଇ ବିଳାସ ! ୫୪
ଏସନ ମାନସେ ସଂଶୟର ଫଳେ
ସେହ୍ନୁ ଦମୟନ୍ତୀବାଳା
ନ ବାରି ନଷ୍ଟଯ୍ୟେ ସତ୍ୟନଳେ ଛଳେ ,
ବିଷାଦେ ବିକଳ ହେଲା ,
ପରିତାପେ ମୁଖ ଶୁଖି ସେ ବାଳାର ;
ଦିଶିଲା ସତେ ଯେସନ
ଖର ରବି–କରେ ଗ୍ଳନ ପଦ୍ମ ନବେ
ଦେଖାଏ ରୁଚ ମଳନ । ୫୫
କବିରାଜ-ବ୍ରଜ- ମୁକୁଟ-ଭୂଷଣ-
ହୀରକ ଶ୍ରୀହୀର ଜନକ କବି ;
ତନୟ ଶ୍ରୀହର୍ଷ କବୀନ୍ଦ୍ରପ୍ରବର ;
ଜନନୀ ତାହାଙ୍କ ମାମଲ୍ଲଦେବୀ ;

GPNanda Colln., Digitized by srujanika@gmail.com

ତାଂକ ବିରଚିତ ନଳୀୟ ଚରିତ
ଗୁରୁ ମହାକାବ୍ୟ; ତହିଁରେ ଶେଷ
ହେଲା ସ୍ୱାଦୁତର ରସ ଜଳନିଧି
ବିଖ୍ୟାତ ସରଗ ଏ ତ୍ରୟୋଦଶ ।

GPNanda Colln., Digitized by srujanika@gmail.com

ତ୍ରୟୋଦଶ ସର୍ଗର ଟୀକା

(ଅଙ୍କରୁ ଶ୍ଲୋକାଙ୍କ ବୁଝିବାକୁ ହେବ)

୩ — ଶର ସେନା ବଳିବ ଯାହାର । ବଳ ନାମା ରାକ୍ଷସକୁ ଇନ୍ଦ୍ର ମାରିଥିଲେ । ଗଣେଶ ଓ ବିଷ୍ଣୁ ଥିବାରୁ ଏହାଙ୍କ ସେନା ଅସୁରମାନଙ୍କର ମହାଭୟ ସଂଗ୍ରହ କରେ । ନଳପକ୍ଷେ — ବୀରସେନ ପୁତ୍ର । ରିପୁସେନା ଦଳନ । ହାତୀ ଦେହରୁ ଦାନ ବାରି, ମଦଜଳ ବାହାରି ଖୁବ୍ ସୁବାସ ହୁଏ ।

୪ — ଜ୍ୟୋତିରୂପ ତାଙ୍କର ବଳୀ ଅମର ବାହିନୀ ମୂଳ ବନ୍ଧୁ ଲବଯୁକ୍ତ ରଣରେ ଅର୍ଜିତ ; କଳାନିଧି, ଚନ୍ଦ୍ରମୁଖ, ହାରେ, ହରସମ୍ବନ୍ଧୀୟ ସେନାରେ; ମେଘରେ ଇନ୍ଦ୍ରଧନୁ ଯଥା ; ପ୍ରଭାମୟ ହୀରାମଣି, ସୂର୍ଯ୍ୟରେ ସୂର୍ଯ୍ୟହୋଇ; ସମିତ୍, ପୂର୍ବ ସେବାରେ ଯାତ୍ରା କଲାବେଳେ ସୁନ୍ଦର ଦିଶନ୍ତି ।

ନଳପକ୍ଷେ — ଜ୍ୟୋତିରୁ ବଳ ତାଙ୍କର ଚାମର ବାହୀନୀ ମୂଳ ବନ୍ଧୁଳ ଆଭରଣାର୍ଜିତ ହୋଇ ; ସମିତ୍, ସଭାସେବାରେ ; କଳାନିଧି, କଳାମଣି ଯୁତ ହାରରେ ସ୍ତନରେ ସପ୍ତବର୍ଣ୍ଣ ଇନ୍ଦ୍ରଧନୁ ପରି ଶୋଭା ଧାରଣ କରି ; ସେଥିରେ ସୂର୍ଯ୍ୟକାନ୍ତ ନାୟକ ଯେପରି ଯାତ୍ରା କଲାବେଳେ ସୁନ୍ଦର ଦିଶନ୍ତି ।

୫ — ଏ ଉଦଗ୍ର ବଳ, ଇନ୍ଦ୍ର; ମହା ଦର୍ପ ହରି, ଅଶ୍ୱ ; ଗଜ ଯା ଲାଗି ସଜେ, ସହଜରେ ରହନ୍ତି ; ପୁଣି ଅତି ଅତୁଳ କର୍କଶ ବିଗ୍ରହ, ଶରୀର ଯାହାର ; ଏପରି ଧରଣୀ ଭୃତେ, ପର୍ବତରେ ପକ୍ଷଚ୍ଛେଦ କରି; ବିପଦଜଳଧି ମଗ୍ନ ଜଗତକୁ ଉଦ୍ଧାରିଲେ ।

ନଳପକ୍ଷେ — ମହାଦର୍ପ ଅଶ୍ୱ ହସ୍ତୀ ଯା ପାଇଁ ସଜ୍ଜିତ ଥାଆନ୍ତି; ପୁଣି ଅତି ଅତୁଳ କର୍କଶ ବିଗ୍ରହ, ଯୁଦ୍ଧ ଯାହାଙ୍କର, ଏପରି ଧରଣୀଭୃତେ, ରାଜାଙ୍କୁ ପକ୍ଷଚ୍ଛେଦ କରି, ସହାୟହୀନ କରି ଏ ଉଦଗ୍ରବଳ ନଳ, ବିପଦ ଜଳଧି ମଗ୍ନ ଜଗତକୁ ଉଦ୍ଧାରିଲେ ।

GPNanda Colln., Digitized by srujanika@gmail.com

୮ – ସଂଗ୍ରାମେ, ଏହି ଧରଣୀଭୃତ, ପର୍ବତ ଚ୍ଛିନ୍ନ; ଏ ଅପର-ଅପାୟ (ବଜ୍ରର ଅପାୟ ନାହିଁ ଯାହାର) ଅଟନ୍ତି; ଏହି ବାସବ; ରଣରେ ମହାବାହୁ; ଏହାଙ୍କର ବାହନସ୍ୱନ, ବହନସ୍ୱନଦ୍ ଗୁପ୍ତ, ଲୁକ୍କାୟିତ ଦେଖ ।

ନଳପକ୍ଷେ – ଧରଣୀଭୃତ, ରାଜା ଛିନ୍ନ; ବ୍ୟପାୟ ଉଦ୍ୟମସ୍ଖଳତା ଏହାଙ୍କର ନାହିଁ; ଏ ମହାବାହୁ ଅଟନ୍ତି; ଏହାଙ୍କ ବରଣରେ ବାସ, ଅବଲଂବର; ଏହାଙ୍କର ବାହନସ୍ୱନ, ବହୁ ନାୟକଙ୍କ ଗୁପ୍ତ, ସୁରକ୍ଷିତ ଦେଖ ।

୯ – ବଳ ପ୍ରଭୃତି ଦୈତ୍ୟଙ୍କ ଦ୍ୱାରା ସମୃଦ୍ଧ ରାଜଶ୍ରୀ ଯାହାର, ତଥାପିଥ ଏହାଙ୍କର ବହୁ ଉପଭୋଗ ପ୍ରାଜ୍ୟ ପ୍ରଚୁର (ରାଜ୍ୟ, ବା) ଦେବ ଲେଖା; ସ୍ୱୟଂ କରଚରଣ ଧରନ୍ତି; ହେ ମର୍ତ୍ତ୍ୟ ଦେବ ସ୍ୱର୍ଗପାଥ ।

ନଳପକ୍ଷେ – ଚତୁର୍ବିଧ ବଳ ମାନଙ୍କ ଦ୍ୱାରା ସମୃଦ୍ଧ-ରାଜ୍ୟ, ପୁଣି ବହୁ ଉପଭୋଗ ପ୍ରଚୁର ଦେବ ଲେଖା, ବିଧି ଦତ୍ତ କରପଦର ଲକ୍ଷଣ ଯୁକ୍ତ ଲେଖା, ଏହାଙ୍କ କରଚରଣ ଧରନ୍ତି; ଶଚୀ ଇନ୍ଦ୍ରଙ୍କୁ ଭଜିଲା ପରି ଏହାଙ୍କୁ ସ୍ୱରଗେ ଭଜ । ମର୍ତ୍ତ୍ୟରେ ଦେବ ପୁଲର ସ୍ୱର୍ଗ ପାଥ ।

୧୦ – ପ୍ରତାପ ବିଧି, ବିଶେଷରେ ତାପର ସ୍ଥାନ; ଅଗ୍ନିର ଊର୍ଦ୍ଧଗ ଶିଖା; ବୈଶ୍ୱାନର ନାମରେ ବିଶ୍ୱନର ଶବ୍ଦ ଗୁପ୍ତ; ଧନଞ୍ଜୟ ନାମ ଥିବାରୁ ଅତୁଳନୀୟ; ଶୁଚି ଅଗ୍ନିର ନାମ; ଅଗ୍ନିରୁ ସୁବର୍ଣ୍ଣ ମିଳିବା ବୈଦିକୀ କଥା ।

ନଳପକ୍ଷେ – ପ୍ରତାପ ସ୍ଥାନ; ଉଦୟଶୀଳ; ଏହାଙ୍କ ନାମ ମାନରେ ବଶ୍ୱନର ଗୁପ୍ତ, ପାଳିତ; ଧନଞ୍ଜୟ ନାମ ବହୁ ମଧ୍ୟ ଧନରେ ଏହାଙ୍କ ସମାନ ନୁହେ; ଶୁଚି, ଧର୍ମନିଷ୍ଠ; ବହୁ ସୁବର୍ଣ୍ଣ ଧନଶାଳୀ ।

୧୧ – ହେତି, ଅଗ୍ନିଶିଖା; ପାର୍ଥିବ ଦ୍ରବ୍ୟର ଅଧିକରଣ, ତୃଣ କାଷ୍ଠାଦି; ସେଥିରୁ ଜାତ ଭସ୍ମରେ ମହାଦେବଙ୍କର ବରୁଧ ଲେପ ହୁଏ ।

ନଳପକ୍ଷେ – ହେତି, ଅସ୍ତ୍ର; ପାର୍ଥିବର ଅଧିକରଣ, ରାଜାଙ୍କର ଦ୍ରବ୍ୟ; ସେ ବିଭବ ଦ୍ୱାରା ତପସ୍ୱୀ ହେଲେହେଁ ମହାଦେବଙ୍କ ବିରୁଦ୍ଧର ଅବଲେପ, ଅହଂକାର, ସ୍ପର୍ଦ୍ଧା ସାଧିତ ହୁଏ ।

୧୨ – ବହିର୍ଥ, ଦେବତା; ଦେବତାମାନେ ଅଗ୍ନିମୁଖ; ଏଠାରେ ଇନ୍ଦ୍ର ଯମଙ୍କ

GPNanda Colln., Digitized by srujanika@gmail.com

ମଧ୍ୟରେ ଥିବାରୁ, ବଳେ ମାଧ୍ୟସ୍ଥ୍ୟ: ଦଣ୍ଡ, ଯାହା ସହିତ କୋଦଣ୍ଡ ଅଛି । ଏହାଙ୍କ କିରଣ ଶୋଭା; ମହସ୍ୱୀ, ତେଜସ୍ୱୀ, ଉଚ୍ଛ୍ରିତ, ଉର୍ଦ୍ଧ୍ୱଶିଖାବାନ ।

ନଳପକ୍ଷେ— ବିବୁଧ, ପଣ୍ଡିତ ; ମୃଣ୍ଟ, ଶ୍ରେଷ୍ଠ; ମାଧ୍ୟସ୍ଥ୍ୟ, ନ୍ୟାୟନିଷ୍ଠତା, ନିରପେକ୍ଷତା ଇନ୍ଦ୍ର ଯମଙ୍କଠାରୁ ଅଧିକ ; ସଦା ଅନୁଶୋଚିତ, ଅତଃ ଅତି, କର ଶୋଭା, ଉଚ୍ଛ୍ରିତ, ସଂମାନିତ; କନ୍ୟାର ପତିମୁଖରୁ ସାମୁଦ୍ରିକ ଲକ୍ଷଣ ।

୧୩ —ଜାଲେ କାଷ୍ଠାଦରେ ଏହାଙ୍କର ଅଳ୍ପ ପ୍ରଭାବ, ତେଜ ନୁହେ ; ଏହି ମହାବୀପ୍ରିମନ୍ତ-ଗୁଣ-ପ୍ରକଟ ; ନମିଥ୍, କାଷ୍ଠ ମଧ୍ୟରେ ଘୃଣ ଏହାଙ୍କର ଶତ୍ରୁ ; ଜଳରେ କେବେ ପରାଭବ ଲଭିବେ ; ଦର୍ପରେ ଉଠିଲାବେଳେ ଅଉ କାହାର ରୋଧ କରିବାର ଶକ୍ତି ନାହିଁ ।

ନଳପକ୍ଷେ— ଅଳ୍ପ ପ୍ରଭାବବନ୍ତ ମାନଙ୍କ ଠାରେ ଏହାଙ୍କର ମହାବୀପ୍ରିମନ୍ତ ଗୁଣ ବହି ପ୍ରକଟ ନୁହେ (ବେଖାଇ ଦିଅରେ); ସନିର୍, ଯୁଦ୍ଧ ମଧ୍ୟରେ ରିପୁ ଘୃଣ ପରି ଜଳେ ; ଏ କାହିଁ ପରାଭବ ଲଭିବେ ? ଆଉ ଯେବେ ଏହାଂଙ୍କର ଦର୍ପେ ଉଠନ୍ତି, ତେବେ ଅଉ ବିରୋଧରେ କାହାର ସାମର୍ଥ୍ୟ ନାହିଁ ।

୧୪ —ପଂକପାତ, ଅଧର୍ମପାତ; ଭୁକ୍ଭଦେ, ଭୋଟଭଦେ; ସେଥିରେ ସମସ୍ତେ ମରନ୍ତି ।

ନଳପକ୍ଷେ— ଦଣ୍ଡ, ରାଜଦଣ୍ଡ; ଭୁକ୍ଭଦେ, ଭୂତ, କାନ୍ତିଭଦେ ସ୍ୱର୍ଗବୈଦ୍ୟ ଅଶ୍ୱିନୀକୁମାରଂଙ୍କ ଦମ୍ଭହତ; ସେ ଦମ୍ଭ କରିବାକୁ ଅଉ ଅମର, ଦେବତା କେହି ଅଛି କି ?

୧୫— ମିତ୍ର ପ୍ରିୟା, ସୂର୍ଯ୍ୟପତ୍ନୀ, ସଞ୍ଜ୍ଞା, ଏହାଂଙ୍କ ଉତ୍ପାଦକ ପ୍ରତି ହେବୁ ବୋଲି ଶୁଣାଅଛି ; ଛାୟା (ଉତ୍ପାଦକ ହେଉ) ବୋଲି ଶୁଣା ନାହିଁ ; ଏ କାହାରି ସଦା ପୂଜିତ ନୁହେ ; ଏହି ଯମ, ନନ୍ଦନରେ ବୃକ୍ଷ ପାଇଁ ତପସ୍ୟା କରି ଅଛନ୍ତି ।

GPNanda Colln., Digitized by srujanika@gmail.com

ନଳପକ୍ଷେ—ତ୍ରିଲୋକଙ୍କୁ ମିତ୍ର, ପ୍ରିୟ କରିବାରେ ଏହାଙ୍କସଙ୍ଗ, ନାମହେତୁ ବୋଲି ଶୁଣାଅଛି । ଏହାଙ୍କ ଛାୟା, କାନ୍ତି କାହିଁ ଶୁଣା ନାହିଁ ; ଏ କାହାର ସଦା ଅସୁନ୍ଦର ନୁହନ୍ତି ; ଏହି କେତେ ଯମ ନିୟମେ ଭୂମି ପାଇଁ ତପସ୍ୟା କରୁଛନ୍ତି ।

୧୮—ସୂର୍ଯ୍ୟ ଏହାଙ୍କ ପିତା ; ଏହାଙ୍କ ଉତ୍କ୍ରାନ୍ତତା, ମରଣଦା ଶକ୍ତି ସମସ୍ତଙ୍କୁ ଭୈରବ କରେ ; ଗଦାଳ ରୋଗମାନେ ; କୃଷ୍ଣ, କାଳ ।

ନଳପକ୍ଷେ—ଯଶସ୍ୱୀ ରାଜାମାନଙ୍କର ତେଜ, ସୂର୍ଯ୍ୟଠାରୁ ତେଜସ୍ୱୀ କାରଣେ ଏହାଙ୍କ ପ୍ରଭା; ଗଦାଳ, ଗଦାପ୍ରଭୃତି ଶସ୍ତ୍ର ପ୍ରୟୋଗରେ ଏ କୃଷ୍ଣଙ୍କ ପରି ।

୧୯—ପରେତ-ଶବ୍ଦ, ଯମ; ଜୀବେଶ, ଯମ; ଦସ୍ର, ଅଶ୍ୱିନୀକୁମାର ମଧ୍ୟ ସଙ୍କୋପନ ରାଗରେ, କ୍ରୋଧରେ ଅଶ୍ରୁର ଏହି କାଳଙ୍କୁ ଅନା ।

ନଳପକ୍ଷେ—ପର,ଶତ୍ରୁ ; ଇତର, ଅନ୍ୟେ; ଜୀବେଶ, ପ୍ରାଣେଶ୍ୱର; ଏ ରୂପରେ ଦସ୍ରଙ୍କପରି; ରାଗରେ, ଅନୁରାଗରେ ଶୁଭକାଳେ; ଏହାଙ୍କୁ ଅନାଅ ।

୨୦—ବହୁତର ଜଳଚରରେ ଏହାଙ୍କ ସେନାସେଵି ଯାଦୋରଣେ, ଜଳଜନ୍ତୁ ଯୁଦ୍ଧେ, ସଙ୍ଗତୋନ୍ମୁଖେ ପ୍ରକାଶଇ ; ଅନେକ ବଦାରକାଯ୍ୟ, ସର୍ବନାଶକର ଦେହ, ହୋଇ, ଯମ୍ବ।, ପ୍ରତିବିମ୍ବ ଧରଇ; ପରରୋଧ, ପରତୀର; ସେହି ସଲିଳେ ନାହା, ସେହି ଜଳର ନାଥ ।

ନଳପକ୍ଷେ—ବହୁ ତରବାରି, ଖଡ୍ଗ ନିଧି ଏହାଙ୍କ ସେନାସିଦ୍ଧି ; ଯାଦୋରଣେ, ବାହୁଯୁଦ୍ଧେ ପ୍ରକାଶଇ; ଅନେକ ବଦାର କାୟା ହୋଇ ଛାୟା, କାନ୍ତି ଧରଇ ; ପର, ଶତ୍ରୁ ; ରୋଧ, ଅବରୋଧ; ସେହି ଏହି ନାହା, ନାଥଙ୍କୁ ସଲିଳେ, ଲୀଳା ସହିତ, ଗ୍ରହି ।

୨୧—ଏହାଙ୍କର ବହୁ କୁମ୍ଭୀର , ଦାନବାରି ବିଷ୍ଣୁ ଏଥିରେ ଥାନ୍ତି ; ଏମାନେ ଏହାଙ୍କ ନାସୀର, ସେନାମୁଖରେ ଧ୍ୱନ ବିସ୍ତାର କରନ୍ତି ; ଭହଭତ

GPNanda Colln., Digitized by srujanika@gmail.com

ପଦ୍ମା, ଲକ୍ଷ୍ମୀ, ଯେଉଁ କାନନରୁ, ତାକୁ ଧରି ; ରତ୍ନାଦରୂପ ଅଳଂକାରରେ ଭର ; ନଦୀନ, ନଦୀନାଥ ; ରତ୍ନାକର, ସାଗର ।

ନଳପକ୍ଷେ– ଦାନବାରି, ମଦଜଳ ସହିତ, ଏହାଂକର ବହୁ କମ୍ପା, ହସ୍ତିର କାସୀରସୀମାରେ ଦନ୍ତ ବିସ୍ତାର କରି ; ଶୁଣ୍ଡରେ ପଦ୍ମମାନ ଧରି ରତ୍ନାଳଂକାରରେ ଭୂଷିତ ହୋଇ ; ଏହାଂକୁ ସାନ ନ କଣ ; ରତ୍ନାକର, ରତ୍ନପୂର୍ଣ୍ଣ ।

୧୪ – ପ୍ରତ୍ୟେକ କୂଳରେ ପତିବାରେ ସ୍ୟନ୍ଦନେ, ନର୍ଝରରେ; କେଉଁ ବାହିନୀ, ନଦୀ, ପ୍ରବହଣେ, ଅତି ବେଗରେ ଏହାଙ୍କ ଯଶ ନ ଘୋଷେ ? ସେ ବାହିନୀ କର୍କ, କଳକଳ୍ଲ ବଶେଷ, ଶତ ଦାସ ଅଙ୍ଗିତା; ପୁଣି ଉହୁଁ ସୁନ୍ଦର ସିକତା, ବାଲି ।

ନଳ ପକ୍ଷେ –ପ୍ରତିକୂଳ, ବପକ୍ଷ ପାତନରେ, ସ୍ୟନ୍ଦନେ, ରଥରେ, ପ୍ରବହଣେ, ସୁନ୍ଦର ବାହନରେ, କେଉଁ ବାହିନୀ, ସେନା, ଏହାଙ୍କ ଯଶ; ନ ଘୋଷେ ? ସେ ବାହିନୀ ଶତ କର୍କ, ଶ୍ୱେତାଶ୍ୱ ଦ୍ୱାରା ଅଙ୍କିତ; କମ୍ପା କଠୋରତ ଶ୍ରିତା; ଯେଉଁଥିରେ ପୁଣି ମହା ଖଡ୍‌ଗଧାରୀମାନେ ଅଛନ୍ତି ।

୧୫ – ଗୁଣେ, ଗୌଣତ୍ୱରେ ଏହାଙ୍କ ପାଦତଳେ ଶୋଣ ନଦୀ; ସରସ୍ୱତୀ ନଦୀ ଏହାଂକ ସେବା କରନ୍ତି; ଭୁବନ, ଜଳ; କମଳାଶୟ, ଜଳନିଧି, ଏହାଂକ ଠାରେ; କ୍ଷମା, ପୃଥିବୀ ।

ନଳ ପକ୍ଷେ – ଶୋଣେଗୁଣ, ରକ୍ତିମା; ସରସ୍ୱତୀ, ବିଦ୍ୟାଦେବୀ କମଳାଶୟେ, ଧନ ଇଚ୍ଛାରେ; କ୍ଷମା, ସହନ-ଶୀଳତା ।

୧୮ – ଅଜ, ସୁବ; ଭୂତପତ, କାକ୍ରମନ୍ତ ।

ଇନ୍ଦ୍ର ପକ୍ଷେ – ଅଚ୍ୟାଜ, ଅତି ସଂଗ୍ରାମଶୀଳ; ବଜସ୍ୱ, ଅର୍ଜ୍ଜୁନ; ମହୀ, ଉତ୍ସବବାନ୍; ପ୍ରତ୍ୟର୍ଥୀ, ପ୍ରତିଦ୍ୱନ୍ଦୀ, ଦାନବ ଶତର ଅଦ୍ଭୁତ ଚେଷ୍ଟାର ବିଧାତା, ଗଜେନ୍ଦ୍ର ବାହନ; ଭୂତ, ତେଜଃ ।

୧୯ – ସୁବର୍ଦ୍ଧ-ସନ୍ଧ୍ୟା-ଅବଶେଷ, ଦେବ ନନ୍ଦିତ୍ୱ ଧର୍ମ ମାର୍ଗରେ ସତ୍ୟାଭିଷେକ; ତେଜ, ପ୍ରତାପ; ଅବର୍ଜ୍ଜନା, ଅଙ୍ଗୀକାର, ଲଙ୍ଘପତ୍ରିବା; ମହା-ନଳ ।

GPNanda Colln., Digitized by srujanika@gmail.com

ଅଗ୍ନି ପକ୍ଷେ— ସ୍ୱଦ୍ଧିର, ଦେବ-ଶଙ୍କ; ଅନ୍ୟ, କୃତ; ଅଦ୍ଧଶେଷ- ଅଦ୍ଭୁତ; ତେଜ, ଜ୍ୟୋତ; ମହା ଅନଳ ।

୩୦ — ଚନ୍ଦ୍ରିମା ରଣ-ବଧ-ବ୍ୟସନେ ଯାହାଙ୍କ ମିତ୍ତି; ଅଣା, ଅରପ୍ରାପ୍ତ; ଦକ୍ଷିଣ, ସରଳ; ଧର୍ମବିକେ, ଧର୍ମାଧିକାରୀଙ୍କ; ନଳେ ଅନାଥ ।

ଯମ ପକ୍ଷେ— ହେ ଚଣ୍ଡି, ହେ ପନେ; ମାରଣ-ବିଧି-ବ୍ୟସନେ; ଅଣା, ଭଗ; ଦକ୍ଷିଣ ଯମଂକ ଦଗ; ଅ-ନଳେ ଧର୍ମରାଜେ ଥନା ।

୩୧ — ମହାଶସ୍ତ୍ର,· ଭଲତ ଅରପ୍ରାପ୍ତ, ତବ ପାଣି ପୀଡନ-ବିଧିରେ ଅନପାଣ (ନ ଅପ-ଅଣାଯୁକ୍ତ), ସଫଳ ହେବ; ଭୁବନ, ଜଗତ୍ ।

ବରୁଣ ପକ୍ଷେ – ଶସ୍ତ୍ର, ହାତ; ଅନପାଶ, ପାଶରହିତ; ଭୁବନ, ଜଳ; ଜନ, (ଏଠାରେ) ନଳକନ୍ଧୁ ।

୩୪ — ଏହାର ମୂଳଶ୍ଳୋକ ମଧ୍ୟ ବଡ଼ ଝଣାଝଟିରେ ପାଞ୍ଚ ଅର୍ଥ ହୋଇଥାଏ । ଅନୁବାଦରେ ବରଂ ସରଳ କରା ହୋଇଛି ।

ନଳ ପକ୍ଷେ – ତେଁ, ଛନ; ଦେବ, କ୍ରୀଡାଶୀଳ; ନା, ନର; ତବ- ଅତି-ମହାନ୍ ଅଲାଭ ।

ଇନ୍ଦ୍ର ପକ୍ଷେ— ନୈଁତ, ନ ଏଷ (ଏ ନୁହେଁ) ; ଯସ୍ୱ କଦେର ପଦ; ଅତଏବ ସ୍ୱର୍ଗପତ; 'ଏ ନାନଳ', ଏ ନଳ ନୁହନ୍ତି; ଅତି ମହାନଳାଭ, ସଂପୂର୍ଣ୍ଣ ନଳପର ।

ଅଗ୍ନି ପକ୍ଷେ – ଧରା, ପବନ (ପନ୍ର) ଅଜ, ଛଗରେ ଗତି ଯାହାର; ଏଷ ନ, ଏ ନୁହେ ନ ଜାଣ୍, ଅର୍ଥାତ୍ ଏ ସେହି । ପରେ ଇନ୍ଦ୍ରପକ୍ଷପର ।

ଯମ ପକ୍ଷେ – ଧରା, ପଦବକୁ ଯେ ଟିଙ୍କେ, ଶୁରାଦ୍ଦରେ ପିଣ୍ଡ, ସେ ଧର୍ମାଜ, ମହୃଷ । ପରେ ଅଗ୍ନିପକ୍ଷ ପର ।

ବରୁଣ ପକ୍ଷେ– ଧରା ଜଗତରେ ପତି ଏ ନୁହନ୍ତି, ଅର୍ଥାତ୍, ଜଳ ଜଗତ୍‌ର ପତି । ପବେ ଇନ୍ଦ୍ରାଦ ପକ୍ଷପର ।

୩୭— କଳ, କଳଯୁଗ; ଦ୍ୱାପର, ଦ୍ୱିପରଭା, 'ଏ କ ସେ ?'; ସନ୍ଦେହ, ସଙ୍ଗ- ତ୍ୱରେ । ଦ୍ୱାପର ଓ ସନ୍ଦେହରେ ଦ୍ୱ୍ୟର୍ଥ ଶ୍ଳେଷ ।

GPNanda Colln., Digitized by srujanika@gmail.com

ଚତୁର୍ଦ୍ଦଶ ସର୍ଗ

ତହୁଁ ନିଷଧ ନାଥେ ଲଭିବା ପାଇଁ ,
ଦେବ ପ୍ରସାଦେ ଯତ୍ନ କଲେ ସୁମୂର୍ତ୍ତୀ ;
ସୁରଭି ଦେବେ, ଦେବେ ପୁଣି ମାନବେ
କାମଧେନୁ ବିଧାତା-ସର୍ଗେ ସେ ଭବେ ।   ୧
ମାନବେ, ଦେବେ କଳ୍ପଦ୍ରୁମ ସମାନ
କରନ୍ତି ପ୍ରିୟ ମୃଷ୍ଟ ଇଷ୍ଟ ପ୍ରଦାନ ;
ସେ ବୃକ୍ଷେ ପ୍ରଦକ୍ଷିଣହିଁ ଆଲବାଳ ,
ବିଲେପ-ଧୂପେ ନରେ ସିଞ୍ଚନ୍ତି ଜଳ ।   ୨
ନାମ ଉଚ୍ଚାର, ଭୈମୀ ଭକ୍ତି ଭରେ
କଲା ପ୍ରଣାମ ଦେବଗଣେ ଆଦରେ ;
କେବଳ ନମସ୍କାର ଦେବତା ଗଣେ
କରେ ସର୍ବାର୍ଥ-ସିଦ୍ଧି ବିଶ୍ୱାସୀ ଜନେ ।   ୩
ନିଜ ହୃଦୟେ ଯେଣୁ ଭାବନା ବଳେ
ପ୍ରତ୍ୟକ୍ଷ କଲା ସର୍ବବ୍ୟାପୀ ଅମରେ ;
ଅଭୀଷ୍ଟ ସିଦ୍ଧିରହିଁ ହେଲା ତା ମୂଳ ,
ହେଲେ ପ୍ରତ୍ୟକ୍ଷ ଦେବେ ଦିଅନ୍ତି ବର ।   ୪

GPNanda Colln., Digitized by srujanika@gmail.com

ସନ୍ଧ୍ୟାଜନ୍ମ ଦେଖନ୍ତୁ ହୋଇ ବିସ୍ମିତ ,
ସନ୍ଧ୍ୟାଜନ ତାଙ୍କର କଲା ବନ୍ଦନ
ସ୍ୱମନାବର; ପୁଣି ଦେବ ସୁମନ ,
ହୁଅନ୍ତୁ ହୃଷ୍ଟ ଲଭି ପୂଜା ଏସନ । ୫
ବୈଶଦେବ୍ୟ ପ୍ରିୟ: ମୃଦୁସ୍ୱରେ ସୁନ୍ଦର ,
ଯାଞ୍ଚ-ଜାନ-ଆମୋଦ-ପ୍ରଦ ମଧୁର ,
ଗୀତ ଅନ୍ୱିତ ଷଟ୍ପଦ, ସେ ନବେ
ସ୍ତବ-ସ୍ତବକେ ବାଳା ପୂଜିଲା ଦେବେ । ୬
ହୃତ୍ପଦ୍ମ-ସଦ୍ମେ ଧରି ବୁଦ୍ଧିରେ ବାଳା
ଏକତାନ ମାନସେ ଦେବେ ଭଜନ୍ତି ;
ସ୍ୱପକ୍ଷାଣଙ୍କ ସ୍ପୃଷ୍ଟ ଭାବନା ଯିନା
ଧରେ କାରଣ ସମ ଫଳ ଭାବନା ! ୭
ସ୍ୱଜ୍ଞେ ତୁଷ୍ଟ ସେହୁ ଶ୍ରୀ ଅମରେ ,
ହେଲେ ପ୍ରସନ୍ନ ଦମୟନ୍ତୀ-ଭକ୍ତିରେ ;
ନଳବାକ୍ୟ ରଚିଲେ ନଳେ ଅନଳ ,
ହୁଅଇ ପ୍ରୟୋଜନ ନକ ଫୁତ୍କାର ! ୮
ଲଭି ଦେବ ପ୍ରସାଦ, ବୈଦର୍ଭୀ ସତୀ
ବୁଝି ପାରିଲେ ବାଣୀ-ଶ୍ଳେଷ-ଉକତି ;
ଦଅନ୍ତୁ ନ ହୁଁ ଆନ ହୋଇ ପ୍ରସନ୍ନ
ଦେବେ, କରନ୍ତୁ ସାଧୁ-ବୁଦ୍ଧି-ପ୍ରଦାନ । ୯

GPNanda Colln., Digitized by srujanika@gmail.com

ଯଥାର୍ଥ ନଳପ୍ରତି ଯେ ଗାଥାମାନ ,
ଯେଉଁ ଯେଉଁ ଅମରେ ହୁଏ ସମାନ ,
ନଳ ବିନା ଅନ୍ୟତ ତା' ଅସଙ୍ଗତ ,
ଏବେ ବୁଝିଲେ ସତ୍ୟ ନଳେ ତା' ସତ୍ୟ । ୧୦
ଏକୈକ ବୃତ୍ତେ ଗାଥା ପ୍ରତି ଅମରେ ,
ଏକୈକ ଅଂଶାପରି ଲକ୍ଷଣ ଥିଲେ ;
ଏବେ ସରବେ ମିଳି ହେଲେ ସଙ୍ଗତ ,
ସର୍ବାଂଶାବଶ ନଳ ରାଜାଙ୍କ ଗତ । ୧୧
ଇନ୍ଦ୍ର ବରୁଣ ଯମ ଅଗ୍ନିରେ ଯାହା
ଭାଷିଲେ ବାଣୀ, ବାଳା ଜାଣିଲେ ତାହା
ସବୁ ମିଳି ନଳଙ୍କ ବର୍ଣ୍ଣନ, ପୁଣି
ନଳ ବିଶେଷ ଭାବ ଥିଲା ବଖାଣି । ୧୨
ପଞ୍ଚମ ନଇଷଧ କରି ନିର୍ଣ୍ଣୟ ,
ଆନନ୍ଦେ ପରିପୂର୍ଣ୍ଣ ହେଲା ହୃଦୟ ;
ଦେବୀ ବଚନ ଭଙ୍ଗୀ ଭାବନା କରି ,
ଭାଷିଲେ ଏହା, ଚନ୍ଦ୍ରା ସିନ୍ଧୁରେ ବୁଡ଼ି :— ୧୩
" ଅପୂର୍ବ ସିନା ତାଙ୍କ ବାକ୍ୟ-ଚାତୁରୀ ,
ଯେଣୁ ଭାରତୀ 'ଛନ୍ଦ ମୂରତି ଧରି ;
ଶ୍ଳେଷେ ଆଦରି ଇନ୍ଦ୍ର ଆଦି ଅମରେ ,
ବଶେଷେ ଚହ୍ନାଇଲେ ନୈଷଧେ ମୋରେ । ୧୪

GPNanda Colln., Digitized by srujanika@gmail.com

‘ଚିହ୍ନାଇବାକୁ ନଳେ ଦୟା କାରିଣୀ
ଚତୁର ବାକ୍ୟ ସ୍ରଜ ଗୁଞ୍ଜିଲେ ବାଣୀ ;
ବେନି ଚନ୍ଦ୍ରଂ ସକ୍ଷମ ନଳ ପ୍ରକାଶେ ,
ମୋହ ପିନା ମୋହର ଏହା ବିଶେଷେ । ୧୫
ଭାରତୀ ବଚନେ ଯେ ଶ୍ଳେଷ ରଚନା ,
କବିତ୍ୱ-ଶକ୍ତିର ସେ ବିଳାସ ପିନା !
ଥିଲେହେଁ ଭେଦ ଦେବେ, ଭୂପାଳ-ଲୀଳା
ଧରି ତାଙ୍କର ରୂପ କରନ୍ତି ଖେଳା । ୧୬
ନିର୍ଦ୍ଦେଶି କ୍ରମେ କ୍ରମେ ଅମରଗଣ ,
କଲେ କିପାଇଁ ଦେବୀ ତା ପ୍ରତ୍ୟାଖ୍ୟାନ ?
ପ୍ରେରିଲେ ମୋତେ କିପାଁ ନୃପତି ନଳେ ?
ଅହା କି ସୂକ୍ତି ତାଙ୍କ, କି ମୋହ ମୋରେ !” ॥
ପର-ବନିତା କ୍ଷଣେ ନିସ୍ପୃହ ଦେବେ
ଛୁଇଁ ନ ଥିଲେ ପାଦେ ଧରଣୀ ଲବେ !
ଏବେ ଭକ୍ତିରେ ସ୍ୱାମୀ-ନଳ-ଚରଣ
ଧାରଣ କରେ ପୃଥ୍ୱୀ, କଲେ ଦର୍ଶନ । ୧୮
ନ ଦେଖିଲେ ନିମେଷ, ଦେବ ଅନନେ ,
ଦେଖିଲେ ସମ୍ମୁଖେ ତା’ ନଳ ରାଜନେ ;
‘ ଅପି ହ୍ରସ୍ୱ ମିଳିତ ନଳ ସଙ୍ଗତେ’ ,
ବେଳଣ ତାଙ୍କ କହୁଥିଲେ କି ସତେ ! ୧୯

GPNanda Colln., Digitized by srujanika@gmail.com

ନ ଦେଖିଲେ ଧରଣୀ-ରଜ ବିବୁଧେ ;
ଦେଖିଲେ ଦମୟନ୍ତୀ ତାହା ନୈଷଧେ ;
ଅଲଙ୍ଘିବାରୁ ମନ୍ତ୍ରୀ ନୃପତି ନଳେ ,
ଲାଗିଛି ଧୂଳି ସିନା ଆଶ୍ଳେଷ ଫଳେ ! ୨୦
ବିରହ-ତାପ-ନାଶେ ସଲିଳସମ
ବହୁଥିଲା ସେ ଦେହେ ସ୍ୱେଦର କଣ ;
ଶୁଭ୍ର କାଞ୍ଚନେ ହୀରା ଅଙ୍କୁର ପରି ,
ଦେଖିଲେ ନଳେ କେବଳ ତା' ସୁନଶୀ । ୨୧
ଦେଖିଲେ ବାଳା ମାଳା ଅମ୍ଳାନ ସୁରେ ,
ମଳିନ ପୁଣି ତାହା ହୋଇଛି ନଳେ ;
'ଲଭି ଭଇମୀ, ସ୍ନେହ ତୁଟିବ ମୋରେ' ,
ଭାବି ଅବା ମଳିନ ମାଳା ଚିନ୍ତାରେ । ୨୨
'ନୁହନ୍ତି ଦେବେ ସରି ସୁନ୍ଦର ପଣେ ,
ନାହିଁ ତାଙ୍କର ଛାୟା ଅମର ଗଣେ' ;
ଚିହ୍ନାଏ ନଳେ ଛାୟା ଭାଷି ଏସନ !
ଦେଖି ଚିହ୍ନିଲେ ଦମୟନ୍ତୀ ସୁଜନ । ୨୩
ପ୍ରଥମ-ଉପଜାତ-ନଳ-ପ୍ରତ୍ୟୟ
ଏହ ସକଳ ଚିହ୍ନେ ହୋଇଲା ଥୟ ;
ଲକ୍ଷଣ-ଅଭିବ୍ୟକ୍ତି ଯୋଗୁଁ ଏସନେ
ଦେବ-ପ୍ରସାଦ-ଲବ୍ଧ ମଣିଲେ ମନେ । ୨୪

GPNanda Colln., Digitized by srujanika@gmail.com

ନଳେ ବରିବା ପାଇଁ ବରଣ-ମାଳେ
ପ୍ରେରିଲା କାମ ଭଇମୀରେ ଚଞ୍ଚଳେ ;
ବାଢ଼ିଲା ଲଜ୍ଜା ଗତି-ପଥ ତାହାର ;
ସଙ୍କଟେ ଭୈମୀ ମନ ହେଲା ଆକୁଳ । ୧୫

କରାଇବାକୁ ମାନେ ନଳ ରାଜନ
ଅଲିଙ୍ଗନ, କରିଲେ ବହୁ ଯତନ ;
ସ୍ତମ୍ଭ ଓ କଂପ ଯୋଗେ କରେ ତାଙ୍କର
ନୋହିଲା ଅଲପେହେଁ ସେହୁ ବ୍ୟାପାର । ୧୬

ମନାକ୍ଷ ମନୋଭବ ଦୋଳା-ବିଳାସ
ରଚିଲେ ହୃଦ ସିଂହାସନେ ବିଶେଷ ;
ଏଣାଙ୍କ-କୁଳ ଛବି ତହିଁ, ଶୃଙ୍ଗାର
ଆଦରି ରାଜ-ଶିରୀ, କ ମନୋହର । ୧୭

ବରଣ-ମାଳକାରେ କର ସଙ୍କିତ ,
ପ୍ରିୟ-ଉନ୍ମୁଖୀ ହୋଇ ହେଲା ବିରତ ;
ନଳ-ଆନନ-ଅର୍ଦ୍ଧ-ପଥେ ଗମନ
କରି, ଫେରିଲା ଚଳ କଟାକ୍ଷ ପୁଣ । ୧୮

ଗମିଲା ଚିତ୍ତ ନଳେ ଲଭିବା ପାଇଁ ,
ନୟନ କିନ୍ତୁ ତାହା ପାରିଲା ନାହିଁ ;
ଜନ-ପ୍ରବାଦ ଯାହା, ' ଲଜ୍ଜା ନୟନେ ' ,
ହୋଇଲା ସତ୍ୟ ତାହା ଏହି ବିଧାନେ । ୧୯

GPNanda Colln., Digitized by srujanika@gmail.com

ଅତି କଷ୍ଟେ ନୈଷଧ-ମୁଖ-ନଳିନ-
ଶିରୀ ଅଳପେ କରି ଅବଲୋକନ ,
ତହୁଁ-ବାଣୀ-ବଦନ-ଇନ୍ଦୁ-ମଣ୍ଡଳ
ଗ୍ରହିଲେ ତ୍ରପାବତୀ ଅର୍ଦ୍ଧ-ଦୃଷ୍ଟିରେ । ୩୦
ବୁଝି ତାହାଙ୍କ ଅଭିପ୍ରାୟ ସକଳ ,
ନ ଜାଣିଲା ପରାଏ ପ୍ରକାଶେ ଛଳ ,
ଭଣେ ବାଣୀ, " ନ ହୁଏ ପ୍ରବୋଧ ମୋର
ଲଜ୍ଜା-ଅବୃତ-ହୃଦ-ଭାବ ତୋହର ।" ୩୧
ନଳାର୍ଦ୍ଧ ନାମ ଦେବୀ-ମୁଖୁଁ 'ନ' କାରେ
ଶୁଣି, ବୁଡ଼ିଲେ ଭୈମୀ ତ୍ରପା-ସାଗରେ ;
ଅଙ୍ଗୁଳିରେ ଅଙ୍ଗୁଳି ପରଶ କରି ,
ଯୋଡିଲେ ଲାଜେ ମଥା ଭୀମ-କୁମାରୀ । ୩୨
ତହୁଁ ଭାରତୀ ଭୈମୀ କର ଧରିଣ ,
ଇନ୍ଦ୍ର ଅଡେ କରନ୍ତେ, ବଙ୍କ ସେ ପୁଣ ,
ହୋଇ, ନାରୀ ସାମାନ୍ୟ 'ବାମା' ପଦବୀ
ସାର୍ଥ କଲେ କି ଭୀମ-କୁମାରୀ ସାଧ୍ୱୀ ! ୩୩
ଇନ୍ଦ୍ର ଅଡେ ଭାରତୀ ଟାଣିଲେ ଯହୁଁ
ହସି ଭଇମୀ ହାତ, ସେ ବାଳା ତହୁଁ
ଅତର୍କେ ସାପ ଛୁଇଁ ଯେସନ ନର ,
ତେଣେ ଛଡାଇ ନେଲେ ଅପଣା କର । ୩୪

GPNanda Colln., Digitized by srujanika@gmail.com

ବାସବ-ଅଭିମୁଖେ ଦେଖି କୁମାରୀ ,
ରୁଢ଼ିଥିଲେ ଈର୍ଷାରେ ସ୍ୱରଗ-ଶିରୀ ;
ଦେଖନ୍ତେ ଇନ୍ଦ୍ରେ ପୁଣି ଅନୁରକତ
ହୋଇ, ସେ ସ୍ୱର୍ଗ-ଲକ୍ଷ୍ମୀ ହେଲେ ଲଜ୍ଜିତ । ୩୫
" ନଳେ ନିଷେଧ ଯେବେ ଇଚ୍ଛ ସୁନ୍ଦରୀ ,
ବଂର ଅନେ, " ଭାଷନ୍ତେ ବାଣୀ-ଈଶ୍ୱରୀ ,
ଅନଙ୍ଗେ ପୁଣି ଲାଜେ ହୋଇ ବିହ୍ୱଳ ,
କଟାକ୍ଷେ ନିବେଦିଲେ କେବଳ ନଳ । ୩୬
କଲେ ଭାରତୀ ପାଣ୍ଡୁ-ଦୂର୍ବା ଭୈମୀରେ ,
ଆଲିଙ୍ଗି, ରଖି ଦେବ ନୃପ ମଧ୍ୟରେ ;
ଅପ୍‌ସରୀ-କରେ କର-ଢାଳ ତ୍ରିଦଶେ
ଦେଇ ହସିଲେ ମାତ୍ର ମହା ହରଷେ । ୩୭
ନିଜ ଇଚ୍ଛାରେ ବିନା ପୃଚ୍ଛାରେ ତହୁଁ
ଚଳନ୍ତେ ମନ୍ଦ ମନ୍ଦ ନୈଷଧ ଯହୁଁ ,
ଦେବତା-ପାଶେ ନେବା ମାନସେ ପୁଣି ,
ଅରଧ ପଥେ ତହୁଁ ରୋଧିଲେ ବାଣୀ । ୩୮
ଆବର୍ତ୍ତି-ଲୋଳ-ନାଳ ମୁଖ-କମଳ ,
ଥାଳ-ଅଳ ହୁଁ-କାରେ ହେଲା ସୁନ୍ଦର ;
ନବୋଢ଼ା ଦେଖେ ପତି-କର ଯେସନ ,
ଦେଖିଲେ ତଥା ବାଣୀ ପରିରମ୍ଭଣ । ୩୯

GPNanda Colln., Digitized by srujanika@gmail.com

ଦେବେ ଉପେକ୍ଷା ଅବଲୋକି ତାଙ୍କର ,
ଭାଷିଲେ ତନ୍ତୁଁ ବାଣୀ ହସି ଉତ୍ତର ;
“ କି ଭୟ ଅଗୋ ଚନ୍ଦ୍ରାଧିକ ବଦନେ ?
ଥାଉଁ ଏଠାରେ ମୁହିଁ, କି ଶଙ୍କା ମନେ ? ୪୦
ନ କରଣ ପ୍ରଣାମ ଦେବ-ଚରଣେ ,
ନ ଘେନ ତାଙ୍କ ଅନୁମତି କେସନେଁ ,
ଦେବତା-ଦ୍ୱେଷ ବହ୍ନି, ଇଚ୍ଛିଁ ବରଣ
ନଳେ, ଉଚିତ ଏହା ଅଟେ କେସନ ?” ୪୧
ଭାଷି ଏସନେ, ମନେ ବିଶ୍ୱାସ ବିହି ,
କରେ ଧରି ଦେବତା-ପୁରତେ ନେଇ ,
କରାଇ ନତି, ଦେବେ ଭାଷିଲେ ବାଣୀ ;
“ ଭକ୍ତ ଏହୁ, ଏବେ ତ କୃପାର୍ଦ୍ର ପୁଣି । ୪୨
ବରିଲେ ଜଣେ, ଅପମାନ ଅପରେ ,
ଭଳ ନ ବରେ ସତୀ ବହୁ ଅମରେ ;
ତେଣୁ ହେ ଲୋକପାଳେ, ସକଳ ଅଂଶେ
ବରିବାକୁ ବାସନା ଏହି ନରେଶେ । ୪୩
ଅନ୍ତଃପୁରେ ବିଧାତା ମାଳା-ଯୋଜନେ ,
ଅଲଙ୍ଘନେ ସେଠାରେ, ପୁଣି ମିଳନେ ,
ବିହନ୍ତି ସ୍ୱୟମ୍ବର ପୂର୍ବେ ସତେ !
କର କପାଁ ଉଦ୍ୟମ ବୃଥା ବ୍ୟାଘାତେ । ୪୪

GPNanda Colln., Digitized by srujanika@gmail.com

ପରିଚ୍ଛାକୁଳ-ସଙ୍ଗେ ପାଳନ୍ତୁ ନଳ
ଅସ୍ଖଳଚେତ୍ତ ବର୍ଣ୍ଣାଶ୍ରମ ଅଗ୍ରର ;
ଦେବେ ଅପିଲେ ତବେ ନଳ-କୀରତି
ବଢ଼ିବ ବୋଲି ସିନା, ଅସିଛୁ ସିଭ !" ୪୫
ଶୁଣି ଏସନେ ଦେବେ ଦେବୀ-ବଚନ ,
ହାସେ କରି ଚଞ୍ଚଳ ନିଜ ବଦନ ,
କରନ୍ତେ ଅନୁମତି ଭୃରୁ-ବିଳାସେ ,
ନେଲେ ଭାରତୀ ଭୈମୀ ନଳ-ପାଶୁଶେ । ୪୬
ଲାଜେ ନିଷ୍ପନ୍ଦ ହୋଇଥିଲା ଶରୀର ,
ଟୁଳି ନ ପାରେ ବାମ ଯେ ଭୈମୀ-କର ,
ମଧୂକ-ମାଳା-ଯୋଗେ ମଧୂ ସେ କରେ
ଅଣିଲେ ଦେବୀ ନୃପ-କଣ୍ଠ-ପାଶରେ । ୪୭
ଦୂର୍ବା-ଅଙ୍କୁର ଯୁତ ମଧୂକ-ମାଳା
ନୃପତି-କଣ୍ଠନାଳେ ନିହିଲେ ବାଳା ;
ଲେଖି ନିଜ ସ୍ୱୀକାର-ବର୍ଣ୍ଣ-ଅବଳି ,
ଅର୍ପିଲେ ଅବା, ଦଶେ ଦେଖନ ଶିଖି ! ୪୮
ଶୃଙ୍ଗାର-ରସ-ପ୍ରଭା-ସଦୃଶ ଗୌର ,
ଅଛି ଶ୍ୟାମଳ ଦୂର୍ବାଦଳେ ସୁନ୍ଦର ,
କାମ ପାଶ ଅୟୁଧ ସମ ଯେ ମାଳ
ଧାରଣ କଲେ କଣ୍ଠେ ନୃପତି ନଳ । ୪୯

GPNanda Colln., Digitized by srujanika@gmail.com

ନୃପତି-ଅଙ୍ଗ-ସଙ୍ଗେ ଉଲ୍ଲାସେ ଖେଳି ;
ଦୂର୍ବା ଅଗ୍ର ଯାହାର ପୁଲକ-ମାଳ ,
ଦେଖି ସେ ପୁଷ୍ପମାଳେ ସ୍ତନସ୍ଥମାନେ
ଅସୂୟାବଶେ ନିରେଖିଲେ ନୟନେ । ୫୦
ନୃପ-ନିର୍ମଳ ହୃଦେ, ବାହାରେ ଥାଇ ,
ମଧୂକ-ମାଳା ପ୍ରତିବିଂବିତ ହୋଇ ,
ଦିଶିଲା ପୁଷ୍ପଶର ବାଣାଳି ସତେ ,
କେତେକ ମଗ୍ନ ପୁଣି ଅମଗ୍ନ କେତେ ! ୫୧
ବଦନ୍ତୁ ତହୁଁ ପୁର ପୁରନ୍ଧ୍ରୀଗଣେ
ଉଠିଲା ହୁଳହୁଳି ଧ୍ୱନି ସଘନେ ;
ମଙ୍ଗଳ-ଗୀତ ସିନା ତାହା ତାଙ୍କର,
ହର୍ଷଭରେ ଅଷ୍ଫୁଟ ବର୍ଣ୍ଣ ସକଳ ! ୫୨
ହୋଇଲା ପୁଲକିତ ଭୈମୀ-ଶରୀର ,
ବାଳ-ଭାବେ ରୋମାଳି ସଦା ଚପଳ ,
ବର-ଶିରୀ-ଦର୍ଶନେ ଉଦ୍‌ଗ୍ରୀବ ହୋଇ ;
ଅନୁଭବେ ସ୍ୱୀକାର ନକି ଜଣାଇ ! ୫୩
ରୋମ-ଅଙ୍କୁରେ ପୁଲକିତ ଶରୀର ,
ଶୋଭିଲା ଅତିଶଯ୍ୟେ ରମ୍ୟ ଅଧର ;
ଲକ୍ଷ୍ୟଦଣ୍ଡେ ସାଧିତ ମଣ୍ଡନ ଶିରୀ ,
ସ୍ମର ଶରୋପାସନ-ବେଦିକା ସରି ୫୪

GPNanda Colln., Digitized by srujanika@gmail.com

. ଚେଷ୍ଟା ବହନ ହେଲେ ବୈଦର୍ଭୀ ଯେଣେ,
ଲଭେ ବା ଚେଷ୍ଟା-ନାଶ କାମ—ମାର୍ଗଣେ
କିଂବା ଅଯୋଗ୍ୟ କଳ ମୁହୂର୍ତ୍ତ ପାଇଁ
ନେଲା ତା' ମାଗି ଅପେ ଯାକବା ପାଇଁ ? ୫୫
ମାଳା ପରଶି କଣ୍ଠେ, କରେ ତାଙ୍କର
ଜନମାଇଲା ସ୍ୱେଦ ବଷମ—ଶର ;
ଭବିଷ୍ୟତ—ବିବାହ-ଉତ୍ସବ—କାଳେ ,
ହସ୍ତ-ଉଦକ ଯିନା ସୃଜିଲା ଛଳେ ! ୫୬
ଦମୟନ୍ତୀର ଭୁଜା ଚୂଳା ସଂଗତେ ,
କଂପୁ ସେ ପଞ୍ଚେ କାମ ଶର ଆଘାତେ ;
ଉଚ୍ଚ ଭୂତ୍ତତ ସେନ୍ହୁ ନଳ ରାଜନେ
ହେଲା ଯା ଉଚ୍ଚ କମ୍ପ, ଧାତବ ମଣେ ! ୫୭
ହୃଗମ୍ଭୁ ପ୍ରତିବିମ୍ବି ମାଲ୍ୟ, ସେ ରାଗେ
ରାଜଗଣଙ୍କ ନେତ୍ରେ ପଡ଼ିଲା ରାଗେ ;
ସେ ମାଳ ଅନୁରାଗେ ନଳ-ନୟନ
ପ୍ରସାଦ ଲଭି, ଭଜେ କି ବିସ୍ତାରଣ ! ୫୮
ଭୈମୀ-କର-ପରଶ ହରଷେ ଜାତ
ସାତ୍ତ୍ୱିକ ସ୍ତମ୍ଭ ତଥା ନଳେ ବ୍ୟକତ ,
କନ୍ଦର୍ପ-ଲକ୍ଷ୍ୟ-ଶିକ୍ଷା-ସ୍ତମ୍ଭ-ସମାନ ,
ହୋଇଲେ ସ୍ଥିର ତର ନଳ—ରାଜନ । ୫୯

GPNanda Colln., Digitized by srujanika@gmail.com

ତେଜ ସାମ୍ରାଜ୍ୟ ଯଥା ଭସ୍ମା-ଅଚ୍ଛନ୍ନ ;
ବର୍ଜ ତରୁଣତା ଜର୍-ଗ୍ରହଣ ,
ତଥା ସେ ଗୃରୁ ରୂପ ବରଜ୍ଜ ପୁରେ ,
ଧଇଲେ ଶେଷେ ନିଜ ନିଜ ଶରୀରେ । ୬୦
ତେଜନ୍ତେ ମାୟା ନଳ ସ୍ୱରୂପ ହର ,
ଅଦୃଶ୍ୟ ନେତ୍ରେ ଅହଂ ପୂର୍ବିକା ଧର ;
ଭୈମୀ ସାତ୍ତ୍ୱିକ ଭାବ ଶୋଭା ଦର୍ଶନେ
ଆବିର୍ଭୂତକ ତହିଁ ହୋଇଲେ କ୍ଷଣେ ! ୬୧
ଗୋପନାନୁକୂଳ ଯିନା ବିବାଦ ଭବେ ,
ପ୍ରତିକୂଳ ଗୋପନରଠାରେ ସଂଭବେ ,
ସଖା ପ୍ରବରେ ତହୁଁ ଅଗଣ୍ଡୁ କଲେ ;
ଆଗତ ତା'ରେ ତହୁଁ ଭୈମୀ ଦେଖିଲେ । ୬୨
ନିଜ କାମ-ସଂମୋହ-ଅନ୍ଧାର-ନାଶେ
ଉତ୍ସୁକ ପ୍ରାଚ୍ୟେ, ଶିଖା ଦୀପ ପ୍ରକାଶେ ,
ଉନ୍ନତ ଶିଖାଗଣେ ବ୍ୟାପ୍ତ, ସତ୍ୱର
ପ୍ରକାଶ କଲେ ବାୟୁସଖ ଶରୀର । ୬୩
ନଳରୂପେ ଲଭିଲ ଯେ ଅଗ୍ନି ଶିଖା ,
କାଢ଼ିଲେ ଏବେ, ହନେ ନୂହେ ତା' ଦେଖା ,
ନ ବରିଲେ ଭୈମୀ ତା' ସ୍ୱାମୀ ଅଗ୍ନିରେ ,
ତେଣୁ ଲାଜେକି ଶିଖା ମୁଖ ଥବରେ । ୬୪

GPNanda Colln., Digitized by srujanika@gmail.com

ସେ କାଳେ ନୃପଗଣ-ଅନ୍ତଃକରଣ-
ଅଧିଷ୍ଠାନେ ଅଗତ କୋପ ସମାନ,
ସଦଣ୍ଡ ଅଲକ୍ଷ୍ୟ ନୃପନ କ୍ରୂର
ଅକାର ଶ୍ୟାମ ରୂପ ଧଇଲେ କାଳ । ୬୫
ଦେଲେ ତହୁଁ ଉନ୍ନତ-ଗୁଣ ତାଙ୍କର
କାପୃଷ୍ଠ ଚିତ୍ରଗୁପ୍ତ ନେତ୍ର ଗୋଚର ;
ଯହୁଁ ସେ ଚିତ୍ରଗୁପ୍ତ ମସୀ ଦ୍ୱାସ୍ଥକ
କାଳ ମସୀରୁ ବଳ କାଳ ଅଧିକ । ୬୬
ଭୈମୀ-ମନ-ବଂଧନ ମୋଚନ କର,
ସତେ କ ପ୍ରଚେତା ସେ ପାଶକୁ ଧରି,
ତତକ୍ଷଣେ ନିଜ ଅପ୍ୟ ବପୁ ପ୍ରକାଶ
କଲେ, କରେ ଦେଖାଇ ଦେହ ସେ ପାଶ । ୬୭
'ସହ ଦ୍ୱିତୀୟ ହୋଇ ଭେଟିବ ନାହିଁ',
ଜଳାଧିପ ଏ ବାକ୍ୟେ ଅନର୍ଥ କରି,
ଆପଣେ ଏବେ ଅସହାୟ ଦେଖିଲେ,
ସଭାର୍ଯ୍ୟ କାହୁଁ ଅଜ ନାସ୍ତିକ ବରେ ? ୬୮
ଧଇଲେ ଦିବ୍ୟ ବପୁ ବାଣୀ ସେ କାଳେ,
ସୃଜି ବିଷ୍ଣୁ-ଅନନ୍ତ ଗଗନ ତଳେ ;
ବାଣୀ ଲକ୍ଷଣ ଦେଖି ଚହିଲେ ବାଳା,
ତାଙ୍କ ବଦ୍ଧସ୍ପୃ ତହୁଁ ଶିଥିଳ ହେଲା । ୬୯

GPNanda Colln., Digitized by srujanika@gmail.com

ମିଳିତ ତହୁଁ ବନ୍ଧୁ ଦର୍ଶକ ଭୂପେ; .
ଅନାଇ ରହିଲେ ସେ ଇନ୍ଦ୍ରାଦି ରୂପେ ,
ଐନ୍ଦ୍ରଜାଲିକ ବୃତ୍ତି କଲେ ଛେଦନ
ଏସନେ, ଇନ୍ଦ୍ରଆଦି ଦେବତା ଗଣ । ୨୦
ଦୁର୍ଲଭ ବାଞ୍ଛାଲଭି, ଭଇମୀ ନଳ
ଅନ୍ୟୋନ୍ୟ ପ୍ରେମ ରସେ ହେଲେ ବିଲୋଲ ;
ସମ୍ବୋଧିଲେ ଉଭୟେ, ବହି ସନ୍ତୋଷ ,
ବାସବ, ଜାମ୍ବୁନଦ-ମହୀଧ୍ର-ଈଶ । ୨୧
"ବୈଦର୍ଭୀ, ଅମ୍ଭ ବରେ ଲଭିଲ ଜାଣ
ସୁଦୁର୍ଲଭ ତୁମ୍ଭର ଏହୁ ରାଜନ ;
ନଳ ଯା' କଲ ଦୃଢପଣ ଆମ୍ଭର ,
ସେ ଅନୁଗ୍ରହେ ମିଳା ହେଲା ଏ ଫଳ । ୨୨
ପ୍ରତକ୍ଷ ଲକ୍ଷ୍ୟ ମୂର୍ତ୍ତି କରି ଧାରଣ ,
କରିବି ତବ ଯଜ୍ଞେ ହୁତ ଭକ୍ଷଣ ,
ନଖାଉଁ ଯଜ୍ଞେ ବୋଲି ମିଳା ଏ ଭବେ
ସନ୍ଦେହ ମନ୍ତ୍ରାଧିକ-ଦେବତା-ଭାବେ । ୨୩
ଦମ୍ପତି ସହ ତୁମ୍ଭେ ରହିବ ଶେଷେ
ଶିବ ପାର୍ବତୀ ସଙ୍ଗେ ସାଯୁଜ୍ୟ-ବଶେ ;
'ମଲେ କି ହେବ ?' ଏହି ଚିନ୍ତା କେବଳ
କରଇ ସଦା ଜନ୍ତୁ-ହୃଦ ବିକଳ । ୨୪

GPNanda Colln., Digitized by srujanika@gmail.com

କାଶୀ-ସମୀପେ ଅସି ସରିତ-କୂଳେ
ବହୁବ ବାସ ନଳ-ନାମକ ପୁରେ ,
କାଶୀରେ ପଶି ନ କରିବ ନଗଣି ,
ମୁମୁକ୍ଷୁ ତୁମ୍ଭେ, ଭୈମୀ-ଭୋଗରେ ଡରି ।" ୭୫
ଧୂମ-ଅବଳ ଯାର ଶ୍ମଶ୍ରୁ ସମାନ ,
ଭାଷିଲେ ସେହୁ ଦେବ-ମୁଖ ପାବନ ,
"ମୋ ଦୃଷ୍ଟି କାମ-ଧେନୁ-ଦୁଗ୍ଧ-ସମାନ ,
ହେଉ ହେ ଅଭ୍ୟୁଦୟ ତବ ରାଜନ । ୭୬
ଯେ ତନୁ ମୋର ଦାହ-ପାକ-ସାଧନୀ ,
ହେଉ ସେ ତବ ଇଚ୍ଛା-ବଶ-ବର୍ତ୍ତିନୀ ;
ପୋଡ଼ୁଛୁ ସେହୁ ତନୁ କାମ ଶରୀର ,
ତା' ପ୍ରଭୁ ହୋଇ, ଶୋଭ ଅଧିକତର । ୭୭
ଅନ୍ନ ମୀନ ରସାଦ ତୁମ୍ଭର ପାକେ
ଜଣୁ ଅମୃତ-ରସେ ମାନବ-ଲୋକେ ;
ସୂପକାର କ୍ରିୟାରେ କୌତୁକ ତବ ,
ଜାଣିଛୁ, ଦେଲୁ ବର ମହୀ-ବାସବ ।" ୭୮
ସବିତା-ସୁତ ଯମ ସନ୍ତୁଷ୍ଟ ହୋଇ ,
କହିଲେ ତାଙ୍କୁ ଲକ୍ଷି ଅବନୀ-ସାଇଁ ;
" ତୁମ୍ଭ ଅଦ୍ଭୁତ କର୍ମେ ଦେବାକୁ ବର ;
ଉତ୍କଣ୍ଠିତ ମୋହର ରସନା-କିର । ୭୯

GPNanda Colln., Digitized by srujanika@gmail.com

ସକଳ ଅଙ୍ଗ ସହ ଶସ୍ତ୍ର-କଳାପ ,
ହୁଅନ୍ତୁ ଅବର୍ଦ୍ଧିତ ହେ ପରଂତପ ;
ଏଥୁଁ ଅଧିକ ବସ୍ତୁ ମାଗିବାପାଇଁ ,
ବୀର-ବ୍ରତ-ଦୀକ୍ଷିତେ ଇଚ୍ଛନ୍ତି ନାହିଁ । ୮୦
ହୋଇଲେହେଁ ଅତ୍ୟନ୍ତ ଦୁର୍ଦ୍ଦଶାପନ୍ନ ,
ନୋହୁ ଧର୍ମରୁ ତବ ମତି ସ୍ଖଳନ ;
କହିଲେ ଧର୍ମ ଯେହ୍ନେ ଅନନ୍ୟ-ଭକ୍ତି ,
ତ୍ରି ବର୍ଗ ତା'ର ହସ୍ତେ କରେ ବସତି ।" ୮୧
ତହୁଁ ପ୍ରସନ୍ନଚିତ୍ତ ଜଳ-ରାଜନ
ଭାଷିଲେ ତାଂକୁ ମନହାସେ ବଚନ ;
"ଭୈମୀ ପ୍ରଦାନ ତା'ର ଯୌତୁକ ପଣେ
ଦେଉଛୁ ବେନି ବର ହରଷ ମନେ । ୮୨
ଯହିଁ ହେବ ରାଜନ ଇଚ୍ଛା ଭୂମ୍ବର ,
ହେଲେହେଁ ମରୁଭୂମି ମିଳିବ ଜଳ ;
ଲୋକ-ଯାତ୍ରା-ସାଧନେ ଜଳ ପ୍ରଧାନ ,
ନୁହଂତି ଆନ ଭୂତେ ତା'ର ସମାନ । ୮୩
ଛଳେହେଁ ତବ ଅଭିଳାଷ ଉଦ୍‌ଗମେ ,
ପ୍ରସାଦେ ତାପ ଶୁଚି-ଭାନୁ-କିରଣେ ,
ମହାନନ୍ଦମେଳକ ନଳସ୍ୱ ସେହ୍ନ ,
ଏସନେ ମଣ୍ଡୂକେ ସାଗର ହେଉ । ୮୪

GPNanda Colln., Digitized by srujanika@gmail.com

ଭ୍ରମର ଅଙ୍ଗ ସଙ୍ଗେ ପୁଷ୍ପ ସକଳେ
ପୂର୍ବଂରୁ ଅମ୍ଳାନତା ଆମୋଦ ଭରେ ;
ଧର୍ମ ଶର୍ମ କର୍ମଠ, ପୁଷ୍ପ ସମାନ
ନ ଦେଖେ ମହୀତଳେ ଦ୍ଵିତୀୟ ଆନ ।” ୮୫
ସ୍ଫୀତ ପୂର୍ବକ ଚନ୍ଦ୍ରଁ ଭଣନ୍ତି ବାଣୀ
ଉର୍ବୀ-ସୁପର୍ବ-ରାଜେ ଭଷିଲେ ବାଣୀ ;
“ତବ ପ୍ରେୟସୀ ହର୍ଷ କଲ୍ଲ ବିଧାନ ;
କଶବ ଏଥିଁ ବଳ କିସ ଗ୍ରହଣ ? ୮୬
ପ୍ରାର୍ଥନା ବିନା ଲବ୍ଧ ଅଳପ ବିତ୍ତ
ନୁହଇ ଧୀର ଜନେ ଅବଧୀରିତ ;
ଦତ୍ତ ହୋଇଲେ ତାହା ମାନ୍ୟ ବିଧରେ ,
ସେ ପ୍ରୀତି ଦାନ ବନ୍ଧୁ ମୋର ମତରେ । ୮୭
ଅର୍ଦ୍ଧ ନାରୀଶ୍ଵର ଦ୍ଵିଧା ଭୂତ ରୂପ ;
ଭଗବାନ ନାମେ ପ୍ରସିଦ୍ଧ ପୁଣି ,
ଚନ୍ଦ୍ରିକା ବିମଳ ସେହୁ ରୂପ ତବ
ଚର ଜନ୍ମେ ସିଦ୍ଧ ହେଉ ନୃମଣି ;
ସ୍ମର ହର ମଧ୍ୟ ହେଉ ସେ ଭ୍ରମର ,
ନବ୍ବାର ହୋଇ, ହେଉ ସାକ୍ଷାତ ;
ଏହୁ ମୋର ବର, ଏମନ୍ତ ମୋହର
ସିଦ୍ଧି ଦାନେ ତବ ହେଉ ହେ ହାତ । ୮୮

GPNanda Colln., Digitized by srujanika@gmail.com

ମନ୍ଥ ଚନ୍ଦ୍ରାମଣି   ହୃଦୟେ ଧାରଣ
    କରେ ଯେବଣ ସୁକୃତ ,
ସର୍ବାଙ୍ଗୀଣ-ରସ-   ଅମୃତ-ସ୍ତିମିତ-
    ବଚନେ ସେ ବୃହସ୍ପତି ;
ସ୍ୱର୍ଗ-ମୃଗୀ-ଦୃଶ-   ବଶୀକାର ଲାଗି
    ହୁଅଇ ଯେସନ ମାର ;
ଇଚ୍ଛାକରେ ଯାହା,   ଲଭେ ଅନାୟାସେ ,
    ବନ୍ଧୁ ବାକ୍ୟେ କସ ଫଳ ? ୮୯
ସୁନ୍ଦର ସୁମନ   ଗନ୍ଧାଦରେ ପୂଜେ
    ଯେନ୍ହୁ ମନ୍ତ୍ର ମୂର୍ତ୍ତି ମୋର ,
ଶୁଭ୍ର-ହଂସ-ଯାନେ   ମଧୁର ସେ ରୂପେ
    ଚିନ୍ତି ଜପେ ତତପର ,
ବସ୍ତ୍ରଗନ୍ଧେ ଯାର   ଶିରେ ସେନ୍ହୁ କର
    କରଇ ଥରେ ପ୍ରଦାନ,
ଅକସ୍ମାତେ ସେନ୍ହୁ   ରଚଇ କବିତା ;
    ମନ୍ତ୍ରର ଅଦ୍ଭୁତ ଗୁଣ ! ୯୦
କରିବ ଯେ ତବ   ଚରିତ ବର୍ଣ୍ଣନ
    ବସିବ ତା' କଂଠେ ଯାଇ ,
ପବିତ୍ର ସେ ଶ୍ଳୋକେ ଜନ-ଘନ-ମୋଦ
    ବଢିବ ଜଗତ ମୋହି , !

GPNanda Colln., Digitized by srujanika@gmail.com

'ତେଣୁ ପୁଣ୍ୟ ଶ୍ଲୋକ ହୋଇବ ରାଜନ
ଅଖିଳ ଧରଣୀ ପୂରି ,
ହରଙ୍କ ସଦୃଶ ହୋଇବ ଅଖ୍ୟାତ ,
କଳି-କଳୁଷ-ହାରୀ ।” ୯୨
ତାଙ୍କୁ ସମ୍ବୋଧିଲେ ଭୈମୀରେ ଦେଖି ଦେବ ସକଳ ,
“ଜଗତ ମସ୍ତକ-ରତନେ , କହ ଦେବୁଁ କି ବର ?
ପତିବ୍ରତା ତୁମ୍ଭେ , ଦୁର୍ଲଭ ନୁହେ କିଛି ତୁମ୍ଭର ;
ତବ ବ୍ରତ ଲୋପ ଇଚ୍ଛେ ଯେ, ହେଉ, ସେ ଭସ୍ମସାର ।୯୩
ବରଜ କପଟ ଦେହ ସ୍ୱଦେହ ଧାରଣେ
ଦେଖି, ବସ୍ତୁସ୍ତ ଉତ୍ସୁକେ ଯେଣୁ ତୋର ମନେ ।
ଲଭିବାକୁ ନାନା ରୂପ ଇଚ୍ଛା ଅନୁସାରେ ,
ସେ ବିଦ୍ୟା ଉଦୟ ହେଉ ତବ ହୃଦୟରେ ।”
ବିତରି ଏସନ ବର ଦେବଗଣ ,
କଲେ ଆକାଶେ ଗମନ ;
ଉଠିଲେ ନୃପତି , ତାଙ୍କ ହର୍ଷ ଧ୍ୱନି
ଉଠିଲା ହୋଇ ସଘନ ;
ପରିଜନଙ୍କର କଥୋପକଥନେ
ହୋଇଲା ପୁଣି ପ୍ରବଳ ,
ସ୍ୱର୍ଗବାସିଂକର ଦୁନ୍ଦୁଭି ଘାତେ
ହୋଇଲା ମହା ତୁମୁଳ । ୯୪

GPNanda Colln., Digitized by srujanika@gmail.com

ଗୁଣମୟ ନଳେ   ଦୋଷ ଅବକାଶ
କେବେ ନ ଥିଲା କଳ୍ପିତ ,
ବିଦ୍ୱେଷ–ବଶେ ହେଁ   ସମାଗତ ନୃପେ
ନ କଲେ ତା' ପ୍ରକଟିତ ;
ପ୍ରାପ୍ତ-ଦ୍ରବ୍ୟ-ଅସ୍ତ୍ର–   ଶର ସେହୁ ନଳେ
ରଣାରମ୍ଭ ସ୍ଥାନ ନାହିଁ ;
ତେଣୁ ନୃପଗଣ   ପୁଣ୍ୟ-ଶ୍ଳୋକ-ନଳ-
ଗୁଣ-ମାନ ଥିଲେ ଗାଇ ;
ନ ଲଭି ବୈଦର୍ଭୀ   ତେଜୁଁ ଦୀର୍ଘଶ୍ୱାସ
ଛନ୍ତୁ ସେହୁ ନୃପ ଗଣ ,
ଦେଖି ସେ ଅବସ୍ଥା   ଦୟାରେ ନିର୍ଭର
ହେଲା ଦମୟନ୍ତୀ ମନ ।   ୯୬
ନୃପଗଣେ, ବାଳା   କରୁଣ–ରସର
ସରିତରେ ମୂର୍ତ୍ତି ଦେବତା ସମ ;
ପ୍ରାର୍ଥୀ ଭାବେ ନିଜ   ଯୋଗ୍ୟ ସଖୀଗଣେ
କରାଇଲେ ତନ୍ତୁଁ ଶୀଘ୍ର ପ୍ରଦାନ ;
ବୈଦର୍ଭୀ ଅନ୍ତରେ   ତାଙ୍କ ପ୍ରାଣବାୟୁ
ଛଡବାକୁ ହେଉଥିଲା ଉଦ୍ୟତ ,
ସଖୀରୁ କି ବିଦ୍ୟା   ଶିଖି ଅନୁରୂପ ,
ସଖୀଏ କଲେ ତା' ପ୍ରତି ନିବୃତ୍ତ !   ୯୭

GPNanda Colln., Digitized by srujanika@gmail.com

ଗନ୍ଧ-ଶିଖା-ସମ- ପ୍ରଭଷ୍ଠା-ସୁନ୍ଦର
ଅଦ୍ୱା ସେ ନଳ ରାଜନ
ସଭା ସ୍ଥଳ ତେଜ , ଗୃହ ଅଭିମୁଖେ
କଲିଲୁ ବେଳେ ଗମନ ,
ହୋଇଲା ଆକାଶୁଁ ଶିରେ ପୁଷ୍ପ ବୃଷ୍ଟି ,
ଗଲେ ତହୁଁ ମଧୁଧାର ,
ଲାଗିଥାନ୍ତି ଅଙ୍ଗ , ମୂର୍ତ୍ତି-ବଦ୍ଧ କୀର୍ତ୍ତି
ପଡ଼େ କି ମଧ୍ୱବାଙ୍କର ! ୯୮

ନିଜ ଅଂଶ ନୃପେ ଦେବତା ତେଜି କଲେ ଗମନ ,
ଲଭିଲେ ସେ କାଳେ ସକଳେ ଅଂଶଚ୍ଛେଦ କଦନ ;
ବିହାର ଭବନେ ଗମନ କଲାବେଳେ ଭାରତୀ ,
ଉତ୍କଣ୍ଠାରେ ଦମୟନ୍ତୀରେ ଫେରି ଅନାଉ ଥାନ୍ତି । ୯୯

ତନୟା ବିବାହ ଆନନ୍ଦ ଉତ୍ସାହେ
ଭୀମ ନୃପ ହୋଇ ଭୋଳ ,
ନୃପ ଜନଙ୍କର ଲୁବାକ୍ୟର ଦୋଷ
ନବୋଧି ଭଇମୀ ନଳ ,
ସ୍ୱକୀୟ ଶିବିରେ କଲା ବେଳେ ବିଜେ
ଆନ ଆନ ନୃପମାନେ ,
ରଚିଲେ ଉତ୍ସବ ବଜାଇଲେ ବାଦ୍ୟ
କଲେ ମଙ୍ଗଳ ସ୍ୱମନେ । ୧୦୦

GPNanda Colln., Digitized by srujanika@gmail.com

କବିରାଜ-ରାଜ- ମୁକୁଟ-ଭୂଷଣ-
ହୀରକ ଶ୍ରୀହୀର ଜନକ କବି ;
ତନୟ ଶ୍ରୀହର୍ଷ ଜିତେନ୍ଦ୍ରିୟ ବର ;
ଜନନୀ ତାଙ୍କର ମାମଲ୍ଲ ଦେବୀ ;
ତାଙ୍କ ବିରଚିତ ଗୁରୁ ମହା କାବ୍ୟ
ଶରଦନ୍ଦୁ ସ୍ୱଚ୍ଛ ସୂକ୍ତି ପୂରିତ
ନୈଷଧ ଚରିତ ; ତହିଁରେ ଏ ସର୍ଗ
ଚତୁର୍ଦ୍ଦଶ-ନାମ ସର୍ଗ-ମହତ ।

GPNanda Colln., Digitized by srujanika@gmail.com

ଚତୁର୍ଦ୍ଦଶ ସର୍ଗର ଟୀକା

(ଅଙ୍କରୁ ଶ୍ଳୋକାଙ୍କ ବୁଝିବାକୁ ହେବ)

୨ — ସ୍ତବ ଓ ସ୍ତବକ — ଦୁଇ ଅର୍ଥ ହେବ ।

ଯାତ — ମାତ୍ରାମିତ ଛନ୍ଦ; ଯାଇ ଫୁଲ ।

୧୨ — ଏଣାଙ୍କ କୁଳ — ଚନ୍ଦ୍ର ବଂଶୀୟ, ନଳ ।

ଛତ୍ରପ୍ୱ, ସିଂହାସନ; ଶୃଙ୍ଗାରରସ, ସଜା; ଜଳ, ଛନ୍ଦ; ଲଙ୍କା ଦ୍ୱାନ, ଦୋଳା ।

୫୪ — ଶରଗୃହରେ ଉପାସନା, ବା ଷଷ୍ଠଭ୍ୟାସ ନାମକ ଅନୁଷ୍ଠାନ ବଶେଷ ପ୍ରତି ଲକ୍ଷ୍ୟ କରା ଯାଇଅଛି ।

ସ୍ମାର — ସ୍ମର ସଂବଂଧୀୟା ।

୫୫ — କଳି — କଳିଯୁଗ । ପରେ କଳିର ଜୈମିନୀ ଲଭାଣା ବର୍ଣ୍ଣିତ ହୋଇଅଛି ।

୬୧ — ପ୍ରବର ନାମା ଇଂଦ୍ର ସଖା । ଗୋତ୍ର, ପ୍ରବରରେ ଦ୍ୱ୍ୟର୍ଥ ଶ୍ଳେଷ ।

୭୮ — ଅନ୍ୟକୁ ପାତରେ ଋଷି ନାରୀ ସଙ୍ଗେ ସମାଗମ କରିବ; ଏକାନ୍ତରେ କରିବ ନାହିଁ ବୋଲି ଜାତ ଅଛି । ନିଜ ଭାର୍ଯ୍ୟା ସଂବଂଧରେ ଏ ଜାତ ନୁହେ । ଜଳାଧିପ — ଜଡ଼ାଧିପ ।

୮୪ — ଶୁଚିଭାନୁ — ଗ୍ରୀଷ୍ମସୂର୍ଯ୍ୟ; ବାଡ଼ବାଗ୍ନି ବା ଚଂଦ୍ର ।

ମହାନ୍ କମେଳକ-ନଳସ୍ୟ — ଅନେକସ୍ୟ ଭସ୍ମବାସ ଭୂମି ;

ମହା-ନକ୍ର ମେଳକ-ନଳସ୍ୟ — ଅନେକ କୁମ୍ଭୀରବାସ ଭୂମି ।

ଏପରି ଯେ ନଳ, ସେହି ସାଗରକୁ ଅର୍ଥହେଉଛି ।

GPNanda Colln., Digitized by srujanika@gmail.com

ପଞ୍ଚଦଶ ସର୍ଗ

ବରଣ-ମାଳିକା ସହ ତହୁଁ ନିଜ ଶିବିରେ
ପ୍ରବେଶିଲେ ନୈଷଧ ମହୀପତି ସତ୍ୱରେ ;
ଦେଲେ ପଥେ ବନ୍ଦିଗଣେ ବହୁଁ ଧନ ରାଜନ ,
ବିଶେଷେ ଯେ କରୁଥିଲେ ଭୈମୀ-ଗୁଣ କୀର୍ତ୍ତନ । ୧
ପଥେ ଏତେ ଧନ ତ୍ୟାଗ କଲେ ନଳ ନୃପତି ,
ଅତିଭରେ ନ ପାରିଲେ ବହୁ ବନ୍ଦୀ-ସନ୍ତତି ,
ତୃଣସମ ତେଜିଲେ ଯେ ରତ୍ନରାଶି ପଥରେ ,
ହୃଷ୍ଟ ରୂପେ ବନ୍ଧୁଜାଳ ପଡ଼ିଲେ ତା' ଅପରେ । ୨
"ସତ୍ୟରେ ରମଣୀ-ମେଳେ ଲକ୍ଷ୍ମୀ ନାହିଁ ଏହାର !
ଅତି-ରୂପା ରମଣୀରେ କାହିଁ ସୁଖ-ସଂସାର ?"
ରାଜଗଣ ରଞ୍ଜି ଲୋକେ ଏତେ ଏତେ ବଚନ
ତିରସ୍କାର କଲେ ନିଜ କବି-ବନ୍ଦୀ-ବର୍ଣ୍ଣନ । ୩
ମିଥ୍ୟା-ଦୋଷ-କଣା ଆରୋପିଲେ ବୈରିସକଳ ;
ପରକାଶେ ସାଧୁଜନେ ନିର୍ଦ୍ଦୋଷତା କେବଳ ;
ସତେ ଯଦି ଥାଏ ଲବ ମାତ୍ର ହେଲେ ଦୂଷଣ ,
ନହୁଏ କଦାପି ମୃଷା ଦୋଷାରୋପ-ବିଧାନ । ୪

GPNanda Colln., Digitized by srujanika@gmail.com

ବିଦର୍ଭ-ରାଜନ ମଧ୍ୟ ନିଜ କନ୍ୟା-ସଂଗରେ
ଆନନ୍ଦେ ପ୍ରବେଶି ନିଜ ଅନ୍ତଃପୁର ମଧ୍ୟରେ ,
ସଂଦେହେ ଦେଖାନ୍ତି ଚିତ୍ତ ହୋଇଥିଲା ଆକୁଳ ;
ଭାଷିଲେ, "ଜାମାତା ନଳେ କର ଏବେ ସ୍ୱୀକାର । ୫
ଯାର ଚନ୍ଦ୍ର-ତେଜେ ଛାର କାମ ତୃଣସମାନ
ଆଭିଜାତ୍ୟ କରିବେ ଯେ ଆମ୍ଭ ବଂଶ ପାବନ ;
ହୋଇଥିଲେ ସମବେତ ତ୍ରିଭୁବନ-ନାୟକେ ,
ଧନ୍ୟ ତୁମ୍ଭ ସୁତା ତହିଁ ଏହିପରି ବିବେକେ । ୬
ପାଣି ଗ୍ରହଣ ମଙ୍ଗଳ ସମୁଚିତ ବିଧାନ
କରନ୍ତୁ ନାଥ ଏ ନାରୀ ସଦାଚାର ସାଧନ ;
ଆମ୍ଭେମାନେ ଶ୍ରୁତି ସ୍ମୃତି ଅନୁମତ ବିଧିରେ
କରୁଛୁ ବିଧାନ ;" ଭାଷି ଗଲେ ନୃପ ଅଚିରେ । ୭
ଆସି ଅନ୍ତଃପୁରୁ ନୃପ-ଜ୍ୟୋତିର୍ବିଦ-ସକଳେ
ବିଲୋକନ୍ତେ, ମୌହୂର୍ତ୍ତିକେ ନିବେଦିଲେ ନୃପରେ :—
ଗୁଣମୟ-ଉଦୟାସ୍ତ-ଦୋଷ-ହୀନ ଲଗନ ;
କନ୍ୟା—ସମର୍ପଣେ ଅନୁଷ୍ଠାନ କଲେ ରାଜନ । ୮
ଦୂତ-ମୁଖେ ନିବେଦିଲେ ନୈଷଧେ ନୃବର ,
" ଜନ୍ମା କଣ କୁଳେ ପୁଣି ତନୟାରେ ମୋହର ,
ପଲ୍ଲବିତ ହେଉ ଅମ୍ଭ ମନୋରଥ-ଅଙ୍କୁର ,
କାଳେ କାଳେ ଲଭୁ ତବ ପାଦ-ପଦ୍ମ-ସଲିଳ ।" ୯

GPNanda Colln., Digitized by srujanika@gmail.com

ଭୀମ-ନୃପ ଭାଷିଥିଲେ ଯାହା ଦୂତ-ଶ୍ରବଣେ ,
ଶୁଣି ତା'ର ପ୍ରତିଧ୍ୱନି ମାତ୍ର ଦୂତ-ବଦନେ ,
" ଯାଉଛ ବନ୍ଦିବି ଗୁରୁ-ପାଦ-ପଦ୍ମ-ଯୁଗଳ , "
ଭାଷି ବିସର୍ଜିଲେ ଦୂତେ ନଇଷଧ ଭୂପାଳ । ୧୦
ବିଦର୍ଭ ନୃପତି ଶୁଣି ଦୂତ-ମୁଖୁଁ ବଚନ ,
ପ୍ରତୀକ୍ଷା କରି ରହିଲେ ନଳେ ହୋଇ ପ୍ରସନ୍ନ ,
ନିଶା ଅବସାନେ ତାମ୍ରଚୂଡ ବାଣୀ-ଶ୍ରବଣେ ,
ଅଦରେ ରଥାଙ୍ଗ ଯଥା ଗୃହ୍ଣି ରହେ ତପନେ । ୧୧
ଅଲେପନ-ଦାନେ ସୁରଞ୍ଜିତ କେଉଁ ଅବଳା
ହୋଇ ନିଯୁକ୍ତ, ଅପୂର୍ବ ଅହଙ୍କାରେ ମଜ୍ଜିଲା ;
ଅପୂପ-ନିର୍ମାଣେ ଦକ୍ଷ ଅନ୍ୟ ନାରୀ ସେ କାଳେ
ବସି ଭୁଂଗାସନେ, ବୁଡେ ଅଭିମାନ ସାଗରେ । ୧୨
ଉପୁଜାଏ ସଦା ଯେହ୍ନ ପାନ୍ଥଗଣ-ବିଭ୍ରମ ,
ମୁକୁତା-ମଣି-ତୋରଣ-କିରଣେ ଯେ ସୁଷମ ,
ତେସନ ଏ ପୁର ଗୃହ-ମୁଖ-ସବୁ ସେ କାଳେ
ପ୍ରମୋଦ-ହାସ-ଛୁରିତ ପରି ତହୁଁ ଶୋଭିଲେ । ୧୩
ଅଧିବାସନେ-ଭ୍ରମର-ଭ୍ରମ ଯେହ୍ନ ହୁଜଇ ,
ପର୍ଯ୍ୟାତପୁଁ ଗ୍ଲାନି-ଭୟ ଯହୁଁ ଲବେ ନ ଥାଇ ,
ପତ୍ର-ଚ୍ଛେଦେ-ନିରମିତ-ଅଳକା-ସୁମନ-
ଜାତ-ମାଳାଗଣ ପୁର ପଥେ ହେଲେ ବିତାନ । ୧୪

GPNanda Colln., Digitized by srujanika@gmail.com

ବିଭୂଷଣେ କଣ୍ଟୁକତ ହେଲେ ପ୍ରଜାସକଳ ,
ନାନା ବସ୍ତ୍ର ଚନ୍ଦ୍ରେ ଗୃହ-କାନ୍ତି ହେଲା ସୁନ୍ଦର ,
ମଣିକୁଟ୍ଟିମେ ସେ ପୁରେ ସତେ ଯଥା ସେ କାଳେ
ପରିବର୍ତ୍ତିତ ହୋଇଲା ମହୀ-ବପୁ ଅକାଳେ ।   ୧୫
କାଂସ୍ୟତାଳ ଆଦି ବାଦ୍ୟ ନିନାଦିଲା ସଘନେ ,
ବୀଣାଆଦି ସ୍ୱର ଅତିଶଯ୍ୟେ ଉଠେ ଗଗନେ ,
ମୁରଜ ମର୍ଦ୍ଦଳ ଆଦି ହେଉଥିଲେ ଆହତ ,
ବଂଶୀଆଦି ତାନେ ପୁର ହେଉଥିଲା କମ୍ପିତ ।   ୧୬
ସ୍ୱପକ୍ଷର ନାଦ ବେଣୁ ସଂବରଣ ନ ପାରେ ,
ବିପକ୍ଷ-ଗାୟକ-ଗୀତ ନ ଲଭଇ ଝର୍ଝରେ ,
ଝର୍ଝର ହୁଡୁକ୍କେ, ହୁଡୁକ୍କ ଢକ୍କା-ବାଦ୍ୟେ ପ୍ରକାଶେ ,
ମର୍ଦ୍ଦଳେ ସେ ଢକ୍କାନାଦ, ଢକ୍କାରେ ସେ ବିଶେଷେ ।"
ଅତି-ଦୂରବ୍ୟାପି-ଜନଗଣ-ମୁଖ-ତହଳ
ବିତତ ବାଦ୍ୟ ନିନାଦେ ହୋଇ ଅତି ପ୍ରବଳ ,
ପୟୋଧି-ପ୍ରବାହ-ପ୍ରତି-ନାଦେ ପୁଣି ଉଚ୍ଛଳ ,
ଦିଗନ୍ତ-ଦନ୍ତି-ଶ୍ରବଣେ ନ ହୋଇଲା ସମ୍ଭାଳ ।   ୧୮
ପୁର-ନାରୀଗଣେ ତହୁଁ ସ୍ୱର୍ଣ୍ଣ-କୁମ୍ଭ ସଲିଲେ ,
ଚତୁଷ୍-ସ୍ତମ୍ଭ-ମଣ୍ଡିତ-ମଣ୍ଡପର ମଧ୍ୟରେ ,
କୁଳ-ଅଙ୍କୁର-ଉଚିତ ଯଥାବିଧି ଆଚରି ,
ସ୍ନାନ କରାଇଲେ ତହୁଁ ଭୀମ ନୃପ-କୁମାରୀ ।   ୧୯

GPNanda Colln., Digitized by srujanika@gmail.com

ତାଂକ ଲୁଚ ଯୁଗେ ହାରି ଦାସୀପଣ-ପ୍ରାପିତ ,
ଜଳ ଅନଯୂନ କର୍ମେ ହୋଇଲେ ବା ନଯୁକ୍ତ
କୁମ୍ଭଗଣ, ନତ ମୁଖେ ଜଳ ଢ଼ାଳ ମଜନ ,
ଲାଜେ ସହକାର ଶିଖା କଲେ କଛ ଧାରଣ !   ୧୦
ପୁନଃ ପୁନଃ ଲଭି ଅଭିଷେକ ବାଳା ସଲିଳେ ,
ପରିଧାନ କରି କ୍ରମେ ଶୁଭ୍ରତର ଦୁକୂଳେ ,
ବରଷା-ଶରତ-ସନ୍ଧିସ୍ଥଳ-ସ୍ଥାୟୀ ସୁଷମା
ଧାରଣ କରିଲା ପ୍ରାୟେ ହୁଏ ତହିଁ ଉପମା ।   ୧୧
ଏକ ଅଂଶେ ନୈରେରୁଦ୍ଧ ଘନେ ହୋଇ ଅବୃତ ,
ଅନେ ପୁଣି ସିତାଂଶୁ ଦୁକୂଳେ ହୋଇ ମଣ୍ଡିତ ,
ବର୍ଷୁକ ଅମ୍ବୁଦେ ଯାହିଁ ଦୁର୍ଦିନ ସଂଚରଇ ,
ଅନେ ଚନ୍ଦ୍ର ତେଜେ ଗୃରୁ ସ୍ୱର୍ଗେ ନନ୍ଦା କରଇ ।   ୧୨
ନିର୍ମଳ ସଲିଳ-ବିନ୍ଦୁ ଯହୁଁ ଗଳେ ଲୁଚରେ ,
ତାଂକ କେଶ ପାଶୁଁ ଗୃରୁ ଶୋଭା ତହୁଁ ପ୍ରସରେ ;
ତମ-ସୁହୃଦ-ଭ୍ରମର-ପଙ୍କ୍ତିରେ ଅଙ୍କିତ
ଶୀରଢ-ମୁକୁତାଗ୍ରଣି ହୁଏ ଜନି ସ୍ଖଳିତ ।   ୧୩
ଅତି ମୃଦୁ ବାସେ ଅଭିଷେକେ—ଜଳ-ମାର୍ଜନେ ,
ଅଧିକ-ଉଜ୍ଜ୍ୱଳୀକୃତ-ଗୃରୁ-ରୂପ-ଧାରଣେ ;
ଶାଣେ ଘଷି ଶଙ୍କରଇ ଗୃରୁ କାନ୍ତି ଯାହାର ,
ସୁବର୍ଣ୍ଣ-ପ୍ରତିମା ସରି ଦୃଶ୍ୟ ହେଲେ ସୁନ୍ଦର ।   ୧୪

GPNanda Colln., Digitized by srujanika@gmail.com

ଦର ବିକ୍‌ସିତ ସ୍ୱର୍ଣ୍ଣ କେତକୀର ପଲ୍ଲବେ ,
ସୌରଭ ଅଭ୍ୟାସ ଯଦ କରେ ସ୍ୱର୍ଣ୍ଣ ସ୍ୱଭାବେ ,
ତେବେ ଅବା ବିଲେପନ ଗନ୍ଧେ ମୁଗ୍ଧ ବାମାର
କାନ୍ତିମନ୍ତ ଦେହେ ଲଭିପାରେ ସାମ୍ୟ ସାରର । ୧୫
ସକଳ କଳା ପଣ୍ଡିତ ସଜନୀଏ ସେ କାଳେ
ନେଲେ ବାଳାଙ୍କୁ ପବିତ୍ର ବେଦୀ ମଧ୍ୟେ ସତ୍ୱରେ ;
ଚିର-ଅଭ୍ୟାସେ-ସଦ୍ବଜ-ପ୍ରତି-ଅଂଗ-ମଣ୍ଡନେ
କ୍ଷଣକେ ସାରିଲେ ପ୍ରସାଧନ-କର୍ମ ଯତନେ । ୧୬
ବିନା ଅଲଙ୍କାର ଶିଖି-ସୀମା ଏହ୍ନ ସୁନ୍ଦରୀ ,
ମଣ୍ଡି ସଖୀଗଣେ ଦେଖାଇଲେ ଅତି ଚାତୁରୀ ;
ନ ଶୋଭେ ଭୂଷଣେ ଏହ୍ନ, କିନ୍ତୁ ଭୂଷାସକଳ
ତାଙ୍କ ଯୋଗେ ଦଣେ ସିନା ସୁନ୍ଦର, ଏ ବିଚାର । ॥
ଅଧରେ ଲୋଚନ ଯୁଗେ ଲଭି ଦ୍ରବ୍ୟ ଅର୍ଚ୍ଚନ ,
ମନଃଶିଳାର ତିଳକ ଧରି ତାଙ୍କ ବଦନ ,
ଶୋଭିଲା ଯେସନ ବିଧୁ ବନ୍ଧୁ ଜୀବ ନଳନେ
ପୂଜାପାଇ, ଶୋଭେ ଗବଫଳୀ-ବନ-ଯାତଣେ । ୧୮
ମଦନ-ମୋହାନ୍ଧ ରାଜେ ଘୋଟେ ଯେଉଁ ତମିର ,
ସେ ପଞ୍ଚ ବସ୍ତୁନେ ତନ୍ତ୍ର-ସମବାୟ ପ୍ରକାର ,
ତାଙ୍କ ଶିର-କେଶ-ପାଶ କେଉଁ ସଖୀ ରୁଚିର
ବାନ୍ଧିଲ ଧୂପ-ଉଦ୍ଭୂତ-ଧୂମେ କରି କୋମଳ । ୧୯

GPNanda Colln., Digitized by srujanika@gmail.com

କେଶପାଶ-ଭ୍ରମେ କେଉଁ ସଖୀ ପୁଣି ସେଠାରେ
ଧୂପ-ଜାତ-ଧୂମେ ବାରମ୍ବାର ବାଂଧି ଆଦରେ ,
ହସିଲେ ସଖୀସମାଜ, ତର୍କି ନିଜ ବିଭ୍ରମ
ବାନ୍ଧିଲା ସେ କେଶପାଶ, ପୁଚ୍ଛ ସମ ସୁଷମ । ୩୦
ସତତ ତରଙ୍ଗେ ବକ୍ର ଯେ କାଳିନ୍ଦୀ ସରିତ ,
ବଳ ହଳେ କୃଷ୍ଣ ହେଲା ପରି ଏବେ ପ୍ରଣତ ,
କରୁଣ-କୁଡ୍ମଳେ ତାଙ୍କ କେଶପାଶ ମଣ୍ଡିତ ,
ଉପହାସ କରେ ସିନା ତା'ରେ ହୋଇ ଗର୍ବିତ । ॥
ଲଲାଟ-ଭୂଷଣ-ସ୍ୱର୍ଣ୍ଣ-ପଟ୍ଟ ଦଶେ ଶୋଭନ ,
କେଶ-ଅମ୍ବୁଦ-ସଙ୍ଘାତ-ସୌଦାମିନୀ-ସମାନ ;
ମୁଖେନ୍ଦୁ-ସମ୍ବନ୍ଧ-ବଶେ ସୁଧା ରସ ଭକ୍ଷଣେ ,
ସ୍ଥିର ହୋଇ ଦୀର୍ଘ ଅୟୁ ଲଭି ଅଛୁ ଏସନେ । ୩୨
ଭୀମ-ନରେନ୍ଦ୍ର-କନ୍ୟକା-ଦମୟନ୍ତୀ-କପୋଳେ ,
ରଜନ୍ଧ ଚୂର୍ଣ୍ଣ-କୁନ୍ତଳା ଲଲାଟିକା ସୀମାରେ ,
ମନଃଶୀଳା-ତିଳକ-ପ୍ରଦୀପ-ଜାତ-ଶୋଭନ ,
ଭ୍ରମଣଶୀଳ କଜ୍ଜଳ-ଧୂମ-ବଲ୍ଲୀ-ସମାନ । ୩୩
ଅଞ୍ଜନ ନିର୍ମିତ ଯେଉଁ ରେଖା ଶ୍ରେଣୀ ଥିଲେ ;
ତାଙ୍କ ଅପାଙ୍ଗ ପରଶି ପ୍ରସାରିତ ଯତନେ ,
ସୁନ୍ଦପାଠ ଦ୍ୱିଗ୍ୟୁ ବ୍ୟୂହ ଶିଖି ଦେଖାଏ ,
ବଢ଼ାଇବାକୁ ଲୋଚନ ଯୁଗ ନାକ ସେ ଯାଏ । ୩୪

GPNanda Colln., Digitized by srujanika@gmail.com

କଣୀନିକା-ନୀଳମଣି ବାରମ୍ବାର ବାଳାର
ଅପାଙ୍ଗ ସରିକି ଧାଏଁ, କାମ-ଲୀଳା-ବହୁଳ ;
ତାହାରି ସେ ଘୋର କୃଷ୍ଣ କିରଣର ପଦବୀ ;
ଅଞ୍ଜନ-ରେଖାର କେବେ ନୁହଇଟି ସେ ଛବି । ୩୫
ବିରାଜିଲା ବଇଦର୍ଭୀ-ବାଳା-ନେତ୍ର-ଯୁଗଳ ,
ଅଂଜନ-ରେଖା-ସଂଯୋଗ ଲଭି, ଅତି ସୁନ୍ଦର ;
ବାଣରୂପେ ନେତ୍ର-ଯୁଗ-ନୀଳୋତ୍ପଳ ମଦନ
ଟାଣିଥିଲେ,ଭୃକ-ମୌର୍ବୀ-କଣ ଏହୁ ଶୋଭନ । ୩୬
ଯେତେବେଳେ ତାଂକ ନେତ୍ର-ଭୂଲା-ଅପରାଧରେ
କୃଷ୍ଣ ମୃଗ ନେତ୍ର ନକ୍କ ତାଡ଼ୁ ଥିଲେ ବଣରେ
ବିଧାତା, ନୁଏ ପରତେ ତା'ର ନେତ୍ର-ପୁରତେ
ବେକ ଘତ ମୃଗ୍ଭଇ ତା' ଦେଉଅଛୁ ଜଗତେ ! ୩୭
ଅତ୍ୟନ୍ତ ପୀଡ଼ିତ ହୋଇ ଭୈମୀ-ନେତ୍ର-ଯୁଗଳେ
ଶ୍ରୁତି ଯୁଗ, ତାଂଙ୍କ ଧରଷଣ ଇଚ୍ଛି ଚଞ୍ଚଳେ ,
ଅର୍ପିଲେ ବେକ ଅବତଂସ ନୀଳ ଉତ୍ପଳ ,
ଇଚ୍ଛି ବେକ-ନେତ୍ର-ପ୍ରତିଦ୍ୱନ୍ଦୀ-ରୂପେ ପ୍ରବଳ । ୩୮
ଯେଉଁ ଅବତଂସୋତ୍ପଳ-ଯୁଗ କଲେ ଧାରଣ ,
ଅଟେ କି ସେ କେଉଁ ରସିକର ବେକ ଲୋଚନ !
କଉଅଛୁ ପଞ୍ଚଶର ତାଂକୁ ଅଳ ଯେମନ୍ତ ,
ତୃହିଁ ରହୁଅଛୁ ନେତ୍ର ହୋଇ ଏଥୁ ସ୍ତବତ ! ୩୯

GPNanda Colln., Digitized by srujanika@gmail.com

ବୈଦର୍ଭି-ଶ୍ରବଣ-ଭୂଷାମଣି-କୋଡ-ଭିତର
ମଦନ-କିଂଶୁକ-ଧନୁ, ମଧ୍ୟେ ତା'ର ଉତ୍ଫୁଲ୍ଲ
ଅବତଂସ-ନେତ୍ର-ରୂପେ, ଶୃର୍ ବାଣ ବସାଇ ,
କେବଳ ନଳଙ୍କୁ ଲକ୍ଷ୍ୟ କରେ କେଳିପାଇଁ । ୪୦
ସତ କି ଏ ମିଛ ବୋଲି ନ କହୁର ତା' ମୁଖ ,
ତାଙ୍କଙ୍କ ଦ୍ୱିବଧୂ ମଣି, ଦେଖି ବଧୂ-ମୟୂଖ ,
ଗଣି ତା'ର ସ୍ପର୍ଦ୍ଧା ପୂର୍ଣ୍ଣ ମୁଖେ ଯମ ଦେବାରେ ,
ଦୃଢେ ବାନ୍ଧି ରଖିଅଛି କର୍ଣ୍ଣ-ସୂତ୍ରେ ତାହାରେ । ୪୧
ପିନ୍ଧାଇ ମଣି କୁଣ୍ଡଳ ଛଳେ କେଉଁ ସଜନୀ ,
"ତବ ମୁଖ ସୁଧାକର ସଙ୍ଗ ଲଭି ଏ ବେନି ,
ପ୍ରାଣନାଥ ନଳଙ୍କର କାମ-ଜନ୍ମ-ବିଷୟେ ,
ଦୌରୁଥ୍ୟର ଯୋଗ ଅଣିଅଛି ଏଥି ନିଶ୍ଚୟେ ।" ୪୨
ଯାବକ-ରାଗ-ପ୍ରକାଶ-ଲାଗି ତାଙ୍କ ଅଧରେ ,
ନିବେଶିଲେ ସଖିଗଣ ମଧୂଚ୍ଛିଷ୍ଟ ଆଦରେ ,
ସୁଧାସମ ଭୈମୀ-ଓଷ୍ଠେ ବାସ ଇଚ୍ଛି ସହଜେ ,
କୃରଜ ମଧୁ ସଂଗମ ଜଡ ଚଣ୍ଡି ବରାଜେ । ୪୩
ମଧୁର ସ୍ୱରେ ସ୍ଫୁରୁବେ ତାଙ୍କ କଂଠ-କନ୍ଦଳୀ
ନିର୍ବିଶେଷେ ବୀଣା ଭାବେ ଥିଲେ ସର୍ବେ ବଶ୍ୟ ;
ସପତ ମୁକୁତା ହାରେ ହୋଇ ଚକ୍ଷୁ ମଣ୍ଡିତ ,
ହୋଇଲା ପରିବାଦନୀ ନାମେ ଚୁଟି ବଦିତ । ୪୪

GPNanda Colln., Digitized by srujanika@gmail.com

ଧାରଣ କରନ୍ତେ ଭୂଜେ ତହିଁ ନାରୀ ରତନ ,
ମଙ୍ଗଳ-ଶଙ୍ଖ-ବଳୟ ଦଶେ ଯଥା ଯତନ ,
'ବାଳ-ବଣ-କାଣ୍ଡ-ଯୁଗ ନବ ଶୋଭା ଇଚ୍ଛାରେ ,
ଉପାସନା କରୁଛନ୍ତି ଅପି ବାହୁ ଯୁଗରେ ।'   ୪୫
ପଦ ଯୁଗଳେ ତାଂକର ନବ-ଯାବ-ରଞ୍ଜନା
ଦେଖି, ସଖି ଗୃରୁପଣେ କଲେ ଏହ ଭାବନା ;
'ପାଦ୍ମ ରାଜି ବଂଯୋଗରେ ବାଳ ଅର୍କ କିରଣ
ଅଲଙ୍ଗ ପ୍ରଭାତେ ତହିଁ ପ୍ରକାଶିତ ଯେସନ ।'   ୪୬
ପୂରବେ ବରନ୍ଧେ କର ଅପରାଧ ଅଧିକ ,
କାନ୍ତେ ସମାଗମ ଭ୍ରଳ, ଏବେ କାମ ପାବକ
ପ୍ରକାଶ ଭଜନ୍ତ ଚିହ୍ନ, ଦମୟନ୍ତୀ ଚରଣ
ସେବା କରେ, ନହେ ତାହା ଅଳକ୍ତକ ଧାରଣ । ୪୭
ନଜେ ନଜେ ତାଂକ ଅଙ୍ଗେ ଗୃରୁପଣେ ଚରମ ,
ପଣ୍ଡ୍ରେ ବଭୂଷଣେ ତହିଁ ପୁଣି ସୁଷମ ;
ତେଣୁ କି ଅଲଂକରଣ ନାମ ବଭୂଷଣର ,
ଯେଣୁ ତାଂକର କରଣ ହେଲା ବୃଥା ମାତର ।   ୪୮
ଭୂଷଣ-ମଣ୍ଡନେ କ୍ରମେ କ୍ରମେ ଯଥା ସୁନ୍ଦର
ଦଶିଲେ, ନୁହେ ବଖାଣି ତାଂକ ଅଂଗସକଳ ;
ଏଣୁ ବଳ ଅନେ ଅନେ ଗୃରୁପଣ ବାହାରେ ,
ଅବଧି-ବୁଧି-ଧୋରଣି ଲଭେ ବାଧା ଶ୍ରଧିରେ ।   ୪୯

GPNanda Colln., Digitized by srujanika@gmail.com

ମଣି-ସନାଥ-ମୁକୁରେ ବଧୂ-ବିମ୍ବ-ସମାନ ,
କରୁ ତହୁଁ ଭୈମୀ-ମୁଖ-ପ୍ରତିବିଂବ-ଦର୍ଶନେ ,
ସଚେତ ନିଜ ବଦନ ସ୍ଥାପି ଦିଅ ପାରୁଣେ ,
ତଦନ୍ତ ପ୍ରଭେଦ ବାରେ, ବାଳା, ହୁଏ ମାନସେ !
ତାଂକ ମୁଖେ ପରିକଳ ହୋଇ ସୁଧା-ଅନ୍ଦର ,
ଦ୍ୱିଚନ୍ଦ୍ର ମାୟା ନିଜ କରି ତହୁଁ ପ୍ରଚୁର ,
ଯୁଗପତେ ସଖୀଯୁଗ ପ୍ରଦର୍ଶିତ ମୁକୁରେ
ବନ୍ଧୁତ୍ୱ ଧରି ବଦନ, ଜାଣିଲା ସେ ବଧୂରେ । ୫୧
ଅଳକ୍ତ-ଅରଚିତ-ଦରପଣ-ଯୁଗଳେ
ଦଶେ ଏକମାତ୍ର ମୁଖ, କମ୍ରୁ ପଦ୍ମ ସକଳେ
ତମେ ଧ୍ୟାଇ ତନ୍ନୁ, ନିଶା-ସମାଧି-ସାଧନରେ
ସାଲୋକ୍ୟ ଲଭଲେ ତହୁଁ କି ହୁଏ ମନରେ ।
ବିସ୍ତରି ତଂଶୁକ-ମାଳା ଅଳଗଣେ ମଣ୍ଡିତ ,
ବିଭୂଷଣ ମଣିରଶ୍ମି ଯନ୍ତ୍ରଗଣେ ଆବୃତ ;
ବାଳାବରେ କାମ ସର୍ବ-ଅଇଶ୍ୱର୍ଯ-ବିସ୍ତୃରେ ,
ରକ୍ଷା କରିଅଛନ୍ତି କି ଲକ୍ଷ-ସଂଖ୍ୟ ଯନ୍ତ୍ରରେ ! ୫୩
ବିଶେଷ-ତୀର୍ଥ-ସଂଯୋଗେ ଜହ୍ନୁ-କନ୍ୟା-ଯେସନ ,
ବିନୟ-ପ୍ରସୂତ-ଗୁଣେ ପୁତ୍ର ଅବ ସମାନ ,
ଅନୁକୂଳ-ଦୈବେ ସାଧୁ ନୀତ ଶୋଭେ ଯେପରି ,
ଲଭିଲେ ପରମ ଶୋଭା ବିଭୂଷଣେ ସୁନ୍ଦରୀ । ୫୪

GPNanda Colln., Digitized by srujanika@gmail.com

‘ ନ ବିନ୍ଦନ୍ତୁ ପତି ଜାଣି ବଇଧବ୍ୟ ସେ ନଳ’,
ମନ୍ତାପି ଏସନ, ଅପି ନୃପ-ନାରୀ-ସକଳ ,
ଭୈମୀ ପଦ ଲାକ୍ଷା ରସ ଶିରେ କଲେ ଧାରଣ ,
ପତି-ପରମାୟୁ-ଲାଗି ସେ ସିନ୍ଦୂର ସମାନ । ୫୫
ଅମୋଘ ବୋଲି ଯାହାଙ୍କ ଆଶୀର୍ବାଦ ବଚନ
ପ୍ରସନ୍ନ-ଗୀର୍ବାଣ-ବରାକ୍ଷର-ସ୍ରଜ ସମାନ ,
ସେହି ଗୁରୁ ଦ୍ୱିଜ ପତିବ୍ରତା ଗଣ ଆଶିଷ ,
ପ୍ରଣମି, ଲକ୍ଷିତା ଭୈମୀ, ଲାଭ କଲେ ଅଶେଷ । ୫୬
ସେହିପରି ସେହିକାଳେ ନଳ-ଭୃତ୍ୟ-ସକଳ ,
ପ୍ରସାଧନ କର୍ମେ ଯେଉଁମାନେ ଅତି କୁଶଳ ,
ନିଜ ପ୍ରଭୁ ପାଣିଗ୍ରହ-କାଳୋଚିତ-ମଣ୍ଡନ
କଲେ, ନାନାବିଧ ବିଭୂଷଣେ କରି ଭୂଷଣ । ୫୭
ତହିଁ ଅଧିକୃତ, କେଶ-ବନ୍ଧନରେ ପ୍ରବୀଣ ,
ବିରଚି ସୂଚିତେ କଲେ ନଳ-କେଶ-ବନ୍ଧନ ;
ଶରଦେ ତେଜନ୍ତି ବର୍ହ ଯେ ମୟୂରେ, ତାଙ୍କର
ସେ ବରହ ଶୋଭା ଜିଣିଥିଲା ସେହୁ ଚିକୁର । ୫୮
ଅକୁଞ୍ଚିତ-ମାର୍ଜ୍ଜନ-ଶିଖା ଦୀର୍ଘପଣେ ସୁନ୍ଦର
ଯେଉଁ କେଶ, ତହିଁ ଯୋଗ ଲଭି ସବୁ କୁନ୍ତଳ ,
ଛଆବଧ କାମ କୋଦଣ୍ଡର ଗୁଣେ ମିଳିତ
ହେଲାପରି ସଉଭାଗ୍ୟ ଲାଭ କଲେ ତ୍ୱରିତ । ୫୯

GPNanda Colln., Digitized by srujanika@gmail.com

ଅମୂଲ୍ୟ ରତ୍ନ-ନିକରେ ଯେ ମୁକୁଟ ମଣ୍ଡିତ ,
ମସ୍ତକେ ଧରନ୍ତେ ନୃପ ହେଲା ଶୋଭା ଅମିତ ;
ଯାଚକ-କଳପ-ଦ୍ରୁମ ନରପତି ଆପଣେ ;
ତେଣୁ କି ମଞ୍ଜୁ ମଞ୍ଜରୀ ବିକାଶଇ ରତନେ । ୬୦
ନଳ-ଭାଲେ ମଣି-ହାର-ପଙ୍କ୍ତି ଜାର ଛଳରେ
ଲଗ୍ନ ହୋଇ, ସୁଧାକର ବିମ୍ବ ସକେ ରୁଚିରେ ;
ଚନ୍ଦ୍ର ବଳ ଅଧିକ ସୁନ୍ଦର ନଳ ଆନନ
ବ୍ୟାପିବାକୁ ଅଶକତ କରେ ମାତ୍ର ଧାରଣ । ୬୧
ବୈଦର୍ଭୀ-ମାନସୌକସ-ଧୈର୍ଯ୍ୟଭର-ମରାଳେ
ବଧିବାକୁ ଇଚ୍ଛା କରି, କାମ ନିକି ସେ କାଳେ
ନଳ ଭୂରୁ ଧନୁ ସମୀପରେ ଗୁଳ ସମାନ
ବର୍ତ୍ତୁଳ ତିଳକ ଚନ୍ଦ୍ରେ କଲା ନିକି ସ୍ଥାପନ । ୬୨
ସରୋଜ-ତର୍ଜ୍ଜୀ ନୈଷଧ-କମନୀୟ-ବଦନେ
ଚନ୍ଦନ-ବିନ୍ଦୁ-ମଣ୍ଡଳୀ ରମ୍ୟ ଦିଶେ, ଯେସନେ
ଶଶାଙ୍କ-ଅଙ୍କ-ବର୍ତ୍ତିନୀ କେଉଁ ତାରା ସୁନ୍ଦରୀ
ଦିବସେ ବିଳସେ କିବା ବିଧୁ ସଙ୍ଗେ ବିହରି । ୬୩
ଯେତେବେଳ ଯାଏଁ ଅଗ୍ନି-ପ୍ରଦକ୍ଷିଣ-ବିଧିରେ
ନୋହୁଛି ବିବାହ ଭୈମୀ-ନଇଷଧ-ମଧ୍ୟରେ ,
'କି ହୋଇଛି ଲେଖା ଭାଲେ', ପଢିବାର ମାନସେ
ହେରିଛନ୍ତି ବାସବ କି ସୁଧାକର ହୁସରେ ! ୬୪

GPNanda Colln., Digitized by srujanika@gmail.com

କପୋଳେ କୁଣ୍ଡଳ-ଜାତ ପ୍ରତିବିଂବ ଯୁଗଳେ
ମିଳି ସେ କୁଣ୍ଡଳ ଯୁଗ ସଙ୍ଗେ ଜଳେ ରୁଚିରେ ;
ମନେ ହୁଏ ରତି-ଧବ-ସ୍ୟନ୍ଦନରେ ସ୍ଫୁରିତ
ଚକ୍ର-ଚତୁଷ୍ଟୟ କିଏ ଗୃରୂପଣେ ଶୋଭିତ ? ୭୫
ଗୁରୁ ବିପ୍ର ବନ୍ଦିବାର କାଳେ ନତ ଶିରସେ
କଣ୍ଠାଶ୍ରିତ ମୁକ୍ତାବଳି ଚିବୁକର ପରଶେ
ମନେ ହୁଏ, ମୁଖ ଚନ୍ଦ୍ରୁ ସୁଧା ବିନ୍ଦୁ ସକଳ
ସ୍ରବି, ଘନୀଭୂତ ହୋଇ, ଦିଶେ ଯଥା ସୁନ୍ଦର ! ୭୬
ସମୁଦ୍ର ହୋଇଲା ସେହୁ ଭୂଜ ଊର୍ମିକା ଧରି ,
ବାରଣେ ତାହାର ବଳ-ଦ୍ୱେଷୀ ହୋଇଲେ ବଳୀ ,
କମଳାର୍ଥୀ ଘନ ହେଲେ ସେହୁ ଭୁଜେ ଆଦରି ,
ଆଶାରୁ ବଳାଇ ତାଙ୍କୁ ଦେଲେ ପୂରଣ କରି । ୭୭
ଅନାରତେ ଅର୍ଥିଜନ-କୃତାର୍ଥତା ସାଧନେ
ତାଂକ କର ଅମର-ପାଦପ ଏହୁ ଭୁବନେ ;
ସେହୁ କଳ୍ପଲତା-ମୂଳେ ବିନିହିତ କଂକଣ
ଆଲବାଳ-ସମ ଶିଖୀ କରେ ତେଣୁ ଧାରଣ । ୭୮
ଉଭୟ-ଭୁଜ-ମଣ୍ଡିତ ନାନାରୂପ ଭୂଷାରେ ,
ହୀରକ ମାଣିକ୍ୟ ସିତ ରକ୍ତ କାନ୍ତି ଛଳରେ ,
ଭୁବନ ବିଜୟାଙ୍କିତ ପ୍ରତାପ ଓ କୀରତି ,
ବରଷନ୍ତି କିବା ଦଶ ଦଶେ ସେହୁ ନୃପତି ! ୭୯

GPNanda Colln., Digitized by srujanika@gmail.com

ନାନା ଅଳଙ୍କାରେ ବିଭୂଷିତ ଅଙ୍ଗ ନିକର ,
ମୁକୁର ସ୍ୱରୂପ ସ୍ୱଚ୍ଛ ମଣିଗଣ ଉଜ୍ଜ୍ୱଳେ ;
ତେଣୁ ତହିଁ ନିଜ-ରୂପ-ରେଖା ଦେଖି ରାଜନ ,
କଲେ ନିଷ୍ଫଳ ସେବକଗଣ-ଦତ୍ତ ଦର୍ପଣ । ୭୦
ମଣିପତି-ଆଭରଣ-ଗୁରୁ-ଦ୍ୟୁତି ଉଜ୍ଜ୍ୱଳ
ନ ଦେଖିଲେ ଦର୍ପଣରେ ତହିଁ ଲୋକେ କେବଳ ;
ବିସ୍ତାରି ରତ୍ନ-ଲୋଚନ ଅଳଂକାର ନିକର ,
ଅନାଇଲେ ପରସ୍ପରେ ହୋଇ ଯେହ୍ନେ ବିହ୍ୱଳ ! ୭୧
ଛିନ୍ନ-ଶତ୍ରୁ-ଜୟଦ୍ରଥ ସେ ନିଷଧ ନୃପତି ,
ଜନ୍ୟ ଯାତ୍ରା ମୋଦଭରେ ସମୁଦ୍ଧତ , କିଶ୍ୱୀ ,
ବାର୍ଷ୍ଣେୟ-ନାମକ-ସୂତ-ନିୟନ୍ତ୍ରିତ ସ୍ୟନ୍ଦନେ
ଚଳିଲେ, ସମର—ରସେ ପୃଥା-ସୁତ ଯେସନେ । ୭୨
ବିଦର୍ଭ ନାମେ ଆଖ୍ୟାତ ପୁରନ୍ଦର ନଗରେ
ଅପୂର୍ବ ସଦୃଶ ନାରୀଗଣ , ରସେ ଆଦରେ
ଦିବ୍ୟ ନାନା ଅଳଙ୍କାର ଦେଖିବାକୁ ନୃପତି ,
ବାହାରି ସଦନୁ ତୂର୍ଣ୍ଣ ହେଲେ ପଥେ ସ୍ଥିତ । ୭୩
ବିଲୋକନେ ଉତ୍କଣ୍ଠିତ କେଉଁ ପୁର କାମିନୀ ,
ସମୀରେ ଅର୍ଦ୍ଧ ଉଡ୍ଡୀନ ସ୍ତନାଂଶୁକ ନ ଜାଣି ,
ଭୋଳେ କଲବେଳେ ସେହି ପଥେ ଭୂପ ଗମନ ,
ମଙ୍ଗଳ-କୁମ୍ଭ-ସମ୍ଭାର ହେଲା ତହିଁ ବିଧାନ । ୭୪

GPNanda Colln., Digitized by srujanika@gmail.com

କେଉଁ ସ୍ୱରାଙ୍ଗନା ନଳେ ସଭାରେ ଦେଖାଏ
ଅତର୍କିତେ କାଢୁଁ କର , କଙ୍କଣ ଏ ସମସ୍ତେ
ଲାଗି ମୁକ୍ତାହାରେ ତାହା ଛିଡି ହେଉଁ ପତିତ ,
କଲା ତହିଁ କ୍ଷଣେ ଲାଜ-ମୋକ୍ଷଣ ସେ ବିହିତ ॥
ନଖ ଆଦରଣ ଯହିଁ , ମୁଖ ପଦ୍ମ ସମାନ ,
ସ୍ମିତ ପୁଷ୍ପ , ବାଣୀ ମଧୁ , ପାଣି ପତ୍ର ଶୋଭନ ,
ନୃପତି-ଗମନ-କାଳେ ତେଣୁ ନାରୀ ସକଳ
ହୋଇଲେ ଶୁଭ-ସୂଚକ ଭବ୍ୟ ଦ୍ରବ୍ୟ ନିକର । ୭୬
କେଉଁ ବାଳା ଧରି କରେ ଭକ୍ଷିବାକୁ ତାମ୍ବୂଳ ,
ନୃପ-ଦରଶନେ ତହିଁ ହୋଇ ଅତି ବିହ୍ୱଳ ,
ତାମ୍ବୂଳ ପସୋରି ଲୀଳା ପଦ୍ମ ଦିଏ ବଦନେ ,
ସତେ ଅବା ସେମନ୍ତ ମୁଖ-ଚନ୍ଦ୍ର-ଶତ୍ରୁ ସ୍ମରଣେ । ୭୭
ହୋଇଥିଲେ ଅନ୍ୟମନା ଦରଶକସକଳ ,
ଏହି ଅବସରେ ଉପପତି ଯାଉ ପାଖର ,
ତାର ଗାଢ-ଆଲିଙ୍ଗନ-ସାହସେ , କେ ଅବଳା
ନଳ-ବିଲୋକନେ-ବିଘ୍ନ-ମାତ୍ର ବୋଲି ମଣିଲା । ୭୮
ଅମାନୁଷ ତନୁ-ଶିରୀ ଧରି ଆନ କାମିନୀ
ଅଦୃଶ୍ୟ ହୋଇଲା ପାଦ ଅଗ୍ରେ ଛୁଇଁ ମେଦିନୀ ,
ଶୁଦ୍ଧାନ୍ତେ ନିଷଧ ଈଶେ ଅପଲକ ନେତ୍ରରେ ,
ନୁହେ ଅପସରା ଚିନା ଭୂମୀ-ସ୍ପର୍ଶ-ମାତ୍ରରେ । ୭୯

GPNanda Colln., Digitized by srujanika@gmail.com

ବିଭୂଷଣ ଖସିବାରୁ ସଖୀ-କରେ ତାଡନ
ସହ୍ୟ, ପୁଣି କଂପି କଂପି କେହୁ ନାରୀ-ରତନ
ଅପାର-ପୁଲକ-ପ୍ରାଣେ ସଖୀଜନ-ଗହଳେ
ନଳେ ଦେଖିବାରେ ପଶି ଯାଉଥିଲା ବିହ୍ୱଳେ । ୮୦
ଦରଶନେ ଭେଳ ନାରୀମାନଙ୍କର ଶ୍ରବଣ ,
ନ ଭରି ପାରିଲେ ଆଉ ଆନ କିଛି ଶ୍ରବଣ ;
କର୍ଣ୍ଣ ଅବତଂସ ନୀଳୋତ୍ପଳ ରୂପ ନୟନେ
ନିଷଧେନ୍ଦ୍ର ନୃପେ ନିକି , ନ ଶୁଣିଲେ ବିମନେ !
ଅଦ୍ଭୁତ ମଣ୍ଡିତ ଅଳଙ୍କାର ଜାଳେ
ଦେଖି ନରପତି କେଉଁ ନାଗରୀ ,
ମୋହେ ମଗ୍ନ ହୋଇ କରିଲା ଆଶଂକା
'ସତେ ନିକି ଏହୁ ବୃନ୍ଦ ଅଇରି ।'
ଜ୍ୟୋତିଷ୍ଟୋମ ଆଦି ଯଜ୍ଞ ଫଳ ଲବ୍ଧ
ଜଗତର ସାର୍ବଭୌମ ଭ୍ରମରେ ,
ଅନିମେଷ ନେତ୍ରେ ସହସ୍ର ନାଗରୀ
ନେତ୍ରେ ଆଲିଙ୍ଗିତ ନିକି ଆଦରେ ! ୮୧
ପ୍ରଦ୍ୟୁମ୍ନ ନୃପତି ଧରି ନାରୀ ମୂର୍ତ୍ତି
ହୋଇଥିଲେ ଯା'ର ମାତା
ସେହି ଉରବଶୀ ପ୍ରାଣନାଥ ଐଳେ
ରୂପ ଗୁଣେ ଯେ ବିଜେତା ,

GPNanda Colln., Digitized by srujanika@gmail.com

ଶିବ-କୋପାନଳ   ଇନ୍ଧନ ମଦନ
    ସିଂହାସନ ଅଧିକାରେ ,
ଅଧିଷ୍ଠ ମୂରତି   ଏହୁ ନରପତି
    ଉଦଛନ୍ତି କି ମହୀରେ ! ୮୩
ଏହି ଯୁବା ଲାଗି   ତେଜଲେ ଯା ସଖୀ–
    ଅର୍ଥୀ ଦେବ ସ୍ୱର୍ଗପତି ।
ଧନ୍ୟା ସେହୁ , ଧନ୍ୟ   ତାଙ୍କ ନିର୍ବାଚନ ,
    ଧନ୍ୟ ବିଶେଷଜ୍ଞ ମତି ,
ବରନ୍ତେ ନୈଷଧେ ,   ସୁମନସ ଦେବେ
    ହେଲେ ଯାହା ଦୁର୍ମନସ ,
କ୍ଷମିବାର କେବେ   ନୁହଇ ଉଚିତ
    ତାଙ୍କର ଏହି ସାହସ । ୮୪
ତାଙ୍କ ଉତ୍କଣ୍ଠିତ–   କଣ୍ଠେ ଲମ୍ବମାନ
    ବରଣମାଳା ଦର୍ଶନେ
ନ ଫାଟିଲା ଯେବେ ଦେବ ହୃଦ , ଏବେ
    ନ ଫାଟେ ଅସ୍ତ୍ରେ କେସନେ !
ଫେରୁଁ ସଚୀ ପାଖେ ,   ନ ଗୃହଁବେ ଯେବେ ,
    ସଚୀ ବକ୍ର ମୁଖ କରି ,
ବ୍ୟର୍ଥ ମନୋରଥେ   ଯାଇ ଲଜ୍ଜାବଶେ
    ତୋଷିବେ କେସନେ ହରି ? ୮୫

GPNanda Colln., Digitized by srujanika@gmail.com

ନୃତ୍ୟେ ଅବିଦୂଷୀ   ଦମୟନ୍ତୀ ; ଜାଣ,
ଅନନ୍ୟ କୀରତି ଶ୍ରେୟ ;
ନ ବରି ବାସବେ ,   କରିଅଛୁ ଭଲ ,
ମଣି ସଚୀପଦ 'ହେୟ ;
କହ, କେଉଁ କବି   କରିଛନ୍ତି ବର୍ଣ୍ଣନା
ଶଚୀ-ଦେବୀଙ୍କ ଚରିତ ; '
ନକରିବ କଏ   'ଉପଧ୍ମା ପାତ୍ରେ
ଏହାଙ୍କ ଚରିତ୍ର ଚିତ୍ର !
ବଇଦର୍ଭୀ ବନ୍ଧୁ   ଜନ୍ମ ତପଃ ଶିଳ୍ପେ ,
ନଳ-ରୂପ-ଗୃରୁ-ଶିଷି ;
ଅବନୀ ନିବାସୀ   ଏନ୍ତୁ ପୁଷ୍ପ-ଶର ,
ନିଏ ଜନ-ନେତ୍ର ହରି ;
ଗୀର୍ବାଣ–ଅଳଯ୍ୟ-   ସାର୍ବଭୌମଙ୍କର
ଦୁରଲଭ ପୁଣ୍ୟ ବ୍ରତେ
ଭୈମୀ ସହ ଯୋଗ   ଅନୁଭବ ନଳ ,
ଲଭନ୍ତୁ କାନ୍ତ ଅର୍ଦ୍ଧେ ତେ । ୮୬
ସ୍ତ୍ରୀପୁଂସ ଯୋଗ   କରୁଥାନ୍ତୁ ନିତ
ବନ୍ଧୁରି କି ପ୍ରଜାପତି ,
ପରିପକ୍ୱ ହେଲେ   ଅଭ୍ୟାସ ତାଙ୍କର
ଗଢିବେ ଏହୁ ଦମ୍ପତି ?

GPNanda Colln., Digitized by srujanika@gmail.com

ଅଦ୍ୟ ସୃଷ୍ଟି କାନ୍ତ ଚିଥେ ନାସ୍ତି ସଂସେ
ପ୍ରେମାର୍ପଣ କ୍ରୀଡ଼ା ଯାର ,
ଏହୁ ଦମ୍ପତିର ଗାଢ଼ ରାଗ ବନ୍ଧ
ଲଭିଲା ଠେକ ସେ ସ୍ମର । ୮୮
ଜ୍ୟୈଷ୍ଠେ ମହାନାୟ ପୂର୍ଣ୍ଣିମା ଉତ୍ସବେ
ଦୋଳାରୂଢ଼ ନାରାୟଣେ
ଦେଖିଛନ୍ତି ଯେନ୍ତେ , ସେହୁ ନେତ୍ରେ ସିନା
ଦେଖନ୍ତି ପଥେ ସ୍ୱଜନେ ;
କୃଷ୍ଣ ଶ୍ୱେତ ନୃପ- ନନ୍ଦନ-ସଙ୍ଗମରେ
ସେହୁ ନାରୀରାଜ ଧନ୍ୟ ,
ମାଘେ ଅଘନାଶୀ ଗଙ୍ଗା ଯମୁନାର
ସଙ୍ଗମେ ଯେ କଲା ସ୍ନାନ । ୮୯
ଅଖିଳ ନୃପତି ବରଜି , ବୈଦର୍ଭୀ
ବରନ୍ତେ ନଳ ରାଜନେ ,
ତାହାଙ୍କ ସୌଭାଗ୍ୟ ଅତି ମହତ୍ତ୍ୱ ,
ବୁଝିଲେ ସଭାରେ ଜନେ ;
ନ କହିଁ ବାସବେ , ସତୀ ହୋଇ ପ୍ରୀତ ,
କଲେ ଆଶୀର୍ବାଦ ଦାନ ,
ତାହା ରାଜ-କନ୍ୟା- ସୌଭାଗ୍ୟ-ବିଧାନେ
ହୋଇଲା ତହିଁ କାରଣ । ୯୦

GPNanda Colln., Digitized by srujanika@gmail.com

ବାସବ ପର୍ଯ୍ୟନ୍ତ ସର୍ବ ଦେବ ଚେଳ ;
ନଳେ ଯା କଲେ ବରଣ ,
ଉପଯୁକ୍ତ ସେହୁ ତତ୍ପୂ-ଲଜ୍ଜା ତ୍ୟାଗ ,
କର୍ତ୍ତବ୍ୟ ଅବଧାରଣ ;
ଅମରେ ସନ୍ତୋଷି ପୁଣି , ଦମୟନ୍ତୀ
କଲେ ନୈଷଧେ ସ୍ୱୀକାର ,
ଲଜ୍ଜା ଦ୍ୱେଷ ଅପ- ଘଟଣ ଅବସର
ନ ରହିଲା ଦେବଂକର । ୯୧
ପଦ୍ମ ରାଗ ରକ୍ତ- କରେ ନଳ ରାଜା
ଆରୋହି ସୁଖ ସ୍ୟନ୍ଦନ ,
କରନ୍ତେ ଗମନ, ଅଙ୍ଗ ଅଙ୍ଗେ ବଳ
ଶୋଭେ ଅଲଂକାର ଗଣ ;
ପୁର-ନାରୀଗଣେ ନିରେଖି ନୈଷଧେ
ଅଳପିଲେ ଏହିମତେ
ଆନନ୍ଦେ , ସତେ କି ଦେଖିଲେ ସେ ବିଧୁ
ପ୍ରାଚୀ କ୍ରୀଡ଼ା-ପରବତେ ! ୯୨
କବିରାଜ-ରାଜ- ମୁକୁଟ-ଭୂଷଣ-
ହୀରକ ଶ୍ରୀହୀର ଜନକ କବି ;
ତନୟ ଶ୍ରୀହର୍ଷ ଜିତେନ୍ଦ୍ରିୟବର ;
ଜନନୀ ତାହାଙ୍କ ମାମଲ୍ଲଦେବୀ ;

GPNanda Colln., Digitized by srujanika@gmail.com

ତାଙ୍କ ବିରଚିତ   ଭୃଶେତର ରସେ
ସ୍ୱାଦୁ , ଏହୁ ନଇଷଧ ଚରିତ ,
ମହା କାବ୍ୟ ; ତହିଁ   ହେଲା ଏବେ ଏହୁ
ପଞ୍ଚଦଶ ସର୍ଗ ସର୍ଗ-ମହତ ।   ୯୩

GPNanda Colln., Digitized by srujanika@gmail.com

ପଞ୍ଚଦଶ ସର୍ଗର ଟୀକା

(ଅଙ୍କରୁ ଶ୍ଲୋକାଙ୍କ ବୁଝିବାକୁ ହେବ)

୬ – ଦେବୀ ଏଠାରେ ଦମୟନ୍ତୀଙ୍କ ମାତା; ଶ୍ରୀମ-ଙ୍କଣୀ ।

୩୧ – କର୍ଣ୍ଣ ନାମକ ବୃକ୍ଷର କୁଣ୍ଡଳ, ଫୁଲକଢ଼ି ।

୪୨ – ଚୌରୁଧ୍ୱଜ ନାମକ ଫଳିତ ଯୋତିଷର ଯୋଗ । ପୂର୍ବ ପର ରାଶିରେ ବୃହସ୍ପତି ଓ ଶୁକ୍ର ଥାଇ ମଧ୍ୟ ରାଶିରେ ଚନ୍ଦ୍ର ରହିଲେ ଏହି ଯୋଗ ହୁଏ ।

୪୪ – ସପ୍ତ ତନ୍ତ୍ରୀ ଯୁକ୍ତ ବୀଣାରୁ ପରିବାଦନୀ କହନ୍ତି ।

୪୮ – ଅଲଂ = ବୃଥା; ନିଷ୍ପ୍ରୟୋଜନ ।

୭୬ – ଉର୍ମିକା = ମୁଦି; ଲହରୀ । ରାଜ ସମ୍ପନ୍ନ ହେଲା । ତାହାର ହାତରେ, ଐଶ୍ୱର୍ଯ୍ୟରେ, ବଳଦ୍ୱେଷୀ, ଇନ୍ଦ୍ର ବଳୀ, ବଳବାନ୍ ହେଲେ । କମଳାର୍ଥୀ, ଜଳାକାଂକ୍ଷୀ ମେଘମାନଙ୍କ ସ୍ୱର୍ଗ ଅଗାଧ, ଦଗର ବରାଇ ପୂର୍ଣ୍ଣ ହେଲା । ଅନନ୍ତର, ତାକୁ, କୃଷ୍ଣକୁ, କାରଣ କଢ଼ିବାରୁ ଯାଇ ଶତ୍ରୁମାନେ ବଳୀ ହେଲେ । କମଳାର୍ଥୀ, ଧନାର୍ଥୀମାନେ ବହୁଳ ହେଲେହେଁ ଅଣାରୁ ଅଧିକ କରି ତାଙ୍କୁ ଦାନ କଲେ । ଦ୍ୱିଅର୍ଥ ।

୭୨ – ଜୟଦ୍ରଥ = ରଥଶ୍ରେଣୀ; ମହାଭାରତୀୟ ସିନ୍ଧୁ ଦେଶ ରାଜା । ଜନ୍ୟ = ବରଯାତ୍ରୀ; ଯୁଦ୍ଧ ସମ୍ବନ୍ଧୀୟ । ଦ୍ୱିଅର୍ଥ ।

GPNanda Colln., Digitized by srujanika@gmail.com

ଷୋଡଶ ସର୍ଗ

ମହାରଥୀ ରଥେ ଚଢ଼ି ରଥାରୋହୀ-ମେଳେ ,
ଗଲେ ତହୁଁ ନରପତି ବଇଦର୍ଭ ପୁରେ ;
ପୁରୋହିତ ଗଉଂତମେ କରିଣ ପୂଜନ ,
ମଙ୍ଗଳ-ବିଧାନେ ପଛେ କରିଲେ ଗମନ । ୧
ବିଧୁ-ପ୍ରଭ ଚମର ଚଳାଇ ବାମାଗଣେ ,
କରୁଥିଲେ ସେବା ତହିଁ ନିଷଧ-ରାଜନେ ;
ଭୂଷଣେ ଶ୍ୱେତ ଚମର ପ୍ରତିବିମ୍ବି ଶୋଭେ ,
ଉପାସନା କରନ୍ତିକି ସ୍ୱଗୁଣ ନିବହେ ! ୨
ପରମ ବେଶ ଭୂଷଣେ ସୁ-ନାସୀର ଗଣ
ନରପତି ସହ ପଥେ କରନ୍ତେ ଗମନ ,
ସୁନାସୀର ପଦବାଚ୍ୟ ହେଲେ ତହିଁ ନଳ ;
ରୂଢ଼ି ଶବ୍ଦେ ବୃତ୍ର-ଶତ୍ରୁ ବାସବ କେବଳ । ୩
ଏବେ ରାତ୍ରି , ତହିଁ ପୁଣି ଉଠେ ସେନା-ଧୂଳି ,
ସେ ସାନ୍ଦ୍ର ଅନ୍ଧାରେ ବର-ଯାତ୍ରା ଶୋଭେ ଝୁଲି ;
ନଳ-ନାସୀର-ନୃପଙ୍କ କିରୀଟ-ରତନେ
ଦୀପ ପୁନରୁକ୍ତି ସିନା ସେ ରତ୍ନ-ଦୀପନେ ! ୪

ଆସନ୍ନ ଶୁଭ ଲଗନ ଭାଳଣ , ସତ୍ୱରେ
ପେଷୁଥିଲେ ଭୀମ ଯେଉଁ ଦୂତ ନୃପବରେ ,
ପଥେ ଯାଇ ବର-ଯାତ୍ରି-ସଙ୍ଗେ ସେ ମିଳିତ
ହୃଅନ୍ତେ , ବଢ଼ିଲା ନଳ ସୈନ୍ୟ ଅଗଣିତ । ୫
ଖଚନ୍ତ ଚୀନ ଅଂଶୁକ ଲତା ମନୋହର ,
ପବନ-ପୂରଣ-ଯୋଗେ ତହୁଁ ପୀନତର ,
ସିଂହ ଗଜ ବ୍ୟାଘ୍ରାକାର ପରମ ଶୋଭନ ,
ଅଶ୍ୱ-ସେନା-ଧ୍ୱଜେ ହେଲା ଆକାଶ ବେପିନ । ୬
ତହୁଁ ଗଜ-ଅଳି-କଣ୍ଠି-ଅନଳେ ଗୃଳିତ
ତୋରଣ-ମାଳିକା-ଭୂରୁ କରାଇ କୁଞ୍ଚିତ ,
ସତେ ଅହ୍ୱାନଲା ପରି ପ୍ରତୀହାର ହିତ
ଦେଖି , ମଣିଲେ ନୃପତି ଯେତେକ ଭୈମୀ ଦୂତୀ ! ୭
ରମ୍ଭାତରୁ ଯୁଗ ଶ୍ଳଥ ଦଳେ ମନୋହର ,
ଶୋଭେ ଚଣ୍ଡାତକ ବିମଣ୍ଡିତ ପୁରଦ୍ୱାର ;
ଭୈମୀ-ପ୍ରିୟ-ସଖୀ ସେ କି ଅନୁରାଗ-ଭରେ ,
ତୂର୍ଯ-ଅଦ୍ଦ-ଧ୍ୱନେ ହସେ ସ୍ୱାଗତ ଆଦରେ । ୮
ସ୍ପର୍ଶାସକ ନଳ ଭୀମ ବେନି ନୃପ ଭସ୍ୟେ
ଶାନ୍ତ ବେନି-ନଢପଛ-ସଉନକ-ଚୟ୍ୟେ ;
ନ ଥିଲା କିଞ୍ଚିତେ ହେଲେ ହିଂସା ପରସ୍ପରେ ,
ମୁଖ-କଳ-କଳ-ରବ ଉତ୍ପୂଜିଲା ଦ୍ୱାରେ । ୯

GPNanda Colln., Digitized by srujanika@gmail.com

ଦେଖିଲେ ଦର୍ପେ ବୈଦର୍ଭ, ଦମ ତାଙ୍କ ସୁତ
ବସାଇ ନଳ ବାନ୍ଧବେ , ଯାଇ ଅର୍ଦ୍ଧପଥ ,
'ଆସ ଆସ ଏଣେ ,' ବୋଲି କରିଣ ସତ୍କାର
ପାଦେ ଗୃହ , ଦ୍ୱାରଯାଏ ଅଣୁଥିଲେ ନଳ । ୧୦
ଉଠି ତହୁଁ ଭୀମ ନୃପ, ଆଲିଙ୍ଗିଲେ ନଳେ ,
ଅନନ୍ୟ ଅମ୍ବିକା-ଯୋଗ୍ୟ-ପାତ୍ରେ ଲଭି ହେଳେ ,
ପ୍ରସାରି ଲହରୀକର ସାଗର ଯେସନ
କରେ , ଭାଗୀରଥୀ-ପାତେ ଦେଖି , ଆଲିଙ୍ଗନ ।
ମହୀଭୃତ-ପତି ବନ୍ଧୁ-ବାହିନୀ-ଈଶ୍ୱର ,
ସର୍ବଜ୍ଞ ପୁରୁଷୋତ୍ତମ ସେ ଶିବେ, ବିଧିର
ଯଥା ଆଚରଣେ ହୋଇ ପବିତ୍ରିତ-ମନା ,
ଅର୍ପିଲେ ସାଧୁ ଲକ୍ଷ୍ମୀ ଶିବା ସେ ନନ୍ଦନା । ୧୨
ମଧୁପର୍କ ଆସ୍ୱାଦନ କଲେ ଯା' ନୃପତି ,
ଉପୁଜିଲା ଏହି ତର୍କ ତାର୍କିକର ମତି ,
'ଭୀମଜା-ଅଧର-ମଧୁ କରିବେ ସେ ପାନ ,
ଏହି ଛଳେ କରିଲେକି ପୁଣ୍ୟାହ-ବାଚନ !' ୧୩
ପଦ୍ମଘାତେ କଉତୁକୀ ଦୋଷୀ ବର-କର ,
ବଧୂ-କର ଅରବିନ୍ଦ-ଲାବଣ୍ୟ-ତସ୍କର ,
ତେଣୁକି ବିଦର୍ଭ-ରାଜ୍ୟ ସୁରାଜା-ଶାସନେ
ବନ୍ଧାହେଲେ ବେନି କର କଙ୍କଣ କୁଶ-ଗୁଣେ ! ୧୪

GPNanda Colln., Digitized by srujanika@gmail.com

ବୈଦର୍ଭ-କୁମାରୀ-କର-କମଳ ସେ କାଳେ ·
ନନ୍ଦିତ ହୋଇଲା ଯାହା ନଳ ପାଣି ପରେ ,
ଭବିଷ୍ୟେ ପୁରୁଷାର୍ଥ-ସୂତ୍ରପାତ ମଣି ,
କଲେ ସ୍ତୁତି, ମିଳ ତହିଁ ସକଳ ସଜନୀ । ୧୫
କୁବେର-ବନ୍ଧୁତା-ଲବ୍ଧ-ଚନ୍ଦ୍ରାମଣି-ଦାମ ,
ଶ୍ରମ-ନାମ-ଯୋଗୁଁ, ଶିରୁଁ ଲଭିଥିଲେ ଭୀମ ;
ସେହି କାମ-ପ୍ରସୂ ପୂରଶ୍ଚେତ ମାଳା ନଳେ
ଅର୍ପିଲେ ଶ୍ୱଶୁର ତହିଁ ଯଜ୍ଞଭୁକ-କାଳେ । ୧୬
ଦେବାକୁ ଯାଚକେ ଇଚ୍ଛାମତେ ଧରିବାର
ମନେ ସର୍ବବସ୍ତୁ, ବାହ୍ୟେ ପ୍ରତିବିଂବ ତା'ର
ଯେସନ,ତେସନ ବର ଦେଖ୍ୟ ସୁଦୁର୍ଗମ
ବହୁ ବସ୍ତୁ ବିଂବ ସେକି ଚନ୍ଦ୍ରାମଣି-ଦାମ ! ୧୭
ଯେ ଖଡ୍ଗେ ମହିଷାସୁରେ ନାଶିଲେ ଭବାନୀ ,
ଶମ୍ଭୁ-ସଂଭୋଗ-ନିମଗ୍ନ ହୋଇ, ତୁଚ୍ଛ ମଣି ,
ଦେଇଥିଲେ ଯବ-ନାମ-ଧାତ୍ରୀ-ଭୀମେ ତାହା ,
ଦେଲେ ସେ ଭାସ୍ୱର ଖଡ୍ଗେ ବରେ ଭୀମ-ନାହା । ୧୮
ପୂର୍ବେ ମହିଷାରେ ଯେଉଁ ଶଙ୍ଖ ଧରିଥିଲେ ,
କନ୍ୟାଦାତା ଭୀମ ନଳେ ତାହା ଅରପିଲେ ,
ମଙ୍କୁ ଦକ୍ଷିଣାଙ୍ଗ ସ୍ୱାମି-ବାମ-ଅଙ୍ଗେ ମିଳ ,
ପରାଙ୍ଗ-ଦାରଣ-ଖଡ୍ଗେ ତେଜଲେ ଉର୍ବଶୀ । ୧୯

GPNanda Colln., Digitized by srujanika@gmail.com

ସାନ୍ଦ୍ରତର ତଦ୍ଧ ଖଡ୍ଗେ କାନନ-ସମାନ ,
ଶାଣ-ଶୁଭ୍ର-ଧାର ତହିଁ ନିର୍ଝର ଯେସନ ,
ହତ ଶତ୍ରୁ ରକ୍ତେ ପୁଣି ସନ୍ଧ୍ୟା-କାଳ-ଶିଖା ,
ନିଜ ଶୌର୍ଯ୍ୟ-ସୂର୍ଯ୍ୟୋଦୟ-ଗୋତ୍ର-ବ୍ରତ-ଧାରା । ୧୦
କନ୍ୟା ମାଗି ଯାହା ଭୀମେ ଭେଟିଥିଲେ ଯମ ,
ଅଟେ ତାହା କୃତାନ୍ତର ନିଜ ଜିହ୍ୱା ସମ ,
ପରିବାର-ଶୋଭୀ କର-ଗ୍ରହ-ଯୋଗ୍ୟ ମଣି ,
ଦେଲେ ସେ ଅସି-ପୁତ୍ରିକା ନୈଷଧେ ନୃମଣି । ୧୧
ସତେ ଯଥା ଅରି-ନୃପେ ରଣ ଭୂମିପରେ
ସ୍ଥଣ୍ଡିଲଶାୟିତା-ବ୍ରତ-ଦୀକ୍ଷା-ସାଙ୍ଗ-ପରେ ,
ଦକ୍ଷିଣାରେ ଦେଲେ ସ୍ୱୀୟ ପତ୍ନୀ ଆଭରଣ ,
ପତ୍ରାବଳ, ନେତ୍ରାଞ୍ଜନ; ଦଶେ ଏ ତେସନ । ୧୨
ସମୁଦ୍ର କୁପଥ ଗିରି ଲଂଘେ ଯେ ସହଜେ ,
ଦେଇଥିଲେ ପୂର୍ବେ ଯାହା ଅଗ୍ନି ଭୀମରାଜେ
କନ୍ୟା-କାମେ, ଦେଲେ ଭୀମ ଯଉତୁକ ପଣେ ,
ସ୍ୱମନସେ ସେହିରଥ ନୈଷଧ ରାଜନେ । ୧୩
ନଳ-କୂବରେ ନଳଂକ କୂବର ଅନ୍ୱୟ
ପ୍ରକାଶି, ସେ ରଥେ ମହା ପୂତର ଉଦୟ ,
କୁବେର-ଦୃଷ୍ଟାନ୍ତେ ପୁଣି ହୁଏ ଅନୁମାନ ,
ଉତ୍କର୍ଷେ ଜିଣେ ସେ ରଥ ପୁଷ୍ପକ-ବିମାନ । ୧୪

GPNanda Colln., Digitized by srujanika@gmail.com

ପ୍ରହାରି ବାସବେ, ତାଙ୍କୁ ଉଚ୍ଛୈଃଶ୍ରବା ଦେଇ ,
ଯେଉଁ ହସ୍ତୀ ରତ୍ନ ସିନ୍ଧୁ ରଖିଲେ ଲୁଚାଇ ,
ଦେଲେ ସେ ବରୁଣେ, ସେହୁ ଭୀମେ ନିବପଣେ ,
ଦେଲେ ଭୀମ ନଳେ ତାହା ଯୌତୁକ ବିଧାନେ । ୧୫
ଲଙ୍ଘିଯାଏ ଦୂରପଥ ଗୃହୁଁ ଗୃହୁଁ ବେଗେ ,
ନନ୍ଦାଏ ଆନନ୍ଦ ତେଣୁ ଯେହୁ ନେତ୍ର-ଯୁଗେ ;
ପୁଣି ଫେରିବାର କାଳେ ଗୃହୁଁ ଥାଏ ଜନ ,
ଦେଖୁଣ ଧୂଳି-ପଟଳ, ହୁଏ କ୍ଷୁବ୍ଧ-ମନ । ୧୬
ବୁଝି ସୁରପତିଙ୍କର ଭଉମୀ-ଆଦର ,
ଦେଇଥିଲେ ବିଶ୍ୱକର୍ମା ଯେଉଁ ଉପହାର ,
ଗୋଟିଏ ମାଣିକେ ଗଢା ସେହୁ ପିକ-ଦାନ
ଦେଲେ ଉପହାର ନଳେ ଭୀମ-ନୃପମଣି । ୧୭
ରକତ-କିରଣ ତହୁଁ ବାହାରେ ପ୍ରସରେ ,
ସ୍ଥିର କରି ନ ପାରନ୍ତି ତେଣୁ ତହୁଁ ନରେ ,
ତାମ୍ବୂଳ-ବିଲାସି-ନଳ-ପାନ-ପିକ ସତେ ,
ପୂରି ରହିଅଛି, ଅବା ସତ ନାହିଁ ପାତ୍ରେ ! ୧୮
ପୂଜେ ମସ୍ତ ଭଗବାନ ଭୀମେ ପ୍ରତିଦିନ ,
ଭୀମ ନୃପେ ପ୍ରଭୁ-ନାମେ କଲା ଯା' ଅର୍ପଣ ,
ସେହି ହରିନ୍ମଣିମସ୍ତ ଭୋଜନ-ଭାଜନ ,
ବିଦର୍ଭ-ନୃପତି ନଳେ କଲେ ସମର୍ପଣ । ୧୯

GPNanda Colln., Digitized by srujanika@gmail.com

ଯେଉଁ ଗାରୁତ୍ମତ ମଣି ଛବି ଛଦେ ବହି ,
କେକିଗଣେ କେବେ ସର୍ପ-ବିଷଭୟ ନାହିଁ ,
ସେହି ମଣିମୟ ଏହି ପାତ୍ରେ ହଳାହଳ
ପିଇଥିଲେ ଶିବ, ନୋହିଥାନ୍ତା କଂଠ ନୀଳ । ୩୦
ବରଷଣ-ଶୀଳ ଯେଉଁ ହସ୍ତୀ ଦେଲେ ନଳେ ,
ଅଭ୍ର-ମାତଙ୍ଗ ବୋଲି ସେ ବର୍ଷେ ମଦଛଳେ ;
ଦୁର୍ବାସା-ଶାପେ କି ପଡ଼ିଅଛୁ ମହୀତଳ ,
ତେଜବାରୁ ମାଳା ନକି, ସେ ଇନ୍ଦ୍ର-ସିନ୍ଧୁର ? ୩୧
'ବଳଥିଲେ ଠିଅହୁଅ ଏଥି ଅଗେ ମୋର ,
କିମ୍ବା ପ୍ରାଣରକ୍ଷ ହୋଇ ଦିଗନ୍ତୁ ବାହାରୁ ;'
ବିନା ବାକ୍ୟେ, ନଜ କର୍ଣ୍ଣ-ଚାଳନେ କେବଳ ,
ଦିଗ୍ଗଜେ ଏସନେ ଭାଷେ ସେହୁ କରିବର । ୩୨
ଦନ୍ତ-ଯୁଗ ଯା'ର ନଜ କୀର୍ତ୍ତି-ବୀଜ-ସରି ,
ଶତ୍ରୁ-ଅକୀର୍ତ୍ତି-ସ୍ୱରୂପେ ଯହିଁ ମଦ-ବାରି ,
କର୍ଣ୍ଣ-ବ୍ୟଜନ-ଚାଳନେ ସେବେ ସେହୁ କରୀ ,
ମଦ-ସ୍ୱେଦବତୀ ଭୂମ୍ୟ-ଭୁତା-ଶିର-ଶିରୀ । ୩୩
ବିବାହ-ଦକ୍ଷିଣାକୃତ-ଅଶ୍ୱ-ଗଣନାରେ ,
ନ ହୋଇଲେ ସମରଥ କେହି ସେହି ସ୍ଥଳେ ;
ଶାତକୁମ୍ଭେ, ପୂର୍ଣ୍ଣ ତହିଁ ମତ୍ତ କୁମ୍ଭିଗଣେ ,
ଅସମର୍ଥ, ତଥା ରତ୍ନ-ନିଚୟ-ଗଣନେ । ୩୪

GPNanda Colln., Digitized by srujanika@gmail.com

କର-ଗ୍ରହେ ବାମ-ପଣ କଲେ ଯେ କ୍ରନ୍ଦନ ,
ସନ୍ତୋଷି କରିଲେ ଭୈମୀ ତାହାଙ୍କୁ ଦକ୍ଷିଣ ,
ତହୁଁ କରି ପୁରସ୍କୃତ ଆଦରେ ଭୂପାଳ ,
କଲେ ପ୍ରଦକ୍ଷିଣ ସେ ଅଶୁଶୁକ୍ଷଣି ନଳ । ୩୫
'ପାଷାଣ ସମାନେ ସ୍ଥିର ହୁଅ,' ଏ ବଚନ
ଭଷି, ଲାଜେ ନକି ମନ୍ତ୍ର-ବାକ୍ୟ ଅନ୍ତର୍ଦ୍ଧାନ !
ମନୁଷ୍ୟ-ପ୍ରେରଣେ ଶିଳା ହୁଅଇ ଚଳିତ ,
ଦେବେନ୍ଦ୍ରେ ନୋହିଲା ଭୈମୀ-ଚିତ୍ତ ସ୍ଥିତ-ଚ୍ୟୁତ ।
ନଳ-ବସ୍ତ୍ରେ ଦମୟନ୍ତୀ ବସ୍ତ୍ର ବାନ୍ଧ ଦେଇ ,
ବଶିଷ୍ଠବିଦ ପୁରୋହିତ ସୂତ୍ର ଦେଲେ ତହିଁ ,
'ହନେ ପଟ୍ଟ ଛେଦ, ନକ୍ଷ ହୋଇବେ ବିଚ୍ଛିନ୍ନ' ,
ସତେ ନକି ଏହା ହେତୁ ଅବଶାସ-ଚିହ୍ନ ! ୩୭
ଉନ୍ମୁଖ ହୁଅନ୍ତେ ଭୈମୀ ଧ୍ରୁବ ଦରଶନେ ,
ଭଷିଲେ ନିର୍ଦ୍ଦେଶି ତାହା ନୃପତି ଏମନେ ,
'ପ୍ରତ୍ୟକ୍ଷ ହୁଅଇ ଦେଖ ତା'ର ଅଣୁ-ପଣ ,
ତଥାପି ମହିମା ତା'ର ଅଗମ-ପ୍ରମାଣ ।' ୩୮
ଭଷିଲେ ଭୈମୀରେ ପ୍ରଦର୍ଶାଇ ଅରୁନ୍ଧତୀ ,
'ଅତ୍ରେ ଲଭନ୍ତି ଦେଖ, ପିନା ଏହି ସତୀ ,
ଭୂମିଠାରୁ ସତୀପଣେ, ଅଟେ ଏ ନିଉନ ,
ପରିଣୟ-ପୂର୍ବେ ଇନ୍ଦ୍ରେ ମଣିଲ ଯା' ତୃଣ ।' ୩୯

GPNanda Colln., Digitized by srujanika@gmail.com

କଲେ ଲଜ୍ଜା-ହୋମ ଯାହା ବୈଦର୍ଭୀ-ସୁନ୍ଦରୀ
କର ପଲ୍ଲବୁଁ ଉଠିଲା ପୁଷ୍ପ-ସମ-ଶିଖା ,
ତହୁଁ ଆକାଶେ ବଢ଼ଦି ନକ୍ଷତ୍ର-ସମାନ ,
ପୁଣି ପଡ଼େ, ଅଗ୍ନି-ମୁଖେ ଦନ୍ତାଳି ଯେସନ । ୪୦
ଲଜ୍ଜାହୁତ-ଧୂମରେଖା ଲାଗି କପୋଳରେ ,
ମୃଗନାଭ-ବିରଚିତ-ମଣ୍ଡନ-ଶ୍ରୀ ଧରେ ,
ନୟନେ ଅଞ୍ଜନ-ରୂପେ ଶୋଭିଲା, ଶ୍ରବଣେ
ତମାଳ-ରୂପେ, ଲଲାଟେ ଅଳକା ଯେସନେ । ୪୧
ସାତ୍ତ୍ୱିକ ଭାବେ ଜନମି ସ୍ୱେଦ ବେନକରେ ,
ଜଣା ନ ପଡ଼ଲା ମିଶି ତହୁଁ ଦାନ-ଜଳେ ;
ନେତ୍ରୁ ଝରି ଅଶ୍ରୁ ସେହି ସାତ୍ତ୍ୱିକ-ବିକାରେ ,
ଜଣା ନ ଗଲା ସତତ ଘନ ଧୂମ-ଜାଳେ । ୪୨
ବଧୂବର ଅଙ୍ଗ ତହିଁ ପୂରିଲା ପୁଲକେ ,
ମାତ୍ର ଭାଗ୍ୟେ ଜାଣି ନ ପାରିଲେ ତାହା ଲୋକେ ;
ଦକ୍ଷିଣା ସ୍ୱରୂପେ ଖ୍ୟାତ ବହୁ ଧନ ଦାନ
କରନ୍ତେ ରୋମାଞ୍ଚଭର ଦେଉଁ ପଣ୍ଡଜନ । ୪୩
ଶ୍ରୁତି-କର୍ମ-ପରଂପରା-ସାଧନେ ସତ୍ତ୍ୱର
ହେଲେହେଁ, ନୋହିଲା ସ୍ତମ୍ଭ-ବିକାର ଅନ୍ତର ,
ସମିଧେ ହେଲେହେଁ ଅଗେ ପ୍ରଦୀପ୍ତ ଦହନ ,
ନ କରି ପାରିଲା ବୈନ-କମ୍ପ-ପ୍ରଶମନ । ୪୪

GPNanda Colln., Digitized by srujanika@gmail.com

ପୁରନ୍ଦର-ପୁଲୋମଜା-ପାଣିଗ୍ରହ-କାଳେ
ମହର୍ଷି ଅଙ୍ଗିରା ଯଥା ସାଙ୍ଗ କରିଥିଲେ ,
ତଥା ଗଉତମ କଲେ ବିଧି ସମାପନ ,
ନଳ ଦମୟନ୍ତୀ-ପାଣି କରନ୍ତେ ଗ୍ରହଣ । ୪୫
ପୁରନ୍ଧ୍ରୀ-ଗହଣେ ଗଲେ କୌତୁକ-ଅଗାର ,
ଗୃହିଁଲେ ସହସ୍ର ଛନ୍ଦେ ତହିଁ କନ୍ୟାବର ;
ତିଷ୍ଠି ନଳେ ଅଧିଷ୍ଠିତ ହୋଇ ସେ ଭବନ ,
କଲା ସହସ୍ରାକ୍ଷ-ସାକ୍ଷ୍ୟ-ମିତ୍ରତା-ଗ୍ରହଣ । ୪୬
ଯଥାବିଧି ବଧୂବର ବେନି ଛନି ଦିନ
ନ କରିଲେ ଲଜ୍ଜାଭରେ ପର୍ଯ୍ୟାପ୍ତ ଭୋଜନ ,
ପରସ୍ପର ନିପୃଁ ନ ଦେଖିଲେ ଇଚ୍ଛାମତେ ,
କଲେ ସପ୍ତହେ ଶୟନ ସମ୍ଭୋଗ-ବିରତେ । ୪୭
କଟାକ୍ଷେ ଯୁଞ୍ଜି ସ୍ୱଜନେ ଭୋଜ କୁଳାଂକୁର
ପରିହାସ କରାଇଲେ ଜନେ ନଳଂକର ;
କାହିଁ ପୁଣି ଅବନୀ-ଅସ୍ପୃଶ୍ୟ-ନାରୀଗଣେ ,
ବର-ଯାତ୍ରୀଂକ ଭୋଜନ କରାଇଲେ ମାନେ । ୪୮
କୁହାଇଲେ ଦମ ତହିଁ, ‘ହେ ବର-ଯାତ୍ରୀକ
ଏ ମଧ୍ୟେ କାହିଁରେ ରୁଚି ତବ ହେ ଅଧିକ ?
କାହାର ତେମନ ଦବ ହୁଏ ରୁଚିକର ?
ପିପାସା କି ? ପୂର୍ଣ୍ଣି ମୁଖେ ଦେଉଛେ ସଲିଳ ? ୪୯

GPNanda Colln., Digitized by srujanika@gmail.com

ଭାଷି କେହୁ ଖଳା, 'ବସ୍ତୁ ଏ ମୃଗେଶ ଲୁମ୍ବର,'
ଲଭି ଅନୁମତି, ହାସେ ହୋଇଲା ଅସ୍ଥିର ;
'ବତ୍ସଙ୍ଗଷ୍ଟ ମୁଖ ଏ ସଖୀର ଏ ବସନେ ,
ବସନ୍ତି ଯହିଁକି ତାହା ବଦତ ଭୁବନେ ।' ୫୦
'ତୁମେ ତୁମେ ମେନକା ଗୋ', ଶୁଣି ଏ ବଚନ
ବରଯାତ୍ରିଠାରୁ , ହାରେ ଧର ତେ ବଦନ ,
ଢଟେ , ' ମେ ମେ ଚର ଚମ୍ପାଁ ଛାଗ-ପରି ଏଥି ,
ଏହି ଗଳ ଗୁଚ୍ଛ ', ବୋଲି ଟାଣିଲା ଯୁବତୀ । ୫୧
ନଳ-ଚମୂ-ବ୍ରାହ୍ମଣୀ କରନ୍ତେ ବୀଜନ ,
ଦମଦାସୀ କଲା ପାଦେ ନଖଚେ ଅର୍ପଣ
ନୃକଳିସେ , ଚକ୍ଷୁଁ ତାହା ବେଗେ ଜଙ୍ଘଯାଏ
ହସିଲେ , ଢେଜନ୍ତେ ଦାସୀ ନିଜ ବସ୍ତ୍ର ଉପ୍ରେ । ୫୨
ଅଗରୁ ରଖି ଲାଙ୍ଗୁଳ ଦେଲା କେ ଆସନ ,
ବସନ୍ତେ ଋଜୁ-ସ୍ୱଭାବେ ତହିଁ କେ ବ୍ରାହ୍ମଣ ,
'ଭ୍ରମ' କହି ପୁଣି ଦ୍ୱିଜେ ଉଠାଇ , ପଶ୍ଚାତେ
ପୁଚ୍ଛ ରଖି , ପକାଇ ଆସନ ହସେ କେତେ । ୫୩
ବର-ପକ୍ଷ ସ୍ୱଜନଙ୍କରେ କଥାରେ ଭୁଲାଇ ,
ସ୍ଥିର କରି , ପଦ-ଯୁଗ-ମଧ୍ୟେ ଖଳ କେହି
ଗୁପ୍ତେ ଆନେ କରାଇଲା ଦର୍ପଣ-ସ୍ଥାପନ ,
ହସିଲା ମୁକୁରେ କରି ସେ ରୂପ ଦର୍ଶନ । ୫୪

GPNanda Colln., Digitized by srujanika@gmail.com

ନାରୀଗଣ ଥିଲେ ତତପର ଉପଗୃହେ ,
ସେ କଳାପେ ହାରି ଧୈର୍ଯ ବର-ପକ୍ଷ-ନରେ ,
କାମକୃତ ଯେ ବିକାର କଲେ ପ୍ରଦର୍ଶନ ,
ସମ୍ଭାଳ ପାରିଲେ ନାହିଁ ହାସ ଦ୍ରଷ୍ଟାଗଣ । ୫୫
ହସନ୍ତେ ଯୁବକ , କରି ବଳିତ କନ୍ଧର
ହସିଲା ଯାହା ସେଠାରେ କେହୁ ବାଳାବର ,
ଯୁବକ-ହୃଦୟେ ଲକ୍ଷ୍ୟ କରେ ସ୍ମିତଶର ,
ପରୋକ୍ଷ-ଲକ୍ଷ୍ୟ–ବେଧିତା କଲାନ୍ତି ପ୍ରଗଳ୍ଭ । ୫୬
ବରଜ କର୍ତ୍ତବ୍ୟ , ଅନ ସାଧନେ ତତ୍ପରା ,
ହଦୃଷ୍ଟ-ନୟନେ ଯାହା ନିବାରିଲା ବାଳା ,
କାମୁକ ପ୍ରତି ତାହାର ହୃଦ୍‌ଭାବ ସକଳ
ବୁଝି ପାରିଲା ସହଜେ ତହିଁ କେହୁ ଖଳ । ୫୭
ନୁଆଇଁ ବଦନ କେଉଁ ବାଳା ଜଳ ଢାଳେ ,
କେଉଁ ସାହସିକ ଚୁମ୍ବିବାର ଇଚ୍ଛା ବଲେ ,
ଶ୍ଳଥ ହସ୍ତେ କରୁ ପଦେ ପକାଇ ସଲିଳ ,
ଲୋଡୁଥାଏ ଛଳେ କେହୁ ନଦେଖିବା ବେଳ ।୫୮
କଳାନିଧି-ସଖୀମୁଖେ ବେଢାଇଣ କର-
ମୃଣାଳ , ମଣ୍ଡଳ ରଚ କେ ପଣ୍ଡିତା ସାର ,
ଶିଥିଳେ ଗେଣ୍ଡୁଆଇ , ଗୃହୁଁ ଗୃହୁ ଯୁବାବରେ
ଉଡ ସଖୀମୁଖ ଦୃଢେ , ଇଙ୍ଗିତ ପ୍ରତାରେ । ୫୯

GPNanda Colln., Digitized by srujanika@gmail.com

କେଉଁ ନାରୀ ନତମୁଖେ ହଅନ୍ତେ ସଜଳ ,
କକ୍ଷ ପୁଲକେ ଯୁବକ ହେଲା କାମ-ଭୋଳ ;
ବାଳା-ସ୍ୱଚ୍ଛ-ନଖେ ଯୁବା ପ୍ରତିବିମ୍ବ-ଛଳେ ,
ସ୍ମର-ଭୟେ ଶରଣ କି ପଶିଲା ସକଳେ ! ୬୦
ବକ୍ର ମୁଖେ ସୁନ୍ଦରୀ ଯା' କରୁଥିଲା ସ୍ମିତ ,
ଲଜ୍ଜାଭରେ ପୁଣି ସେହି ମୁଖ କଲା ନତ ,
ମୃଦୁଭାବେ ଭାଷିଲା ଯା' ଗଦ୍‌ଗଦ ବଚନ ,
ମଣେ ଯୁବା 'ଏତ ବାଳା-ପ୍ରାପତ୍ତି-ଲକ୍ଷଣ' । ୬୧
ବ୍ୟଜନ-କାରିଣୀ କେଉଁ ବାଳାରେ ଅନାଇ ,
ସତ୍ତ୍ୱଗୁଣେ କେଉଁ ଯୁବା ଦେହ-ସ୍ୱେଦ ବହି ।
ତେଜି ଲଜ୍ଜା , ଉଦଗ୍ରୀବ ହୋଇ ସେ ନାଗର ,
ଗ୍ରୀଷ୍ମ-ଛଳେ ଅନାଇଲା ବଦନ-ମଣ୍ଡଳ । ୬୨
ସ୍ତନ-ସ୍ପର୍ଶୀ ବାହୁ-ଲତା ଚାମର-ଚାଳନେ
ଦେଖିଣ , ବିବଶ ହୋଇ କେଉଁ ଯୁବା ମନେ ,
ନାନା-ଗୁଣ-ନିରମିତ-ଶୃଙ୍ଖଳ-ସଂଯତ-
ପକ୍ଷୀପରି ହୃଦ-ମଧ୍ୟେ ହୋଇଲା ବ୍ୟଥିତ । ୬୩
କଟାକ୍ଷ-ଦର୍ଶନେ ପୁଣି ବିବିଧ ବଚନେ ,
କଲେ ଯେଉଁ ଭଙ୍ଗୀ ଯୁବା ଯୁବତୀ ସେ ସ୍ଥାନେ ,
ଅଦ୍ଭୁତ ସେ ପରସ୍ପର-ପ୍ରାର୍ଥନେ ପ୍ରୟାସ ,
ସେ ବେଳାରେ ଦୂତ-ଭ୍ରମେ କାହିଁ ଅବକାଶ ? ୬୪

GPNanda Colln., Digitized by srujanika@gmail.com

ଅଗେ ରହି କେଉଁ ବାଳା କରୁଁ ଜଳ ଦାନ ,
ତା'ର ମୁଖ ପ୍ରତିବିମ୍ବ କରିଣ ଦର୍ଶନ
ଜଳ-ଗଣ୍ଡୂଷେ କୌତୁକେ କେବଣ ନାଗର
ଚୁମ୍ବେ ବିମ୍ବିତ ବଦନ , ନ ପିଏ ସଲିଳ ।   ୬୫
ହରିନ୍ମଣି-ପାତ୍ରେ ଖାଦ୍ୟ କରନ୍ତେ ଅର୍ପଣ ,
ପତ୍ର ଭାବି , କ୍ରୋଧ କଲେ ବର-ଯାତ୍ରି-ଗଣ ,
'ନୂହେ ପତ୍ର-ଗଢ଼ା ଏହୁ , ହରିତ କିରଣେ
ଦଶେ ଏସନ' , ଭାବିଲେ କନ୍ୟା-ପକ୍ଷ-ଜନେ ।୬୬
ସ୍ଫଟିକ-ନିର୍ମିତ-ଭୂମେଷ୍ଠିତ ନାରୀ ବୃନ୍ଦେଁ ,
ତା'ର ପାଦ-ଯୁଗ-ତଳ-ଭୂମେ ଦୃଷ୍ଟି ଦେଇ ,
ନ ଦେଖିଲେହେଁ ବଦନ , ଭାବିଲେ କିଞ୍ଚିତ
କେଉଁ ଯୁବକ ପ୍ରଥମେ ପରକାଶି ସ୍ମିତ ।   ୬୭
କଲେ ଅନ୍ନ-ଭକ୍ଷଣ ହରଷେ ଜନ୍ୟ ଜନେ ,
ସରସ ଆହ୍ଲାଦକର ସୁଗନ୍ଧ ସେ ଗୁଣେ ,
ସୁକୋମଳ ସ୍ୱାଦୁ ଶୁକ୍ଳ ଅତି ସୂକ୍ଷ୍ମତର ,
ଅଭଗ୍ନ ତଣ୍ଡୁଳେ ସିଦ୍ଧ , ବାସ୍ତୁ-ସୁମଧୁର ।   ୬୮
ଦିନେ ଦିନେ ବର୍ଦ୍ଧମାନଭୁକ୍ . ବୟୋବଶେ
ଦେଖନ୍ତେ ବାଳାରେ ବକ୍ର ନୟନେ ପୁରୁଷେ ,
ଗୁରୁସ୍ତନୀ କେଉଁ ନାରୀ ଲଜ୍ଜା-ସବଧୀନେ ,
କଲା ସ୍ରସ୍ତ ବସ୍ତ୍ର ପୁଣି ସ୍ଥାପନ ସ୍ୱସ୍ଥାନେ ।   ୬୯

GPNanda Colln., Digitized by srujanika@gmail.com

ସୁରଭି କ୍ଷାରଣ ଯା'ର ସେ ପୂରନ୍ତି ଘୃତ ,
ପାୟସ ଉପରେ ଯାହା ପ୍ରବାହେ ବହୁତ
ଢାଳଲେ କାମିନୀ , ଗୃହି ପାବୁଣେ ପାୟସ
ଦିଶେ ଘୃତ-ନଦୀ-ତଟେ ସୈକତ ସଦୃଶ । ୭୦
ନ ହେଲେହେଁ ସୁଧା ମର୍ତ୍ତ୍ୟେ କେବେ ଆସ୍ୱାଦିତ ,
ତହିଁ ବଳ ସ୍ୱାଦୁ ଏଥି ହୁଏ ଅନୁମିତ ;
ସୁଧା ଭୋଜୀ ଦେବେ ପଶ୍ଚ କରନ୍ତୁ ଆଦର
ଯଜ୍ଞ-ଅଗ୍ନି-ଦଗ୍ଧ-ଗନ୍ଧ-ଆଜ୍ୟେ ବହୁତର । ୭୧
'ନ ବୁଝିଲା କିକି ଲଜ୍ଜା-ଗୂଢ଼ ମୋ ଇଙ୍ଗିତ' ,
'ବୁଝି ବା , ନ ହେଲା ଏହା ତାହାର ଆଦୃତ';
ହୃତ୍‌କଳା କେ ନବୀନା ସଂଶୟୁ ଏସନେ ,
ଯାଇ କେତେ ପଦ , ଫେରି ଆଦର-ଦର୍ଶନେ ।୭୨
ରାଜିକା-ସାଧିତ ଦଧି-ସଂଯୁତ ବ୍ୟଞ୍ଜନ
ସୀତ୍‌କାର ମୁଖେ କେ ତହିଁ ନ କଲେ ଭୋଜନ ?
କଟୁ-ସ୍ୱଭାବେ କରନ୍ତି ମସ୍ତକ-କମ୍ପନ ,
ଅକାଳେ କେତେ ସେ ମୂର୍ଦ୍ଧା-ତାଳୁ-କଣ୍ଠ ଘୂନ । ୭୩
ବିରହ-ପ୍ରବାହେ କଟୁ ସ୍ୱଭାବ ଯାହାର ,
ସେହି ଚନ୍ଦ୍ରଖଣ୍ଡ ସମ ରାଜିକା ନିକର
ପ୍ରଥମେ ମୃଦୁ ଶୁକଳ, ପରେ ଦାହକର ,
ଅଦ୍ଭୁତ ଯେସନ, ଲଭେ ମିତ୍ରପଣେ ଖଳ । ୭୪

GPNanda Colln., Digitized by srujanika@gmail.com

ନବୀନ ଯୁବା ଯୁବତୀ ସ୍ୱଭାବ-ଗୋପନେ
ଅନ୍ୟ ବିଷୟେ ଦୂରବେ ଭ୍ରମି ଏଣେତେଣେ ,
ଯଦୃଚ୍ଛାରେ ପରସ୍ପର-ମୁଖେ ବେନି ଜନେ
ଚାହିଁ ରହିଲେ କେବଳ ଅପାଙ୍ଗ ନୟନେ । ୭୫

କୋମଳ-ମାଂସ-ନିର୍ମିତ ତେମନ ଅଦରେ
ସରାଗେ ଭକ୍ଷଣ କରି, ଭାବିଲେ ମନରେ ,
'ପାକ ହୋଇଛି କି ଚନ୍ଦ୍ର କୁରଙ୍ଗ ପିଶିତ ,
ସଯତନେ ସୁଧାରସେ ହୋଇଣ ମିଶ୍ରିତ ?' ୭୬

'ଯୁବକ ଯୁବତୀ ବେନି ସାଧିଲେ ଇଙ୍ଗିତେ
ମେଳ-ହେବା-କାଳ ଚାହିଁ ସକଳ-ସୁରତେ ;
ନେତ୍ର ନିମୀଳନ କରି କ୍ଷଣ କାଳ ପାଇଁ ,
'ଶୋଇଲେ ସକଳେ ହେବ ସମସ୍ତ', ସୂଚାଇ । ୭୭

କ୍ରମେ ଉଷ୍ଣ ଶୀତ ଅନ୍ନ ଅରପିଣ କରେ
'ରତି ଲାଗି ଦିବସ କି ରାତି ?' ଏ ପ୍ରଶ୍ନରେ ,
ଉତ୍ତରିଲା ବଟେ କେ ଚତୁରୀ ତା' ନବାରି ,
ସନ୍ଧ୍ୟା-ମଧୁର ଅଧରେ ନବେଶି ଅଙ୍ଗୁଳ । ୬୮

ଉଷ୍ଣ ଭାତ ଧରି, ପୁଣି ଶୀତ ପିଠା ଧରେ
କେ ଚତୁର, ଦେଖି ତାହା ଚତୁରୀ ନବାରେ ,
ଅରୁଣ ଅଧରେ ଚାରୁ ଅଙ୍ଗୁଳି ନବେଶି ,
ଦିନ ରାତି ଛଡ଼ି, ସନ୍ଧ୍ୟାକାଳ ପରଶଂସି । ୭୯

GPNanda Colln., Digitized by srujanika@gmail.com

ତେଜ ବହ୍ନି, ପୁଣି ଅଣି କେତେକ ଓଦନ ,
କର ଗତାଗତେ ଛଳେ ପୁଚ୍ଛେ ବଟୁ ପୁଣ ,
'ଅସିବ କି ମୁହିଁ, ଭୁଞ୍ଜ ହେବୁ ସମାଗତ' ?
କଲ୍ପ ଲକ୍ଷାଭରେ ବାଳା ବଦନ ଅନତ । ୮୦
ଅନାମିଷ-ଭ୍ରମ କାହିଁ ଉପୁଜେ ଅମିଷେ ;
କାହିଁବା ଅମିଷ-ତର୍କ ଅସେ ଅନାମିଷେ ;
ପାକ କରିଥିଲେ ଦକ୍ଷ ପାଚକ ଏସନେ ,
ହସାଇ ହସାଇ ସୁଖେ ଖୁଆଇଲେ ଜନେ । ୮୧
ମୃଦୁ-ବ୍ୟଞ୍ଜନ-ପିଶିତ-ଖଣ୍ଡ ଧରି କରେ ,
ଅଧର ସଦୃଶ ସୂଚି, ନଖେ ଚିରି ଛଳେ ,
ପରିବେଷିକା ଅଧରେ ଶୃଙ୍ଗ ହସି ହସି ,
ଦଂଶିଲ ଦଶନେ, ତାହା ରସେ ପରଶଂସି । ୮୨
ଅନେକ ଦ୍ରବ୍ୟ ସଂଯୋଗେ, ଗୁରୁ ସମ୍ପାଦନେ ,
କାଟି ବାଟି ବହୁ ଯତ୍ନେ ବ୍ୟଞ୍ଜନ ସାଧନେ ,
ଲଭି କେତେ ଅଜାନକ ପଦାର୍ଥେ ବହୁସ୍ବ ,
ବହୁ ବ୍ୟଞ୍ଜନ-ଭୋଜନ କଲେ ଜନଚୟ । ୮୩
ହେଲେହେଁ ଜଳେ ତୃପତ କେବଣ ନାଗର ,
'ପିପାସୁ ମୁଁ' ବୋଲି ଭାଷି, ବାଳା ତରତର
ଧରିବାକୁ କରେ ଜଳ ପାତ୍ର କଲା ମନ ,
ନିବର୍ତ୍ତିଲା ଦ୍ରୁତେ, ଦେଖି ସଖୀ-ହସ ପୁଣ । ୮୪

GPNanda Colln., Digitized by srujanika@gmail.com

ପାତ୍ରସ୍ଥ-ଦୃତ-ଗ୍ରହଣ-କାମୀ ଯୁବା ଯହିଁ ,
ଅବଲୋକି ମୃଗଦୃଶା ପ୍ରତିବିମ୍ବ ତହିଁ ,
ତାର ନାଭି ଦେଶେ ଧୀରେ ପକାଇଲେ କର ,
ହେଲା ସେହ ପ୍ରତିବିମ୍ବ ପୁଲକେ ଜର୍ଜର । ୮୫
ଭୋଜନ-ଭାଜନେ ଦେଖି ବାଳା ପ୍ରତିବିମ୍ବ ,
ଲୌହ ଦ୍ରବ୍ୟ କେଉଁ ଯୁବାବର ଦିଏ ଚୁମ୍ବ ,
ମୁହୁର୍ମୁହୁ ସ୍ପର୍ଶକରି, କରାଙ୍ଗୁଳି ନେଇ ,
ଅନୁରାଗେ ନିଜ ମୁଖେ ଛୁଆଁଇ ଛୁଆଁଇ । ୮୬
ମୀନ ମୃଗ ଛାଗ ଖଗ ମାଂସେ ପାକ ହୋଇ ,
ମୃଦୁ ସ୍ୱାଦୁ ସୁଗନ୍ଧ ତେମନ କେତେ ତହିଁ ;
ଗଣିବାକୁ ମଧ୍ୟ କେବେ ନ ହୋଇଲେ କ୍ଷମ ,
ଭୁଞ୍ଜିବାକୁ ଅବା କାହୁଁ ହୋଇବେ ସକ୍ଷମ ? ୮୭
କଲେହେଁ ବହୁତ ଚାଟୁ ଇଙ୍ଗିତେ ପୁରୁଷେ ,
ନ ମଜ୍ଜିଲା ସୁଲୋଚନା ଯେଉଁ ବିଟ-ରସେ ,
ଅଙ୍ଗୁଳି ଅରପି ମୁଖେ ଭୋଜନ-କାଳରେ ,
କରନ୍ତେ ପ୍ରାର୍ଥନା, ପୁଣି ମଜ୍ଜିଲା ତା'ଠାରେ । ୮୮
ବ୍ୟଜନ-ବାଜନେ ହିମ ସଦୃଶ-ଶୀତଳ ,
ଅଗୁରୁ-ଦାରୁ-ଧୂପିତ ସୁଗନ୍ଧ ସଲିଳ ,
ହେମ-ପାତ୍ରୁ ପାନ କରି, ପ୍ରତିବାରେ ନରେ
ବର୍ଣ୍ଣନା ନ କରି ରହି ନ ପାରିଲେ ଚିରେ । ୮୯

GPNanda Colln., Digitized by srujanika@gmail.com

"ହେ ବିଧାତା, ଜଳ ଯାହା କରିଛ ଅମୃତ ,
ସଫଳ, ଜୀବନ ନାମେ ସେହୁ ଅଭିହିତ ,
ବୃଥାରେ ସର୍ବତୋମୁଖ ନାମ ଦେଲ ଜଳେ ;
ଉଚିତ ସେ ନାମ ତା'ର, ଯେହୁ ପାନ କରେ ।"
ଥିଲେହେଁ ପାତ୍ରେ ଓଦନ, ମାଗେ ବାରମ୍ବାର ,
କର କରି କେହୁ ପଦ୍ମ-ମୁକୁଳ-ଆକାର ;
'ତୁମ୍ଭେ ଦିଅ, ତୁମ୍ଭେ ଦିଅ' ଭଣି କେହି ସହି ,
ନ ଦେଲେ ରହସ୍ୟ-ବାଦେ ମାତ୍ର ଅନ୍ନ କେହି ।
ଜଳଦାୟୀ-ବାଳା-ବକ୍ଷ ଦେଖି ସମାବୃତ ,
'କେତେ ଜଳ ?' ବୋଲି ପୁଂସ କରନ୍ତେ ଇଙ୍ଗିତ,
ଜାଣିଲାପରି ଚତୁରୀ ଛଳିଲା ଉତ୍ତର ,
ଲଗାଇ ଉଭୟ କର, ଧରିଣ ଭୃଙ୍ଗାର । ୯୨
ଶୀତ-ବାରି-ବିମିଶ୍ରିତ ଶର୍କରା-ପ୍ରଧାନ ,
ଚିର-ପ୍ରସୂତା-ମହିଷୀ-ପୟ-ଜାତ ଘନ
ଦଧି, ସୁଧା-ହ୍ରଦୁଁ ଉଠା ପଙ୍କର ସମାନ ,
କଲେ ଅଭ୍ୟାଗତେ ତହୁଁ ଅକଣ୍ଠ ଭୋଜନ । ୯୩
ସାନ୍ଦ୍ର ସେ ଦଧି, ଦେଖି, ବଧୂ-ଲୋଚନ-ପଣେ
ସମ୍ଭାଳି ନ ପାରି ତୃଷ୍ଣା ଚଞ୍ଚଳ ରସନେ ,
ଏଣୁ ତେଣୁ ନଷ୍ଟେ ଶ୍ରେଣି କରିଥିଲୁ ଆପେ ,
ମଧ୍ୟେ ମଧ୍ୟେ ଦିଶେ ତାହା ସୂକ୍ଷ୍ମ ଛିଦ୍ର-ରୂପେ । ୯୪

GPNanda Colln., Digitized by srujanika@gmail.com

'ନ ଦେଉ ତା' ମୋତେ, ଯହିଁ ଅଛୁ ରୁଚ ମୋର,
ରାଗ-ଖାନ-ସିତା-ଦାନ, କେବଳ ବଫଳ';
ଭାଷନ୍ତେ ଏସନ, ବିମ୍ବାଧରୀ ରଚ ପଳେ
ବିମ୍ବଫଳା, ଦେଲା, ତାହା ଭୃତଲ୍ଲ ଯୁବାରେ । ୧୫
ଦୁଇ ନାରୀ ଲକ୍ଷ୍ୟ ପୁଂସ, ଇଙ୍ଗିତ ଜଣାଇ ,
ଏକେ ପ୍ରତାଙ୍ଗିତ ଲଉ, ଅପରେ ସେ ସ୍ନେହୀ ;
ଅପର୍ଯ୍ୟ ଚତୁରୀ ସେହୁ, ନ କରି ଆକୂତ ,
ପ୍ରତାଙ୍ଗିତେ ସଖୀ ବାରି, ଢ଼ବେ ମୋହେ ଚତ୍ର । ୧୬
ଯୁବାରେ ଇଙ୍ଗିତେ ଗୃହିଁ, କେ ଚତୁରୀ କହେ ;
"ସଖି, ଏହୁ ଯୁବା ଜନ୍ମ-ଦାନ ତ ନସହେ ;
ଅସମ୍ଭାଳ ହୁଅନ୍ତି ଏ, ଦଅ ଭାଙ୍ଗି ଜନ୍ମ ,
ସେ ବ୍ୟଞ୍ଜନ ଅଗେ, ପଛେ ଦେଉ ତା' ବଲୋମ ।" ୧୭
ପାକ ଦେଉ ଦଶୁଥିଲା ଯେହୁ ଗଇବିକ ,
ସେହୁ କ୍ଷୀର ବଟ୍ଟା, ରୂପେ ବର୍ତ୍ତୁଳ ଗୋଲକ ,
ଭୋଜନ ସମାପ୍ତି ଲ୍ଲପି ପରି, ଜଳୋଦରେ
ଅଲଙ୍କୃତ ଦଶେ କିବା, ହୁଅଇ ମନରେ । ୧୮
ଅବନୀ-ଉର୍ବଶୀ-ଛବି ପାନ-ପାତ୍ରେ ଗୃହିଁ ,
ନ ଚୁମ୍ବିଲା କେବଳ ମାତର ବିଠ ତହିଁ ;
ପାନୀୟ-ପାନ କୈତବେ ସେହୁ ବାରମ୍ବାର
କଲା ମଧ ଚୁମ୍ବ-ଦାନେ ଭୂଷଣ-ଚୂଳ୍କାର । ୧୯

GPNanda Colln., Digitized by srujanika@gmail.com

ଚଳ-ଭୃଙ୍ଗ-ରହେ ଇନ୍ଦ୍ର-ଗୃପ ଛଟକାଇ ,
ବରଷିଲେ ଘନ ପରି ପରଷୂଣୀ ଚହୁଁ ,
ଚନ୍ଦ୍ର-ପଉରଭ୍ର, ଲଡୁ-ଗୋଲକ-ନକର ,
ଘନ ବିତରଇ ଯଥା କରକା-ଉପଲ । ୧୦୦
"ଦେବ ଅବା କେତେ ଆଉ ଏପରି ବ୍ୟଞ୍ଜନ ,
ଦେଲା ତୃପ୍ତି ନ ଦଅ''; ଭାଷନ୍ତେ ଘନ ଘନ ,
ଗଣିବାକୁ ବ୍ୟଞ୍ଜନ କି ଦେଲେ କଉଶଳେ ,
ଖଡ଼୍ଗ-ଗୋଷ୍ଠାଳ-କୈତବେ ସେ ଲଡ୍ଡୁ-ସକଳେ । ୧୦୧
ବିଦଗଧ-ବାଳା-ଗୁପ୍ତ-ଇଙ୍ଗିତ-ଗୃଭୁଗ୍ମ
ଭେଦବାରେ ପାଟବ ସେ ଦେଖାଇବ ବୋଲି ,
ଛାତ୍ରକ କେ ଗୂଢ଼ାର୍ଥ-ପ୍ରବନ୍ଧେ ଟୀକା ସମ ,
ଉଚିତ ଇଙ୍ଗିତ ବନ୍ଧୁ କରଇ ଭିଆଣ । ୧୦୨
କେଉଁ ଯୁବା ଧୃତ-ପିଣ୍ଡ ଭୋଜନ-ଭାଜନେ
ଦେଖି ସୁକୁମାରୀ ଛବି, ଅନନ୍ଦିତ ମନେ
ବକ୍ଷେ ତା'ର ରଖି ବେନ ଲଡ଼୍ଡୁ, ଘନ ଘନ
ବିଦାରିଲା ନଖେ, କଲା ନିର୍ଦ୍ଦୟେ ମର୍ଦ୍ଦନ । ୧୦୩
ସନ୍ନିଚେ ଗୃହାନ୍ତେ କେଉଁ ଯୁବକ, ଯୁବତୀ
ପରାଙ୍ମୁଖ ହେଉଁ, ସେହୁ ଲାଜେ ମଥା ପୋତି ;
ଶାର୍କରୀ ପୁତ୍ତଳିକା ଆଣି ସଜନୀ କେବଣ ,
ହସି ହସି ଯୁବା-କରେ କଲା ଅରପଣ । ୧୦୪

GPNanda Colln., Digitized by srujanika@gmail.com

ଆକଣ୍ଠ ଭୋଜନେ ସ୍ପୃହା ନ ସରିଲା ଛଳେ ;
ଛଡଲେ ଯାଚିବେ ବନ୍ଧୁ ଖାଦ୍ୟରାଶି ବଳେ ,
ସତେ ବା ସ୍ୱଜନସ୍ତ୍ରୀ-ପରିବେଢିକା-ଦର୍ଶନେ
ତୃପ୍ତି-ଲାଭେ, ଅନାଦର କଲେ ସେ ଭୋଜନେ । ୧୦୫
କେଉଁ ଯୁବା ନାନାବିଧ ଭଙ୍ଗିରେ ପ୍ରକାଶ
କଲେହେଁ ଆଶୟ, ବାଳା ରହିଲା ଉଦାସ ,
ନବଶେ ଅନେ ଗୃହାନ୍ତେ ଅନୁରାଗ ଭରେ ,
ସବିଶେଷେ ପ୍ରଥମା ବାଳା ତୋଷିଲା ତାହାରେ । ୧୦୬
ପିଷ୍ଟକ ମଣ୍ଡନ-ବସ୍ତ୍ରେ, ପୟଃ ପୁଛେ ପୁଣ ,
ବଟଙ୍କ ମୁଖେନ୍ଦୁ ଧରି, ପୃଥୁ-ଲଜ୍ଜୁ-ସ୍ତନୀ ,
ଉଜ୍ଜ୍ୱଳ-କୂର-ହାରିଣୀ, ହେଲା ଭୋଜ-କ୍ରିୟା ,
ରୁଚିର ଆସ୍ଥାନ, ଭୋଜ-ଭୂଜଙ୍କର ପ୍ରିୟା । ୧୦୭
କରନ୍ତେ ପ୍ରାର୍ଥନା ଯୁବା ଯହିଁ ଚେଷ୍ଟା ଶତେ ,
କଲା ଅନାଦର ବାଳା ସବିଶେଷ ଇଙ୍ଗିତେ ,
କର ପ୍ରକ୍ଷାଳନ ବ୍ୟାଜେ କରନ୍ତେ ଅଞ୍ଜଳ ,
ପୂରିଲା ସ୍ୱୀକାର, କଣ୍ଠେ ବାରିଧାରା ଢାଳ । ୧୦୮
ଭୋଜନ କଲେହେଁ ଷଡ଼ରସ ବିଟ-ଜନେ
ନ ଲଭିଲେ ତୋଷ, ଯଥା ଯୁବତୀ-ଗହଣେ
ଅପାଙ୍ଗ-ଶୃଙ୍ଗାରମୟ ସପତମ ରସ
ଜାତ ହୋଇ, ଅତଶୟେ ଉଆଇଲା ତୋଷ । ୧୦୯

GPNanda Colln., Digitized by srujanika@gmail.com

ପୂଗଫଳ ମୁଖେ ଦେଇ ନଳ-ଅନୁଚରେ ,
ଲବଙ୍ଗାଦି ମୁଖବାସ ବୃଶ୍ଚିକ-ଆକାରେ
ଦମ ଦେବା ଦେଖି, ଭୟେ ତେଜନ୍ତେ ତାମ୍ବୂଳ ,
ସମ୍ମୁଖେ ହସିଲେ ତହୁଁ ଦର୍ଶକ-ସକଳ । ୧୧୦
ମନୋହର ସ୍ୱାଭାବିକ କୃତ୍ରିମ ରତନ
ଧରି କରେ, ତହୁଁ ଭୀମ ବିଦର୍ଭ-ରାଜନ ,
'ନକେ ନାଥ ବାଛି', କହୁଁ, କୃତ୍ରିମ ଗ୍ରହଣେ
ହସି, ପ୍ରଦାନଲେ ବେନ ବରଯାତ୍ରି-ଜନେ । ୧୧୧
ପବିତ୍ର ମିଷ୍ଟ ଭୋଜନ ଦ୍ୱିବାର ଏସନ
କରି, କଟାଇଲେ ହର୍ଷେ ତହୁଁ କେତେ ଦିନ ;
ବେନ-ଅଷ୍ଟ-ବୟୃସୀ ସୁନ୍ଦରୀ ବାରବାଳା
ତୋଷନ୍ତି ଜଣାରେ, ବିହି ଚୁମ୍ବନାଦି ଲୀଳା । ୧୧୨
କୃଶଅଙ୍ଗୀ-ଭୈମୀ-ପାଣିଗ୍ରହ କରି ନଳ ,
ରହଲେ ବୈଦର୍ଭ-ପୁରେ ପଞ୍ଚରାତ୍ରି କାଳ ;
ଚଳଲେ ନିଷଧେ ତହୁଁ ବୈଦର୍ଭୀ ସଙ୍ଗତେ ,
ବସି ବାର୍ଷ୍ଣେୟ୍ୟ ଚାଳିତ ମନୋହର ରଥେ । ୧୧୩
'ପ୍ରିୟା ମୋର ଶିଶୁ, ପୁଣି ଉନ୍ମତ ସ୍ୟନ୍ଦନ ,
ନୁହଇ ସମର୍ଥ ତା'ରେ ପରଶିବ ଆନ ',
କହି ଜନତା-ସମକ୍ଷେ ଭୈମୀରେ ରାଜନ
ଚଢ଼ାଇଲେ ରଥେ, ଯାହା, ନୁହେ ଅଲଙ୍ଘନ । ୧୧୪

GPNanda Colln., Digitized by srujanika@gmail.com

ପୁଲକେ ଜର୍ଜ୍ଜର ହେଲା ବେନି କଳେବର ;
କଲା କରକଣ୍ଟ ନବି ତ୍ରଢ ପାର୍ଶ୍ୱ ସ୍ୱର ,
ସୁକୁମାରୀ ସ୍ନିଗ୍ଧ ତନୁ, ପୀଡ଼ା ଭୟେ, କାଳେ
'ପ୍ରାଣନାଥ କରଯୁଗ୍ମ ପଡ଼ିଯିବେ ତଳେ ! ୧୧୫
ଆଜନ୍ମ-ଅଙ୍କ-ବର୍ଦ୍ଧିତା-ଦୁହିତା-ବିଦାୟେ
ନ ହେଲେ ଦୁଃଖିତ ତଥା ପିତା ମାତା ଦ୍ୱୟେ ,
ଜାମାତା-ବିନୟେ ସ୍ନେହ ତହୁଁ ଲକ୍ଷ ଗୁଣ ,
ବଢ଼ଇ ତାହାଙ୍କୁ, ଯଥା ହୋଇଲେ ବିଷଣ୍ଣ । ୧୧୬
ଭାଷି ଗୃହେ , ନଳ-ସଙ୍ଗେ କରିଣ ଗମନ ,
ନିଜ ମଣ୍ଡଳ-ସୀମାରୁ ଫେରିଲେ ରାଜନ ;
ତଡ଼ାଗ-କଲ୍ଲୋଳ ଯଥା ବାୟୁ ସଙ୍ଗତରେ
ତଟ ପର୍ଯ୍ୟନ୍ତେ ଯାଇ , ତହୁଁ ପୁଣି ଫେରେ ।୧୧୭
" ଅୟି କନ୍ୟେ , ନଳ ତୋର ପିତା , ପୁଣ୍ୟ,ବଳ,
କ୍ଷମା , ଧନ , ମନସ୍ତୋଷ , ସକଳ ସମ୍ବଳ ;
ଆଜଠାରୁ ନୁହେ ମୁହିଁ କନ୍ତୁମାତ୍ର ତୋର ; "
ଭାଷି , ବିସର୍ଜିଲେ କନ୍ୟା ପିତା ଅଶ୍ରୁଭର । ୧୧୮
ଜନକ-ବିୟୋଗ-ଦୁଃଖ ଭଇମୀରେ ନଳ-
ପ୍ରିୟ-କର୍ମେ ଶାନ୍ତ ହେଲା , ରହି କେତେ କାଳ ;
ଜନନୀ-ବିୟୋଗ-ଦୁଃଖ ବଡବା-ଦୁରନ୍ତ ,
ପ୍ରିୟ-ପ୍ରେମ-ପାରବାରେ ନ ହୋଇଲା ଶାନ୍ତ ।୧୧୯

GPNanda Colln., Digitized by srujanika@gmail.com

·ବନ୍ଧୁ ଧାଭୂ-ମଣ୍ଡିତ ସେ ମହୀଭୃତ ନଳ ,
ଉପତ୍ୟକାରେ ଯେସନ ପର୍ବତ ବିଶାଳ ,
ଲଭି ପାଦ-ସେବା , ମୃଗ-ନେତ୍ର ଦନ୍ତୀ-ଶ୍ୱରେ
ସେ ବାଳାର , ଅପୂରୁବ ଶୋଭା ସେ ଲଭିଲେ । ॥
ଚିର-ପରିଣୀତା-ଲକ୍ଷ୍ମୀ , 'ସ୍ୱାମୀଙ୍କ ପୀରତି
ଊଣା ନୋହୁ ମୋରେ ', ଭାଳ , ଭୈମୀ-ଗତ-ମତି
ଦେଖି ନଳେ , ସତେ ଭୈମୀ-ବାଞ୍ଛିତ-ପୂରଣେ
ଲାଗିଗଲେ , ଭୁଲି ନିଜ ସପତ୍ନୀ-ପଣେ !   ୧୬୧
ଇନ୍ଦ୍ର-ନୀଳ-ମାଳା-ବନ-ତୋରଣେ ଯେ ପୁର
ଲମ୍ବିତ ଅଳକା ଧରି , ବିରହ-ବିଧୁର-
ପ୍ରିୟା-ସମ ଉଚ୍ଚ-ଶୃଙ୍ଗ-ଗ୍ରୀବା ତୋଳ ଶୃଙ୍ଗେ
ଅଗମନେ ସେହି ପୁରୀ ଦେଖିଲେ ସେ ରାଏ ।୧୬୨
ଦେଖି ପୁରୀ ଅନ୍ୟମନ ଈଷତ ରାଜନେ
ହୁଅନ୍ତେ , ନଭୃତେ ଭୈମୀ-କଟାକ୍ଷ-ପ୍ରେରଣେ ,
ଚଞ୍ଚଳେ ନିବର୍ତ୍ତି ତାଙ୍କ ନୈଷଧ-ନୟନ ,
ଲଭିଲେ ତା' ସହ ଅର୍ଦ୍ଧପଥେ ସମ୍ମିଳନ ।   ୧୬୩
ନଗରେ-ସ୍ଥାପିତ-ମନ୍ତ୍ରୀ-କର୍ମଚାରୀ-ଦଳେ ,
ପଥେ ମିଳିଗଲେ ଜାମ୍ବା-ଅଭିରାମ ନଳେ
କ୍ରମେ କ୍ରମେ ଉତ୍କଣ୍ଠାରେ , ଯଥା ଅଳିଗଣ
ପୁଷ୍ପସନାଥ ବସନ୍ତେ ଭଜନ୍ତି ମିଳନ ।   ୧୬୪

GPNanda Colln., Digitized by srujanika@gmail.com

ହୁଅନ୍ତେ ତାଙ୍କର ଶୁଣିବାକୁ କୁତୂହଳ ;
କେତେ କେତେ ନିଜ କଥା ବଖାଣିଲେ ନଳ ;
ତାଙ୍କଠାରୁ ପୁଣି କେତେ ଶ୍ରବଣ-ଗୋଚର
କରି କରି , ପୁରୀ ପ୍ରବେଶିଲେ ମହୀପାଳ । ୧୨୫
ସୁକୁମାର ପଣେ ଅମୃତ ସଲିଳ-
ସମ୍ଭୂତ-ମୃଣାଳ-ସମ
ଭୁଜମାଳୀ ସକଳ , ପଥେ ପଥେ ତହୁଁ
ଭାଷିଲେ ଜୟ ବଚନ ;
ନିଜ କର-ବଲ୍ଲୀ- କୋରକ-ସମାନ
ଲାଜା-ମଙ୍ଗଳ-ବେଭାର
ଆଚରି ସ୍ତ୍ରୀଜନେ , ତାଙ୍କସନ୍ନିଧାନେ
ପହଞ୍ଚିଲେ ବାଳାକୁଳ । ୧୨୬
ନବାଗତ-ଦମୟନ୍ତୀ-କାନ୍ତି-ଦରଶନେ
ବ୍ୟଗ୍ର ହେଲେ ପୁର-ବାସୀ ଯେତେ ନାରୀଗଣେ ;
ନିଖିଳ-ନଗର-ଅଟ୍ଟାଳିକା-ଚନ୍ଦ୍ରଶାଳେ
ଆରୋହି , ଉତ୍କଣ୍ଠା-ବଶେ ଗୃହାନ୍ତେ ସକଳେ ,
ସାର୍ଥକ ହୋଇଲା ସିନା ଚନ୍ଦ୍ରଶାଳା-ନାମ ,
ରମଣୀ-ଲପନ-ଚନ୍ଦ୍ରେ ଲଭିଣ ମିଳନ । ୧୨୭
ପୁର-ପୁରନ୍ଧ୍ରୀ-ନିକର ସେ କାଳେ
ଶୋହିଁ ରହିଲେ ଗବାକ୍ଷର ଜାଲେ ;

GPNanda Colln., Digitized by srujanika@gmail.com

ସୁଧା-ସମ ନଳ-ମୁଖେନ୍ଦୁ-ଶିଖି ;
ବାମା-ନେତ୍ରେ ନୀଳ-ଉତ୍ପଳ ସରି ;
ବାତାୟନ-ଛିଦ୍ରେ ଜୋଷ୍ଠ ପ୍ରସରେ ;
ଇନ୍ଦୀବର-ସୁଧା ଛୁଏଁ କି ନଲେ !
ପିପାସାରେ ପାଁଶୁ ନାରୀ-ନୟନ ,
ଇନ୍ଦୀବରେ ସେ ପୁଷ୍ପରଜ ଜାଣ । ୧୨୮
ରାଜପଥେ ସଉଧେ ପୁରନ୍ଧ୍ରୀଗଣ-
ପାଣି-ପ୍ରବାଳୁଁ ଲାଜା-ବୃଷ୍ଟି-ବିଧାନ
କରନ୍ତେ , ସତେ ଯଥା ବିମାନେ ସୁରେ
ପୁଷ୍ପ ବୃଷ୍ଟି କରନ୍ତି ନୈଷଧ-ଶିରେ !
କରି ସ୍ୱୀକାର ତାହା ଅବନୀ-ପତି ,
ପ୍ରବେଶିଲେ ନୂତନ-ସଉଧ-ସିତ ;
ଭୈମୀ ପାଇଁ ତା' ହୋଇଥିଲା ନିର୍ମାଣ ,
ଶାନ୍ତି-ହୋମାଦି-ଅଳଂକୃତ ଶୋଭନ । ୧୨୯
ନଳଙ୍କର ସେ ପରିଣୟ ଏସନ ,
ଯାନେ ଭଇମୀ-ସଙ୍ଗେ ଏକତ୍ର ଯାନ ,
ଲାଜ-କଟାକ୍ଷ ବର-ବନିତା-ବରେ ,
କୌତୁକେ ଦେଖି ଦେଖି ଗୃହି ଅମରେ ,
ଯାଉଁ ଯାଉଁ ସ୍ୱରଗେ ରହିଲେ କେତେ ,
ଅନନ୍ଦ-ସାନ୍ଦ୍ର-ମନେ ଗଗନ-ପଥେ । ୧୩୦

GPNanda Colln., Digitized by srujanika@gmail.com

କବିରାଜ-ରାଜ- ମୁକୁଟ-ଭୂଷଣ-
ହୀରକ ଶ୍ରୀହୀର ଜନକ କବି ;
ତନୟ ଶ୍ରୀହର୍ଷ ଜିତେନ୍ଦ୍ରିୟ ବର ;
ଜନନୀ ତାହାଙ୍କ ମାମଲ୍ଲ ଦେବୀ ;
ତାଙ୍କ ବିରଚିତ , ଚତୁର୍ଦ୍ଦଶ-ବିଦ୍ୟା-
ପଣ୍ଡିତ-କାଶ୍ମୀର-ଜନେ-ପୂଜିତ ,
ଗୁରୁ ମହାକାବ୍ୟ ନୈଷଧ-ଚରିତେ
ଷୋଡଶ ସର୍ଗ ଏ , ସର୍ଗ-ମହତ

GPNanda Colln., Digitized by srujanika@gmail.com

ଷୋଡଶ ସର୍ଗର ଟୀକା

(ଅଙ୍କରୁ ଶ୍ଳୋକାଙ୍କ ବୁଝିବାକୁ ହେବ)

୧୧ — ଭଗୀରଥୀ ପାତ୍ର = ଗଙ୍ଗା ପ୍ରବାହ ।

୧୨ — ହିମାଳୟ ଶିବଙ୍କୁ କନ୍ୟା ଦେବାର ଶ୍ଳେଷୋପମା ।

୨୨ — ସ୍ଥଣ୍ଡିଲଶୟନ ବ୍ରତ ଶେଷ ହେଲେ, ପତ୍ନୀର ଅଭରଣ ଦାନ କରିବାର ବିଧି । ଏଠାରେ ଶତ୍ରୁର କୃଶତ୍ୱ ଓ ସେଥିରେ ଶତ୍ରୁର ଭୂମି ଶୟନ, ପରେ ଶତ୍ରୁ-ପତ୍ନୀର ବୈଧବ୍ୟ ବ୍ୟଞ୍ଜିତ ହୋଇଅଛି ।

୩୧ — ଇନ୍ଦ୍ର-ସିନ୍ଧୁର = ଐରାବତ । ପୁରାଣରେ ଅଛି, ଦୁର୍ବାସାଙ୍କଦ୍ୱାରା ଇନ୍ଦ୍ରଙ୍କୁ ଦତ୍ତ ମାଳା ଐରାବତ ଫିଙ୍ଗିଦେଇ, ମୁନିଙ୍କଠାରୁ ଶାପ ପାଇଥିଲା ।

୩୪ — ଲୁମ୍ବୁଣ୍ଠ ନାରୀପରି ମସ୍ତକ ଶୋଭା ଯେଉଁ କରଣୀର ।

୩୫ — ଅଶୁଶୁକ୍ଷଣି = ଅଗ୍ନି । ବିବାହ ବିଧି ଓ ଶିଷ୍ଟାଗ୍ନିର ବିଧିର ଦ୍ୱ୍ୟର୍ଥ ବ୍ୟଞ୍ଜନା । 'ତ୍ୱମଗ୍ନେବ ଛି ଶରବ' ଏହି ମନ୍ତ୍ରକୁ ଲକ୍ଷ୍ୟ ।

୩୬ — ପରେ ନଳ କଳିହେତୁରୁ ବାଧ୍ୟ ହୋଇ ରାତିରେ ଦମୟନ୍ତୀଙ୍କ ଲୁଗା କାଟିଦେଇ ଚାଲି ଯାଇଥିଲେ ବୋଲି ପୁରାଣରେ ଅଛି ।

୪୧ — ଏହିଠାରୁ ଭୋଜନାଦି ବ୍ୟବହାର ପ୍ରଶ୍ନୋତ୍ତରରେ ଥିବାର ବ୍ୟଞ୍ଜନା ଦେଖିବାକୁ ହେବ । ଯଥା:— କାହାର-ତେମନ (ବ୍ୟଞ୍ଜନ) ; କାହା-ରତେ-ମନ ଇତ୍ୟାଦି ।

୫୦ — ମଳମୂତ୍ର ତ୍ୟାଗର ବ୍ୟଞ୍ଜନାରେ କୌତୁକ । ବିଭିନ୍ନ ଜାନପଦ ଥିବା ।

୫୨ — ବ୍ୟଞ୍ଜନ = ଅବୟବ; ବିଲୋମ = ଲୋମ ରହିତ, ବା ବିଶେଷ ଲୋମଯୁକ୍ତ । ପରିହାସର ବ୍ୟଞ୍ଜନା ଏଠାରେ ଉତ ଅଶ୍ଳୀଳ ।

୧୦୨ — ବଟକ = ବରା ; କୂର = ଭାତ ; ଉଜ୍ଜ୍ୱଳ କୂରରେ ମନୋହାରିଣୀ, ଅଥଚ ଉଜ୍ଜ୍ୱଳ କୂରରୂପ ହାରବତୀ ; ଭୂତ = ଭୋଜନାଭିଳାଷ, ଅଥଚ କାନ୍ତି । ପ୍ରିୟାର ଦୁଇ ଅର୍ଥରେ ସବୁ ପଦର ଦୁଇ ଅର୍ଥ ।

୧୨୦ — ମହୀଭୃତ = ରାଜା ; ପର୍ବତ । ଉପତ୍ୟକାରେ ମୃଗ, ହାତୀ ଥାଆନ୍ତି । ଦମୟନ୍ତୀରେ ମୃଗନେତ୍ର ଓ ଗଜଗତି ଅଛି ।

GPNanda Colln., Digitized by srujanika@gmail.com

ସପ୍ତଦଶ ସର୍ଗ

ସମୁଦ୍ର-କଲ୍ଲୋଳ   ବୃଥା ତଟେ ଭ୍ରମି ,
ଫେରେ ଯଥା ନିଜ ସ୍ଥାନେ ,
ତେସନ ସେ ଦେବେ   ବୁଲି ଭୂମଣ୍ଡଳେ
ଫେରିଲେ ନିଜ ସଦନେ ! ୧

ବିନୀତେ ଯେସନ   ବିଦ୍ୟାଦେଇ ଗୁରୁ ,
ତେସନ ପ୍ରସନ୍ନ ସ୍ୱରେ ;
ଚିର-ଆକାଂକ୍ଷିତ-   ଦମୟନ୍ତୀ ଦେଇ
ନିଷଧ-ନୃପତି-କରେ । ୨

ଭାସ୍ୱର ଅମ୍ବରେ   ଚଳହିଲେ ଯାଇ
କାନ୍ତିମନ୍ତ ବ୍ୟୋମଯାନେ ,
ସ୍ଫଟିକ-ଶିଖରି-   ତଟେ ଶୋଭେ ଯଥା
ଚଣ୍ଡାଂଶୁ ପ୍ରତିବିମ୍ବନେ । ୩

ଯାନ-ବେଗ-ବାତେ ଉଡ଼ି ନଭୋଦେଶେ ,
ମେଘମାଳା ଯାଏ ଚଳି ;
ଜଣାନ୍ତି ସତେକି,   ତାଙ୍କ ନିଜ ବେଗ
ପବନର ବେଗୁଁ ବଳି ? ୪

GPNanda Colln., Digitized by srujanika@gmail.com

କ୍ରମେ ଦୂରବର୍ତ୍ତୀ ହୁଅନ୍ତେ ସେ ଦେବେ ,
ଅଳପେ ହୁଅନ୍ତି ଦୃଷ୍ଟ ;
ଅଷ୍ଟ ଅଇଶ୍ୱର୍ଯ୍ୟୁଁ କେବଳ ଅଣିମା
ଅଛୁ ଯେସନେ ଅବଶିଷ୍ଟ । ୫
କାହିଁ ମେଘ-ଲେଖା ଧ୍ୱଜ-ଅଗ୍ର-ଭାଗେ
ବିସ୍ତୀର୍ଣ୍ଣ ହୋଇ ଆକାଶେ ,
ସୌଦାମିନୀ-ଯୋଗେ ପୀତ-ଧ୍ୱଜ-ଶୋଭା
ବଢ଼ାଇଲା ରଥ-ପାଶେ । ୬
ପଥେ ମେଘଗଣ ଇନ୍ଦ୍ର-ରଥ-ସଙ୍ଗେ
ହୁଅନ୍ତେ ସଦା ମିଳତ ,
ତାଙ୍କ ରଥାଲମ୍ବୀ ଧନୁ-ମିଳ ତହିଁ ,
ହେଲା ବିଭୂଷଣବତ । ୭
ଜଳଦ-ପଟଳ- ଜଳେ ପ୍ରତିବିମ୍ବି
ବହ୍ନି-ବଜ୍ର ସେହି କାଳେ ,
ସେହି ଧନୁ ସିନା ଅଶନି-ସନାଥ
କଲା ନୀଳମେଘ-ମାଳେ ! ୮
ମିହିର-ମଣ୍ଡଳ ଚୁମ୍ବି ଯମଦଣ୍ଡ ,
କାହିଁ ଶୋଭା ପରକାଶେ ;
ସୂର୍ଯ୍ୟ ବଂଶ-ଜାତ- ନରପତିଙ୍କର
ଭୁଜ-ଛବି-ପରି ଦିଶେ ! ୯

GPNanda Colln., Digitized by srujanika@gmail.com

ନଳ-ଭୈମୀ-ପ୍ରେମେ ବିସ୍ମିତ-ସ୍ୱର୍ଗ-
ବାମା-ଶିର୍-କମ୍ପେ ଖସି ,
ପଡ଼ନ୍ତା ପତ୍ରଏ କର୍ଣ୍ଣ-ଅବତଂସ ,
ପାଣି-ପାଣ ଶୋଭା ଦଶି । ୧୦
ବାୟୁ-ସ୍କନ୍ଧ ଚଢ଼ି, ନଚ୍ଚଇ ଶ୍ରୀକର ,
ଉଠନ୍ତେ ହବ୍ୟବାହନ ,
ପାଇଛନ୍ତି ଭୈମୀ ଏହୁ, ବୋଲି ଭ୍ରମେ
ଭୁଲିଲେ ଦେବତାଗଣ । ୧୧
ଭଇମୀ-ବଚନ- ବରହେ ଭାରତୀ
ଦୁଃଖିତ ହୋଇଣ ଚିତ୍ତେ ,
ସେ ବଚନ ସ୍ମରି, ବିପକ୍ଷ-ଜନାଦେ
ବିହୁଲେ ବିନୋଦ ପଥେ । ୧୨
ଦେବଗଣ ଏବେ ଦେଖିଲେ ଆସନ୍ତି
ଅପିତ୍ରିଷ ଜନଗଣ ,
ପାଶ୍ଚେଁଠି ନେବାକୁ ଅସ୍ପଅଛି ଜନି
ହୋଇ ବ୍ୟୋମ ମୂର୍ତ୍ତିମାନ ! ୧୩
ଦେଖିଲେ ସେ ସ୍ଥରେ ଚନ୍ଦ୍ର ଅଗ୍ରସର
ହୋଇଅଛୁ କାମ ବଳୀ ,
ଇନ୍ଦ୍ରିୟ-ଦୁର୍ଜଳ- ଶିଷା-ଲାଗି ଜନି
ଧୃଲେ ତାକୁ ଅସ୍ତ୍ରେ କଳ ! ୧୪

GPNanda Colln., Digitized by srujanika@gmail.com

ଅଗମ୍ୟା-ଗମନେ ପ୍ରାଣ ତୃଣ-ସମ
ମଣନ୍ତି ତା' ଅନ୍ତରରେ ;
ଶୋଷିଛ ସମୂଳୀ ସର୍ବସ୍ୱ ତାଙ୍କର ,
ନାହିଁ ଲାଜ ଭୟ ତିଳେ । ୧୫
ବୃଦ୍ଧଦେବେ ସ୍ପର୍ଦ୍ଧା କଲାପରି ସେହୁ
ଲୋକ-ଜଡ-ଭାବ ବନ୍ଧେ ,
ଈଶ୍ୱର-ତୁଲନେ ହୋଇ ଅଶସ୍ୱସ ,
କର୍ତ୍ତୃତ୍ୱେ ଜଗତ ମୋହେ । ୧୬
ଶିବ ବୈର ସ୍ମରି, ତାଙ୍କ ନିରମିତ
ଏହି ବିଶାଳ ଭୁବନେ
ଅସ୍ତ କରି ନାଶି, ସତେ ଯଥା ସେହୁ
ଦହେ ସତତ ପୀଡ଼ନେ ! ୧୭
ନଳ-ଶିଖା ଦେଖି, ସ୍ମର-ଶୋଭା ସ୍ମରେ
ନ ହସିଲା ମନୋହର ;
ଅଶ୍ୱିନୀ-କୁମାରେ ଅତିକ୍ରିସ୍ୟ ହେଲା
ଏ ରୋଗ ଦେବ-ନେତ୍ରର । ୧୮
କାମ-ପାଶେ କ୍ରୋଧେ ଦେଖିଲେ ସେଦେବେ
କମ୍ପିତ-ଅରୁଣ-ତ୍ୱିଷେ ,
ଅକ୍ରୋଶେ ଡାକଇ, ଯାହା ପାଏ, ତାହା
ଫିଙ୍ଗିଦିଏ ତଳପାଶେ । ୧୯

GPNanda Colln., Digitized by srujanika@gmail.com

ରକ୍ତାକ୍ଷ, କ୍ରୋଧର   ଅନୁରାଗେ, ଅଧର
କାମୁଡ଼ି, ରୁଧିର ଝାଡ଼ି,
ଭ୍ରୂଭଙ୍ଗୀ-ଫଣିନୀ-   ଫୁତ୍କାର-ସମାନ
ନିଃଶ୍ୱାସ ବଅନ୍ତି ଛାଡ଼ି । ୧୦
ମଦନେ ଦୁର୍ଭେଦ୍ୟ   ଦୁର୍ବାସା-ହୃଦୟ
ଅବଲମ୍ବି ଥିବ କ୍ରୋଧ ,
ଅଖଣ୍ଡଳ ଆଦ   ଦେବିଷଦେ କରେ
ଅନାୟାସେ ବିଦଗଧ । ୧୧
ଅଧିକେ ଉଦ୍‌ବେଗ   ଜନମାଏ ଏହୁ ,
ରକ୍ତ କରି ଅପଘନ ;
ଅନ୍ଧ ଦୀପେ ତମ   ଜନମାଇ, କରେ
ସର୍ବେନ୍ଦ୍ରିୟ ଆବରଣ । ୧୨
କାମ-ଜୟ-କାଳେ   ଶିବ କଲେ କ୍ରୋଧ ,
କ୍ରୋଧ କଲା ତାଙ୍କୁ ଜୟ ;
ଅରି-ଜୟ-କାଳେ   ଥିଲେ ଦୁର୍ଜ୍ଜୟେ
ଅବରୋଧ ଏକା ନୟ । ୧୩
ବେନି ହସ୍ତ ଫେଇ   ଧନ୍ନା ପାତେ ରନ୍ଧୁ ,
ଭୟେ ବାକ୍ୟ ନ ସ୍ଫୁରଇ ,
ସ୍ୱପେ କାକୁବାଣୀ ,   ଦେଖିଲେ ଅମରେ
କ୍ଲୈବ୍ୟ ବିଦ୍ୟମାନ ତହିଁ । ୧୪

GPNanda Colln., Digitized by srujanika@gmail.com

ଅନ୍ତରେ ଜାଗ ଦୈନ୍ୟ-ଦୌର୍ବଲ୍ୟ ,
ଗ୍ଲାନି , ଲଜ୍ଜା ଅପମାନରେ ,
ଭୁଲିଲା କେତକ ପଡ଼ଶ ପ୍ରୀତି ସ୍ନେହ
ମନ୍ଦ୍ରେ ତ୍ତି ଦୀନ୍ତରରେ । ୧୫
ଧନ-ଦାନ-ଭଳ- ଦର୍ପରେ ଯେ ହେଳ
ହେଉ ଯେତେ ଅବନ୍ତର ;
ଦର୍ପ ଅନ୍ନିଷ୍ଟେ ଦରେ ଧନୀ-ପାଶେ
ଦାସ ପର ଅନ୍ତରର । ୧୬
ମହା ପାତକରୁ ଘୋଟିଏ-ସେ ହୋଇ ,
ଯୋଡିଏ ବଡ଼ଲ ଦାମ ;
ପାଷ ପଦ ହେବ ଭରଉ ସାଧବ ,
ମଣେ ସେ ତୁହିଁକୁ ତୃଣ । ୧୭
ଦସର ନେଇଦେ ସର୍ବୋଦ୍ଧ୍ ହ୍ୟେ, ଜନ୍ମ
ଯେଉଁ ଦେବ-ବାସ ଅଛ ;
ଯାଜ୍ଞା-ପନ୍ଥ-ପଣେ ସ୍ମରୁତ୍ଵ ଅଙ୍ଗିବ
ବୋଲି କି ତହୁଁରେ ରଛ ! ୧୮
ନ ଜଟେ ଆଦର ଯେତ୍ରୁ ବନ୍ଧୁଙ୍କର
ଅଭିପଥ୍ୟ ତଥ୍ୟ-ଗିରେ ,
ଆଜଟେ ଅନ୍ଲେଷେ ଶୂନ୍ୟେ ଯେ, ସେ ମୋତେ
ଦେଖିଲେ ଲଜ୍ଜି ଅମରେ । ୧୯

GPNanda Colln., Digitized by srujanika@gmail.com

ଉପାସକେ ତା'ର ଭୁଚମ୍ବ-ଜଞ୍ଜାଳ-
ଅଜ୍ଞାନେ ହୋଇ ମଗନ ,
କାଲି ମୃତ୍ୟୁ ହେବ ଜାଣି ସୁଦ୍ଧା, ଭଜେ
ନ ସୁରନ୍ତି ଭଗବାନ । ୩୦

ମୋକ୍ଷ-ଜ୍ଞାନ-ଦୀପେ ପ୍ରଦୀପିତ ଆତ୍ମା
ମହା-ମୁନି-ଋଷି-ଜନେ
ଉଜ୍ଜ୍ୱଳ ହୃଦୟୁ ମଳିନ କରଇ
ସେହ୍ନ, କଜ୍ଜ୍ୱଳ ଯେସନେ । ୩୧

ବ୍ରହ୍ମଚାରୀ ଯତି ବାନପ୍ରସ୍ଥଙ୍କର
ଗୃହୀ ଯଥା ଅଲମ୍ବନ ,
ତଥା ଅଣ୍ଡା କରି ରହନ୍ତି ସେ ମୋହେ
କ୍ରୋଧ ଲୋଭ ପଞ୍ଚବାଣ । ୩୨

ଜାଗ୍ରତ ନରଙ୍କ ନିଦ୍ରା, ଚକ୍ଷୁଷ୍ମାନେ
ସେହ୍ନ ଅନ୍ଧକାର-ସ୍ଥାନ ;
ଶାସ୍ତ୍ର-ଜ୍ଞାନ ସତ୍ତ୍ୱେ, ଜନ ମୋହ-ବଶେ
ପ୍ରକାଶେ ଜଡତା-ତମ । ୩୩

ଏହୁ ମୋହେ ତମ- ଗୁଣେ ହତ ଭବ
ଜଣି, କାମେ ଲଜ୍ଜା ନୋହି ।
ହର-ଶୂଳେ ହତ କୁରୁ-ସୈନ୍ୟେ କିବା
ଅରଜୁନ-ଘାତ ସେହି ! ୩୪

GPNanda Colln., Digitized by srujanika@gmail.com

ପୂର୍ବ ପରିଚୟୁଁ   ତହୁଁ ବେଢେ ଜଣେ
    ଚଳିଲେ ଦେବତାମାନେ ;
କଳ୍ପିତ-କଣ୍ଟକେ   ଅଚୂତ-ଆବୃତ
    ଅଚଳା ରହିଲେ ଅନେ । ୩୫
ଉଦ୍ବେଳ-ସାଗର-   ସରି ସେ ସଇନେ
    କରନ୍ତେ ପାଶେ ଗମନ ,
ଶୁଣିଲେ ଅମରେ   ଜଣକର ତହୁଁ
    କର୍ଣ୍ଣି-କରକଷ-ବର୍ଣ୍ଣି । ୩୬
"ସଲିଲେ ପାଷାଣ-   ଭାସଣ ସମାନ ,
    ଶ୍ରୁତି-ସତ୍ୟ-ଯଜ୍ଞ-ଫଳ ;
ଅନ୍ଧେ ଜ୍ଞାନ ବୃଦ୍ଧେ   କ ବିଶ୍ୱାସ ତହୁଁ ?
    କାମ-ମାର୍ଗେ ପେନ୍ତୁ ସଲ । ୩୭
ଧନ୍ୟ ବୋଧି-ସତ୍ତ୍ୱ,   ପ୍ରଚାରିଲେ ସତ୍ୟ ,
    ବେଦ-ମର୍ମ-ଭେଦ କରି ;
ଜଗତ ଅସ୍ଥିର,   ତେବେ କିପାଁ ମୂଢ଼େ ,
    ମର ପରଲୋକ ଭୁଲ । ୩୮
ଅଗ୍ନି ହୋତ୍ର, ଦେବ, ତନ୍ତ୍ର, ଛନ ଦଣ୍ଡ ,
    ଭସ୍ମ, ତ୍ରିପୁଣ୍ଡ୍ର ଧାରଣ ,
ପ୍ରଜ୍ଞା ପଉରୁଷେ   ହୀନ ଲୋକଙ୍କର
    ଜୀବନ-ଯାତ୍ରା-ଭିଆଣ । ୩୯

GPNanda Colln., Digitized by srujanika@gmail.com

ପିତା ମାତା, ପୁଣ   ତାଙ୍କ ପିତା ମାତା,
ଏମନ୍ତେ ଅନନ୍ତ କୁଳେ
ଶୁଦ୍ଧି ଅଛୁ କା'ର ?   କାହାର ବିଶୁଦ୍ଧ
ଜାତ ତେବେ ରବତଲେ ? ୪୦
କାମିନୀ-ସଂସର୍ଗେ   କେଉଁ ନରେ ଅବା
ସଂକ୍ରମେ ନାହିଁ ପାତକ ?
ବୃଥା ଉପବାସ   ସ୍ନାନ ବ୍ରହ୍ମଚର୍ଯ୍ୟେ
କି ମୋହେ ବବ୍ରତ ଲୋକ ? ୪୧
ଧିକ୍କାର ପୁରୁଷେ,   କୁଳ-ସ୍ଥିତ-ଦମ୍ଭେ
ଈର୍ଷାରେ ରୋଧେ ସେ ନାରୀ ।
ଉଭୟେ ସମାନ   କାମୁକତା, ତେବେ
ପୁରୁଷେ ରଖେ ସମ୍ଭାଳ । ୪୨
ଅହଲ୍ୟା ପୀରତି-   ଇଚ୍ଛି ଶଚୀପତି ,
କଲେ ଯେଉଁ ବ୍ୟବହାର ,
ପର-ଦାର-ଗତ-   ନବୃତ୍ତର ଦମ୍ଭେ
କଲେ ନିଜେ ଅନାଦର । ୪୩
ଗୁରୁ-ତଳ୍ପ-ଗତେ   କଳୁଷ-କଳ୍ପନା
ତେଜ ଅହେ ଦ୍ୱିଜଗଣ ;
ତୁମ୍ଭ କୁଳପତି   ସୋମ କରିଛନ୍ତି
ଗୁରୁ-କାମିନୀ-ହରଣ । ୪୪

GPNanda Colln., Digitized by srujanika@gmail.com

ପାପୁଁ ତାପ, ପୁଣ୍ୟୁଁ ହୁଅଇ ଆନନ୍ଦ
ମୃତ୍ୟୁପରେ, ଭଷେ ଶ୍ରୁତ ;
ଉପସ୍ଥିତ ଫଳ ସାକ୍ଷାତେ ଘଟଇ ;
ଭଲ ବଳାବଳ ସେଥି । ୪୫

ମଲେ ଜନ୍ମାନ୍ତର- ସନ୍ଦେହ ଟି ଯେବେ ,
ତେଜ ବୃଜନ ଶ୍ରେୟିପ୍ସେ ,
ତେଜ ଜୀବ-ବଧେ କଳୁଷିତ ଯଜ୍ଞ
ହିଂସା-ଦୂଷଣ-ସଂଶୟେ । ୪୬

ତ୍ରିବେଦ-ପଣ୍ଡିତ ବନ୍ଦ୍ୟ ବ୍ୟାସ ତବ
ବିଧାନ ଅଛନ୍ତି କରି ,
'କାମାର୍ତ୍ତ ହୋଇଣ ପୁରୁଷେ ଲୋଡଲେ ,
ବିବାହେ ଦୋଷିବ ନାସ୍ତି ।' ୪୭

ସୁକୃତେ କିପାଁଇ ଶରଧା ତୁମ୍ଭର ?
ନ ହୁଏ କିପାଁ ସୁରତେ ?
କରିବ ସେ କର୍ମ ପୁରୁଷ ଯତନେ ,
ଯହିଁ ସୁଖ-ଲାଭ ଅନ୍ତେ । ୪୮

ବଳାତ୍କାରେ କୃତ ପାତକ ସକଳ
ନ କଲା ସଙ୍ଗେ ସମାନ ;
ଭଣିଛନ୍ତି ମନୁ, 'ବଳେ ଯାହା ହୁଏ
ଅକୃତ ପରି ସେ, ଘେନ ।' ୪୯

GPNanda Colln., Digitized by srujanika@gmail.com

ଅହେ ଶାସ୍ତ୍ରିଗଣ, ମନୁଙ୍କ ଭାଷଣେ
ନ କର ସଂଶୟ ଛଳେ ;
ଇଚ୍ଛାନୁଏ ଯହିଁ ଆଚର ସ୍ୱଚ୍ଛନ୍ଦେ ,
ଆନନ୍ଦ ଯହିଁରୁ ମିଳେ । ୬୦
ଶ୍ରୁତି-ସ୍ମୃତି-ଅର୍ଥେ କେବେ ଏକମତ
ନ ହୁଅନ୍ତି ବୁଧଗଣ ;
ବ୍ୟାଖ୍ୟାନ ନିର୍ଭର କରେ ବୁଦ୍ଧି ବଳେ ;
ସୁଖୋନ୍ମୁଖୀ ବ୍ୟାଖ୍ୟା ଯେନ । ୬୧
ଅର୍ପିତା ଯେ ଦେହେ ହେଲେ ତାହା ଭସ୍ମ ,
ପାତକର ସ୍ଥାନ ନାହିଁ ;
ପରଜନ୍ମ-ମତେ ଆତ୍ମାର କଳ୍ପନା ,
ତହିଁରେ କିଫଳ କାହିଁ ? ୬୨
'ମଲେ ଲୋକ ପୁଣି ନିଜ କର୍ମ-ଜାଳେ ,
ଲଭେ ତହିଁ କର୍ମ-ଫଳ ;
ଅନେ ଦାନକଲେ ମୃତ ହୁଏ ତୃପ୍ତ';
ଧୂର୍ତ୍ତ-ବଚନ କେବଳ । ୬୩
ଷଣ୍ଢରେ ତ ଅମ୍ଭ, ଜାଣନ୍ତି ସରବେ ;
ଅହୋ ଅତ ଧୂର୍ତ୍ତ ଶ୍ରୁତି !
ନୁହେ ସେହୁ ବୋଲି, ଶସ୍ତ୍ରରେ ଛଡାଇ ,
ଅନେ ଗୃଲେ ଜନ-ମଢ । ୬୪

୪୫୭

GPNanda Colln., Digitized by srujanika@gmail.com

ସିଦ୍ଧ ବା ଅସିଦ୍ଧ ହେବ ଇଷ୍ଟ, ହେଲେ ,
ହେଲା ମନ୍ତ୍ର ଜପ ଫଳେ ;
ନ ହେଲେ, ଦକ୍ଷିଣା- ଅଦ ମନ୍ତ୍ର-ଅଙ୍ଗେ
ଦେଖାନ୍ତି ଦୋଷ ସେ ଖଳେ । ୫୫

ଅଦ୍ୱିତୀୟ ମତେ ସାଗ୍ର-ବିଶ୍ୱ-ପାପେ
ଆତ୍ମା ପର ପାପମୟ !
ଏକ ତବ ପାପେ କେତେ ବା ବଢିବ ?
ତେବେ କିମ୍ବା ପାପେ ଭୟ ? ୫୬

ବୃନ୍ତ-ଚ୍ୟୁତ ପୁଷ୍ପେ କିସ ପ୍ରୟୋଜନ ?
ବୃନ୍ତେ ପିନା ତାହା ଫଳେ ;
ପାଷାଣ ମସ୍ତକେ ଅର୍ପଣ ଖଡ୍ଗ ,
ପିନ୍ଧ ତାହା ନିଜ ଶିରେ । ୫୭

ଲଲନା-ବିଷୟେ ଘୃଣା—ବାଦ ସବୁ
ତୃଣ—ପରି ତୁଚ୍ଛ ମଣ ;
ନାରେ ରକ୍ତ ମାଂସେ ଜଗୁପ୍ସିତ ତଥା ,
କିପାଁ ଜନ ପ୍ରତାରଣ ? ୫୮

ବ୍ରହ୍ମା ଆଦ ଦେବେ ପୂଜ୍ୟା ଅଲଙ୍ଘିତ
କାମ-ଦେବ-ଆଜ୍ଞା-ମାନ ;
ଦେବତା-ଅଦେଶ ବେଦ ପର ! ତହିଁ
ଏ ଅଦେଶ ହେବ ମ୍ଳାନ । ୫୯

GPNanda Colln., Digitized by srujanika@gmail.com

ଅର୍ଥ-ବାଦ-ଛଳ   ବେଦର , 'ପ୍ରଳାପ
ମଣ ଯଦି ହେ ବହୁଦୋଷେ ,
ସେହିପରି କିପାଁ   ଦୁଃଖ ବଧ-ଭାଗେ
ନ ମଣ , କି ଭାଗ୍ୟ-ଦୋଷେ ? ୬୦
ଅବେ ମୀମାଂସକେ କେଉଁ ବୁଦ୍ଧି-ବଳେ
କର ଶ୍ରୁତିରେ ବିଶ୍ୱାସ ?
ଯୂପ-ଦ୍ୱିପ-ବଧ   ସେହି ଶ୍ରୁତି ପୁଣି
ବୋଲି ପ୍ରକ୍ଷିପତ ଅଂଶ । ୬୧
ଯେଉଁ ଶ୍ରୁତି ବୋଲେ , ପର-ଜନ୍ମ-ଫଳ
ନୁହେ ବିଦିତ କାହାରେ ;
ସେ ଶ୍ରୁତି ପ୍ରମାଣେ   ପରଲୋକେ ଲୋକ
ବିଶ୍ୱାସ କିପାଁଇ କରେ ? ୬୨
ମଣ୍ଡଳ-ଦଣ୍ଡନେ   ଧନ-ଅରଜନ
ଭଳ ବିନା ମନୁଋଷି ,
ଦୁଃଖ , ଧର୍ମାର୍ଜନେ ,   ଅଧର୍ମ-ବର୍ଜନେ ,
ବୋଲି , ଜାତ ଗଲେ ଭାଷି । ୬୩
ହେ ତାର୍କିକେ , ଯେବେ ବ୍ୟାସ କାବ୍ୟ ବୋଲି,
ବିଶ୍ୱାସ କର ଚିତ୍ତରେ ,
ମତ୍ସ୍ୟ-ପ୍ରାପ୍ତ ତୁମ୍ଭେ   ମତ୍ସ୍ୟ-ଉପଦେଶ ,
କିଏ ତୁମ୍ଭଙ୍କୁ ପଚାରେ ? ୬୪

GPNanda Colln., Digitized by srujanika@gmail.com

ପାଣ୍ଡବାଦଙ୍କର   ଶତ୍ରୁ-ପନ୍ଥୁ ଭବ
ପଣ୍ଡିତ ପିତା ସେ ବ୍ୟାସ ;
ପାଣ୍ଡବାଦ-ନିନ୍ଦା   ନିଜ ନିନ୍ଦା ପରି ,
ତାଙ୍କ ଯଶେ ନିଜ ଯଶ ! ୬୫
ଭ୍ରାତୃ-ବନିତାରେ   ଅନୁରାଗେ ଭୁଲି ,
ନୋହିଥିଲେ ତ ସେ ରତ ,
ଦାସୀ-ରତି-ବେଳେ ସେହୁ ବ୍ୟାସେ ଦେଲେ
କେବଣ ଜନନୀ ମତ ? ୬୬
ରତିଛନ୍ତି ଚନ୍ଦ୍ର ଦେବେ ଦ୍ୱିଜେ ବୋଲି ,
ଯେବେ ଦେବ-ଦ୍ୱିଜାଦର ,
ପ୍ରଣମି ଶାସ୍ତ୍ରରେ ,   ପଶୁଠାରୁ ଜକି
ନୁହେ ଅମ୍ଭା ହୀନତର ? ୬୭
ସାର ସ୍ୱାମ୍ୟକଥା ,   ବୋଲନ୍ତି ଯାଜ୍ଞିକେ
ଶୁଦ୍ଧ କରି ତାଙ୍କ ଚିତ୍ତ ;
ଯଜ୍ଞ କରି , ଧବେ   ସାରଙ୍ଗ-ଲୋଚନା
ଭଜନ୍ତି ହୋଇଲେ ମୃତ । ୬୮
ମୃତ୍ୟୁପର-ଲାଭେ   ଶାନ୍ତି ନାହିଁ , ଏଥି
କର ନାରୀ-ପ୍ରେମେ ଶ୍ରମ ;
ଭସ୍ମ ହେଲା ପରେ ,   ପଞ୍ଚଭୂତ ଦେହେ
କାହିଁ ପୁନରାଗମନ ? ୬୯

GPNanda Colln., Digitized by srujanika@gmail.com

ଧର୍ମ ଅର୍ଥ ଖଣ୍ଡ , କାମେ ମୋକ୍ଷ ଭଞ୍ଜି ,
ସେ ପାଣିନି ମୁନିବର ,
ଲଗାଇ ଅଛନ୍ତି ସମ୍ବନ୍ଧ ପଣ୍ଡ ହେ
ଅପବର୍ଗେ ତୃତୀଆର । ୭୦
ଜଳ-ତଳେ ବୁଡ଼ି , ଉପରେ ଯିବାର
ଲୋଡନ୍ତି ପାମରେ ପଥ ,
ଆଗେ ଯୁଝିବାରେ ପଛେ ରହେ ମେଷ
ଯେସନ , ତେସ୍ନେ ଏ ମତ । ୭୧
ଏଥି ପାପ କଲେ ପକ୍ଷୀ-ଯୋନି ହେବ ,
କେଉଁ ବଞ୍ଚିଷିତା ଏଥୁ !
ନିଜ ସ୍ୱଶେ ରହେ ଯେଉଁ ପତଙ୍ଗମ ,
ରାଜା ପରି ସୁଖୀ ସେହୁ । ୭୨
ଯୁଦ୍ଧେ ମଲେ ଯେବେ ବିଳସନ୍ତି ଦେବେ ;
ତେବେ କିପାଁଇ ଦାନବେ ;
ରଣେ ମରି ସ୍ୱର୍ଗେ ନାରାୟଣ ସଙ୍ଗେ
ମାତନ୍ତି ନାହିଁ ଅହବେ ? ୭୩
ସଂସାର-ଦଶାରେ ଜୀବ ବ୍ରହ୍ମ ବେନି ,
ମୋକ୍ଷେଥି ବ୍ରହ୍ମ କେବଳ ;
ନିଜ ନାଶେ ମୁକ୍ତି ଭଷନ୍ତି ବେଦଙ୍କେ ,
ଭକ୍ତି-ଗ୍ରନ୍ଥୁଷ୍ଣ ମାତର । ୭୪

GPNanda Colln., Digitized by srujanika@gmail.com

ପାଷାଣ-ଅବସ୍ଥା, ମୁକ୍ତି-ଉପଦେଶେ ,
ବ୍ରତରେ ଯେ ସଚେତନେ ,
ବର୍ତ୍ତିଲେ, ଭଲେ ଗୋତମ ତା'ନାମ
ସାର୍ଥକ, ଭାବଇଁ ମନେ । ୭୫

ଦେବ-ସେବା ପୁଣ୍ୟ; ଅମର-ଗୃହିଣୀ
ଅରପି ଚଉ ଅଙ୍ଗରେ ,
କାହିଁପାଇଁ ତେବେ ନ ହୋଇ ମୁକତ ,
ବନ୍ଧ କାମ-କାରାଗାରେ ? ୭୬

ଛନ୍ଦ ଯେବେ ଦେବ, କରୁଣା-ନିଳୟ ,
ସର୍ବଜ୍ଞାତା, ସତ୍ୟ-ଗିର ,
କଥା ପଦେ କହି ନ କରନ୍ତି କପାଁ
କୃତାର୍ଥ ଅର୍ଥୀ ତାଙ୍କର ? ୭୭

କର୍ମ ଫଳେ ଦୁଃଖ ଦଅନ୍ତି ଈଶ୍ୱର ;
ଅକାରଣେ ସେହୁ ପର ;
କାରଣେ ଅପରେ ଦୁଃଖ ଦେଇ, ପର;
ଈଶ୍ୱରେ ତେବେ କ ଫଳ ? ୭୮

ଅନନ୍ତ ଯୁକ୍ତିରେ ସମ-ବଳ ହୋଇ ,
ଦର୍ଶନର ପକ୍ଷ ଧରି ,
ପରସ୍ପରେ ଦୋଷ ଦେଇ, କେଉଁ ମତ
ନହେ ଅପ୍ରମାଣ କରି ? ୭୯

GPNanda Colln., Digitized by srujanika@gmail.com

ଶିଖାନ୍ତି ଅପରେ ଅକ୍ରୋଧ, କ୍ରୋଧନ
ଜନେ ଯେଉଁ ତପୋଧନ ,
ନିର୍ଦ୍ଧନେ, କରନ୍ତି ଧନ-ଲାଗି ପରେ
ଧାତୁ-ବିଦ୍ୟା-ଶିକ୍ଷା-ଦାନ । ୮୦
ଦିଅ କିପାଁ ଧନ ? ସନ୍ତୁଷ୍ଟ ହୁଅନ୍ତି
ଲକ୍ଷ୍ମୀ ଅଦାତୃକଠାରେ ;
ମୂଢ଼ ବଳିରାଜା ଲଭିଲା ବନ୍ଧନ
ସର୍ବ-ଧନ-ଦାନ-ଫଳେ । ୮୧
ଧନ-ଜନ-ଧନ ଦୁହିଁବାକୁ ଖଳେ
ବିଧି ଉପଦେଶ-ଦାୟୀ ,
ଲୋଭ ଯେଭ ଦେତ୍ତ, ଉଦାସୀନ, ଜଣେ
ଦୁଇଜଣ ଅବା କାହିଁ ? ୮୨
ଦଇନ ବଢ଼ାଏ ଅସ୍ତେୟ; ଅଭକ୍ଷ୍ୟ-
ବର୍ଜନ କ୍ଷୁଧି-ବଞ୍ଚନା ;
ଅଶ୍ରୀ କର ନରେ, ସ୍ୱେଚ୍ଛାଚାର, ସେହୁ
ଅନନ୍ଦ-କାରଣ ପିନା !" ୮୩
ଦୁର୍ବାକ୍ୟ ଏସନେ ଶୁଣି ସୁନାସୀର ,
ହୋଇଲେ କ୍ରୋଧେ ଅସ୍ଥିର ;
ପଚାରିଲେ ଉଚ୍ଚେ "କିଏ, କଏ ଏହି
ଧର୍ମ-ମର୍ମ-କ୍ଷୟ-କର ? ୮୪

GPNanda Colln., Digitized by srujanika@gmail.com

ବଜ୍ର କରେ ଧରି, ମୂର୍ତ୍ତି ଦେବପତି
ଥାଇଁ ଏଥି ଉପସ୍ଥିତ ,
ଛନ ବେଦ ଯାର ଚକ୍ଷୁ, ସେ ତ୍ରିଲୋକେ
ଭସେ ଏସନ ଅଦ୍ଭୁତ ! ୮୫

କାଷ୍ଠ-ଶୁଦ୍ଧ, ବର୍ଣ୍ଣ- ସଂଙ୍କର ବା କେନ୍ତୁ
ପରୀକ୍ଷା ଏଦ୍ୱାର ହୁଏ ;
ବ୍ରହ୍ମହତ୍ୟା ଆଦ ଅପରାଧେ, ଯେବେ
ଦବେ୍ୟ ଦୋଷୀ ଭଙ୍ଗ ଦଏ । ୮୬

ବ୍ରାହ୍ମଣୀ-ପ୍ରଭୃତି- ଗମନେ ମାନବ
ନ ଲଭେ ଦବେ୍ୟ ବଜସ୍ତ ;
ଅଶେଷ ବଂଶର ବିଶୁଦ୍ଧି-ସୂଚକ
ଅଟେ ସେହୁ ପରାଜସ୍ତ । ୮୭

ବେଦ-ବିଧିମତେ ଅଗ୍ନି ଜଳାଦିରେ
ଦିବ୍ୟ ପରୀକ୍ଷାର ଫଳେ ,
ଅର୍ଦ୍ଧ-ଚନ୍ଦ୍ର ଦେଇ ନାସ୍ତିକ ବୁଦ୍ଧିରେ ,
ଧିକ୍କାର ତାହାରେ କରେ । ୮୮

ପତି-ପଙ୍ଗେ ମେଳ ହେଲେହେଁ ସକଳେ
ଗର୍ଭ କି ସର୍ବତ୍ର ହୋଇ ?
ଏଣୁ କି ଅଦୃଷ୍ଟ- ଫଳ ହେ ନାସ୍ତିକେ
ମର୍ମ-ଭେଦନ କରଇ ? ୮୯

GPNanda Colln., Digitized by srujanika@gmail.com

ପଣି ଅନ ଦେହେ ଭୁତ ସ୍ଥାନେଁ ସ୍ଥାନେ
ଗୟା-ଶ୍ରାଦ୍ଧ ଇଚ୍ଛା କରେ ,
ନାନା-ଦେଶ-ଜନେ ଶୁଣି, ଏ ପ୍ରମାଣେ
ବିଶ୍ୱାସ କିପାଁଇ ଟଳେ ? ୯୦
ଯମ ଦୂତଗଣ ନାମ ଭ୍ରମେ କା'ରେ
ନଅନ୍ତି ଯମ-ପାରୁଶ ,
ଫେରାଏ ସେ ତା'ରେ; ପରଲୋକେ ତେବେ
ନକର କିପାଁ ବିଶ୍ୱାସ ?" ୯୧
କଳି କ୍ରୋଧଭରେ, ଭାଷିଲେ ଜ୍ୱଳନ ,
ତା'ରେ କରି ତିରସ୍କାର ,
"କି କହୁଛୁ ଅରେ, ଏତେ ସ୍ପର୍ଦ୍ଧା ତୋର ,
ଆମ୍ଭ ଆଗେ ଅନର୍ଗଳ । ୯୨
ନଖାଇଲେ ଯେଣେ, ମୂର୍ଚ୍ଛା ହୁଏ ଜନେ ;
ନୁହେ କି ଦେଖୁ ସ୍ୱପ୍ନ ,
ମାସ ମାସ କାଳ ଶ୍ରୁତି-ଧର୍ମ-ବଳେ
ଉପବାସୀ ନରଗଣ ? ୯୩
ପୁତ୍ର ଇଷ୍ଟି, ଶ୍ୟେନ, କାରୀରୀ ପ୍ରଭୃତି
ଯଜ୍ଞେ ଫଳ ଦୃଷ୍ଟ ହୁଏ ,
ଧରମ-ସନ୍ଦେହ- ମନେହ-ବଞ୍ଚନ୍ତେ
ଭ୍ରାନ୍ତ-ସମ ସେବି ନୁହେ !" ୯୪

GPNanda Colln., Digitized by srujanika@gmail.com

ଦେଖ୍ଲପରି ମର୍ମ   ଭନ୍ନ, ଧର୍ମଗ୍ଲଜ
ଦଣ୍ଡ-ତାଣ୍ଡବ ସରଜ ,
ଋଲଙ୍ଗାଲଙ୍ଗିତ   କରି ନଭୋଦେଶ ,
କହିଲେ ବାଣୀ ଗରଜ :—   ୯୫
"ରହ ରହ ଶଠ,   ଭାଙ୍ଗିବ ତୋ କଣ୍ଠ
ଦଣ୍ଡେ ତୋର୍ ଓଷ୍ଠ ମୋଡ ,
ଗୋଷ୍ଠୀ ମଧ୍ୟେ ତୁହି   ପ୍ରତିକୂଳ-କଥା
ପାଠ କରୁ, ଛଡ଼ ରଡ ।   ୯୬
ଅରେ ରେ ଚାର୍ବାକ , ଦେଲେହେଁ ବିରୋଧୀ
ଦେବେ , ଷଡ ଶତ ମତେ
ସ୍ଥିର ପରଲୋକ ,   ତୋହର ବଚନେ
ବଦଳିବ କେ ଜଗତେ ?   ୯୭
ଗନ୍ତବ୍ୟ ଯେପରି   ଦୂର ପଥ ଶୁଣି
ଅଳ୍ପ ବନ୍ଧୁ ମତେ ଜନେ
ଯାଆନ୍ତି ବିଶ୍ୱରି ,   ପରଲୋକେ କିପାଁ
ନୁହେ ବିଶ୍ୱର ତେସନେ ?   ୯୮
ମୁକ୍ତି-କାମନାରେ   ନିଜ ଦୁହିତାରେ
ଅନ୍ୟେ ସମର୍ପଣ ସ୍ୱତ ,
ସକଳ ବିଦିତ   ଜାଣି ପରଲୋକେ
ନୁହେ କା'ର ଦୃଢ଼ ମତ ?   ୯୯

GPNanda Colln., Digitized by srujanika@gmail.com

କଉଣସି ମତ ହୁଏ ଯେବେ ସତ ,
ସର୍ବ-ମତ-ତ୍ୟାଗୀ ମରେ ;
ଦେଖି ଏ ସକଳ , ବ୍ୟର୍ଥ ଏ ବିଗ୍ରହ ;
ଅନର୍ଥ , ଧର୍ମେ ନ ଫଳେ । ୧୦୦
କାହିଁ ଶ୍ରୁତି-ଧର୍ମେ ଅମତ ନୋହିଣ ,
ପାଷଣ୍ଡ୍ୟ ଉପୁରେ କେତେ ,
କରନ୍ତି ସରବେ ; ତେବେ କିପାଁ ସବୁ
ନ କରନ୍ତି ଶ୍ରୁତି-ମତେ ?" ୧୦୧
ସଙ୍କୋଚେ ଅରୁଣ , ଭାଷିଲେ ବରୁଣ ,
କରି କରୁଣା-ବର୍ଜନ ,
"ରେ ପାଷଣ୍ଡ-ପାଶ , ମୋର ତଣ୍ଡ ପାଶୁ
ନୁହେ ଉପୁ କି ଅଜ୍ଞାନ ? ୧୦୨
ଅରେ ମୂଢ଼ କପାଁ ନ ହୁଏ ବଶ୍ୟାସ
ବୈଦିକ ପଥେ ତୋହର ;
ଦେଖି ଶାଳ-ଗ୍ରାମେ ମାନବ-ଅଶକ୍ୟ
କୁର୍ମାଦ ଚକ୍ର ଉପ୍ତର ? ୧୦୩
ଶଙ୍ଖଚକ୍ର-ମୁଖ ବାହୁ-ପାଦ-ଜାତ
ବୋଲ ଜାତମାନେ ଖ୍ୟାତ ;
ଜାଣି, କପାଁ ଦେବ- ସମ୍ବାଦେ ତୁମ୍ଭର
ନୁହେ ଚମତ୍କାର ଜାତ ? ୧୦୪

GPNanda Colln., Digitized by srujanika@gmail.com

ଗୟା-ଶ୍ରାଦ୍ଧ ଅବ   ନାନା-ଲୋକ-ଦେହେ
ଅବେଶିଣ ମାଗିବାର
ପ୍ରତ୍ୟକ୍ଷେ ଦେଖନ୍ତୁ   ଭୂତଗଣେ; କପାଁ
ଶ୍ରୁତି-ବିଶ୍ୱାସ ନ କର ? ୧୦୫
ନାମ-ଭ୍ରମ-ଯୋଗୁଁ   ଯାଇ ଯମ-ପୁରେ ,
ପୁଣି ଫେରି ସ୍ୱର୍ଗପୁରେ
ସମ୍ବାଦ କହନ୍ତି   ଜୀବେ, ଦେଖି, ବୃଥା
ତ୍ୟାଗ ନ କର ଶ୍ରୁତିରେ ।” ୧୦୬
ଇନ୍ଦ୍ରାଦିଙ୍କ କୋପେ   ରୁଦ୍ଧ-ଗତି କଳି-
ବର୍ତ୍ମେ ଅଗଲୁ ବଳ ,
କର ଯୋଡ଼ି ଶିରେ,   କହିଲା ଅମରେ ,
ଅତ୍ୟନ୍ତ ବିନମ୍ର କରି;— ୧୦୭
“ହେ ନାକ-ନାୟକେ, ନୁହେଁ ମୁହିଁ ଦୋଷୀ,
ଏହି ଜନ ପରାଧୀନ ,
କଳୀ କାଳର ମୁଁ   ଅଟେ ସିନା ବନ୍ଦୀ ,
କରେ ତା ସ୍ତୁତି ଗାୟନ ।” ୧୦୮
ଭାଷନ୍ତେ ଏସନ   ତହୁଁ ଦେବଗଣ
ଦେଖିଲେ ରଥ-ଉପରେ ,
ବସିଅଛି କଳି,   ଆନ ତା' ପାରୁଶେ
ବସେ, ଦ୍ୱାପର ଅଗରେ । ୧୦୯

GPNanda Colln., Digitized by srujanika@gmail.com

ଯେହ୍ନ ଯେହ୍ନ ପାପେ ପରିବୃତ ଜନ
ଚହେଁ ନାରକୀ ଯେସନ
ଦେବଗଣେ, ଯେହ୍ନ କାନ୍ତ ଭରେ ଚହ୍ନିଁ
ବସୁଧେ ମଳାନ୍ତ ମନ । ୧୧୦
ପୁରନର ତେଜେ ହୋଇ ଅଭିଭୂତ ,
ତ୍ରିଶଙ୍କୁ-ସମ ସେ ଜନ
ଗୁରୁ-ବ୍ରୀଡା-ଭରେ ପ୍ରଥମେ ନମନ୍ତି ,
ରହିଲା ନତ-ମଣ୍ଡଳ । ୧୧୧
ଚଣ୍ଡାଳେ ଯେସନ ଦ୍ୱିଜଗଣେ, ତଥା
ଯାଂରେ ଦେଖିବାରେ ସୁରେ
ବିମୁଖ, ସେ ଜନ ଯାଇ ତାଙ୍କ ପାଶେ
ଭଣିଲା ଗୌରବ-ଭରେ । ୧୧୨
"ବାସବ, ମଙ୍ଗଳ ହେଉ; ହେ ପାବକ ,
ଦୁଃଖ ନାହିଁ ତ ତୁମର ?
ପାଶ-ହସ୍ତ ସବୁ ଅନନ୍ଦ ତ ତବ !
ସୁଖ ଟିକି ସଖା କାଳ ! ୧୧୩
ସ୍ୱୟମ୍ବରୋତ୍ସବେ କରିବାକୁ ଭୈମୀ ,
ହୋଇଛନ୍ତି ବଡ଼ ଉଦ୍ବିଗ୍ନ ;
ତେଣୁ ସେ ଉଦ୍ଦେଶ୍ୟେ ମାର୍ଗ-ଅତିକ୍ରମେ
କର ଅନୁଜ୍ଞା-ପ୍ରଦାନ ।" ୧୧୪

GPNanda Colln., Digitized by srujanika@gmail.com

ନରେଷି କଳର   ତଥା ଅହଙ୍କାର
      ଉତ୍କଣ୍ଠ ଅକାରଣ ,
ଶୁହିଁ ପରସ୍ପରେ,   ହସି ଦେବଗଣେ ,
      ଭାଷିରେ ତାଙ୍କୁ ବଚନ । ୧୧୫
"ନ କହିବ ପୁଣି   ଏସନେ; କରିବ
      ପାଣି-ଗ୍ରହଣ କିପରି ?
ପରମେଷ୍ଠି ପତ୍ନୀ   ପୁଚ୍ଛିଲେ ତୁମ୍ଭଙ୍କୁ
      ନୈଷ୍ଠିକ ବ୍ରହ୍ମଚାରୀ । ୧୧୬
ବିଧାତା ନିୟମ   ଲଙ୍ଘନ୍ତି ତୋ’ ଲୋକେ
      କପାଁ ନ ଲଙ୍ଘିବୁ ତୁହ ?
ଅବକୀର୍ଣ୍ଣୀ ତୁହ,   ପୁଣି ଅଟୁ ଦ୍ରୋହୀ ,
      ବୁଝନ୍ତୁ ତୋ’ କଥା ବିହ । ୧୧୭
ତ୍ରିଭୁବନ-ଯୁବା-   ଗର୍ବ-ଚୂର୍ଣ୍ଣି-କାରୀ
      ସରିଛି ସେ ସ୍ୱୟମ୍ବର ;
ଫେରୁଅଛୁଁ ଏବେ   ଆମ୍ଭେମାନେ ସିନା
      ସେହି ସ୍ୱୟମ୍ବରୁ ପୁର । ୧୧୮
ନାଗଗଣେ, ତଥା   ଦେବତା-ନିକରେ
      ଆଦରେ ଥିଲେଟି ଶୁହିଁ ;
ଅନାଦରି ତାଙ୍କୁ,   ନରପତି ନରେ (ଳ)
      ବୈଦର୍ଭୀ ବରିଲା ଯାଇ । ୧୧୯

GPNanda Colln., Digitized by srujanika@gmail.com

ନାଗ-ଇତରେ ଭୈମୀ ଭଜିଲ ଭୁବେଶ ;
ବାନର ଇତର ନରେ ;
ଅମରେ ମଣିଲ ପାମର; କେବଳ
ଗୁଣୋଜ୍ଜ୍ୱଳ, ନୃପ ନଳେ ।" ୧୬୦
ଶୁଣିଣ ଏସନ, ସେ ଚରମ ଯୁଗ
କଳି ରୋଷେ ଅନ୍ଧ ହୋଇ ,
ଭାଷିଲା ପ୍ରଳୟ- ରଜନୀରେ ରୁଦ୍ର-
ସମାନ ଆକୃତି ବଢ଼ । ୧୬୧
"କ୍ରୀଡା କରୁ ବ୍ରହ୍ମା ନାରୀ ଧେନ; ତୁମ୍ଭେ
ଦିବ୍ୟ ନାରୀ ଭୋଗ କର ;
ତୁମ୍ଭ ପ୍ରିୟ ଲାଗି ମରୁ କଳି; ହେଉ
ନଇଷ୍ଠିକ ବ୍ରହ୍ମପର ! ୧୬୨
କାନେ ଶୁଣିବାକୁ ଉରମାତେ ଯାହା ,
ଜନେ କର ସେହି କର୍ମ ;
ଧନ୍ୟ ଏ ତୁମ୍ଭର ପର ଉପଦେଶ ;
ବିଚିତ୍ର ତୁମ୍ଭ ଧରମ ! ୧୬୩
ସେହି ସ୍ୱୟମ୍ବରେ ପୃଥିବୀର ଶିରୀ
ଲଭିଲେ ନଳ-ରାଜନ ;
ତୁମ୍ଭେ ଲାଭ କଲ ପୃଥିବୀର ଲଜ୍ଜା ;
ଅନଳ ତୁଲେ ସମାନ । ୧୬୪

GPNanda Colln., Digitized by srujanika@gmail.com

ଲଜେ ବୃଦ୍ଧ ଅମ୍ଭ   ବଦନ ଦର୍ଶନେ
ପିନା ଅସମର୍ଥ ହୋଇ ,
ହବୁଁ ଦେଖି ଯାହା   କଲ ମୁଖ ବଙ୍କ ,
ଉଚିତ ତାହା ଅଟଇ । ୧୨୫
କେସନେ ହେ ଦେବ   ରହିଲ ଉଦାସେ ;
ଦେଖିଲ ନଳେ ସେ ବରେ ;
ଦୁର୍ବିନୀତା ଭୈମୀ   ନୋହିଲା ଦଗଧ
କିପାଁ କୋପ-ଅନଳରେ ୧୨୬
ମହତ କାମନା   କରି ଦମୟନ୍ତୀ ,
ଅନାଦରି ମହାବଂଶେ ,
ସେ ତରଳ ନଳେ   କଲା ଅଙ୍ଗୀକାର
କିପରି ? ନୁହେ ମାନସେ । ୧୨୭
ବାଞ୍ଛିଲେ ହେଁ ସେହୁ   ମୃଗ-ନୟନାରେ
ଭବାଦୃଶ ଦଗ-ପାଳେ ;
ଲାଜେ ନମସ୍କାର , କଲା ଯେ ସ୍ୱୀକାର ,
କିପାଁ ସହିଲ ସେ ନଳେ ? ୧୨୮
କଣ୍ଠ ଅଶ୍ରା କରି   ଏ ଦାରୁଣ ଶିଖୀ
ସାକ୍ଷୀ ହୋଇ ଏ ବିବାହେ ,
ଦେବତା ହୋଇଣ   ନଳେ , ଧରି ନାହିଁ
କଣ୍ଠ ସାକ୍ଷୀପଣ କି ହେ ! ୧୨୯

GPNanda Colln., Digitized by srujanika@gmail.com

ଅମୃତ-କିରଣ ଅଦରିଣ ଷମା ,
ବହିଛୁ କଳଙ୍କ ପଗ୍ର !
ତେଜୋମୟୁ ତୁମ୍ଭେ ଅଦରି ଏ ଷମା ,
ହେଲ ହେ କଳଙ୍କ ଭଗ୍ର ! ୧୩୦
ବରିଲା ସେ ଯା'ରେ ତା'ରେ ପରିତ୍ୟଜ ,
କିପାଁ ଈର୍ଷା କର ମୋତେ ?
କହ , ଏବେ ଯାଇ , ସେହୁ ଦୋଷୀ ନଳ
ଅଣିବ ବୈଦର୍ଭୀ ଛଳେ । ୧୩୧
ଯତ୍ନ କର ମୋର ସହାୟେ , ଯେସନ
ପାଞ୍ଚାଳୀ ପଞ୍ଚପାଣ୍ଡବେ
ଭୋଗିଲେ , ତେସନ ଭୋଗିବା ତାହାଙ୍କୁ
ବାଣ୍ଟି ଅମ୍ଭେ ପଞ୍ଚଦେବେ ।" ୧୩୨
ସେ ମୁଖର-କଳି- ମୂର୍ଖତା କରେଷି ,
ସହି ନ ପାରି ଭାରତୀ ,
ଷାର ତୀବ୍ର ଗିରେ କଲେ ଶବ୍ଦଘାତ ,
ହୋଇ ଅତି କୋପମତି । ୧୩୩
"ଜାରତି, ବୈଦର୍ଭୀ, ବରେ ଦେବାପାଇଁ
ନଳେ, ଯାଇଥିଲେ ସ୍ୱରେ ;
ନାହିଁ ତୋର ଗତି ଧୀର ସୁଗମ୍ଭୀର
ଧୀର-ଜନ-ଚାଲୁଥିଲେ ।" ୧୩୪

GPNanda Colln., Digitized by srujanika@gmail.com

କଡ-କଣ୍ଟ କଲ   ବାଗ୍ମିନୀ-ଭାରତୀ-
ପ୍ରଭୃତିରେ ଅଙ୍ଗୀକୃତ ,
ଅନାଦରେ ଯେହ୍ନେ ଏଡ଼ ତାହା, ତହୁଁ
ଭଣିଲେ ଦେବେ ଏମନ୍ତ । ୧୩୫
"ସେହି ଭୈମୀ-ଆଶା   ଛାଡ଼ିଲୁଁ ସମ୍ପ୍ରତି
ନାହିଁ ତହିଁ ଦରକାର ;
କିନ୍ତୁ ସେହି ନଳେ   ନାହିଁ ପୁଣି ଆମ୍ଭ
କରୁଣା ଲେଶ ମାତର । ୧୩୬
ନ ଥିଲୁଁ ଯେଠାରେ,   ହେଲା ସ୍ୱୟମ୍ବର ,
କି କରିବୁଁ ସେଥିପାଇଁ ?
ଶୁଣ ଏବେ ସୁରେ,   ଯାହା କାଳୋଚିତ
କର୍ତ୍ତବ୍ୟ ସମ୍ପ୍ରତି ତହିଁ ;— ୧୩୭
ନଳ ବିଷୟରେ   ଶୁଣ ବନ୍ଧୁ ସୁରେ
ପ୍ରତିଜ୍ଞା ଏହୁ କଲିର ,
ଛଡ଼ାଇବ ତା'ରେ   ଭଇମୀ, ଅବନୀ ,
କରିବ ସହଜେ ନଳ । ୧୩୮
ଚଣ୍ଡ ଗୁଣେ ମୋର   ହେବ ଭୟଙ୍କର ,
ବିରୋଧ ନଳ-ସଙ୍ଗତେ ;
କଳରବ-କୈରେ   ତପନଙ୍କ ପରି ,
ଗାଆନ୍ତୁ ନରେ ଜଗତେ ।" ୧୩୯

GPNanda Colln., Digitized by srujanika@gmail.com

'ଭଲ ଭଲ' ବୋଲି କଳି ସଂହତର
ଦ୍ୱାପର ଶୁଣିଲା ସ୍ୱରେ ;
ନବେଣି ଶ୍ରବଣେ ପାଣି, ପୁରନ୍ଦର
ଭାଷିଲେ ତାହାରେ ଧୀରେ । ୧୪୦

"ବସ୍ତୁସ୍ୱେ ଯାହା ତୁ ଅମ୍ଭମାନଙ୍କର
ଦେଖୁ, ସେହି ଲଜ୍ଜା ମତ ;
ଅନଳେ ଅଳପ ଦାନ କଲେ, ଦ୍ୱୁଏ
ଦାତାଠାରେ ଲକ୍ଷ ଜାତ । ୧୪୧

ଯେଉଁ ନଳ-ଭକ୍ତି ଶତ ତମ ଅଂଶେ
ଚତୁର୍ବର୍ଗ ଲଭି ପାରେ,
ଅମ୍ଭ ପ୍ରତି ସେହି ଭକତ, ଏ ଦାନେ
ବଫଳ ହେଲା ବସ୍ତୁରେ । ୧୪୨

ସାଧୁ-ମଣ୍ଡ ନଳେ ନ ହୋଇବ କଳ,
ଉଦ୍ୟମେ ତବ ମଙ୍ଗଳ ;
ଲୋକପାଳ ଗଣେ ଅଟନ୍ତି ବଶୀଭୂତ
ନଇଷଧ ସୁଧାଙ୍କର । ୧୪୩

କ୍ଷମାଭୂତେ ତହିଁ ନ ଦଶଇ କାହିଁ
କଳି-ଅବକାଶ ଛଳେ ;
ଦ୍ୱାପରର ମଧ୍ୟ ନ ଦେଖୁଁ ଉଦୟ
ମହା ଧର୍ମବନ୍ତ ନଳେ । ୧୪୪

GPNanda Colln., Digitized by srujanika@gmail.com

ବୃଥାରେ ଅନର୍ଥ　　ସୃଜ, ପତିବ୍ରତା
　　ଭଇମୀ ପୀଡବ ପିନା !
ଅନର୍ଥ-ବିଭ୍ରମେ　　ପ୍ରମିତ-ପୀଡନ-
　　ସନ ହେବ ତୋ' କଳନା ।　　୧୪୫
ଧରମେ କେବଳ　　ବକାଶନ୍ତ୍ର ଭବେ
　　ନଳ ଦମୟନ୍ତୀ ଦୁହେଁ ;
ଦ୍ୱାପର କଳି କି　　ସକ୍ଷମ ସେ ତହିଁ ?
　　ସତ୍ୟ ତ୍ରେତା ପରି ନୁହେ ।　　୧୪୬
କରିବି ଅବଶ୍ୟ　　ଭାଷେ, ଇଚ୍ଛା କର,
　　ହୋଇଲୁଣି ଦୋଷୀ ଭୁହ ;
କାର୍ଯ୍ୟ-ସମ୍ପାଦନେ　　ଦୃଷ୍ଟାଦୃଷ୍ଟ ହେତୁ
　　ଅପୂର୍ବ ତୋ'ର ନୁହଇ ।　　୧୪୭
ମୋହେ ହେଲେ ଯେହ୍ନ ଅଚରେ ସେଠାରେ
　　ଦ୍ରୋହ, ସେ ଲଭେ ଅଚରେ
ସେହୁ ଅଭିନୟ-　　ଯୋଗୁଁ ଅଛ ତାପ,
　　ସେ ପାପ-ସମ୍ଭବ-ଫଳେ ।　　୧୪୮
ଶୁଣ ଯୁଗ-ଶେଷ,　　ତହିଁ ତୁମ୍ଭ ଦ୍ୱେଷ
　　ନୁହେ ଯୁକ୍ତ କଦାଚନ ;
ବୈରସେନ ସହ　　କଳହ କଦାପି
　　ନୋହିବ ହିତ-କାରଣ ।　　୧୪୯

GPNanda Colln., Digitized by srujanika@gmail.com

‘ତନ୍ତୁଁ ଯିବ’ ବୋଲି   ତୁମ୍ଭେ ରାଜସ
  ଅସଦ୍‌ଜ୍ଞାନ ପରନ୍ଦର ;
ଯାଉ ଏଥୁଁ ତନ୍ତୁଁ,   ରାଜ ସଂସଦରେ
  ହାସ୍ୟତା ଲାଭ ନ କର । ୧୫୦
ସ୍ୱରଗରୁ ଯାଇ   ଭୈମୀ-ନଳ-ମଧ୍ୟେ
  ପଶିବୁ ତୁମ୍ଭ ଯେସନ ,
ବନ୍ଧୁରେ ଷଷ୍ଠୀରେ   ‘ଷଷ’ ଶବ୍ଦେ ଯଥା
  ‘ଉ’ କାରର ପ୍ରବେଶନ ।” ୧୫୧
ଅନ୍ୟ ଦିଗପାଳେ   କଲେ ବାସବଙ୍କ
  ବଚନ ଅନୁମୋଦନ ;
କିନ୍ତୁ ବେନ ଯୁଗ   କଳି ଦ୍ୱାପର ସେ
  ନ କଲେ ତାହା ଗ୍ରହଣ । ୧୫୨
କଳି ପ୍ରତି ଦେବେ, ଦେବ ପ୍ରତି କଳି ,
  ଲକ୍ଷ କରି ପରସ୍ପରେ ,
ସମାନ ବରଣେ,   ଉପହାସ ଗର୍ବେ ,
  ଭାଷିଲେ ଏହା ତା’ପରେ । ୧୫୩
“ବୈରସେନେ ଭୈମୀ ବରିଛି, ଏବେ ତ
  ବିହିତ ତବାଗମନ ;
ହୃଦ୍‌ବେଗ ତୁମ୍ଭର   ଦେଖାଏ ବିମାନ ,
  ଏ ନୂତ୍ନେ ବିହିତ ପୁଣ । ୧୫୪

GPNanda Colln., Digitized by srujanika@gmail.com

ଭୁମ୍ଭ ଅଂଶେ ଯାହା   ଦମୟନ୍ତୀ ନଳେ
ବରିଲା ହେ ସ୍ୱୟମ୍ବରେ ,
ଲଜ୍ଜା-ହାସ୍ୟ-କର   ଚରିତ୍ର ଏ ତବ
ପ୍ରକଟିବ ଏ ସଂସାରେ । ୧୫୫
ଯା' ପାଇଁ ଗମନ   ସେହୁ ଅନପଛ
ବରିଛୁ ସହଜେ ପିନା ;
ବୃଥା ଶ୍ରେଷ ତବ,   ଅକ୍ଷମ ହେ ଭୁମ୍ଭେ ,
ଭୁବନେ ଏ କଥା ଜଣା । ୧୫୬
ଭୁରଗ ଭୁରଗେ   କାମ ଜମ୍ଭୀ ରୂପେ
କପାଁ ? ଭୈମୀ ଅନବର
ବଢିଅଛୁ ପର ;   ଏଥେ ଘୋର ଲଜ୍ଜା
ନୁହେ କି ଅବ ପାମର ।" ୧୫୭
ଭୃତୀୟ ଚତୁର୍ଥ   ବେଦ ଯୁଗଙ୍କର
ନଳେ ପୀଡା ଇଚ୍ଛା ଜାଣି ,
ପୁରନ୍ଦର ଆଦି   ଦେବେ ଗଲେ ଚହ୍ନିଁ
ସର୍ବେ ସ୍ୱରଗ-ଅବନୀ । ୧୫୮
ମତ୍ସର-ମୂର୍ଚ୍ଛିତ   ସେହୁ କଳି ଯୁଗ
ଦ୍ୱାପର ମାତ୍ର ସହାୟେ ,
ଅତ ଆଗ୍ରହରେ,   ଯାତ୍ରା କଲେ ଚହ୍ନିଁ
ନଳ-ନଗ୍ରହ-ବିଷୟେ । ୧୫୯

GPNanda Colln., Digitized by srujanika@gmail.com

ନଳ-ଇଷ୍ଟା-ପୂର୍ତ୍ତେ   ଅତିବ୍ୟାପ୍ତ ହୋଇ ,
ନୈଷଧ ଦୁର୍ଗ-ସମାନ ,
ନୈଷଧେ କଳିରେ   ପରବେଶେ ତହୁଁ ,
ଯଥା ନରନ୍ଧ୍ରର ବିଘ୍ନ ।   ୧୬୦
ଅମଳ-ସ୍ୱର୍ଣ୍ଣକୁ-   ମଣ୍ଡଳ-ସମାନ
ନୈଷଧ-ରାଜନ-ପୁରୀ ,
ପୂର୍ଣ୍ଣ-ବିଧୁ-ବିମ୍ବେ   ଗ୍ରହ-ଯୋଗ ପରି ,
ପଦସ୍ଥଳି ପାପ କଳି ।   ୧୬୧
କେତେ କାଳ ପରେ   ବହୁ କଷ୍ଟ ପାଇ ,
ଅହଙ୍କାରୀ କଳିକାଳ
ଗଲା ରାଜଧାନୀ,   ପାଳନ୍ତି ଯହିଁରେ
ନଳ ବୈଦର୍ଭୀ-ଈଶ୍ୱର ।   ୧୬୨
ବେଦ-ଉଚ୍ଚାରକ-   ମୂର୍ଖୁଁ ଶୁଣି ପଦ ,
ସେହୁ କଳି କାଳ ତହୁଁ
ଏକ ପଦ ମାତ୍ର   ନୋହିଲା ସମର୍ଥ
ପଦ-ପ୍ରସାରଣ ପାଇଁ ।   ୧୬୩
ଶୁଦ୍ଧ-ପାଠ-କାର-   ମୂର୍ଖୁଁ ସେହୁ ପୁରେ
କ୍ରମ ଅବର୍ତ୍ତିନ କରି ,
ତାର ପଦ କ୍ରମ   ହେଲା ସଙ୍କୁଚିତ ,
ରହିଲା ଦୂରେ ମସ୍କରୀ ।   ୧୬୪

GPNanda Colln., Digitized by srujanika@gmail.com

ଯେତେ ଦୂର ଯାଏ   ସେତୁ ପାପ କଳି ,
 ବିହ୍ୱଳ ଅଟୋପେ ଗତ ;
ଯେତେଦୂର ଯାଏ   ବେଦ-ପାଠି-କଣ୍ଠ
 ଶୁଣାଯାଏ ନାହିଁ ଶ୍ରୁତ । ୧୬୫
ହୋମ-ଆଜ୍ୟ-ଗନ୍ଧେ   ସେ କଳି-ନାସିକା
 ହେଲା ନାଶ ଗଳପରି ,
ଯଜ୍ଞ-ଧୂମ-ଯୋଗେ   ହୋଇ କଦର୍ଥିତ ,
 ନ ପାରିଲା ଅକ୍ଷି ମେଲି । ୧୬୬
ତହିଁ ଅତିଥିଙ୍କ   ପଦୋଦକେ ସଦା
 ତା' ପ୍ରତି ଅତି ପିଚ୍ଛିଳ
ଗୃହସ୍ଥ-ଅଙ୍ଗଣେ   ଖସିଗଲା ଗୋଡ ,
 ପଡ଼ିଲା ତହିଁ ସେ ଖଳ । ୧୬୭
ଯଜ୍ଞ-ହୁତାସନ-   ମହା-ତାପ ହେଲା
 ତା'ରେ ପୁଟ-ପାକ ବତ ;
ପୂର୍ବ-ଉର୍ମି-ରୂପ-   ବ୍ୟଜନ-ଅନିଳେ
 ପ୍ରତ୍ୟଙ୍ଗ ହେଲା କର୍ତ୍ତିତ । ୧୬୮
ପିତୃ-ତରପଣେ   ପ୍ରତି ସଦନରେ
 ଗୃହି ବର୍ଣ୍ଣେ ବିଧିପତ
କାଳ ତିଳ୍ଁ ସେହୁ,   କାଳୁଁ ସତେ ଯେତେ
 ଗଲା ଦୂରେ ହୋଇ ତ୍ରସ୍ତ । ୧୬୯

GPNanda Colln., Digitized by srujanika@gmail.com

କୃପାଣ ଅକାରେ   ପ୍ରବେଶି ହୃଦୟେ
ଅନ୍ତ ନଦାଗଲା ପଦ,
ମ୍ଲାନ କାଣ୍ଟ-ଜନ-   ଛଳକ ନରେଖି
ମଣିଲା ତହିଁ ସେ ଛଳ । ୧୭୦
ମିଥ୍ୟାଭାଷୀ କେହ   ପୁରୁଷ, ନରେଖି,
ସେଠାରେ ହେଲା ଉଷତ ;
ନାସ୍ତି ପ୍ରତ ତା'ର   ରହସ୍ୟ-ଅଲୀକ
ଜାଣି, ହୋଇଲା ଦୁଃଖିତ । ୧୭୧
ଯଜ୍ଞ-ଯୂପଗଣେ   ପୂର୍ଣ୍ଣ ପୁର ଦେଖି,
ଶୂଳ ପୂର୍ଣ୍ଣ ମନେକଲା ;
ଧାରମିକ ଜନେ   ପୂର୍ଣ୍ଣ ଦେଖି, ପୁଣି
ବ୍ୟାଳମୟ ଗୃଣିଲା । ୧୭୨
ଅହା ସେ ବଗ୍ଧକ   ନ ପାଉଲା ଯାଇ
ପାଶେ କୃଚ୍ଛ୍ରବ୍ରତୀଙ୍କର !
ମାସ-ଉପବାସୀ-   ଘ୍ରାଣ-ଲଙ୍ଘନରେ
କର୍ତ୍ତ ପଡିଲା ଖଳ । ୧୭୩
ଅରକ-ମନ୍ତ୍ରକୁ   ଅଧ୍ଯାନନ୍ତ ଦ୍ଵିଜେ,
ଗାୟତ୍ରୀ ଅସନ୍ତ ପାଶେ ;
ଦେଖି ତାହା ଖଳ,   ଡରେ ମନ୍ଦ ପଦ
ଦଶି, ନ ଦଶିଲା ଦଶେ । ୧୭୪

GPNanda Colln., Digitized by srujanika@gmail.com

ଗୃହସ୍ଥ-ପୂର୍ଣ୍ଣ ଗୃହେ ,   ବୈଖାନସ-ପୂର୍ଣ୍ଣ
ବନେ , ଯଜ୍ଞ-ସମାକୁଳେ
ଦେବାଳୟେ ଅବା , ତାହିଁ ସେହୁ କଳି
ସ୍ଥାନ ନ ପାଇଲା ଛଳେ । ୧୭୫
ନଳ ପ୍ରିୟା ହଂସା   ନ ଦେଖିଲା ତହିଁ ,
ଖୋଜି ଖୋଜି ପୁରେ କାହିଁ ;
ମୂର୍ଖ-ମୁଖେ ସୁଧା   ସ୍ୱବାନ୍ଧବ-ଜନ
ନ ପାଇଲା , ଚେଷ୍ଟା ବହୁ । ୧୭୬
ଯଜ୍ଞ ଲାଗି ତହିଁ   ହିଂସା-ଶବ୍ଦ ଦେଖି ,
ଉବଂସୁ ହୋଇଲା ତହିଁ ,
ସୌମ୍ୟ ବୃଷାସକ୍ତ   ଦେଖି ତାହା ପୂର୍ଣ୍ଣ ,
ଫେରିଲା ନିରାଶ ହୋଇ । ୧୭୭
ଦ୍ୱିଜ-ନିସ୍ପୃହଙ୍କର   ମୌନ-ଅବଲମ୍ବ
ନିଜ ଶାପ ମନେ କଲା ;
ବନ୍ୟ-ଜନଙ୍କର   ବନ୍ଦନେ , ସ୍ୱଶିର
ପଦାହତ ବିଚାରିଲା । ୧୭୮
କୁଶ ଦେଖି ମୁନି—   ଜନଙ୍କ ପାଣିରେ
ପ୍ରହାରେ ମୁଦ୍‌ଗର ମଣେ;
ଆଚମନେ ପାଣି   ଦେଖି ସେ ବିଚାରେ ,
ହୃଦ୍ୟତ ଏ ଶାପ-ଦାନେ । ୧୭୯

GPNanda Colln., Digitized by srujanika@gmail.com

ମୌଞ୍ଜି-ଦଣ୍ଡ-ଧାରୀ   ଦେଖି ବ୍ରହ୍ମଚାରୀ ,
ମଣିଲ ଭୟେ ସେ ନଳ
ବାନ୍ଧିବେ ରଜ୍ଜୁରେ , ମାରିବେ ସେ ଦଣ୍ଡେ ,
ଅପୁଚ୍ଛନ୍ତ ନାଚ ମିଳ ।   ୧୮୦

ଦେଖି ପୁରୋଡାଶ   ପୁରତେ ସେ ନଳ ,
ହୋଇଲା ଭୟେ ଦୁର୍ମନ ;
ମଣିଲ ଫଣିନୀ ,   ଦେଖି ଚର୍ମ ସୂତ୍ର ,
କଲା ଅଶ୍ରୁ ବିମୋଚନ ।   ୧୮୧

ମଦିରା ଗ୍ରହଣ   କରେ କେଉଁ ଦ୍ୱିଜ ,
ଦେଖି , ହର୍ଷେ ଉଲ୍ଲସିଲ ;
ସୌତ୍ରାମଣି-ଯଜ୍ଞ   କହିବାର ଜାଣୁ ,
ପୁଣି ଦୁଃଖେ ମଉଳିଲ ।   ୧୮୨

ବ୍ରହ୍ମ-ବିଦଙ୍କର   ଦେଖିଲା ଯେଠାରେ
ଯେତେକ ବଦ୍ଧ ଅଞ୍ଜଳି ,
ତାହାର ହୃଦୟୁଁ   ଗଲା ସେ ପ୍ରମାଣେ
ରକ୍ତ-ଅଞ୍ଜଳ ଗଳ ।   ୧୮୩

ମଣିଲା ସ୍ନାତକେ   ଘାତକ ସମାନ ;
ଦାନ୍ତେ କୃତାନ୍ତ ଯେସନ ;
ଦେଖି ବାଚଂଯମେ   ଡରିଲା , ଯେସନେ
ନିରେଖି ଯମ ରାଜନ ।   ୧୮୪

GPNanda Colln., Digitized by srujanika@gmail.com

ପାଷଣ୍ଡ ମାନବେ ଅନ୍ୱେଷି ସେ ପୁରେ ,
ଲଭିଲା ବେଦ-ପଣ୍ଡିତେ ;
ଜଳାର୍ଥୀ , ଅନଳ ଲଭି , ତାପେ ଯଥା ,
ତେସନ ଗଲା ସେ ଦ୍ରୁତେ । ୧୮୫
ବ୍ରହ୍ମ-ହତ୍ୟାକାରୀ ନରେ ଦେଖି ସେଠାରେ ,
ଲଭିଲା ଅତି ସନ୍ତୋଷ ;
ଅଶ୍ୱମେଧ ଯଜ୍ୱା ଜାଣି ପୁଣି ତା'ରେ ,
ହୋଇଲା ଅତି ବିରସ । ୧୮୬
ଯତି ହସ୍ତ ସ୍ଥିତ ବେଣୁ-ଦଣ୍ଡେ ତହିଁ
ହେଲା ତର୍ଜନା ତାହାର ;
ଗୃହଗଣଙ୍କର ବେଦ-ଯଷ୍ଟି-ଯୋଗେ
ହେଲା କ୍ଳେଶ ଗୁରୁତର । ୧୮୭
ସ୍ଥଣ୍ଡିଳ-ଶାୟୀରେ ନିରେଖି , ବକଳେ
ମଣ୍ଡଳ ତ୍ୟାଗ ବାଞ୍ଛିଲା ;
ପବିତ୍ରାଲୋକନେ ପୁଣି ତହିଁ ଦୃଷ୍ଟେ
ପର-ତ୍ରାସ ଉପୁଜିଲା । ୧ ୮
ଖୋଜୁଁ ଖୋଜୁଁ କଳି , ଦେଖିଲା ଅଜନ
ତହିଁ ବ୍ରହ୍ମଗୃହୀଙ୍କର ;
କ୍ଷପଣାର୍ଥୀ ହୋଇ , ଦେଖିଲା ସେଠାରେ
ଅକ୍ଷପଣ ପାକ୍ଷିତର । ୧୮୯

GPNanda Colln., Digitized by srujanika@gmail.com

ଜପେ ଅକ୍ଷମାଳା ସାଜ ଆକର୍ଷଣ
କରନ୍ତି , କଲା ଦର୍ଶନ ;
ତହୁଁ ତପସ୍ୱୀଙ୍କେ , ଜୀବ–ଆକର୍ଷଣ–
ଦୁଃଖେ ହୋଇଲା ବିଷଣ୍ଣ । ୧୯୦

ତ୍ରିସନ୍ଧ୍ୟାରେ ତହୁଁ ବିପ୍ରମାନଙ୍କର
ଦେଖି ସେ ଅଘମର୍ଷଣ ;
ମଣିଲା କେବଳ ହୋଇଲା ନିଜର
ନୟନ–ଅପକର୍ଷଣ । ୧୯୧

ଭୈମୀ ନଳଙ୍କର ଦୋଷ ଲେଶ ପ୍ରଶ୍ନେ
ହୋଇ ତତପର ତହୁଁ ,
ଭ୍ରମି ଭ୍ରମି ପୁରେ ନ ଦେଖିଲା କଳି
ନିଜ ପରିଚିତ କେହି । ୧୯୨

ଅକାଣ୍ଡେ ରତେ ଯେ ବିରୋଧ ତାପସେ
ସେହୁ କଳି , ଶତ୍ରୁଙ୍କର
ସ୍ୱାଧ୍ୟାୟ ତପସ୍ୟା ଯଜ୍ଞ ଚିହ୍ନ ଦେଖି ,
ହୋଇଲା ତାପେ କାତର । ୧୯୩

ସ୍ୱେଚ୍ଛାରେ ଅଗତ ରତି-କାମା ନାରୀ-
ରମଣେ ଦେଖି ସନ୍ତୋଷେ ,
ବାମଦେବ୍ୟ ବିଧି ଉପାସକ ତା'ରେ
ଜାଣି , ମଉଳିଲା ଶେଷେ । ୧୯୪

GPNanda Colln., Digitized by srujanika@gmail.com

ବଇରି ସମାନ ପବନତା ତା'ରେ
ସ୍ଥାନ ନ ଦେଲା ମଧ୍ୟରେ ;
ବେଦ ଧ୍ୱନ ପୁଣି ନ ଦେଲା ଅଣସ୍ତ
ଅତି ବିଶାଳ ଅମ୍ବରେ । ୧୯୫
ଦର୍ଶ ଅଗ୍ନି-ଷ୍ଟୋମ ଦେଖି , ଗୁରୁକଷ୍ଟ
ଲଭେ ସେ, ପୂର୍ଣ୍ଣମୀ-ଯାଗେ
ଘୂରେ ତା ମସ୍ତକ , ସୋମ-ଯଜ୍ଞ ଦେଖି ,
ଯମ ପର ତାଙ୍କୁ ଲାଗେ । ୧୯୬
ଦେଖେ ଯେ ବୀରଦ୍ୱେ ତହୁଁ , ନ ଦେଖଇ
ବୀରହଣ ଜନ କାହୁଁ ;
ଅଗ୍ନିକର୍ମ କ୍ରେ ସେ ନ ଦେଖେ , ଦେଖଇ
ଜୀବନ୍ମୁକ୍ତ ଜନେ ତହୁଁ । ୧୯୭
ପରଶେ ଛୁଇଁ , ଖାଇବାର ଦେଖି
ବିପ୍ରେ , ଲଭିଲା ସନ୍ତୋଷ ;
ହୋମ-ଅବଶିଷ୍ଟ- ସୋମ-ଭକ୍ଷ୍ୟ , ଜାଣି ,
ହେଲା ତା' ଦୁଃଖ ଅଶେଷ । ୧୯୮
ଧୂଳି-ଧୂସରିତ ଦେଉଁ ଜନେ ଦେଖି ,
ଲଭିଲା ତୋଷ ପ୍ରଚୁର ;
ବାସ୍ତୁବନ୍ୟ-ସ୍ନାନରେ ନରତ ସେ, ଜାଣି ,
ଭଜିଲା ବିଷାଦ ଅତି । ୧୯୯

GPNanda Colln., Digitized by srujanika@gmail.com

ଗାଈ ହଣା ହେବା ଦେଖି କେଉଁ ଠାରେ
ଅନନ୍ୟେ ଉଡ଼ି ଧାଇଁଲା ;
ଅତିଥି ସକାଶେ ହେଉଅଛୁ ତାହା ,
ଜାଣି ଧୀରେ ଫେରି ଗଲା । ୧୦୦
ନିତ୍ୟ-ନୈମିତ୍ତିକ- କର୍ମତ୍ୟାଗୀ ଦ୍ୱିଜେ
ଦେଖି ହେଲା ହରଷିତ ;
ଦୁଃଖିତ ହୋଇଲା, ଜାଣି, ସେହୁ ଦ୍ୱିଜେ
ଯଜ୍ଞ-କରମେ-ଦୀକ୍ଷିତ । ୧୦୧
ଆତ୍ମଘାତ-ଜନେ ନିରୀକ୍ଷଣ କରି ,
ଲଭିଲା ଅନନ୍ଦ ପୁରେ ;
ସର୍ବସ୍ୱାର୍-ଯଜ୍ଞ ଅନୁଷ୍ଠାନ କରେ ,
ଜାଣି, ଫେରିଲା ବିକଳେ । ୧୦୨
ମହାବ୍ରତ-ଯଜ୍ଞେ ବ୍ରହ୍ମଗୃହୀ ସନେ
କୁଳଟା ରତ ଦର୍ଶନେ ,
ମଣିଲା ସେ ମୂର୍ଖ ଯଜ୍ଞ-କ୍ରିୟା-କାଣ୍ଡେ
ଭଣ୍ଡଙ୍କ ତାଣ୍ଡବ ମନେ । ୧୦୩
ଯଜମାନ ସ୍ତ୍ରୀ ଭଗେ ସେହୁ ଦେଖି
ଯଜ୍ଞ-ଅଶ୍ୱ-ଲିଙ୍ଗ-ସଙ୍ଗ ,
ନ ବୁଝି ରହସ୍ୟ, ମଣିଲା ଶ୍ରୁତିର
ପିନା ଏ ବିଟୋଳ-ରଙ୍ଗ ! ୧୦୪

GPNanda Colln., Digitized by srujanika@gmail.com

ଦୁଷ୍ଟନେତ୍ର ନରେ   ଦୁର୍ଲୋକ ଯଥା
ପ୍ରଭାନାଥଙ୍କ ପ୍ରଭାରେ ,
ବିଲୋକିଲା ତହିଁ   କଲି ଦୁର୍ଲୋକ
ବୈଦର୍ଭୀ-ସେବିତ ନଳେ । ୧୦୫
ଦେବଙ୍କର ପ୍ରେମ   ବନ୍ଧୁଭାବ ଦେଖି ,
ଶଲ୍ୟ-ସମ ମଣେ କଳି ,
ପୀରତ-କଲ୍ଲୋଳ   ମର୍ମ-ଛେଦ-ସରି
ବିଚ୍ଛୁରି, ନୂତ୍ନେ ସମ୍ଭାଳି । ୧୦୬
କୋପେ, ନିଜ ଦୋଷେ, ଦେବଙ୍କର ପୁଣି
ଅତ୍ୟନ୍ତ ତେଜସ୍ୱୀପଣେ ,
ଦେଖିବାକୁ ସ୍ୱଭା   ନୋହିଲା ସମର୍ଥ ,
ପଳାଇଲା ଏଣେ ତେଣେ । ୧୦୭
ନଳ-ଦ୍ୱେଷୀ କଳି   ସାହା ଖୋଜି ଖୋଜି,
ଦୁଃଖେ ତେଜି ଦୀର୍ଘ ଶ୍ୱାସ ,
ହିମ-ସମ-ଶିଶ୍ରୀ-   ନଳଙ୍କ ସୁନ୍ଦର
ଉଦ୍ୟାନେ କଲା ପ୍ରବେଶ । ୧୦୮
ଲକ୍ଷ ଲକ୍ଷ ତହିଁ   ଜଗନ୍ତ ପ୍ରଦୀପ ,
ନାହିଁ ତପୋଧନଙ୍କୁ ଭସ୍ମ ;
ମାମୀ କଳ ତେଣୁ   ବିଶେଷ କାରଣେ
ମଣିଲା ତାହା ସହାୟ । ୧୦୯

GPNanda Colln., Digitized by srujanika@gmail.com

ପୂଜିବେ ବ୍ରାହ୍ମଣେ ଫଳେ ଫୁଲେ ପତ୍ରେ,
ଭାଳ ନିଷଧ-ଈଶ୍ୱର ,
ରୋପିଥିଲେ ଦ୍ରୁମେ , ତେଣୁ ଆକ୍ରମଣେ
କଳ ହୋଇଲା କାତର । ୨୧୦
ଅଭାବ ନୋହିବ କେଉଁ ବୃକ୍ଷେ ତହିଁ
ପୋତିଥିଲେ ରାଏ , ଭାଳ ,
ଦେଖିଲା , ଧରମେ ନୂତ୍ୱେ ଉପଯୁକ୍ତ
ବାହାଡ଼ା-ପାଦପ , କଳି । ୨୧୧
ନଇଷଧ ସୌଧ- ନିକଟେ , ଉଦ୍ୟାନ-
ଧ୍ୱଜ ପରି ଶୋଭମାନ ,
ବନ୍ଧୁ ମନେ କଲା, ଦେଖି ସେହି ଦ୍ରୁମେ,
ବନେ ନିଜ ଆଲମ୍ବନ । ୨୧୨
ନିଃଶ୍ରେୟ-ଫଳ- ଅଶ୍ରେୟ-ପ୍ରଦାନେ
ସେହି ବିଭୀତକ ଦ୍ରୁମ
ନୋହିଲା କେବଳ କଳି-ଦ୍ରୁମ , କିନ୍ତୁ
ହେଲା ପୁଣି କଳ୍ପ ଦ୍ରୁମ । ୨୧୩
ଦେଇଥିଲା ଯେଣୁ ଏକ ପଦ ସ୍ଥାନ
ଧର୍ମେ ରହିବାକୁ , କଳି ,
ମନେ କରେ ତେଣୁ , ମିଳିଲା ତାହାରେ
ସେହି ଏକ-ପଦ ସ୍ଥଳୀ । ୨୧୪

୪.-୯

GPNanda Colln., Digitized by srujanika@gmail.com

କାକଥାଦ ବୃକ୍ଷେ   କପୋତୁ ଯେସନ ,
    ତେସନ ସେ ବୃକ୍ଷେ କଳି
ସାଗ୍ନିକ ମେ ଦ୍ୱିଜ   ରଙ୍କେ ଦେଖି ଦୂରୁ
    ଗଲା ସେ ସନ୍ତାପେ ଥରି ।   ୨୧୫
ବଞ୍ଚିତକ ଦ୍ରୁମେ   ଏସନେ ସେ କଳି
    ରହିଲେହେଁ ଅଣି ଚହିଁ ,
ଦମୟନ୍ତୀ-କାମୀ   ରାଜର୍ଷି ନୈଷଧେ
    ଅଭିଭବି ନ ପାରଇ ।   ୨୧୬
ରହି ସେ ଅଣ୍ଡପ୍ରେ   ନିଷଧ-ଈଶ୍ୱର
    ଦମୟନ୍ତୀ ବେନିଙ୍କର
ଛିଦ୍ର-ଅନ୍ୱେଷଣେ   ହୋଇ ତତପର ,
    ରହିଲା ବହୁ ବତ୍ସର ।   ୨୧୭
ଯେସନେ ସେ ବନେ   ଥାଆନ୍ତି କତକ
    ବନଦ୍ରୁ କୋରକ ଧରି ,
ସେହିପରି କଳି   ରହେ ଉଦ୍ୟାନରେ
    କପରି ଛଳିବ , ଭଳି ।   ୨୧୮
ନଳ-ଦୋଷ ଖୋଜି ଖୋଜି ସେ ଦ୍ୱାପର ,
    ବୁଲୁଥିଲା ଏଣେ ତେଣେ ,
ଭାବୁଥିଲା, ଲୋକ-   ମୁଖେ କା'ର ଦୋଷ
    ନ ଥାଏ ବା ଏ ଭୁବନେ !   ୨୧୯

GPNanda Colln., Digitized by srujanika@gmail.com

ସତତ ଦୋହଦେ ଉଦ୍ୟାନେ ସଦା ପୁଷ୍ପ ନକର
ନୁଏ ପ୍ରସ୍ଫୁଟିତ ; ତେଣୁ ସେ ଯଥା ଅମୃତକର ;
କଳହଂସ-ପକ୍ଷ-ଚକ୍କଣ ଶ୍ୟାମ-ରୁଚି ସେ କଳ
ରତ୍ନ ସେ ଉଦ୍ୟାନେ ହେଲା ସେ ଚନ୍ଦ୍ରେ କଳଙ୍କ ଭଳ ॥
ପ୍ରଜାପୁଣ୍ୟେ ନଳପୁରୀ ନୀରନ୍ଧ୍ର ବିଶାଳ ;
ତହିଁ ବନ୍ଧୁ କଷ୍ଟେ ବଳ ରହେ ବନ୍ଧୁ କାଳ ;
ତୁଷ୍ଟ ଏଥେ ସ୍ମର , ଭୈମୀ-ନଳ-ଆରାଧନେ ,
ମନ ଦେଲା କର୍ଣ୍ଣି ଯାଏ ଧନ୍-ଅବର୍ଦ୍ଦଣେ । ୨୨୧

କବିରାଜ-ରାଜି-   ମୁକୁଟ-ଭୂଷଣ-
ହୀରକ-ଶ୍ରୀହୀର ଜନକ କବି ;
ତନୟ ଶ୍ରୀହର୍ଷ ,   ଜିତେନ୍ଦ୍ରିୟବର ;
ଜନନୀ ତାହାଙ୍କ ମାମଲ୍ଲଦେବୀ ;
ତାଙ୍କ ବିରଚିତ   ଛନ୍ଦ-ପ୍ରଶସ୍ତିର
ଭଗିନୀ , ଏ ନୈଷଧ ଚରିତ ,
ସୁସଦୃଶ ମହା-   କାବ୍ୟ ; ତହିଁ ଏହୁ
ସର୍ଗ ସପ୍ତଦଶ ସର୍ଗ-ମଣ୍ଡିତ । ୨୨୨

GPNanda Colln., Digitized by srujanika@gmail.com

ସପ୍ତଦଶ ସର୍ଗର ଟୀକା

(ଅଙ୍କରୁ ଶ୍ଳୋକାଙ୍କ ବୁଝିବାକୁ ହେବ)

୨୨ — ପଞ୍ଚମହାପାତକ । — ବ୍ରହ୍ମହତ୍ୟା, ଗୁରୁତଳ୍ପ ଗମନ — (ଅଗମ୍ୟାଗମନ), ସ୍ୱର୍ଣ୍ଣସ୍ତେୟ, ସୁରାପାନ, ଏ ଗୁଡ଼ିକ ସଙ୍ଗେ ସମ୍ପର୍କ ।

୩୪ — ବ୍ରହ୍ମହତ୍ୟା ପ୍ରକୃତରେ ହର — ଶୂଳରେ ମରିଥିବାର କଥାଅଛି ।

୪୭ — "ହୃଦ୍ରଥଂ ବ୍ରହ୍ମାଂ ଦନାଂ ଯୋନ କାମଦୃଢ ସ୍ଥିତଂ,, ଭ୍ରୂହତ୍ୟା ସତୁ ବନ୍ଧେସ୍ୟୋ ବ୍ୟାପ୍ତୋ ବଚନ ମନ୍ତ୍ରଗାହ୍ ।"

୬୧ — "ଦୃପେ ହନ୍ତିକୋ ବଷ୍ଟା ରକ୍ତିରଘୋ ଦଦ୍ୟାତ୍" — ଏ ଶ୍ରୁତି ବାକ୍ୟ ପ୍ରକ୍ଷିପ୍ତ ବୋଲି କହୁଛ ।

୭୩ — ନଶ୍ରଲ — ସ୍ୱର୍ଗଲୋକ ।

୭୪ — ନସ୍ତ୍ୟ ପ୍ରବଣରୁ ଲକ୍ଷଂ ।

୭୦ — "ଅପବର୍ଗେ (କ୍ରିୟା ସମାପ୍ତିରେ) ତୃତୀୟା" — ଏ ତୃତୀୟା ବରକ୍ତିବଶତ୍ୟକ ପାଣିନି-ସୂତ୍ର । ଧର୍ମ, ଅର୍ଥ, କାମ, ମୋକ୍ଷ ମଧ୍ୟରୁ ତୃତୀୟ, କାମ ଅପବର୍ଗ (ମୋକ୍ଷ) ଦମନ୍ତେ — ଏହୁ ଶ୍ଳେଷାର୍ଥ ।

୭୯ — ଘାର୍ଥ ସ୍ୱାନାଦକୁ ଲକ୍ଷ୍ୟ ।

୭୫ — ଗୋତମ — ନ୍ୟାୟଶାସ୍ତ୍ରକାର ; ଗୋ ତମ, ଗାଭ (ପଥର ବା) ଶ୍ରେଷ୍ଠ ।

୮୭ — ଦବ୍ୟ — ମାଣ୍ଡଧାରଣ ପ୍ରଭୃତ ଦବ୍ୟ (ଶପଥ)ରେ ।

୯୪ — ବୌଦ୍ଧ ପଣ୍ଡିତ ନାମ । ନନ୍ଦେତୁ — ସନ୍ଧ୍ୟାରେ ସୂର୍ଯ୍ୟ ତ୍ରସୋଦନ୍ମୀ ବସ୍ତୁ ବିଶେଷ. 'ମନ୍ଦାଦ' ଲେଖି; ଦୁହିଁକ ଅର୍ଥ କସ୍ତ ଯାଉପ.ରେ ।

୧୧୭ — ଯୁଗମାନେ ପଦ୍ମାହ୍ମନ ଚତୁର୍ଦ୍ଦଶ ବୋଲି ପ୍ରସିଦ୍ଧ ।

୧୨୯ — କୃତ୍ତ — କାଷ୍ଠକଣି ; କୃତ୍ତହାସୀ ବଳର ଦ୍ରସ୍ତ ଅନ୍ୟରୁ ଦଥଏ ।

୧୫୧ — ଷଷ୍ଠୀ ବହୁବଚନରେ 'ଦନ୍' 'ଦଢ୍' ହୁଏ ନାହିଁ ।

୧୫୨ରୁ୧୫୭ — ଦେବଙ୍କ ତ୍ରତ କଟର ଓ କଳ ତ୍ରତ ଦେବଙ୍କର, ଏପରି ଦୁଇ ଅର୍ଥ ହେବ । ଦେବ — ଅଟନେ ; ଦେବ ଅଟମେଳ । ବମାଜ — ରଥ ; ମାନନାଶ । ତୁମ୍ଭ ଅଗେ — ତୁମ୍ଭ ସମକ୍ଷରେ ; ତୁମ୍ଭେ ଯିବା ଅଗେ । କାମ-କନ୍ଦ୍ରୀ-ତୃପେ ; କାମ, କନ୍ଦ୍ରୀ ରୂପେ । ଅନପ [ଅଲ୍ପଯୁକ୍ତ]-ଅମର ; ଅନ୍ତ (ବଡ଼ୋରେ) ପାମଟ ।

GPNanda Colln., Digitized by srujanika@gmail.com

ଅଷ୍ଟାଦଶ ସର୍ଗ

ଭୀମ-ସୁତା-ଦମୟନ୍ତୀ ଦାରଗଣେ ସାର ,
ଲଭିଣ ଏସନେ ତାଙ୍କୁ , ନଳ-ଦଣ୍ଡଧର
ତୃତୀୟ-ପୁରୁଷ-ଅର୍ଥ-କାମ-ପାରାବାରେ
ତରିବାକୁ ତଥି ମଣି , ରମଣେ ମଜ୍ଜିଲେ । ୧
ସମ୍ଭୋଗେ ତାହାଙ୍କ ସଙ୍ଗେ ହେବା ସ୍ୱତ ମାତ୍ର ,
ଆତ୍ମଜ୍ଞାନ-ବଳେ ପାପୀ ନୋହିଲେ ନୃପତ୍ର ;
ପ୍ରକ୍ଷାଳିତ ଯାର ହୃଦ ଜ୍ଞାନ-ବାରି-ଧାରେ ,
ଏକାନ୍ତ-ବିଷୟ-ଭୋଗ ଲିପ୍ତ କରେ ତା'ରେ ? ୨
ନାନା-ବର୍ଣ୍ଣ ମଣିଗଣେ କୁଟ୍ଟିମ ରଚିତ ,
ଯେ ସୌଧ-ଭୂଧର-ଭୂମି ସୁବର୍ଣ୍ଣେ ମଣ୍ଡିତ ,
ନ୍ୟସି ରାଜ୍ୟ ଭାର ମନ୍ତ୍ରୀଗଣେ ନୃପବର ,
ପ୍ରିୟା ସଙ୍ଗେ ଆରୋହିଲେ ତହିଁ ପଞ୍ଚଶର । ୩
ପିନ୍ଧିଥିଲେ କଣ୍ଠେ ଯେଉଁ ଦିବ୍ୟମଣି ନଳ ,
ତା'ର ଶକ୍ତିବଳେ ଯହିଁ ସଂକଳ୍ପେ କେବଳ
ହେଉଥିଲା ଇଷ୍ଟ-ସିଦ୍ଧି , ତେଣୁ ସେହି ଗୁଣେ ,
ସେ ସୌଧ-ଶିଖରୁ ମେରୁ-ଧରେ ତୃଣ ମଣେ । ୪

GPNanda Colln., Digitized by srujanika@gmail.com

ଧୂପିତ ସେ କୃଷ୍ଣ ବର୍ଣ୍ଣ ଅଗୁରୁ-ଇନ୍ଧନେ ,
କର୍ପୂର-ଚନ୍ଦନ-ଚୂର୍ଣ୍ଣେ ତହିଁ ବାଢ଼ାପୃନେ
ଗନ୍ଧବହ ସମୀରଣ ବହେ ମନ୍ଦ ମନ୍ଦ
ଏଥି ସୌଧ-ଅଭ୍ୟନ୍ତର ଉପୁଯାଏ ମୃଦ ! ୫
କାହିଁ ଜଳେ ଦୀପମାନ ସୁରଭି ତଇଳେ
ବଳଭାମାନ ତାହାର ନିର୍ମିତ କର୍ପୂରେ ,
କାମ–ଭୁଜ-ତେଜୋରାଶି-ଅଙ୍କୁର-ସମାନ
ଶିଖା ଧରି , କରେ ଅନ୍ଧକାର ବିଦାରଣ । ୬
ସୁନ୍ଦର ମଣି-ନିର୍ମିତ ସୌଧେ ତଳ ତହିଁ
କୁଙ୍କୁମ-କସ୍ତୁରୀ-ଯୋଗେ ଅଦ୍ୟେ ଲିପା ହୋଇ ,
କର୍ପୂର-ଜଳ-ସେଚନେ ହରଷେ ଗୁରୁତର ,
ଶୈଳଜ-ସୁମନ-ମାଳେ ପଥ ମନୋହର । ୭
ପରଶି ନୈଷଧ ଅଙ୍ଗ , ସାନ୍ଦ୍ର ସୌରଭରେ ,
ସଜଇ ଯେ ମୃଦୁଗୁଣେ , ବର୍ଣ୍ଣି ମନୋହରେ ,
ସେ ସଉଧ ଭୂମେ ଶୋଭେ ସେ ପୁଷ୍ପ-ଶୟନ ,
ଭୈମୀ-ଭାଲ-ତିଳକ-ପତ୍ରଏ ଶୋଭମାନ । ୮
କାହିଁ ତହିଁ ପାର୍ଶ୍ୱେ ଉପବନେ ମନୋହର
ସଉରଭଶାଳୀ ନାନା କୋରକନିକର ,
ସତେ ଯଥା ଭୈମୀ-ନାସା-ପୁଟ-ସହୋଦର ,
ଗ୍ରହଣ କରନ୍ତି କି ସେ ପୁଷ୍ପ-ପରିମଳ ! ୯

GPNanda Colln., Digitized by srujanika@gmail.com

ଉଦ୍ୟାନେ ସୁଲଭ ସର୍ବଋତୁ-ଫଳ-ଫୁଲ ;
ଷଣ୍ଡନ୍ତ ଅମ୍ର ବକୁଳ ଚମ୍ପଁ ଶୁକବୁଲ ;
ସେହି ଗନ୍ଧ-ଉପାୟନ ଆଣିଣ ପବନ ,
କୁଳ-ଶ୍ରେଷ୍ଠ—ଘ୍ରାଣେ ସନ୍ତୋଷଇ ଅନୁକ୍ଷଣ । ୧୦
ଆପାଦ ମସ୍ତକ କାହିଁ ନିର୍ମିତ କନକେ ;
ନିର୍ମଳରତନେ ଡାହିଁ ସଉଧ ଝଟକେ ;
ଗୃହୁଁ ଚନ୍ଦ୍ରଶିଳା ପୁଣି କାହିଁ ନିରମିତ ;
କାହିଁ ଖେଳାକରେ ଭୋଜ-ବିଦ୍ୟା ଅଦଭୁତ । ୧୧
ନାନା-ମୂର୍ତ୍ତି-ଚିତ୍ରେ ସୌଧ ଦିଶଇ ସୁଷମ ;
ସତ୍ୟ ଅଭିନୟପରି ଜନମାଏ ଭ୍ରମ ,
ଦେଖି ଯାହା ଶିଳ୍ପି-ରାଜ ବହୁ ବହୁବାର ,
ଜଗ-ବାତ-କମ୍ପପରି କମ୍ପାନ୍ତି ସ୍ୱ-ଶିର । ୧୨
ଯହିଁ ଗୁପ୍ତେ ଭିତ୍ତି-ଗର୍ଭ-ଗୃହେ ରହି ଲୋକେ
ମାରନ୍ତି ଅଦ୍ଭୁତ-କଥା-ଅଦ ବଉଭୁକେ ;
ସୂକ୍ଷ୍ମ-ଯନ୍ତ୍ରେ, ଗୋପଲୀଳା, ନାନା କଉଶଳେ
ଭୁଣ୍ଡାଇ ନଗୃହ, ଅଦଭୁତେ କେହୁ କରେ । ୧୩
ଭିତ୍ତି-ଗତ-ରତ୍ନଭାଙ୍ଗ-କିରଣ ଜାଳନେ ;
ତମୋମୟ ରଜନୀରେ ଚନ୍ଦ୍ରିକାରୁ ବଳେ ;
ଗ୍ରୀଷ୍ମକାଳେ ଜଳ-ଯନ୍ତ୍ର ଜଳ ବାହୁ ଝରେ ,
ଦଏ ଶାନ୍ତି ଜନେ, ଅନାୟାସେ ତାପ ହରି । ୧୪

GPNanda Colln., Digitized by srujanika@gmail.com

କାମଶାସ୍ତ୍ର-ଅଭ୍ୟାସରେ ପାରିକା ସେ ଯହିଁ ,
ଗଜଦନ୍ତ-ପଞ୍ଜରିରେ ସୌଧ-ମଧ୍ୟେ ରହି ,
ନଳ-ଦମୟନ୍ତୀ-ରତି-କାଳର ବିଧାନ ,
କୃତ ଅକୃତ ସକଳ କରଇ ବର୍ଣ୍ଣନ । ୧୫
ରତି-ଶେଷେ ସ୍ନାନୋତ୍ସବ ଦେଖୁଥାନ୍ତି ନିତି ,
ଚଟକ ଚଟକା କେଳି-ରସେ ଥାନ୍ତି ମାତି ,
ତଡ଼ାଗେ ହଂସ ମିଥୁନ କ୍ରୀଡ଼ୁଥାନ୍ତି ଭୋଳେ ,
ଦେଖନ୍ତି ଦମ୍ପତି କାମ-ବର୍ଦ୍ଧନ-ବେଳରେ । ୧୬
ହଠେ ଚହୁଁ ବେଣୁ-ବୀଣା-ରବ ମନୋହର ,
ହୁଂକାର କରନ୍ତି ଉପବନେ ପିକକୁଳ ,
ପୁଂସ-ନାରୀ-ନୃତ୍ୟେ କାହିଁ କଙ୍କଣାଦି ସ୍ୱରେ ,
ସୁରତ-କୂଜିତ ତାଙ୍କ ଅଜ୍ଞାତ ଲୋକରେ । ୧୭
ଚତ୍ରପଟେ ରୁଦ୍ଧ ଗର୍ଭ-ଗୃହ-ବାତାୟନ ,
ରହନ୍ତି ଦିବସେ, ସ୍ୱନେ କରନ୍ତି ଶ୍ରବଣ
ପ୍ରତିଷ୍ଠିତ-ଧାତୁମୂର୍ତ୍ତି-ସ୍ୱର-ରତଙ୍କର ,
ପାଖ ଘରୁ, ସୁରତର ମଧୁର ସୀତ୍କାର । ୧୮
କୃଷ୍ଣସାର-ଶୃଙ୍ଗ-ସମ ନାନା ଭଙ୍ଗୀ ଧରି ,
ସ୍ୱାଦୁ-କୂଳ-ଅଦ-ରସ-ସ୍ରୋତୋବାହ ପତ୍ରୀ ,
କିଂନରୀ-କୀ[illegible]-ଗୀତ-ଝଙ୍କାର, ସତତ
ସେ ସଉଧ-ମୁଖେ କେବେ ନ ହୁଏ ତ୍ରୁଟିତ । ୧୯

GPNanda Colln., Digitized by srujanika@gmail.com

ପ୍ରତି କାନ୍ତ ଶୋଭେ ନାନା ଚତ୍ରେ ବିମଣ୍ଡିତ ;
ଲେଖା ତହିଁ ଯଥାକ୍ରମେ ପ୍ରାଚୀନ ଚରିତ ;
ସ୍ୱସୁତା-ରମଣେ ବ୍ରହ୍ମା-ଅସୀମ-ସାହସ ,
ଦେଖି ଯାହା ରତି-ଇଶ ହୁଏ ହସ ହସ ।   ୬୦
ତହିଁ ପୁଷ୍କରର-ଜମ୍ବୁ-ତଣ୍ଡିମ-ସମାନ ,
ଇନ୍ଦ୍ରଙ୍କର ଗଉତମ-ନାରୀ-ଆକ୍ରମଣ ,
ପରଦାର-ପରିଗ୍ରହ-ବିଳାସ ବିପୁଳ ,
ଲେଖା ହୋଇଥାଏ ସୌଧ-ଭିତ୍ତିର ଉପର ।   ୬୧
ବୈଜୟନ୍ତ-କଥେ-ସଙ୍ଗେ ଯାହାର ଅର୍ଜନ ,
ଶାରଦ-ପାର୍ବଣ-ଶଶି-ଭଗିନୀ-ସମାନ
ସଉଧର ଦେ ଶୀରତି, ଛିଡ଼ି ଥିବା-ପାଖ-
ଛଳେ, କରୁଅଛି ଧଳା ଏ ଜଗତ ସାରା ।   ୬୨
ଗୁରୁ-ବୃହସ୍ପତି-ଦାରେ ଶିଷ୍ୟ ଚନ୍ଦ୍ରଙ୍କର
ଭୁଞ୍ଜ ଖଳ-ଘଟଣ କୃତ କନ୍ଦର୍ପ-ବେଗର ,
ସେ ସଉଧ-ଅଗଣାରେ ଶୋଭେ ଅତିଶୟେ ,
ଭରତ-ବଚନ-ସୁଧା ନାଟକାଭିନୟେ ।   ୬୩
ଶମ୍ଭୁ-ସମ୍ଭୋଗ-ବିହାର ଦେବଦାରୁ ବନେ ,
ମାଧବ-ଗୋପିକା-ସୁଖ-କେଳି ବୃନ୍ଦାବନେ ,
ରଚନ୍ତି ଶୁକାଚାର୍ଯ୍ୟ ଯାହା ବାଞ୍ଛାଇଲେ ,
ଅଙ୍କିତ ହୋଇଛି ସୌଧ-ବିଟଙ୍କ-ସକଳେ ।   ୬୪

GPNanda Colln., Digitized by srujanika@gmail.com

ଯହିଁ ଶୁକ, ଶୁକ-ପିତାମହ ପଞ୍ଜରରେ
ପିତାମହ ଛଳେ କହେ, ଯେଣୁ କାମ ଭୋଳେ
ଦେଶ କାଳ ନ ଗଣି, ସେ ଯମୁନା-ସରିତେ
ମଜ୍ଜିଲେ ଦାସ-କନ୍ୟାରେ ଉତ୍କଣ୍ଠିତ ଚିତ୍ତେ । ୧୫
ତପ-ସାଗର-ଲଙ୍ଘନେ କରି ପ୍ରାଣ ପଣ ,
ଲଭିବା ସମସ୍ତେ ଫଳ, କରି ତା' ବର୍ଜନ
ଅପଛରା-କୁଚ-କୁମ୍ଭ ଅବଲମ୍ବି, ତହିଁ ,
ବିଶ୍ରମିଲ ପରି ମୁନିଗଣ ଚିତ୍ରେ ଶୋହି । ୧୬
ସେ ସଉଧେ କେକୀ ଘନ-ମୁରଜ-ନିସ୍ୱନେ
ନାଚି ନାଚି, ସତେ ଅବା କହଇ ଏସନେ:—
"ପ୍ରଭୁ ମୋର କାର୍ତ୍ତିକେୟ, ତାଙ୍କୁ ପୃଷ୍ଠେ ଧରି ,
ଜିଣିଛୁ ମଦନେ, ପ୍ରଭୁ-ଯୋଗେ ରଙ୍ଗ ଛଡ଼ି ।" ୧୭
ତହିଁ ନଳ ଦମୟନ୍ତୀ ଦେଖି, ଅଭିମାନେ
ଜିଣିବାକୁ ରତି କାମ ବିଚରନ୍ତେ ମନେ ,
କେନ ଅଭିଭବ ଲାଗି, କେନ ସେ ଦମ୍ପତି
ହୋଇଛନ୍ତି ଏବେ ଅନଙ୍ଗ ରତି-ପତି । ୧୮
ତହିଁ ମେରୁ-ଗିରି-ସମ ସେ ପ୍ରାସାଦ-ପୁରେ
ଦୁହେଁ ନାନା କାମ-କେଳି ଏସନେ ବିହରେ ;
ଅଛନ୍ତି ସେ ବାତ୍ସ୍ୟାୟନ-ଶାସ୍ତ୍ରଜ୍ଞ ପଣ୍ଡିତେ ,
ଶିଖି ନ ଥିବେ ତା' ସବୁ ପାଂଶୁଳା ଜଗତେ । ୧୯

GPNanda Colln., Digitized by srujanika@gmail.com

ବଳବନ୍ତ ନଳ, ଭୈମୀ ସ୍ୱଭାବେ ଅବଳା ;
ଯୁବା ଧବ, ଶିଶୁ–ଭାବ ଲଙ୍ଘି ନାହିଁ ବାଳା ;
ସ୍ୱାମୀ ସେହ୍ନୁ, ଦାସୀ ଏହ୍ନୁ, ଏତକି କାରଣେ ,
ଉପୁଜିଲା ମହାଭୟ ଦମୟନ୍ତୀ-ମନେ । ୩୦
ଆସିଥିଲେ ଯେବେ ନଳ ଦେବ-ଦୂତପଣେ ,
ମାତିଥିଲେ ସଙ୍ଗେ ଯାହା କଥୋପକଥନେ ,
ଚିନ୍ତି ମନେ ସେ ଚପଳପଣ ସୁକୁମାରୀ ,
କି କରିବେ, ତାହା ସ୍ଥିର ନ ପାରିଲେ କରି । ୩୧
ପୂରବେ ଯା ଲଜ୍ଜା ତେଜି ସ୍ୱୟମ୍ବର–କାଳେ
ବରିଲେ ଲୋକ-ସମକ୍ଷେ ପଞ୍ଚ ରୂପେ ନଳେ ,
ପଡନ୍ତେ ସେ କଥା ମନେ, ଚପଳତା ସ୍ମରି ,
ଚାହିଁବାକୁ ନଳେ କ୍ଷମ ନୋହିଲେ ସୁନ୍ଦରୀ । ୩୨
ମଣିଗଣ-କରେ-ବ୍ୟାପ୍ତ ଆସନେ ରାଜନ
ଯେ ପାଖ ଆଦରି କରୁଥିଲେ ଅଧିଷ୍ଠାନ ,
ସପତ୍ନୀ-ସମେ ତା'ରେ ଈର୍ଷ୍ୟା ହେଲା ଯତେ ,
ନ ଚାହିଁଲେ ମାନବତୀ ସେ ପାଖେ କିଞ୍ଚିତେ । ୩୩
ଆସିଲାବେଳେ ମସ୍ତକେ କଲେ ଅବନତ ,
ଲଜ୍ଜାନଦୀ-ସନ୍ତରଣେ ଅଟେ ଯେ ଉଚିତ ,
ଚିତ୍ର-ଲେଖା-ନାରୀ-ପରି ରହିଲେ ଦୁଆରେ ,
ସ୍ୱାମୀ-ଶତ-ଡାକ ନ ଶୁଣିଲା ପରି ହେଲେ । ୩୪

GPNanda Colln., Digitized by srujanika@gmail.com

ପ୍ରବେଶ ନ କଲେ ପତି-ଗୃହେ ଭୟ-ବଶେ ;
ପଶିଲେହେଁ ନ ଛୁଇଁଲେ ତହିଁ ଶଯ୍ୟା ଲେଶେ ;
ବଳେ ମିତ ହୋଇଲେହେଁ ନ ଶୋଇଲେ ତହିଁ ;
ଶୋଇଲେହେଁ ଅଭିମୁଖୀ ନୋହିଲେ ସୁମୁହୀଁ । ୩୫
କେବଳ ଭୀମ-ନନ୍ଦିନୀ ନୈଷଧେ ଦେଖି ,
ହେଉ ତ ନ ଥିଲେ ଦୂରୁ ଲାଜେ ଅଧୋମୁଖୀ ,
ଭୈମୀ-ହୃଦେ ଲଜ୍ଜା ନାମ୍ନୀ ଜଣି ମନମଥେ ,
ବନ୍ଧୁ କାଳ ତାଙ୍କୁ ଲାଜେ ପକାଇଲା ସବେ ! ୩୬
ଗଉରୀ-ସମ–ସୁନେତ୍ରୀ ଯାହା ଯାହା ମନେ
କରିବାକୁ ନଜେ ବିଚ୍ୟରନ୍ତି ଅନୁକ୍ଷଣେ ,
ସେଥିଲାଗି ସ୍ୱାମୀ ଯେତେବ କରନ୍ତି ପ୍ରାର୍ଥନା ,
ବାଧା ଦେଇ ତହିଁ , ଧନୀ କରୁଥାନ୍ତି ମନା । ୩୭
ହୁଅନ୍ତେ ବିମୁଖ ଲାଜେ ବୁଡି ଦମୟନ୍ତୀ ,
ଭିଜିଲେ କି ସ୍ନେହ ତାହିଁ ? ଭୟେ ନରପତି ; •
ଦୃଢ-ପଣେ ଗଢାଇବେଳେ କଳଥିଲେ ମନ ,
ଭିଳ ତାହା ଦୂରକଲେ ସନ୍ଦେହ ରାଜନ । ୩୮
ପହିଲୁ ପହିଲୁ ପାଶେ ଅଣାଇଲେ ସ୍ୱେ
ସଖୀଗଣେ ବାଳା, ତହୁଁ କ୍ଷେତେକ ସମୟେ
ଏକ ସଖୀ ଲୁଚଗଲେ, ତାଙ୍କୁ କର୍ମ-ଛଳେ
ପେଷି କେବେ, ପାଶେ ନେଲେ ଏକାକୀ ସେ ବାଳେ ।

GPNanda Colln., Digitized by srujanika@gmail.com

ସଖୀଏ ବାଳାଙ୍କୁ ପାଶେ ରଖି, ଯାଉଁ ଦୂରେ ,
କାମ-ଶାସ୍ତ୍ର-ଧୂରନ୍ଧର ନୃପତି ସେ କାଳେ
ଦୂରେ ଥିଲା ପରି ମଣି, ପାରୁଷେ ଅଣିଲେ ,
ଏକ-କର-ଆଲିଙ୍ଗନ-ବଳୟ-ବିଧିରେ । ୪୦
ଲଲାଟେ ଚୁମ୍ବନ୍ତେ, ଲାଜେ ପୋଡିଲେ ବଦନ ;
କ୍ରମେ ଠେକନ୍ତେ ଈଷତେ, କପୋଳେ ଚୁମ୍ବନ ;
ତହୁଁ ବିଶ୍ୱସିତ-ମନା, ପ୍ରିୟା-ମୁଖ-ଦେଶ
ଝଟିତି ଚୁମ୍ବନ କରି, ହସିଲେ ନରେଶ । ୪୧
ଶିଶୁ ସ୍ମର ତାଙ୍କ ହୃଦେ ହେଉଁ ଉଚ୍ଛ୍ୱସିତ ,
ଲଜ୍ଜା ଅପି କଲା ତାଙ୍କୁ ହୁଙ୍କାରେ ବାରିତ ,
ସର୍ବଳ ସାଧ୍ୱସେ ତହୁଁ ତରଜନ ଲଭି ,
ଶିଶୁ ତ ସେ ସ୍ମର, କ୍ଷଣେ ଗଲା ତହିଁ ଦବି । ୪୨
ସ୍ମରୋତ୍ସବେ ମାତି, ଆଲିଙ୍ଗନ୍ତେ ବେନିଭୁଜେ ,
ନିରୋଧିଲା କାନ୍ତ-ଏକ-କରେ ଧନୀ ଲାଜେ ;
ଶୋଇଲା ଏତେନେ ବାଳା ତଳପ ଉପରେ ,
ନ ରହିଲା ଲବେ ତହିଁ କର ଅବସର । ୪୩
ହାର-ଶୋଭା ଦେଖିବାକୁ ଛଇଳ ନାଗର
ଛଳ କରି, କଉତୁକେ ଭଣି ନାନା ଗିର ,
ଛୁଇଁଲେ ପ୍ରେୟସୀ-କଣ୍ଠ-ମୂଳ ମନୋହର ,
ବ୍ୟାଜେ ବେନି କୁଚ ଛୁଇଁ ବଢ଼ାଇଲେ କର । ୪୪

GPNanda Colln., Digitized by srujanika@gmail.com

"ଯେଣୁ ସ୍ୱପ୍ନରେ ମୋତେ କରିଛ ଅର୍ଚ୍ଚନ
ପୁଷ୍ପ-ସ୍ରକେ, ତେଣୁ ମୋର ଉଚିତ ପୂଜନ",
ଭଣି ଏହା, ନିଜ ହାର ଅରପିଣ ଗଳେ,
ପ୍ରିୟା-ଉରଜ-କୋରକ ପରଶିଲେ ଛଳେ । ୪୫
ନିଦ୍ରିତ ହୁଅନ୍ତେ ପ୍ରିୟା ଶାବି-ଦେଶେ ନେଇ
ଅରପନ୍ତେ କର, କାମ-କ୍ରୀଡ଼ା-ନିରଯାଇ,
ଲଭିଲା ଚେତନା ବାଳୀ, ସଂହରିଲେ କର,
କମ୍ପୁଥିଲା ସେହୁ ଲଭି ସାତ୍ତ୍ୱିକ ବିକାର । ୪୬
ପ୍ରିୟା-ତୁଙ୍ଗ-କୁଚ-ଯୁଗ-ବସନ ନିରେଖି,
ସ୍ମିତ ପ୍ରକାଶିଲେ, ଅକ୍ଷି ଥାଏ ତହିଁ ଲାଗି,
ବିବୃତ ସ୍ତନ ଭାଳି, ପରମେ ସୁନ୍ଦରୀ
ବସନ-ଅଞ୍ଚଳେ ପୁଣି ଦେଲା ତା' ଆବରି । ୪୭
କ୍ରମେ କ୍ରମେ ବୁଦ୍ଧିମାନ ନୃପତି-ଶେଖର,
କରିଥିବେ ପ୍ରେୟସୀ ମନୁ ଭୟ କଲେ ଦୂର;
ପ୍ରେୟସୀ ମାନସେ ମନୋଭବ ସେହି କାଳେ
ଧନୁ-ସଙ୍ଗେ ଲଜ୍ଜା ପୁଣି ନୁଆଁଇଲେ ଧୀରେ । ୪୮
ହରଷିତ ହୋଇ ମଧ୍ୟ ନାନା ପରିହାସେ,
ସ୍ମିତ ବିନା ହାସ କେବେ ବାଳା ନ ପ୍ରକାଶେ;
ଦନ୍ତମାଳା ବେନି ପଦ୍ମରାଗ-ଶୁକ୍ତି-ଶିଖା
ଦେଖାଏ ଅନେ ଜଗତେ କେଉଁ ସୁଭ୍ରୂମାଖା ? ୪୯

GPNanda Colln., Digitized by srujanika@gmail.com

ନପୀଡନେ ହାର-ମଣି ପ୍ରବେଶି ଅନ୍ତରେ ,
ଭୀମ-କନ୍ୟା-ସ୍ତନ-ଯୁଗେ ତା'ର ଚାପ ଭରେ ,
ଦେଖି ଯା' ସଜନୀମାନେ ବିସ୍ମରିଲେ ମନେ ,
ସହସ୍ର ସୁମୁଖୀ କାନ୍ତ ଗାଢ ଆଲିଙ୍ଗନେ । ୫୦
ପିକାନ୍ତ ବଚନ ଯେହ୍ନ, ତାହା ପାଶେ ଯାଇ ,
ଭଡିବାକୁ ନୀବି ଦୃଢ଼େ ଭୂଷନ୍ତେ ସୁମୁହିଁ ,
ହସି ହସି ଅନୁମାନ କଲେ ସେ ସକଳ ,
ଅଟେ ଏହା ପତି-ହସ୍ତ-ଚପଳତା-ଫଳ । ୫୧
କରୁଥିଲେ ଲଜେ କେତେ ଘଟନା ଗୁପତ ;
ସଖୀହୃଦେ ପୁଣି କେତେ କରନ୍ତ ବ୍ୟକତ ;
ଜଣାଥିଲେ ହେଲେ ତେଣୁ ସୁମୁଖୀ ପଦ୍ମିନୀ
ଅର୍ଦ୍ଧ-ବିକସିତ-ପୁଷ୍ପ-ଶାଳିନୀ ପଦ୍ମିନୀ । ୫୨
ନ ଶୁଣି ପାରଲେ ନାହିଁ ରତି ଚୈମୀ ନଳେ
କାମ ବଶେ, ନପାରିଲେ ଶୁଣି ଲଜ୍ଜାଭରେ ;
ପତି ଲକ୍ଷ୍ୟ ଧାଇଁ ଆଖି, ହୋଇଣ ଲଜ୍ଜିତ ,
ମୁହୁର୍ମୁହୁ ଲଜେ ପଥେ ହୁଏ ସଙ୍କୁଚିତ । ୫୩
ନ ପାରିଲେ ନଳେ କରି ପରୋକ୍ଷ ବିଷୟ ;
କିମ୍ବା ନ ପାରଲେ ଶୁଣି, ଦେଇ ତହିଁ ଲୟ ;
ଦ୍ରଷ୍ଟବ୍ୟ-ବିଷୟେ ଏଣେ ତେଣେ ଦୃଷ୍ଟି ଦେଇ ,
ଶୁଣୁଥାନ୍ତି ବାରମ୍ବାର ଧନୀ ନରସାଇଁ । ୫୪

GPNanda Colln., Digitized by srujanika@gmail.com

ନ ସହିପାରି ବିରହ ଭାଳୁଥାନ୍ତି ଚିତ୍ତେ ,
'ଆସୁ ନିଶା, ହେଉ ସଙ୍ଗ ବନ୍ଧୁର ସଙ୍ଗତେ' ,
ନିଶାରେ ଲଜ୍ଜିତ ହୋଇ ପତି-କେଳି-ରସେ ,
ଭାଳନ୍ତି ଦିବା-ଉଦୟ ହେଉ ରବି-ନାଶେ । ୫୫
'କରିବ କେବଳ, ଯହିଁ ସୀତ୍କାର ତୋର ,
ତେଜ ପ୍ରିୟେ, ଲଜ୍ଜା, ଭୟେ ନହୁଅ କାତର ;
ଅଳିପରି ହୋର ମୁହିଁ; ଭାଷିଣ ଏସନ ,
ସାନ୍ତ୍ୱନା ପ୍ରଦାନ କଲେ ନିଷଧ-ରାଜନ । ୫୬
ଲଜ୍ଜା—ମହୌଷଧ-ରୁଦ୍ଧ-ଶକ୍ତି କାମାନଳ
ଉତ୍ତେଜିତ ହୋଇ, କ୍ରମେ ଦର୍ଶିଲା ପୁଷ୍କଳ ;
ପ୍ରିୟ ପ୍ରିୟ-କଥାମାନ ହେଲା ତହୁଁ ପୁଣ ,
ସେ ବହ୍ନି-ତେଜନେ ହବି ଅଭ୍ୟେଧ ଜାଣ । ୫୭
ବଢାନ୍ତେ କର ଦଇତ, ନିବାରି ତା' ଧନୀ
ଅଚ୍ଛାଦିଲେ ଦୃଢ଼େ କର-ଯୁଗେ କୁଚ ବେନି ;
ବରଜି ପାରୁଣେ ସ୍ମିତ ନଳେ ଲଜ୍ଜାବଳେ ,
ଆଲିଙ୍ଗିଲେ ହୃଦସ୍ଥିତ ନଳେ କି କୌଶଳେ ? ୫୮
'ପ୍ରାର୍ଥନା ନ କରେ ଆନ କିଛୁ ପ୍ରିୟା ତୋରେ ,
କେବଳ ବାସନା, ଥରେ ପିଇବି ଅଧରେ' ;
କରିଣ ଏସନେ ତହୁଁ କାକୁତି ମିନତି ,
ବଳାତ୍କାରେ ଅଧର ଚୁମ୍ବିଲେ ନରପତି । ୫୯

GPNanda Colln., Digitized by srujanika@gmail.com

‘ଏ ଦାସ ପିଉଛୁ ତବ ଅଧର-ଅସବେ ,
ନିଜ ଉପଯୁକ୍ତ କୃତ୍ୟ କରିବ ଗୋ ଏବେ ,
କରୁଛି ଚରଣ ସେବା ତେବେ’, ବୋଲି କହି ,
ପଲ୍ଲବ-ପେଲବ-ପାଣି ପାଦେ ଦେଲେ ନେଇ । ୬୦
‘ତୁମ୍ଭନ ପ୍ରବୃତ୍ତ କାମେ କି ହୋଇଲା ତୋର ?
ବୃଥା ଭୟ ତେଣୁ ଅନ କରମେ ନ କର’ ;
ଭଷି ଏହିପରି ତହୁଁ ନିଷଧ-ରାଜନ ,
ପଛୁଲେ କଲେ ଯେ ବାଳା-କାଞ୍ଚୀ-ବିମୋଚନ । ୬୧
ନିଷେଧ ସଙ୍ଗତେ ଯହିଁ ଉତ୍କଣ୍ଠା ମିଶ୍ରିତ ,
ଘର୍ମ-ଜଳ ସଙ୍ଗେ କମ୍ପ ହେଉଥାଏ ଜାତ ,
ହୃପୂଜଇ ଭୟ ସଙ୍ଗେ ବାଞ୍ଛିତ, ପୀଡ଼ନ–
ସଙ୍ଗେ, ଭୈମୀ ସେହି ରତ କଲେ ଆସ୍ୱାଦନ । ୬୨
‘ମୋର ସମାଗମ ନବ, ମାନସେ ତୁମ୍ଭର
ତେଣୁ ବିନା ଯୋଗ୍ୟ ଏତେ ଲଜ୍ଜାର ବେହର ,
ଅଜସ୍ର ସଂଗମେ ଲଜ୍ଜା ଅନୁଚିତ ମୋର ,
ତଥାପି କପାଇଁ ଲଜ୍ଜା ଉଠେ ବାରମ୍ବାର ।’ ୬୩
ଭାଷିଲେ ଏସନେ ନଳ, ସମ୍ଭୋଗ-କୁଶଳ ,
ରତି-କ୍ରିୟା-ବିଘ୍ନ-ଲଜ୍ଜା ଲୋପେ କରି ଛଳ ,
ଦମୟନ୍ତୀ ତେବେ ଏହି ଉପାଳମ୍ଭ-ବଳେ ,
କରି ନ ପାରିଲେ ଲଜ୍ଜା ଆଉ ତାଙ୍କଠାରେ । ୬୪

GPNanda Colln., Digitized by srujanika@gmail.com

ଶ୍ରବଣେ ଉତ୍ସୁକ-ଜନେ ଦିନେ ରାତି-ଶତ ,
ସେହି ଦିନେ ଇଚ୍ଛା ମୋର ଦେଖିବାରେ ଅତି
ବାହୁ-ମୁଖ-ଜଙ୍ଘ-ସ୍ତନ-ପଦେ ବନ୍ଧ-ଫଳ ,
ସଙ୍କେତେ ଗୃହେଁ ଏସନ ଜଣାଇଲେ ନଳ । ୬୬

ପ୍ରାତେ ଶେଯ ତେଜି ଯିବାବେଳେ ଦମୟନ୍ତୀ-
ପଥ ରୋଧି ରାଏ, ଦେଲେ ବିବଶେ ଯୁବତୀ
ଚୁମ୍ବନାଦି, ପୁଣି ଯେତେ ସୁଖ ଆନ ଆନ ,
ଏସନେ ସକାଳେ ହେଲ୍ଲ ଅସାଧ ସାଧନ । ୬୭

ପତି-ପାଶ ତେଜି ଯିବାବେଳେ ପ୍ରାତଃକାଳେ ,
ହସ ହସ ମୁଖ ଦେଖି ସଜନୀ-ସକଳେ ,
ଅପଣାର ନବ-କାମ-ଉତ୍ସବ ସୁମରି ,
ବୁଡିଲେ ଲଜ୍ଜା ସରିତେ, ରତି-ବୃତ୍ତ ଭୁଲି । ୬୭

ଏକାନ୍ତେ ଭାଷନ୍ତି ସଖୀଗଣେ ସେ ବାଳାରେ ,
ନିଶାରେ ଯା' କଲେ ନଳେ, ପତି ଯାହା କଲେ ;
ଦେବ ବରେ ଶୁଣି ସବୁ ଗୋପନେ ପାରୁଷେ ,
ହସି ହସି ଦେଖାଦେଲେ ନରପତି ଶେଷେ । ୬୮

ଚକୋରୀ-ନିକର-ଦୃଷ୍ଟି ଗ୍ରହେ ଦେଖି, ଭୈମୀମନେ
ଉତ୍ଫୁଲ୍ଲନେତ୍ରେ ଉଦ୍ଭୁ, ହସ ମାଡ଼ିଲା ରାଜନେ ;
ଯେ କେଉଁ ବସ୍ତୁରେ କଳ୍ପ, ନିମିତ୍ତ-ବନ୍ଧନେ
ଚିତ୍ତ-ବିକାର ପୂର୍ବେ ଅନାଗତ, ଜନେ । ୬୯

GPNanda Colln., Digitized by srujanika@gmail.com

ନ ଦେଲେ ଯା' ମୁଖ ଠାଣି ଚୁମ୍ବନ-ସମୟେ ,
ସୁଧା–ବୃଷ୍ଟି–ସମ ଗୀଏ ମଣିଲେ ହୃଦୟେ ;
ଗାଢ଼ୁଁ ଯାହା ନଳ-ଙ୍କର ନ ଦେଲେ ଛଡ଼ାଇ ,
ନଳେ ଚନ୍ଦ୍ରିକିବା ତୃପ୍ତ ନ କଲେ ସୁମୁହ୍ରିଁ ? ୨୦
ପ୍ରଥମେ ରଖିଲେ କର କର-ଯୁଗେ ନଳ ,
ଆବରିଥିଲେ ଯା' ପ୍ରିୟା ଉରଜ ଯୁଗଳ ,
ହାତ କାଢ଼ି, ତହୁଁ ହୃଦ- ଅଂଶୁକ ଉପରେ ,
ଶେଷେ ପୁଣି ପ୍ରିୟତମା-ଉରଜ-ଯୁଗଳେ । ୨୧
ପ୍ରାର୍ଥନାରେ ହେଲେ ନଖ-କ୍ଷତ ନ କରନ୍ତେ ,
କରି ଅନ୍ୟମନା ବୈଦର୍ଭୀରେ କେଉଁମତେ
ନିଜ ହୃଦେ ରଖି ନଳ, ପ୍ରିୟାଙ୍କର ଧରି ,
ତାଙ୍କ ନଖେ ବଳେ ନିଜ ଗାତ୍ର ଦେଲେ ଚିରି । ୨୨
ପ୍ରିୟା-ହୃଦ-ବାହ୍ୟ-ଆଭରଣ ବଳାତ୍କାରେ
ହରିବାକୁ ସମରଥ ହେଲେ ସିନା ଛଳେ ,
ତାଙ୍କର ଅନ୍ତର-ଲଜ୍ଜାମୟ-ଆବରଣ
ହରିବାରେ ନ ହୋଇଲେ ସମର୍ଥ ରାଜନ । ୨୩
ନ ପାରିଲ ଲେପି ବାଳା-ଧୈର୍ଯ-ଲଜ୍ଜା ସ୍ଥିର ,
ତେଣୁ ଅଭିଶୟେ ସିନା ଅବଳା ସୁନ୍ଦର ,
ବିନା ବସନରେ ସୂକ୍ଷ୍ମା ଶୋଭାପାଏ ଜନ ,
ଧୈର୍ଯ-ଲଜ୍ଜା-ପରିତ୍ୟାଗ ଅତ୍ୟନ୍ତ ଦୂଷଣ । ୨୪

GPNanda Colln., Digitized by srujanika@gmail.com

"ନ ଭଷ 'ନାହିଁ' ବଚନ ରତ ଭଷା ବଲେ ,
ତୁଷ୍ଟ ତେଣୁ ଅନୁମତ ଦେଲ, ଜାଣ, ମୋରେ" ;
ଭଷନ୍ତେ ଏସନ ପ୍ରିୟ, ଆନନ କମ୍ପାଇ ,
ବଦନ ନୁଆଁଇ, ନାହିଁ କଲେ ଶୂନ-ମୁହାଁ । ୭୫
'କମ୍ପାଇ ଲପନ ଯାହା ନିଷେଧ ସୂଚେ ,
ତାହାର ଉଦ୍ଦେଶ୍ୟ ନୁହେଁ ଦୁରବୋଧ ମୋତେ ;
ଦୂଷିବାର ନିବାରଣେ ସ୍ୱୀକାରେ କେବଳ
ବ୍ୟକତ ହୁଅଇ ଦିନା ଅଭିଳାଷ ତୋର ।' ୭୬
'ନ ଭଷ, ନ ଭଷ, ମୋତେ ଲୁଗ୍ଧ ବଚନ ,'
ଭଷି ଏସନେ ପ୍ରିୟାରେ ନିଷଧ-ରାଜନ ,
ଦ୍ୱିପଣେ ତାଙ୍କୁ ଦେଖି, ଯେମନ୍ତ ଭଷଣ
ଭାଷିଥିଲେ, ମୃଦୁ ଗିରେ କଲେ ତା' ବର୍ଣ୍ଣନ । ୭୭
ପ୍ରଥମେ ପକାନ୍ତେ ପ୍ରିୟ ନୀବୀ-ଦେଶେ କର ,
ନିରୋଧିଲେ ଦୃଢ଼େ, ତହୁଁ କରି ତା' ଶିଥିଳ ,
ନାହିଁ ନାହିଁ ଭାଷି ମାତ୍ର, ହଲାଇ ସେ କରେ ,
ବିଘ୍ନ ଘଟିଲେ ବାଳା ପ୍ରିୟ-ବ୍ୟବହାରେ । ୭୮
ସ୍ୱଭାବେ ସୁନ୍ଦର ରୂପ , ବସନ ଭୂଷଣେ
ଅଙ୍ଗଯୋଗେ ବଲକ୍ଷଣ ଶୋଭି କ୍ଷଣେ କ୍ଷଣେ ,
ଦେଖିଲେହେଁ ନବ ନବ ଲାଗଇ ରାଜନେ ,
ଅନ-ସ୍ୱର୍ଗ-ନାରୀ-ଭ୍ରମ ଜାତ ହୁଏ ମନେ । ୭୯

GPNanda Colln., Digitized by srujanika@gmail.com

ଇଙ୍ଗିତେ ସ୍ୱକୀୟ ରାଗ-ସାଗର ପ୍ରକାଶି ,
ପଞ୍ଚ-ଗୁଣ-ସନମାନେ ଶୃଙ୍ଗ ଗିର ଭାଷି ,
ସେବା-ଗୁଣେ ଭକ୍ତପଣ ଦେଖାଇ ରାଜନେ ,
କଲେ ଅଧିକରେ ବଶ ଭୈମୀ ନଳଗୁଣେ । ୮୦
ନିଜ ଅଙ୍ଗ-ଅରପଣେ ବାମ ଭାବ ଧରି ,
ତୋଷନ୍ତି ରୋଷିତ ନାଥେ ଅନୁନୟ କରି ;
ତାହୁଁ ଅଙ୍ଗ-ଅରପଣ-ବଳାତ୍କାର-କାଳେ ,
ନ କରନ୍ତି ସୀତ୍କାର ଦମୟନ୍ତୀ ନଳେ । ୮୧
ଅଧର-ସଙ୍ଗମ-ଶ୍ରମ ଆଦର ସେ ଲୋଡ଼ି ,
ଅଙ୍ଗମାନେ ବାମ ହୋଇ , ବ୍ରୀଡ଼ା–ବଶେ କ୍ଷତ ,
କଷ୍ଟେ ଅଙ୍ଗଦାନ-ଅଭିନୟ-ପରକାଶେ ,
ବକ୍ଷରେ ଧୀରଛି-ରସ ଢେଙ୍କିଲେ ବିଶେଷେ । ୮୨
ଗିରିଶୁ ଆରମ୍ଭି କ୍ରମେ ତରୁ କରି ପନ୍ଥ ,
ନିକେ ଗିରିଜାରୁ ଲତା ଯାଏ ବପୁ ସନ୍ତ
ଧରି , ତପସ୍ୟାର ଫଳେ ଅଖିଳ କେଳିରେ
ମାଝଲେ ଭଇମୀ ନଳେ ଉଚିତ ବେଶରେ । ୮୩
ନ ଥିଲା ଏପରି ସ୍ଥଳୀ ଏସନ ସାଗର ,
ବନ , ଗିରି , ଭୂମି , ତଥା ଦେଶ , ଦେଶାନ୍ତର ,
ନ ରଚିଲେ ଯହିଁ କ୍ରୀଡ଼ା ପତି–ସଙ୍ଗେ ମିଳି ,
ଅଶେଷ-ପ୍ରକାର-ରସେ ରସି ସୁକୁମାରୀ । ୮୪

GPNanda Colln., Digitized by srujanika@gmail.com

ବିବସନ କଲାବେଳେ ପ୍ରିୟ , ବସ୍ତ୍ର–ବାତେ
ନତ , ହୋଇ ଦୀପ ଶିଖା ଲଜ୍ଜନ୍ତି ତୁରିତେ ;
ଦେଖି ପତି-ମୌଳି–ମଣି-ଆଲୋକେ ଉଜ୍ଜ୍ୱଳ
ଦଶ ଦଶ , ବିସ୍ମୟରେ ହୁଅନ୍ତି ବିହ୍ୱଳ । ୮୫

ମଣିର ଉଜ୍ଜ୍ୱଳ କାନ୍ତି କାନ୍ତ ଶିରେ ଗୃହିଁ ,
ଶ୍ରବଣ ପୂର-ଉତ୍ପଳେ ଦଅନ୍ତି ଘୋଡାଇ ;
ମନେ ହୁଏ ରତି-କର୍ମ-ଆରମ୍ଭେ ଯେସନ ,
ନଳ-ରୂପୀ ପଞ୍ଚଶରେ କରନ୍ତି ପୂଜନ ! ୮୬

ଅବରି ମୁକୁଟ-ମଣି , ହୋଇ ହରଷିତ ;
ବେନି ପାଶେ ବେନି ଦୀପ ମଣିଲେ ଅଦ୍ଭୁତ ;
କୌତୁକ-ଅଦ୍ଭୁତ-ତ୍ରପା-ଭୟ-ସମାବେଶେ ,
ସଂକୁଚିତ କ୍ଷଣେ କାମ ହୋଇଲା ମାନସେ । ୮୭

ଲଭନ୍ତେ ଏକ ପ୍ରଦୀପ , ଜଳେ ପୁଣି ଆନ ;
ଲଭାଗଲେ ତା'ରେ , ଆଦ୍ୟ ଜଳଇ ତେସନ ;
ଅଦଭୁତେ ଅଗ୍ନି–ଦତ୍ତ–ବର ସ୍ମରି ବାଳା ,
କେବଳ କମ୍ପାଇ ଶିର, ମୁଦ ଦେଲେ ତୋଳା । ୮୮

'ଦେଖ ଖ୍ରିରୁ , ଦେଖି ପାରୁ ନାହିଁ ତୋ'ରେ ମୁହିଁ ;
ଯେଣୁ ନେତ୍ର–ନିମୀଳନ କରିଅଛୁ ତୁହି ;'
ପରିହାସ କରି ଏହିପରି , ତହୁଁ ନଳ
ଭୋଗକଲେ ଲଜ୍ଜାଶୀଳା , ଅନ୍ଧାରି ସେ ସ୍ଥଳ । ୮୯

GPNanda Colln., Digitized by srujanika@gmail.com

'ଛଡ଼ ଛଡ ନାଥ ମୋତେ , ମୁଁ ଦାସୀ ତୁମ୍ଭର ;
ପାଳିବି ଅବଶ୍ୟ ଏବେ ସଦା ତବ ଗିର ;
ଧର୍ମ ସମ୍ପ୍ରଦାନ , ନଖେ କରେଁ ମୁହିଁ କ୍ଷତ ,
ଦେଲ ସ୍ଥାନ ହୃଦେ , ହୋଇଅଛୁ ଅନାସକ୍ତ ।'
ଏସନ ଅଳୀକ-ରତ-କାତରତା ଛଳେ
ଦେଖାଇ, ପ୍ରତାରି ପତି, ପରମେ କୌଶଳେ
ସମ୍ପ୍ରନାଦ ବିହରିଲେ ମାୟାବତୀ ବାଳା ;
ବିଦଗଧେ ଅଗୋଚର ଅବା କେଉଁ କଳା ! ୯୧
ଇଚ୍ଛା ମାତ୍ରେ ଲଭେ, ପୁଣି କ୍ଷଣେ ଦୀପ ଜଳେ ,
ଅଚିରପ୍ରଭା ସମାନେ ତମ-ଘନ-କୋଳେ ;
ନିର୍ବିଶଙ୍କ-ରତି-ଜାତ-ସୁଖ-ଚେଷ୍ଟାମାନ-
ଦରଶନେ ସୁଖ-ଭୋଗ କଲେ ସେ ରାଜନ । ୯୨
ରତେ ଯାହା ଭୂରୁ-ଯୁଗ ହେଲା କୁଟିଳିତ ,
ମନମଥ ପିନା ତା'ର ଧନୁ କଲା ନତ !
ହୁଁ ହୁଁ ରବ ଉଠେ ଯାହା ତଣ୍ଡିଁ ବାରମ୍ବାର ,
ଶର-ମୋକ୍ଷ-କାଳେ ତାହା ମଦନ ହୁଙ୍କାର ! ୯୩
କାନ୍ତ-ଦନ୍ତ-କ୍ଷତେ ଓଷ୍ଠ ହୁଅନ୍ତେ ପୀଡ଼ିତ ,
କମ୍ପାଏ ଭାମିନୀ କର, ମଣିଲେ ଦୟିତ ,
ରତେ ହରଷିତ କାମେ ନଶୁଇବା ପାଇଁ
ଉପଦେଶ ଦେଲା ପରି ସେ କମ୍ପନ ତହିଁ । ୯୪

GPNanda Colln., Digitized by srujanika@gmail.com

ନାୟକ-ବିଶାଳ-ଉର ଅଲଙ୍ଗନ-ଜାଲେ
ନ ପାରିଲେ ସୁକୁମାରୀ ଧରିବାକୁ କରେ ;
ତୁଙ୍ଗ-ପୀନ-କୁଚ ଯୁଗ-ଅନ୍ତରାୟ ହେବା ,
ନ ପାରିଲେ ପ୍ରିୟା-ବକ୍ଷ ଅଲିଙ୍ଗି ନୃପଣି । ୧୫
ବାହୁ-ବଲ୍ଲୀ-ଅଲଙ୍ଗନ-ବେଷ୍ଟନେ ଦମ୍ପତି
ପରସ୍ପରେ ପୀଡ଼ିଲେ ଯା' କାମ ଚଳେ ମାତି ,
ହେମ-କଳଶୀ-ମୃଣାଳ-ଉତ୍ପନ୍ନ ପାଶ
ପାଶ ଅଛୁ ପିନା ତାହା କାମ ରତି-ଋଣ ! ୧୬
ପ୍ରିୟ-ଅଲଙ୍ଗନେ ଚାପି ହୋଇଣ ବର୍ତ୍ତୁଳ ,
ରହିଲେ ପ୍ରେୟସୀ-ହୃଦେ ଉରଜ-ଯୁଗଳ ;
ରତି ରତିପତି ବେନି ବିଶ୍ରମନ୍ତି ତହିଁ ;
ତାଙ୍କର ବର୍ତ୍ତୁଳ ଉପାଧାନ-ଯୁଗ ସେହି । ୧୭
ନଳ ଦତ୍ତ ମୃଦୁ ନଖ-କ୍ଷତେ ସୁଶୋଭନ
ସେହି ପ୍ରିୟା-ସ୍ତନ-ଯୁଗ ଦିଶିଲେ କେସନ ,
ଶାତକୁମ୍ଭ-ସ୍ତମ୍ଭ-ଯୁଗେ ଲିଖି ଥାଏ ଯେଉଁ
ରତି-କାମ-ବିଜୟ-ପ୍ରଶସ୍ତି-ବର୍ଣ୍ଣାବଳ । ୧୮
'ତବ ନାଭି-ଜନ୍ମ-ମଧ-ଅଙ୍ଗ, ବଦ୍ଧମତ
ଅଟେ କି ବିଧାତାଙ୍କର' ? କହନ୍ତି ଦୟିତ ;
'କୋହିଲେ ଗୋ ପ୍ରିୟେ, ଶ୍ରେଷ୍ଠ-ବରଣ କାଞ୍ଚନେ
ଗଢ଼ନ୍ତେ କିପାଁଇ ଧାତା ଅଶେଷ ଯତନେ ?' ୧୯

GPNanda Colln., Digitized by srujanika@gmail.com

କଳଶ-ପୀନ କର୍କଶ କୁଚେ ହାସ୍ୟ ଛଳେ
ମୃଦୁ କାନ୍ତ-ପାଣି-ପଦ୍ମେ ମରଦନ-ବେଳେ ;
ପରିହାସ ପରବାଣି ଭାଷିଲେ ଯେ ଛଳେ :—
'ହାରି ଯିବା ଦୁର୍ବଳର, ବଳୀ ଯାଡେ ଗଲେ !' ୧୦୦
କୁଙ୍କୁମ-କସ୍ତୁରୀ-ବୋଳା ବଧୂ-ବେନି-ସ୍ତନ ,
କାନ୍ତି-ଗୁଣେ ଶିବ-ନୀଳ-ଲୋହିତ-ସମାନ ,
ଦେଖି ପ୍ରିୟା-ଉରେ ସ୍ୱୟଂଭୂବେ ସେ ରାଜନ ,
କରନ୍ତ-କିଂଶୁକ-ଦାନେ କଲେ ଦେବାର୍ଚ୍ଚନା । ୧୦୧
ଚୁମ୍ବନ୍ତେ ଅମ୍ବୁଜ-ମୁଖୀ-ମୁଖ ନରପାଳ ,
ଶୋଭିଲା ତାହାଙ୍କ ମୁଖ, ସୁଧାଂଶୁ ମଣ୍ଡଳ
ପୂର୍ଣ୍ଣି ଉଦୟ ନୋହିଲା ସମୟେ ସାଗରେ
ନିଜେ ନିଜ ପ୍ରତିବିମ୍ବ-ସଙ୍ଗେ ଯଥା ମିଳେ । ୧୦୨
ବହୁତାମ୍ବୂଳ-ଚର୍ବଣେ ଯାହା କଷାୟିତ ,
ପୁଣି ଉଦୟ ବାସ୍ତରେ ଅଟେ ଯା ବାସିତ ,
ନିଧୁବନେ ଯେ ଅଧରାମୃତ ପାନକରି ,
କାମୀ କାମିନୀ ମଣିଲେ ମଧୁପାନ-ସରି । ୧୦୩
ବଦନ ଚୁମ୍ବନ୍ତେ ନାଥ ସାତ୍ତ୍ୱିକ-ବିକାରେ
ଜାତ ହୋଇ କମ୍ପ ବାଳା-ସମଗ୍ର-ଶରୀରେ ,
ସୀତ୍କାର-ଶବଦ କରି ଜଣାଏ ଜଗତେ ,
ପ୍ରିୟା ବଦନ-ମଣ୍ଡଳ ଶୀତଳର ସତେ । ୧୦୪

GPNanda Colln., Digitized by srujanika@gmail.com

ଧରି ପ୍ରିୟା-କୁଚ କରେ ଚୁମ୍ବିବାର ବେଳେ
ନଳ-ମୁଖ ସୁଧାକର-ସମ ଶୋଭା ଧରେ ;
ଧରି କରେ ହିରଣ୍ମୟ ଘଟ, ସୁଧାକର
ଭରିବାକୁ ଅମୃତେ କି ହୁଅନ୍ତି ତତ୍ପର ! ୧୦୫
ଯେତେ ଦେଖିଲେହେଁ, ପୁଣି ଦେଖୁଥାନ୍ତି ନଳ ,
ଆଲିଙ୍ଗନ କରୁଥାନ୍ତି ପୁଣି ବାରମ୍ବାର ,
ଚୁମ୍ବ ଦେଇ ସାରି, ପୁଣି ଚୁମ୍ବନ୍ତି ପ୍ରିୟାରେ ,
କେଉଁମନ୍ତେ ହେଲେ ତୃପ୍ତି ନ ହୁଏ ଅନ୍ତରେ । ୧୦୬
ନାନା ରତ-କେଳି-ବେଳେ ହାର-ମୁକ୍ତାଗଣ ,
ଛିଡ଼ି, ଏଣେ ତେଣେ ହୋଇଲେହେଁ ବିକୀରଣ ,
ସ୍ୱେଦ-ବିନ୍ଦୁ-ଚିତ-ବକ୍ଷ ନିରେଖି ସୁନ୍ଦରୀ ,
ମୋହେ ହାର ଛିନ୍ନ ବୋଲି ନ ପାରନ୍ତି ବାରି । ୧୦୭
ରହିଲେ ଯା ତାଙ୍କ ହୃଦେ ହାର-ମୁକ୍ତାଗଣ ,
ଗୁଣହିଁ କେବଳ ତହିଁ ତାହାର କାରଣ ;
କୋହିଲେ କିପରି ଅବା ଗୁଣ-ଚ୍ୟୁତ ହୋଇ ,
ହୋଇଥାନ୍ତେ ସମରଥ ରହିବାକୁ ତହିଁ ? ୧୦୮
ଥିଲା ନଳ ବକ୍ଷେ ମୁକ୍ତା ମାଳିକା କେବଳ ;
ଛିଡ଼ ହାର, ଶୂନ୍ୟ ଥିଲା ଦମୟନ୍ତୀ ଉର ;
ଜନ୍ମିଥିଲା ସ୍ୱେଦଜଳ, ପ୍ରତିବିମ୍ବି ତହିଁ ,
ଏକ ହାର ଅନେ ଭୂଷା-ସମାନ ଶୋଭଇ । ୧୦୯

GPNanda Colln., Digitized by srujanika@gmail.com

ଯାର ବାମ ପାଦ–ତଳେ ସମ ନୁହେ ସ୍ମର ,
କାମ-ଗର୍ବ-ଖର୍ବ-କାରୀ ପୁରୁଷ-ପ୍ରବର ,
ନବ-ଯଉବନ-ଭୋଗ କରନ୍ତେ ସେ କାଳେ ,
ପରିତୋଷ-ପରାକାଷ୍ଠା ସହଜେ ଲଭିଲେ । ୧୧୦
ତାଙ୍କ ବାହ୍ୟ-ଅଙ୍ଗ-ସଙ୍ଗେ ମଣିଲେ ରାଜନ ,
ଅପ୍ୟାୟିତ ହେଲା ଅନ୍ତରାବୟବମାନ ;
କଲେ ଯାହା ନୃପ ପ୍ରିୟତମା-ବିଲୋକନ ,
ମନେକଲେ, କଲେ ସୁଧା-ରସ-ଆସ୍ୱାଦନ । ୧୧୧
ଦମୟନ୍ତୀ ଭୂଷାସବୁ ନରେଶ ନୟନେ ,
ବଡ ମନେ କଲେ; ମାତ୍ର ନ ରୁଚିଲା ମନେ ,
ସେହୁ ଭୂଷା ଅନ୍ତରାୟେ ପିନା ସେ ରାଜନ
କରି ନ ପାରିଲେ କେତେ ଅଙ୍ଗ ଦରଶନ । ୧୧୨
ଯୋଜନ-ପରି ପ୍ରତୀତ ହେଲା ବେନି ଜନେ ,
ରୋମାଙ୍କୁର-ମାତ୍ର ଜାତ ହୋଇ ଆଲିଙ୍ଗନେ ,
ପଲକ-ପତନ କାଳେ ଉନ୍ମେଷ ମାତର
ପରସ୍ପରେ ନ ଦେଖିଣ, ମଣିଲେ ବତ୍ସର । ୧୧୩
ସ୍ତନନ୍ତରେ ଦେଖି ଭାବେ ଉତ୍ସୁକା , ରାଜନ
'କିଏସେ ଏ ?' ବୋଲି କହି , ଜନ୍ମାଇ ସଂଭ୍ରମ ,
ଅନମନା କରାଇଣ , ଦଅନ୍ତି ଦେଖାଇ ,
ମଣି-ଭିତ୍ତି-ପରେ ନିଜ ପ୍ରତିବିମ୍ବ-ଛାଇ । ୧୧୪

GPNanda Colln., Digitized by srujanika@gmail.com

ନିଜ ରତି-ଶେଷ-କାଳ ଜାଣି ନର-ବର ,
ଦ୍ୱାଦଶାତ୍ମା-ସିତ-ଦ୍ୟୁତି ସୁମରି ସତ୍ୱର ,
ବଚନ୍ତି ଘେପଣ ନିଜ ଭ୍ରବର ଲମ୍ବୁତା ,
ସମ ଭାବ-ଲାଭେ ବଢେ ରତି-ସରସତା । ୧୧୫
ପ୍ରିୟା-ବାହୁ-ମୂଳ କୁଚ ନାଭିରେ ଚୁମ୍ବନ
ଦେଇ ଭାବ ଜନମାଇ , ରତି ସମାପନ
କରି , ଶର୍ମ-ସାର-ସମ-ବିଭାଗେ ଭଗିନୀ
କଲେ ସେ ରାଜନ ରତି-ସୂରସେ କାମିନୀ । ୧୧୬
ଅକ୍ରମରେ ଭାବ-ଲାଭ କଲେ ସେହୁ ଦୁହେଁ ,
ରୋମାଞ୍ଚ ଫିଟିଲା ଦ୍ରୁତ ଦୁହିଁଙ୍କର ଦେହେ ;
ଶିଥିଳିତ ଅବୟବ, ନୟନ ମୁଦ୍ରିତ ,
ଶ୍ୱାସ ସୀତ୍କାରରେ ପୁଣି ହେଲା ସେ ପୂରିତ । ୧୧୭
ରତି-ଶେଷ-ସୁଖ ଅନୁଭବ କଲା ବେଳେ ,
ନଖକ୍ଷତ-ଜ୍ୱାଳା ଗାତ୍ରେ ଆନନ୍ଦ ସଞ୍ଚାରେ ;
ମହିତର ତୃପ୍ତି ଦିଅଯାଇ ସ୍ୱରବତେ ,
କଷ୍ଟ ଦେଲେ-ହିଁ, ଆନନ୍ଦ ନ ଅଣେ କି ରତିରେ ?
ହୋଇ ପ୍ରିୟା ନିଧୁବନ-ଶ୍ରମେ ଅତିଶ୍ରାନ୍ତ ,
କ୍ଷଣେ ନେତ୍ର କଲେ ଯାହା ଅର୍ଦ୍ଧ-ନିମିଳିତ ,
ଚଞ୍ଚଳ ହୋଇଲା ତାରା, ସେ ରୂପ ଦର୍ଶନେ
ହେଲା ବାରମ୍ବାର ଇଚ୍ଛା ପୁଣି ଦରଶନେ । ୧୧୮

GPNanda Colln., Digitized by srujanika@gmail.com

ସେ କାଳେ ସୁରତ-ଶ୍ରମ ସେ ନାୟକ-ବରେ
ଅଦେଖିଲା ସେବିବାରେ ତାଳ-ବୃନ୍ତ-କରେ ;
ସେ ସନ୍ତାପ କାଳେ ଶ୍ଳାଘ୍ୟ ବ୍ୟଜନ-ବ୍ୟାପାର ;
ଥାଉ ଆନ, କିନ୍ତୁ ମଧ ହୋଇବେ ଚପଳ ।   ୧୬୦
ସ୍ୱେଦ-ବିନ୍ଦୁ-ଯୁତ-ନାସା-ଶିଖ, ଦେଖି ମୁଖ ,
ରତ-ଖେଦ-ଭଗ୍ନ ପୁଣି ଅଧର-ଯାବକ ,
ଅର୍ଦ୍ଧ-ଲୁପ୍ତ କପୋଳର ରୋମାଞ୍ଚ-ବିକାର , .
ଦେଖି ପ୍ରେୟସୀରେ, ସୁଖେ ବୁଡ଼ିଗଲେ ନଳ ।   ୧୬୧
ରତ ଶେଷେ ଲଜ୍ଜାବୃତ, ପୁଣି ଉଲ୍ଲସିତ ,
ମୃଦୁ ପଣେ କ୍ଳାନ୍ତ , ପୁଣି ଈଷତେ ନିର୍ବୃତ ,
ଦମୟନ୍ତୀ-ମୁଖ କାନ୍ତ , ତତ୍ତ୍ୱେ ସେହୁ କାଳେ
ଲକ୍ଷ୍ୟ ସଂଖ୍ୟ ହେଲା ପରି ମଣିଲେ ଆଦରେ ।   ୧୬୨
ସ୍ୱେଦ-ଜଳ-ପୂର୍ଣ୍ଣ ପ୍ରିୟା-ରୋମ-କୂପମାନ ;
ଯେତେ ଯେତେ ନୃପ-ଦୃଷ୍ଟି କଲେ ତହିଁ ପାନ,
କ ବିଚିତ୍ର ଏ ରହସ୍ୟ ? ବଢ଼େ ସେତେ ଗୁଣେ
ତୃଷ୍ଣା ସିନା ! ଅପତୃଷା ନ ଆସଇ ମନେ ।   ୧୬୩
ଛୁଉଥିଲା ପୁଷ୍ପମାଳା , ଫିଟିଥିଲା କେଶ ,
ବାନ୍ଧିବାକୁ ବେନି ହସ୍ତ ଉଠାନ୍ତେ କାମିଶ ,
ସମୁଜ୍ଜ୍ୱଳ ବ ହୁମୂଳ ଅବଲୋକି ନଳ,
ମଜ୍ଜି ଆନନ୍ଦ ସାଗରେ , ହୋଇଲେ ବିହ୍ୱଳ ।   ୧୬୪

GPNanda Colln., Digitized by srujanika@gmail.com

ନିଜ ନୟନ କଜ୍ଜ୍ୱଳ ପତିଙ୍କ ଅଧରେ
ଲାଗି , ଭୃଙ୍ଗ-ଯୁତ ବନ୍ଧୁଜୀବ-ଶିରୀ ଧରେ ;
ଦେଖି ସେ ଅପୂର୍ବ ଦୃଶ୍ୟ , ଭୈମୀ କୃଶୋଦରୀ
ରହି ନ ପାରିଲେ , ସ୍ମିତ ପ୍ରକାଶ ନ କରି । ୧୨୫
ପ୍ରିୟା ହସିବାର ଦେଖି , ବୁଲାଇ ବଦନ ,
ପଚାରିଲେ ପ୍ରାଣନାଥ ହାସ୍ୟର କାରଣ ;
ଲଜ୍ଜାବତୀ ବଧୂ ତହିଁ ଉତ୍ତର ନ ଦେଇ ,
ହସି ପାଣି-ପଦ୍ମେ ଦେଲେ ଦରପଣ ଥୋଇ । ୧୨୬
ନିଜ ପାଦୁଁ ଲାକ୍ଷା ଲାଗି ପ୍ରଣିପାତ-କାଳେ ,
ରମ୍ୟ ନଳ-ଭାଲ , ବାଳା ଦେଖି ସେ କପୋଳେ,
ପୋଛିଲେ ମଉଳ ଲାଜେ , ମନେ ହେଲା ଜାତ
ଉଦିତ ନିକି ଏ ଶେଷ ରାଗ ନିଶାନାଥ । ୧୨୭
ଘର୍ମମୟ ହୃଦେ ପ୍ରତିବିମ୍ବିତ ମୂରତି ,
ଦେଖି ମନେ ମନେ ହୃଦ ଗତ ନିଜ ପତି ,
ହୋଇ ଲଜ୍ଜାନତ , ମୃଦୁ ନାସିକା ପବନେ
ଦୂର କଲେ ରତ ଶ୍ରମ ପ୍ରିୟେ ତ ମଜ୍ଜନେ ! ୧୨୮
କରିଥିଲେ ନୃପ ଦନ୍ତେ ଅଧର-ଦଂଶନ ;
ଜାଣି ନ ଥିଲେ ସୁନ୍ଦରୀ , କାମେ ହତ-ଜ୍ଞାନ ,
କଷ୍ଟ ଅନୁଭବ , ହେଲେ ବିସ୍ମିତ କଷ୍ଟରେ ;
ତହୁଁ ପରଖିଲେ ଧୀରେ ଓଷ୍ଠ ନିଜ ହାତେ । ୧୨୯

GPNanda Colln., Digitized by srujanika@gmail.com

ସ୍ତନ-ଯୁଗେ ତଳେ ଯାହା ପ୍ରିୟ ନଖେ କ୍ଷତ ,
ଦେଖି ଦେଖି ସେ ବିଭ୍ରମ , ହେଲା କୋପ ଜାତ ;
ତେଣୁ ସଂକୁଚିତ ନେତ୍ରେ ଦେଖିଲେ ସୁମୁଖୀ ,
ହସୁଛନ୍ତି କାନ୍ତ ତାଙ୍କ ଏହି ଭାବ ଦେଖି । ୧୩୦
କୋପେ ତମ ତମ ମୁଖ ନବୋଢ଼ା ବାଳାରେ ,
ଭାଷିଲେ ନୃପତି, ଭୟେ କମ୍ପିତ ଅଧରେ ,
"କିଏ ଅପରାଧ କଲା, ନଜାଣେ ମାନିନ ?
କହ, କହ, ତା'ରେ ଦଣ୍ଡ ଦେବି ଏହିକ୍ଷଣେ । ୧୩୧
ବିଧୁ-ଗୁରୁ-ମୁଖି କୃଶତନୁ ସୁକୁମାରି ,
ରୋଷେ କୁଙ୍କୁମ-ବରଣ ନେତ୍ରଯୁଗ କରି ,
ଅଭିମାନେ ନ କର ଗୋ ଏମନ ବିଧାନ ,
ନ ହେଉ ଗୋ ବିଧୁଠାରେ କଳଂକ-ଅର୍ପଣ । ୧୩୨
ଏହି ମଣି-ସ୍ରଜୁଁ ଝରେ ଅମୃତ-ଶୀକର ;
ସମ୍ପାଦନ୍ତୁ ପ୍ରିୟେ ଏହି ଉଦ୍ଦେଶ୍ୟ କେବଳ ;—
କଣ୍ଠ ଚୁମ୍ବୀ ଇଷ୍ଟପ୍ରଦ ଏହି ମାଳା ଗୁରୁ
ନଖ ଆଦି ଜାତ ପୀଡ଼ା ତବ ଦୂର କରୁ । ୧୩୩
ସୁର-ଧନୁ ଅଙ୍କି ମମ କର, ପୟୋଧରେ
ନିଜ ଦୋଷେ କ୍ଷମା ଯେବେ ନ ପାଏ ଗୋ ବାଳେ
ବ୍ୟଜନ-ଚାଳନ—ରୂପ-ସେବା-ତତପର ,
ସେବୁ ଏବେ ତବ ପାଦେ, ହୋଇ ସେ କିଙ୍କର । ୧୩୪

GPNanda Colln., Digitized by srujanika@gmail.com

ହେଲା ଯେବେ ଅନୁଚିତ ଦୋଷ ମୋ ବଦନ ,
ହର ଅଗୋ ସୁକୁମାରି, ନିର୍ଦ୍ଦୟ ଦଂଶନ ;
ତେବେ କିପାଁ ଚାରୁ-ଦନ୍ତୀ, ଦଂଷ୍ଟିଣ ଅଧର
ପରିଶୋଧ କରୁ ନାହିଁ ଶତ୍ରୁପଣ ତା'ର ? ୧୩୫
ହ୍ୱବସନ କାଳେ ଯେଉଁ ଶିଖାମଣି ମୋର
ଦୀପ-ଲିଭାଇବା-ଚେଷ୍ଟା ହେଲା ଗୋ ବିଫଳ ,
ସେ ଦୋଷର ସମାଧାନ ନାହିଁ ଏ ଜଗତେ ,
ସେହୁ ଦୋଷୀ ପଡ଼ୁ ଏବେ ତବ ପଦ-ପ୍ରାନ୍ତେ" ।
ଏସନ କୋମଳ ବାଣୀ ଭଣି ନରପତି
ପ୍ରଣମିଲେ ପଦେ; ଯେଯେ ଲୁଟେ କେଶ-ତତି ;
ନିଜ-ଶିର-ମଣି-କାନ୍ତି-ତଟିନୀ-ସଙ୍ଗରେ
ଭୈମୀ-ପଦ-ଚକ୍ର-ପଦ୍ମେ ମିଳାଇଲେ ଖରେ । ୧୩୬
ଭୈମୀ-ପଦ-ଦଶ-ନଖେ ପ୍ରତିବିମ୍ବି ନୃପ ,
ଧରିଲେ ଆପଣେ ଏକାଦଶ-କାମ-ରୂପ ;
ରୁଦ୍ରେ ଜିଣି, ତାଙ୍କୁ ଜିଣିବାକୁ ରତି-ଈଶ
ଧରିଲେ କି ଦଟେ ନିଜେ ରୂପ ଏକାଦଶ ! ୧୩୭
"ନ କର ମାନିନି ! କୋପ, କର ପରିହାର ;
ଦେଖ ନାଶ ଯାଏ ମଧୁ ନିଶା ସୁନ୍ଦର ;
କରି ପାର ରୋଷ ହେମନ୍ତାଦି ରଜନୀରେ
କ୍ଷଣ ମାତ୍ରୁ" ଭଣିଲେ ଏସନ ସମାଦରେ । ୧୩୮

GPNanda Colln., Digitized by srujanika@gmail.com

ନଳ ପାଦପଦ୍ମ ବାଳା ଅବଶ ଶ୍ରୀକଣ୍ଠରେ ,
ପ୍ରକାଶି ମଧୁର ସ୍ମିତ ମୃଦୁ ବଦନରେ ,
ତାଙ୍କ ପ୍ରଣିପାତେ ମନ୍ୟୁ ମାନ କର ଦୂର ,
କୃତାର୍ଥ କହିଲେ ନାଥେ ତହୁଁ ରମାବର । ୧୪୦
ପରସ୍ପରେ ରତି-ରସାୟନ କରି ପାନ ,
ବାରମ୍ବାର ରତି-ଇଚ୍ଛା କଲେ ବେନି ଜନ ;
ଅଚିର-ସ୍ଥାୟୀ ରଜନୀ ଦୁର୍ଜନ-ସ୍ୱଭାବେ
ନ ସହିଲା ମନୋରଥ, ହେଲା କ୍ଷୀଣ ଜବେ । ୧୪୧
ନିଦ୍ରା ଅନ୍ତେ ପଲ୍ଲବତଳେ ଶଯ୍ୟାରେ ଦମ୍ପତି ;
ଲଭୁଥାନ୍ତି ସ୍ୱପ୍ନଭରେ ଯଥା ଇଚ୍ଛା ପତି ;
ଅର୍ପି ଅଧର ପରସ୍ପରେ କରୁଁ ପାନ ,
ଜନୁଥାଏ ମଧ୍ୟେ ମଧ୍ୟେ ସେ ହୃଷଣେ ବିଘ୍ନ । ୧୪୨
ଭାଷିଲେ ପ୍ରିୟାରେ ନଳ, "ଦୂତପଣେ ଯାଇ
ଧର୍ମଭଙ୍ଗେ ଦୋଷ କରିଅଛୁ କଷ୍ଟ ଦେଇ ,
ସେ ଦୋଷ ମାର୍ଜନା ହେଉ, କର ଅଙ୍ଗୀକାର ,
ଆଜୀବନ ବଶ୍ୟ ଭାବେ ହୋଇବି କିଙ୍କର । ୧୪୩
ତବ ଦରଶନ ମାତ୍ର ଉତ୍ସବ ମୋହର ;
ଯହିଁ ଅନୁରାଗ ତବ, ସେ ରାଜ୍ୟ ବିଶାଳ ;
ତବ ଅଙ୍ଗ-ଆଲିଙ୍ଗନ ବିଳାସ ସୁନ୍ଦରି ,
ମୋର ପ୍ରତି ସୁଧା-ସାର-ଅଭିଷେକ ସରି । ୧୪୪

୫ ୬୧

GPNanda Colln., Digitized by srujanika@gmail.com

କି ସୁଖ ବା ହରିଙ୍କର ବକ୍ଷେ ଶ୍ରିୟା ଧରି !
କି ସୁଖ ବା ଅର୍ଦ୍ଧ-ଅଙ୍ଗେ ଶିବ ଧରି ଗୌରୀ !
କୃଶାଙ୍ଗି ମୋଠୁ, ଆମ୍ଭ ବେନଙ୍କର ସମ୍ମିଳନ
ହେଉ ସରିତ-ସାଗର-ମିଳନ-ସମାନ । ୧୪୫
ଅପଣାର ବୋଲି ମଦନଙ୍କର ପ୍ରିୟେ ମୋରେ ,
ନାହିଁ ଅବକାଶ ମୋର ଏହା ଭାଷିବାରେ ,
ଯେଣୁ ମୃଗନାଥେ ତୃଣପରି ପରିହରି ,
ଦସ୍ୟୁପଣେ କିଣିଅଛ ମୋତେ ଗୋ ସୁନ୍ଦରି ! ୧୪୬
ଶୁଣିଅଛୁ ବହୁବାର ସୁନ୍ଦରି, ଗୁପତେ ,
କରୁ ଯେବେ କଥାବାର୍ତ୍ତା ସଜନୀ ସଙ୍ଗତେ ;
ଦେଖିଛୁ, ବ୍ୟର୍ଥେ ରାମ ତେଜିଥିଲେ ଜାନକୀ ,
ଶୁଣି , ଧବଗାତ୍ର-କମ୍ପ, ବୃଥା ଭୀତ ଶଙ୍କି । ୧୪୭
ଶୁଣିଛୁ ତୋ' ସଖୀଗଣେ କଥା-ବ୍ୟବହାର ,
ପୁଛନ୍ତି କୁତୁକେ 'ଭକ୍ଷ୍ୟ କାହାଁର କାହାର ?'
'ଲାଜକୋଳକର୍' କେ କହେ, କେହୁ 'ଏଣ୍ଡୁଅର୍
ଶିର କମ୍ପେ', କେ, 'ଚପଳ କମଠ-ମାଂସର୍ ।' ୧୪୮
ସେ କାଳେ ଗୋପନେ ଭାଷୁଥିଲ ସଖୀଗଣେ ,
ମୋହରି ବରହେ ତବ ଭକ୍ଷ୍ୟ ବର୍ଜ୍ଜନେ ,
'ନ କରିବି ପରିତ୍ୟାଗ ଜୀବନେ'," ଏସନ
ଅସତ୍ୟ-ଭୀତ ନୃପତି କଲେ ବରଦାନ । ୧୪୯

GPNanda Colln., Digitized by srujanika@gmail.com

'ବିରହେ ସ୍ୱପନେ ବେନ ମିଳନ କରାଇ
ରଖିଛୁ ମୁଁ ପ୍ରାଣ; ଏବେ ରଚେ ବଧ ନେଇ
ରାତି ରୂପ ଯଣ ମମ !' ଏଣୁ ରୋଷବଶେ ,
ନଥସେ କି ନିଦ୍ରାଦେବୀ ଅଙ୍କ ଅମ୍ଭ ପାଶେ ! ୧୫୦
କୁମୁଦ୍ୱତୀ କରି ଯଥା ରାତ୍ରି-ଜାଗରଣ ,
ଡାକନ୍ତେ କୋକିଳ ପ୍ରାତେ, ମୁଦଇ ନୟନ ;
ତେସନ ଭାଷନ୍ତେ ପ୍ରିୟ ବଚନ ଏସନେ ,
ହରଷେ ମୁଦ୍ରିଲେ ବାଳା ଈଷତେ ନୟନେ । ୧୫୧
ଆଲିଙ୍ଗନ କରି ବେନ ଗାଢ଼େ ପରସ୍ପରେ ,
ହୋଇଲେ ନିଦ୍ରିତ ଉଭେଁ ନାଗରୀ ନାଗରେ ;
ଛନ୍ଦାଛନ୍ଦ ଉରୁଯୁଗ, ଅଧର ଅଧରେ ,
ସ୍ୱପନେ ଦେଖନ୍ତି ଗୁପ୍ତ କ୍ରୀଡ଼ା ପରସ୍ପରେ । ୧୫୨

ଶୋଇଲେ ଦମ୍ପତି ଗାଢ଼ ଆଲିଙ୍ଗନେ
ମଜ୍ଜି, ଏକ-ମୁଖ ହୋଇ ,
ନିଶ୍ୱାସ ପ୍ରଶ୍ୱାସ ଏକୁଁ ଅନ୍ୟେକର
ନାସାରେ ପ୍ରବେଶେ ଯାଇ ;
ପରକାଶେ ତାହା, ଏହୁ ବେନିଜନ
ହୋଇଲେଣି ଏକ-ପ୍ରାଣ ,
ପୁଣି ବାଳାସ୍ତନ ପଦ୍ମାଙ୍କୁର-ରାଜ
ହୋଇ ଜଳ-ହ୍ରଦେ ଲଗ୍ନ ,

GPNanda Colln., Digitized by srujanika@gmail.com

ତିଷ୍ଠାଏଁ, ସେ ତତ୍ତ୍ୱେ ଏ ବେନି ଦମ୍ପତି
ସର୍ବ ଭେଦ ଦୂରକରି ,
ରହିଛନ୍ତି ଏବେ ଏ ମର-ଭୁବନେ
ଏକ-ଭାବ-ମାତ୍ର ଧରି । ୧୫୩

କବିରାଜରାଜ- ମୁକୁଟ-ଭୂଷଣ-
ହୀରକ ଶ୍ରୀହୀର ଜନକ କବି ,
ତନୟ ଶ୍ରୀହର୍ଷ, ଜିତେନ୍ଦ୍ରିୟବର ;
ଜନନୀ ତାହାଙ୍କ ମାମଲ୍ଲଦେବୀ ;
'ଶିବ-ଶକ୍ତି-ସିଦ୍ଧି' ଭଗିନୀ ଏ, ତାଙ୍କ
ବିରଚିତ ଶୁଭ୍ର ନଳ ଚରିତ
ମହାକାବ୍ୟ, ତହିଁ ଗତ ହେଲା ଏହୁ
ଅଷ୍ଟାଦଶ ସର୍ଗ, ସର୍ଗ-ମହତ । ୧୫୪

GPNanda Colln., Digitized by srujanika@gmail.com

ଅଷ୍ଟାଦଶ ସର୍ଗର ଟୀକା

(ଅଙ୍କରୁ ଶ୍ଲୋକାଙ୍କ ବୁଝିବାକୁ ହେବ)

୧ – ଉତ୍ତମ ପୁରୁଷାର୍ଥ ଯେ କାମ, ତତ୍ପର ପାଣ୍ଡବାରେ ।

୬୨ – ମୟୂରର ରତ ହୁଏ ନାହିଁ ବୋଲି ପ୍ରସିଦ୍ଧି ଅଛି ।

୬୧ – ପାଂଶୁଳା = ବେଶ୍ୟା ।

୭୧ – ପରେ ନଳ ଦମୟନ୍ତୀଙ୍କର ଯେ ବିଚ୍ଛେଦ ହେବ, ତାହାର ସୂଚନା ।

୮୩ – ପତିଙ୍କ ଅଙ୍ଗରେ ଅର୍ଦ୍ଧାଙ୍ଗ ରହି ଲାଗିବାଠାରୁ ଲଜ୍ଜାପର ନମ୍ରତ ହୋଇ ।

୧୧୫ – ସମକାଳୀନ ହୃଦୟର ରତ ଶାସ୍ତ୍ରୋକ୍ତ ଉପାୟ ବିଶେଷ । ପୂର୍ଣ୍ଣ ଚନ୍ଦ୍ରଙ୍କ ଭାବ ଅନ୍ୟମନା ହୁଅନ୍ତି, ତେଣୁ ନଳର ସାର୍ବପାଠ ଲଦ୍ଧା ନବାଗତ ହୁଏ ।

୧୩୩ – ଏହା କହି ନଳ ମାଳା ଦେଲେ ।

୧୫୪ – କବିଙ୍କ ବିରଚିତ 'ଶୈବ-ଶକ୍ତି ସିଦ୍ଧି' ନାମକ ଗ୍ରନ୍ଥାନ୍ତରକୁ ଲକ୍ଷ୍ୟ କରା ହୋଇଛି ।

GPNanda Colln., Digitized by srujanika@gmail.com

ଊନବିଂଶ ସର୍ଗ

ପ୍ରେୟସୀ-ଉତ୍ସଙ୍ଗେ   ନିଦ୍ରିତ ନିଷଧ-
ଅବନୀ-ମଦନ ନଳ-ସ୍ୱଣେ ,
ଦଶମ ଦଶାରେ   ପଶନ୍ତେ ରଜନୀ ,
ବୈତାଳିକମାନେ, ବିବୋଧନେ
ଶ୍ରୁତି-ମଧୁ-ପଦ-   ମାଳାରେ ସୁରସ
ବ୍ୟଞ୍ଜନା ଦେଖାଇ କବି-ଗିରେ ,
ପ୍ରକଟ ସୁରସେ   ରସାଣି ସେ ପୁଣି ,
ରଚି ରମ୍ୟ ଗୀତ, ଗାନ କଲେ । ୧
"ଜୟ ଜୟ ମହା-   ରାଜ, ଦୃଷ୍ଟିବାରେ
ଦରାଳସ-ପକ୍ଷ୍ମ ନେତ୍ରେ ଫେଇ ,
ଅତ୍ୟନ୍ତ ସଫଳ   ପ୍ରଭାତ-ସୁଷମା
ହେବ ସିନା, ଥରେ ଦେଲେ ଦୃଷ୍ଟି !
ଶଯ୍ୟା ତେଜି ଦେଖ   ବଇଦର୍ଭୀ-ମୁଖ ,
ଶକୁନ ସେ ତବ ମହାଶୁଭ ;
ପ୍ରିୟଜନ-ମୁଖ-   କମଳକୁ ବଳି
ବଡ଼ ଶୁଭ ଆଉ କିଏ ହେବ ? ୨

GPNanda Colln., Digitized by srujanika@gmail.com

ବରୁଣ-ଗୃହିଣୀ- ଆଶା ଆଶ୍ରା କରି
ଦ୍ୱିଜରାଜନ ଏ ଦ୍ରୁମଙ୍କର
କ୍ରମେ କ୍ରମେ ଏବେ ରୁଚି-ବାସ ଛାଡ଼ି ,
ନିରଶଂକ ହୁଏ ଶଶଧର
ବାସବ-ମହିଷୀ- କାଷ୍ଠା ପରସାଦେ
ଦେଖଇ ଏ ଦଶା ନିଶାଙ୍କରେ ;
ସେ ପ୍ରସାଦ ଛଳେ ସ୍ମିତ ତା'ର ଦେଖ ,
ଫୁଟି ଉଠୁ ଅଛୁ ଦ୍ୟୁତି-ପୂରେ ! ୩
ସ୍ୱରୂପେ ପେଷଲା ତେସନ ଏ ତାର
ଦର୍ଶନ-ଗୋଚରେ ନ ରହନ୍ତି ;
କ୍ରମେ ଏକେ ଏକେ ତରଣି-କିରଣେ
ବ୍ୟୋମ-ଦେଶ ଭରି ବିକାଶନ୍ତି ;
ରାତ୍ରି-ତମ-ସଙ୍ଗେ ସଂଗ୍ରାମ ଅତର ,
କ୍ଷୀଣ-ବଳ କରେ, ସୂଚିଲେଣି
ଦୁର୍ବଳ ବଧୂର ପୀଯୀତ-ନକର
ସେ ସଂଗ୍ରାମ-ଜାତ-କ୍ଳାନ୍ତି ପୁଣି । ୪
ତାମସ-ପଟଳେ ଅରୁଣ-କିରଣ
ପଶି ଦଣେ ଦେଖ, କି ରୁଚିର ?
ସିତ-ପକ୍ଷ-ହଂସ ଚଞ୍ଚୁପୁଟେ ଦେବ
ପଙ୍କ, ଖୋଜଇ କି ପଦ୍ମନାଳ ?

GPNanda Colln., Digitized by srujanika@gmail.com

ଲାକ୍ଷା-ଲକ୍ଷ୍ମୀ ବଳ   ଲୋହିତ ସେ ରଶ୍ମି
ପଡ଼ିବାରୁ ଦେଖ ତହିଁ ଝୁଲ ,
ଧୂମଳ ବରଣେ   ଉଜ୍ଜ୍ୱଳ ଦଶଇ
କଜ୍ଜ୍ୱଳ-ବରଣା ମଧୁକଣ୍ଠୀ । ୫
ରଜନୀ-କରଣୀ-   ବଦନାମ୍ବୁ ସରି
ହିମଜଳ-କଣ କ୍ରମେ ଝରି ,
କୁଶ-କିଶଳୟ-   ଅଗ୍ର ଭାଗେ ଦଶେ
ସୁବିମଳ ଜଳ-ବିନ୍ଦୁ ପରି ;
ମନେହୁଏ, ଛିଦ୍ର-   କରଣେ କୁଶଳ
ମଣିକାର ଯେବେ ମୋତିମାଳ ,
ସୂଚୀରେ ଗୁନ୍ଥଇ   ଗୋଟି ଗୋଟି କରି ,
ସେ ସୁଷମା ବଳ ଏ ରୁଚିର ! ୬
ରବି-ରୁଚି-ଚୟ-   ଓଁକାର-କରଣେ
ସ୍ପୃଷ୍ଟାମଳ-ବିନ୍ଦୁ ତାସ୍ୱ ବଳ
ଗୋଟି ଗୋଟି କରି   ଗୋଣ୍ଠାଇ ରଖୁଛି ,
ନଭ-ସ୍ଥଳୁ ବେନ୍ଧୁ ଫଞ୍ଚରି ;
ଦିଶଇ ପୁଣି ସେ,   ଉଦାତ୍ତ ସ୍ୱରର
ବିରଚନା ଲାଗି ଉଇଗାରେ ,
ଶୀତାଂଶୁ-ମଣ୍ଡଳୁ   ନଷ୍ଟେ, ମନେହୁଏ ,
ସରଳ-ସୁନ୍ଦର-ଅଂଶୁ-ମାଳେ । ୭

GPNanda Colln., Digitized by srujanika@gmail.com

ମାୟାମୟୀ ରଘୁ- ପତି-ଜାୟା ଯଥା
ସ୍ୱର୍ଣ୍ଣ ସଂହାର ଥିଲେ କରି ,
ତେସନ ଧରିଣ ତମିର-ଚିକୁର
ତରଣି ରଜନୀ ଧଏ ମାରି ;
ବଚିତ୍ର, ଏ କଥା, ଦେଖି ତାହା ନଲେ
ନେତ୍ର ଅବରଣ ପିଠ୍ ନାହିଁ ,
କୁମୁଦେ ତ ପୁଣି ଘୋଟିଯାଏ ମୋହ ,
ତାର୍-ପଣ୍ଡ ସ୍ନାନ ତେଜ ତହିଁ । ୮
ତ୍ରିଦଶ-ମିଥୁନ- କେଳ-ତଳ୍ପ-ନଭେ
ଗ୍ରହଗଣ ଠାବେ ଠାବେ ଝୁଲ
ନିଧୁବନ-ଘାତେ ଛିଣ୍ଡ ମୁକ୍ତାମାଳ ,
ଦଶେ ବିକ୍ଷି ହୋଇ କିବା ପଡ଼ !
ଅଖଣ୍ଡ ଚନ୍ଦ୍ରମା ଦଶେ, ସତେ କିସେ
କପୋଳ-ବର୍ତ୍ତୁଳ-ଉପାଧାନ ,
ସ୍ମରତର-କର- ରୂପେ ପେଟେ ଭରି
ତୂଳିକା, ଦିଶଇ ରୁଚିହୀନ । ୯
ଦଶ ଶତ ଚନ୍ଦ୍ର- ବେଣୀ-ଶାଖାମାନ
ବିବର୍ତ୍ତନେ ମୂର୍ତ୍ତି ପରିଗ୍ରହ
କରି, ରବି ରଶ୍ମି- ରୂପରେ ନଷ୍ଟପ୍ର
ସବୁଥିରେ ଏବେ ଶୋଭାବହ ;

GPNanda Colln., Digitized by srujanika@gmail.com

ଅର୍ଦ୍ଧେନ୍ଦୁ ବଦନ- କୁହରେ ପ୍ରବେଶି ,
ପ୍ରତିଧ୍ୱନି-ରୂପେ ଉଠି ତହୁଁ ,
ଶ୍ରୁତି ପଦ-ରୂପେ ଦାଣ୍ଡେ ବାଟେ ଘାଟେ
ପ୍ରସରି, ଶୁଭଇ କେତେ କାହୁଁ । ୧୦

ଏବେ ଜଳଜର ଅନ୍ଧେଭୁକ-ବନ୍ଧୁ
ଭଗବାନ ଦବ·ବାନ୍ଧବ ଯେ ,
ଅଳପ ମାତର ମଘବା-ପ୍ରାସାଦ-
ଅଳିନ୍ଦ ଅଧରି ଶୋଭା ଦିଶେ ;
ସୁବର୍ଣ୍ଣ-ଶିଖରି- ଭ୍ରମଣ-ବିଳାସୀ
ଅବିରତ ତହୁଁ ବୁଲି ବୁଲି ,
ଶ୍ରମଫଳ ଲଭି, ପ୍ରତୀଚୀ ଗଗନେ
ଧ୍ୱାନ୍ତ ତୋରେ ଏବେ ଦେଲେ ତଡ଼ି । ୧୧

ଶ୍ୟେନ-ପାତ-ଭୟେ ଧ୍ୱାନ୍ତ କରଠକେ
କାହୁଁ ଲୁଚି ଗଲେ ନଭ ତେଜି ,
ପାରାବତ ପରି ତାରାଗଣ ପୁଣି
ଉଡ଼ିଗଲେ କାହୁଁ ଭୀତି ଭଜି :
ଏସନ ଦେଖିଣ ଅଖେଦ-ଅନ୍ତରେ
ବିଦ୍ୱରନ୍ତ ରବି ଜାଣି କିସେ !
ଶଶ-ବିନାଶନ- ଭୟେ ଏବେ ଶଶୀ
ଅଧରେ ଅଶାର ଶେଷ ଦେଶେ ! ୧୨

GPNanda Colln., Digitized by srujanika@gmail.com

ଦେବତା-ନିବାସ-   ଉତ୍ତର ଗଗନେ
  ବନ୍ଦି ହୋଇ ପଡ଼ିଥିଲେ ତାରା ,
ମନେ ହେଉଥିଲା ,   ସୁରସୁନ୍ଦରେ
  ଛିଣ୍ଡି ପଡ଼ିଥିଲା ମୋତି ହାର ;
ପ୍ରାତଃକାଳୁ ଏବେ   ଉଠି ଦିନମଣି
  ସତେ କି ସହସ୍ର କରେ ଧରି
ସଂମାର୍ଜନ ମାନ ,   ଓଲାଇ ଦେବାରୁ
  ନ ଦିଶନ୍ତି ଆଉ ତାରା ଝୁଲ । ୧୩

ତିମିର-ସମୂହେ   ଫୁଟି ଫୁଟି ତାରା
  ଦିଶୁଥିଲା ଯାହା , ନଭ ସତେ
ଦୁର୍ବାଦଳ-ସଙ୍ଗେ   ଅଖଣ୍ଡ ତଣ୍ଡୁଳେ
  ରବି-ଅର୍ଘ୍ୟ-ବିଧି କଲା ଏତେ ;
ସେହୁ ରବିଙ୍କର   ଭୋଜନ-ବିଧାନେ
  ସେହୁ ନଭ ଏବେ ଧରୁ କାଚି ,
ସ୍ଫଟିକ-ଶିଶିର-   ବିନ୍ଦୁରେ , ସଲିଲ
  ଛଳୁରେ ମିଶାଇ ଅଛୁ ବାଢ଼ି । ୧୪

ପୂର୍ବେ ଶୁକ୍ର ମୃତ-   ସଂଜୀବନୀ ପଢ଼ି ,
  ବଞ୍ଚାଇଲେ ଯଥା ଗୁରୁସୁତେ ,
ଦନ୍ତ-ସୂତ-ହୃତ ,   ସୂର୍ଯ୍ୟ-ହୃତ ତମେ
  ବଞ୍ଚାଇବାରେ ସେ ସେହିମନ୍ତ୍ରେ ,

GPNanda Colln., Digitized by srujanika@gmail.com

ପଠନ୍ତେ ମନ୍ତ୍ର ,   ଉଚେ କର ସ୍ୱର ,
  କଣ୍ଠେ ତ ସେ ମନ୍ଦ ଅଚ୍ଛ ରହୁ ;
ହନ୍ଧ୍ୟା-ମୌନ-ବ୍ରତ   ଭାଙ୍ଗିବାରେ ଖାଲି
  ଅଛନ୍ତି ପିନା ସେ ଦ୍ୱିଜ ବହୁ !   ୧୫
ବନ୍ଦନ୍ତି ରବି   ଗଗନେ , ଦେଖନ୍ତି
  ଦବା ଗ୍ରତ ରଣ କ ଆଦରେ ?
ଉଷ୍ଣ-ବିନଶ୍ର ତ-   ଅଶ୍ରୁ-ଜଳୁ-ସ୍ରୋତ
  ଉଦୟ ଶିଖର-ସାନୂ ଧରେ ;
ଝଠି ଆପୂରିବା   ଅରୁଣେ ପ୍ରଣମି ,
  ଅରୁଣ-ଅନୁଜ ଭକ୍ତିବଶେ ,
ନୂତନ ଇଷ୍ଟକ   ପ୍ରାଚୀର ସମାନ
  ପଙ୍କ-ବଶେ ତାର ନକ୍ଷ ଦଶେ ?
ବଳାହ୍ରଦ-ବଲ   ସ୍ଥାପ୍ତିନୀ ବଡବା
  ଦେଖି ତାହାଙ୍କର ପାର୍ଶ୍ୱଗତ
ରବିରଥ ଅଶ୍ୱେ ,   ହେଲେଣି ଉନ୍ମତ୍ତ ,
  ତାଙ୍କ ଭୂଲେ ଏବେ ଇଚ୍ଛି ରତ ;
ରଜନୀ-ବିରହେ   ପଞ୍ଚଶର-ଶରେ
  ପରାଧୀନା ହୋଇ , ଚକ୍ରବାକା
ଗାଢ଼ ଅନୁରାଗେ   କଲଣି କାମନା
  ଦୟିତ-ସଙ୍ଗମେ-ପ୍ରୀତି-କଳା ।   ୧୯

ସ୍ୱଚ୍ଛେ ନରାହାର   ଅଶ୍ୱ-ଶିଶୁମାନେ
  କ୍ଷୀର-ପାନେ ହୋଇ ଉତ୍କଣ୍ଠିତ ,
ହଲ୍ଲଇଣ ପୁଚ୍ଛ   କ୍ଷୁଧାଭରେ ଏବେ ,
  କରନ୍ତି ମଧୁର ହ୍ରେଷା-ରୁତ ;
ଉଠିଲେଣି ଶାଳେ   ତୁରଗନିକର
  କିଙ୍କିଣୀ ବଜାଇ କିଣି କଣି ;
ଲବଣ-ଉପଳ-   ଲେହନ-ବାସନା
  ତାଙ୍କ ମୁଖ ଭଙ୍ଗୀ କହୁଲାଣି ।   ୧୮
ପରିକ୍ଷୀଣ-ଗୁଣ   ସୁଧାକରେ ଯାହା
  ନ କରନ୍ତି ଏବେ ଦୃଷ୍ଟିଗତ ,
ଉଚିତ ଅଟଇ   ସେ ଖଗଗଣର ,
  ଭାଗର ତ ନୁହେ ଅବିହିତ ;
ପଥର ପର୍ ସେ   ତାରାପଥ ବକ୍ଷ ,
  ପାଷାଣ-ମଳିନ ଛବି ଧରେ ;
ନ ହେଲେ ବେନଙ୍କ ବିରହେ କ ତାହା
  ବିଦୀର୍ଣ୍ଣ ନ ହୋଇ ପରକାଶେ !   ୧୯
ଅରୁଣ-କିରଣ-   ଅନଳେ ଯେ ସନ୍ଧ୍ୟା
  ତାରାଗଣେ ଲଜ୍ଜ-ହୋମ କରେ ,
ସେ ସଂଧ୍ୟାରେ ନବି   ଦ୍ୟୁମଣି ବିବାହ
  କରୁଛନ୍ତି , ହୃଏ ମାନସରେ ;

GPNanda Colln., Digitized by srujanika@gmail.com

ଅଗେ ବଧୂ ,ପଛେ ବର , ସେ ଅରୁଣେ
   କରୁଛନ୍ତି ପଛା ଅଗ୍ନି ଭ୍ରମ ;
ସକୌତୁକ ତାଙ୍କ   କର ଦେଖିବାକୁ
   ନୁହଇ ଉତ୍ସୁକ କାହା ମନ ? ୨୦
ଅହେ ରତି-କାମ-   ସୁନ୍ଦର-ଯୁଗଳ
   ନଗ୍ନାଗ୍ର୍ୟ ଅମ୍ଭେ ଜଣାଶୁଣା ,
କରମ ଅମୃତ   ପ୍ରିୟ ବୋଲିବାର ;
   ପରୁଷ ଅଜ୍ଞ ଏ ପ୍ରବୋଧନା ,
ଧର୍ମଦ୍ରୁହ-ସୁଖ-   ବିଘ୍ନେ ବିରଚିତ
   ରୂଷିଣ , ନ କର ରୋଷ ଏବେ ,
ନୂତନ ମହର୍ଷୀ   ଜାଣନ୍ତୁ ଏ ସବୁ ;
   ପ୍ରମୋଦେ ରହି ସେ ସୁଖୀହେବେ । ୨୧
ଅହେ ତପୋନିଷ୍ଠ , ତେଜ କାନ୍ତା ଶୀଘ୍ର,
   କର ଏବେ ସଂନ୍ଧ୍ୟା-ଉପାସନ ;
ଦେଖି ନିଶାନୁଜା   ସଂଧ୍ୟା ହେ କିପାଁଇ
   ଚଂଚଳ ନୁହଇ ତବ ମନ ?
ଏହୁ ତ ସବିତା   କର ବସିଲେଣି
   ଚୃରୁ ଅଭ୍ୟୁଦୟ ଅବସର ,
ଇନ୍ଦ୍ର-ଦିଗ-ବଧୂ   ପୂର୍ଣ୍ଣ-ଗୁଣ-ଗର୍ଭେ
   ରହିବ ହେ ଆଉ କେତେକାଳ ? ୨୨

GPNanda Colln., Digitized by srujanika@gmail.com

ଦମୟନ୍ତି , କାମ- କଳା-ବଶେ ତୁମ୍ଭେ
ହରିଛ ନୈଷଧ-ନାଥ-ମନ ,
ଏ ଅତି ବିଚିତ୍ର , ସେ ଅତି ଶିଥିଳ
କରିବାରେ ଧର୍ମଅନୁଷ୍ଠାନ ;
ବନ୍ଧ୍ୟାକର ସଂଧ୍ୟା ନଗଣନ୍ତି ଏବେ
ଦୂଷଣ ନୈଷଧ-ନରପତି ;
ହେଲା ଏ ସକାଳ , କିପାଁ ତାଙ୍କ ମନ
ନୁହେ ନମିବାକୁ ଦିନ-ପତି ? ୧୩
ପରମ ବିଦୁଷୀ ଅଟ ମନସ୍ୱିନୀ ,
ନିଜେ ଗୋ କାରଣ ହୁଅ ନାହିଁ
ପ୍ରାଣନାଥଙ୍କର ନିତ୍ୟ-କର୍ମ-ଭ୍ରଂଶେ ,
ଦୁରିତ ଲାଗଇ ଜନେ ତହିଁ ;
ତୁମ୍ଭ ହେଳି ସେହୁ ନ ଘଟିଲେ ଶେଷ ,
ଅରପିବେ ପିନା ଅକାରଣେ
ପର-ଅପବାଦ- ଶ୍ରବଣ-ପୁରୁଷେ
କାମୁକତା-ଦୋଷ ଏ ସ୍ୱଜନେ ! ୧୪
ମୁଞ୍ଚ ଏବେ ହେଲେ କ୍ଷଣକାଳ ପାଇଁ
ତବ ଶ୍ରେଷ୍ଠ ସହଚରୀ ଦେବ ,
ଅଳପ-ନିର୍ଗତ ରବି କରେ ନିଜ
କୁଙ୍କୁମ-ଲେପନ କରେ ନବ ;

GPNanda Colln., Digitized by srujanika@gmail.com

ଭୂମୁହୁ ନଳନେ   ପ୍ରସ୍ଥାନ ମନାସି
ଶୋଭାଗ୍ଣୀ ହୋଇ ତତପର ,
ଉଦଧି-ନିର୍ଗତ-   ରବି-ସ୍ୱର୍ଣ୍ଣ-କୁମ୍ଭେ
ଦେଖିବାରେ ହୁଏ ତରତର । ୨୫
ରବିକରେ ଏବେ   ପ୍ରଥମେ ନିରେଖି
ଇନ୍ଦ୍ରଙ୍କର ଶିଖି ପୂର୍ବ ଦଗେ ,
ତହୁଁ ଅପି ଏଥି,   ଦେଖିବେ ରାଜନ
ତବ ଶିଖି କେତେ ଅନୁରାଗେ ;
ଉଦ୍ଧାପୋହ କ୍ଷମ,   ପନ୍ଥ ସେ କିରଣେ
ଦେଖି ଏବେ ବେନିଙ୍କର ଟିପ୍ପି ,
ସାମାନ୍ୟ-ବିଶେଷ-   ବିଚ୍ଚରେ ଦେଖାନ୍ତୁ
ନିଜ ବିବେକର ସେ ଶୁଭୁଷି । ୨୬
ପୁଂସ୍ପଣେ ବଳ-   ବାନ ଅଳକୁଳ
ଅନଛିଟିଥିଲ ପଦ୍ମ-ମୁଖେ
ପ୍ରବେଶିଣ, ପୁଣି   ବାହାରି ସତ୍ୱର
ଧରି ପଦ୍ମ-ରସ କିବା ସୁଖେ ,
ସେ ମଧୂ-ସୁରସ   ପ୍ରଭାତ-ସମୟେ
ନିଜମୁଖୁଁ ଏବେ କରିଦାନ
ପ୍ରେୟସୀ ବଦନେ,   ପ୍ରେୟସୀ-ନବାନ୍ନ-
ଉତ୍ସବ କରନ୍ତି ଅନୁଷ୍ଠାନ ! ୨୭

GPNanda Colln., Digitized by srujanika@gmail.com

ସରୋଜନୀ ଦେଖ   ସରୋଜ-ବାନ୍ଧବ-
କରେ ଫିଟାଉଛ୍ଥି ଏକ ଦଳେ ;
ଦେଖି , ଦବଶକ-   ମନେ ଭୂପୁଜଇ ,
ସତେ କି ମେ ଦେଖୀ ପ୍ରାତଃକାଳେ ,
ମିହୁର-କିରଣ-   ଭୋଜ୍ୟ ଗ୍ରହଣରେ
ପ୍ରବୃତ୍ତ ହେବାର ଅବସ୍ଥରୁ,
ଅମୃତ-ସ୍ତ୍ରରଣ-   ମନ୍ତ୍ର ଗ୍ରହଣରେ
କର-ପ୍ରସାରଣେ ଧରେ ଚଞ୍ଚୁ ! ୧୮
ତଟ-ମହୀରୁହ-   ନୀଡରେ ଖେଚର-
ଧ୍ୱନି ଉଠେ ମୃଦୁ କଳ କଳେ ,
ଫିଟାଇଣ ଦଳ   ନିଦ୍ରା-ଭଙ୍ଗ-ମୁଦ୍ରା
ଦେଖାଏ ପଦ୍ମିନୀ ସରୋବରେ ;
ମଧୁର ସୁରସ   ମଧୁପାନ କରେ
ମଧୁପ, ସରୋଜ-ଗର୍ଭଂ ହରି ;
ମଧ୍ୟେ ମଧ୍ୟେ ପୁଣି   ସୁଧାରସ, ନିଜ
ବଧୂ ଅଧରରୁ ପାନ କରି । ୧୯
ବିଗତ ସନ୍ଧ୍ୟାରେ   କମଳିନୀକର
କମୀଳନେ ଯେବେ ହେଲେ ବନ୍ଦି ,
ମଧୁ-ଲୋଭେ ତହିଁ   ଥିବା ମଧୁକରେ
ତା' କୋଳେ ରହିଲେ ହୋଇ ବନ୍ଦୀ ;

୫୩୭

GPNanda Colln., Digitized by srujanika@gmail.com

ଏବେ ଯେ କମଲେ   ହେଉଛନ୍ତି ଭଗ୍ନ ,
   ବାହାରି ଅସନ୍ତି ସେ ଭ୍ରସଲେ ,
ମଧୁଭୋଜନ ପୁଣି   ମଧୁର ପାରଣା
   କରୁଛନ୍ତି, ସହଚରୀ-ମେଳେ । ୩୦
ତମିସ୍ର-ବିରହେ   ହଶଇ ପାଣ୍ଡୁର
   ସଙ୍କୁଚିତ-ତାରା ଦିଗଗଣ ;
କମଲ-ହସିତେ   କେବଣ ସରସୀ
   ଧବଳ ବରଣା ନୁହେ ପୁଣ ?
ତପନ-ଭରସେ   ଶରଣାର୍ଥୀ ତମେ
   ଛାଡ଼, ସେ ତପନେ ମୃଦେ ଧରି ,
ଗଗନ-ଶିଖର   ସେ ଅକୀର୍ତ୍ତି-ଫଳେ
   ଦେଖାଏ ନିଜର ନୀଳ ଶିଖା ! ୩୧
ଉଦିତ୍ୱର ନିଜ   ସହାୟ ତପନ
   ଦେଖି ସରୋରୁହେ ହସିଲେଣି ;
ଯତ-ରୁଚି ନଳ   ବନ୍ଧୁ ଚନ୍ଦ୍ରେ ଦେଖି
   କଇରବେ ତନ୍ଦ୍ରା ଭଞ୍ଜଲେଣି ;
ହିମଶୋଭି-ହିମ   ଗିରି-ଶିଳା-ଖଣ୍ଡ-
   ସମ ଶୋଭାବନ ଯେଉଁ ସ୍ଥିତ ,
ରଜନିମଧ୍ୟେ ତାହା   କୁମୁଦୁଁ କମଳ
   ଘେନ ଦିଶେ କିବା ହରଷିତ ! ୩୨

GPNanda Colln., Digitized by srujanika@gmail.com

ଯାକା ରାତ୍ର ଧରି   କୁମୁଦ-ମଧ୍ୟରେ
  ପୂରାଇଛୁ ଯେଝ ମଧୁକର ;
ସକାଳେ ସେ ଏବେ   କମଳେ ଅପିଛୁ ,
  ପିଉ ବା ନପିଉ ମଧୁ ତା'ର ;
କରନ୍ତ-ବିରସେ   ନପିଇଣ ମଧୁ ,
  ଗୃହ୍ଣି ବସିଥିଲା ରାତ୍ରଯାକ ,
ପ୍ରେୟସୀ-ଅଧର   ମଧୁରୂପେ ଏବେ
  ପାନ କରୁ ସେହୁ ଚକ୍ରବାକ । ୩୩
ସୁରାଗମ ତତ୍ତ୍ୱ   ରଥାଙ୍ଗ ଯୁଗଳ
  ଜାଣନ୍ତି ଏକା ଏ ଜଗତେ ;
ରାତ୍ରରେ ବିରହେ   ରହି, ପୁଣି ସୁଖ
  ଭୁଞ୍ଜୁଛନ୍ତି ସେହୁ ନିତ୍ୟ ପ୍ରାତେ ;
ସତତ ଅମୃତ   ଖାଇ ଖାଇ ସବା
  ବିରାଗେ ଅମୃତ-ଭୋଜୀ ପ୍ରଭୁ
ଅରୁଚି-ଭୋଗରେ   ବ୍ୟସ୍ତ ହୋଇ, ସୁଖେ
  ପାନ କରିଥିଲେ ବିଷ ଶମ୍ଭୁ ! ୩୪
ରଜନୀ ବରଜ ,   ଯୁବତି-ବିଯୋଗ-
  କଷଣ ତଜନ୍ତେ ନିଶାକର ,
ନକହୃଦ ତେଜ   କରନ୍ତର ତାପ ,
  ଭଜବାକୁ ଯାଇ ସୌରକର ,

GPNanda Colln., Digitized by srujanika@gmail.com

ଚକ୍ରବାକ ଏବେ ବରହ-ଢରଳ
 ଜହ୍ନା ଗ୍ଲଳ , ସବେ ନାମ ଧର ,
ସରସୀ-ଉରସେ ଲୋଡ଼ୁଥନ୍ତ ଦେଖ ,
 ବାରମ୍ବାର ତାଙ୍କ ସହଚରୀ । ୩୫
ସୂର୍ଯ୍ୟୋଦୟ ମାତ୍ରେ ମୁକୁଳ-ନୟନ
 ମୃଦ କୁମୁଦନୀ ଅଙ୍ଗପର
ନ ଦେଖଇ ବୋଲ , ବୃଥା ଜନେ ସେନା
 କହୁଥାନ୍ତ ତା'ରେ ନନ୍ଦା କର ;
ମନୀଷି-ବଚନେ ପଢ଼ିଛ , ଶୁଣିଛ ,
 "ସୂର୍ଯ୍ୟ ନ ଦେଖନ୍ତ ରାଜ ଦାର" ;
କୁମୁଦନୀ ସେ ଙ୍କ ନୁହେ ରାଜ ଦାର ,
 ତଜ ଦ୍ୱିଜରାଜେ ସେନ୍ତୁ ବାଲା ! ୩୬
ଚ୍ଛୁକ୍ତେ ତାମସ- ପାନଙ୍କା:ସ୍ଲ ରବ
 କର ଛୁଦ୍ର ଜଲ ବନ୍ଦୁ ପଢ ,
କମଳ୍ଗଁ ଗଗନେ ଉଠି ଭୃଙ୍ଗକୁଳ
 ଦଶୁଛନ୍ତ ଦେଖ ଜୁଡ଼ , ଉଡ ;
ଶତଦଲ-ମଧୁ- ସ୍ରୋତ-ବେଳା ଭଙ୍ଗ,
 ପିଉଗଲେ ସବୁ ମଧୁ ଯହ୍ନିଁ ,
ମନେ ନ୍ହୁଏ , ସେହ ତଟେ ଦଶିସିବା
 କର୍ଦ୍ଦମ , ନୁହନ୍ତ ଅଙ୍ଗ ସେହ୍ନୁ । ୬୩

GPNanda Colln., Digitized by srujanika@gmail.com

ଲୋହିତେ-କୁଙ୍କୁମ ସୁମନ-ପଟଳ
କର୍ଣ୍ଣି , ବାଳ-ରବି-କର-ଜାଳ
ସର-ପରିସରେ ଶକ୍ତି ହୋଇ ପଡେ ,
ଦଶେ ଅହା ରୁଚି କି ସୁନ୍ଦର !
କଳକ-ଅମୋଦ- ମୋଦେ ମଧୁକରେ
ଉଡ ସେ ଲୋହିତେ ଯାନ୍ତି ମିଶି ,
ଗୁଞ୍ଜାଫଳ ପରି ସରୋବର ତୀରେ
କି ସୁନ୍ଦର ଶୋଭା ପରକାଶି ! ୩୮
ନବ-ରବି-ରୁଚି- ଲୋହିତ-ବରଣେ
ଲୋହିତ ଦଶଇ ସରୋବର ;
ଉତ୍ପଳ-ନିକର ପଡି ତହିଁ , ପୁଣି
କରେ ସେ ସରସୀ ନୀଳତର ;
ଉଦର-ମଣ୍ଡଳ ପାଣ୍ଡୁର ଦଶଇ
କମଳ-କଳିକା-ଦରହାସେ ;
ବିଚିତ୍ର କର୍ବୂର ଚିତ୍ରଣେ ଏ ସର
ଅହା କି ସୁନ୍ଦର ପରକାଶେ ! ୩୯
କମଳନୀଠାରେ କି ଭୁଂଶଳ ଅହା
ପୁଂସ-ବ୍ରତେ ସେହୁ ଦମୟନ୍ତୀ ;
ଲକ୍ଷ୍ମୀଙ୍କ ନିବାସ ସେହୁ ସେ କମଳେ ,
କବିଗଣେ ତାହା ଭଲେ ଜାଣି ,

GPNanda Colln., Digitized by srujanika@gmail.com

ଦଅନ୍ତି ଉପମା ଲୋକ-ନେତ୍ରେ, ତେଣୁ
  ଲୋକ-ନେତ୍ର ବିକାଶଇ ରବି ;
ଅଲକ୍ଷ୍ମୀକ ବୋଲି ପେଚକ ନୟନ
  ବୁଜ ହୁଏ ସିନା ଅନୁଭବି । ୪୦
ଜାଣନ୍ତି ଜଗତେ , ହେ ଯାଜ୍ଞିକ-ବର,
  ମହା ଭକ୍ତି ତବ ସେ ତପନେ ;
ଉଦୁଛନ୍ତି ସେହୁ , ମଠ ହେ ନକର ,
  ବେଗେ ପୂଜ ତାଙ୍କୁ ଅର୍ଘ୍ୟଦେଇ ;
ଉଠି ସ୍ତବ କରି, ସେହି ଅର୍ଘ୍ୟଦେଲେ
  ସବିତାଙ୍କୁ ଦିଅ ଜଳାଞ୍ଜଳି ;
ମନ୍ଦେହ-ରାକ୍ଷସ- ଧ୍ୱଂସନେ ସେ ଜଳ
  ହୁଅଇ ଏ କାଳେ ବଜ୍ର ପରି । ୪୧
ଉଦୟ-ଶିଖରି- ଶିଖରେ ଅକ୍ଷୟ-
  ଅରୁଣ-କିରଣ-ରୂପେ ଥିଲି
ମାଣିକ୍ୟର ଖଣ୍ଡି , ରଜନୀ-ତାମସ-
  ତାମସ-ପଥରେ ହୋଇ ପୋତା ;
ସେ ଦୃଢ଼ ତାମସ- ଆବରଣ ଖୋଲି ,
  କାଢ଼ି ଦେଖାଇଲା ରହସ୍ୟକୁ ,
କିଏ ସେ ଅଛଇ ସେହୁ ଭାଗ୍ୟବନ୍ତ ,
  ନ ବୁଝଇ କେହି , ମନେ ହେଜ । ୪୨

GPNanda Colln., Digitized by srujanika@gmail.com

ଦାତା-କଣ୍ଠଠାରୁ   ମାଗି ନେଇ ଥିଲେ
  କୁଣ୍ଡଳ-ଯୁଗ ସେ ଦେବରାଏ ;
ପ୍ରେୟସୀ-ଶ୍ରୁତିରେ   ସେ କୁଣ୍ଡଳ ସତେ
  ଦେଇଥିଲେ କି ସେ ଅତି ସ୍ନେହେ !
ନୂତନ ଉଦୟ   ବେଳେ ନିଶାମଣି
  ଦିଶୁଥିଲା ତାଙ୍କୁ ଏକ ପରି ,
ସ୍ୱର୍ଣ୍ଣ-କର-ସ୍ରାବୀ   ନବୀନ ଭାସ୍କର
  ଅରେକ ପଲ୍ଲବ ଦଳେ ଝୁଲ । ୪୩
ଗତ-ଦିନ-ଶେଷେ   ଦୀପ୍ତି-ପତି ରବି
  ପଶ୍ଚିମାଶା ଧରି ଚଳେ କାହିଁ
ଗଲେ ଯେବେ , ସତୀ   ଦୀପ୍ତିରାଣୀ, ତାଙ୍କୁ
  ଅନଳେ ପଶିଲେ ପଛ ଯାଇ !
ପଶି ସେ ଅନଳେ,   ଯାଇ କି ପାତାଳେ,
  ଉଦ୍ଧାରି ରବିକି ସତେ ସତୀ ,
ଇନ୍ଦ୍ର-ପୁର ଲଭି,   ବସନ୍ତି ସେ ଏବେ
  ସାକ୍ଷାତରେ ଧରି ସତୀ ମୂର୍ତ୍ତି ! ୪୪
ପିତା ମାତା ଯେବେ   କୃଷ୍ଣ-ବର୍ଣ୍ଣ-ଖାଦ୍ୟ
  ଖାଆନ୍ତି , ସେ ଫଳେ ପିଲାମାନେ
ହୁଅନ୍ତି ବରଣେ   କୃଷ୍ଣ , ଏ ମନୀଷି-
  ବଚନରେ ଏକା ମନମାନେ ;

GPNanda Colln., Digitized by srujanika@gmail.com

ଯମ, ଶନି, ପୁଣି   ଯମୁନା ସୁନ୍ଦରୀ
  ରବିଙ୍କର ଏତେ ସୁତା ସୁତ ;
ତାମସ ଭୂଷଣ   କରନ୍ତି ସେ ରବି ,
  ତେଣୁ କୃଷ୍ଣ ହେଲେ, ଲାଗେ ସତ ! ୪୫
ପ୍ରତି ରଜନୀର   ଶେଷେ ଦିନମଣି
  ଜନମାଉଛନ୍ତି ଦିନକାଳ ;
ସେ କାଳ-ଜନମ   ଅଭ୍ୟାସ ତାଙ୍କର
  ହୋଇଅଛି , କରି ବାରବାର ;
ସେ ଚିର ଅଭ୍ୟାସ   ସ୍ୱଭାବଟି ଏବେ
  ହୋଇ ଯାଇଅଛି ତାହାଙ୍କର ;
ଯମ ଯମୁନାଙ୍କ   ଜନମ-କ୍ଷଣେକେ
  ଦେଖାଯାଏ ତେଣୁ ତା'ର ଫଳ । ୪୬
ରୁଚିର-ଚରଣ-   ଦେବତା , ସୁନ୍ଦର-
  ସାରଥି-ସନାଥ ତାଙ୍କ ରଥ ;
ଲୋକ ତାରିବାକୁ   ଶନି ଯମ ପରି
  ପୁତ୍ର ଜନ୍ମ କଲେ ଦିନ-ନାଥ ;
ଉଭାଙ୍କ ପଛିରେ   କୃପାସିନ୍ଧୁ , ପୁଣି
  ଦୁଷ୍ଟଙ୍କର ବାନ୍ଧବ ସେ ଭାସ୍କର ;
ଏଥିରେ ଦୁର୍ଜନେ   ହସନ୍ତି ତାହାଙ୍କୁ ,
  ନ ହସିବ ଅବା କେଉଁ ବାଳ ? ୪୭

GPNanda Colln., Digitized by srujanika@gmail.com

ଶିଶିରଜ-ବେଗ- ବାରଣେ ଝଟିତ
ସୁଖ ଉଷ୍ମ ଦେଇ ବସନ୍ତରେ ,
ଖର-କର-ଶୁଷ୍କ- ମୁଖ-ଜନେ ଦେଖି ,
ସୃଜଇ ବରଷା ଜଳ ଧାରେ ;
ଜଳ-ଭସ୍ମ-ତାପ ନିବାରି ଶରଦେ ,
ହେମନ୍ତେ ଅଣଇ ଭୁବନ ସେ ;
ଏସନ କ୍ରମରେ ପରହିତ ଯୋଗ୍ୟ
କରଇ , ସେ ରବି ଉଇଁଦିଶେ । ୪୮
ଗୃରି ଦିଗେ ଧାଇଁ ତମିସ୍ର ପଙ୍କତି
ସେ ଦିଗ ଉଦ୍ଧଙ୍ଗେ କଲେ ସ୍ଥିତ ,
ଝଣକେ ସରଳ ଶଙ୍କର ଲମ୍ଭାଇ
ନାଶ କରେ ତା'ଙ୍କ ଦିନପତି ;
ଛାୟାରୂପେ ଯେବେ ଅଣ୍ଡା କରେ କାହିଁ
ସେହି ତମ ପୁଣି ତରୁବରେ ,
ଏ ଅତି ବିଚିତ୍ର , ସେହି ସେ ସବିତା
କ୍ଷମ ନୁହେ ତା'ରେ ନାଶିବାରେ ! ୪୯
ଜଗତେ ତିମିର , ମୂର୍ଚ୍ଛା ପୁଣି ଅନ୍ଧ-
ବ୍ରଜେ ନାଶ କରେ ଯେ ଭାସ୍କର ,
ତାଙ୍କରି ତନୁଜ ଅଶ୍ୱିନୀ କୁମାରେ
ଚିକିତ୍ସନ୍ତି ନର-ଦେବ-କୁଳ ;

GPNanda Colln., Digitized by srujanika@gmail.com

ଯେହ୍ନ ରବି ପୁଣି   କୁମୁଦନାକରେ
  ଅପମୃତ୍ୟୁ-ବିଧି ଆଚରନ୍ତି ;
ଉଚିତ ଏ ସିନା   ପୁଣି ସେହ୍ନ ତାଙ୍କୁ
  ସେ ପରେତରାଟ ଜନମନ୍ତି । ୫୦
ପତ୍ର ଛଡ଼ଗଲେ   ବୋଲି ପଦ୍ମିନୀରେ
  ପୀଡ଼ିଥିଲେ ଯାହା ଉଡ଼ୁପତି ,
ଭାନୁ ଜାୟା ସେହ୍ନ   ବିହିନୀରେ ପୁଣି
  ହସିଥିଲେ ଯାହା କୁମୁଦ୍ୱତୀ ,
ବର କୋକ ପରି   ଅରୁଣ ଦ୍ୟୁତିରେ
  ବାହାରନ୍ତେ ଏବେ ନଭେ ରବି ,
ସଂକୋଚରେ ମଉଳେ   କୁମୁଦିନୀ , ପୁଣି
  ପ୍ରଭାହୀନ ଦିଶେ ବିଚ୍ଛବି । ୫୧
ଶ୍ରୁତିମୟ-ବପୁ   ସବିତା ପାତାଳେ
  ଥିଲେ ଯେବେ ରଜନୀରେ ରହି ,
ସହସ୍ର କିରଣେ   ବେଦ ଶାଖାମାନ
  ବିକାଶି ଦିଶିଲା ସ୍ୱର ବହି ;
ମହୀତଳ ପରେ   ସେହ୍ନ ରଜନୀରେ
  ଭ୍ରମି ଚନ୍ଦ୍ରଶ୍ରବା ଆହିପତି ,
ସହସ୍ର ଫଣାରେ   ଦ୍ୱିସହସ୍ର ନେତ୍ରେ
  ଦେଖିଲେ , ଶୁଣିଲେ ସେହ୍ନ ଶ୍ରୁତି । ୫୨

GPNanda Colln., Digitized by srujanika@gmail.com

ପ୍ରଭାତ-ତପନେ ଖର ନୂହେ କର
ବିଦଳ ଘରବେ ଅଚ୍ଛ ଏବେ ,
କମଳ–ବାନ୍ଧବ- ପ୍ରବାଳ-ସମାନ
ଫୁଟଇ ସେ କର ଲୋକ ହୃତେ ;
ଅଧୃତ ସେ କର ଗବାକ୍ଷ-ବିବରେ
ଘରେ ପଶି ଏବେ ଶୋଭାପାଏ ;
ସତେ କି ଅଙ୍ଗୁଳ ଲମ୍ବାଇ ପରଶି
ଦିନମଣି କର ଖେଳଯାଏ ! ୨୩
ଚନ୍ଦ୍ର-ଶାଳା–ଗୃହ ଗବାକ୍ଷର ଜାଲେ
ଭେଦ ଅଚ୍ଛ ସେହୁ କରାଙ୍ଗୁଳ ,
ଝୁଲଙ୍ଗ-ସମାନ ରେଣୁ ଉଡ଼େ ତହିଁ ;
ବିଶ୍ୱକର୍ମା ସେହ ଶାଣ ଧରି ,
ମନେ ହୁଏ ଘୁଣି କୁନ୍ଦଇ ସେ ରବି !
ସେ କିରଣ ନେବେ କର ପାନ ;
ନୟନ-କମଳେ ପଦ୍ମନାଳ ପର
ବଣ୍ଟୁ ତବ ଏବେ ସେ କିରଣ ! ୨୪
ଦ୍ୱିବସନ୍ତ ଏବେ ନାଦିତ-ସମାନ
ଚଣ୍ଡ-ରବି-କରେ ତୀକ୍ଷ୍ଣ ଛୁର
ଧରିଣ, ରଜନୀ ଦେହର ତିମିର
କବରୀ ଛେଦଣ କରେ ଦୂର ;

GPNanda Colln., Digitized by srujanika@gmail.com

ସେହୁ ସେ ଚତୁର   ନଚର ଦଣଇ
ଏଣେ ତେଣେ ପଡ ମହାଛଳେ ,
ଗହଳ ବିପିନେ   ଘନ ଲୋକାବାସେ
ଜଳେ ସ୍ଥଳେ କେତେ ଛାଇ-ଛଳେ । ୫୫

ହେ ନୃପତି, ବାଜେ ଶଙ୍ଖ ଲୋକ-ମଙ୍ଗଳେ ,
ତବ ଯଶ ବୋଲି ତା'ରେ ମଣୁ ମନରେ ;
ଲକ୍ଷିତ ସ୍ୱରୂପେ ସ୍ପଷ୍ଟ ଦ୍ୱିଜେନ୍ଦ୍ର ଏହୁ ;
କର ଛେଦେ ନାହିଁ ପୂର୍ବ ପ୍ରକାଶ ଆଉ ;
କୁରଙ୍ଗେ ସେ ମ୍ଳାନ-ସ୍ଥାନ ଧରଇ ଦେହେ ,
ସାଗରୁ ଜନମି ଶଙ୍ଖ ଭ୍ରାତା ହେଲେହେଁ ,
ହେବ କେସେ ତୁଲା ତବ ଯଶେ ନୃମଣି ,
କେସନେ ଏ ଶଙ୍ଖେ ତା'ରେ ତୁଳନ ପୁଣି । ୫୬

ତାସ୍ତ-ଶଙ୍ଖ-ଲୋପ-   କାନ୍ତି, ଜଳଜର
ଭେଦ[illegible], ସ[illegible]ତା ଧରଇ କରେ ,
କରପତ୍ର ଯଥା,   ତେସନ ସେ ବଧୂ
ଅର୍ଦ୍ଧ-ଅଶ୍ରୁ ହୋଇ ବିକାଶ ଧରେ ;
ଶେଲ ଯା[illegible]ଥିବା   ସଞ୍ଚାର କରେ
ଲଭୁଅଛୁ ସେହୁ ପୀଡନ ଘୋର ;
ଶଙ୍ଖ-ଗୁଣ୍ଡେ ଜଳ   ଲାଗି, ସେ କର୍ଦ୍ଦମେ
ହୋଇଅଛୁ ପାଣ୍ଡୁ ଶରୀର ତା'ର । ୫୭

GPNanda Colln., Digitized by srujanika@gmail.com

ଫିଟାଇ କମଳ, ରବି ଫିଟାଏ ନୟନ ,
ପୁରିଇଲେ ହରିନେତ୍ରେ ସହସ୍ର ନଳିନ ,
ନେଶ ସରୋରୁହ ତେବେ ଏକାକାର ସତ ,
ମହାକବି ଉପମାରେ ତହିଁ ସେ ବର୍ଣ୍ଣିତ । ୫୮
ପଦ୍ମ ନେତ୍ରୋଦର ଫେଇ, କମଳାକରରେ
ରାତିସାରା ସେ କୁମୁଦ ଜଗି ଜାଗରେ ,
ଗର୍ଭ-ବନ୍ଧ-ଭଙ୍ଗ-ରବେ ଘୁଙ୍ଗୁଡ଼ି ମାରି ,
ହନେ ନିଦ୍ରାସୁଖେ ଏବେ ପଡନ୍ତି ଢାରି । ୫୯
ସତେ ଏ ପ୍ରଭାତେ 'କିଏ କଲା ?' ବୋଲି
ପଚାରଇ କାଉ ଆହ୍ୱାନ କୋଇଲି
'କାଆ କାଆ' ରବେ ; ଉତ୍ତରେ କୋକିଳ
'ତୁହି, 'ତୁହି' ବୋଲି, ଶୁଭେ କି ସୁନ୍ଦର ! ୬୦
ପାଣିନିର ବେଦଜ୍ଞ ଶିଷ୍ୟ ଏ, ଏଥି କପୋତ ଛଳେ ,
ଘୂର୍ଣ୍ଣ ଘୋଷିସାରି ଲଗାଇ ଖଣ୍ଡଧୂଳି ଦିଗାରେ
କଣ୍ଠେ, ଯାଉଥିଲା ବିସ୍ମରି ସବୁ ଦଇବ-ବଂଶେ
ସକାଳେ ସ୍ମରି 'ଘୂ-ସଙ୍ଗା', ଶିର କମ୍ପାଇ ଘୋଷେ ।
ଜାମ୍ବୂନଦ ତନୁ, କୁଙ୍କୁମ ଭାସ୍ୱର ,
ଇନ୍ଦ୍ରଦଗେ ଶୋଭେ ବୈଜୟନ୍ତ ପୁର ;
ଚୂଡ଼ାରେ ତାହାର ସ୍ୱର୍ଣ୍ଣ କୁମ୍ଭ-ହାସେ
ନବ ଦୀପ୍ତ ରକ୍ତ ଭାନୁ ପରକାଶେ ;

GPNanda Colln., Digitized by srujanika@gmail.com

ସେ ଲକ୍ଷ୍ମୀ ଲୋହିତ-ଚଷ୍ପଳ-ସମାନ ,
ବାହାରି କିରଣ ହଲେ ଶୋଭିବନ ;
କୁମ୍ଭୋଦ୍ଭବ ସେହି ନବ ରବି-କର
ପିଇଯାଏ ଦେଖ ତିମିର ସାଗର । ୭୨
ତିମିର-ତମାଳ-ବନ-ଗ୍ରାସେ ଦାବପରି ,
ଶତପତ୍ର-ବନେ ଶୁଭ୍ର କର୍ପୂର ସାରି ,
ଉଷ୍ଣ-ଦ୍ୟୁତି ସେତୁକାମେ ପିଷ୍ଟ ପେଷଣରେ ,
ବୃଥା ଏବେ ରଶ୍ମି ଭ୍ରମିଅଛେ ବେଗେ ଢାଳେ ! ୭୩
ତିମିର-ଜଳଧି-ବାଡବ-ଅନଳ ,
ସେ ରବି, କମଳ-ବନ-କେଳ-ଖେଳ
ସାରି, କିପାଁ ଏବେ ଧବଳ ନନ୍ଦଣେ ,
କମ୍ପା ରକ୍ତ-କରେ ବ୍ୟୋମ ପରକାଶେ ?” ୭୪
‘ପ୍ରଭାତ-ବର୍ଣ୍ଣନେ ତବ ତୋଷ ବହୁ ଗୁଣୀ ,
ଦେଲେ ନିଜ ଭୂଷା’, ବୋଲି ଦାସୀଗଣେ ଆଣି
ବୈତାଳକେ ଦେଲେ କେତେ ଅଳଙ୍କାରମାନ ,
ଲୋହିତ-ମାଣିକ୍ୟ-ରୁଚି ଚହି ଶୋଭିବନ ;
କ୍ରୋଧ-ନେତ୍ର-ରାଗ କି ସେ ଦାରିଦ୍ର୍ୟ ତାଡନେ !
ଅନନ୍ତେ ତା’ ବୈତାଳକେ ଘେନିଲେ ସମ୍ମାନେ । ୭୫
ବିବାହ-ଯୌତୁକେ ରଥ ପାଇଥିଲେ ନଳ ,
ପୁଷ୍କର ଜଣି ସେ ମନ-ଗତି ଅନର୍ଗଳ ;

GPNanda Colln., Digitized by srujanika@gmail.com

ତହୁଁ ତଡ଼ି, ବନ୍ଦମାନେ ଅସିବା ଆଗରୁ ,
ବିସ୍ମୃତ୍‌ଗଙ୍ଗା ସ୍ନାନେ ଯାଇ ଥିଲେ ସ୍ୱଏ ଘରୁ ;
ପ୍ରାତଃସ୍ନାନ ସାରି ଏବେ ଅସିଲେ ସେ ଫେରି ,
ଦେଖିଲେ ବନ୍ଦଏ ଉଷା-ସ୍ତୁତି-ଗାନ ସାରି । ୬୬

କବିରାଜ ରାଜ- ମୁକୁଟ-ଭୂଷଣ-
ହୀରକ ଶ୍ରୀହୀର ଜନକ କବି ;
ତନୟ ଶ୍ରୀହର୍ଷ ଜିତେନ୍ଦ୍ରିୟ ବର ;
ଜନନୀ ତାହାଙ୍କ ମାମଲ୍ଲ ଦେବୀ ;
ନବାର୍ଥ-ଘଟନା ସଦା ତାହାଙ୍କର ;
ତାଙ୍କ ରଚିତ ଏ ନଳ ଚରିତ
ମହାକାବ୍ୟ; ତହିଁ ଶେଷ ହେଲା ଏହୁ
ଊନବିଂଶ ସର୍ଗ ସର୍ଗ-ମହତ ।

GPNanda Colln., Digitized by srujanika@gmail.com

ଊନବିଂଶ ସର୍ଗର ଟୀକା

(ଅଙ୍କରୁ ଶ୍ଳୋକାଙ୍କ ବୁଝିବାକୁ ହେବ)

୧ – ଚରମଦଶା = ଶେଷ ଅବସ୍ଥା ।

୩ – ବରୁଣ-ଗୃହିଣୀ ଯଶା = ବାରୁଣୀଦିଗ । ନିରଂଶୁକ = ଅଂଶୁ ବିହୀନ ; ବସ୍ତ୍ର ବିହୀନ । ବାସବ-ମହିଷୀ-କାଷ୍ଠା = ପୂର୍ବଦିଗ ।

୬ – ଋଚ = ବେଦମନ୍ତ୍ର । ଓଁ କାରରେ ବନ୍ଦ୍ କରେ ; ବେଦ ମନ୍ତ୍ରରେ ଉଦାତ୍ତସ୍ୱର ଦେଖାଇବା ପାଇଁ ସିଧା ଲମ୍ବାଗାର ଦରକାର ହୁଏ ।

୧୪ – ଶୁକ୍ରାଚାର୍ଯ୍ୟ ମୃତ-ସଂଜୀବନୀ-ମନ୍ତ୍ରଦାତା ବୃହସ୍ପତି ପୁତ୍ର 'କଚ'ଙ୍କୁ ଶିଖାଇ ଥିବାର ପୁରାଣ କଥା ।

୧୬ – ବଡ଼ବା, ଘୋଟକୀ ବୋଲି ପୁରାଣ ପ୍ରସିଦ୍ଧ ।
ଚକ୍ରବାଳା = ଚକ୍ରବାକୀ ।

୧୮ – ଘୋଡ଼ାମାନେ ଲୁଣ ଖାଆନ୍ତି ।

୨୧ – ବନ୍ଦାର୍ଯ୍ୟ = ବନ୍ଦୀ, ଭଟ୍ଟ ।

୨୮ – 'ଅମୃତାପଃ ସ୍ତରଣମସି' – ଜଳର ପ୍ରଥମ ଗଣ୍ଡୂଷ-ପାନ ମନ୍ତ୍ର ।

୩୨ – 'ଅନୂର୍ଧ୍ୱଂପଶ୍ୟା ଭଜ ଦାର୍ବଃ' - କଥାକୁ ଲକ୍ଷ୍ୟ ।

୫୮ – ବିଷ୍ଣୁ ଥରେ ସହସ୍ର କମଳରେ ପୂଜା କରିବାକୁ ଯାଇ ଗୋଟିଏ ନିଅଣ୍ଟ ହେବାରୁ ନିଜର ଗୋଟିଏ ଆଖି ତାଡ଼ି ମିଶାଇବାର ଚେଷ୍ଟା କରିଥିବା କଥା ପୁରାଣରେ ଅଛି ।

୫୯ – କମଳାକର = ପୋଖରୀ ; ଧନ ଭଣ୍ଡାର । ଦ୍ୱିଅର୍ଥ ।

GPNanda Colln., Digitized by srujanika@gmail.com

ବିଂଶ ସର୍ଗ

ବାତ-ଜାତ-ବେଗ   ସେ ରଥ ବାରିଦ
ଗଗନୁ କ ରଙ୍ଗେ ଖସେ !
ସୌଧାଦ୍ରି-କୁଟ୍ଟିମେ   ଧାତୁ-ଅଧିତ୍ୟକା
ମଣି, ପୁରେ ପରବେଶେ । ୧
ପ୍ରତୀଚୀ-ସାଗର-   ଗୀତ ହେଟେ ଯଥା
ପ୍ରଭାତେ ସେ ସୁଧାକରେ ,
ପଛ ଅସିବାର   ଦେଖି ଦମୟନ୍ତୀ ,
ତେସନେ ପାଶ୍ଚେଷ୍ଟ ଗଲେ । ୨
ମଦନ-ଚତୁର,   ଦେଖିଥିଲେ ସ୍ଵର୍ଣ୍ଣ-
ପଦ୍ମ ସ୍ଵର୍ଗ-ଗଙ୍ଗା-ଜଳେ ,
ତଥାପି ଅଦର   ବଢ଼ିଲେ ଅଧିକେ
ପ୍ରେୟସୀ-ମୁଖ-କମଳେ । ୩
ସ୍ଵରଗ-ସନ୍ଦେଶ-   ସରି ସ୍ଵର୍ଣ୍ଣ-ପଦ୍ମ
ଅରପନ୍ତେ ପ୍ରିୟା-କରେ ,
ରାଜିଲେ ସୁନ୍ଦରୀ,   ପଙ୍କଜ-ନୟନା ,
କମଳା ସରି ଭୂତଳେ । ୪

GPNanda Colln., Digitized by srujanika@gmail.com

ଦେଲେହେଁ ଅଳପ ପ୍ରିୟ-ଦତ୍ତ ଦ୍ରବ୍ୟ ,
ମଣିଲେ ଅତି ଅଧିକେ ,
ଏକ-ଲକ୍ଷ୍ୟ-ଭାବେ ରହିଲେ ନିରେଖି ,
ଯେଣୁ ଏକ ବନ୍ଧନକେ । ୫
ସମ୍ବୋଧିଲେ ପ୍ରିୟ, "କୃଶାଙ୍ଗି ଚଞ୍ଚଳେ
ଆଲିଙ୍ଗନ-ବନ୍ଧ—ଜର—
ବାଧି କରେଁ ଶେଷ, ନ ହୁଏଟି ଯେବେ
ଖେଦ ହୃଦୟେ ତୁମର ।" ୬
"ଏପରି କି ବିଧି ଅଛୁ ଅଜ୍ଞ ତବ ,
ଯାହା ଏହୁ ମୁଖୁଁ ବଳେ !"
ରୋଷେ ଦମୟନ୍ତୀ ନ ଭାଷି ବଚନେ ,
ଭାଷିଲେ ଏହା ଚତୁରେ । ୭
"କ୍ଷଣିକ ବିରହ, ବିଧି- ଅନୁଷ୍ଠାନେ ,
ନ ସହ, ହେଉ କାତର ;
ବିଚ୍ଛେଦ ସାଧନ କରିବ ଅଚିରେ ;"
କଳ କରଇ ବିସ୍ତର । ୮
କୁମୁଦ-କେଦାରୁଁ କମଳା ଯେସନ
ଯାଆନ୍ତି ନଳିନୀ-ପାଶେ ,
ପଦ୍ମ-ମୁଖୀ-ସଖୀ ପାଶେ ଦମୟନ୍ତୀ
ଗଲେ ତଥା ସତେ ରୋଷେ ! ୯

GPNanda Colln., Digitized by srujanika@gmail.com

'ନୋହୁ ଏହୁ ତ୍ରେତା   ଶତ୍ରୁ କୁତ ମୋର
   କଳି ଦ୍ୱାପର ସମାନ ,'
ଏଣୁ କି ନୃପତି   ତୋଷିଲେ ତ୍ରେତାରେ
   କାତ୍ୟ ସତ୍ରେ ଦେଇ ମନ । ୧୦
ପ୍ରାତଃ କୃତ୍ୟ ସାରି   ଇଙ୍ଗିତେ ନ ଶେଖି
   ନ କହିବାକୁ ସଖୀରେ ,
ପଛେ ପଛେ ଯାଇ,   ଭୈମୀ-ନେତ୍ର-ଯୁଗ
   ମୁଦ ଦେଲେ ବେଳକରେ । ୧୧
ହସି ହସି ତହିଁ   ଦେଖନ୍ତି ରହସ୍ୟ
   ଦମୟନ୍ତୀ-ସଖିଗଣେ ,
ସତେ ଯଥା ନୃପ   ସଖୀ-ନେତ୍ର-ଦୈର୍ଘ୍ୟ
   ମାପନ୍ତି ଅତି ଯତନେ ! ୧୨
ଚିହ୍ନିଲଣି ସଖି,   ଛାଡ ଛାଡ, ଭାଷି
   କରନ୍ତେ ହସ୍ତ ମୋଚନ ,
ସ୍ପର୍ଶୁ ଜାଣି ନଳେ   ମାନ ବହୁ ହୃଦେ ,
   ହୋଇଲେ ବାଳା ମଉନ । ୧୩
ଭାଷିଲେ ରାଜନ   ସୁନ୍ଦରୀ ରତନେ ,
   "ନୁହେ ଉଚିତ ଏ କୋପ ;
ଯାର ଅନୁଗ୍ରହେ   ଲଭିଲ ତୁମ୍ଭଙ୍କୁ ,
   ନ କରିବି କି ସେ ତପ ? ୧୪

GPNanda Colln., Digitized by srujanika@gmail.com

ସ୍ନାନ କରି ଯାହା   ନ କଲୁ ପ୍ରଣାମ,
    କଲେହେଁ ଦାସତ୍ୱ ସ୍ୱଚ୍ଛେ ;
ସେହୁ ଅପରାଧ   ମଣି ଯେବେ କହ,
    ପ୍ରଣମିବି ପଦପ୍ରାନ୍ତେ ।" ୧୫
ଭାଷି ଏହିପରି,   ପାଦ-ଦେଶେ ପଡ଼ି
    ନିବେଶନ୍ତେ ବେନି କର,
ନିରୋଧି ସକୋପେ,   ସଭୟେ ବୈଦର୍ଭୀ
    କଟାକ୍ଷେ କଲେ କାତର । ୧୬
ତାହାଙ୍କ ଅପାଙ୍ଗ—   ଚଞ୍ଚଳ-ତାରକା
    ଝଲତ୍କାରେ ବଶୀଭୂତ,
ନିଷଧ-ଈଶ୍ୱର,   ସମ୍ବୋଧି କୃଶାଙ୍ଗୀ,
    ଭାଷିଲେ ଏହି ଭାଷିତ । ୧୭
"କଟାକ୍ଷ-କପଟେ   ଦୂର ଲଙ୍ଘିବାକୁ
    ଅତି-ବେଗ-ଗତି ହୋଇ,
ଦେଖି କର୍ଣ୍ଣ-କୂପ,   କୂପ-ଭୟେ ଜାଣି
    ନିବର୍ତ୍ତିଲେ ନେତ୍ର ଦୁଇ ! ୧୮
ସରୋଷ ହେଲେହେଁ   ସରୋଜାକ୍ଷି, ମୋର
    କରୁ ଆନନ୍ଦ ବର୍ଦ୍ଧନ ;
ହେଲେହେଁ ତପତ   ସୌର କର, କରେ
    ପଦ୍ମେ ସଉରଭ-ଦାନ । ୧୯

GPNanda Colln., Digitized by srujanika@gmail.com

ଭଜ୍ଞ ଭଜ୍ଞ ବିଧ୍ୱ-　　ପିଢ଼ି କରେ ବିଧ୍ୱ,
　　ଦେଖି ଚନ୍ଦ୍ରେ ମୁଖ ଶିଷ୍ଟ ;
ବିଦ୍ଧଲେ ପ୍ରଭେଦ, ଜବେଣି ତା' ଅଙ୍କେ ,
　　ଶଶ-ଅଙ୍କ ସ୍ପଷ୍ଟ କର । ୧୦
ଇନ୍ଦୁ-କୁକ୍ଷି-ଜାତ,　　ତାମ୍ରପର୍ଣ୍ଣୀ ତଟେ
　　ଉତ୍ପନ୍ନ, ମୁକ୍ତା ସମାନ ,
ଉଜ୍ଜ୍ୱଳ , ମଧୁର ,　　ବଚନ ତୁମ୍ଭର ,
　　ହରଇ ସଦ୍ଧଜେ ମନ । ୧୦
କ୍ଷୀର-ସାଗରରୁ　　ଅମୃତ ସଙ୍ଗତେ
　　ଉଠିଛୁ କି ତୁମ୍ଭ ଗିର ?
ଥକ ଯାଏ ତନ୍ତୁ　　ଦୁଗ୍ଧ ଲେପ-ଲବ-
　　ସ୍ମିତ କୃଅଇ ବାହାର ।" ୧୧
ବସନ୍ତ ଯେସନ　　ଚନ୍ଦ୍ରିକା-ଚର୍ଚ୍ଚିତ-
　　ଚନ୍ଦ୍ର ପୂରବ ଭୂଧରେ ,
ମଣ୍ଡିଲେ ତେସନ　　ପଲଙ୍କେ, ନୃପତି
　　ପ୍ରେୟସୀ ଧରି କୋଳରେ । ୧୨
ପ୍ରାବୃଟ-ଆରମ୍ଭେ　　ଆଲିଙ୍ଗିଣ ଦବେ
　　ରବେ ଯଥ ଜଳଧର ,
ଆଲିଙ୍ଗି ପ୍ରିୟାରେ　　ରହିଲେ ନୃପତି ,
　　ଚର-ହରଦ-ଜାତର । ୧୩

GPNanda Colln., Digitized by srujanika@gmail.com

ଚୁମ୍ବେ ହନମଣି   ଯେସନ ପଙ୍କଜେ ,
ମଧୁ-ମଧ୍ୟେ ପ୍ରଭାଫଳ ;
ସ୍ମିତ-ଶୋଭା-ମୁଖେ   ଚୁମିଲେ ତେସନ
ରସ-ମଗ୍ନ ନୃପ-ମୌଳି । ୧୫
ହାତେ ଠାରି ଡାକି,   ଭୈମୀ-ପ୍ରିୟସଖୀ
'କକ୍ଷା'ରେ ନଳ ତା'ପରେ
ବସାଇଲେ ପାଶେ   ହୋଇବ ସେ ସାକ୍ଷୀ
ମଣି, ରହସ୍ୟ-ବେଭାରେ । ୧୬
"କିପାଁ ପଦ୍ମମୁଖୀ   ବୟସ୍ୟା ଭ୍ରମର
ଦୟା ନ କରଇ ମୋରେ ?
ହୋଇ ଅନୁରକ୍ତ   ସଖୀଗଣେ, କହି
ଅନେ ଆଦର ନ କରେ ? ୧୭
ଆତ୍ମ-ସମର୍ପଣେ   କଲେ ଅନୁଗ୍ରହ
ସ୍ନେହେ ପ୍ରିୟ ବୋଲ ମୋରେ ,
ମିଥ୍ୟାବାଦିନୀ ଏ   ସଖୀ, ଏହିପରି
ନ ପ୍ରତାରେ କି ଆଳୀରେ ? ୧୮
ନଳ ବିନା ଅନେ ନ ଭଜେ ମୁଁ ମନେ ,
ଭଣିଥିଲେ ସଖୀଗଣେ ,
ମଦନ-ପ୍ରେରଣେ   କହିଲେ କି ତାହା ?
ସନ୍ଦେହ ହୁଅଇ ମନେ । ୧୯

GPNanda Colln., Digitized by srujanika@gmail.com

ବଦନ-ସୌନ୍ଦର୍ଯ ପଟଳ୍ପଷ ମୋହକ ,
ଲଜେ ମଥା ଯେଣୁ ନତ ;
ଭାଷନ୍ତ ଯଦ୍ୟପି ତା'ର ସ୍ୱରୂପଣ ,
ଶୁଣି ହୁଅନ୍ତି ତୃପତ । ୩୦
ଦେଖ ତବ ସଖୀ ସଦା ସଖୀଗଣେ
ପୁର୍ବ ବେଳ ନେବେ ଗୃନ୍ଥେ ;
ଅପରାଧୀ ପର ମଣି, ମୋତେ ପୁଣି
ଅଣୁନେନ୍ତ୍ର-କୋଣେ ଦନ୍ଦେ । ୩୧
କିପାଁ ଏବେ ମୋତେ ନ ଗୃଦ୍ୱେଁ ପ୍ରକଷ ?
ବିଗୃରଇ ମୁହିଁ ମନେ ,
ଦୂତପଣେ ଯଥା ଦେଖିଥିଲେ ମୋତେ ,
ଗଲା କି ତା' ବିସ୍ମରଣେ ! ୩୨
ନିଜ ସଖୀଗଣେ ସୁବୃତ ବଚନେ
ସଦା ସ୍ନେହ ପ୍ରକାଶଇ ;
'ତୁମ୍ଭେ ମୋର', ଏହା ଭାଷିବାରେ ଥରେ
ମାନେ ମଣ୍ଡନ ହୁଅଇ । ୩୩
କେଉଁ ସଜନୀରେ ନ ଡାକଇ ବାଳା
ନାମ ଧରି ସମାଦରେ ?
ତୁମେ ହେଲେ କଲେ, ମୋର ନଳ ନାମ
ରସନାରେ ନ ଉଚ୍ଚାରେ । ୩୪

GPNanda Colln., Digitized by srujanika@gmail.com

ନିର୍ଦ୍ଦୟ ତାହାର ବକ୍ଷ ମୋରେ, ଭଲେ,
ଆବରିଛୁ ପୀନ ସ୍ତନ ;
ନାହୁଁ ଅବକାଶ ଲଭେ ତହୁଁ, କାହୁଁ
ମୋତେ କରିବ ଧାରଣ ? ୩୫
ହୃଦୟ ତାଙ୍କର ଏସନ କଠିନ
ଜାଣି, ମୃଦୁତା ବରଜ ,
ଉତ୍ତମ ଅଗ୍ରରେ ବେନି କୁଚେ ପିନା
ଛ'ନ୍ତି ମ୍ଲାନ ମୁଖ ଭଜ !" ୩୬
ଭଣି ଏହୁପରି ବଙ୍କ ଉକ୍ତି, ନଳ
ଚୁମ୍ବନ୍ତେ ତହୁଁ ମଣ୍ଡଳ ,
ଭୈମୀ ହସ ହସ ମୁଖ ଦେଖି, କଳା
ହସି ଭାଷିଲା ବଚନ । ୩୭
ତର୍କିଅଛ ଭଲେ, ନବ ଅନୁରାଗ
ତୁମ୍ଭଠାରେ ସଜନୀର
ଡରନ୍ତନ ପ୍ରୀତି ସଖିଠାରେ ତା'ର ;
ଏତ ଉଚିତ ବେଭାର ; ୩୮
ତୁମ୍ଭେ ହୁର ଶାସ୍ତ୍ରେ ପଣ୍ଡିତ, ନବୋଢ଼ା
ବାଳା ତୋଷିଅଛ ଭୋଗେ ;
କାହିଁ କିଛି ଏବେ ସଖି ଜନେ ସେହୁ
ନ କହେ ତ ଅନୁରାଗେ ! ୩୯

GPNanda Colln., Digitized by srujanika@gmail.com

ଅସଭ୍ୟ-ବଚନ ବୋଲି ଏ ଜଗତେ
ନ କହେ ତୁମ୍ଭଙ୍କୁ କେହି
ଅନ୍ୟଥା ଭାଷଣେ, ଗଣଇ ମୁଁ ମନେ ,
ପ୍ରିୟା ତବ ଯୋଗ୍ୟ ନୋହି । ୪୦
ମନୋଭବ ଅଛି ସଖୀ-ଚିତ୍ତେ, ଦେବ ,
କିନ୍ତୁ ତୁମ୍ଭେ ସେହି ସ୍ମର ,
ଦିବା ଜାଣି ଯେଣୁ ସଖି ହୃଦୟରୁ
ନ ହୁଅ ଛଳେ ଅନ୍ତର । ୪୧
ଭୈମୀ ହୃଦଗତ ମନମଥ, ଅବା
ପ୍ରତି ଛାୟା ସେ ତୁମ୍ଭର ,
ନ ହେଲେ କିପରି ତବ ସମ-ରୂପ
ହୃଅନ୍ତା ଅତନୁ ସ୍ମର । ୪୨
କିଏ କାମ, କିଏ ନଳ, ଏ ସନ୍ଦେହେ
ପଡ଼ି ବେନି ଶୋଣ୍ଡି ଗୁଣେ,
ଏବେ ଛାଡ଼ି, କାଲେ ଛାଡିବ ତୁମ୍ଭଙ୍କୁ
ଧରେ ଯେଣୁ ବେନି ମନେ । ୪୩
ତୁମ୍ଭଠାରେ ନାହି ଚିତ୍ତ, ଜାଣେ, ଧନ୍ୟ
ତନ୍ତୁଂ ଆଣି ନ ପାରଇ ,
ତେଣୁ ଭୟେ ସିନା ନେତ୍ର ଅଂଶେ ମାତ୍ର
ବାରମ୍ବାର ଚାହୁଁଥାଇ । ୪୪

GPNanda Colln., Digitized by srujanika@gmail.com

ଦେଖା ଦେଇବେଳୁଁ ହୋଇଛ ନାୟକ ,
ଲଗନ ତାଙ୍କ ନୟନେ ;
ସନ୍ଦେହ ହୋଇଲେ, ନିଜେ ଦେଖ, କେଉଁ
ବିଶ୍ୱାସ ପର-ବଚନେ ? ୪୫

ଆଲିଂଗନ-କାଳେ   କୁଚର କୁଙ୍କୁମ
ତବ ହୃଦୟେ ଲଗାଇ ;
'ତୁମ୍ଭଠାରେ ମୋର   ହୃଦୟର ରାଗ' ,
ଭଣିଅଛୁ ପୂର୍ବେ ସଖୀ ! ୪୬

ତୁମ୍ଭନାମ ତା'ର   କାମ-ମନ୍ତ୍ର ସିନା !
ଦିନ ରାତି ଜପ କରେ ;
ସେହି ବ୍ରତେ କଂଠ,   ଅକ୍ଷ-ସୂତ୍ର ଧରେ ,
ଏକାବଳି ମାଳା ଛଳେ । ୪୭

କଲି ଅଧିଷ୍ଠାନ   ମଦ୍ୱାନ ଅପଣ
ଯେବେ ସଖୀ-ହୃଦୟରେ ,
ସଂଭେଇ ନ ପାରି   ହୃଦୟେ, ସେ ଦିନୁ
ଥାପିଲେ ସ୍ତନେ ବାହାରେ ୪୮

କଲି ରାତେ ମୁକ୍ତ   ତୁଙ୍ଗ ସ୍ତନ ବେନି
ପୀଡ଼ିତ, ପୁଣି ବ୍ରଣିତ ;
ଦିନେ ସେ କିପରି   ଦେଖାଇବେ ଜନେ
ମୁଖ କରି ଅନାବୃତ ।" ୪୯

GPNanda Colln., Digitized by srujanika@gmail.com

ଅମୃତ-ବରଷୀ   କଳାର ଏପନ
ସୂକ୍ତେ ନୃପ ହୋଇ ସିକ୍ତ,
ପୁଛିଲେ ପ୍ରିୟାରେ   ଟେକି ଗୃହୁ ମୁଖ,
"କହେ ଯା କଳା କି ସତ ?"   ୫୦

ପ୍ରେୟସୀ-ବଦନ   ଛଡ଼ାଇବା ବେଳେ
ଶୋଭିଲେ ନୃପତି-କରେ ;
ବନ୍ଧୁକାଳ ପରେ   ଲଭିଲା ସଂଧାନ
ପଦ୍ମ ନକି ସୁଧା କରେ !   ୫୧

ଲଜେ ବୁଡ଼ି ବାଳା,   ପ୍ରକାଶିଣ ସ୍ମିତ,
କରନ୍ତେ ନତ ବଦନ,
ଦେଖି ସେହୁ ଭଙ୍ଗୀ,   ଲଭିଲେ ଅନନ୍ଦ
ବଶେଷେ ନଳ ରାଜନ ।   ୫୨

ପୁଣ ପରିହାସ-   ବିଳାସ-ରସିକ
ସେହୁ କୌତୁକ ମନାସି,
ଭଷିଲେ ସସ୍ମିତେ   ସେହୁ ସତୀରେ,
ଅଲିଂଗି ପ୍ରିୟାରେ, ବସି ।   ୫୩

"ସଜନୀ ତୁମ୍ଭର   କ୍ଷମା କରୁ ଏବେ
ଅପରାଧ ଦବସର,
ଦିବା ଯୋଗ୍ୟ ବିନା   'ହ-ଣି' ଧାତୁ ଅର୍ଥେ
ହୁଏ ସେ ଏତେ କାତର !   ୫୪

କଲ୍ପ ଯଦ୍ଦ ହନ ତାଙ୍କ-ମୁଖ-ସଙ୍ଗା
ସୁଧା କରେ ଉରସ୍ଥିତ ,
ସେହୁ ମୁଖ-ମିତ୍ର ଶତ-ପତ୍ର-ବୃନ୍ଦେ
ସାଧିଛନ୍ତି ବନ୍ଧୁହିତ ! ୫୫
ନାନା ରସେ ମାତି ନଣିରେ ସୁରତେ ,
ନ ଥିଲା ଲାଜ ମୋ ପ୍ରତି ;
'ଏବେ ପୁଣି ଲଜ୍ଜା ! ପଚ୍ଚୁର ଗୋ, କଲେ ,
ହୁଏ ତାହା କାହା ପ୍ରତି ? ୫୬
ଦଂଶିଲି ଅଧର ରଜନୀରେ ବୋଲି ,
ନ କରୁ କୋପ ମୋଠାରେ ;
ଦଂଶେ ଫଳ ବୋଲି, ବିମ୍ବୀ-ଲତା କାହିଁ
କୋପ କରେ ଶୁକଠାରେ ? ୫୭
କୁଚ-ଯୁଗ ଯେଣୁ କରିଛନ୍ତି ଚୌର
କରି-କୁମ୍ଭ-ଯୁଗ-ଶିରୀ ,
ଅଙ୍କୁଶର କ୍ଷତ ଦଣ୍ଡେ; ନ ଦଣ୍ଡିବି
କେମନେ ମୁଁ ଦଣ୍ଡଧାରୀ ? ୫୮
ହେଉ ଅପରାଧ ବଦନର ମୋର
ଅଧର-ଅମୃତ-ପାନେ ,
ମସ୍ତକର ପୁଣି କେଉଁ ଅପରାଧ ?
ନ ଲଭେ ପଦ-ଚୁମ୍ବନେ । ୫୯

GPNanda Colln., Digitized by srujanika@gmail.com

ପଗୃର ସଖୀରେ, ଶୁଣି ତାଙ୍କ ବାଣୀ,
କିବା ଅପରାଧ ମୋର ?
କ୍ଷୀଣା-କଳ-କଣ୍ଠୀ କିପାଁଇ ଗୋ, ତେବେ,
ହୁଅନ୍ତୁ ମୋରେ ନିଷ୍ଠୁର ?
ତୁମ୍ଭେ ସଖା ଯେଣୁ, ଭାଷନ୍ତୁ ସେ ତେଣୁ,
ବିଶ୍ୱାସେ ତୋରେ ବଚନ ;
ପୃଚ୍ଛ, କିପାଁ ମୋରେ ମମତା-ସ୍ୱୀକାର
ହୁଏ ଏବେ ବିସ୍ମରଣ ?” ୬୧
ଭୈମୀ-ମୁଖ-ପାଶେ ନିଜ କଣ୍ଠ ନେଇ,
ରଖି ତହିଁ କଉଶଳେ,
ତାଙ୍କ କଣ୍ଠ ପାଶେ ନିଜ ମୁଖ ରଖି,
ଉତ୍ତରିଲା କଳା ଛଳେ । ୬୨
“ଗୁପତ ଘଟନା ନ କହନ୍ତୁ ସଖି,
କଷ୍ଟ ହେଲେ ଧୂର୍ତ୍ତ-ପଣେ ;
ରହ ରହ ଏବେ, ଏହୁ ନଳ-ମୁଖୁଁ
ଶୁଣିବି ତାହା ଯତନେ । ୬୩
ପଢ଼ୁଁ ସ୍ମର ଶାସ୍ତ୍ର, ଶିଖାଇଥିଲୁ ଯା’;
ବିପରୀତ-ରତି-ରସ
ଆଚରି ନିଶାରେ, ଲୁଚୁଛ କିପାଁଇ ?
ଧନ୍ୟ ଏ ତୋର ସାହସ !” ୬୪

GPNanda Colln., Digitized by srujanika@gmail.com

ମଣ୍ଡନେ ରତନେ   ଭୈମୀ, ଚନ୍ଦ୍ର କଳା
ଶୁଣିଲ ପରି ତା' ଗିର ,
କିଛୁ କିଛି ଭାଷି   ମଧ୍ୟେ ମଧ୍ୟେ ପୁଣି
କରୁଥାଏ ହୁଁ-ହୁଁ-କାର । ୬୫
ଭାଷନ୍ତେ ଏସନ ,   ପ୍ରହାରିଲେ ଭୈମୀ
ନିଜ ଲୀଳା-ଅମ୍ବୁଜରେ ;
ଲଭି ସେ ଆଘାତ , ଚନ୍ଦ୍ର ଯାଇ କଳା ,
ଭାଷିଲା ଏସନ ନଳେ । ୬୬
"ଦେଖ ମହାରାଜ   ତୁମ୍ଭ ଲାଗି ମୋର
ପ୍ରାର୍ଥନାରେ କୋପ ବହ ,
ପିନ୍ଧୁଛ ଏସନେ ,   ଧମକାଉ ଅଛ
ପୁଣି ଭୃକୁ ଯୁଗେ ସହ । ୬୭
ଭାଷେ , 'କେଉଁ ଚନ୍ଦ୍ରେ ଚଢିଲୁ ଗୋ ନଳେ,
ଏହ ସେ ନୈଷଧ ବୋଲି ?
ଶଙ୍କା ହୁଏ ମୋର   ମାୟା-ନଳ ରୂପ ,
ଇନ୍ଦ୍ର ଅସିଛନ୍ତି , ଧରି । ୬୮
ସ୍ୱର୍ଗ-ଗଙ୍ଗା ସ୍ୱର୍ଣ୍ଣ-   କମଳିନୀ ପତ୍ର
ଏହ , ଦେଇଛନ୍ତି ମୋତେ ;
ଅସିଛନ୍ତି ପୁଣି   ସ୍ୱରଗରୁ ଏବେ
ଭଜି ମନ-ଗତ ରତେ । ୬୯

GPNanda Colln., Digitized by srujanika@gmail.com

ସ୍ୱୟମ୍ବର-କାଳେ ମାୟା ତାହାଙ୍କର
ଅଟେ ମୋହର ବିଦିତ ;
ଅହଲ୍ୟା–ସକାଶେ କଲେ ଯା' ଅନ୍ୟାୟ,
ତାଙ୍କ ପକ୍ଷେ କି ଅଦ୍ଭୁତ !' ୭୦
ସାର୍ବ-ଭୌମ-ଚିହ୍ନ ବଜ୍ର-ରେଖା ଯେଣୁ
ଶୋଭାପାଏ ତବ କରେ ,
ତେଣୁ ଇନ୍ଦ୍ର ବୋଲି ଶାସ୍ତ୍ର-ବୃଦ୍ଧି-ବଳେ
ବଇଦର୍ଭୀ ମନେ କରେ । ୭୧
ନ ଜାଣନ୍ତି ଯାହା ଅନେ, ସେ ରହସ୍ୟ
କିଛି ପ୍ରକାଶ ପାଉଥାଏ ,
ସଂଦେହ ତାଂକର ହର ଏବେ ଦୂର ,
ଯେବେ ନଇଷଧ ସତେ ।" ୭୨
କଳାର କୈତବ ନ ବାଉ ନୃପତି ,
ତାହାର ସୁଯୁକ୍ତି-ବଳେ ,
ଶୁଣି ତା' ବଚନ, ସଂଶୟିତ ହୋଇ ;
ଭାଷିଲେ ଏସନ ତା'ରେ । ୭୩
"ମନେ ପଡେ ନକି, ଶୁଅନ୍ତେ କପଟେ ,
ହେଲି କର ନାଭ-ଦେଶେ ,
ହେଲୁ ପଦ୍ମନାଭ, ଯେଣୁ ସେ ଅନନ୍ଦେ
ରୋମାଞ୍ଚ ହେଲା ବିଶେଷେ । ୭୪

GPNanda Colln., Digitized by srujanika@gmail.com

ନୂତନ-ମନ୍ମଥ- ଉତ୍ସବେ ବ୍ୟାକୁଳ
ହୁଅନ୍ତେ ଲାଜେ ଭୟରେ ,
ଅର୍ଦ୍ଧ ଭୋଗ କାଳେ ଖେଦ-ଭୟେ ଯାହା
ତେଜିଲ, ପଡ଼େ ମନରେ ? ୭୫
ସୁପ୍ତ ଛଳି ମୁହିଁ ଆସିଲା ସମୟେ ,
ପାଦ ସ୍ପର୍ଶି କରେ ତବ ,
ଅଲଙ୍ଘିଲ ଯାହା ବନ୍ଧୁ-ଜନ-ମଧ୍ୟେ
ପାଦାଙ୍ଗୁଳିରେ ତା' ଭାବ । ୭୬
ସ୍ମର, ମୋର ତ୍ୟାଗ- ମାନେ ଖିନ୍ନ ହୋଇ ,
ଚିହ୍ନ ଲେଖି ବେନଙ୍କର
ଦେଖନ୍ତେ ଏକାନ୍ତେ, ଦେଖିଲ ମୁଁ ଯେବେ ,
ଦେହ ମଧ୍ୟେ ଭେଦ-ଗାର । ୭୭
ଭୁଲି ତ ନଥିବ ସୁରତ ମୋହିତ
ହୋଇ ମୁଁ ତବ ଅଧର
ପିଇ ମଧୁ, ତୃପ୍ତ ନ ହୋଇ, ଦେଲି ଯେ
ରସନା-ପାନେ ତତ୍ପର । ୭୮
ଆଲିଙ୍ଗନେ ତବ କୁଚ ନଖ କ୍ଷତ
ରକ୍ତ ଦେଖି ବକ୍ଷେ ମୋର ,
ହସନ୍ତେ ସଖୀଏ, ଭାବିଲ, ସ୍ମର, କି ,
'ଦେଖ ଏ ଶିଳ୍ପ ସଖୀର' ? ୭୯

GPNanda Colln., Digitized by srujanika@gmail.com

ମଧୁ-ଗୋଷ୍ଠୀ ମଧ୍ୟେ   ସପତ୍ନୀ-କ୍ରୀଡନେ
ଦେଖି, ଶୁଦ୍ଧ କୋପେ ମୋତେ ,
ତାଙ୍କ ଆଗେ ନଶା-   ଛଳେ ଯା' ତୋ ପଦ୍ଦ
ପଡ଼ିଲୁ, ଉଦେ କି ଚିତ୍ତେ ? ୮୦
ଅପତ୍ନେ ପ୍ରବାସଁ   ପ୍ରେମଭରେ ତୋତେ
ଶୁଦ୍ଧାନ୍ତେ କେଳି-ଦ୍ୱରଷେ ,
ଅଲିଙ୍ଗି ଅଙ୍କରେ   ଭ୍ରମିଲ ଯା' ବ୍ୟାଜେ,
ମନେ ପଡ଼େ ଏବେ କ ସେ ? ୮୧
ସ୍ମର ନାଥ ପ୍ରିୟେ ,   ଖାଇ ପାନ-ଖିଲ ,
ଅର୍ପି ତବ ବଦନେ ,
ମାଗିଥିଲ ପୁଣି ,   ଫେରାଇ ଦେବାକୁ
ମୋର ସେହି ନ୍ୟାସ-ଧନେ ! ୮୨
ଦେଉଇ କ ମନେ ,   ତବ ଗଢ ଶେଷ
ନ ଦେଉଁ , ମୁଁ ପାଉଁ ରଢ ,
ରାଗେ , କୃଷ୍ଣ ଭୂମି   କର୍ଷିଲ ପରାଏ ,
ନଖ-ଘତେ କଲୁ ଘଢ । ୮୩
ବଦଳାଇ ସ୍ଥାନ ,   କଡ଼ ଲେଉଟାଇ ,
ରାତିରେ ଶୟନ-କାଳେ ,
ଅଧମୁଖେ ସଦା   ଶୋଇବାର ସୌଖ୍ୟ
ଚିହ୍ନିଥା ସ୍ମର ମନରେ । ୮୪

GPNanda Colln., Digitized by srujanika@gmail.com

ସଭାରେ ସକଳେ :ଅନ୍ୟମନ ହେଲେ ,
ଲଭି ସେହୁ ଅବସର ,
ଓଷ୍ଠେ ଦନ୍ତ-ଷତ ଦେଖାଇ, ଯା' ମୋତେ
ଡରାଇଥିଲ ତା' ସ୍ମର । ୮୫
ଦେଖି ତାହା ମୁହିଁ , ଲୀଳା-ପଦ୍ମ ଗୃହି ,
ଯୋଡନ୍ତେ ହାତ ଯେ ଛଳେ ,
ତେଜ କୋପ ଯାହା ହୋଇଲ ପ୍ରସନ୍ନ ,
ମନେ କର ତାହା ବେଳେ । ୮୬
ତବ କର-ପଦ୍ମେ ତାମ୍ବୂଳ-ଅର୍ପଣେ
କରୁଁ ମୁହିଁ ନଖେ ଷତ ,
ନ ସ୍ମର କି ପ୍ରିୟେ ? ନୁହେ କି ମୋ' ମନେ ?
ମୋ କରେ ତେସନ ଷତ ? ୮୭
ସ୍ମର, ଯେବେ ମିଥ୍ୟା ଭାଷିଲି ବୋଲି, ମୋ'
ପାଶୁଁ ଗଲ ସଖୀ-ପାଥେ ,
ତହୁଁ ମୁହିଁ ପଛେ ଯାଅନ୍ତେ , ଲୀଳାରେ
ଛୁଣ୍ଡାଇଲ ତୃଣ ହାତେ । ୮୮
ଦ୍ୱିତୀୟ ସ୍ମରତ ନ ପାରନ୍ତେ ସହି ,
କଲ ମୁହିଁ ତିରସ୍କାର ,
ପିକ-ନାଦନ ତ୍ରେ ଗ୍ରୀଷ୍ମ ଗ୍ରହି ବୋଲି ,
ତାହା କି ସ୍ମରଣ କର ? ୮୯

GPNanda Colln., Digitized by srujanika@gmail.com

ମଧୁ-ନବ-ହାସ୍ୟ ଭୂଷଣ ଦେଖି ମୋ' ,
ବାରଂବାର ତା' ପରତି ,
ଅସାର ସପତ୍ନୀ- ଗଣେ ମୋହ ରୂଚ
ଭାଲ , ରୁଷିଲ ପ୍ରେୟସୀ । ୯୦
ସ୍ମର , ସରବତ ଶୁଣି , ପ୍ରଶଂସିଲ ,
'ତୁମ୍ଭେ କି କରିଛ ଏହା ,'
ନିଜ ନନ୍ଦା-ଦ୍ୱେଷ- ରକ୍ତିମ ଅଧରେ ,
ଦେଖି ମୁଁ , ଛଡ଼ଲି ଯାହା । ୯୧
ଚୁମ୍ବି ଚୁମ୍ବି ମୁଖୁଁ ନାହିଁ ଯାଏଁ , ତହୁଁ
ଲୋଭନ୍ତ ତୃପତ ମନ ;
ଚୁମ୍ବିବାକୁ ଯାହା ନ ପାରନ୍ତି ଲବେ ,
କର ସେ ଅଙ୍ଗ ସ୍ପରଶ । ୯୨
ସେ ବଚନ କେଳ ଛଳ ମାନସରେ ,
ପୁରୁଷ ଉଚିତ ନାମେ
ସମ୍ବୋଧନ୍ତେ ମୁହିଁ , ହାସ ପରକାଶି ,
ଗହ୍ଲଲ ମୌନେ ସରମେ । ୯୩
କସ୍ତୁରୀ-ମିଶ୍ରିତ ଶ୍ରମ-ଜଳେ ହେଲା
ଚିବୁକ ଭ୍ରମର ଜାଲ ;
ଦେଖିଲ ସ୍ୱେ ଶବ ମୋ' ହାର-ମଣିରେ ;
ସେ ପୁରୁଷାୟିତ ସ୍ମର । ୯୪

GPNanda Colln., Digitized by srujanika@gmail.com

'ଉରୁରେ ତବ ଏ   କାହା ନଖ-କ୍ଷତ' ?
ବୋଲି ମିଛ କହ ଯେବେ ,
ଲଜ୍ଜାରେ ବୁଡାଇ, ରଚେ ଭଙ୍ଗ ଦେଲ ,
ଶୁଣ ଗୋ, ସେ କଥା ଏବେ । ୯୫
କାନନ-ବିହାରେ   ଭୂତଳେ ପତିତ
ଦେଖି ଅଶ୍ୱତ୍ଥ ପତର ,
'ଦଅ ମୋତେ,' ବୋଲି ଭାଷନ୍ତେ, ଲଜ୍ଜିତ
ହେଲ ଯାହା, ବାଳେ ଶୁଣ ।' ୯୬
ଏସନେ ରହସ୍ୟ   ପ୍ରକାଶନ୍ତେ ପ୍ରିୟ ,
ପ୍ରିୟା ସେହି ଅବସରେ
ଲାଜେ ବୁଡ଼ି ବଳେ   ସଖି-ବେନି-କର୍ଣ୍ଣ
ଆଚ୍ଛାଦଲ୍ଲ ବେନି କରେ । ୯୭
ନେତ୍ର-ନୀଳୋତ୍ପଳ   କଳାର ତା' ଢର୍ଣ୍ଣେ
ପୀଡିବାର ଦେଖି ସତେ ,
କର-ରକ୍ତୋତ୍ପଳ   ଭୈମୀର ସେ କର୍ଣ୍ଣେ
ପୀଡେ, ସଖ୍ୟ ଭାଳି ନେତ୍ରେ । ୯୮
'ସଖୀ-କର୍ଣ୍ଣ-ଗତ   ପଞ୍ଚ ଅଳପିତ
ନୋହୁ ଚନ୍ଦ୍ରରୁ ବାହାର',
ବୋଲି ସତେ ଭୈମୀ ରୋଧିଲା କି କରେ
ସଖୀ-ଶ୍ରବଣ-ଯୁଗଳ ! ୯୯

GPNanda Colln., Digitized by srujanika@gmail.com

ସେ ଭାବ ପ୍ରିୟାର ଦେଖି ନରପତି ,
ନ ହେଲେ ହାସ୍ୟୁଁ ବିରତ ;
ଅପର ସଖୀଏ ଦେଖି ତା' ହସିଲେ
ନ ବୁଝିଲେହେଁ ସେ ତତ୍ତ୍ୱ । ୧୦୦
ଧୃଷ୍ଟ-ଅପଚ୍ଛରା- ସଜନୀଏ ତହୁଁ
ପ୍ରେମେ ଦଂପତି-ଉପରେ
ବରଷିଲେ ମିଳି ସ୍ମିତ-ସୁମନସ ,
ସୁରଭିତ ମୁଖାନନେ । ୧୦୧
ତାଂକ ହାସେ ଯାହା ଏମାନଂକ ସ୍ମିତ
ହେଲା ତହିଁ ଉତପନ୍ନ ,
ଦେଖି ସୁଧାକରେ, କୁମୁଦ-ନିକର-
ବିକାଶ-ପ୍ରାପ୍ତେ ତା' ଯେନ । ୧୦୨
ହସନ୍ତେ-ସଖୀଏ, ସ୍ୱରୁଁ ବାରି କଳା ,
ତା'ର ପକ୍ଷ ସଖୀ ଜଣେ
ସାହାଯ୍ୟେ ତାହାର ଉପସ୍ଥିତ, ଜାଣି ,
ହୋଇଲା ସବଳ କ୍ଷଣେ । ୧୦୩
ଡାକି ତା'ରେ ଉଚ୍ଚେ, ଭାଷିଲା ସେ କଳା ,
"ସ୍ୱରଗୁଁ ବାଞ୍ଛିତ ଭୂହ ;
ଅସ ବେଗେ, ଶୁଣ ନୃପତି-ବଚନ ,
ସୁଧା-ରସ ଝରେ ଯହୁଁ" । ୧୦୪

GPNanda Colln., Digitized by srujanika@gmail.com

ଅତ ନିକଟରେ ନ ଥିଲେହେଁ ସେହୁ ,
ଶୁଣିଲା ଶେଷ ବଚନ ,
କଳପ-ଗ୍ରାମର ଅଳପ ନିର୍ଘୋଷ
ଶୁଣେ ବଧିରୀ ଯେସନ । ୧୦୫
ପଛେ ଥିଲେ ହେଲେ, ନଳେ ଶୁଣୁଥିଲା ,
ଦେଖି ତା'ର ପ୍ରତିବିଂବ
ମଣ୍ଡଳ-ମଣିରେ ନଳଂକର, କଳା
ଜାଣିଲା ତା' ମନ-ଭାବ । ୧୦୬
ପ୍ରତିବିଂବୁ, ସଖୀ- ବଦନ ଚେଷ୍ଟିତୁଂ ,
ଭାବ ଅନୁମାନ କରି ,
ବ୍ରୀଡା ଅଦ, କଳା ପ୍ରକାଶନ୍ତେ, ସର୍ବେ
ମଣିଲେ ଶୁଣିଲା ପରି । ୧୦୭
ତେସନ ବିକାର କର ବାରମ୍ବାର
ଭଣିଲ ," 'ଶୁଣୁଛୁ ଏହୁ,'
ମିଥ୍ୟା ନୁହେ ବ୍ରତ , ବ୍ୟର୍ଥ ମୋ ଦେବତା ,
କରୁଛୁ ଶପଥ ମୁହିଁ । ୧୦୮
ନିବଡେ ପୀଡନ୍ତେ ମୋ କଣ୍ଠ-ଭୂଷଣ ,
ପୀଡିତ ହୋଇବ କର ;
ତେଣୁ ହେ ସ୍ୱଜନ; କର ତା'ରେ ମନା,
ଉଚିତ ଯାହା ତୁମ୍ଭର ।" ୧୦୯

GPNanda Colln., Digitized by srujanika@gmail.com

ନବାରନ୍ତେ ନଳ   ସେ ବୃଥା ପ୍ରୟାସୁଁ ,
ମାନିଲେ ଭୈମୀ ବଚନ ;
ସଖୀ-କର-ଗ୍ରନ୍ଥୁଁ   କଢାଇଲା କନା
ଏସନେ କର୍ଣ୍ଣ-ମୋଚନ । ୧୧୦
ଶ୍ରବଣ-ନିରୋଧେ   ଅଭ୍ୟନ୍ତରେ ଯେଉଁ
ଶବଦ ସେ ନିରନ୍ତର ,
ଭାଙ୍ଗିଗଲା ଏବେ ,   କର୍ଣ୍ଣ ଆବରଣ–
ମୋଚନେ ଝିଣ୍ଟିଣ ସ୍ୱର । ୧୧୧
ଧୃଷ୍ଟ ଯାଇ ପାଶୁଁ   କେତେ ଦୂରେ , ନଳ
ବସିଲା ଆନନ୍ଦ ମନେ ,
ସେହୁ ସଖୀ ପାଶେ   ଯାଇ ଚହୁଁ , ପୁଣି
ଭାଷିଲା କାକୁ ବଚନେ । ୧୧୨
"ବେନାଂଙ୍କ ରହସ୍ୟ   ଶୁଣିଅଛୁ ଯାହା ,
କରିବ ପ୍ରକାଶ ତୋରେ ;
ବଦଳ କରିବା ,   ଶୁଣିଲୁ ତୁ କସ ?
ଆସି ପରିକାଶ ମୋରେ ।" ୧୧୩
ଶୁଣିଥିଲା ବୋଲି   କରି ଛଳ , ପୁଣି
ସଖୀରେ କରେ ପ୍ରାର୍ଥନ ;
ପ୍ରତାରିତୁ ଜାଣି ,   କମ୍ପାଇଲେ ବେନି
ଦମ୍ପତି ନିଜ ବଦନ । ୧୧୪

GPNanda Colln., Digitized by srujanika@gmail.com

ନିଷଧ-ରାଜନ   ଭାଷିଲେ କଳାରେ ,
        "ଭୁହ ଏହିପରି କହ ,
ପ୍ରତାରିଛୁ ମିଥ୍ୟା-   ଶପଥ-ସାହସେ ,
        ରହ ରହ ଯିବୁ କାହିଁ ?"   ୧୧୫
ଉତ୍ତରିଲା କଳୀ ,   "କଳଙ୍କ-ଆଶଙ୍କା
        ଏତ ପ୍ରିୟା ପତିଜନେ !
ମିଥ୍ୟା ଭାଷେ ବୋଲି , ପତେ ନୃପ ଏବେ ,
        ଜାଣିଲ କି ଏତେ ଦିନେ ?   ୧୧୬
ଗୁମ୍ଫ ଗୁମ୍ଫା ରବ   ଶୁଣିଅଛୁ ସତେ ,
        ଶୁଣି ନ ଥିଲେଟେଁ ଗିର ;
କରିଛୁ ଶପଥ ,   ଶୁଣିଅଛୁ ବୋଲି ,
        ନୁହେ ମିଥ୍ୟା ତାହା ମୋର ।   ୧୧୭
ମିଥ୍ୟା ନୁହେ ବତ , ବ୍ୟର୍ଥ ଦେବ ତାହା,
        କହୁଛୁ ଶପଥ କରି ,
ସତରେ ଶପଥ   କଲେହେଁ , ମାନୁଛୁ ,
        ଫଳ ତାର ମନ୍ଦ ବୋଲି ।   ୧୧୮
'ଉତ୍ତମ୍ୟେ ପରଣ   ନାହିଁ' ବୋଲି ତୁହେଁ
        ବଞ୍ଚନା କର , ପୁଚ୍ଛିଲେ ;
ପ୍ରତାରିଲି ଯେବେ ବେଦ ଜନେ , କିପାଁ
        ଦୋଷ ଏକା ହେବ ମୋରେ ?"   ୧୧୯

GPNanda Colln., Digitized by srujanika@gmail.com

କଳା , କଳା-ସଖୀ ଲୁହା ଲୁହି ହେଲେ ,
ଶୁଣିଲେ ଯା’, କାନେ କାନେ ;
ମଣୁଥାନ୍ତି ଚିତ୍ତ ବାରମ୍ବାର , ସ୍ମିତ
ଫୁଟି ଉଠୁଥାଏ ଘନେ । ୧୨୦
ଭାଷେ ତହୁଁ କଳା , “ନ କର ଗୋ କୋପ,
ଦମୟନ୍ତୀ ମୋ’ ଉପର ;
କହୁଛୁ ଗୁପତେ , ଶୁଣି ନାହୁଁ ତାହା
ଦ୍ୱିତୀୟ କର୍ଣ୍ଣ ସଖୀର ।” ୧୨୧
“କପଟ-ପାଟବ ଦେଖିଲ ସଖୀରେ ,”
ଭାଷିଲେ ପ୍ରିୟାଙ୍କରେ ନଳ ;
“ନ କର ବିଶ୍ୱାସ ସଖୀଗଣେ ଅଭ୍ର ,
ନୁହନ୍ତି ସେ ଯୋଗ୍ୟ ସ୍ଥଳ ।” ୧୨୨
ଭାଷେ କଳା , “ସଖି, ପଢ କେତେବ କାହିଁ
ରହସ୍ୟ ଜହନ୍ତି ନାହିଁ ;
ସରଳାଟି ପରି କରିଥାଅ ଯଦା
ତାହାଙ୍କୁ ବିଶ୍ୱାସ ଭୁହ !” ୧୨୩
କରନ୍ତେ ଏସନେ ପ୍ରତିରୋଧ କଳା ,
ଭାଷିଲେ ପ୍ରିୟାରେ ନଳ ;
“କହ, ଭୈମୀ , ଏହି ବେଳେ ଦୁଷ୍ଟ ସଖୀ
ଘରୁଁ କରିବି ବାହାର ।” ୧୨୪

GPNanda Colln., Digitized by srujanika@gmail.com

ପ୍ରିୟା-ଶିର-କଂପେ   ଅନୁମତି ଲଭି ,
  ପ୍ରୀତ ହୋଇ ନରପତି ,
ଭୁଞ୍ଜା ମୁଠା ଟେକି ,   ଫିଙ୍ଗିଲେ ସଲିଳ ,
  ତହୁଁ ବେନ-ସଖୀ-ପ୍ରତି । ୧୬୫
ମଣିଲେ ବସ୍ତ୍ରୟ   ବେନ ସଖୀ , ଦେଖି
  ନଳ-ଇଚ୍ଛାରେ ସଜଳ ;
ଶୂନ୍ୟ ଚଳୁକରେ   ହୋଇଗଲା ଆର୍ଦ୍ର ,
  ତାହାଙ୍କ ବସ୍ତ୍ର ସକଳ । ୧୬୬
ବରୁଣଙ୍କ ବରେ   ସ୍ଥଳର ସଲିଳେ
  ନରେଖି ତହୁଁ ଅଦ୍‌ଭୁତେ ,
ସଖୀଙ୍କ ହୃଦୟ   ହୋଇଲା ସ୍ତିମିତ ,
  ମଣିଲେ ବସ୍ତ୍ରୟ ଚିତ୍ରେ । ୧୬୭
ତେବେହେଁ ବାହାର ନୁହନ୍ତେ ସେ ବେନ,
  ଦମୟନ୍ତୀରେ ରାଜନ
ହରଷେ ଭାଷିଲେ ,   "ଦେଖ ମୋର ଆଗେ
  ଧରନ୍ତି ଶିଖା କେସନ ? ୧୬୮
ଆର୍ଦ୍ର କରି ବସ୍ତ୍ର   କରିଛୁ ଦୁହିଁଙ୍କି
  ଦୁଇ ଦିଗମ୍ବର ଜୈନ ,
ଥିଲେହେଁ ବସନ ;   ନରବନ୍ଦେ ହୁଏ
  ସ୍ତନ ଜଘନ ଦର୍ଶନ । ୧୬୯

GPNanda Colln., Digitized by srujanika@gmail.com

ବେନ ସଜଣାର ପଟ୍ଟାବୃତ ଅଙ୍ଗ
ଦେଖାଏ ଯେଣୁ ଏ ଜଳ ,
ଶମ୍ବର ସଂଙ୍କରେ ଚିନା ଏହ ତା'ର
ଶାମ୍ବରୀ ମାୟା କେବଳ । ୧୩୦
ସାର୍ଥକ ହେଲା ସେ ଅମ୍ବର–ଅଭିଧା
ପୁଣି ଏହାଙ୍କର ବାସେ ,
ଶୃଭ୍ର-ହୀର-ମଣି- ଶ୍ରେଣୀ ତାର ପର
ଦେଖ ତହିଁ ପରକାଶେ ।" ୧୩୧
ନଳର ଅବସ୍ଥା ଦେଖି ବେନ ଏବେ ,
ଲାଜେ ଗଲେ ତହିଁ ଖୁଲି ;
ଦେଖି ସେ କୁତୁକ, ତାଙ୍କ ପଛେ ପଛେ
ଖୁଲି ଗଲେ ସବୁ ଅଳ । ୧୩୨
ବାହାରକୁ ଯାଇ , କହିଲେ ସକଳେ ,
"ଜାଣନ୍ତୁ ଏ ଦୁର୍ଦ୍ଦେ ଢୋର
ମରମ; ନ କର ବିରୋଧ ଭଇମି ,
ଭୂପର ନୀତି-ଚତୁର ।" ୧୩୩
କହିଲେ ନୃପତି ଉଚ୍ଚେ, "ସଖୀ ତବ
ଭାଷେ ସଖୀଗଣେ ଏହା ,
ଶୁଣିଲେ ଏମାନେ ରହସ୍ୟ ମୋହର ,
ଦେଖିଛୁ ତାଙ୍କର ତାହା । ୧୩୪

GPNanda Colln., Digitized by srujanika@gmail.com

ଚତୁରୁ ବେଦଙ୍କୁ , ନ କର ବିଶ୍ୱାସ
ଆଳି ଗୋ, ତାଙ୍କ ବଚନେ ,
କରିଛନ୍ତି ବିଷ୍ଣୁ ଅଭିଷେକ ତାଙ୍କୁ
ମାୟା-ମିଥ୍ୟା-ସିଂହାସନେ । ୧୩୫
କୀର୍ତ୍ତି-ଧାତ୍ରୀ-ପୂତ ହେଲେହେଁ ଚରିତ
ସୁନ୍ଦର ଶୁଭ୍ର-ଜନର ,
ମୃଷା-ମଷୀ-ଲବେ କଳଙ୍କ-ଲିଖନେ
ଶିଳ୍ପୀ ନୁହେ କେଉଁ ନର ?" ୧୩୬
ଭଣିଲେ ସଖୀଏ , "ନ କରିବୁ ଆମ୍ଭେ
ବିଶେଷ କିଛି ବଖାଣ ,
ହିଂସାପିଛୁ ଯେଉଁ ଉଦ୍ଦେଶ୍ୟ, ସକଳେ
କରିବୁଁ ତାହା ଜ୍ଞାପନ ।" ୧୩୭
ଏସନ ବଚନେ , ବାଚିଲେ କଞ୍ଚୁକୀ ,
ସଞ୍ଚାଳି କମ୍ପିତ କର ;
ନ ବୁଝିଲେ ବୁଢ଼େଁ, କମ୍ପାଇ ସ୍ୱାଛବେ
ଯେଣୁ କର ବୃଦ୍ଧଙ୍କର । ୧୩୮
"ଯାଅ ଦୂରେ ଧୃଷ୍ଟେ, ବେଦଙ୍କ ଅଶ୍ଳୀଳ
ସ୍ୱଚ୍ଛବେ ଶତ ଧିକ୍କାର ;"
ଭଣନ୍ତେ ଏସନ , ପଳାଇଲେ ବୁଢ଼େଁ ,
ଭୟେ ହୋଇଣ କାତର । ୧୩୯

GPNanda Colln., Digitized by srujanika@gmail.com

ଭାଳିଲେ ପ୍ରିୟାରେ ନଳ, ସଖୀ-ଭାବେ
ଦେଖି ତାଙ୍କ ମୁଖ ନତ ,
“ଏ ଭଣ୍ଡ ସଖୀଙ୍କ ସମାଗମେ କିଏ
ନୁହେ ନିର୍ଲଜ୍ଜ ଲମ୍ପଟ ? ୧୪୦

ସୁନ୍ଦର ବଦନ ସଲଜ୍ଜ ଦଶଇ
ତବ , ଏ ବଚନ୍ତୁ ଅଭ !
ଏବେ କୋପ ବନ୍ଧ , ଦୁରଷର ଚନ୍ଦ୍ରଁ
ବାହାରିବ ନାହିଁ, ସତ ।” ୧୪୧

ବକ୍ଷେ ରଖି ଚନ୍ଦ୍ରଁ ପ୍ରିୟାରେ, ଭୂପତି
ଶୋଇଲେ ତଳପ-ତଳେ ;
ନମୀଳି ନୟନ ତାହାଙ୍କର ଅଙ୍ଗ–
ସୌକୁମାର୍ଯ୍ୟ ଅସ୍ୱାଦନେ । ୧୪୨

ତାଙ୍କ ଭୁଜ ଯୁଗେ , ପୁଣି ଜାନୁ ମଧ୍ୟେ ,
ନବେଶି ସ୍ୱକୀୟ କର ,
ବିବାହେ ପାଣିର ପାଣିଗ୍ରହ-ଶ୍ରମ
ମଣିଲେ ନୃପ ସଫଳ । ୧୪୩

ହୃଦୟ ଉପରେ ରଖି ପ୍ରେୟସୀରେ ,
ଅନନ୍ଦେ କରି ବଦନ ,
ତାହାଙ୍କ ଉଦ୍‌ବାହେ ନଜର କଣ୍ଠିର
କଲେ ପୁଷ୍ଟ ପ୍ରମାଣ । ୧୪୪

GPNanda Colln., Digitized by srujanika@gmail.com

ସ୍ୱେଦଯୁକ୍ତ କର- ଅଙ୍ଗୁଳିରେ ନୃପ
କଞ୍ଚୁକୀ-ରଚନା ଦଳି ,
ପୀଡ଼ିଲେ ଉରଜେ, କୋଳାହଳ ଯହିଁ
କରିବେ ସକଳ ଅଳି । ୧୪୫
ଲୁଚେ ନଖ-କ୍ଷତ କରୁଁ ଚମତ୍କୃତ
ହୁଅନ୍ତି ପ୍ରେୟସୀ ଶେଷେ ;
ଗୃହାନ୍ତେ, ଭାଷନ୍ତି "ହୃଦଗତ ତବ
ମୋତେ ଭେଦ ନାହିଁ କିସେ ? ୧୪୬
ଖଳ-ଜନ-ପରି ତୀକ୍ଷ୍ଣ-ମୁଖ ମମ
ନଖେ ଶୁଦ୍ଧ ହୃଦେ ତବ
ଅଶୁଦ୍ଧି-ରଞ୍ଜିତ କ୍ଷତ କଲା, ଏଥି
ଅଛୁକି ଉଚିତ ଲବ ? ୧୬୪
ବାସ ପରି ଚର୍ମ୍ମ ନତମ୍ ଜଘନ ,
ଆଲିଙ୍ଗନ କରେ ସ୍ତନ ,
ଶୁଦ୍ଧଦଶୋଚିତ ଭୋଗ ଭାଗ୍ୟ ଯା'ର ,
ଗୁଣମଯୁ ସେହୁ ଜନ ।" ୧୪୮
ଈଷତେ ନତମ୍ ହୁଏ ଦୃଶ୍ୟ, ସ୍ୱେଦେ
ବୁଡ଼ିଲେ ଚୀନ ବସନ ;
ଦେଖି ନରସ୍ୱଣ ଦୀର୍ଘ ଶ୍ୱାସ ତେଜି ,
ନନ୍ଦା କଲେ ଦୀର୍ଘ ଦନ । ୧୪୯

GPNanda Colln., Digitized by srujanika@gmail.com

ପ୍ରେୟସୀ-ଅଧର-　ଅନ୍ତିକ-ପ୍ରଦେଶ
　ଦଂଶନ କଲେ ଦଶନେ ;
ମେଣ୍ଟାଇଲେ ତହିଁ　ଅଳୀକ ଗୃପଳ
　ପ୍ରେୟସୀ-ଅଧର୍-ପାନେ । ୧୫୦
"ଚଞ୍ଚଳ-ଅପାଙ୍ଗି,　ସ୍ମର-ଶର-ବ୍ୟଥା
　ସହିବ କୁ ଅଶକତ ;
ହୁଅ ପ୍ରୀତ, କର ପ୍ରସାଦ ;" ଭାଷଣେ
　ହେଲେ ପ୍ରିୟା କୋପାନ୍ୱିତ । ୧୫୧
ନଳ-ନେତ୍ର-ଯୁଗ　ପ୍ରଥମେ ପ୍ରିୟାର
　ଦେଖିଲେ ମୁଖ-କମଳ ,
ତହୁଁ ସ୍ତନ ତଟେ,　ତାହାପରେ ପୁଣି
　ପୀବର ଜଘନ-ସ୍ଥଳ । ୧୫୨
ଅଧୀରେ ଏସନ　ତାଙ୍କ ହଠ-ପଣ
　ଆଶଙ୍କା କରି ସୁମୁଖୀ ,
ଉଠିଣ ତ୍ୱରିତ, ଉତ୍କଣ୍ଠା ଦେଖାଇ ,
　ଭ୍ୟାଜେ ଖୋଜିଗଲେ ସଖୀ । ୧୫୩
ପୃଥୁଳ ନିତମ୍ବ　କୁଚେ ସୁକୁମାରୀ
　ଶୀଘ୍ର ଚାଲି ନ ପାରନ୍ତି ;
ନୃପତି ସଂଭୋଗ-　ଲାଳସେ ସେମାନେ
　ପଛେ କି ଗତି ରୋଧନ୍ତି ? ୧୫୪

GPNanda Colln., Digitized by srujanika@gmail.com

ଶ୍ରୋଣୀ-ଭରେ ମନ୍ଦ-   ଗତି ପ୍ରେୟସୀରେ
ନ ପାରିଲେ ଧରି ନଳ
ଗଜ-ସ୍ତମ୍ଭ-ସମ-   ବାହୁ-ଯୁଗେ, ତାର
ଅଙ୍ଗ-ସଙ୍ଗ-ସ୍ତମ୍ଭେ ବଳ । ୧୫୫
'ଆଳଙ୍ଗ, ଅଳଙ୍ଗ,   କୃଷାଙ୍ଗି', ଏସନେ
ଭଣନ୍ତି ଅର୍ଦ୍ଧ ବଚନ ,
ଫେରି ଗୃହଂ ପ୍ରିୟେ,   ହସି ହସି ବାଳା ,
କଲେ ଦ୍ୱାର ଅତିକ୍ରମ । ୧୫୬
ଅପ୍ରିୟ ଆଚର,   ପ୍ରିୟ ତେଜ ଯାନ୍ତେ ,
ହେଲେ ଦୁଃଖିତ ଅନ୍ତରେ ,
ନ ପାରିଲେ ଯାଇ   ସଖୀ-ପାଶେ ଲାଜେ ,
ନ ପାରିଲେ ଫେରି ଘରେ । ୧୫୭
ବନ୍ଦି-ସୁନ୍ଦରୀ ଏକାଳେ ଯାଇ ଦ୍ୱାର-ପାଶେ ,
ଜଣାଇଲେ ଅବସର ମଧ୍ୟାହ୍ନ ନରେଶେ ,
"ଜୟ ନୃପ, ମଧ୍ୟ ଦିନ-ତାପେ ତପ୍ତ ହୋଇ ,
ପିଇବାକୁ ଇଚ୍ଛେ ତବ ସ୍ନାନ-ଜଳ ମହୀ । ୧୫୮
ଉପହୃତ କମ୍ବୁତ୍ୱ ଜାହ୍ନବୀ-ସଲିଳ ,
ଇଚ୍ଛାକରେ ନୃପ ତବ କେଶ-ଭଙ୍ଗି-ମେଳ ;
ତେଣୁ ଇଚ୍ଛେ ଅନୁଭବ କରିବ ଯେପରି ,
ତରଙ୍ଗିତ-ଶ୍ୟାମଳ-ଯମୁନା-ସଙ୍ଗ-ଶିରୀ । ୧୫୯

GPNanda Colln., Digitized by srujanika@gmail.com

ଅଦ୍‌ଭୂତ-ପ୍ରତାପ ରବି, ତୁମ୍ଭରି ସମାନ ,
ଖଣ୍ଡମସ୍ତକରେ ବହୁ, କରେ ତାପ-ଦାନ ;
ଶିବ-ପୂଜା କରି, ନଳ, ଦେଖ ସେ ଯେମନ୍ତ
ତୁମ୍ଭ ପୁଣ୍ୟ ଫଳେ ଏବେ ହେବ ଅଧରିତ" । ୧୬୦

ଉଠିଲେ ନୃପତି ଶିବ-ଅରଚନା-
ବେଳ ହେଉ ସମାଗତ ,
ଦେଖାନ୍ତି ହରଷ ହଟେ, ମାତ୍ର ହୃଦେ
ପ୍ରିୟା ବିରହେ ଦୁଃଖିତ ;
ପାର୍ଶ୍ୱ-ଦ୍ୱାର:ଅତେ ସାଦରେ ନୃପତି
ଚହୁଁଥାନ୍ତି ବାରମ୍ବାର ;
'ଫେରି ଅବା ପୁଣି ଆସିବେ ପ୍ରେୟସୀ',
ଏ ଅଶା ରଖି ମନର । ୧୬୧

କବିରାଜ-ରାଜ- ମୁକୁଟ-ଭୂଷଣ-
ହୀରକ ଶ୍ରୀହୀର ଜନକ କବ ;
ତନୟ ଶ୍ରୀହର୍ଷ ଜିତେନ୍ଦ୍ରିୟ ବର ;
ଜନନୀ ତାହାଙ୍କ ମାମଲ୍ଲ ଦେବୀ ,
ଅନ କବିଗଣେ ଅଜସ୍ର ରଚନେ
ରସୋକ୍ତିରେ ଯେହୁ, ତାଙ୍କ ରଚିତ
ସେହି ମହାକାବ୍ୟ ନୈଷଧ-ଚରିତେ
ବିଂଶ ସର୍ଗ ଏହୁ ସର୍ଗ ମହତ । ୧୬୨

୫୮୫

GPNanda Colln., Digitized by srujanika@gmail.com

ବିଂଶ ସର୍ଗର ଟୀକା

(ଅଙ୍କର ଶ୍ଲୋକାଙ୍କ ବୁଝିବାକୁ ହେବ)

୯ — ବପ୍ତଃଭ = ପତ୍ନୀକ ; ଜଳଧି । ଦ୍ୱ୍ୟର୍ଥ ଶ୍ଳେଷ ।

୧୦ — କେଶା — ଧନ ଅଗ୍ନି । ଦ୍ୱ୍ୟର୍ଥ ଶ୍ଳେଷ । ସନ = ଅଙ୍ଗ ।

୪୭ — ଏକାବଳୀ — ଏକ ସୂତ୍ର, ଏକ ଯଷ୍ଟି ।

୬୦ — ନର୍ଣ୍ଣ ଚୁମ୍ବନେ, ନଶ୍ ଧାତୁରୁ ଚୁମ୍ବନ ଅର୍ଥ ।

୮୦ — ମଧୁ ଗୋଷ୍ଠୀ = ମଦଚିଅ ମଜଲିସ ଦଳ । ସତ୍ଵୀ = (ଏଠାରେ ସମ୍ଭବତଃ) ବାଉବାଲା । ବରୟ ସାମାଜିକ ଦଳ ।

୧୦୪ — ଚତୁର୍ଦ୍ଧଶାଶ୍ରମ ନଳଙ୍କର ବନ୍ଧୁସ୍ଥାନ ତଥା ଗର୍ଭ-ବର୍ଣ୍ଣନାରେ କଥିତ ଅଛୁ ।

୧୦୮ = ବ୍ୟର୍ଥ ମୋ ଦେବ ତା' — ହେ ନଳ ମୋର ଭାର୍ଯ୍ୟା (ବଚନ) ବ୍ୟର୍ଥ,, ଏହୁ ଦ୍ୱ୍ୟର୍ଥ ଶ୍ଳେଷ ଅଛି । ପରେ ୧୧୮ ଶ୍ଲୋକ ଦେଖ ।

୧୧୬ — ଅଶୁଚି — ଗଳ୍ପ ।

୧୧୮ — ବସ୍ତ୍ର ଓ ଜଳ, ଦୁହିଙ୍କ ସମ୍ବନ୍ଧରେ ଦୁଇ ଅର୍ଥ । ଶୁଚି-ଦଶା-ଉତ୍ତମ । ଦଶା = ବସ୍ତ୍ର ପ୍ରାନ୍ତ, ଦଶି ; ଅବସ୍ଥା । ଗୁଣ = ବସ୍ତ୍ର ତନ୍ତୁ ; ସଦ୍ଗୁଣ ।

GPNanda Colln., Digitized by srujanika@gmail.com

ଏକବିଂଶ ସର୍ଗ

ବୈଦର୍ଭୀ-ମଣି-ହର୍ମ୍ମ୍ୟେ ଅସିବା ବେଳେ ,
ସେବଳେ ଦ୍ୱାରଦେଶେ ରାଜା ଏ ନଳେ ,
ସୋପାନେ ତାଙ୍କ କର ପଇଠ ନେଇ ,
ଭରଦ ବୋଲି ପୁଣି ଦେଲେ ଜଣାଇ । ୧
ଚୀନ ବସନେ ପଥ ଥିଲା ସଜ୍ଜିତ ;
ତଥାପି ଭାଳି, ପାଦ ହୋଇବ କ୍ଲାନ୍ତ ,
ବେନ ପାରୁଶେ ନୃପେ ପ୍ରଣାମ କାଳେ ,
ପକାନ୍ତି ପୁଷ୍ପମାଳା ଯେଉଁ ପଥରେ । ୨
ନାନା ବିଚିତ୍ର ଉପହାର ରତନ ,
ଅରପିଲେ ଚରଣେ ନୃପତି ଗଣ ;
କଲେ ଦୃଷ୍ଟି ପ୍ରଦାନ ନିଷଧ-ନାଥ ,
ମଣନ୍ତି ବନ୍ଧୁମାନେ, ହୋଇ କୃତାର୍ଥ । ୩
ଚ୍ଛଳ ଅଙ୍ଗୁଳ ନେଇ ଠାରି, ବା ଭ୍ରୂ-
ଭରଙ୍ଗେ ସୂଚି, ଆନ ରାଜନଠାରୁ
ପାଇବା ଉପହାର, ଆନ ରାଜନେ
ଦେଲେ, ପ୍ରସାଦ ସେନ୍ତୁ ମଣନ୍ତି ମନେ । ୪

GPNanda Colln., Digitized by srujanika@gmail.com

ଭାଷି କୁଶଳ ସତ୍ୟ ପ୍ରିୟ ବଚନ ,
ବଦାନ୍ୟ ଦେଲେ ସର୍ବେ ପିତା ସମାନ ;
ଶିଷ୍ୟ-ଭାବେ ଆଗତ ନୃପତିଗଣେ
ଶିଖାଇଲେ ଶୁଭୁଶ୍ରୀ ଅସ୍ତ୍ର-ଗୁଳନେ । ୫
ମର୍ତ୍ତ୍ୟେ ଅଜ୍ଞାତ ନାନା ଅସ୍ତ୍ର-ବର୍ଗର
ତତ୍ତ୍ୱ ଶିଷ୍ୟ ସକଳେ ଶିଖାଇ ନଳ ,
କଳ୍ପନେ ସ୍ୱେଦ ବିନ୍ଦୁ ହୁଅନ୍ତେ ଜାତ ,
ନିଷାଧି ଶାର୍ଦ୍ଦେ, ସ୍ନାନ ମଣିଲେ ଦ୍ରୁତ । ୬
ଯକ୍ଷ-କର୍ଦ୍ଦମେ ଦେଲା ଅଙ୍ଗ ମର୍ଦ୍ଦନ,
ମସ୍ତକେ ଦେଲା ମୃଗମଦ-ଲେପନ ,
ଭୃଙ୍ଗ ସେବିତ ଗନ୍ଧ, ବାସ ସକଳେ
ଦନ୍ତ-ସ୍ତମ୍ଭାଏ ଘଟେ ସଞ୍ଚିଲେ ନଳେ । ୭
ଅପ୍ରୁ ପୁରୋଧା ତନ୍ତୁ ମନ୍ତ୍ର ଉଚ୍ଚାରି ,
ସ୍ୱବର୍ଣ୍ଣ କୁମ୍ଭ ତୀର୍ଥ ସଲିଲ ଢାଳି ,
ବିଶାଳ ତପେ ପୂତ ନଳ-ରାଜନେ
ଅବଗାହନ କରାଇଲେ ଯତନେ । ୮
କର-କମଳ-ଯୁଗ-ଗହ୍ୱରେ କୁଶ
ଧରନ୍ତେ ସ୍ନାନ ସାରି ନୃପତି-ଈଶ ,
ପ୍ରିୟା-କୁଚ-ବିୟୋଗ-ଅନଳ-ଜାତ
ଧୂମ ନିକର ପରି ହୁଏ ପ୍ରତୀତ । ୯

GPNanda Colln., Digitized by srujanika@gmail.com

ଅଚମନେ ଗଙ୍ଗୋଦ-ଚୁଳୁକୋଦରେ
ଗଗନ ପ୍ରତିବିମ୍ବ ଦରଶେ ଉଜ୍ଜ୍ୱଳେ ;
ଏସନେ ସେ ସଲିଳ ପିଏ କି ସତେ
ସ୍ୱରଗ ଅଣି ନଳ ନୃପତି ହାତେ ! ୧୦
ଜଳ ପରଶେ ମୃଦୁ ମୃତ୍ତିକା-ଲେପ
ଲଲାଟ ଆଦି ଅଙ୍ଗେ ବିହୁଲେ ନୃପ ;
ସ୍ୱର୍ଗେ ସତେ କି ଭୈମୀ-ମୃଗଜ ପତି
ଅଙ୍ଗମାନେ ସେ ଛଳେ ଅଲଙ୍ଗେ ଥିତି । ୧୧
ମୂଳ ମଧ୍ୟାଗ୍ର ବ୍ରହ୍ମା ବିଷ୍ଣୁ ଶଙ୍କର
ଅଣନ୍ତୁ କୁଶେ, ତେଣୁ କରାଗ୍ର-ଶିର-
ତରଙ୍ଗେ ଝରିପଡେ ଜାହ୍ନବୀ ବାରି ,
ନଳ ଶିରେ ପଡେ କି ସେଚନ କରି ? ୧୨
କରନ୍ତେ ପ୍ରାଣାୟାମ ମଧ୍ୟେ ନଳର ,
ଦିଶିଲା ତାଙ୍କ ମୁଖ ତଥା ପୁନର ,
ମନ୍ଥନ ପୂର୍ବ କାଳେ ସିନ୍ଧୁ-ଉଦରେ
ଅମୃତ-କର-ଶିଖ ଯେସନ ସ୍ଫୁରେ । ୧୩
ଦଶ-ଦିଗ-ବସନ ଚନ୍ଦ୍ର-ଶେଖର-
ସଙ୍ଗେ ସ୍ପର୍ଦ୍ଧାରେ ମର୍ତ୍ତ୍ୟ-ମଦନ ନଳ
ପିନ୍ଧିଲେ ସଦୃଶ କି ସେହୁ ରୁଚିର
ଅଭ୍ର-ଖଣ୍ଡ-ଦ୍ୟୁତି-ତାର ଅମ୍ବର ! ୧୪

GPNanda Colln., Digitized by srujanika@gmail.com

ବୈଦର୍ଭୀ ଚିନ୍ତା ହୃଦ ସଦା ଚଞ୍ଚଳ ;
ତା'ର ସଂଯମେ ନକି ରାଜର୍ଷି ନଳ
କରି ହୃଦୟ-ଆବରଣ କୌଶଳେ ,
ବାନ୍ଧିଲେ ଉତ୍ତରୀୟ ବେଷ୍ଟନ-ଛଳେ । ୧୫
ସ୍ନାନ-ସଳିଳ-ପୂତ ଉରୋଜ ଯା'ର ,
ମୃଦୁ ତିଳକ-ବିନ୍ଦୁ ମୁଖେନ୍ଦୁ ଗୌର ,
କେଶୁଁ-ଗଳିତ-ଜଳ-ମୁକ୍ତା-ଦଶନେ ,
ସେବିଲା ସେହୁ ସ୍ତନ-ଶିଖି ରଜନେ । ୧୬
ଶୀତ ଶୁଭ୍ର ଦେବତା ଯାଦ୍ୱାର ଜଳ ,
ସେ ମନ୍ତ୍ରେ ଜଳ ଧରି, ସ୍ୱପିଲେ ନଳ ;
ସ୍ୱାଦୁତା-ମୋଦ ଦେଖି ଗୃରି ଇନ୍ଦ୍ରିୟେ ,
ବୃଥା ଧା' ଗନ୍ଧେ ଘ୍ରାଣ ମମତା ବନ୍ଧେ ! ୧୭
ସୂର୍ଯ୍ୟ ଉଦ୍ଦେଶ୍ୟେ ଜଳ ଧରି, ଶିରସେ
କରେ ସିଞ୍ଚିଲେ ନୃପ; ମନକୁ ଆସେ,
ସତେ କି ତୃଷ୍ଣା ପୁଣି ଶାଣେ ବସାଏ
ସବିତା, କ୍ଷଣ ଚନ୍ଦୁଁ ଉଡ଼ୁଣ ଯାଏ । ୧୮
ଜପେ, ଶ୍ରୁତି-ମନ୍ତ୍ର ସେ କରନଳିନେ ,
ଶୁଦ୍ଧ-ବୀଜ-ବିଶଦ-ସ୍ଫୁଟ-ବରଣେ ,
ପ୍ରବେଶ କରେ ଅପି ତାଙ୍କ ଶ୍ରୀକରେ ,
ସ୍ଫଟିକ-ଅକ୍ଷମାଳା-ବଳୟ-ଛଳେ । ୧୯

GPNanda Colln., Digitized by srujanika@gmail.com

ଅଙ୍ଗୁଳି ପଦେ ଯବ ଧରି ସେ ନଳ
ଦେବ ତର୍ପଣେ ଯବ ଦେଇ, କେବଳ
ଦ୍ୟୁରକ୍ତି କଲେ ପୁଣି ଶାକଳ ଛଳେ
ପିତୃ ତର୍ପଣ ଛଳେ ତଥା ବିହ୍ୱଳେ । ୧୦
ପୂତ ପାଣି ଚରଣ ରାଜର୍ଷି କଲେ
ବ୍ରହ୍ମର୍ଷି ସେବିତ ଦେବ ମନ୍ଦିରେ
ପ୍ରବେଶ, ପୂତ ପଥେ, ଅପର ଜନେ
ଦୂଷିତ ହୋଇନାହିଁ ଯାହା ଗମନେ । ୧୧
କାହିଁ କୁସୁମମାଳେ ରଚିତ ଘରେ ,
ମେଚକାଗୁରୁ-ଧୂପ-ଧୂମ ପ୍ରସରେ ,
ବେଣୁ ଲଭଇ ଗୃହ ଶିଖୀ ସେ ପୁର ,
ଉଡନ୍ତି ପୁଷ୍ପ ଲୋଭେ ନକି ଭ୍ରମର ! ୧୨
ଯେ ଦୀପ ତେଜେ ତମ ହୋଇଛି ପୀତ ,
ଯେ ପୁଣି ହରିଦ୍ରାର ଅଙ୍କୁର ବତ ,
ହେମ ଲତିକା ପରି ସେ ଦୀପ-ଜାତ ,
ଦେବେ ପ୍ରଦାନ ଲାଗି ଯହିଁ ସ୍ଥାପିତ । ୧୩
ମୌକ୍ତିକ ମଣି ଥିଲା ଶଙ୍ଖ ଗରଭେ ,
ଛାଡି ତାହାକୁ , ଏବେ ଶରଦ ଭାବେ ,
ଯତେ ବ ଶଙ୍ଖ ଧରେ ହୃଦେ ବଦନ !
ଶଙ୍ଖ ଗର୍ଭେ କୁଂକୁମ ଦକ୍ଷେ ତେସନ । ୧୪

GPNanda Colln., Digitized by srujanika@gmail.com

ଘନ ଚନ୍ଦନ-ପଙ୍କ ଅଙ୍କରେ ବନ୍ଧ ,
ମର୍କତ ଶିଳା ପାତ୍ର ଶୋଭଇ ଯହିଁ ,
କ୍ରୀଡାରେ ଗ୍ରାସ କରି ସୁଧା କିରଣ ,
ରାହୁ କରଇ ଯଥା ଶୋଭା ଧାରଣ । ୧୫
ଯହିଁ କସ୍ତୁରୀ-ପଙ୍କ ଗରଭେ ଧଳ ,
ରଜତ ପାତ୍ରେ ଶୋଭେ ତେସନ ଶିଖ ;
ସୁଧାକର ସମାନ ପାତ୍ର-ସକଳ ;
ମୃଗାଙ୍କେ ଯିନା କଳୁଷିତ ଅନ୍ତର । ୧୬
ବନ୍ଧୁ-ଶର୍କରା-ଯୁତ ଦଧି ଓଦନ
ଦଶେ ସେଠାରେ ଦୁଗ୍ଧ-ସୌଧ ସମାନ ;
ଧର୍ମ-ଗହ୍ୱରେ ଯହିଁ , ଶଙ୍କା ଜନ୍ମଇ ,
ସୁକୃତାଙ୍କର ଉପୁଜନ୍ଥ କି ତହିଁ ! ୧୭
ଅମର-ବାସସ୍ଥାନ-ସୁମେରୁ-ଗର୍ବ
ଚମ୍ପକ-ଛବି କାହିଁ କରଇ ଖର୍ବ !
ସ୍ଫଟିକ-ଗୌର-କଇଳାସେ ବା କାହିଁ
ମଲ୍ଲିକା-ପୁଷ୍ପରାଶି ହ୍ରସ୍ୱ କରଇ ! ୧୮
ଦେବତା-ପ୍ରେମ-ଭେଟେ ହୋଇ ଆବୃତ ,
ନ ରହିଲା ଭୂମିରେ ସ୍ଥାନ କିଞ୍ଚିତ ;
କୁଳବଧୂ ସମାନେ ସତେ କି ମହୀ ,
ନିଜ ପଟରେ ଅଙ୍ଗ ଗୁପ୍ତ କରଇ ! ୧୯

GPNanda Colln., Digitized by srujanika@gmail.com

କାନ୍ତ-ସ୍ୱର-ପୀଡ଼ିତ-ମଣି-କିରଣ
ଯେଉଁ କୃତ୍ରିମ-ଭୂମୀ-ଚତ୍ୱର-ସମ ;
ସେ କାନ୍ତେ , ପ୍ରତିବିମ୍ବ-ଗାମୁକ-ଜନ-
ଶିର-କମ୍ପନ , ଭାମ-ଚେଷ୍ଟା-ସମାନ ! ୩୦
ବିବିଧ ବର୍ଣ୍ଣ-ମଣି-ଭୂଷଣେ ପୂର୍ଣ୍ଣ ,
ପୁଣି ନିର୍ଦ୍ଦୋଷ ଭୋଗେ , ଯେଉଁ ଭବନ
ନାନା ଚନ୍ଦ୍ର-ବସନେ ଦିଶେ ସୁନ୍ଦର ,
ବସିଲେ ମଣି-ପୀଠେ ତହୁଁ ଭୂପାଳ । ୩୧
ପୂଜନ୍ତେ ସୂର୍ଯ୍ୟେ , ସୂର୍ଯ୍ୟ ହେଲେ ବିଗ୍ରହ ,
ସ୍ୱର୍ଣ୍ଣ ନଳଙ୍କ ଭକ୍ତି-ଗନ୍ଧ କେବଳ ;
ମଣିଲେ ଶାମ୍ୱେ ବଳ ଶ୍ରଦ୍ଧାକୁ ପଣେ ,
ତହୁଁ ଅଧିକ ଦେଖି ଉତ୍ସବ ମନେ । ୩୨
ରକ୍ତ-ଚନ୍ଦନ-ବୀଜ-ମାଳିକା ଧରି ,
ସୂର୍ଯ୍ୟ-ମନ୍ତ୍ର ଜପିଲେ ନୃପ ମଣ୍ଡଳ ;
ସେ କରୁ ରକ୍ତପଣ ଶିଖିବା ପାଇଁ ,
ସତେ କି ବୀଜେ ସେବି , ଅଛନ୍ତି ତହୁଁ ! ୩୩
ଧୂତୁର ଫୁଲ ଦେଇ , ଶମ୍ଭୁ-ଶିରସେ
ନଳ ନୃପତି ପୂଜା , ଏମନ୍ତ ଦିଶେ ;
ସତେ ରଖିଣ ଛଣି , ତାହାଳ ତା'ର
ଗ୍ରହଣ କରନ୍ତି କି ସେ ନୃପ ନଳ । ୩୪

GPNanda Colln., Digitized by srujanika@gmail.com

ଶୁକ୍ଳ ନାଗକେଶର ପ୍ରସୂନେ ନଳ
ପୂଜା କରନ୍ତେ ଚନ୍ଦ୍ର-ଶେଖର-କର ,
ଦଶିଲା ତାହା ବ୍ରହ୍ମ-କପାଳ-ପରି ,
ଛେଦ କି ନିଜେ ଶିବ ଅଛନ୍ତି ଧରି ? ୩୫
ନୈଷଧ ଶିବ-ଗଳ-ନାଳ· ଭୂଷଣ ,
ନୀଳ-ପଙ୍କଜ-ମାଳା , କରି ଅର୍ପଣ ,
ସ୍ଫଟିକ-ତନୁ ତାଙ୍କ ହେଲେହେଁ ଶ୍ୱେତ ,
ନୀଳ-କଣ୍ଠ-ପଦବୀ କଲେ ପ୍ରାପିତ । ୩୬
ମଦନାରି ପୂଜରି ହେବେ ପ୍ରସନ୍ନ ,
କଲେ ମୁଁ ଏହପରି କାର୍ଯ୍ୟ ସାଧନ ;
ତେଣୁ ପୋଡଲେ ଧୂପେ ଅଗୁର-ପୁର ,
ଚୂର୍ଣ୍ଣ ପୋଡଲେ ତହିଁ ସେ କାମ-ଶର । ୩୭
ଧ୍ୟାନେ ମୁଦିଲେ ନେତ୍ର ନୃପ ସେ କ୍ଷଣେ ,
ଶିବ-ମୌଳି-ଶଶାଙ୍କ-ଭୟେ କି ମନେ !
ଦମୟନ୍ତୀ ବିରହ ସହି ନ ପାରି ,
ନ ଗୃହାନ୍ତି ମୃଗାଙ୍କେ ତେସନେ ଛଳ । ୩୮
ନମିଲେ ଶିବେ ଭୂମେ ପଡ଼ି ରାଜନ ,
ସତେ ଶରଣ ପଶେ ନକି ମଦନ ?
ନିଜ ଶସ୍ତ୍ର , ସାୟକ , ପାଦୁକାସନେ
ତାହାଙ୍କ ପଦଯୁଗେ ରଖି ପୂଜନେ । ୩୯

GPNanda Colln., Digitized by srujanika@gmail.com

ନିଜ ଶାସ୍ତ୍ର ସଦୃଶ ସୃଷ୍ଟ-ନିକର
ତ୍ର୍ୟମ୍ବକ ପଦେ ରଖି , ସୁମନଶର
ଦଣ୍ଡବତ ପ୍ରଣାମ କରଇ ଏବେ ,
ଶରଣ-ଦାନକାଙ୍କ୍ଷୀ ଲଭିଣ ଶିବେ । ୪୦
ଶତ ରୁଦ୍ରୀୟ ଜପେ ହେଲେ ବ୍ୟାପୃତ ,
ହୋଇଲା କର ନବ-ପଲ୍ଲବ-ବତ ;
ନବ ପଲ୍ଲବେ ଯଥା ଭ୍ରମର-ଅଳି ,
ତେସନ ଶୋଭେ ମଣି-ରୁଦ୍ରାକ୍ଷ-ମାଳି । ୪୧
ଉତ୍ତମ ପୁରୁଷଙ୍କୁ ପୂଜିଲେ ନଳ ,
କରି-ପୁରୁଷ-ସୂକ୍ତ ପାଠ ମଧୁର ;
ଦ୍ୱାଦଶାକ୍ଷର ମନ୍ତ୍ର ଉଚ୍ଚାରି ଗଲେ ,
ନୃପ ବିଷ୍ଣୁ-ଦ୍ୱାଦଶ-ମୂର୍ତ୍ତି ନମିଲେ । ୪୨
ମଲ୍ଲୀ-କୁସୁମ-ମାଳା ଡୁଣ୍ଡୁଭ ସରି ,
ବଳଇକୃତ-ମାଳେ ବସାଇ ହରି ,
ଦେଖିଲେ ସେ ଅସନେ ସତେ ଯେସନ ,
ଶେଷ-ତନୁ-କୁଣ୍ଡଳେ ଉପବେଶନ । ୪୩
ଯେ ବନ-ସ୍ରଜ ନୀଳ-ଉତ୍ପଳ-ମୟ ,
ଭୂଷିଲେ ନଳ ତହିଁ ବିଷ୍ଣୁ-ହୃଦୟ ;
କୌସ୍ତୁଭ-ଶୋଭୀ-ବକ୍ଷ-ବାସିନୀ-ଶିରୀ-
କଟାକ୍ଷ-କୋଟି-ସମ , ବନ୍ଦେ ସେ ଶିରୀ । ୪୪

GPNanda Colln., Digitized by srujanika@gmail.com

ଶତ-ସ୍ୱର୍ଣ୍ଣ-କେତକୀ , ସୁବର୍ଣ୍ଣ-ମାଳେ ;
ପୁଣ୍ଡରୀକ-ଘଟ୍ଟନା , ରଜତ ଦ୍ୱାରେ ;
ପଦ୍ମରାଗରେ ବରବୀର-ବିଧାନ
ବିହିଲେ ପୂଜାରୁକ୍ମି ମାତ୍ର ରାଜନ । ୪୫
ଭକ୍ତ-ବଳରେ ହେଲେ ସେ ଭକ୍ତବଳ ;
ହୋଇଲେ କୃଷ୍ଣ , ଲଭି ନଳ କସ୍ତୁରୀ ;
ଶଙ୍ଖ ଚକ୍ର ଜଳଜେ ହୋଇ ପୂଜିତ ,
ହେଲେ ସେ ଶଙ୍ଖ-ଚକ୍ର-ଜଳଜ-ହସ୍ତ । ୪୬
ପୂଜାନ୍ତେ ଅଦ୍ଭୁତରୂପ , ଗବାକ୍ଷ-ଜାଲେ
କୃଷ୍ଣ-ଅଗୁରୁ-ଧୂପ-ଧୂମ ବାହାରେ ;
ଗଲେ କି ଶିବ-ଧୃତ ଭୁଜଙ୍ଗ-ଗଣ ,
ଚନ୍ଦ୍ର-ପୂଜାର ଭୟେ ଅତି ମଳିନ । ୪୭
ଜାତିମାଳା ସ୍ୱହସ୍ତେ କରି ମଣ୍ଡନ ,
ଅନର୍ଘ ମଣିଗଣ କରି ପ୍ରଦାନ ,
ବନ୍ଧୁ-ରତନ-ଯୁତ କ୍ଷୀର-ସାଗରେ
ନିମଗ୍ନ ହେଲା ପରି କଲେ ହରିଙ୍କରେ । ୪୮
ପୁଷ୍କର-ବୀଜ-ଅକ୍ଷମାଳା-ସଙ୍ଗତେ
ବିଷ୍ଣୁ-ମନ୍ତ୍ର ଜପିବା ବେଳେ ଏକାନ୍ତେ ,
ନୃପ-କର-ସଙ୍ଗେ ସେ ବୀଜ, ବିଧିରେ
ପଙ୍କଜ-ସଙ୍ଗ-ବାସ-ଭୋଗ କି କଲେ ! ୪୯

GPNanda Colln., Digitized by srujanika@gmail.com

ନିଜ ମସ୍ତକେ ବିଷ୍ଣୁ-ଚରଣେ ନଳ
ଅର୍ପଣ କଲେ ଦୀର୍ଘ ମଲ୍ଲିକା-ମାଳ ;
ଶୋଭିଲା ସେହିମାଳ ଗଙ୍ଗା-ସମାନ ;
ସେବନ୍ତି ନିଜ ଶିରେ ନଳ-ରାଜନ ! ୫୦
ହୃଦୟେ ସ୍ଥାପି କମଳାରେ କେଶବ ,
ପୂଜିଇଲେହେଁ ତହିଁ ଅଧିକ ଭାବ ,
ଶିଖି-ଗୃହ-ଉପରେ କଣ୍ଠ-ନିବାସେ
ବାଣୀରେ, ମଣି ଗଉରବ ବିଶେଷେ ,
ଲଭି ଏସନ ପୂଜା ବହୁତ ଧନେ ,
ନ ଲଭିଲେ ନୃପତି ସନ୍ତୋଷ ମନେ ;
ଇଚ୍ଛିଲେ ହରିଭକ୍ତି, ତହିଁ ଅର୍ପଣେ
ସୂକ୍ତି-ମୌକ୍ତିକମୟ ଉପଢୌକନେ । ୫୧-୫୨
"ବାକ୍ୟ ବିଷୟ ନୁହେ ତୁମ୍ଭର ସ୍ତବ ;
ମୋ ପରି ଜନେ ରୂପ ବର୍ଣ୍ଣନା ତବ
ପ୍ରଳାପ ବିନା ! କ୍ଷମା କର, ହେ ହରି ;"
ଏତେ କହି, ମେଲିଲେ ସ୍ତବ-ଲହରୀ । ୫୩
"ହେ ଦେବ ସ୍ୱପ୍ରକାଶ, ଏ ଜଡ଼ ଜନ
କରି ଇଚ୍ଛଇ ଯାହା ତବ ବର୍ଣ୍ଣନ ,
ସବିତା ତେଜ ପରକାଶେ କାମନା
ଅନ୍ଧକାରର ଯଥା, ତଥା ଏ ବିନା । ୫୪

GPNanda Colln., Digitized by srujanika@gmail.com

ନହୁ ଗୋଚର ବୋଲି ମୋ ବାକ୍ୟ, ମନ ,
ନ କରିବେ କି ନାଥ ତବ ଭଜନ ?
ଉତ୍କଣ୍ଠିତ-ଚାତକ-ଯୁଗଳ-ସ୍ପୃହ
ସାଧେ ଅଦୃଶ୍ୟ ହୋଇଲେହେଁ ବାରିଦ ! ୫୫
କପଟ ମତ୍ସ୍ୟ-ଦେହେ ପୁଚ୍ଛ ଚାଳନେ ,
ଉଡ଼ ସାଗରୁ ଜଳ ଗଗନାଙ୍ଗନେ
ଶୋଭିଲା ଯାହା ତହିଁ, ଶ୍ୱେତ ଆକାରେ
ସ୍ୱରଗ ଗଙ୍ଗା ସେହୁ, ମନେ ବିଚାରେ । ୫୬
ପ୍ରତି ସମରେ କର ପୃଷ୍ଠେ ଧାରଣ
ଅବନୀ, ଚକ୍ରଚିହ୍ନ ଯିନା ସେ ବ୍ରଣ !
କ୍ଷିତି-ରକ୍ଷା-କୁଶଳ ମୂର୍ତ୍ତି ତୁମ୍ଭର
ରକ୍ଷାକର, ହେ ନାଥ, ଏ ଚରାଚର । ୫୭
ତ୍ରିବିଦଗେ ବିଶାଳ ଗିରି ସାଗର ,
ବରାହ-ଗିରି-ଖୁର-କ୍ଷତ-ବିବର ;
ସେହୁ ବରାହ-ରୂପୀ ତବ ଦଶନ
ଜଗତେ, ପୁଣି ମୋତେ, କର ପାବନ । ୫୮
ପ୍ରଳୟ-ପାରୁ ଧରା ଟେକିଲା ବେଳେ ,
ଆଲିଙ୍ଗନେ ରୋମାଞ୍ଚ ଫୁଟି ଶରୀରେ ,
ବାହାରେ ଦଶି, ତବ ପୂଜନ ପାଇଁ ,
ନୀପ କୁସୁମ ପରି ହେଲା, ଗୋସାଇଁ । ୫୯

GPNanda Colln., Digitized by srujanika@gmail.com

ବୈରି ଦାରଣେ ମୃଗ-ଦେବ-ସ୍ୱରୂପ-
ଅସ୍ତ୍ର-ସମୂହେ ଅର୍ଦ୍ଧ-ନର ମହତ ,
ଦାନବାଦ୍ୟ-ଗହନ ସମ୍ଭବ ଭବ
ସିଂହ-ରୂପ, ଉଦ୍ଧାର ମୋତେ ହେ ଦେବ ! ୬୦
ଦୈତ୍ୟ-ଭର୍ତ୍ତା-ଉଦର-କୂପେ-ପତିତ-
ଶକ୍ର-ସମ୍ପଦ-ଉଦ୍ଧରଣେ ଛେଦତ-
ରତ୍ନ-ପରି ତା'ଅନ୍ତ ଲଗେ ଯହିଁରେ ,
ସେ ପାଣି-ପଦ୍ମ-ନଖ ଉଦ୍ଧାର ମୋତେ । ୬୧
'ସ୍ୱବଳେ ସର୍ବ ଆଶା କର ପୂରଣ ,
କି ମୋର ଚାହଁ, ଅହେ ବଳି-ରାଜନ ?'
ଏହା କପଟ ଗିରେ ପଚ୍ଛୁ ବାମନ ,
କର କରୁଣା, ହେଉ ମନ ପ୍ରସନ୍ନ ୬୨
'ଦାନବାରି-ରସିକ ତୁମ୍ଭଙ୍କୁ ସର୍ବ
ଶତ୍ରୁତା ପ୍ରତିପତ୍ତି ଦେବି ମୁଁ ଦେବ ;'
ଏସନେ କହୁଁ ବଳୀ, ପୁଲକ ଜାତ
ଯା'ର, ସେ ରୂପେ ମୁହିଁ ହେଉଛୁ ନତ । ୬୩
'ମନ୍ତ୍ରୀ-ଛଳେ ସ୍ୱର୍ଗେ ବା ପେଷ ସ୍ୱଜନେ ,
ରହିବ ତାର ଯେବେ କରୁଛ ମନେ ,
କରେ କର ଭୁବନ-ଦାନ-ମାତର ?'
ଏ ଛନ୍ଦ ତବ, ତୁମ୍ଭେ ଚିତ୍ତ ଉତ୍ତର । ୬୪

GPNanda Colln., Digitized by srujanika@gmail.com

'କାହିଁକି ଇଚ୍ଛା ଏତେ କହୁଛ ମୋରେ ?
ତବ ଚରଣେ ବଶ ହେବି ମୁଁ ହେଲେ ;'
ଏତେ କହିଲ ବଳୀ, ଭକ୍ତ-ତାରଣ ,
ଉଦ୍ଧାର କର ତବ, ଅହେ ବାମନ । ୬୫
ସୃଷ୍ଟିର ପୂର୍ବେ ଯେଉଁ ବ୍ରହ୍ମ ହେ ତବ
ଷଡ଼ୈଶ୍ୟ-ନାଭି ଭବେ କଳ୍ପ ଉଦ୍ଭବ ,
ପରଶୁରାମ ଦେହେ ସେ ଭୁଜ-ଦ୍ୱୟ
କଲା ତାଙ୍କ ବିନାଶ; ହେଉ ତା'ଜୟ । ୬୬
ପାଂଶୁଳା ପୁଣି ବନ୍ଧୁ-ପତ୍ନ ଯେ ମହୀ
କଲେ ଯା 'ନବଖଣ୍ଡ ସର୍ବେଷେ ବିଧି
ଦ୍ୱିଜ ଭୋଗେ ପ୍ରଦାନ ସେ ଧରାତଳ
ଧନ୍ୟ ଯୁକ୍ତି-କାରିତା, ନାଥ, ତୁମ୍ଭର । ୬୭
ନାଶିଲେ କାର୍ତ୍ତବୀର୍ଯ୍ୟେ ରେଣୁକା ସୁତ ;
ତା'ଭୁଲେ ଦଶାନନ ନାଶ ଅଦ୍ଭୁତ !
ଏକ ସମୟେ ପୁଣି ଉଭୟ ରାମେ ,
ପୁନରୁକ୍ତି-ବର୍ଗରେ ମୁହିଁ ପ୍ରଣାମେ । ୬୮
କେଁତେ ସେ ଦେବ, ପ୍ରଜାପତି ସେ କେତେ ,
ବ୍ରହ୍ମାଙ୍କଠାରୁ ହୀନ ସର୍ବେ ଜଗତେ ;
ତବ ସୃଷ୍ଟି ସକାଶେ ସେ ବ୍ରହ୍ମାଙ୍କର
ରେଣୁକା-ସୁତ-ହସ୍ତ-ଲେଖ ମାତର ! ୬୯

GPNanda Colln., Digitized by srujanika@gmail.com

ହେ ଅଜ, ଅଜପୁତ୍ର, ଲବ ଜନକ
ନୃହେ ଦୂଷଣ, ଏହୁ ବିଶ୍ୱ-ଭୂଷଣ ;
ଦୂଷଣ-ପ୍ରଶମନେ ଯେଣୁ ହେ ଦେବ ,
ଅଛଇ ସମରଥ ତବ ବୈଭବ । ୭୦

ହେ ରଘୁବଂଶ, ତତ୍ତ୍ୱ ବୁଦ୍ଧି-ପ୍ରଦାନେ
କୃପଣ ଯେବେ, ବଥ ସେ ମୋହ ମନେ ,
ଯେ ମୋହେ ଦଶାନନ-ଚମୂ-ସକଳ
ଦେଖିଲେ ଏ ଜଗତେ ରାମ କେବଳ । ୭୧

ପିତା-ଆଦେଶେ, ମିଥ୍ୟା ପ୍ରବାଦେ ଡରି ,
ତେଜିଲ ନାଥ, ମହୀ-ପ୍ରଭବ-ଶିରୀ ;
ଦୁଇବାର, ବାରିଙ୍କି ଲଙ୍ଘିଲ ହେଳେ ;
ଅରିଙ୍କି ଯୁଦ୍ଧେ ପୁଣି ଲଙ୍କା-ମଣ୍ଡଳେ । ୭୨

'ଅରପି ଜନକଜା ନ ମରେ ମୁହିଁ
କାମ ବିଶିଖେ,' ରକ୍ଷ ଏ ସତ୍ୟ କହି ,
'ଦେବୁଁ ନୋହିବ ମୃତ୍ୟୁ,' ବର ବଚନ
ସଫଳ, ତବ ଅସ୍ତ୍ରେ ହେଲା ପାବନ । ୭୩

ସର୍ବସୈନ୍ୟ ଦଶାନନେ କରି ବିନାଶ ,
ନାଶିଲ ଯା ଶମ୍ଭୁକେ ଧନ୍ୟ ସେ ଯଶ !
ନ ଜଣଇ କି ତାହା ଧବଳ ଗୁଣେ ,
ସାଗର ମଧ୍ୟବର୍ତ୍ତୀ କମ୍ବୁ-ଗହ୍ୱନେ ? ୭୪

GPNanda Colln., Digitized by srujanika@gmail.com

ମୃତ୍ୟୁ-ଭୟଦ ପୁଣ୍ୟ-ଜନେନ୍ଦ୍ର ମାର ,
ଅରକ୍ଷ ଯକ୍ଷ, ପୁଣି ବରକ୍ଷ ନାଶି
କ୍ଷୁଦ୍ର-ଦୁର୍ଜନ-ଭୀତ-ବଶ୍ୟ, ହେ ଦେବ ,
ଲଜ୍ଜା ନୋହନ୍ତ; ଏତ ନୁହେ ସମ୍ଭବ । ୨୫
କ୍ଷଣ ଶରଦାନଲେ ଲକ୍ଷ୍ମଣଙ୍କର
ନିଜ ଜୀବନ ତୃଣ-ଅନୁଭୂତ ଯା'ର ,
ପ୍ରିୟା-ବିରହ-ଔର୍ବ-ସାଗର-ଧରି ,
ହେ ଶରଣ୍ୟ, ଶରଣ ହୁଅ ମୋହରି । ୨୬
ନିରେଖି କ୍ରୌଞ୍ଚ-ଦୁଃଖ ଅତି ବିକଳେ
ଯେ ଆଦି କବି ଏକ ଶ୍ଳୋକ ରଚିଲେ ,
ତବ-କରୁଣା-ରସେ ସେ ମୁନିବର
ବାନ୍ଧିଲେ ଶ୍ଳୋକ-ସିନ୍ଧୁ, କାବ୍ୟ ସୁନ୍ଦର । ୨୭
ବିଶ୍ରବା ପିତା ଯା'ର, ତା'ର ଶ୍ରବଣ
ଥିବା ନୁହେ ଉଚିତ ଭାବି ଏମନ ,
ଲକ୍ଷ୍ମଣ-ଦେହେ, ଶୂର୍ପଣଖା ଶ୍ରବଣ
ନ ଥିଲ ଛେଦ କି, ହେ ନାରାୟଣ ? ୨୮
କପଟେ ଜନ୍ମ ଲଭି ଯାଦବ-କୁଳେ ,
ଛେଦିଲ କଳ୍ପ-ଦ୍ରୁମ-ଗର୍ବ ଯେ କରେ ,
ତା' ଦାନ-ମଦ-ହାରୀ ବାହୁ ଯୁଗଳ
ଉପାଡନ୍ତୁ ଏ ପାପ-ଲତିକା ମୋର । ୨୯

GPNanda Colln., Digitized by srujanika@gmail.com

ଖପରୀ ଫିଙ୍ଗି ବାଲ-କେଲ-ପ୍ରସଙ୍ଗେ
ଛେଦଲ୍ ଯା' ଯମୁନା-ତରଙ୍ଗ ରଙ୍ଗେ ,
ପରେ ବାଣ-ନଗରୀ-ଭେଦନ ଖେଳ-
ସୂତ୍ର-ପାତ-ପରି ସେ; ମଙ୍ଗଳ କର । ୮୦
ଲକ୍ଷ୍ମଣ-ବକ୍ଷେ ଶକ୍ତି ହରି ଯେ ଥିଲା ,
ସେ ହନୂମାନେ ଧ୍ୱଜେ ସ୍ଥାପନ ପରି
କରି, ସଜାଡ଼ି ରଥ ଅର୍ଜୁନ ପାଇଁ ,
କର୍ଣ୍ଣ-ଶକ୍ତି ହରିଲ; ନମଇଁ ମୁହିଁ ୮୧
ଅଛ ଭକତ ଭୀଷ୍ମେ ପ୍ରସାଦେ, ହରି ,
ସଶରୀରେ ନ ନେଲ ସ୍ୱରଗ ପୁରୀ ;
ସେଠାରେ ମାତ୍ର ପୁର ବଧୂ-ସୁରତେ ,
ନ ହେଉ ବ୍ରତ-ଲୋପ, ବର୍ତ୍ତି ସତେ ! ୮୨
ଚନ୍ଦ୍ର-ବଂଶଜ ପାର୍ଥେ ବିଜୟୀ ଦେଖି ,
ଭାନୁ-ସୁତ-ବିନାଶେ ହୋଇଣ ଦୁଃଖୀ ,
ଦେଖାଇ ଥିଲ ଅର୍ଦ୍ଧ ଖେଦ ଉଚ୍ଛ୍ୱାସେ
ଭାନୁ-ନେତ୍ର ଲୋତକେ, ମୁଖେନ୍ଦୁ ହାସେ । ୮୩
ତବ ପରାଣ ରାଧା, ତା' ସୁତ ଅରି
ଅର୍ଜୁନେ ନହେ ସାଧୁ ସଖ୍ୟ ଭୁମ୍ବରି ;
ଶ୍ରୀ-ପ୍ରିୟା ତବ, ବେଣୁ ଶ୍ରୀବତ୍ସ ପଦ
ବିହ୍ୱତେ ଧରେ ତବ ବିଶାଳ ହୃଦ । ୮୪

GPNanda Colln., Digitized by srujanika@gmail.com

ତୁମ୍ଭ ଅପର ତନ୍, ବକ୍ଷୁଙ୍କ ସେତ-
କେଶେ ସେ ହଳ-ରୂପେ ଶେଷ ଉଦ୍ଭୂତ ;
ସାଧୁ ସେ ତୁମ୍ଭ ତନ୍ ପଳିତ କେଶ
ବିଳାସ-ରୂପେ, ଅବତାରେ ପ୍ରକାଶ । ୮୫

ହୃଦ୍ୟ ଗନ୍ଧରେ ତୁମ୍ଭେ ଶେଷ, ଅଶେଷ ,
ଭୋଗ-ଭୂତି-ମନ୍ଦାର-ସୁନ୍ଦର-ଦ୍ୱେଷ ,
କୁମୁଦ-ବନ୍ଧୁ-ରୁଚି, ହେ ଦେବଦେବ ,
କୃଷ୍ଣ-ରୂପ, ଈଶ୍ୱର ଭବେ ମାନବ । ୮୬

ଅମ୍ବର-ସମ ନୀଳ-ତନୁ ରୁଚିର ,
କୁମୁଦ-ଆବିର୍ଭାବେ ପୂର୍ଣ୍ଣ ସୁନ୍ଦର ,
ଦେବକୀଙ୍କ ସୁଷମା ତବ ଉଚିତ ,
କାମ-ପାଳ ହେ ତୁମ୍ଭେ ତାର ଜଗତ । ୮୭

ଏକ-ଚିତ୍ତ, ଅଦ୍ୱୟ-ବାଦୀ ଏ ଭବେ
ଅଦ୍ୱୟୀ-ପରତତ୍ତ୍ୱ, ବୁଦ୍ଧ ହେ ତୁମ୍ଭେ ;
ଚତୁଷ୍କୋଟିରୁ ମୁକ୍ତ ହୋଇ ସତତ ;
ପଞ୍ଚ-ବାଣ-ବିଜୟୀ, ଷଡ଼୍-ଜ୍ଞାନ-ରତ । ୮୮

ଅମ୍ବ-ନରେନ୍ଦ୍ରେ ଯେ କ୍ଷଣେ ମନ୍ମଥ-ଜୟ
କରନ୍ତେ ତୁମ୍ଭେ, ଦେଖି ଦେବ-ନିଚୟ ,
ସେହୁ ମାର-ସାୟକ-ଅଜସ୍ର-ପାତେ
ଶିରେ ସୁମନ ବୃଷ୍ଟି କଲେ ଦୈବତେ । ୮୯

GPNanda Colln., Digitized by srujanika@gmail.com

ଦୃଢ଼ ଧୈର୍ଯ୍ୟ ବର୍ମ୍ମ ତବ ଉରସେ
ମନ୍ମଥ ପୁଷ୍ପଶର ଗୃଣ୍ଠେ ବରଷେ ;
ବାଜ ବପୁରେ ହେଲା ଛନ୍ଦ-ଆକାର ୯୦
ତୀକ୍ଷ୍ଣ-ମୁନ ସେ ସବୁ ମନ୍ମଥ-ଶର,
ଭ୍ରମି ସ୍ତବେ ବିଧି-ମୁଖ-ଭୃଙ୍ଗ,
ତାହାଙ୍କୁ ଚତୁର୍ମ୍ମୁଖ ଅଛଇ କରି ;
ତୁମ୍ଭେ ଥାଉଁ, ଆପଣେ ସର୍ବଜ୍ଞ ଶିବ
କହୁ, ଲଭିଲେ ଶିତି-କଣ୍ଠ-ବିଭବ । ୯୧
ମ୍ଳେଚ୍ଛ-ପ୍ରଳୟ-ବହ୍ନି-ଧୂମ-ସମାନ
ମ୍ଳେଚ୍ଛ-ସଂଗ୍ରାମେ କର ଖଡ୍ଗ ଧାରଣ,
ଦଶାବୟବେ ମୋର କଲୁ ବିନାଶ,
କଳ୍କି-ରୂପରେ, ଅହେ ଆତ୍ମ ପ୍ରକାଶ । ୯୨
ସମରାଙ୍ଗନ-ଧୂଳି-ପାଣ୍ଡୁରତର-
ଦେହବନ୍ତ ସେ ବନ୍ଧୁ ଯଶ-ପ୍ରକର,
ଭ୍ରମି ଧରଣୀ-ପରେ, ବନ୍ଧୁ-ସମୂହ
ବୋଲି, ସେ ନାମେ ତବ କର ହେ ସତ । ୯୩
ଅଦ୍ୱୟ ପଥେ ଥାଅ, ହେ ଦତ୍ତାତ୍ରେୟ,
ଅର୍ଜ୍ଜୁନ-ଯଶ-ବୀଜ, ତବ ଆଶ୍ରୟ,
ଯୋଗ-ଜନିତ ପୁଣି ଅନଘ ନାମେ,
ଅଳର୍କ-ଭବ-ମୋହ-ଅର୍କେ ମୁଁ ନମେ । ୯୪

GPNanda Colln., Digitized by srujanika@gmail.com

ଜୟ ହେ ରାମ-ମୂର୍ତ୍ତି, ଇନ୍ଦ୍ର-ନନ୍ଦନ
ମାରି, ଭାନୁ-ତନୟେ ହେଲ ପ୍ରସନ୍ନ ।
କୃଷ୍ଣ-ରୂପରେ ଭାନୁ ନନ୍ଦନ ମାରି ,
ଇନ୍ଦ୍ର-ତନୟେ ପୁଣି ଥିଲ ହେ ତାରି । ୧୫
ଜୟ ବାମନ ରୂପ, ଅଣୁ ପ୍ରମାଣ ,
ସର୍ବାଶାବର ଦେହେ, ହେ ତ୍ରିବିକ୍ରମ ,
ବୀତ-ଧ୍ୱଂସନ, ତୁମ୍ଭେ ବୁଦ୍ଧାବତାର ,
କଳ୍କି ରୂପେ କର ହେ ସର୍ବ ସଂହାର । ୧୬
ପବିତ୍ର କର ମୋତେ ହେ ତ୍ରିବିକ୍ରମ ,
ପାଦୁକା ସ୍ୱରୂପ ତବ ଚରଣେ ଲଗ୍ନ ,
ପ୍ରଦକ୍ଷିଣେ ଜାମ୍ବବ ତୁମ୍ଭଙ୍କୁ ଦେଲ୍ଲ
ବଳ-ବନ୍ଧନେ ଭୂମି-ପାଶ-ଶୃଙ୍ଖଳା । ୧୭
ପରଶୁ ଧର ହୈହୟ-ଚକ୍ର-ଆକାରେ ,
ସହସ୍ରାର୍ଜ୍ଜୁନ ଯେଣୁ ଛେଦିଲ କରେ ;
ସମ୍ପୂର୍ଣ୍ଣ ଚକ୍ରେ ବାଣ-ବାହୁ-ସକଳ
ଛେଦିଲେ, ବିଚିତ୍ରତା କେଉଁ ମାତର ? ୧୮
ପାଞ୍ଚଜନ୍ୟ, କମଳ ଧରିଣ କରେ ,
ସତେ କ କହୁଥିଲ ତୁମ୍ଭେ ଅସୁରେ : —
'ଅଚେତନ ଏ ନକବନ୍ଧୁ ଟି ମୋର
ବିରୋଧ; ଜାଣ ତୁମ୍ଭେ, କିପାଁଇ କର ।' ୧୯

GPNanda Colln., Digitized by srujanika@gmail.com

ବନମାଳେ ଶୋଭିତ ବକ୍ଷ ତୁମ୍ଭର
ପରଶି ରମା, ହୋଇ କଣ୍ଟକବର ,
ଦ୍ୱିଫଳ ଧରି ଦୁଇ କୁଚ-ମଣ୍ଡଳ ;
ଦଶନ୍ତ ବିଲ୍ୱ-ଶାଖା-ପ୍ରାନ୍ତେ ସୁନ୍ଦର । ୧୦୦
ସୁଭଗପଣ ଶିକ୍ଷା କରିବା ପାଇଁ ,
ପଙ୍କଜ ତବ କର ତେଜଇ ନାହିଁ ;
ନୟନ ରମ୍ୟ ହୋଇ ବିଧୁ-ମଣ୍ଡଳ ,
ନ ତେଜେ ସେଥିପାଇଁ ମୁଖ ତୁମ୍ଭର । ୧୦୧
ହିରଣ୍ୟ, ଦଶାନନ, କୁରୁ ପଇନ ;
କରିଲେ ମିଳ ଯେହ୍ନେ ଧ୍ୱଂସ-ସାଧନ ,
ସେହ୍ନେ ମାନବ ହରିଙ୍କର ମିଳନ ,
କିଣି ପାରଇ ହେଲେ କଠିନ ମନ । ୧୦୨
ଅର୍ଦ୍ଧହର-ରୂପ ତୋ' ଶଶାଙ୍କ ଦେବ ;
ମାୟାବଳେ ପୁଣି ତୁ ସମସ୍ତ ଭବ ;
ଅଂଶ ଅଂଶକେ ବୁଦ୍ଧ, ବୁଦ୍ଧି ଅଶେଷ ;
ବେଦ-ଦରଶୀ ଏହା କରେ ପ୍ରକାଶ । ୧୦୩
ପୂର୍ବ ପୂର୍ବ ଜନମ କରମେ, ପର-
ଜନମ-ସ୍ରୋତ-ମଧ୍ୟେ ନାହିଁ ନିସ୍ତାର ;
ତୁମ୍ଭର ଧ୍ୟାନ ବିନା କେବଳ ହରି ,
ଜନ୍ମ-ମୃତ୍ୟୁ-ପ୍ରବାହୁଁ ପାରଇ ତାରି । ୧୦୪

GPNanda Colln., Digitized by srujanika@gmail.com

ଊର୍ଦ୍ଧ୍ୱ-ଦଗ-ବଙ୍କଗେ ସେ ହରିଦ୍ୱର-
ମୂରତ୍ତି ଧରି, ପୁଣି କପଟି ଧର
ନୃସିଂହେ ଊର୍ଦ୍ଧ୍ୱ-ନୀଚ-ସିଂହ-ମାନବ ?
ଏ ପ୍ରଶ୍ନ ତୁମ୍ଭଙ୍କୁ କେ କରିବ, ଦେବ ? ୧୦୫
କିପାଇଁ ତ୍ରିଭୁବନ ସର୍ଜ୍ଜନା କର ?
କରି ବା, କିପାଁ କର ତା'ର ସଂହାର ?
ଅବଶ୍ୟ ଯେବେ ତାର ବିନାଶେ ମତ ,
କିପାଁ ହେ ଅବତରି ପାଳ ସେ କ୍ଷିତ ? ୧୦୬
ପାଦେ ଗଙ୍ଗା, ଜଳଜ କରେ ତୁମ୍ଭର ,
ହୃଦେ କୌସ୍ତୁଭ, ନେତ୍ରେ ସୁଧା-ଆକର ,
ନରେଖି ଚରିଟଚେ, ଅଶ୍ରାନ୍ତ ତୋ'ରେ
ଖେଳା କମଳା ନକି ତେଜ ସାଗରେ । ୧୦୭
ବନ୍ଧୁ ଭେଦ ଜଗତେ, ଯୁକ୍ତି-ବିରୋଧ
ବନ୍ଧୁତ, ପୁଣି ତହିଁ ତତ୍ତ୍ୱର ବାଧ ;
ସବୁ ଭେଦେ ବିରୋଧେ ତୁମ୍ଭେ ପ୍ରମାଣ ;
ଜ୍ଞାନେ ତୁମ୍ଭରି ବିନା ନାହିଁଟି ଆନ । ୧୦୮
ତବ ଉଦରେ ଦେଖି ସର୍ବ ଜଗତ
ବାହାର ପରି ମଧ୍ୟେ , ମୃକଣ୍ଡୁ-ସୁତ ,
ଉଭୟେ ନିଜ ରୂପେ ବାରିନ ପାରୁ ,
ବାହାରୁ ଗଲେ , ଜାଣ , କିଏ ସେ ? ହରି । ୧୦୯

GPNanda Colln., Digitized by srujanika@gmail.com

ତୁମ୍ଭେ ବିଧାତା , ତବ ମାୟା-ଲତାରେ
ଏ ବିଶ୍ୱ ରହୁ , ବ୍ରହ୍ମା ଅନନ୍ତ-ଶିରେ ;
ଅବା ବାଳକୁମୁଦ-ଉଦରେ ରହୁ ;
ତୁମ୍ଭେହିଁ ଆଲମ୍ବନ ହେ ମହାବାହୁ । ୧୧୦
ଧର୍ମ-ବୀଜ-ସଲିଳା ଜାହ୍ନବୀ ପଦେ ,
ଅର୍ଥ-ମୂଳ-କମଳା ଶୋଭନ୍ତି ହୃଦେ ,
କାମ-ଦୈବତ-ସ୍ମର ସୁତ ତୁମ୍ଭର ,
ବ୍ରହ୍ମ-ମୁକତି-ଦାୟୀ ତୁମ୍ଭେ ଈଶ୍ୱର । ୧୧୧
ଅହେ ନରକ-ନାଶୀ , ଯେବଣ ଜନ
ଲୀଳାରେ ହେଲେ ନାମ କରେ ଗ୍ରହଣ ;
ନରକେ ତ ସେ ନାମେ ତତ୍ପର ଅଛି ;
କପାଁ ତରିବ ସେହୁ ନରକ ପ୍ରତି ? ୧୧୨
ମୃତ୍ୟୁ କାରଣ ମଧ୍ୟେ ବଜ୍ର-ନିପାତେ
ନାହିଁ ଈଷତେ ଭୟ ତବ ଭକତେ ;
ବୈଷ୍ଣବ କଣ୍ଠୁ ଯେଣୁ ବିନା ଚେଷ୍ଟାରେ
ତବ ନାମ ଉଚ୍ଛଳି ଫୁଟରେ ସେ କାଳେ । ୧୧୩
ଶୁଦ୍ଧ ହେଲେହେଁ ସଦା ଯେତେ ଯତନେ ,
ମନ୍ଦରୋଦର-ସମ ସଂସାରି ମନେ
ଯେ ବିଜୋଗଣ ସଦା ହୁଅନ୍ତି ଜାତ ,
ତବ ସ୍ମରଣ ତହିଁ ଶୋଧନୀ ସତ ! ୧୧୪

GPNanda Colln., Digitized by srujanika@gmail.com

ବିଶେଷ ନ ହେଲେହେଁ ଜ୍ଞାନ-ବିଷୟ ,
ରାମ ନାମଙ୍କ ଏକା ଗୁଣ-ଅଳୟ ;
ନ ହେଲେ କିପାଁ ତିନ ଜଗତେ ହରି ,
ସେ ରାମ ନାମ ତୁମ୍ଭେ ଥାଅନ୍ତ ଧରି ? ୧୧୫
ଭକତ ମୁହିଁ , ଦୟା କର ମୋଠାରେ ;
ନାଶ ମୋହର ଭ୍ରମ ନେତ୍ର-ଭାସ୍କରେ ;
ବିଧୂ-ନୟନ ପୁଣି କରି ଅର୍ପଣ ,
କର ହେ ନାଥ , ମୋର ତାପ-ଶମନ । ୧୧୬
ବିଧି-ନିଷେଧମୟୀ ଆଜ୍ଞା ତୁମ୍ଭର
ଲଙ୍ଘି କରୁଛି ସଦା ମୁଁହିଁ ପାମର ,
ଇଚ୍ଛଇ ତବ କୃପା , ନିର୍ଲଜ ପଣେ ,
ଦୁର୍ଲ୍ଲଭ ଯାହା ତପେ , ତାହା ବଚନେ । ୧୧୭
ହେ ବିଶ୍ୱରୂପ , ଅଣୁ ହୃଦେ ମୋହର
କଳିବ କାହିଁ ବଇଭବ ତୁମ୍ଭର ?
ସୁବର୍ଣ୍ଣ-ଗିରି ଲଭି ଦରିଦ୍ର ଜନ ,
ନିଜ ବସନେ କେତେ ବାନ୍ଧଇ ସ୍ୱର୍ଣ୍ଣ ?” ୧୧୮
ଭଣି ଏମନେ ହରି ପ୍ରଭୁ ରାଜନ ,
ହୋଇଲେ ସଂପ୍ରଜ୍ଞାତ-ସମାଧି-ମଗ୍ନ ,
ଭାବନା ବଳେ କରି ବିଷ୍ଣୁ-ଦର୍ଶନ ,
କଲେ ପୀରତି-ଭକ୍ତି-ସଦୃଶ-କର୍ମ । ୧୧୯

GPNanda Colln., Digitized by srujanika@gmail.com

ବ୍ରାହ୍ମଣ-ହସ୍ତେ ଦେଇ ବହୁତ ଧନ ,
ସତ୍‌ପାତ୍ରେ ପିତୃକ୍ରତୁ-କବ୍ୟ ପ୍ରଦାନ ;
ପୂଜଣ ହରିହରେ ଯଥା ଉଚିତ ,
କଲେ ପ୍ରବେଶ ଗୃହେ , ହୋଇ ବିନୀତ ।   ୧୨୦
ନରପତି ନଳ ମାଧ୍ୟନ୍ଦିନ-ବିଧି-ପରେ
ଅମୃତମୟ ଓଦନ ଭକ୍ଷି , ହର୍ଷଭରେ
ସେହି ଚିତ୍ରମୟ ବୈଜୟନ୍ତ-ସମତୁଲ ,
ମଣ୍ଡିଲେ ରୁଚିର ଦେହେ ତୁଙ୍ଗ ବେଶ୍ମାଚଳ । ୧୨୧
କରି ଭୈମୀ ଦେବଗଣେ ଉଚିତ-ପୂଜନ ,
ପତିଙ୍କ ଭୋଜନ ପରେ କଲେ ସେ ଭୋଜନ ;
ନାନା ଅଲଙ୍କାରେ ମଣ୍ଡି ଶରୀର ଯତନେ ,
ବସିଲେ ନୃପତି-କୋଡେ ହରଷିତ ମନେ ।   ୧୨୨
ସୌନ୍ଦର୍ଯ୍ୟ ପୁଞ୍ଜ ସଦୃଶ ପଞ୍ଜୁରୀ ଟେ ଆଣି
ଗଲା ତାଙ୍କ ପଛେ ପଛେ କର-ପଦ୍ମେ ଧରି ;
ଶୁକ ତହିଁ , ଚଞ୍ଚୁ ଯାର ପକ୍ୱ-ବିମ୍ବ-ସରି ,
ଅମଳଙ୍କ-ଫଳ-ନୀଳ ପକ୍ଷ-ଗଣ-ଶିରୀ ।   ୧୨୩
ତିର୍ଯ୍ୟକ ସ୍ଫଟିକ-ଦଣ୍ଡେ ପିକ ଏକ ଧରି ,
ଗଲା ଦମୟନ୍ତୀ-ସଙ୍ଗେ ଅନ୍ୟ ସହଚରୀ ;
ବହୁଳ ପକ୍ଷେ ସେ ପିକ ଅଛି କୃଷ୍ଣ କି ସେ ,
ଡାକଇ ସେ ଅମାବାସ୍ୟା କୁହୁ-କୁହୁ-ଭାଷେ ! ୧୨୪

GPNanda Colln., Digitized by srujanika@gmail.com

ବୀଣା–ମୃଦୁ-କ୍ୱଣନ-କରମେ ଯେ ପ୍ରବୀଣ ,
କଳା-ଶିକ୍ଷାରେ ବୈଦର୍ଭୀ ଶିଷ୍ୟ–ବନ୍ଧୁଗଣ ,
ଗନ୍ଧର୍ବରାଜ-କନ୍ୟାଏ , ବୀଣା-ସଙ୍ଗେ ଗାଇ
ତୋଷିବାକୁ ନରନାଥେ ଗଲେ ସର୍ବେ ତହିଁ ।୧୬୫
ପ୍ରଥମେ ଅସ୍ପୁଟ ସ୍ୱରେ ବିପଞ୍ଚି-ବାଦନ
କଲେ ଯା ଆରମ୍ଭେ ତହିଁ ମୃଗଦୃଶାଗଣ ,
ଭୈମୀ ମଧୁ-କଣ୍ଠ–ଲତା-ଉପକଣ୍ଠେ ରହି ,
ନ ପାରିଲେ ଶବ୍ଦ କରି ଅପ୍ରସ୍ତୁତ ହୋଇ । ୧୬୬
ନିଖିଳ-କଳା–ଆଧାର-ବୈଦର୍ଭୀ-ସଙ୍ଗତେ
ସାମ୍ୟ ଇଚ୍ଛି, ସ୍ୱର-ସଙ୍ଗେ ମିଳ, ବୀଣା ସତେ
ପରିବାଦ ଲଭି ସେହି ଅବିନୟ-ଫଳେ ,
ଲଭିଛି ପରିବାଦନୀ–ପଦବୀ ଭୂତଳେ । ୧୬୭
ମହୀଭୃତ-କୁଳ–ଗଜ–ସମୀପେ ନାଦନ୍ତି
ସେ ବିପଞ୍ଚୀ, ମତେ ଯଥା ଭୃଙ୍ଗୀର ଅବଳା ,
ଚିତ୍ରିତ–ଚଞ୍ଚଳ -କର-ରୁଚିର-ଗୃଳନେ,
ଶ୍ରୁତି–ଯୁତ ଶିର-କମ୍ପ ପ୍ରକାଶି ସଘନେ । ୧୬୮
ଆହରି ବିଧାତା ଜାଣି ସର୍ବ-ବୀଣା-ସାର ,
ଗଢ଼ିଅଛି ଭୈମୀ–ମଧୁ-ସ୍ୱର–କଣ୍ଠ-ଜାଲ !
ଅନ୍ୟର ତରଳ-ଭାବ ଭଜ ବୀଣା,ତସ୍ୟେ
ଲଭେ କୋଣ ନ ତେଜଇ ତେଣୁ ଜାଣି ଲସ୍ୟେ। ୧୬୯

GPNanda Colln., Digitized by srujanika@gmail.com

ଅତ୍ୟୁଚ୍ଚେ ତଥା ବୀଣା କଲେ ଗୃଷ୍ଟୁଗାନ ,
ଦମ୍ପତି-ଶ୍ରୁତି-ଯୁଗଳେ ଅମୃତ-ସମାନ ;
ଶୁଣି ଯା’ ଏସନେ ଗାଇ ଦମୟନ୍ତୀ କୀର ,
ପୂରିଇଲା ସର୍ବହୃଦେ ଆନନ୍ଦ ଅପାର । ୧୩୦
"ଆମ୍ଭ ବଚନ ଅଗୋଚର ହେଲେହେଁ ତୁମ୍ଭର
ଗୁଣାବଳୀ, ସ୍ତୁତିରେ ତ ହେବୁଁ କାତର ;
ଗାଇଲେ ସିନା ଆମ୍ଭର ବିଦ୍ୟା-ପରିମାଣ
ଜଣାଯିବ; କି ଫଳଟି ରହିଲେ ମଉନ ? ୧୩୧
ରାଜ-ଶିଖା-ମଣି-ଶୋଭୀ ଏ ଶୈଳ-ସୁଭଗ
ଅଙ୍କେ, ହୈମବତୀ ପରି ତୁମ୍ଭର ଏ ଯୋଗ ;
ହୈମବତୀ ଦକ୍ଷ-କନ୍ୟା-ରୂପେ ସତୀ ସିନା !
ଏ ଜନମେ ମଧ୍ୟ ସତୀ, ଭୈମୀ ଅଧିଗୁଣା ! ୧୩୨
ଦମୟନ୍ତୀ ଚଣ୍ଡୀ ବୋଲି କିଏ ବା ବିଚାରେ ?
ଜନମାଏ ରତି, ତାଙ୍କ ହୁଏତ ତୁମ୍ଭଠାରେ ;
ମହେଶ୍ୱର ଭସ୍ମ କରଛନ୍ତି ପଞ୍ଚଶର ,
କିପରି ଭାବିବେ ନରେ ତୁମ୍ଭେ ସେହି ସ୍ମର ? ୧୩୩
ବେଣୀ-ଶୋଭୀ ଜନ-ମନ-ପ୍ରିୟ-ମଧ୍ୟ-ଦେଶା ,
ସରିଚ୍ଛବି-ହାରି-ହାର-ମୟୀ, ଏହୁ ଯୋଷା ,
ଧନୁ ପରି ଧରିଛି ହେ, ପୟୋଧି ରାଜନ ,
ଲବୋଜ୍ଝାପେ ଏହାଙ୍କର ଦେଖି ଚନ୍ଦ୍ରାନନ । ୧୩୪

GPNanda Colln., Digitized by srujanika@gmail.com

ଚନ୍ଦ୍ରାଧିକ ମୁଖୀ ପତ୍ର-ରଚନା-ଭୂଷଣେ ,
ଭୃଷ-ଅଙ୍ଗୀ ଜୟ-ଦାନ କରଇ ମଦନେ ;
କାମ ଜଣି, ତବ ଭୋଗ ଯାହା ଏହୁଠାରେ ,
ମଧ୍ୟସ୍ଥ ଦୁର୍ବଳତାର ଫଳ କି ? ବିଶ୍ୱରେ । ୧୩୫
ରମ୍ୟ କୂତ-ପତ୍ରେ ଥରି ମକର-କେତନ
ଭ୍ରମେ , ବାଳା କାମ-ରାଜଧାନୀ-ଶୋଭାବନ ;
କାମ-ମହୋତ୍ସବ-ମଧ୍ୟେ , ତରୁଣି ଗୋ , ତୋ'ରେ
ଭ୍ରୂ-ତୋରଣ-ଯୁଗ ବୋଲି କିଏ ନ ବିଶ୍ୱରେ ? ୧୩୬
ଅହେ ନଳ , ତବ ଧାତ୍ରୁ ଦମୟନ୍ତୀ ପାଶ ,
ପୁଣି ତହୁଁ ତବ ପାଶେ ଯାଉଁ ରତି-ଈଶ ,
ଲଭନ୍ତା ଅଶେଷ କଷ୍ଟ ଗମନାଗମନେ ,
ନ ଥିଲେ ବେନିଙ୍କ ଛାୟା ତାପ-ବିନାଶନେ ! ୧୩୭
ନଳ , ତବ ରୋମକାଞ୍ଚ ସ୍ୱେଦେ କରି ସ୍ନାନ ,
କରେ ଯେଣୁ ଜାଗରିତ-ବ୍ରତ-ଅନୁଷ୍ଠାନ
ତତ ଲାଗି ; ତେଣୁ ଶୋଭା ଦଶ ନରବର ,
ମଧୁମୟ-ଚାମଶର-କେଶରେ ଦନ୍ତୁର । ୧୩୮
ପଞ୍ଚାଣ-ଦେବତା ତବ ଭୈମୀ ସୁକୁମାରୀ ;
ଘର୍ମ-ଜଳେ କରମ୍ବିତ ହେଲାଣି ସୁନ୍ଦରୀ ;
ତାଙ୍କ ଅଙ୍ଗରାଶି କାମ-ସାୟକ-ସ୍ମମନ ;
ସ୍ୱେଦ-ବନ୍ଦୁ ଶର-କ୍ଷତ-ରୁଧିର ଯେସନ ! ୧୩୯

GPNanda Colln., Digitized by srujanika@gmail.com

ବେନ-ସ୍ରଗ ଦେଖି ନିଜ ପ୍ରଣୀତୀ-ଉପଜ
ହେଲେ ରକ୍ତ, ପୁଣି କାମ-ସାୟକ-ସମାନ
ମୁଖ କରି, ତବ କେଳି-ସରିତ-କମଳେ
ଦେଖି ତବ ପ୍ରୀତି ପିନା ସଂକୋଚନ୍ତି ଦଳେ ! ୧୪୦
ରାଗ-ବଶେ ସ୍ୱଚ୍ଛନ୍ଦ ବିଳାସେ ପରସ୍ପର
ବିଦଗ୍ଧାସ୍ୱ ସଖୀମାନେ ହୁଅନ୍ତୁ ଅନ୍ତର ;
ନ ତେଜାଇ ବସ୍ତ୍ର, ନ କରାଇ ନଖରଣ
ଦନ୍ତେ ନଖେ, ହେବ କିପାଁ ମଦନ ମଦନ ?"
ପଢନ୍ତେ ଏସନ ଶୁକ, ସର୍ବେ ସହଚରୀ
ସାଂଧ୍ୟ-ନୃପ-କର୍ମ ଛଳ, ଗଲେ ଛାଡି ଘର ;
କୁପିତ-ସଖୀ-ଭଇମୀ-ଅର୍ଦ୍ଧ-ଦୃଷ୍ଟି-ଫଳେ
କମଳ-ପରି ସେ ସର୍ବେ ସଂକୋଚ ଲଭିଲେ । ୧୪୧
ଲକ୍ଷି ସେହୁ ନୃପେ, ସତେ କେବେ ରାଗ ବନ୍ଧୁ ,
ପରଭୃତ ଶୁଣେ ଲକ୍ଷ୍ୟ କହେ 'କୁହୁ', 'କୁହି';
ଗାନ୍ଧ ସାରିଥିଲା ଯହିଁ ନଳ-ସ୍ତୁତି ଶୁକ ,
ସେ ସ୍ତୁତିର ଅନୁବାଦ ଶୁଣିଥିଲା ପିକ । ୧୪୨

ଉନ୍ନତ ପ୍ରାସାଦୁଁ ଦେଖିଲେ ବୈଦର୍ଭୀ
କେଳି-କୁଲ୍ୟା ଅତି କୃଶ ,
ଅର୍କ-ପ୍ରତିବିମ୍ବ- କୃତ୍ରିମ-ମଣିରେ
ଶୋଭା କରଇ ବିକାଶ ;

GPNanda Colln., Digitized by srujanika@gmail.com

ବକ୍ର-ଗତି-ଯୋଗୁଁ   କୃଷ୍ଣ-ସର୍ପୀ ଭାଳ ,
    ଉଚ୍ଚେ କରି ଆର୍ତ୍ତ ସ୍ୱର ,
ଚକ୍ରବାକ ଦ୍ୱନ୍ଦ୍ୱ   ପଳାଇ ବିକଳେ
    ଡାକୁଛନ୍ତି ପରସ୍ପର । ୧୪୪
ଚକ୍ରବାକ ଚକ୍ରବାକୀ ଦେଖିଲେ ସୁନ୍ଦରୀ ,
ରଦ୍ଧ-ଅସ୍ପୃଥେ ପଟେ ରକ୍ତ ହେଲା ପରି ;
ପଦ୍ମ-ସ୍ନିଗ୍ଧ-ଜାଲ ହୋଇଥିଲା ଉପଗତ ,
ଦୀର୍ଘଶ୍ୱାସେ ପଦ୍ମ-ଗନ୍ଧ କଲେ ସେ ବିସ୍ତୃତ । ୧୪୫
ଭାଷିଲେ ଭୈମୀ ପତି ପ୍ରତି , "ସ୍ୱଜନ ,
କୋକ-ଯୁଗର ଦଶା କର ଦର୍ଶନ ;
ବିଦାରଇ ଏ ଦଶା ମୋର ହୃଦୟ ;
ନ ଜାଣି କିଏ ଅବା ହୋଇବ ଥୟ ? ୧୪୬
ଭବିଷ୍ୟତେ କୁମୁଦର ମୁଦେ ଅସହନ ,
ସତ୍ୱର-ଗମନ-ଇଚ୍ଛା କଲେଣି ତପନ ;
ପ୍ରତିବୃକ୍ଷେ ପକ୍ଷିଗଣ କରୁଛନ୍ତି ନାଦ ;
କୋକ-କାକୁ-କୁନ୍ତ ନକି ଭେଦଅଛୁ ହୃଦ ? ୧୪୭
ଜ୍ଞାନର ସହିତ ପୂର୍ବେ ସର୍ବ ଚେଷ୍ଟା କରି ,
ନଜ ଅନସ୍ଥା ଏ କୋଟକେ ଥାଆନ୍ତି ଆଚରି ;
ବିଧିବଶେ ପ୍ରାଣୀ ଯାହା କରେ ଅନୁଷ୍ଠାନ ,
ଏ ଦମ୍ପତି ସେନା ତା'ର ମୁଖ୍ୟ ନିଦର୍ଶନ ! ୧୪୮

GPNanda Colln., Digitized by srujanika@gmail.com

ଅରୁଣ ଚରଣ ଇଚ୍ଛା-ଗୁଣ୍ଡି ଦେଇ
କର ଶାଣେ ଭିନ୍ନ ଶୋଣ ,
ଅରୁଣ ପୃଷ୍ଠଏ ଯେ ଘାଣ କରନ୍ତେ ,
କରିଣ ରଶ୍ମି ଗ୍ରହଣ ;
ସେ ଶାଣେ ବସାଇ କାଳ-କରବାଳ
ବହୁ କରେ ତୀକ୍ଷ୍ଣ-ଧାର ,
ରଥାଙ୍ଗ-ମିଥୁନ- ବିଚ୍ଛେଦ-ସାଧନ
କରିବାକୁ ତତପର ।" ୧୪୯
ବଧୂ-ମୁଖୀ-ବଦନୁ ନଳ ଏପରି
ପିଇ ବଚନ ସୁଧା ମଧୁ-ସମାନ ,
ଗୃହେଁ ଭଇମୀ-ସ୍ମିତ-ଶୋଭୀ ବଦନେ ,
ଭାଷିଲେ, "କହ ଯାହା, ମତ ଦେସନେ । ୧୫୦
ଗତ ରତ୍ନ-ପତ୍ର ଜଣିବାକୁ ନାସ
ପୂର୍ବେ କରି ବର୍ବର ,
କରିଛନ୍ତି ନତ ବେକ ଧନୁ , ମନେ
ଭୁମୁର ଭୂରୁ-ଯୁଗଳ ;
ଛଳେ ଗୋପାଣ୍ଡିତ ବେକ ନଳ, ଏହୁ
ତବ ନାସା ପୃଷ୍ଠ ମିଶେ ;
ବେକ ଶ୍ୱାସ-ଧାର ଭୁମୁର ମଳୟ-
ଜାତ ବାୟୁବ୍ୟାପ୍ତି କି ସେ ! ୧୫୧

GPNanda Colln., Digitized by srujanika@gmail.com

ପୀତ ବର୍ଣ୍ଣ ତବ କାନ୍ତ ମନୋହର
ଷଡ଼ଜେ ଅତି ମଧୁର ;
ଯା'ଘେନ କନକ ସୁବର୍ଣ୍ଣ-ବର୍ଣ୍ଣରେ
ଲଭେ ସର୍ବତ୍ର ଆଦର ;
ବର୍ଣ୍ଣାନ୍ତର ସୁତ ଅସମ୍ଭବ, ରୂପେ
ରାଜା ଯେ ଧବଳ-ପଣ ,
ତାହା ଯୋଗୁଁ ରୂପା ଲଭଇ ଦୁର୍ବର୍ଣ୍ଣ-
ଦୁର୍ଯଶର ଅପମାନ । ୧୫୨
ମଧୁ-ମେଘମାଳ ବରଷାରେ ଇକ୍ଷୁ
ଖଣ୍ଡ ଚୂର୍ଣ୍ଣ ମୃତ୍ତିକାରେ
ସବଢ-ଦୋହଦ ପ୍ରଦାନେ ହିଁ ଯେବେ
ପୁଣ୍ଡ୍ରକ ଆଖୁ ଅଙ୍କୁରେ ,
ଦ୍ରାକ୍ଷା-ଦ୍ରବ-ସେକେ ସମ୍ବର୍ଦ୍ଧିତ ହୋଇ ,
କରଇ ଫଳ ଧାରଣ ,
ତହୁଁ ବଳ ତବ ବଚନେ ହୁଅଇ
'ତମ' ପ୍ରତ୍ୟୟ ବିଧାନ । ୧୫୩
ସୁଧା-ଭୋଜୀ ସୁର ଗୁଡ଼-ପାକ-ତନ୍ତୁ-
ରଜ୍ଜୁରେ କରି ଗୁଳନ ,
ଦାନରେ ବନ୍ଧତ ଶର୍କରା-ଅଚଳେ
କଶାଳ ଦଣ୍ଡ ମନ୍ଥନ ,

GPNanda Colln., Digitized by srujanika@gmail.com

ଉପୁଯାଏ ଯେବେ   ଅମୃତ ନୂତନ
ଇକ୍ଷୁରସ-ପାରାବାରେ ,
ତେବେ ଅବା ମୋର   ଶ୍ରବଣ-ପାରଣା
ହେବ ତବ ବାଣୀ ଭୁଲେ । ୧୫୪
ବସନ୍ତି ଭାରତୀ   ତବ ବଦନରେ ,
ଲୀଳା-ପଦ୍ମ-ବାସ ସୂତ୍ରେ ;
ତାଙ୍କ କଲ ବୀଣା-   ନାଦ୍‌ କ୍ୱଣେ ମିଳଣ ,
ବାଣୀ-ବିଳାସ-ପ୍ରସରେ ;
ତାଙ୍କ ଲୀଳା-ଶଶ   ଯୋଗ୍ୟ-ଶଇରିକ-
ସୁଧା-କୁତ-ହର୍ମ୍ୟାଧର ;
ଦନ୍ତମାଳା ବେନି   ଶୋଭନ୍ତି ଯେସନେ
ତାଙ୍କ ମୁକ୍ତା ମଣିହାର । ୧୫୫
ତୁମ୍ଭର ବଚନ   ମନମଥ-ତୀର୍ଥ
ଉଜ୍ଜ୍ୱଳ-ରସ-ସମ୍ଭୃତ ;
ପୁଲିନେ ତାହାର   ବାଲୁକା-ଶକଳ
ଖଣ୍ଡ କେବଳ ବିଦିତ ;
ଶୁକ୍ଳ ଚନ୍ଦ୍ରାକାର   ସର୍କରା-ସକଳ
ମୂର୍ତ୍ତିକା ଏହାର ଗାରେ ;
ପିୟୂଷ କି ଜଳ !   ତୁମ୍ଭର ଅଧର
ବେନି-ତଟ-ଶିଖ ଧରେ । ୧୫୬

GPNanda Colln., Digitized by srujanika@gmail.com

ସୁଧା-ସିନ୍ଧୁ-ବେଣୀ ତୋ ବାଣୀ ତରୁଣି
ନ ପାରନ୍ତି ଗାନ କରି
ପିକ-ଯୁବତୀଏ ବିବିଧ କୌଶଳେ ,
ତେଣୁ ବା ଅଭ୍ୟାସ କରି ,
ତବ ଉପବନ- ଚୂତ-ବୃକ୍ଷେ ବସି ,
ଘୋଷୁଥାନ୍ତି ବାରମ୍ବାର
ମଧୁର କଣ୍ଠରେ, ତେବେହେଁ ସଫଳେ
ନୁହନ୍ତି ତହିଁ କୁଶଳ । ୧୫୭
ଊର୍ଦ୍ଧ୍ୱ ରଦ-ଛଦ ମଦନ-କାର୍ମୁକ
ବନ୍ଧୂକ-ମାଳା-ନିର୍ମିତ ;
ନିମ୍ନାଧର ଅଧଃ- ସୀମା-ସ୍ଥିତ ଲେଖା
ମୌର୍ବୀ-ଲତା ବିଦିତ ;
ତୁମ୍ଭର ବଚନ ପ୍ରିୟେ ମନ୍ମଥର
ଧନୁର୍ବେଦ ସୂକ୍ତିର ;
କୋଣ-ଧନୁଷ୍ଟୀ କରନ୍ତି ଅଭ୍ୟାସ
ତେଣୁ ତାହା ନିରନ୍ତର । ୧୫୮
'ମଧୁ କିଏ ?' ପୁଛନ୍ତେ ଯେହ୍ନ ନ ଦିଏ ଉତ୍ତର ,
'ତବ ଓଷ୍ଠ' ବୋଲି, ସେତ ଗ୍ରାମ୍ୟ ଅଚତୁର ।
'କିଏ ହେମ' ? 'ତବ ବପୁ' ନ ଭଣେ ଯେ ଜନ ,
ମଦଜ୍ଞ-ସଂସଦେ ସେହ୍ନ ଅଛି ଅଜ୍ଞାଜନ ;

GPNanda Colln., Digitized by srujanika@gmail.com

'ସୁଧା କେମନ,' ଏ ପ୍ରଶ୍ନେ, ନ ଦଏ ଉତ୍ତର ,
'ତୁମ୍ଭର ବଚନ' ବୋଲି ଧିକ୍ ସେ ପାମର !
ପରଶିବାକୁ ତାହାକୁ ନ ଇଚ୍ଛନ୍ତି ତଳେ ;
କାମ-ସାଧ୍ୟକ-ସକଳ ଅଛି ତୃଣା ବଳେ । ୧୫୯

ଅଣିମା କଟିରେ; ଗରିମା ମନ୍ଥମା
ଶ୍ରୋଣି ବକ୍ଷୋଜ ଯୁଗଳେ ,
ବଶିତ୍ୱ ମାନସେ; ଲଘିମା ସ୍ମିତରେ ;
ଈଶିତ୍ୱ ମୋର ଉପରେ ;
ପ୍ରାକାମ୍ୟ ବଚନେ; କାମାବଶାୟିତା
ଦଶ ଦିଗ୍ଦଶ ସକଳେ ;
ସିଦ୍ଧ ନଜ ଶଙ୍କେ ତୋରେ ବିହରିଛୁ
ଅଷ୍ଟ ଐଶ୍ୱର୍ଯ ମୋଦରେ । ୧୬୦

ତବ ବାଣୀ-ସୁଧା କି କହିବୁଁ ? ଦେଣ୍
ଅମୃତେ ଶୋ କରୁଁ ସ୍ତବ ;
ସେ ଅମୃତ ଲାଗି ବିଦ୍ଧଲେ ବିବାଦ
ପୂର୍ବେ ଗରୁଡ ବାସବ ;
ନରବଦନ କରେ ଦ୍ରାକ୍ଷା-ପାନ-ମାନ
ଶୀଘ୍ରେ କରେ ଅନାଦର ,
ପାଦ-ପ୍ରକ୍ଷାଳନ- ଅନୁଗ୍ରହ ହିନା
ଅମୃତେ ତୋ ବଚନର । ୧୬୧

GPNanda Colln., Digitized by srujanika@gmail.com

କୋକ-ଶୋକ ଯହିଁ ଉପୁଜାଏ ଦୁଃଖ ,
ଅକ୍ଷା ଦଅ ଅକ୍ଷା କରେ ,
ନ ହେବାକୁ ଅସ୍ତ ପ୍ରାର୍ଥନା କରନ୍ତ
କୁଲ୍ୟା-ଜଳସ୍ଥିତ ସୂରେ ;
ଯୋଡ଼ଲେହେଁ କର, ଏହୁ ଗ୍ରହରାଜ
ହୋଇବେ ଯେବେ ବିମୁଖ ,
କୋକ-ଦ୍ୱନ୍ଦ୍ୱ ପାଇଁ ଜଳ ଦେଇ ଭୂମି
ପାଶେ ଅଛିନ୍ତ ଗୋ ଦେଖ । ୧୭୨
ଅଳମାନେ ଲୁଚି ରହିଛନ୍ତି ଏଥି ,
କର ତାଙ୍କ ଅନ୍ୱେଷଣ ;
ତବ ପରିହାସେ ତାଙ୍କର ଆନନ୍ଦ
କର ଗୋ ପ୍ରିୟେ ବର୍ଦ୍ଧନ ।”
ଛଳେଣ ଏସନ, ପଠାଇ ପ୍ରିୟାରେ
ଅନ୍ୱେଷଣେ ସଖୀଗଣ ,
ସାୟନ୍ତନ ବିଧି କରିବା ମନାସି
ବାହାରିଲେ ନୃପରାଣ । ୧୭୩
କବିରାଜ-ବ୍ରଜ ମୁକୁଟ-ଭୂଷଣ
ହୀରକ ଶ୍ରୀହୀର ଜନକ କବି ;
ତନୟ ଶ୍ରୀହର୍ଷ ଜିତେନ୍ଦ୍ରିୟବର ;
ଜନନୀ ତାହାଙ୍କ ମାମଲ୍ଲ ଦେବୀ ;

GPNanda Colln., Digitized by srujanika@gmail.com

ତାଙ୍କ ବିରଚିତ ଭଇମୀ-ନୈଷଧ-
ଚରିତ୍ର ବର୍ଣ୍ଣନେ କାବ୍ୟ ମହତ ,
ଅତି ନବ୍ୟ ପୁଣି, ଛନ୍ଦରେ ଗଲା ଏ
ଏକବିଂଶ ସର୍ଗ ସର୍ଗ ମହତ । ୧୬୪

GPNanda Colln., Digitized by srujanika@gmail.com

ଏକବିଂଶ ସର୍ଗର ଟୀକା

ଅଙ୍କର୍ ଶ୍ଳୋକାଙ୍କ ବୁଝିବାକୁ ହେବ

୨ – କର୍ପୂର କସ୍ତୁରୀ ପ୍ରଭୃତି ପଞ୍ଚ ସୁଗନ୍ଧ ଦ୍ରବ୍ୟର ସମବାୟକୁ ଯକ୍ଷକର୍ଦ୍ଦମ କହନ୍ତି ।

୩୨ – ଅସ୍ୱରସ୍ୱର = ଗୁଗ୍‌ଗୁଳ; କାମଣର = କାମବାଣ ନାମକ ଧୂପ ଦ୍ରବ୍ୟ ବିଶେଷ ।

୪୩ – ତୁରୁଷ୍କ = ଧୂଣସାପ ।

୪୭ – ଉତ୍କବନ – ପୂଜାଭାତ; ବନବ୍ରଜା ଭକ୍ତ ଯାହାର ସେ । ଦ୍ୱିଅର୍ଥ ।

୫୭ – ଗରୁଡ଼ଧ୍ୱଜ, ବିଷ୍ଣୁଙ୍କ ଦ୍ୱାରାରେ ଗରୁଡ଼ର ପୂଜା ଅଧିକାର ମାନ । ଅହିଦ୍ୱିଟ୍ = ଗରୁଡ଼ ।

୬୦ – ଦାନବାଦ୍ୟଗହ୍ୱନ = ଅନେକ ନବ, ହିରଣ୍ୟକଶିପୁର ମରଣ ରୂପ ଘଟଣ ।

୬୧ – ଦୈତ୍ୟଭର୍ତ୍ତା, ହିରଣ୍ୟକଶିପୁର ଉଦରରେ ପତିତ ଶଙ୍କ-ସଂପଦର ଉଦ୍ଧାର କାର୍ଯ୍ୟରେ ହେତୁ ଅନ୍ୟ ଯେଉଁ ନଖରେ ଲାଗେ ।

୬୩ – ଦାନବାପ୍ = ଦାନବ + ଅପ୍; ଦାନ ଜଳ । ଦ୍ୱିଅର୍ଥ ।

୬୪ – ମହୀତଳେ = ପୃଥିବୀରେ; ପାତାଳେ । ଭୁବନ = ଦାନ-ଜଳ; ସ୍ୱର୍ଗାଦି ଭୁବନ । ଦ୍ୱିଅର୍ଥ ।

୬୭ – ପରଶୁରାମାବତାରରେ ମହୀ ବ୍ରାହ୍ମଣଙ୍କୁ ଦେଇଥିଲେ । ଏଥି ପୃଥ୍ୱୀକୁ ସ୍ୱରଚିତ ନବ ଖଣ୍ଡରେ ବାଣ୍ଟିଥିଲେ ।

୬୮ – ରେଣୁକା ସୁତ, ପରଶୁରାମ ପ୍ରବଳ କାର୍ତ୍ତବୀର୍ଯ୍ୟକୁ ନାଶ କରିଥିଲେ ।

୭୦ – ଅଜ – ଜନ୍ମହୀନ; ଦଶରଥଙ୍କ ପିତା । ଦ୍ୱିଅର୍ଥ ।

୭୧ – ମହୀ ତନୁଭବ ଶିଶୁ – ସୀତା ।

୭୩ – ରଯ – ରାବଣ । ରାବଣ ଦେବତାମାନଙ୍କ ମୃତ୍ୟୁ ନୋହିବ ବୋଲି ବର ପାଇଥିଲା ।

୭୪ – ଶମ୍ବୂକ ନାମା ଶୂଦ୍ର ମୁନିଙ୍କୁ ରାମଚନ୍ଦ୍ର ମାରିଥିଲେ ।

GPNanda Colln., Digitized by srujanika@gmail.com

୭୫ — ପୃଣୋକଣ = ବୋଠାରେ ରାକ୍ଷସ । କ୍ଷୁଦ୍ର ଦୁର୍ଜନ — ଖଳମନା ନୀଚମତି ପ୍ରଜା ।

୭୬ — ଔର୍ବ = ବଡ଼ବାନଳ । ତୁମ୍ଭେ ତା'ର ସାଗର ପର୍ଯ୍ୟ ।

୭୭ — ବାଲ୍ମୀକି କଥାକୁ ଲକ୍ଷ୍ୟ ।

୭୮ — ବଶ୍ରବା — ସୂର୍ପଣଖାଙ୍କ ପିତାର ନାମ; କାହିଁ ଶ୍ରବ (କାନ) ଯାହାର ସେ ମଧ୍ୟ ବଶ୍ରବା । ଅତଏବ ଲକ୍ଷ୍ମଣ ରୂପରେ ସୂର୍ପଣଖାର ଶ୍ରବଣଛେଦନ ।

୮୨ — ଶ୍ରୀକୃଷ୍ଣ ଚରବନ୍ଧସ୍ୱରୂପ ଥିଲେ ।

୮୩ — ଅର୍ଜ୍ଜୁନ ରୂପରେ ଜନ୍ମାସ୍ତ ଓ କର୍ଣ୍ଣର ମରଣରେ ବଣ୍ଟାତ ।

୮୪ — ଅର୍ଜ୍ଜୁନଙ୍କ କର୍ଣ୍ଣର ପିତା ନାମ ମଧ୍ୟ ସ୍ପଷ୍ଟ ।

୮୫ — ବଳରାମ ବସ୍ତୁଙ୍କ ଶୁକ୍ଳକେଶ ଲକ୍ଷଣରେ ଶେଷଦେବଙ୍କ ଅବତାର ରୂପେ ଜନ୍ମିଥିଲେ ।

୮୬ — ବଳରାମ ରୂପରେ ତୁମ୍ଭେ ଶେଷ (ଶେଷଦେବ) ଓ ଅଶେଷ (ଅନନ୍ତ) ।

୮୭ — କୁମୁଦ = ପୃଥ୍ୱୀର ଆନନ୍ଦ ।

୮୮ — ଏକତତ୍ତ୍ୱ = ଏକ ଜ୍ଞାନବାନ୍ । ଅଦ୍ୱୟବାଦୀ = ଦ୍ୱୈତୀୟଶୂନ୍ୟ । ଅନୟୀ ପଥତତ ବୃଦ୍ଧ = ବେଦମତ ବିରୋଧୀ ବୁଦ୍ଧ (ବିରୋଧ ଭାଷ) । ଚତୁଷ୍କୋଟୀ = ମାଧ୍ୟମିକ ବୌଦ୍ଧଙ୍କର ମତ ପ୍ରକାର କୋଟୀ (ସତ୍ ନୁହେ, ଅସତ ନୁହେ, ସଦସତ ନୁହେ, ଏ ଦୁହିଁରୁ ଅଟେ ନୁହେ) । ଷଡ଼ଭିଜ୍ଞ = ପେଶାଦନ୍ୟବହୁତ ବସ୍ତୁ ଦର୍ଶନ, ତଥା ଶବ୍ଦ ଶ୍ରବଣ, ଅନ୍ୟଜନଙ୍କ ଚିତ୍ତ ଚିହ୍ନଣ, ପରପତ ଜ୍ଞାନ, ଅତ୍ୟାଦପକ୍ଷ କ୍ଷୟଜ୍ଞତ୍ୱ, ଅଣିମାଦି ସିଦ୍ଧି ।

୯୧ — ଏ ଅନ୍ୟାନ୍ୟ ଅସଙ୍ଗତ କଥା କହୁଥିବାରୁ ଶିବଙ୍କ କଣ୍ଠ ନୀଳ ହୋଇଗଲା ।

୯୨ — କଲ୍ମଷ = ପାପ । ବିରୋଧଭାଷ ।

୯୪ — ଅଲର୍କ ନାମକ ପୁରାଣ ବର୍ଣ୍ଣିତ ରାଜା ।

୯୫ — ଇନ୍ଦ୍ରପୁତ୍ର = ବାଳି; ଅର୍ଜ୍ଜୁନ । ସୂର୍ଯ୍ୟ ପୁତ୍ର = ସୁଗ୍ରୀବ; କର୍ଣ୍ଣ ।

୯୭ — ଧବଳଚରଣେ = ବସ୍ତୁ ପଦେ, ଅଙ୍କାଶେ । ଜାମ୍ବବ ନିଜ କମଳ ପ୍ରଦକ୍ଷିଣ କରିଥିବାର ପୁରାଣ ପ୍ରବାଦ । ଭୂମିପାଶ = ମୋଡ଼ା ପାଶ ।

GPNanda Colln., Digitized by srujanika@gmail.com

୧୦୯ – ବାଳମୁକୁନ୍ଦ ରୂପରେ ମାର୍କଣ୍ଡେୟ ଏହୁପରି ଦେଖିଥିଲେ ।

୧୧୪ – ମନ୍ଦରୋଦର= କୃଶମଧ୍ୟ । ଶୋଧନୀ= ମାର୍ଜନୀ, ଝାଡ଼ୁଣୀ ।

୧୧୯ – ସଂପ୍ରଜ୍ଞାନ ସମାଧିରେ ଧ୍ୟାନରେ ଦେବତା ସାକ୍ଷାତ୍କାର ହୁଏ ।

୧୨୭ – ଭଲ ପ୍ରକାରର ଏକ ବୀଣାକୁ ପରିବାଦନୀ କହନ୍ତି ।

୧୨୯ – ଯେଉଁ ଯନ୍ତ୍ରରେ ବୀଣା ବଜାଇବାକୁ ହୁଏ ତା'ର ନାମ କୋଣ । ଅନ୍ତଃସାରହୀନ ଅତଏବ ଗମ୍ଭୀରାନ୍ତରା ହୋଇ କୃଶକୋଣ ରଜବାର ଉପେକ୍ଷା ।

୧୩୨ – ରାଜ (ଚନ୍ଦ୍ର) ଶିଖାମଣି ପରି ଶୋଭକର ଯହିଁରେ, ପୁଣି ଭୋଗ (ସର୍ପ ଶରୀର)ରେ ଯୁକ୍ତ ଅଙ୍କେ, ହୈମବତୀ, ପାର୍ବତୀ ପରି, ଭୂମିର ଭୋଗ । ନଳ ପକ୍ଷେ ସ୍ପଷ୍ଟାର୍ଥ । ଦକ୍ଷ କନ୍ୟା ରୂପେ ପାର୍ବତୀଙ୍କ ନାମ ସତୀ ଥିଲା ।

୧୩୪ – ବେଙ୍କା= ଶବ୍ଦର ମଧ୍ୟ; ଦୁଇ ନଈ ମଧ୍ୟ ଭୂମି । 'ସମୁଦ୍ର ସଙ୍ଗେ ନଳଙ୍କର ଓ ଧରା ସଙ୍ଗେ ଦମୟନ୍ତୀର ପୂର୍ଣ୍ଣୋପମା ।

୧୫୧ – ନାଳୀ= ବନ୍ଧୁକ ।

୧୫୩ – ଖଣ୍ଡ (ନବାତ) ଚୂର୍ଣ୍ଣ ମାଟିରେ ମଧୁ ବରଷାରେ ସୃଷ୍ଟ ହୋଇ, ରାବଡ଼ି ପାଣି ରୂପେ ଦ୍ୱିଷ୍ଟା ହୋଇ, ପୁଣ୍ଡ୍ରକ ନାମକ ଅତି ମଧୁର ଆଖୁ ଦ୍ରାକ୍ଷା-ରସରେ ବଢ଼ି, ଯେବେ ଫଳ ଧରେ, ତେବେ ମଧ୍ୟ ସେଥିରେ 'ତମ' ପ୍ରତ୍ୟୟ କଲେ (ମଧୁରତମ), ଭୂମିର ବଚନ ସଙ୍ଗେ ସମାନ ହୋଇ ପାରେ ।

୧୫୪ – ଗୁପ୍ତପାଠ କରି ଶାବର ବସବେଳେ ପଣ୍ଡିତ ପରି ଗୂଢ଼ ତତ୍ତ୍ୱ ଦେଖା ଯାଏ ! ତାନ୍ତ୍ରିକ ସୂତ୍ରରେ ଅପୂ ଅରୋଗ୍ୟାଦ କାମନା ଜଡ଼ିତ ଥାଏ ।

୧୫୮ – ଉର୍ଦ୍ଧ୍ୱରଦଚ୍ଛଦ= ଉପରଓଠ । କୋଣ-ଧନୁଷ୍ଟୀ= ବୀଣା-ବାଦନ-ଧନୁ-ଧାରିଣୀ । ଏହି ସର୍ଗରେ ୧୨୯ ଶ୍ଳୋକର ଟୀକା ଦେଖ ।

GPNanda Colln., Digitized by srujanika@gmail.com

ଦ୍ୱାବିଂଶ ସର୍ଗ

ସାନ୍ଧ୍ୟ ବନ୍ଦନା ସାରି, ପଶ୍ଚିମ-ଦିଗ-
ରକ୍ତ-ଅଭ୍ର ଦେଖି, ଗଲେ ନରେଶ ,
ତାମ୍ବୂଳାଧର-ଚୁମ୍ବନ-ଲାଳସୀ ନଳ ,
ଦୈତ୍ୟୀଧର-ସନ୍ଧ୍ୟ-ସମ୍ଭ୍ରମ-ଛଳ ! ୧
ଯାଉଛନ୍ତି ଅସି , ପ୍ରିୟା ଦେଖିଲେ ଯା'ରେ ,
ଯେଉଁ ପର୍ଯ୍ୟଙ୍କ ସଜ କାନା ଶୋଯରେ
ବସି, ବସାଇ ପ୍ରିୟା ତାହା ଉପର ,
ସାୟଂ ସନ୍ଧ୍ୟାର ସ୍ତବ 'ରଚିଲେ ନଳ । ୨
"ପ୍ରିୟେ, ଜଳ-ଅଧିପ-କଳତ୍ର-ଦଶ
କର କୃତାର୍ଥ ଦୃଷ୍ଟି-ଦାନେ ସରସ ;
ଦେଖ ଯେ ଲଜ୍ଜା-ଜଳେ ସାନ୍ଦ୍ର ପରି ,
ପୁଣି କୁଙ୍କୁମ-ପଙ୍କେ ଅଛି କି ପୂରି ? ୩
ଗୈରିକ-ଗଣ୍ଡଶୈଳ ଏ ଦିନ-ନାଥ
ଉଚ୍ଚ-ଅମ୍ବର-ଶୈଳ-ଶିରୁଁ ପତିତ
ହୋଇ, ହେଉଁ ଚୂର୍ଣ୍ଣିତ , ଚୂର୍ଣ୍ଣ-ନିକରେ
ହୁଅନ୍ତି କି ସନ୍ଧ୍ୟା ରଜ-ଆକାରେ ! ୪

GPNanda Colln., Digitized by srujanika@gmail.com

ଅସ୍ତାଦ୍ରି-ଚୂଡ଼ା-ବାସୀ ଶବର-ଗଣ
ବନ୍ଧୁ କୁକ୍କୁଟ କରିଛନ୍ତି ପାଳନ ;
ଯାମାନ୍ତେ ରବିଁ ଉଲ୍ଲସିତ ମୁକୁଟେ ,
ବାରୁଣୀ ଦଗେ ନବ ରକ୍ତ ଫୁଟେ ! ୫
ଅସ୍ତଗତ ତପନଙ୍କ କର ପ୍ରସରେ ;
ହିଙ୍ଗୁଳ-ବେତ୍ର-ରୂପେ ଧରି ତା' କରେ ,
ନିଷେଧ ଦବସରେ, ଅୟେ, ସୁନ୍ଦରି ,
ରଜନୀ-ପ୍ରତୀହାର ସନ୍ଧ୍ୟା ଯେପରି ! ୬
ମହାନଟ ଏ ସତେ ସଭାନୁଗ୍ରହେ ,
କୁନ୍ଦୀ ଉଷା ସନ୍ଧ୍ୟା ମଣି ସୋହାଗେ ,
ଶଯ୍ୟତ ଚନ୍ଦ୍ରରେ ଏ ତାରକାମାଳ
ଧରି, ଯାଜନ୍ତି ଏବେ ସେ ଅଙ୍ଗହାର । ୭
ସାୟଂ ନୃତ୍ୟ କରନ୍ତି ଚନ୍ଦ୍ର-ଶେଖର ,
ଛୁଟ ଭୂଷଣ-ଅସ୍ଥିମାଳା ତାଙ୍କର ,
ଅସଂଖ୍ୟ ତାରା-ବ୍ୟାଜେ ସେ ଖଣ୍ଡମାନ
ଦେଖ, ପ୍ରେୟସୀ ପୂରିଅଛି ଗଗନ । ୮
ନାଶିଲା ଦନ-ଦ୍ୱୀପେ କାଳ କିରାତ ,
ପଦ୍ମକ ଯା'ର ଦେହେଁ ପ୍ରକଟୀଭୂତ ;
ସନ୍ଧ୍ୟା ରୁଧିର-ଧାରା ପିନା ତାହାର ;
ଗଣ୍ଡ-ମଣ୍ଡଳ-ମୁକ୍ତା ତାରା ନିକର । ୯

GPNanda Colln., Digitized by srujanika@gmail.com

ଶିବା-ବିବାହେ ଦିଗମ୍ବର ଶଙ୍କର,
ପୁଷ୍ପ-ସିନ୍ଦୂରିକାଖ୍ୟ-ଉତ୍ସବପର ,
ଏହି ଦିଗ-ବିଭାଗ, ସନ୍ଧ୍ୟା-ଲୋହିତ ,
ଚିହ୍ନିଥିଲେ କି, ମନେ ହୁଏ ପ୍ରତୀତ । ୧୦
ସତୀ ପାର୍ବତୀ ବେଦ-ବିବାହେ ହର ,
ସେ ପୁଷ୍ପ-ସିନ୍ଦୂରିକା ଲାଗି ତତ୍ପର ;
ଉଭୟ-ସନ୍ଧ୍ୟା ଯୁଗେ କି ଦେବ-ସାଇଁ ,
ପ୍ରାଚୀ-ପରାଚୀ-ବସ୍ତ୍ର ଥିଲେ ରଙ୍ଗାଇ ! ୧୧
ଯେଉଁ ଭାନ ଉକ୍ଷ ଭ୍ରମଣ କରେ
ସକଳ ଦିଗେ, ଦଣ୍ଡ ଧରିଣ କରେ ,
ଅବଗାହିଲା ପରି ଯେହ୍ନେ ସାଗରେ ,
ସନ୍ଧ୍ୟା ଅଭ୍ର-କଷାୟ-ବସନ ଧରେ । ୧୨
ନିକଷୋପଳ-ସମ ଅସ୍ତ-ଅଚଳେ ,
ପରୀକ୍ଷା କରି ସନ୍ଧ୍ୟା-କଷଟି-ଗାରେ ,
ଭାନୁ-ହିରଣ୍ୟ-ପିଣ୍ଡ ବିକ୍ରୟ କରି ,
ତାରା-କଉଡ଼ି ଯେନେ ସ୍ୱରଗ-ନାରୀ ! ୧୩
ସୂର୍ଯ୍ୟ-ମଣ୍ଡଳ ପକ୍ୱ-ଦାଡ଼ିମ୍ବ-ସରି
ତୋଳି, ତା' ଦେହୁଁ ସନ୍ଧ୍ୟା-ଖୋଳ ବି କାଢ଼ି ,
କାଳ ଚୋବଇ ବୀଜ-ଚିଠା ଫିଙ୍ଗଇ ;
ତାରା କି ତା'ର ଅସ୍ଥି-ସକଳ ଏହି । ୧୪-୧୫

GPNanda Colln., Digitized by srujanika@gmail.com

ସନ୍ଧ୍ୟା-ବନ୍ଦନା-ଅନ୍ତେ ପାର୍ବତୀ-ପତି
ଚରଣେ ପ୍ରହାରନ୍ତେ ତାଣ୍ଡବେ ମାତି,
ଖଣ୍ଡ ଖଣ୍ଡ ସ୍ଫଟିକ-ପଥର ପରି
କୈଳାସୁଁ, ତହୁଁ ହବ ଅଛୁ କି ଭରି ?" ୧୬
ନାଳ ବର୍ଣ୍ଣନା ଶୁଣି ଲଜ୍ଜେ କି ସତେ
ଅପସରିଲା ସନ୍ଧ୍ୟା ଜାଣି ନସ୍ତିତେ ?
ତାର-ତାମସେ ଦନ୍ତୁରିତ ଅମ୍ବର
ନରେଷି, ପ୍ରେୟସୀରେ ଭଷିଲେ ନଳ । ୧୭
"କାମ-କୋଦଣ୍ଡ-ଭ୍ରୁ, ସେ ରତ୍ନାକର
ଭ୍ରମ-ମାର୍ଗଣ-ମର୍ମ-ବ୍ରଣେ କାତର,
ପୂରବେ ନକି ଯାଇଥିଲା ଉପରେ,
ଆକାଶ ପୂର୍ଣ୍ଣ ମୀନ-କମ୍ବୁ-ମକରେ । ୧୮
ଦେବ ଓ ଅପସରୀ ମୋହ ସକାଶେ,
ଫିଙ୍ଗିଛୁ ତାର-ପୁଷ୍ପ-ଶର କି ରୋଷେ
ମଦନ; ତାର ପଞ୍ଚଶର-କଳ୍ପନା
ପଞ୍ଚାସ୍ୟ-ପରି ପୂତେ ବିସ୍ମୃତ ସିନା ! ୧୯
ରହୁ ଆକାଶ-ନଦୀ-କୂଳ-କୁଳାୟେ,
ବିରହୀ ଚକ୍ରବାକେ ନଶା-ଉଦୟେ
କାନ୍ଦନ୍ତି; ଅଶ୍ରୁବିନ୍ଦୁ ତାର-ସକଳ ;
ତାରା-ପତନ ତା'ର ଧାରା କେବଳ ! ୨୦

GPNanda Colln., Digitized by srujanika@gmail.com

ଗୋଧା, ମକର ପୁଣି ଏହି କୁଳୀର
ମଣଇ ସୁରନଦୀ-ଜୀବ-ସକଳ ,
ଜଳେ ଖେଳନ୍ତି ଦେବେ, ତାହାଙ୍କୁ ଡରି ,
ବୁଡ ତଳକୁ ଦଶୁଛନ୍ତି ଏପରି । ୨୧
ବିଲୋକୀ-ଜୟେ ଯାର ହେବ ବାଦନ ,
ସେ କାମ-କମ୍ବୁ ନକି ଦଶେ ଶୋଭନ ?
ଆନ କେ ବୀର ତାରାମୟ-ସୁମନେ
କରିପାରେ ବାଦ୍ୟ-ସୃଷ୍ଟି ଭୁବନେ । ୨୨
ରଜନୀ କି ଯୋଗିନୀ ? ଯେଣୁ ବନ୍ଧାଏ
ରତୀଶେ; ପଦ୍ମେ ପୁଣି ମୋହ ଜନ୍ମାଏ ;
ଆକାଶ-ଚର୍ମୀ କମ୍ବୁ, ଆଧାର-ହୀନ ,
କରେ ତା' ମହା-ଯୋଗ-ବଳ-ଖ୍ୟାପନ । ୨୩
ପ୍ରବୋଧ-କାଳେ ଦନେ ଯାହା ବାଧିତ ,
ସେହି ଖ-ପୁଷ୍ପ ତାରା କରି ଦର୍ଶିତ ,
ଏହି ନିଶା ଯୋଗିନୀ ଶୂନ୍ୟ-ଦର୍ଶନେ
ପ୍ରତ୍ୟକ୍ଷ ଜଗତର ଅସତ୍ୟ ଭଣେ । ୨୪
ତବ ମୁଖେନ୍ଦୁ ଏଣ, ସ୍ମର ଅହତ ,
ତବ ଭ୍ରୂ-ଧନୁ-ଯୋଗେ, ସେ କଙ୍କପତ୍ର
ଶୋଭଇ ତବ ଉରେ, ସତେ ବା ଶର
ସହ ପଳାଇ, ମୃଗ ଭଜେ ଅମ୍ବର ! ୨୫

GPNanda Colln., Digitized by srujanika@gmail.com

ଆଦ୍ୟ ସୃଷ୍ଟି ବ୍ରହ୍ମାଣ୍ଡ-ମଣ୍ଡପ ଏହୁ ;
ଅନୁକ୍ଷଣ ଭାଙ୍ଗଇ ତାରକା ବହୁ ;
ଯତେ ସେ ଜୀର୍ଣ୍ଣ କାଷ୍ଠେ ଘୂଣ-ଖୋଦନ ,
ଧବଳ ଦାରୁ-ଚୂର୍ଣ୍ଣେ ଦଶେ ଶୋଭନ ! ୨୬
ଦେଖ ବୈଦର୍ଭି, ସଚୀ-ସପତ୍ନୀ-ଦିଶେ
ହୁଏ ପ୍ଳାବିତ; ଦିନ-ସେତୁ-ବିନାଶେ ,
ବାସବ-ହସ୍ତି-ଦାନ-ଦ୍ରବ-ନିର୍ଝର ,
ଉଚ୍ଛୃଙ୍ଖଳ ସେ ପୂର ହିନା ଅନ୍ଧାର ! ୨୭
ସେତୁବନ୍ଧ-ରୋମାଳି ଦକ୍ଷିଣ-ଦିଶେ
ଯମ-ବାହନ-ଧ୍ୱାନ୍ତ-ରୂପେ ପ୍ରକାଶେ ;
ତା'ଦେଖି ଦୂରୁଁ ଭୀତ ସୂର୍ଯାଶ୍ୱକୁଳେ
ନେଇ ଦେବ ସବିତା, ତଳେ ପଶିଲେ । ୨୮
ପଶ୍ଚିମ-ଗିରି-ଶୃଙ୍ଗେ ଭାନୁ-ମଣ୍ଡଳ
ଥିଲା, ଯତେ ପାତନ୍ତି ସେ ମହାକାଳ ;
ପଡ଼ି ପାଷାଣେ ଏବେ ହେଲା ତା'ଭଗ୍ନ ;
ବ୍ୟାପି ତାହାର ବୀଜ ପୋଟଇ ତମ । ୨୯
ଯା' ପତ୍ର-ବଲ୍ଲୀ ଚୈତ୍ରରଥାଖ୍ୟବନ ,
ମୃଗନାଭି-ଶୋଭୀ ସେ କଳୁଭ-ତମ ,
ଗିରିଖଣ୍ଡ-ଅଯଣ ରଚେ ; ଉତ୍ତର
ସୁମେରୁ କୂଳେ, ଛାଡ଼ ସେ ଗିରିବର । ୩୦

GPNanda Colln., Digitized by srujanika@gmail.com

ଦିବସେ ଯିନା ସୂର୍ଯ୍ୟ-ସହସ୍ର-କରେ
ଆକାଶ ହୋଇଥିଲା ଧରା-ଉପରେ ;
ତାହାଙ୍କ ବିନା ହେଲା ପତନ ତା'ର;
ନୁହଁ ନକ୍ଷତ୍ରତମ; ସେହି ଅନ୍ଧାର ! ୩୧
ଅଧୋମୁଖେ ଆକାଶ–କଟାହ ବଦ୍ଧ
ସୂର୍ଯ୍ୟ ଦୀପ ଉପରେ ଥିଲା ତ ନଦ୍ଧ ;
ବନ୍ଧୁ କଜ୍ଜଳ ଜମି, ଗୁରୁତା ପଣେ
ପଡନ୍ତେ ଖସି, ତାହା ତମ କି ମଣେ ? ୩୨
କସ୍ତୂରୀ–ଧ୍ୱାନ୍ତ ନୀଳ-ଅମ୍ବର ଘେନି ,
ତାର-ମନ୍ମଥ-ଶରେ ହୋଇ ମଣ୍ଡିଣି ,
ବଧୂଷ୍ମାନ ରାତ୍ରିରେ ମନାଷେ ଦିଶି ,
ଆସନ୍ତି ଦିଗଙ୍ଗନା ମୋ ପାଶେ, ରସି ;
ସପତ୍ନୀ-ସମ ଏହୁ ଅଭିସାରିକା
ଦେଖି, ନୁହେଁ କି ତବ ଈର୍ଷାର ଦକା ? ୩୩
ରବି-ରୂପ-ନୀଳୂକ ମୁଦନ୍ତେ ହରି ,
ଉଭୟ-ପତା-ରେମ ଯାଅନ୍ତେ ମିଳି ,
ଚନ୍ଦ୍ର କଳଙ୍କୁ ବଳ କାଳମାପଣେ ,
ଅନ୍ଧାର ଯିନା ତାହା ଘୋଟେ ଭୁବନେ । ୩୪
'ଗୋ'ନାମ ନେବେ, ପୁଣି ରବି କିରଣେ ;
ରବି ନିଜ ସହସ୍ରେ ଜନ ନୟନେ

GPNanda Colln., Digitized by srujanika@gmail.com

ମିଶାଇ, ବନେ ଗୋସ୍ତରଣ ଅଚରୁ ,
ଏବେ ସଂହରେ; ତେଣୁ ଅନ୍ଧତା, ଗୋରି । ୩୫
ଧ୍ୱାନ୍ତ-ବିଷୟ ତନ୍ୱି, ବିଚାର-କାଳେ ,
ବୈଶେଷିକ ମତନ୍ତୁଁ ମୋ ମତ ଭଲେ ;
ଔଲୂକ ନାମେ ଖ୍ୟାତ ସେହି ଦର୍ଶନ ;
ତେଣୁ ତାମସ-ତତ୍ତ୍ୱ ନିର୍ଣ୍ଣୟେ କ୍ଷମ । ୩୬
ଯେ ଜ୍ଞାନ-ଯୁତ, ଯାର ସ୍ପର୍ଶ ନିଷେଧ ,
ତିଶଙ୍କୁ ଛରି ସେହି ତମ-ସମ୍ପଦ ,
କଉଶିକ-ନୟନ ବରଜି, ଅନେ
ଭୁଲଇ ନ ପାରଇ ପ୍ରିୟ ଦର୍ଶନେ । ୩୭
ତିମ-ରାଜେ ମଣନ୍ତି ଉଲ୍ଲୁକ-ଲୋକ
ଦିନାନ୍ଧ ତମ, ପୁଣି ତମେ ଆଲୋକ ;
ପଲ୍ଲବେ ତାରକା ଫୁଟନ୍ତି ଯହିଁ ,
ସ୍ପନ୍ଦ ସେ ଯନ୍ତ୍ର ଦ୍ରବ୍ୟ-ରୂପ ଦିଶଇ । ୩୮
ମୋ କହିବି ବିବସେ ସ୍ନେହ କେବଳ
କରନ୍ତି ଦ୍ରବ୍ୟେ ମୋରେ, ଭଲ ଏସନ ,
ପ୍ରତି ବସ୍ତୁରେ ଛାୟା-ଦୃଷ୍ଟ ଲଗାଇ ,
ପୂଚ୍ଛ, ତାମସ ଏବେ ପଶଇ ତହିଁ ।” ୩୯
ଭଣନ୍ତେ ଏହିପରି ଧ୍ୱାନ୍ତ-ବର୍ଣ୍ଣନ
ନଳ, ଦିଶିଲେ ତହିଁ ଶଶ-ଲାଞ୍ଛନ ;

GPNanda Colln., Digitized by srujanika@gmail.com

ଜବା-ଅରୁଣ-କାନ୍ତ ଦେଖି ତାଙ୍କର
ଅନୁନୟେ ପ୍ରଶଂସା ରଚଲେ ନଳ । ୪୦
"ଉରସ୍ୱରିଣୀ ପରି ସେ ଅଦ୍ରି-ଚୂଳ
ଅବରିଲେ ହେଁ ଚନ୍ଦ୍ରେ ଅଳପ କାଳ ,
ଚକୋର-ଚଞ୍ଚୁ-ପୁଟେ, ଦେଖ ସୁନ୍ଦରି,
ବରଷୁ ଅଛୁ ଇନ୍ଦୁ ଚନ୍ଦ୍ରିକା-ବାରି । ୪୧
ଅଭିସାରିକା-ପରି ବିଟପି-ତଳ
ଦେଖ, ଛାଡ ତାମସ-ନୀଳ-ଦୁକୂଳ ,
ସଙ୍କେତ-ସ୍ଥାନ ଭଜ, ପାଲଟି ତା'ରେ
ପିନ୍ଧନ୍ତି ଯେସନେ ଜ୍ୟୋତ୍ସ୍ନା-ଧବଳ-ଚେଲେ । ୪୨
ରମ୍ଭୋରୁ, ଇନ୍ଦୀବର-ଗୁରୁ-ଲୋଚନେ ,
କର ଅବଲୋକନ ଶଶ-ଲାଞ୍ଛନେ ;
ସେ ତବମୁଖ-ଲକ୍ଷ୍ମୀ-ମୁକୁର-ସରି ;
ଚକୋରେ ସ୍ୱକୌମୁଦୀ ପିଆଏ ଭରି । ୪୩
ଦୂରବେ ସିନ୍ଧୁ-ଗର୍ଭୁଁ ଏ ସୁଧାକର
ଅଦ୍ରି-ମନ୍ଥନ-ଦଣ୍ଡ ହେଲା ବାହାର ;
ଅଦ୍ୟାପି ତେଣୁ ମନେ ହୁଏ ପରତେ
ପାଗରେ ପରବରୁଁ ଉଦୟ ଘଟେ ! ୪୪
କଜ ଅନୁଜ, ପ୍ରାଚୀ-ପତି-ବାହନ ,
ଐରାବତେ କ ଲଭି ଅଭିଧା-ପଣ ,

GPNanda Colln., Digitized by srujanika@gmail.com

ଅଦ୍ୟାପି ଶିରେ ଲଭି ଚନ୍ଦ୍ର ସିନ୍ଦୂର,
ରକତ ଦଶେ କିବା ଏ ସୁଧାକର ! ୪୫
ନିଜ ବଦନ ସମ ଦେଖି, ପ୍ରସନ୍ନେ
ଚୁମ୍ବିଲେ ଦିବସ୍ଥ ନାୟିକା-ମାନେ ;
ତେଣୁ ତାଙ୍କ ଅଧର-ଯାବକ-ବଳେ ,
ଅରୁଣ ବର୍ଣ୍ଣେ ଦଶେ ବିଧୁ କି ଝଳେ ! ୪୬
ବିଧୁ ସ୍ୱରୂପେ ସୁନାଛାଞ୍ଚେ କି ବିଧି
ବଧୂଗଣ ବଦନ ସୃଷ୍ଟି କରଇ !
ଛାଞ୍ଚ ବିଲୋମେ ନେତ୍ର ଆଦି ସକଳ ,
ସତେ ବା ସ୍ପଷ୍ଟ ଚନ୍ଦ୍ରେ ନୁହେ ଗୋଚର ! ୪୭
ସେହିତ ଛାଞ୍ଚେ ବିହି ତବ ଆନନ
ମଣଇ କରିଅଛନ୍ତି ନିକେ ନିର୍ମାଣ ?
ବିଲୋମେ ଛିଦ୍ରିଁ ଅଙ୍ଗ ପ୍ରତ୍ୟକ୍ଷ ନୁହେ ;
ତୋ' ଦେହେ ସେ ସବୁ ତ ନୟନ ମୋହେ ! ୪୮
ପୂର୍ବେ ଯେ ଦେବାଧୀଶ-ଦଗ-ଅମ୍ବର
ରଜନୀ-ଯୋଗେ ଥିଲା ପୀତ ଶ୍ୟାମଳ,
ଚନ୍ଦ୍ରାଂଶୁ-ଚୂର୍ଣ୍ଣି ଯୋଗେ ସେ ସିନା ଏବେ
ଲୋହିତ ବର୍ଣ୍ଣ ଧରି, ଦଗନ୍ତେ ଶୋଭେ ! ୪୯
କରି ସହସ୍ର-ବାହୁ-ଶିର-ଛେଦନ ,
ଯେ ରକ୍ତେ କରିଥିଲେ ପିତୃ ତର୍ପଣ

GPNanda Colln., Digitized by srujanika@gmail.com

ପଞ୍ଚଶୃଙ୍ଗମ, ପିତୃ ଲୋକେ ତା' ଯାଇ ,
ସେ ଲୋକନାଥ ଚନ୍ଦ୍ରେ ସିନା ରଞ୍ଜଇ ! ୫୦
ରଜତ ବର୍ଣ୍ଣୀ, କର୍ଣ୍ଣ-ନାସା-ବିହୀନ ,
ଲକ୍ଷ୍ମଣ ଅଭିଭୂତ, ଶଶ-ଲାଞ୍ଛନ ,
ସୂର୍ପଣଖା-ବଦନ-ପରି, ଲକ୍ଷିତ
ହୋ' ସୀତା-ମୁଖେ ଚାହିଁ, ହେବା ବିହିତ । ୫୧
ଧୂର୍ତ୍ତି ଏ ସାୟଂକାଳ, ଅମ୍ବର-ମଣି
ଭେଲ ସୁବର୍ଣ୍ଣ ଦେଇ ନେଲା କି କିଣି ?
ସେ ସୁନା ଛଡ଼, ଏବେ ଭେଲ ବରଣେ
ରଜତ-ପରି ପାଣ୍ଡୁ ଦିଶେ ଗଗନେ । ୫୨
ରଙ୍ଗ ପାଂଶୁ-ସୂତାରେ ଗୁଡ଼ାଇ, ଦେଖ ,
ଇନ୍ଦୁ-ମଣ୍ଡଳ-ନଟୁ ସନ୍ଧ୍ୟା-ବାଳକ
ଫିଙ୍ଗିଲା ନଭେ ; ଫିଟି ସେ ପାଂଶୁସୂତା
ରଙ୍ଗ ରଜତ-ନଟୁ ଦଶଇ ଶୋଭା । ୫୩
ତମଃ-ପ୍ରଶସ୍ତି ଜଣା ତାମ୍ର-ଅକ୍ଷରେ
ଲେଖି କୃଷ୍ଣ ଅମ୍ବରେ, ଲଭିଏ ଖରେ
ବଧୂ ଅରୁଣଙ୍କରେ, ଅଳପ ଦଶେ
ସେ ଲେଖା; ଖଡ଼-ଧୂଳ ବଧୂ ପ୍ରକାଶେ । ୫
ଦଶଇ ଧଳା ବଧୂ କେଉଁ ପ୍ରଦେଶେ ;
ରକତ ବର୍ଣ୍ଣ ପୁଣି ଆନେ ତ ଦଶେ ! ୪

GPNanda Colln., Digitized by srujanika@gmail.com

କଳା-ନିଧିର ସେହି କଳା-ମହତ୍ତ୍ୱ ,
କେ ବୁଝିପାରେ ରାଗ-ବିରାଗ-ତତ୍ତ୍ୱ ? ୫୫
ମଣ୍ଡନ୍ତି ଗାଢ଼ ଦିଗ-ଅଙ୍ଗନା-ଗଣେ
ସନ୍ଧ୍ୟାରେ କାଶ୍ମୀରଜ-ରକ୍ତ-ବରଣେ ,
ତହୁଁ ତାମସ-ରୂପ କସ୍ତୁରୀ-ଦାନେ ,
ପୁଣି ଚନ୍ଦନ ଗୁରୁ ଚନ୍ଦ୍ର-କିରଣେ । ୫୬
ଛେଦନ କରି ତମ-ଗୁରୁ-ବାସନେ ,
ଗଢ଼େ ଚନ୍ଦ୍ରିକା-ରାତ୍ରି ତାହାର ସାରେ
ବହୁ; ନୋହିଲେ କର୍ପୂର ତା'ପରି ଦ୍ରୁମ
ଏ ରାତ୍ରି, ସେହୁ ଦିନ ପୁଣି ବାମନ ?" ୫୭
ଶ୍ରବଣ-ଆସକ୍ତିରେ ଥିଲେ ମଗନ
ଭୈମୀ, ଭାଷିଲେ ତହୁଁ ନଳ-ରାଜନ : —
"ବଦନୁ-ସରି ବୋଲି ବଧୂଙ୍କ ଦ୍ରୋହେ
କହୁଁ ନି କହ ପ୍ରିୟେ ବଧୂ-ବିଷୟେ ? ୫୮
ତୋ' ବାଣୀ-ରସ-ବେଣୀ-ରୋଧସ-ତୃଣ
ଅନୁକରଣେ ଇକ୍ଷୁ ନୁହେଁ ନିପୁଣ ;
ଶୃଙ୍ଗାର-ଘଟ ସୁଧାଙ୍କରେ ମୋ' କର୍ଣ୍ଣ —
କୂପ ପୂରଅ ବର୍ଣ୍ଣ-ସ୍ରଜେ ମୋହନ । ୫୯
ବଚନ ତବ ପ୍ରିୟେ, ମଧୁ-ସୋଦର ,
ଶୁଣିବାକୁ ବାସନା ହୁଏ ମୋହର ।"

GPNanda Colln., Digitized by srujanika@gmail.com

ପ୍ରିୟ-ବଚନ ଶୁଣି ଚନ୍ଦ୍ର ସୁଦତୀ ;
ଆରମ୍ଭକଲେ ବଧୂ-ପ୍ରଶସ୍ତି-ସ୍ତୁତି । ୬୦
"ଝରଇ ଚନ୍ଦ୍ରକାନ୍ତ, କାନେ କୁରଙ୍ଗୀ
ପ୍ରିୟ ବଚନେ ନେତ୍ର ଲେଉଟଇ ଚାଳ ;
ଦୁହଙ୍କୁ ଦୁହେଁ, ଚନ୍ଦ୍ରେ ଦେଖଣ ଜଳ ,
ବଢ଼ାଏ ସିନ୍ଧୁ ସତେ ସେ ସୁଧାକର ! ୬୧
ରତି-କାନନୀ-ପୂର-ସରେ ଅନ୍ଧାର ;
ସ୍ଫୁରଇ ସୁଧାକର-ଜ୍ୟୋତ୍ସ୍ନା-ଧବଳ—
ସୈକତ-ଅନ୍ତରୀପ ତା'ମଧ୍ୟେ ମଣେ ,
ବଧୂ-ନିର୍ମଳ-ଦୀପ୍ତି-ଦୀପ ଯେସନେ ! ୬୨
ଅଖିଳ କୁମୁଦର ହାସ-କିରଣେ
ଦୁଗ୍ଧ-ଧବଳ ସର୍ବ ଜଗତ, ମଣେ ;
ମଜ୍ଜିଲ ଗଲେ ଯେଣୁ ସେହୁ ଧବଳେ ,
ଥିଲେହେଁ ଚନ୍ଦ୍ର ଶୋଭା ବହେଁ ନ ଦଶେ । ୬୩
ମୃତ୍ୟୁଞ୍ଜୟ-ଜଟାରେ ସେ ବଧୂ ରହି ,
ମୃତ୍ୟୁଭୟ ବନ୍ଧନେ କ୍ଷୟ ନ ପାଇ ;
ନିଜ ସୁଧାରେ ଜୀବ ପୁଣି ସେ ଧରି ,
ସ୍ରଗ୍ମୁଣ୍ଡ-ଗ୍ରନ୍ଥ-ଭୟେ ନ ପାରେ ବଢ଼ି । ୬୪
କାନ୍ତ ଚକୋରେ, ସୁଧା ସୁର-ସକଳେ ,
ନିଜର ଅଙ୍ଗ-କଳା ଚନ୍ଦ୍ର-ଶେଖରେ ,

GPNanda Colln., Digitized by srujanika@gmail.com

ଦଅଇ ବଧୂ; ଅଳ୍ପ ପିନା ଏ ଦାନ ;
ଭାଇ ତାହାର ପତ୍ର କଳପ ଦ୍ରୁମ ! ୬୫
ଅଙ୍କ-ଭୁଜଙ୍ଗ–ନାଭ ସେ ସୁଧାକର ;
ତନ୍ତୁଁ କଳାଏ ଶିରେ ଚନ୍ଦ୍ର ଶେଖର
ବହନ୍ତି, ଅହା କୃଷ୍ଣ କଣ୍ଠ ସେ ଶେଷେ ,
ତଡା-ଭସ୍ମେ ସେ ତନୁ ପାଣ୍ଡୁର ଦଶେ ! ୬୬
କାମ-ଅର୍ଦ୍ଧ-ଦଗଧ-ଅସ୍ଥି-ନିକରେ
ଗଢ଼ିଛନ୍ତି ବନ୍ଧ ପିତାପିତ ବଧୂରେ ;
ତେଣୁ କାମାରି-ଶିରେ ଲଭି ସ୍ଥାପନ ,
ବରେ ସିନା ସକଳେ କାମ-ବର୍ଦ୍ଧନ । ୬୭
ନଷ୍ଟପ୍ର ମୃଗଲୋଭେ ସିଂହିକା-ସୁତ
କରଇ ମୃଗ-ଅଙ୍କେ କବଳୀକୃତ ;
ନ ଦେଇ ଅଙ୍କ-ସୁପ୍ତ ମୃଗେ, ଶଶୀରେ
ଦଏ ଯେଣୁ, ମୃକତ ଲଭେ ସେ ଫଳେ । ୬୮
ଶୂନ୍ୟ କରନ୍ତି ଦେବେ ପିଇ ଅମୃତ ;
କିନ୍ତୁ ବର୍ତ୍ତରେ ତାହା ଅଟେ ଉଚିତ ;
କୁମ୍ଭ-ସମ୍ଭବ ମୁନି, ସଲିଳ ପିଇ ,
ତାଙ୍କ ଜନକ ସିନ୍ଧୁ ଥିଲେ ଶୁଖାଇ । ୬୯
ସ୍ୱରଗ-ସିନ୍ଧୁ-ବନ୍ଧୁ-ଜୋସ୍ନା-ପଟଳ
ବ୍ୟାପି ସକଳ ଦଶେ କରେ ଧବଳ ;

GPNanda Colln., Digitized by srujanika@gmail.com

କ୍ଷୀର-ସାଗର-ବାସ ନାହିଁ ବଧୂର ;
ସେ ଦୁଃଖ କି ଏହା କରଇ ଦୂର ? ୨୦
ବଧୂ-ତନୟା, ସିନ୍ଧୁ-ହୃଦ୍ୟ-ହାରିଣୀ ,
ହେଉ ଚକୋର-ଭୋଜ୍ୟ, ନେତ୍ର-ମୋହନୀ ,
ଚନ୍ଦ୍ରିକା, କିନ୍ତୁ କୁମୁଦର ଅଦ୍ଭୁତ
ଧନ; କୌମୁଦୀ-ନାମେ ଯେଣୁ ବିଖ୍ୟାତ । ୨୧
ଚନ୍ଦ୍ର-କିରଣେ ସାରା ଜଗତ ଶ୍ୱେତ ;
ବୃକ୍ଷାଦି-ବସ୍ତୁ-ଛାୟା ତହିଁ ମିଶ୍ରିତ ;
ମିଶି କଳଙ୍କ-ନୀଳ ପ୍ରଭା-ସଙ୍ଗତେ ,
ଶୁଭ୍ରାଂଶୁଙ୍କର କି ଶୋଭେ ଜଗତେ ? ୨୨
ତମ ବିନାଶି, କରିଅଛୁ ଧବଳ
ଆକାଶ, କେତେ ଅଂଶେ ବିଧୁ ମଣ୍ଡଳ ;
ଲବଣ-ସିନ୍ଧୁ-ଜଳ ବଢାଇ ପୁଣ ,
କରିଛୁ କେତେ ଅଂଶେ ନୀଳ-ବରଣ । ୨୩
ନିଜ କାରଣ ପୟୋନିଧିର ଗୁଣ
କ୍ଷୟ ବୃଦ୍ଧି ଲଭିବ ନାହିଁ କେସନ
ବିଧୁ ? ବିଚନ୍ଦ୍ର ମାତ୍ର ଲଭେ ଏ ତରେ ;
ତାହା ଘଟଇ ପୁଣି ନିଜ ଭାଗରେ ! ୨୪
ହେଲେହେଁ ସୁଧାକର ଅଦର୍ଶେ ଦୃଶ୍ୟ ,
ତେବ ତା' ମୂର୍ତ୍ତି ନୁହେ ଅଦର୍ଶେ ଦୃଶ୍ୟ !

GPNanda Colln., Digitized by srujanika@gmail.com

ତ୍ରି-ନେତ୍ରୁଁ ଜାତ, ଅତ୍ରି-ନେତ୍ରୁଁ ସେ ଜାତ ;
ତେଣୁ ଜନମ ତା'ର ଅଟେ ବିଚିତ୍ର ! ୭୫
ଦେବ-ଭୋଗ-ସମ୍ପଦ ଯାଗ ଯେସନ ,
ଶୁଦ୍ଧ-ସୁଧା-ଧାସ୍ୱଛ ଅଟେ ତେସନ ;
ଯାଗ ଯେପନ ହଂସା ଧାରଣ କରେ ,
କଳଙ୍କ ଦର୍ଶେ ତଥା ବିଧୁ-ମଣ୍ଡଳେ । ୭୬
ପ୍ରବଦ୍ଧ ଅନଳର ରଥୁଁ ବାହନ-
ମୃଗ କେଣ ଲଭିଅଛି ପତନ ?
ନିର୍ମଳ ଆକାଶରେ ଅମୃତ ପିଇ ,
ସୁଧାଙ୍କରେ ରହୁଛି ଲୋଲୁପ ହୋଇ । ୭୭
ବାଳ-ଚନ୍ଦ୍ରେ ନ ଥିଲା ମୃଗର ଚିହ୍ନ ,
ଯୁବକେ ପେଷିଛନ୍ତି ପ୍ରେୟସୀ-ଗଣ
ବନ-ଔଷଧି, ଉପାୟନ-ସନ୍ଦେଶ ;
ହୃଦୟେ ବହନ୍ତି ତା' ଔଷଧି-ଲିଙ୍ଗ ! ୭୮
ବଧୂ-ପ୍ରିୟା-ଅରଣ୍ୟ-ଔଷଧି-ଗଣେ ,
ସ୍ନାନ-ସେବାରେ ଆସିଛନ୍ତି ଗହନେ ;
ତାଙ୍କ ପତର ଖାଇ, ଅମୃତ ପିଇ ,
ଆନନ୍ଦେ ନାଚ ଏଥି ମୃଗ ବସଇ ! ୭୯
ରୁଦ୍ରେନ୍ଦ୍ର-ବିଦ୍ରାବିତ ତାର-ମୃଗର
ଆରତ ଦେଖି ବ୍ୟୋମେ, ଭୟେ କାତର ,

GPNanda Colln., Digitized by srujanika@gmail.com

ମଣେ ଏ ଅନ ମୃଗ, ପଶେ ଶରଣ ,
ମଣି ବଧି ଶଙ୍କର-ଚୂଡ଼ା-ଭୂଷଣ ! ୮୦
ହେ ନାଥ, ବିଧୁ-ଅଙ୍କେ ମୃଗ ଯେସନ ,
ପୃଷ୍ଠେ କ ଅନ ମୃଗ ଅଛି ତେସନ ?
ସନ୍ଦେହେ, ମୁଖେ ତବ ତତ୍ତ୍ୱ ପଲ୍ଲବ ,
ବିବାଦେ ଦେଖିଅଛି ପୃଷ୍ଠ ଯେ ତା'ର । ୮୧
ବିଧୁରେ ମୃଗ ଯେଣୁ ଚରେ ଉତ୍ତାନେ ,
ବଳକ୍ଷ କୁକ୍ଷି ତା'ର ଜନ-ନୟନେ
ନ ପଡ଼େ; ସତ ପଗ୍ କହଇ ଶ୍ରୁତି ,
ସ୍ୱରଗେ ଦେବ-ଗବୀ ଉତ୍ତାନ ଗତି ! ୮୨
ରକ୍ତ-ନୀଳ ଦୃଗସ୍ଥିତ ବସ୍ତୁରେ
କେବଳ ନୀଳ ଅଂଶ ନୟନେ ପଡ଼େ;
ରକ୍ତ-ଅଂଶ ଶଶ-ପୃଷ୍ଠ-ଲୋମର ;
ତେଣୁ ସିନା ପ୍ରତ୍ୟକ୍ଷ ନୁହେ ଅମର । ୮୩
ପଦ-ପ୍ରୟୋଗ-ବିଧି ହେଲ ମାନବ ,
ଭ୍ରଷ୍ଟ କରଇ ବ୍ୟାକରଣ-ଗରବ ;
ଶଶ-ସକାଶେ ଏହା ଶଶୀ ବୋଲାଏ ;
ମୃଗ ନମନ୍ତେ କେହୁ ମୃଗୀ କ କହେ ? ୮୪
ପ୍ରତିପଦା ଯେତିକି ବିଧୁ ପ୍ରସବେ ,
ସିନ୍ଧୁରୁ ଜନ୍ମିଥିଲା ସେତିକି ପୂର୍ବେ ;

GPNanda Colln., Digitized by srujanika@gmail.com

ସେହିକାଳେ ପରା ସେ ଚନ୍ଦ୍ର-ଶେଖର
ଧଇଲେ ଶିରେ ତା'ରେ କଳା-ମାତ୍ରର ! ୮୫
ଦଳପର ଯେ ବିଧୁ-କଳା-କଳାପ ,
କେତକୀ-ଭବ ଯଦ ହୁଏ ଅରୋପ ,
ହେବଂ ତାହା ସଙ୍ଗତ; ଅଙ୍କ ମୃଗର
କସ୍ତୁରୀ-ଯୋଗେ ହୋଇ ସୌରଭ-ଭର ୮୬
ଜ୍ୟୋତିଷ-ମତେ ଯେବେ ଚନ୍ଦ୍ର ବର୍ତ୍ତୁଳ ,
କାହିଁକି ନ ଦଶଇ ସେହି ପ୍ରକାର ?
ରାହୁ-ଦଶନ-ଯନ୍ତ୍ରେ ପେଷିତ ହୋଇ ,
ପୀଠଅ-ପର ପରିଣାମେ ଦଶଇ । ୮୭
ନୁହେ ଏ କାମ-ସଖା, ନାହିଁ ସମତା ! ;
କର୍ପୂର-ନାମେ ଚନ୍ଦ୍ର-କାମେ ଦିଭ୍ରତା ;
ଅନଳେ ପଡ଼ି ଯେଣୁ ସେହୁ ଯୁଗଳ ,
ପରକାଶନ୍ତି ସଦା ଅଧିକ ବଳ । ୮୮
କିମ୍ବା ବିଧୁ-ମଦନ-ମୌର୍ବୀ ଉଚିତ ;
ଶମ୍ଭୁ ନୟନେ ହେଲା ସେ ଅନ୍ତର୍ହିତ ;
ଲୟ ଲଭଇ ଏହି ବିଧୁ-ମଣ୍ଡଳ
ସୂର୍ଯ-ନୟନେ ଆଦି-ପୁରୁଷଙ୍କର । ୮୯
ପୁରାଣ ପୁରୁଷଙ୍କ, ପୂର୍ବେ ଯେ କାଳେ ,
ମୃଗାଙ୍କ, ନେତ୍ର-ଅରବିନ୍ଦ ହୋଇଲେ ,

GPNanda Colln., Digitized by srujanika@gmail.com

ସେକାଳେ ଏହ ବିଧୁ, ଅଙ୍କ ଉତ୍କୁଳ ,
ହେଲା ସୁନ୍ଦର କର୍ଣ୍ଣନଳ୍କା-ଭ୍ରମର । ୯୦
ଦ୍ୱିପକ୍ଷେ, ପୁଣି ଦ୍ୱିଜ-ଖଞ୍ଜନ-ପଣେ
ସମାନ ଦେଖି ହର, ଶଶ-ଖଞ୍ଜନେ
ଗରୁଡ଼େ, ଦୁହଙ୍କୁ ସେ ଲଗାଇ ଥିଲେ
ନଯ୍ନ-କର୍ଣ୍ଣେ ସିନା, ବିଶ୍ୱରି ଭଲେ । ୯୧
ନଳନ-ପୋଡ଼ା ଅଗ୍ନି ବୋଲି ଭୂଷାରେ
କରନ୍ତି ଯାହା ଅନୁମାନ ସେ ଧୀରେ ,
ହିମାଂଶୁ-ଅଙ୍କ-ଧୂମଗ୍ରଣି ତାହାର
କରିବେ ସମର୍ଥନ, କରେ ବିଗ୍ଭର । ୯୨
ବହୁ ଜଗତ-ଭର ହୋଇ ଅରତ ,
ବହେ-ବସୁଧା ଦେହୁ ସ୍ୱେଦ-ସରିତ ,
ଛାୟା-ଛଳରେ, ଗୂଢ ସୁଧା-ସାଗରେ ,
ମଣ୍ଣଇ, କ୍ଳାନ୍ତି ନକି ଧରଣୀ ହରେ ? ୯୩
କରଇ ଅନୁମାନ ହେମ-ଶଇଳ
ବନ୍ଧୁହାଳ ଶ୍ୟାମିକା-ପଢନେ ମାଳ ;
ନ ହେଲେ ଭୂମି-ଛାୟା ବିଧୁ-ଅଙ୍କରେ
ପୀତ-ବେଗ୍ରଗ ପ୍ରତିଫଳନ୍ତା ଭଲେ । ୯୪
ବିହଇ ବେଧ ପଦ୍ମ-ମୁଦ୍ରା-ଅପଦ ,
କାହିଁ ଲଭନ୍ତା ପଦ୍ମ-ପୂଜା-ସଂପଦ ?

GPNanda Colln., Digitized by srujanika@gmail.com

ଅଙ୍କ-ମୃଗ-ନୟନେ ଶୋଭିତ ହୋଇ ,
ଲଭେ ଯେହ୍ନ ସମ୍ପଦ, ମଣଇ ମୁହିଁ । ୯୫
ଶଶାଙ୍କେ ଶଶାମାନ୍ଦ ଯିନା ଜାଗ୍ରତ
କିପାଇଁ କେଉଁ ବୁଧ ମଣିବ ଚନ୍ଦ୍ର ?
ଥିଲେ ତାଙ୍କରି ପିତା-ସିନ୍ଧୁ-ଉଦରେ
ତୁରଙ୍ଗ, ମତଙ୍ଗଜ; ଜଣା ସକଳେ । ୯୬
ଦମ୍ଷ୍ଟ୍ରା ଶୋଭେ ଯିନା ଗଜର ପ୍ରିୟେ ;
ଚନ୍ଦ୍ରିକା ପୁଣି ନୀଳ-ଦୟିତ-ଦେହେ ;
ଉଭୟ-ଶୋଭା-ଲୋଭେ ଶଶ-ଲାଞ୍ଛନ
କରେ ସିତ ଅସିତ ମୂର୍ତ୍ତି ଧାରଣ । ୯୭
କାଷ୍ଠୌଘ ସହ ଖର ବର୍ଷା ସକଳ ,
ଫୁଟିଛି ତହିଁ ବହୁ ଛତ୍ରୁ ପୃଥୁଳ ;
ସେ ସବୁ ତାରା; ତହିଁ ଯେହ୍ନ ବିଶାଳ ,
ମଣଇ ଯିନା ସେହ୍ନ ରଜନୀ-ପାଳ ! ୯୮
ଦିନ ଶେଷେ ତରଣି ହୋଉଁ ମଗନ ,
ନିରୁପାୟ ସଜଳ ବିଶ୍ୱ-ନୟନ ,
ଏହ୍ନ ଉଡ଼ୁପ ଅନୁଗ୍ରହେ କେବଳ ,
ତମୋ-ବିପଦ-ନଦୀ ହୁଅନ୍ତି ପାର । ୯୯
ଅମୃ ନୟନେ ଶ୍ୱେତ ବିନ୍ଦୁରେ ଶଶୀ
ଅଣୁରୂପେ କ୍ଷଣିକ ଦଶେ ପ୍ରକାଶି ;

GPNanda Colln., Digitized by srujanika@gmail.com

ଅଚ୍ଛି-ନସୃନ୍ତ କଲି, ଉରିଷ ହନ
ରହେ; ମହଭୁଁ ସିନା ଜନ୍ମେ ମହାନ ।   ୧୦୦
ଆୟୁଁ ସ୍ୱପଉ ବିଧି, ଶକଣ୍ଠ-ବଳେ
ଔଷଧେ ନ ପାରିଲେ ରଖି; ମନ୍ତ୍ରରେ
ଦ୍ୱିଜେ, ବା ସ୍ତବେ ସିନ୍ଧୁ ସ୍ୱମଣି ଦେଇ ,
ନିଜ ପ୍ରଭୁବେ ସୁଧା ପାଇଲ୍ଲ ନାହିଁ ।   ୧୦୧
ଅସତ୍ୟ ସିନା ସୁଧା ଚନ୍ଦ୍ର-କିରଣ,
ନ ହବେ ଯେଣୁ ତାହା କର୍ଣ୍ଣ ମରଣ ।
କୋହ୍ନଲେ କିମ୍ପାଁ ପାନ କରି ଚକୋର ,
ନ ହୁଅନ୍ତେ ଅଜର ପୁଣି ଅମର ।”   ୧୦୨
ଭାଷି ଏସନ ମଧୁମୟ ବଚନେ
କଲେ ଭୈମୀ ଆନନ୍ଦ-ଜଡ ରାଜନେ ,
ଚତୁର୍ଥି-କାଳ ହିମ-ବରଷା-ପର
ତହିଁ ସ୍ତମିତ ହେଲେ ନୃପ-ମଣ୍ଡଳ ।   ୧୦୩
“ଅମୃତ-ଧାରା-ସମ ଶୁରୁ ବଚନ
ନିର୍ଗତ ଏହୁ ମୁଖୁଁ,” ଭାଷି ରାଜନ ,
ପଙ୍କଜ-ଶିରୀ ଯାହା ସହଜେ ହରେ ,
ସେ ମୃଗେନ୍ଦ୍ର-ପଦ୍ମ ସ୍ୱେ ଚୁମ୍ବିଲେ ଭୋଳେ । ୧୦୪
ଭାଷନ୍ତେ ତଥା ପ୍ରିୟ ବଚନ ନଳ ,
ବିଦର୍ଭ-ରାଜବଂଶ-ମୁକ୍ତା ଉଜ୍ଜ୍ୱଳ ,

GPNanda Colln., Digitized by srujanika@gmail.com

ଭୈମୀ, ପରକାଶିଲେ ସ୍ମିତ-କିରଣ ,
ସ୍ୱର୍ଗଂ ଅବତରି ଭାଗ୍ୟ ଯେସନ । ୧୦୫
"ଇନ୍ଦୁ-ରୂପ ଅଟଇ ତବ ବଦନ ;
ଉଚିତ ଛନ୍ଦେ ଜନେ ଜନ ବର୍ଣ୍ଣନ ;
ନିଯୋଜ ମୋତେ ଇନ୍ଦୁ-ସ୍ତବେ ରାଜନ ,
ଉଚିତ ତବ, ନାଥ, ଉଦାସ-ପଣ ।" ୧୦୬
ଭାଷନ୍ତେ ଏହିପରି ସୁନ୍ଦରୀ ଗିର ,
ପରିହାସ-ରସିକ ନୃପ-ଶେଖର
ଗାଢ଼େ ଅଲିଙ୍ଗି ତା'ରେ, ପ୍ରକାଶି ସ୍ମିତ ,
ଚନ୍ଦ୍ର ବର୍ଣ୍ଣିବା ଲାଗି ହେଲେ ଉଦ୍ୟତ । ୧୦୭
"ତବ ଆନନ୍ ଗୀତ ଶ୍ରବଣ କରି ,
ବାରମ୍ବାର ଶ୍ରବଣେ ଲାଲସା ଧରି ,
ନ ଇଚ୍ଛେ ତେଜିବାକୁ ବିଧୁ-ମଣ୍ଡଳ
ତବ ଆନନ-ଭ୍ରମେ ମୃଗ କେବଳ । ୧୦୮
ଇନ୍ଦୁ-କୁରଙ୍ଗେ ତବ ଜିହ୍ୱା କି ଟାଣି
ଗୀତେ ତବ ବଦନେ ଆଣିବା ଜାଣି ,
କର୍ଣ୍ଣ-ଯୁଗଳ ଏବେଁ ସତେ କି ପାଶ-
ରୂପ-ଧାରଣେ ଶୋଭି କରେ ପ୍ରକାଶ ! ୧୦୯
ଶୀତଳ ସ୍ୱଚ୍ଛ ଅବା ଚନ୍ଦ୍ର-କିରଣେ
ପଥିକ ତୃଷ୍ଣେ ଯେତେ, ନ ପାରେ ଦନେ ;

GPNanda Colln., Digitized by srujanika@gmail.com

ଶବ୍ଦ-ପଥିକ ମୃଗ ତେଣୁ ରବିରେ
ସ୍ୱରଗୁ ମର୍ତ୍ତ୍ୟଯାଏ ଅପେ ଅଚରେ । ୧୧୦
ଥିଲେହେଁ ଦୂରେ ତବ ଗାନ-ଶ୍ରବଣେ
ଆସ୍ୱାଦ ସ୍ୱାଦୁରସ, ବର୍ତ୍ତୁର ମନେ ,
ଘୃଣାରେ ଜକେ ବଧୂ ଫିଙ୍ଗଇ ଦୂରେ
ନିଜ ଅମୃତ-ରଶ୍ମି କିରଣ-ଛଳେ । ୧୧୧
ହେଲେ ଯା' ନେତ୍ର ଅବ୍ଦ-ପୁରୁଷଙ୍କର
ବଧୂ, ତହୁଁ ବସ୍ତୁସ୍ଥ ନୁହେ ଅମ୍ବର ;
ଅଭ୍ରି-ନୟନ୍ ଯେଣୁ ହୋଇଲେ ଜାତ ,
କୁଳାନୁରୂପ ରୂପ ତା'ର ଉଚିତ । ୧୧୨
ଥିଲା ଆକାଶ ନୀଳ-ତମ-ମଳିନ ;
ରବି ଧୋବଣୀ ତା'ରେ କଲା ଷାଳନ ,
ଷୀର ଧାରା ସଦୃଶ ଚନ୍ଦ୍ରିକା ଦେଇ
ଷଣ ମାତ୍ରକେ, ଏବେ ଦେଖ ସୁମୂର୍ତ୍ତିଁ । ୧୧୩
ଶରଦ ଋତୁ ମେଘ-କୃଷ୍ଣ-ବରଣ
କରି ପାରିଲା ଦୂର; କିନ୍ତୁ ଭାଜନ
ନୋହିଲା ହରିବାକୁ ଲବ ମାତର
କଳଙ୍କ-କୃଷ୍ଣ-ଲେଖା ଏହୁ ବଧୂର । ୧୧୪
ଅସ୍ତ ଯାଆନ୍ତେ ବଧୂ କଳା ଏଗାର
ଯାନ୍ତି କି ଏକାଦଶ ଶଙ୍କର ଶିର ?

GPNanda Colln., Digitized by srujanika@gmail.com

ନୁଅନ୍ତି ପାଞ୍ଚ କଳା କାମ-ତୂଣୀରେ
ପାଞ୍ଚଟି ଶର ଅର୍ଦ୍ଧ-ଚନ୍ଦ୍ର-ଆକାରେ । ୧୧୫
ସହସ୍ର ତାରୁ ପରସ୍ପର ମିଶାଇ ,
କରିବ ଯେବେ ଅଛ ଯତନେ କେହି
କଳଙ୍କ ହୀନ ଅଜ ସୁଧା-କିରଣ ,
ତେବେ ବା ତବ ମୁଖେ ହେବ ସମାନ । ୧୧୬
ମୃଗାକ୍ଷି, ସୁଧାକର, ପଦ୍ମ-ଯୁଗଳ ,
ତବ ବଦନ-ଶିରୀ ଗ୍ରହଣେ ଲୋଳ ;
ତେଷା ଲାଳସା ଯେଣୁ ଏକ ବିଷୟେ ,
ତେଣୁ ଉଭୟେ ବାଦ ; ହାଲେ ହୃଦୟେ । ୧୧୭
ପିଇ ତୋ' ମୁଖ-ଇନ୍ଦୁ-ଅଧରାମୃତ
ସୁଧାରସେ ନୁଅଇ ଘୃଣା ମୋ'ଜାତ ;
ସାରି ଅଛନ୍ତି ଦେବେ ସେ ସୁଧା ପିଇ ;
ଏ ସୁଧା ସୁରେଶ୍ୱରେ ଲବଧ ନୋହି । ୧୧୮
ଓଷଧି-ଈଶ ଏହି ବିଧୁ, ସୁନ୍ଦରି ;
ପାବଗ-ପଣ୍ଡ ତା'ରେ ମସ୍ତକେ ଧରି ,
ପିଇଲେ ସିନ୍ଧୁ-ଜାତ ଘୋର ଗରଳ ;
ନିର୍ଭୟେ ପୁଣି ସଦା ଭୁଜଙ୍ଗ-ଧର । ୧୧୯
କରିଥିଲେହେଁ ଗୁରୁ-ତଳ୍ପ-ଗମନ ,
ନ ନୁଏ ଦ୍ୱିଜେନ୍ଦ୍ରର, ଦେଖ, ପତନ ;

GPNanda Colln., Digitized by srujanika@gmail.com

ଯା'ର ହୃଦୟ ଅମୃତ୍ସ୍ନାନେ ଧଉତ ,
ପ୍ରବୃତ୍ତିରେ ନୁହଇ ସେ କଳୁଷିତ । ୧୨୦
ପିତୃ-ତର୍ପଣ-କାଳେ ଭକ୍ତିରେ ସତେ
ଦଅନ୍ତି ଯାହା ତିଳ, ଜଳ-ସଙ୍ଗତେ ;
ଯାଏ ସେ ପିତୃ-ଲୋକ ବିଧୁ-ମଣ୍ଡଳ ;
କଳଙ୍କ ଛଳ, ସୁଧା ସେହି ସଲିଲ । ୧୨୧
କେଳି-କୁଲ୍ୟା-ସଲିଳେ ବିଧୁ-ମଣ୍ଡଳ
ଦେଖ ଉଚ୍ଚ ସଉଧୁଁ ଦର୍ଶେ ସୁନ୍ଦର ;
ସ୍ୱ-ପ୍ରିୟ-ଭ୍ରମେ ଚର ବିମଳି ତହିଁ ,
ଦେଖ, କେତେନେ ରାଜ-ହଂସୀ ଚୁମ୍ବନ । ୧୨୨
ଶଶ-ଲାଞ୍ଛନଁ ସୁଧା ପିଇଁ ଅମରେ
ରିକ୍ତ କରନ୍ତି ତା'ରେ ଦିବସ କାଳେ ;
ପ୍ରତିବିମ୍ବ କପଟେ କୁଲ୍ୟାରେ ବୁଡ଼ି ,
ମଣେ, ସେ ପିବ ପୂର୍ଣ୍ଣ ଅମୃତେ ଭରି । ୧୨୩
କୁମୁଦିନୀ-ପ୍ରସୂନ-କର ସଙ୍ଗତେ
ମିଳନ୍ତେ ବିଧୁ-କର ବିବାଦେ ସତେ ,
ଝରଇ ମକରନ୍ଦ, ଦାନ-ସଲିଳ ,
ବେନି-ବିବାହ-ଲୀଳା ହୁଏ ସଫଳ । ୧୨୪
ବନସ୍ଥ ମୃଗୀ ଇନ୍ଦୀବରଣୀ ଧାନେ
ବିକାସି ନୀଳାମ୍ବୁଜ-ପୁଷ୍ପ-ନୟନେ ,

GPNanda Colln., Digitized by srujanika@gmail.com

ତବ ବଦନ ଚନ୍ଦ୍ର ସ୍ଥିତ ସ୍ୱକାନ୍ତେ ,
ଅନାଏ ମୃଗେ, ତଳୁଁ ଦେଖ କେମନ୍ତେ ? ୧୨୫
ତପ କରନ୍ତି ଜଳେ କୈରବଗଣ ;
ତାଙ୍କ ସମାଧି-ଭଙ୍ଗେ ଯିନା କାରଣ
ଚାହିଁ ଦେବୀର ସୁଧାଧର ବଦନ ,
ମନ୍ଥର-ସ୍ମିତ-ଶୁଭ୍ର ଚନ୍ଦ୍ରେ ଶୋଭନ । ୧୨୬
ଅଙ୍କ ଯହୁଁ କର୍ଦ୍ଦମ, ପିୟୂଷ ନୀର ,
ବିଧୁମଣ୍ଡଳ ଯିନା ସର ସୁନ୍ଦର !
ଏଥୁଁ ଉତ୍ପନ୍ନ ମୀନ ତା'ର କେତନେ ,
ନ ମରେ ସୁଧାପାନେ, ନିର୍ମଳ ସ୍ନାନେ । ୧୨୭
ବିଧୁ ଜାହ୍ନବୀ, ଶିର-ଅସ୍ଥି-ଭୂଷଣ ,
ଦେହେ ବୋଳା ବିଭୂତି ଚନ୍ଦ୍ର-କିରଣ ,
ଛାୟାପଥ ନିର୍ମଳ ବାସୁକି-ହାର ,
ଜଣାଏ ଶିବ-ଏକ-ମୂର୍ତ୍ତି-ଅମ୍ବର । ୧୨୮
ତା'ର ଜନକ ଅତ୍ରି ମୁନି ଲୋଚନେ
ଗୋଟିଏ ମାତ୍ର ତାର ; ତାହାଙ୍କୁ ଜଣେ
ପୁତ୍ର; ଯେଣୁ ଅଶ୍ୱିନୀ ତା'ର ସନ୍ତତି
ଅଛନ୍ତି ତାର ସପ୍ତାଧିକ ବିଂଶତି । ୧୨୯
ମୃଗାକ୍ଷି, ଦେଖ ଯାହା ଇନ୍ଦୁ-ମଣ୍ଡଳ ,
ପାଣ୍ଡୁର ଅତପତ୍ର ଏହୁ କାମର ;

GPNanda Colln., Digitized by srujanika@gmail.com

ପୂର୍ଣ୍ଣିମା ପରେ ହୁଏ ଭଙ୍ଗ ଯା' ତା'ର ,
ସେ ପିନା ଛତ୍ରଭଙ୍ଗ ମଳପିଜର ! ୧୩୦
ଜିଣିଲ୍ଲ ତ୍ରିଭୁବନ ଦଣ୍ଡ-ଅନନ ,
ମାତ୍ର ପାରିଲ୍ଲ ନାହିଁ ଯା'ରେ ଶ୍ରବଣ ,
ସେ ବିଧୁ, ତବ ଏକ ଅନନେ ହାରି ,
ଦେଖ ମାନନ୍ତ, କେତେ ମଳନ–ଶିଖ୍ରୀ । ୧୩୧
ଦେଖିଲ ବଢି ଶଶୀ କଳା-ପ୍ରମାଣେ ,
ଲଭିଛି ପୂର୍ବ ଦଶା ବହୁତ ଦନେ ;
ତୋ ସଙ୍ଗେ ସମ ବୋଲି କଲେ ଗରବ ,
ଦେଖିବୁ ସଖି ପୁଣି ହେବ ଖରବ ! ୧୩୨
ଦ୍ୱିଜେନ୍ଦ୍ର ଗ୍ରାମ ପଦ୍ମଭବି ଷଡ଼ିସ୍ତେ ,
ଷଡ଼ିସ୍ତ ରାମ୍ଭ ଯଥା ଲଭଲେ ଲସ୍ତେ ;
ତଥା ଏ ପଦ୍ମଭବି ପଦ୍ମ-ନକର ,
ନ ଲଭେ ତବ ମୁଖ ପଦ୍ମ ନସ୍ତାର । ୧୩୩
ହରିଣ-ରୂପେ, ଦେଖ, ସୁଧାଂଶୁ-ଅନ୍ତ ,
ହଣଇ ସଲକ୍ଷ୍ମୀକ ଶୃଗୁ କେମନ୍ତ !"
ଦେଖାଇଲେ ପ୍ରିୟାରେ, ଭୃଷି ଏସନ ,
ଚନ୍ଦ୍ର, ମଧ୍ୟ, କେବେ ବା ପ୍ରାନ୍ତ ଭାଜନ । ୧୩୪
"ସାଗରୁ ମୃନ-ମୋଷ-ଉଦରୁ ଜାତ ,
ହେଣୁ କ ଦ୍ୱିଜ ବୋଲି ବିଧୁ ବିଦତ ।

GPNanda Colln., Digitized by srujanika@gmail.com

ଦୂଇରୁ ଜାତ ବୋଲି ଏସନେ ଦ୍ୱିଜ ;
ପୁଣି ସହଜେ ପରା ସେହୁ ଅଦ୍ୱିଜ । ୧୩୫

ତାହ୍ନ-ବହାର-ଭୂମିରେ ଯାହା ଚନ୍ଦ୍ରମୟୀ
ଦ୍ରୁମ-ଭୂମି-ମଣ୍ଡଳୀରେ ମୃଗନାଭ ଦେଇ ,
କଲେ ଧାତା; ତେଣୁ ଜନ-ମଧ୍ୟେ କିସେ ହେଲେ ,
ପ୍ରେୟସି, ତଳକ ପରି ସ୍ୱରଗ ଲୋକରେ । ୧୩୬

'ବିଧୂ ବନ୍ଧୁ ତୁଣ ତବ ମୁଖ ତୁଲନାରେ'
ବୋଲନ୍ତି ପଣ୍ଡିତେ, ତେଣୁ ମୃଗ-ତୃଷ୍ଣା-ବଳେ ,
ବିଧୁମୁଖି, ତା'ରେ ମୃଗ ତେଜି ନ ପାରଇ ,
ପାଶବିକ ଜ୍ଞାନେ ମୋହ ଅଭିକ୍ରାନ୍ତ ନୋହି । ୧୩୭

ବାରମ୍ବାର ସ୍ୱଧ୍ୱ-ପାନେ ବିତୃଷିକା ସ୍ମରି ,
ଦୁଃଖିତ, ଅମୃତେ ବିଧୁ ପରିତ୍ୟାଗ କରି ,
ବାସକରେ ତାମ୍ବୁଲ-ଢକତ ଏ ଅଧରେ ,
ଗୋପନେ ଲୁଚିଇ ଶ୍ୱେତ ଚିହ୍ନ ରଶ୍ମିମାରେ । ୧୩୮

ପକାଇ ଉଦରେ କୁରଙ୍ଗ ମୂର୍ତ୍ତି ଏ ସୁଧାକର ,
ଉଡିଣ ପରୀଚି ଗଗନେ, ଲଭି ବପୁ ପୁଷ୍କଳ ,
ତବ ମୁଖାମ୍ବୁଜେ, ପଦ୍ମେ ସେ ଏକା ଭଙ୍ଗ ଦଏ ତ ;
ପୁଣି ପରପତ୍ନୀ ତାହାର ଅଛୁ ସିଂହିକା-ସୁତ । ୧୩୯

ନେତ୍ରୋତ୍ପଳ ବେନ ଦେଇ ପଦ୍ମଭବ
ପୂଜିଲେ ପିତା ନଳନ ;

GPNanda Colln., Digitized by srujanika@gmail.com

ବଚନ ଅତୀତ ସୁନ୍ଦର ସେ ପଦ୍ମ
ଯେବେ ଗୋ ତବ ଲପନ ;
ଅନ ନୁହେ ବିଧୁ, ମଖ-ମୃଗ-ବ୍ୟାଧ
ଶିରଃ-ସ୍ଥିତ ଗଙ୍ଗାକୂଳେ
ଜଟା ବେତ-ବଣେ ବାସକାରୀ-ବକ
ସିନା, ମୁଁ ମାନସେ ଭାଳେ । ୧୪୦
ସ୍ୱଭାବେ ଧବଳ ମୂରତ ଯାହାର
ସେ ବିଧୁ ପୂରବ ବଗେ
ବିହରିବା ବେଳେ, ତହିଁ ଐରାବତ-
ଗଣ୍ଡ-ପିଣ୍ଡ-ସଙ୍ଗେ ଲାଗେ ;
ବନ୍ଧୁଥାଏ ତହୁଁ କୃଷ୍ଣ ମଦଜଳ,
ଲଗି ତାହା ବିଧୁ ଦେହେ,
କାକତାଳ-ନ୍ୟାୟେ ଇନ୍ଦୀବର ସରି
କଳଙ୍କ ଶିଖି ତା’ ବହେ । ୧୪୧
ଷୋଳକଳା ବିଧୁ ଭାଷନ୍ତି ବିବୁଧେ ;
ତହୁଁ କଳା ପଞ୍ଚଦଶେ
ପ୍ରତିପଦାଠାରୁ ବଢ଼ି କ୍ରମେ କ୍ରମେ
ପୂରନ୍ତି ରଜନୀ ଈଶେ ;
ବାକୀ ଏକ କଳା, ତଥିର ଅଭାବେ
ନକି-ହର-ଅଳଙ୍କାର ;

GPNanda Colln., Digitized by srujanika@gmail.com

ଶ୍ୟାମଳ କଳଙ୍କ ପ୍ରାୟେ ଦଶେ ଯିନା
ମେଦ୍ଧ କଳା-ସ୍ଥାନ–ଚଳ ! ୧୪୨
ଯାନ ଗୁଣେ ତବ ମୁଖ-ସରି ବିଧୁ,
ନେତ୍ର-ଶିଶୀ-ବିନ୍ଦୁ ସ୍ଥାନ ;
ସେ ଦୀର୍ଘ ନୟନ- ଲଭେ ଚକୋରକୁ
କରାଉଛୁ ସୁଧା-ପାନ ;
ମହାଜନ ପରି ନେବ ତାହାଠାରୁ
ମୂଳଧନ ନେତ୍ର-ଶିଶୀ ;
ଧରେ ଅଙ୍କେ ମୃଗ, କରଣ ଆଦର ,
ନେତ୍ରେ ମିଶାଇବ ବୋଲି । ୧୪୩
ଲାବଣ୍ୟ ଭଣ୍ଡାରେ ଗଢ଼ି ତବ ମୁଖ ,
ପୋଛୁ ସେ ପାତ୍ର ମାତର ,
ପୋଛପୋଛୁ-ମଳ- ମିଶ୍ରିତ ଲାବଣ୍ୟେ
ଗଢ଼ି ବିହ୍ନ ସୁଧାକର ,
ବେନ ସୃଷ୍ଟିପରେ ଧୋଇଥିଲେ ଜଳେ
ତାହାଙ୍କର ବେନ କରେ ,
ଏହୁ ଅଂଶ ଏବେ ଜଳ ମଧ୍ୟେ ଥାଇ ,
ପଙ୍କଜ ନିର୍ମାଣ କରେ । ୧୪୫
ଅଖିଳ ଲାବଣ୍ୟେ ଗଢ଼ି ତବମୁଖ ,
ସେ ପାତ୍ର ମାତର ପୋଛୁ ,

GPNanda Colln., Digitized by srujanika@gmail.com

ଅଥ ମଳ ମିଶା ପୋଛପୋଛୁ-ସାରେ
ଗଢିଲା ବିଧୂ ବିରଞ୍ଚ ;
ତା'ର କଳାମାତ୍ର ସୁଷମା-ଗରବେ
ହେଲା ଶମ୍ଭୁ-ଶିଖା-ମଣି ;
ତା'ର ପଦ-ସ୍ପର୍ଶେ, ସିନା ଅବ୍ଜ ପଦ୍ମ ,
ଶିଶ୍ରୀ-ଗୃହ ଶୋଭା-ଖଣି ! ୧୪୫
ପରସ୍ପର ପ୍ରେମେ ମିଳ ତାସ୍ୱଗଣେ
ଏକତ୍ର ପାନ କାରଣେ ,
ବିଧୂ, ସୂର୍ଯକାନ୍ତ- ମଣି ନିରମିତ
ପାନ ପାତ୍ର ନିଜ ମଣେ !
ଦେଖ ଗୋ ପ୍ରେୟସି , କରିବେ ସହଜେ
ଉତ୍ପ୍ରେକ୍ଷା କବି-ନିକର ,
ସୁଧା ଅନ୍ତରଣେ ନୀଳକାନ୍ତ-ମଣି-
ଚଷକ, ଶଶ ମାତର ! ୧୪୬
ଶୀତାଂଶୁ ମଣ୍ଡଳୁଁ ଘୁଣ ନେଇ ବିଧି
ଗଢ଼ିଛନ୍ତି ତବ ଲପନେ ;
ତେଣୁ ନିଶାନାଥ ସିନା ଦୋଷାକର ,
ଭାଳେ ମୁଁ ସୁନ୍ଦରି, ମନେ ,
ବିଧୂ-ମୃତ୍ତୁଁ ଧୂଳି ସାର ନେତ୍ର ନେଇ
ନିର୍ମିଛି ତବ ଶରୀରେ ;

GPNanda Colln., Digitized by srujanika@gmail.com

ଥିଲେ ନେତ୍ର ଜାତ ଦେଖି ତବ ମୁଖ ,
ଥାଆନ୍ତା ମୃଗ ବିଧୁରେ । ୧୪୭
ପ୍ରତିପଦ୍ରେ ଶଶି-ତନ୍ତୁ ଗଳ ଗଳ ସୁଧାଧାର ,
ପୂରେ ରବି-ରଥ-ଦୃପ୍ତ-ଚପ୍ତ-ଖୁର-ବିଲ-କୁଳ ;
ଗଗନ-ତଟରେ ଧାଡ଼ି, କୃଶତନୁ, ଅଗଣନ ,
କଳନା କର ସୁନ୍ଦରି, ଶୁଚି ରୁଚି ତାରାଗଣ । ୧୪୮
ଦେଖ ଦନ୍ତିତ ତାରା-ପୁଷ୍ପ-ନିକର ;
କାମ-ପୂଜନେ ମୁହିଁ ଗୋ ପରଶୁର ,
ଦଧି ନୈବେଦ୍ୟ ପ୍ରିୟେ ସେ କାମଦେବେ
ଚଳ-ଚନ୍ଦ୍ରମ-ପିଠା ଏ ବିଧି ଏବେ । ୧୪୯
ବାରମ୍ବାର ଗ୍ରାସେ ରାହୁଦନ୍ତ ଯନ୍ତେ
ହୋଇ ଛିଦ୍ର ଶତ ଶତ ,
ସ୍ୱର୍ଣ୍ଣ-କୁମ୍ଭ-ସରି ଯେଉଁ ସୁଧାକରୁ
ସହସ୍ର ଧାରେ ଅମୃତ
ଗଳେ, ରତି-କାମ- ବିବାହ-ଆନନ୍ଦ-
ଅଭିଷେକର ଉତ୍ସବେ ,
ସେହି ପୂର୍ଣ୍ଣ-କୁମ୍ଭ ସୁଧାଂଶୁ, ଅମର
କରନ୍ତୁ ସନ୍ତୋଷ ଏବେ ।”
କବିରାଜ-ରାଜ- ମୁକୁଟ-ଭୂଷଣ-
ହୀରକ-ଶ୍ରୀହୀର ଜନକ କବି ;

GPNanda Colln., Digitized by srujanika@gmail.com

ତନୟ ଶ୍ରୀହର୍ଷ,   ଜିତେନ୍ଦ୍ରିୟ ବର ;
ଜନନୀ ତାହାଙ୍କ ମାମଲ୍ଲ ଦେବୀ;
ସାହସାଙ୍କ–ନୃପ-   ଚରିତ-ଚମ୍ପୂର
ରଚୟିତା ସେହୁ; ତାଙ୍କ ରଚିତ
ନୈଷଧ ଚରିତ   ମହାକାବ୍ୟ, ତହିଁ
ଦ୍ୱାବିଂଶ ସର୍ଗ ଏ ସର୍ଗ-ମହତ ।   ୧୫୧

ପରମ ସୁନ୍ଦରୀ ରମଣୀ ହରେ ଯୁବକ ମନ ,
ହରିପାରେ ସେ କି କୁମାର-ଗଣ-ଅନ୍ତଃକରଣ ?
ବୁଧ-ମୋଦ ଯେବେ ଉଦ୍ଭବ ମୋର ସୁଧା-ବଚନେ ,
ଅନାଦର କଲେ କି ହେବ ରସ-ବିମୁଖ-ଜନେ ?   ୧
ଗିରି-ନଦୀ-ପରି   ଯେତେ ଯେତେ କବି
ଦେଶେ ଦେଶେ ନାଦ ଯାଆନ୍ତୁ କରି ,
ଲଙ୍ଘିତେ ଝୁରଇ   ଧ୍ୱନି ବୋଲି ତା'ର
ଜନେ ଯଶ ପଛେ ଯାଉ ପ୍ରସରି ,
ଅନୁରୂପ ଏହୁ   ଶ୍ରୀହର୍ଷ-ଭାରତୀ
କ୍ଷୀରୋଦ-ସାଗର- ସମାନ ଭବେ ;
ମନ୍ଥିଲେ ଅମୃତ   ବିକାଶି, ପ୍ରମୋଦେ

GPNanda Colln., Digitized by srujanika@gmail.com

ଖେଦ ନାଶି ଲୋକେ, ଉଠେ ଗରବେ । ୨

ଛନ୍ଦ-ଗ୍ରନ୍ଥି ଏଥି   କରିଅଛୁ ନ୍ୟାସ
ପଯତନେ ସ୍ଥାନେ ସ୍ଥାନେ ;
ପ୍ରାଜ୍ଞ ମଣି ଆପେ,   ସେ ପ୍ରଜ୍ଞାରେ ଏଥି
ନ ଖେଳିବେ ଖଳ ଜନେ ;
ଶ୍ରଦ୍ଧାଭରେ ଗୁରୁ   ପୂଜି, ସେ କୃପାରେ
ଶ୍ଳଥ କରି ଗ୍ରନ୍ଥିକୁଳ ,
ସଜ୍ଜନେ ଲଭିବେ   ଏହି କାବ୍ୟ-ରସ-
ଊର୍ମି-ନିମଜ୍ଜନ-ଫଳ । ୩

କାନ୍ୟକୁବ୍ଜ-ନାଥୁଁ   ଲଭନ୍ତି ଯେ କବି
ତାମ୍ବୁଲ-ଦ୍ୱୟ, ଆସନ ,
ସାକ୍ଷାତ କରନ୍ତି   ସମାଧିରେ ଯେହୁ
ପ୍ରମୋଦ-ଅର୍ଣ୍ଣବ ବ୍ରହ୍ମ ,
ମଧୁ-ବର୍ଷୀ ଯା'ର   କାବ୍ୟ, ଯା'ର ଉକ୍ତି
ପର-ଧରଷଣ-କାରୀ ,
ସେହି ଶ୍ରୀ ହରଷ-   କୃତ ଏହି କାବ୍ୟ
ହେଉ ବୁଧ-ଚିତ୍ତ-ହାରୀ । ୪

GPNanda Colln., Digitized by srujanika@gmail.com

ଦ୍ୱାବିଂଶ ସର୍ଗର ଟୀକା

(ଅଙ୍କରୁ ଶ୍ଳୋକାଙ୍କ ବୁଝିବାକୁ ହେବ)

୩ — ଜଳ-ଅଧିପ-କଳତ୍ର-ଦଶ — ବାରୁଣୀ, ପଶ୍ଚିମଦଗ ।

୭ — ମହାକାଳ — ମହାକାଳ, ମହାଦେବ । ସନ୍ଧ୍ୟା ମହାଦେବଙ୍କ ନୃତ୍ୟକାଳ । କୁହୁଃ । — ନେପାଳୀ ନର୍ତ୍ତକୀ ବୈଦିକ ବର୍ଷା । ଅନ୍ୟ ଅର୍ଥ ବଡ଼ କୃଷ୍ଣ ଓ ବରଂ ଅଦ୍ଭୁତକର ।

୯ — ଦାଗ ପଦ୍ମ ଧରିଥାଏ । ତା' ମୂଳରେ ପଦ୍ମଚନ୍ଦ୍ର ମଧ ହୋଇଥାଏ ।

୧୦ — ବବାହର ଏହୁ ଉତ୍ସବକର ରଙ୍ଗଲୁଗା ଚିହ୍ନ ।

୧୮ — ସେତୁବନ୍ଧ ବାନ୍ଧବା ପୂର୍ବରୁ ସମୁଦ୍ର ପ୍ରତ ରାମଚନ୍ଦ୍ର ବାଣ-ପ୍ରହାର କରିଥିବାର ପ୍ରବାଦ ଅଛି ।

୧୯ — ପକ୍ଷ, ବସ୍ତୁତ, ଅଶ୍ୱ, ଯାହାର, ସେ ପକ୍ଷାଶ୍ୱ, ସିଂହ । ଏଠାରେ ସେହି-ପଦ ପକ୍ଷଶରର ଅର୍ଥ ବସ୍ତୁତ ଶର ।

୨୧। ଗୋଧା, ମକର, କୁଳୀର [କର୍କଟ] ପଦ ତାରପୁଞ୍ଜ ସବୁ ।

୨୨ — କମ୍ବୁ ଶଙ୍ଖ ଅକ୍ଷୟର ତାରାପୁଞ୍ଜକୁ ଲକ୍ଷ୍ୟ ।

୨୪ — ଭୂମି ମୃଗେନ୍ଦ୍ରର ମୃଗ ଶରାହତ ହୋଇ ଆକାଶକୁ ପଳାଇ ମୃଗଶିରା ନକ୍ଷତ୍ର ପୁଞ୍ଜ ହୋଇଛି । ବାରେ କଳ୍ପନା କବୁରି ରଚନା ରୂପେ ଚ୍ଛୁମ୍ବିକରେ ଦଶୁଛି ।

୨୭ — ଅନୁକାଶ୍ର = ପ୍ରତଦଗ; ପ୍ରତୋକ । ଏ ବୃହାସ ଅବସ୍ଥା [ପୁରୁଣା] ମଣ୍ଡପ (ଜନାଶ୍ରୟ ପଦ) ।

୨୭ — ଶଚୀ-ସପତ୍ନୀ — ଦ୍ରାଚୀ ।

୨୮ — ସେତୁବନ୍ଧ ରୋମାଞ୍ଚ ପଦ ଯାହାର, ସେହି ଦକ୍ଷିଣ ଦଗ ।

୨୯ — ପାତକ ମହାକାଳ ପଲ ରଙ୍ଗ ; ତାମ୍ରଳି କଳା ।

୩୦ — ଚୈତ୍ରରଥ, କୁବେର ବନ, ଯେଉଁ ଉତ୍ତର ଦଗର ପତ୍ରବଳ୍ଳୀ (ସ୍ତନାଦର ଚନ୍ଦନ ରଚନା) ପଦ । ହିମାଳୟର ଅଙ୍କଶ୍ରି ରହେ ; ଉତ୍ତରରେ କସ୍ତୁରୀ-ମୃଗ ଜନ୍ମନ୍ତି ।

GPNanda Colln., Digitized by srujanika@gmail.com

୩୭ — କୌଶିକ = ବିଶ୍ୱାମିତ୍ର; ପେଚା । ଅନ୍ଧାରରେ ପେଚା ଦେଖିପାରେ; କିନ୍ତୁ ରାତ୍ରିର ସମ୍ପଦ କେବଳ ବିଶ୍ୱାମିତ୍ରଙ୍କର ପ୍ରିୟ ଥିବାର ପୁରାଣ ପ୍ରବାଦ ।

୩୮ — ଦିନରେ ତାରକା ପରାଭବ ହେତୁରୁ ସ୍ପଷ୍ଟ, ଦେଖାଯିବାରେ ଅସମର୍ଥ ହୁଅନ୍ତି । ଅନ୍ଧାରରେ ଅନ୍ଧାର ପରାଭବ କରି ତାରା ସ୍ପଷ୍ଟ, ପ୍ରକାଶ ପାଆନ୍ତି । ଅନ୍ଧାରରେ ପେଚାକୁ ଓ ଦିନରେ ସମସ୍ତଙ୍କୁ ପ୍ରତ୍ୟକ୍ଷ ରୂପ ସ୍ପଷ୍ଟ ଦେଖାଯାଏ ।

୫୦ — ଚନ୍ଦ୍ର ପିତୃଲୋକଙ୍କର ସ୍ଥାନ ।

୫୧ — ଲକ୍ଷ୍ମଣ = କଳଙ୍କ ଚିହ୍ନ । ଦୁଇ ଅର୍ଥ ସ୍ପଷ୍ଟ ।

୬୪ — ସ୍ମରଶତ୍ରୁ-ରାହୁ = ମହାଦେବଙ୍କ ମୁଣ୍ଡମାଳସ୍ଥ ରାହୁ । ରାହୁ ଏକ ମୁଣ୍ଡ ମାତ୍ର; ତା'ର ଶରୀର ନାହିଁ ।

୭୫ — ଅଦର୍ଶ = ଦର୍ପଣ; ଅମାବାସ୍ୟା । ଅତ୍ରି ନେତ୍ରରୁ ଚନ୍ଦ୍ରର ଜନ୍ମ ବୋଲି ପୁରାଣ କଥା ଅଛି ।

୮୧ — ନଳ-ମୁଖ-ସହ ବିବାଦରେ ଚନ୍ଦ୍ର ପୃଷ୍ଠଭଙ୍ଗ ଦେବାର ଇଙ୍ଗିତ ।

୮୨ — ସ୍ୱର୍ଗରେ ସୁରଭି ପ୍ରମୁଖ ଦେବ ଗାଭୀମାନେ ଉତ୍ତାନଭାବରେ ଏ ଅଜକୁ ପିଠି କରି, (ଆକାଶ ଉପରକୁ ମୁହଁ କରି) ଚରନ୍ତି ବୋଲି କଥା ଅଛି ।

୮୮ — କର୍ପୂର: ପୋଡ଼ିଲେ ଗନ୍ଧ ପ୍ରବଳ ହୁଏ । ପୋଡ଼ିଯାଇ ମଧ କାମ ଅଧିକ ବଳଶାଳୀ ହୋଇଛି ।

୯୧ — ଦ୍ୱିଜରାଜ = ଚନ୍ଦ୍ର; ପକ୍ଷିରାଜ । ନୟନ କର୍ମ = ନେତ୍ରକାର୍ଯ୍ୟ; ନେତା (ବହିବା) କାର୍ଯ୍ୟ ।

୯୯ — ଉଡୁପ = ଭେଳା; ଚନ୍ଦ୍ର ।

୧୨୦ — ଚନ୍ଦ୍ର ନିଜଗୁରୁ ବୃହସ୍ପତିଙ୍କ ଭାର୍ଯ୍ୟା ତାରାଙ୍କୁ ହରଣ କରିଥିବାର ପୁରାଣରେ ଅଛି ।

୧୨୫ — ବନସ୍ଥ = ଜଳସ୍ଥ; କାନନସ୍ଥ । ଦୁଇଅର୍ଥ ସ୍ପଷ୍ଟ ।

୧୩୪ — ହରିଣ = ମୃଗ; ପାଣ୍ଡୁର । ଅନ୍ତ = ମଧ୍ୟ; ଶେଷ ।

୧୩୭ — ବୌଦ୍ଧ-ପ୍ରାସାଦ-ଭଳକକୁ ଲକ୍ଷ୍ୟ ।

୧୪୦ ମଖ-ମୃଗ-ବ୍ୟାଧ = ମହାଦେବ ।

GPNanda Colln., Digitized by srujanika@gmail.com